# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧୭/୨୦୧୯ (୨୦ ପୃଷ୍ଠା) Bhubaneswar, Sunday, March 17/2019 (ଛୁଟିଦିନ ସହ) ★★★★★★

୪୫ଶ ଭାଗ ୧୧୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-






KP
GROUP
Quality Since 1965
Safal
PAN MASALA
ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି !
20% EXTRA
MADHUBAN
Safal
PAN MASALA
NO TOBACCO, NO NICOTINE ADDED
9g.
₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍
0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧୭/୨୦୧୯ | Bhubaneswar, Sunday, March 17/2019 | ପୃଷ୍ଠା-୧



## ଦୂତୀଙ୍କୁ ସ୍ୱର୍ଣ୍ଣ

ଫେଡେରେଶନ କପ୍ ଜାତୀୟ ସିନିୟର ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ସ୍ପ୍ରିଣ୍ଟ୍ କୁଇନ ଦୂତୀ ଚାନ୍ଦ ୨୦୦ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ।

୧୭ ୧୧

## ସଫଳ ହୋଇଛି ବୋଲି ଭାବୁନାହିଁ: ରାଧିକା

୨୦୦୫ରେ ଅଭିନୟ ଜୀବନ ଆରମ୍ଭ କରିଥିବା ରାଧିକା ଆପ୍ତେ ଏଯାଏ ଜଣେ ସଫଳ ଅଭିନେତ୍ରୀ ହୋଇପାରି ନ ଥିବା ପ୍ରକାଶ କରିଛନ୍ତି।






ମାଗଣା ଶାଢ଼ୀ ନୁହେଁ, ନିରପେକ୍ଷ ଖବର ଚାହେଁ ।
ମୁଁ ବି ଧରିତ୍ରୀ ପଢ଼େ ।
DHARITRI
#SayYesToJournalism #SayNoToBribe


# ପଦ୍ମଶ୍ରୀ ପାଇଲେ ୩ ଓଡ଼ିଆ

ନୂଆଦିଲ୍ଲୀ,୧୬।୩(ପି.ଟି.)/ ଭୁବନେଶ୍ୱର (ବ୍ୟୁରୋ)


ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୩ଜଣ ଓଡ଼ିଆଙ୍କୁ ମିଳିଛି ପଦ୍ମଶ୍ରୀ ସମ୍ମାନ। ସେମାନେ ହେଲେ କୃଷି କ୍ଷେତ୍ରରେ ଅବଦାନ ପାଇଁ କମଳା ପୂଜାରୀ, ସମାଜସେବା ପାଇଁ ଦୈତାରି ନାୟକ ଓ ଡି. ପ୍ରକାଶ ରାଓ। ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ଦରବାର ହଲ୍‌ରେ ଶନିବାର ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅନ୍ୟବ୍ୟକ୍ତିତ୍ୱଙ୍କ ସହ ଏମାନଙ୍କୁ ସମ୍ମାନ ପ୍ରଦାନ କରିଥିଲେ।

କମଳା ପୂଜାରୀଙ୍କ ଘର ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାରେ। ଜୈବିକ ପଦ୍ଧତିରେ କୃଷି କାର୍ଯ୍ୟ କରି ସେ ସଫଳତା ହାସଲ କରିଛନ୍ତି। ଏଥିପାଇଁ ସେ ଦେଶ ଓ ବିଦେଶରେ ପୁରସ୍କୃତ ହୋଇଛନ୍ତି। ପୂର୍ବରୁ ରାଜ୍ୟ ସରକାର ମଧ୍ୟ ତାଙ୍କୁ ସମ୍ମାନିତ କରିଛନ୍ତି। ତାଙ୍କର ଏହି ବିରଳ କୃତିତ୍ୱ ଓ କୃଷିକୁ ନେଇ ନିଆରା ନିଷ୍ଠା ପାଇଁ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ଡି. ପ୍ରକାଶ ରାଓ କଟକରେ ଚା' ବିକ୍ରି କରନ୍ତି। ଏହାସତ୍ତ୍ୱେ ସେ ଗରିବ ବସ୍ତି ପିଲାଙ୍କ ଶିକ୍ଷାର ଭାର ନିଜ କାନ୍ଧକୁ ନେଇଛନ୍ତି। ବର୍ଷ ବର୍ଷ ଧରି ସେ ଏମିତି ସେବାର ବ୍ରତୀ ହୋଇଛନ୍ତି। ପିଲାଙ୍କୁ ପାଠ ପଢାଇବା ସହ ରକ୍ତଦାନ ମଧ୍ୟ କରୁଛନ୍ତି। ସମାଜସେବା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ଦିଆଯାଇଛି। ଆଉ ଜଣେ ପଦ୍ମଶ୍ରୀ ହେଲେ ଦୈତାରୀ ନାୟକ। ୭୦ବର୍ଷ ବୟସରେ ପଦାର୍ପଣ କରିଥିବା ଦୈତାରୀଙ୍କ ଘର କେଉଁଝର ଜିଲାରେ। ସେ ରହୁଥିବା ଅଞ୍ଚଳ ପାହାଡ଼ିଆ ହୋଇଥିବାରୁ ବର୍ଷସାରା ଜଳ ସମସ୍ୟା ଲାଗି ରହିଥାଏ। ତେଣୁ ସେ ଏକୁଟିଆ ପାହାଡ଼ କାଟି ୩ କିଲୋମିଟରର ଏକ କେନାଲ ଖୋଳି ନିଜ ଗାଁର ଚାଷଜମିକୁ ଜଳ ଯୋଗାଇଥିଲେ। ଏଥିପାଇଁ ସେ ବହୁ ଚର୍ଚ୍ଚିତ ହୋଇଥିଲେ। ତାଙ୍କର ଏହି ଉଦ୍ୟମକୁ ସମସ୍ତେ ପ୍ରଶଂସା କରିଥିବାବେଳେ ତାଙ୍କୁ 'ସୋସିଆଲ୍ ୱାର୍କ' କାଟେଗୋରିରେ ପଦ୍ମଶ୍ରୀ ସମ୍ମାନ ମିଳିଛି।





ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି କମଳା ପୂଜାରୀ, ଡି. ପ୍ରକାଶ ରାଓ ଦୈତାରି ନାୟକ।



ଆନ୍ଧ୍ରପ୍ରଦେଶର ବିଜୟୱାଡାରେ ମତଦାତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଦ୍ୱାରା ସ୍ଥାପିତ ଇଭିଏମ୍‌ର ପ୍ରତିରୂପ।

# ଭାଜପାରେ ବଳଭଦ୍ର

ଭୁବନେଶ୍ୱର,୧୬।୩ (ବ୍ୟୁରୋ)

**'ଅଣଦେଖା କରିଛି ବିଜେଡି'**

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ସବୁ ଦଳର ପ୍ରାର୍ଥୀ ଚୟନ ପ୍ରକ୍ରିୟା ଶେଷ ହେବାକୁ ବସିଲାଣି। ମାତ୍ର ଶାସକ ବିଜେଡିର ପ୍ରାର୍ଥୀ ଚୟନ ଉପରେ ସମସ୍ତଙ୍କ ନଜର ରହିଛି। ଦଳ ଏଥର କାହାକୁ ଟିକେଟ ଦେବ ନ ଦେବ ତା'ଉପରେ ସମସ୍ତଙ୍କ ନଜର ରହିଛି। ମୁଖ୍ୟତଃ ଦଳ ଯାହାକୁ ଟିକେଟ ଦେବ ନାହିଁ ବୋଲି ଜଣାପଡୁଛି ସେମାନେ ବିଜେଡି ଛାଡି ଭାଜପା କ୍ୟାମ୍ପକୁ ଡିଆଁ ମାରିବା ଆରମ୍ଭ କରିଦେଇଛନ୍ତି। ସେହିକ୍ରମରେ ଗତ ଗୁରୁବାର ବିଜେଡିରୁ ଇସ୍ତଫା ଦେଇଥିବା ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ଶନିବାର ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ବିଜେଡିର କୌଣସି ☞ପୃଷ୍ଠା–୨




ନୂଆଦିଲ୍ଲୀରେ ବଳଭଦ୍ର ମାଝିଙ୍କୁ ସ୍ୱାଗତ କରୁଛନ୍ତି ଭାଜପାର ନେତୃମଣ୍ଡଳୀ।

# ଡବ୍ଲ୍ୟୁସିଓରେ ଓଡ଼ିଆ ଅଧିକାରୀ ଡି. ପି. ଦାଶ

ବ୍ରସେଲ୍ସ,୧୬।୩

ଓଡ଼ିଆ ଆଇଆର୍‌ଏସ୍ ଅଧିକାରୀ (ସୀମାଶୁଳ୍କ) ଦେବୀ ପ୍ରସାଦ ଦାଶ ୧୮୨ ସଦସ୍ୟ ବିଶିଷ୍ଟ ବିଶ୍ୱ ସୀମାଶୁଳ୍କ ସଂଗଠନ(ଡବ୍ଲ୍ୟୁସିଓ)ର ଏନ୍‌ଫୋର୍ସମେଣ୍ଟ କମିଟି ଅଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ବେଲଜିୟମର ବ୍ରସେଲ୍ସଠାରେ ତାଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଛି। ପ୍ରଥମ ଭାରତୀୟ ତଥା ଓଡ଼ିଆ ସୀମାଶୁଳ୍କ ଅଧିକାରୀ ଭାବେ ସେ ଏହି ସମ୍ମାନଜନକ ପଦବୀ ହାସଲ କରିପାରିଛନ୍ତି। ପୂର୍ବରୁ ସେ ଏହି ☞ପୃଷ୍ଠା–୨

# ଆଶାୟୀଙ୍କୁ ଝୁଲାଇ ରଖିଲେ

ଭୁବନେଶ୍ୱର,୧୬।୩ (ବ୍ୟୁରୋ)

**ପ୍ରାର୍ଥୀ ତାଲିକା ଘୋଷଣା**
- ବିଜେଡି ଅସନ୍ତୁଷ୍ଟଙ୍କ ଉପରେ ଭାଜପାର ନଜର
- ତାଲିକା ପ୍ରସ୍ତୁତ, ହେଲେ ଭାଜପାକୁ ଅପେକ୍ଷା କରିଛି ବିଜେଡି
- ବିଳମ୍ବିତ ରାତିଯାଏ ବସିଲା ସିଇସି

୨୦୧୯ ସାଧାରଣ ନିର୍ବାଚନ ପ୍ରାର୍ଥୀ ତାଲିକା ଘୋଷଣା ପାଇଁ ସବୁ ଦଳ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଜେଡି ପକ୍ଷରୁ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ହୋଇସାରିଥିବା ଦଳୀୟ ମହଲରୁ ଜଣାପଡ଼ିଥିଲେ ମଧ୍ୟ ଏଯାଏଁ କାହାରି ନାଁ ଘୋଷଣା ହୋଇନାହିଁ। ସେହିପରି କଂଗ୍ରେସ ଓ ଭାଜପା ପକ୍ଷରୁ ପ୍ରଥମ ପର୍ଯ୍ୟାୟ ଲାଗି ତାଲିକା ପ୍ରସ୍ତୁତ ସରିଛି। ମାତ୍ର ଏହି ଦୁଇ ଜାତୀୟ ଦଳର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା କେନ୍ଦ୍ରୀୟ ନିର୍ବାଚନୀ ଟିମ୍‌ର ଅନୁମୋଦନ ପରେ ଘୋଷଣା କରାଯିବ। ଉଭୟ ଦଳର କେନ୍ଦ୍ରୀୟ ନିର୍ବାଚନୀ କମିଟି ବୈଠକ ବସିଥିଲେ ହେଁ ପ୍ରାର୍ଥୀ ତାଲିକା ଘୋଷଣା ହୋଇପାରିନାହିଁ। ଅନ୍ୟପଟେ ୩ ଦଳ ପକ୍ଷରୁ ରବିବାର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା ହୋଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି।

ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ୪ ଲୋକ ସଭା ଏବଂ ☞ପୃଷ୍ଠା–୨


ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


# ଜନାର୍ଦ୍ଦନଙ୍କୁ ଭୁବନେଶ୍ୱରରୁ ପ୍ରାର୍ଥୀ କଲା ସିପିଏମ୍

ଭୁବନେଶ୍ୱର, ୧୬।୩ (ବ୍ୟୁରୋ)



ବରିଷ୍ଠ ସିପିଏମ୍ ନେତା ଜନାର୍ଦ୍ଦନ ପତି ଭୁବନେଶ୍ୱର ଲୋକ ସଭା ଆସନରୁ ଦଳୀୟ ପ୍ରାର୍ଥୀ ହେବେ। ଏ ନେଇ କେନ୍ଦ୍ରୀୟ କମିଟି ପକ୍ଷରୁ ତାଙ୍କ ନାଁକୁ ଶନିବାର ଅନୁମୋଦନ ପରେ ଘୋଷଣା କରାଯାଇଛି। ଭୁବନେଶ୍ୱର ଲୋକ ସଭାରେ କଂଗ୍ରେସ ସହ ଆସନ ବୁଝାମଣା ଥିବାରୁ ଜନାର୍ଦ୍ଦନ ମିଳିତ ବିରୋଧୀ ଦଳର ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ। ତାଙ୍କୁ ସିପିଆଇ ଏବଂ ଜେଏମ୍‌ଏମ୍ ପକ୍ଷରୁ ମଧ୍ୟ ସମର୍ଥନ ମିଳିବ। ଜନାର୍ଦ୍ଦନଙ୍କ ମୁକାବିଲା ସିଧାସଳଖ ବିଜେଡି ଏବଂ ଭାଜପା ପ୍ରାର୍ଥୀଙ୍କ ସହ ହେବ। ଭାଜପାରୁ ଭୁବନେଶ୍ୱର ଲୋକ ସଭା ପାଇଁ ଅପରାଜିତା ଷଡ଼ଙ୍ଗୀଙ୍କୁ ପ୍ରାର୍ଥୀ କରାଯିବା ଏକପ୍ରକାର ନିଶ୍ଚିତ। ସେ ମଧ୍ୟ କିଛି ସପ୍ତାହ ତଳୁ ଦଳୀୟ ସମର୍ଥକଙ୍କୁ ଧରି ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି। ହେଲେ ବିଜେଡି କାହାକୁ ପ୍ରାର୍ଥୀ କରିବ, ସେ ନେଇ କୌଣସି ସ୍ପଷ୍ଟ ସୂଚନା ଦେଇନାହିଁ। ଜନାର୍ଦ୍ଦନ ଏବଂ ଅପରାଜିତାଙ୍କ ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

## ଆପ୍ରବାସୀଙ୍କ ପ୍ରତି ଘୃଣା

**କିଛି ତଥ୍ୟ**

ଫେବୃୟାରୀରେ ଦେଶର ରପ୍ତାନି ୨.୫% ବୃଦ୍ଧି ଘଟି ୨୬.୭ ବିଲିୟନ ଡଲାର ଛୁଇଁଛି।
– ବାଣିଜ୍ୟ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 16.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 80 | 132 | 142 |
| CTC | 82 | 135 | 145 |
| DKL | 81 | 133 | 143 |
| BDK | 83 | 136 | 146 |
| BLS | 83 | 136 | 146 |
| ANG | 82 | 135 | 145 |

*Conditions Apply
Eggs Retail Price- 45/-Dozen
Issued in the Interest of Consumers


**ଆଜିର ମନ୍ତବ୍ୟ**

"ନିଜ ବିଫଳତାରୁ ଲୋକଙ୍କ ଧ୍ୟାନ ହଟାଇବାକୁ ଭାଜପା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୁଣା ପ୍ରସଙ୍ଗ ଉଠାଉଛନ୍ତି।
–ମାୟାବତୀ, ବିଏସ୍‌ପି ଅଧକ୍ଷା


## ପାଠିକା/ପାଠକଙ୍କ ପାଇଁ ସୂଚନା

କିଛିସ୍ଥାନରେ ପାଠିକା/ପାଠକମାନେ ପ୍ରତିଦିନ ଧରିତ୍ରୀ ଖବରକାଗଜ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ପାଠିକା/ପାଠକମାନଙ୍କୁ ଆମର ଅନୁରୋଧ ଯେ, ସେମାନେ ନିଜ ଖବରକାଗଜ ବିତରକଙ୍କୁ ଧରିତ୍ରୀ ଦେବା ପାଇଁ ଦାବି କରନ୍ତୁ। ତଥାପି ଧରିତ୍ରୀ ନିୟମିତ ନ ପାଇଲେ ନିମ୍ନଲିଖିତ ମୋବାଇଲ ଫୋନ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଧରିତ୍ରୀ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆଯିବ।

୯୪୩୭୦୦୯୪୪୧, ୯୯୩୭୬୧୨୮୪୧
୯୦୪୦୮୦୦୩୭୪

■ କର୍ଣ୍ଣାଟକରେ ଲୋକ ସଭା ନାଟକ: ୨ ପର୍ଯ୍ୟାୟରେ ୨୮ ଆସନ

# ବଳ କଷୁଛନ୍ତି ତିନି ଦଳ



ବି.ଏସ୍. ୟେଦୁରପ୍ପା



ଏଚ୍.ଡି. କୁମାରସ୍ୱାମୀ



ସିଦ୍ଧାରାମାୟା

**୨୦୧୪ ସ୍ଥିତି**

| ଦଳ | ଆସନ |
|---|---|
| ଭାଜପା | ୧୭ |
| କଂଗ୍ରେସ | ୯ |
| ଜେଡିଏସ | ୨ |

**ଭୋଟ ଗ୍ରହଣ**




| ପର୍ଯ୍ୟାୟ | ତାରିଖ | ଆସନ |
|---|---|---|
| ଦ୍ୱିତୀୟ | ଏପ୍ରିଲ ୧୮ | ୧୪ |
| ତୃତୀୟ | ଏପ୍ରିଲ ୨୩ | ୧୪ |

ବେଙ୍ଗାଲୁରୁ/ ନୂଆଦିଲ୍ଲୀ,୧୬।୩

ସାଧାରଣ ନିର୍ବାଚନକୁ ନେଇ ତାରିଖ ଘୋଷଣା ପରେ ଜାତୀୟ ରାଜନୀତି ସରଗରମ ହୋଇଛି। ହେଲେ ଏହାର ବର୍ଷକ ପୂର୍ବରୁ ଦେଶର ରାଜନୈତିକ ପାଣିପାଗରେ ଉଷ୍ମତା ଭରିଦେଇଥିଲା କର୍ଣ୍ଣାଟକ। ଦକ୍ଷିଣ ଭାରତର ଏହି ପ୍ରମୁଖ ରାଜ୍ୟରେ ୨୦୧୮ ବିଧାନସଭା ଭୋଟକୁ ଲୋକ ସଭା ନିର୍ବାଚନର ସେମିଫାଇନାଲ ବୋଲି କୁହାଯାଉଥିଲା। ଭାଜପା ସବୁଠୁ ବଡ଼ ଦଳ ଭାବେ ଉଭାହୋଇ ମଧ୍ୟ ସଂଖ୍ୟାବଳ ଅଭାବରୁ ସରକାରରେ ଅଢ଼େଇ ଦିନରୁ ଅଧିକ ସମୟ ରହିପାରି ନ ଥିଲା। ଶେଷରେ ତମାମ ଟଣାଓଟରା ଓ କସରତ ପରେ ଦ୍ୱିତୀୟ ବଡ଼ ଦଳ କଂଗ୍ରେସର ସମର୍ଥନ ପାଇ ୩ ନମ୍ବରରେ ଥିବା ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ମେଣ୍ଟ ସରକାରର ମଙ୍ଗ ଧରିଥିଲା। ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡିଏସ୍ ମୁଖ୍ୟ ଏଚ୍.ଡି. ଦେବେଗୌଡ଼ାଙ୍କ ସାନପୁଅ ଏଚ୍.ଡି. କୁମାରସ୍ୱାମୀ। ସେବେଠୁ ଏଯାଏ କର୍ଣ୍ଣାଟକର ରାଜନୈତିକ ପ୍ରେକ୍ଷାପଟରେ ଅନେକ ଘଟଣାକ୍ରମ ଘଟିସାରିଛି। ରାଜ୍ୟର ୨୮ ଲୋକ ସଭା ଆସନ ସକାଶେ ନିର୍ବାଚନ ପାଇଁ ଗତ ☞ପୃଷ୍ଠା–୨

■ କଂଗ୍ରେସର ଦାବି

# ମା', ଜେଜେମା'ଙ୍କ ଭଳି କର୍ଣ୍ଣାଟକରୁ ଲଢ଼ନ୍ତୁ ରାହୁଲ

ବେଙ୍ଗାଲୁରୁ/ନୂଆଦିଲ୍ଲୀ,୧୬।୩



କର୍ଣ୍ଣାଟକରେ ଉଭୟ ବିରୋଧୀ ଭାଜପା ଏବଂ ସହଯୋଗୀ ଜେଡିଏସ୍‌ର ଶକ୍ତି ବୃଦ୍ଧିପାଉଥିବାରୁ କଂଗ୍ରେସ ଆରମ୍ଭ କରିଛି ନୂଆ ରଣନୀତି। କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ କର୍ଣ୍ଣାଟକରୁ ଲଢ଼ିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଅନୁରୋଧ କରିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ସିଦ୍ଧାରାମାୟା ରାହୁଲଙ୍କୁ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ ଅଭିହିତ କରିଛନ୍ତି। ଏହାସହ ରାହୁଲଙ୍କ ଜେଜେମା' ଇନ୍ଦିରା ଗାନ୍ଧୀ ଓ ମା' ସୋନିଆ ଗାନ୍ଧୀ କର୍ଣ୍ଣାଟକରୁ ନିର୍ବାଚନ ଲଢ଼ି ଜିତିଥିବା କଥା ମନେପକାଇଛନ୍ତି। ଇନ୍ଦିରା ୧୯୭୮ରେ ଚିକ୍କାମାଗାଲୁରୁ ଲୋକ ସଭା ଉପନିର୍ବାଚନରେ ବିଜୟୀ ହୋଇ ପୁଣିଥରେ କ୍ଷମତାକୁ ଫେରିଥିଲେ। ସେହିପରି ୧୯୯୯ରେ ଉପା ଅଧକ୍ଷା ସୋନିଆ ବଲ୍ଲାରି ଆସନରେ ଭାଜପା ପ୍ରାର୍ଥୀ ସୁଷମା ସ୍ୱରାଜଙ୍କୁ ହରାଇଥିଲେ। ଏବେ ଚିକ୍କାମାଗାଲୁରୁ ଆସନ ଜେଡିଏସ୍ ହାତରେ ଥିବାବେଳେ ବଲ୍ଲାରି ଆସନ କଂଗ୍ରେସ କବ୍‌ଜାରେ ରହିଛି। ତେଣୁ ରାହୁଲ ଉତ୍ତରପ୍ରଦେଶର ଅମେଠି ସହ ବଲ୍ଲାରି ଆସନରୁ ମଧ୍ୟ ନିର୍ବାଚନ ଲଢ଼ିପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୭ ମାର୍ଚ୍ଚ,୨୦୧୯




ଭୋଟ ଗ୍ରହଣ ପୂର୍ବରୁ ଶେଷ ୪୮ ଘଣ୍ଟା ମଧ୍ୟରେ ରାଜନୈତିକ ଦଳ ନିର୍ବାଚନୀ ଇସ୍ତାହାର ପ୍ରକାଶ କରିପାରିବେ ନାହିଁ। ଶନିବାର ନିର୍ବାଚନ ଆୟୋଗ ଏହି କଟକଣା ଲଗାଇଛନ୍ତି। ନିର୍ବାଚନୀ ଇସ୍ତାହାର ପ୍ରକାଶ ଆଦର୍ଶ ଆଚରଣ ବିଧିର ଅଂଶବିଶେଷ ହୋଇଛି। ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୧୨୬ ଅନୁଯାୟୀ ନିଷିଦ୍ଧ ସମୟ ମଧ୍ୟରେ ଇସ୍ତାହାର ପ୍ରକାଶ କରାଯାଇ ପାରିବ ନାହିଁ।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................


ବର୍ଷା
ପରିବାରବର୍ଗ


ଅର୍ପିତା
ପରିବାରବର୍ଗ


ପଶୁପତି
ପରିବାରବର୍ଗ


ଝିଲି
ପରିବାରବର୍ଗ


କୁବେର
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପୁରୀ ଜିଲା ବିଜେଡିରେ ୩ ସାଙ୍ଗଠନିକ ନିଯୁକ୍ତି

ଭୁବନେଶ୍ୱର,୧୬।୩(ବ୍ୟୁରୋ)-ପୁରୀ ଜିଲା ସତ୍ୟବାଦୀ ବ୍ଲକ ବିଜେଡି ସଭାପତି ଭାବେ ପ୍ରମୋଦ କୁମାର ରାଉତରାୟଙ୍କୁ ଦଳ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ସେହିପରି କଣାସ ବ୍ଲକ ବିଜେଡି ସଭାପତି ଭାବେ ସୁରେଶ କୁମାର ସାହୁଙ୍କୁ ନିଯୁକ୍ତି ଦିଆଯାଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଶନିବାର ଉପରୋକ୍ତ ଦୁଇ ନିଯୁକ୍ତି ଦିଆଯାଇଛି। ସେହିପରି ଜିଲା ବିଜେଡି ସମ୍ପାଦକ ଭାବେ ସୁଶୀଲ କୁମାର ରାଉତଙ୍କୁ ମଧ୍ୟ ମନୋନୀତ କରାଯାଇଥିବା ରାଜ୍ୟ ସମ୍ପାଦକ ବିଜୟ ନାୟକ ଗଣମାଧ୍ୟମକୁ ଅବଗତ କରାଇଛନ୍ତି।

# ଭାଜପା ସିଇସି ବୈଠକ

ନୂଆଦିଲ୍ଲୀ, ୧୬।୩
ଭାଜପା କେନ୍ଦ୍ରୀୟ ନିର୍ବାଚନ କମିଟି (ସିଇସି) ବୈଠକ ଶନିବାର ନୂଆଦିଲ୍ଲୀସ୍ଥିତ ଦଳର ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କ ସମେତ ବରିଷ୍ଠ ନେତାମାନେ ବୈଠକରେ ଯୋଗଦେଇଥିଲେ। ଆସନ୍ତା ଏପ୍ରିଲ ୧୧ରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରାର୍ଥୀ ଚୂଡ଼ାନ୍ତ କରିବାକୁ ବୈଠକ ବସିଥିଲା। କିନ୍ତୁ ଶେଷ ପର୍ଯ୍ୟନ୍ତ କିଛି ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରି ନ ଥିବା ଜଣାପଡ଼ିଛି।

# ୧୮ରୁ ମେଗା ଧାରାବାହିକ 'ସରଗମ୍'

ଭୁବନେଶ୍ୱର, ୧୬।୩(ବ୍ୟୁରୋ)- ଓଡ଼ିଶାର ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇ ଆସୁଥିବା ଲୋକପ୍ରିୟ ଓଡ଼ିଆ ଟିଭି ଚ୍ୟାନେଲ 'ଜୀ ସାର୍ଥକ' ଆଉଏକ ନୂଆ ମେଗା ଧାରାବାହିକ ଆଣିଦେଉଛି। ଆସନ୍ତା ୧୮ ତାରିଖରୁ ପ୍ରସାରିତ ହେବାକୁ ଥିବା ଏହି ଧାରାବାହିକର ନାମ ରହିଛି 'ସରଗମ୍'। ପ୍ରତି ସୋମବାରରୁ ଶନିବାର ରାତି ସାଢ଼େ ୮ଟାରେ ଏହା ପ୍ରସାରିତ ହେବ। ଡ୍ରାମା ଓ ସଙ୍ଗୀତର ପୃଷ୍ଠଭୂମି ଉପରେ ପ୍ରସ୍ତୁତ 'ସରଗମ୍'ର କାହାଣୀ ଓଡ଼ିଆ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇବ। 'ସରଗମ୍' ଏକ ସଙ୍ଗୀତଭିତ୍ତିକ ପ୍ରେମ କାହାଣୀ, ଯେଉଁଥିରେ ରହିଛି ଭାବନାତ୍ମକ ଆବେଗ ସହ ତ୍ୟାଗ ଓ ବଳିଦାନର କଥା। ସାଧାରଣରୁ ଅସାଧାରଣ ପାଲଟିଯାଇଥିବା ଜଣେ ଝିଅକୁ ନେଇ କାହାଣୀଟି ବେଶ୍ ବଳିଷ୍ଠ ହୋଇଛି। ବିବାହ ପରେ ଜୀବନ ଯେତେବେଳେ କଡ଼ ଲେଉଟାଏ ସେତେବେଳେ ନିଜ ସ୍ୱାମୀ ପାଇଁ ତାଙ୍କୁ ରାସ୍ତା ବଦଳେଇବାକୁ ହୁଏ। ଶ୍ୱଶୁରଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ସ୍ୱାମୀଙ୍କୁ ସଙ୍ଗୀତାକାଶରେ ଧ୍ରୁବତାରା କରି ଚମକେଇବାର ପ୍ରତିଶ୍ରୁତି ନିଏ ସେ। ଆଉ ସେଥିରେ ନିଜକୁ ଓ ନିଜ ପ୍ରତିଭାକୁ ହଜେଇ ଦିଏ। ଏଭଳି ଏକ ଭିନ୍ନ କାହାଣୀକୁ ନେଇ ପ୍ରସାରିତ ହେବାକୁ ଯାଉଥିବା ଧାରାବହିକ 'ସରଗମ୍' ଓଡ଼ିଶାବାସୀଙ୍କ ହୃଦୟକକୁ ଛୁଇଁବ ବୋଲି ଆଶା ରଖିଛନ୍ତି ପ୍ରଯୋଜକ।




# ରମଣ ସିଂଙ୍କ ଜ୍ୱାଇଁ ବିରୋଧରେ ୫୦ କୋଟିର ଦୁର୍ନୀତି ମାମଲା

ରାୟପୁର,୧୬।୩(ପି.ଟି.)
ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କ ଜ୍ୱାଇଁ ପୁନୀତ ଗୁପ୍ତାଙ୍କ ବିରୋଧରେ ୫୦ କୋଟି ଟଙ୍କାର ଦୁର୍ନୀତି ମାମଲା ରୁଜୁ ହୋଇଛି। ସେ ରାୟପୁରସ୍ଥିତ ସରକାରୀ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଥିବାବେଳେ ନିଜ ପଦବୀର ଦୁରୁପଯୋଗ କରି ୫୦ କୋଟି ଟଙ୍କାର ଦୁର୍ନୀତି କରିଥିବା ଅଭିଯୋଗ ହୋଇଛି। ପୋଲିସ ମାମଲାର ତଦନ୍ତ ଚଳାଇଥିବାବେଳେ ଗୁପ୍ତାଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ। ଡି.କେ. ସୁପରସ୍ପେଶିଆଲିଟି ହସ୍ପିଟାଲ୍‌ର ସୁପରିଣ୍ଟେଣ୍ଡେଣ୍ଟ କେ.କେ. ସାହାରେ ଏ ସମ୍ପର୍କରେ ଗୋଲବଜାର ଥାନାରେ ଏତଲା ଦାଏର କରିଥିଲେ। ଗୁପ୍ତା ୨୦୧୫ ଡିସେମ୍ବରରୁ ୨୦୧୮ ଅକ୍ଟୋବର ପର୍ଯ୍ୟନ୍ତ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଥିବାବେଳେ ଆର୍ଥିକ ଅନିୟମିତତା ହୋଇଥିବା ସେଥିରେ ଉଲ୍ଲେଖ ଅଛି। ଏତଲା ଆଧାରରେ ପୋଲିସ ଗୁପ୍ତାଙ୍କ ବିରୋଧରେ ଧାରା ୪୨୦ରେ ମାମଲା ରୁଜୁ କରିଛି।


ପୁନୀତ ଗୁପ୍ତା

# ଦୋଳାରେ ବୁହାହେଲେ ଗର୍ଭବତୀ, ରାସ୍ତାରେ ପ୍ରସବ



ପାତ୍ରପୁର,୧୬।୩(ଡି.ଏନ୍.ଏ.)
ଗଞ୍ଜାମ ଜିଲା ପାତ୍ରପୁର ବ୍ଲକର ଦୁର୍ଗମ ପଞ୍ଚାୟତ ଆଙ୍କୁଲିରେ ପୁଣି ଜନନୀ ଯନ୍ତ୍ରଣା ଦେଖିବାକୁ ମିଳିଛି। ପାହାଡ ଉପରେ ଥିବା ଆଙ୍କୁଲି ପଞ୍ଚାୟତ ଫୁଲସାହି ଗ୍ରାମର ଜଣେ ଗର୍ଭବତୀଙ୍କୁ ପ୍ରସବ ପାଇଁ ପାତ୍ରପୁର ମେଡିକାଲକୁ ଦୋଳାରେ ଆଣୁଥିବାବେଳେ ଅଧାବାଟରେ ପ୍ରସବ ହୋଇଛି। ପରେ ମା'ଓ ଶିଶୁପୁତ୍ରଙ୍କୁ ସେଠାରୁ ଗାଁକୁ ଫେରାଇ ନିଆଯାଇଥିବା ଜଣାପଡିଛି। ପ୍ରକାଶ ଯେ, ପାତ୍ରପୁର ବ୍ଲକ ଆଙ୍କୁଲି ପଞ୍ଚାୟତ ଫୁଲସାହି ଗ୍ରାମର ସୀମାଦ୍ରି ନାୟକଙ୍କ ପତ୍ନୀ ତାରା (୩୦)ଙ୍କର ଶନିବାର ପ୍ରସବଯନ୍ତ୍ରଣା ହୋଇଥିଲା। ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଦୋଳାରେ ଧରି ପାହାଡ ତଳକୁ ଆଣିବା ପରେ ସେଠାରୁ ଆମ୍ବୁଲାନ୍ସ ଯୋଗେ ପାତ୍ରପୁର ମେଡିକାଲକୁ ନିଆଯାଇଥାନ୍ତା। ମାତ୍ର ପାହାଡ ତଳକୁ ଦୋଳାରେ ଆଣୁଥିବାବେଳେ ଅଧା ରାସ୍ତାରେ ତାରା ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ପରେ ସେଠାରୁ ତାଙ୍କୁ ଘରକୁ ଫେରାଇ ନିଆଯାଇଥିଲା।

## ରାହୁଲଙ୍କୁ ବିଜେଡି, ଭାଜପାର ସମାଲୋଚନା ପ୍ରସଙ୍ଗ

# ପିଲାଳିଆମି ଛାଡ଼ି ସତ୍ୟକୁ ସାମ୍ନା କରନ୍ତୁ : କଂଗ୍ରେସ

ଭୁବନେଶ୍ୱର,୧୬।୩ (ବ୍ୟୁରୋ):
ବିଭିନ୍ନ ସମୟରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଓଡିଶା ଗସ୍ତକୁ ନେଇ ଉଭୟ ବିଜେଡି ଓ ଭାଜପା ଆତଙ୍କିତ ହୋଇପଡିଛନ୍ତି। ଦୁଇ ଦଳ ବର୍ତ୍ତମାନ ଔଷଧ ବିକଳରେ ତାଟିଆ କାମୁଡିବା ଆରମ୍ଭ କରିଛନ୍ତି ବୋଲି କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟ ପ୍ରକାଶ ନାୟକ କହିଛନ୍ତି ଯେ, ବିଜେଡି ଓ ଭାଜପା ପିଲାଳିଆମି ଛାଡି ସାହସର ସହ ତଥ୍ୟ ଓ ସତ୍ୟର ସାମ୍ନା କରନ୍ତୁ। ରାହୁଲ ବରଗଡ ସମାବେଶରେ ଦେଇଥିବା ବକ୍ତବ୍ୟ ପରିପ୍ରେକ୍ଷୀରେ ଉଠାଇଥିବା ଉତ୍କଟ ବେକାରି ସମସ୍ୟା, ସରକାରୀ ଚାକିରି କ୍ଷେତ୍ରରେ ଖାଲିପଡିଥିବା ଦେଢ ଲକ୍ଷ ପଦବୀ, ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ରାଜ୍ୟ ସରକାରଙ୍କ ପ୍ରତାରଣା ଓ ଖଣି ଦୁର୍ନୀତି ପ୍ରସଙ୍ଗକୁ ନେଇ ପ୍ରତିକ୍ରିୟାଶୀଳ ହୋଇଥିବା ବିଜେଡି ଏବଂ ଏହାର ପୂର୍ବତନ ସହଯୋଗୀ ଭାଜପାର ହୋମ୍‌ୱାର୍କ ମନ୍ତବ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ। ଏହା ଶସ୍ତା ରାଜନୀତିର ନମୁନା ବୋଲି ସତ୍ୟ ପ୍ରକାଶ କହିଛନ୍ତି।

# ଆସନ୍ତା ୩ ଦିନ ଯାଏ ବର୍ଷା

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ଆସନ୍ତା ୩ ଦିନ ଯାଏ ଉତ୍ତର ଏବଂ ଦକ୍ଷିଣ ଓଡିଶାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡ଼ିଶାର ଅଧିକାଂଶ ସ୍ଥାନରେ ଏବଂ ଦକ୍ଷିଣ ଓଡିଶାର ଗଞ୍ଜାମ, ଗଜପତି, କନ୍ଧମାଳ, ନୟାଗଡ, ଖୋର୍ଦ୍ଧା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛ। ଏଥିସହିତ ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଯାଜପୁର, ଅନୁଗୋଳ ଜିଲାରେ ଝଡବର୍ଷା ହେବାର ସମ୍ଭାବନା ରହିଛି।

## ଜନାର୍ଦ୍ଦନଙ୍କୁ...

ବିରୋଧରେ ବିଜେଡି କାହାକୁ ପ୍ରାର୍ଥୀ କରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିବ।

ସେହିପରି ସିପିଏମ୍ ପକ୍ଷରୁ ପ୍ରାର୍ଥୀ ହୋଇଥିବାରୁ ଜନାର୍ଦ୍ଦନ ଦଳପ୍ରତି କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି ଯେ, ଭାଜପା ଦେଶର କ୍ଷତି କରିଚାଲିଛି। ସମ୍ବିଧାନ ଅନୁଯାୟୀ ଶାସନ ଚାଲିନାହିଁ। ତେଣୁ ବିରୋଧୀ ଦଳ ମିଳିତ ହୋଇ ଶାସକ ଦଳକୁ ପରାଜୟ କରିବାର ସମୟ ଆସିଛି। ସେହିପରି ରାଜ୍ୟରେ ବିଜେଡି ଶାସନରେ ହିଁ ଭ୍ରଷ୍ଟାଚାର ବୃଦ୍ଧି ପାଇଛି, ଦୁର୍ନୀତିକୁ ପ୍ରୋତ୍ସାହନ ଦିଆଯାଇଛି। ତେଣୁ ବାମଦଳ ହିଁ ଉଭୟ ଭାଜପା-ବିଜେଡିର ବିକଳ୍ପ ହେବ ବୋଲି ଜନାର୍ଦ୍ଦନ କହିଛନ୍ତି।

## ଭାଜପାରେ...

କାର୍ଯ୍ୟକ୍ରମରେ ତାଙ୍କୁ ଡକା ନ ଯିବା ଏବଂ ଗୁରୁତ୍ୱ ଦିଆ ନ ଯିବା କାରଣରୁ ସେ ଦଳ ଛାଡିଥିବା କହିଛନ୍ତି। ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମ, ଦଳର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଜ୍ୟ ସଭାପତି ବସନ୍ତ ପଣ୍ଡା, ବିଧାୟକ ଦଳ ନେତା କେ.ଭି. ସିଂହଦେଓ ଏବଂ ରାଜ୍ୟ ପ୍ରଭାରୀ ଅରୁଣ ସିଂହଙ୍କ ଉପସ୍ଥିତିରେ ବଳଭଦ୍ର ଭାଜପା ପ୍ରାଥମିକ ସଦସ୍ୟତା ଗ୍ରହଣ କରିଛନ୍ତି। ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଉପସ୍ଥିତ ବରିଷ୍ଠ ନେତାମାନେ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ବଳଭଦ୍ରଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଏହାସହ ରେଲୱେ କ୍ଷେତ୍ରରେ ଥିବା ବଳଭଦ୍ରଙ୍କ ଅଭିଜ୍ଞତାକୁ ନେଇ ଉପସ୍ଥିତ ଭାଜପା ନେତାମାନେ ତାଙ୍କୁ ପ୍ରଶଂସା କରିଛନ୍ତି। ଏହାପରେ ବଳଭଦ୍ର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ଯାଇ ସାକ୍ଷାତ କରିଥିଲେ।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ରାଜ୍ୟର ପଛୁଆ ଅଞ୍ଚଳ ଭାବେ ସମଗ୍ର ଦେଶରେ ନବରଙ୍ଗପୁର ଓ ମାଲକାନଗିରି ଜିଲା ପରିଚିତ। ଏହି ଅଞ୍ଚଳର ବିକାଶ ପାଇଁ ଗତ ୫ବର୍ଷରେ ବଳଭଦ୍ର ଅନେକ କାର୍ଯ୍ୟ କରିଛନ୍ତି। ତାଙ୍କ ଆନ୍ତରିକତା ଏବଂ ବଳିଷ୍ଠ ପଦକ୍ଷେପ ଯୋଗୁ ଆଜି ସେ ଅଞ୍ଚଳରେ ବିଶେଷଭାବେ ରେଳ କ୍ଷେତ୍ରରେ ବହୁ ବିକାଶ ହୋଇପାରିଛି। ବଳଭଦ୍ରଙ୍କ ଯୋଗଦାନ ଭାଜପାକୁ ଅଧିକ ମଜଭୁତ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଏହି ଅବସରରେ ବଳଭଦ୍ର କହିଛନ୍ତି, ନବରଙ୍ଗପୁର ଜିଲାର ବିକାଶ ପାଇଁ ସେ ରାଜନୀତିକୁ ଆସିଥିଲେ। ୨୦୧୪ରେ ବିଜେଡିରୁ ଟିକେଟ ପାଇ ଏମ୍‌ପି ହୋଇଥିଲି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ସୁଯୋଗ ଦେଇଥିଲେ ସେଥିପାଇଁ ଋଣୀ। ହେଲେ ଜଣେ ଏମ୍‌ପିଙ୍କୁ ଜିଲା ଓ ବ୍ଲକସ୍ତରୀୟ ବୈଠକରେ ଡକା ନ ଯିବା କିମ୍ବା ଆସନ୍ତା ନିର୍ବାଚନ ପାଇଁ ଯାହା ଚିନ୍ତା କରାଯାଉଛି ସେ ବିଷୟରେ କୁହା ନ ଯିବା ଦୁର୍ଭାଗ୍ୟଜନକ। ବିଜେଡିରେ ତାଙ୍କର କୌଣସି ଆବଶ୍ୟକତା ନ ଥିବା ମନେକରି ଦଳ ଛାଡି ଭାଜପାରେ ଯୋଗଦେଇଛି। ଦେଶର ପଛୁଆ ଲୋକ ସଭା କ୍ଷେତ୍ର ଭାବେ ପରିଗଣିତ ଆଦିବାସୀବହୁଳ ନବରଙ୍ଗପୁର ଜିଲା ସମେତ ମାଲକାନଗିରି, କୋରାପୁଟ ଓ ରାୟଗଡା ଜିଲାର ସାମଗ୍ରିକ ବିକାଶ ତାଙ୍କ ପ୍ରାଥମିକତା। ରାଜ୍ୟରେ ଶାସକ ବିଜେଡିର ଅଗଣତାନ୍ତ୍ରିକ କାର୍ଯ୍ୟକଳାପ, ବିକାଶ ବିରୋଧୀ ଏବଂ ଆଦିବାସୀମାରଣ ନୀତି ଯୋଗୁ ଏହି ସମସ୍ତ ଜିଲା ପଛୁଆ ହୋଇ ରହିଛି। ଏପରି କି କେନ୍ଦ୍ର ସରକାରଙ୍କ ବହୁ ଆଦିବାସୀକଲ୍ୟାଣ ଯୋଜନାକୁ ବିଜେଡି କାର୍ଯ୍ୟକାରୀ କରିବାକୁ ଦେଉନାହିଁ। ପଛୁଆ ଅଞ୍ଚଳର ବିକାଶ ପାଇଁ ବିଜେଡି ସବୁଠୁ ବଡ ବାଧକ ସାଜିଛି। ନବରଙ୍ଗପୁର ଜିଲା ପାଇଁ ଦାୟିତ୍ୱ ନେଇଥିବା ପ୍ରଭାରୀ ଆଦିବାସୀମାନଙ୍କ ବିରୋଧୀ। ଆଦିବାସୀଙ୍କ ଉନ୍ନତି ସେମାନେ ଚାହାନ୍ତି ନାହିଁ। କୌଣସି ଆଦିବାସୀ ଲୋକ ନେତୃତ୍ୱ ନେଇ ଆଗକୁ ବଢନ୍ତୁ ସେହି ପ୍ରଭାରୀମାନେ ଚାହାନ୍ତିନି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟ ଦକ୍ଷତା, ନୀତି ଓ ଆଦର୍ଶ ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ନେତୃତ୍ୱରେ ଆକୃଷ୍ଟ ହୋଇ ସେ ଭାଜପାରେ ଯୋଗଦାନ କରିଥିବା କହିଛନ୍ତି।

## ବଳ କଷୁଛନ୍ତି...

୧୦ ତାରିଖରେ ବିଗୁଲ ବାଜିବା ପରେ ଏବେ ଚିତ୍ର ଓ ଚରିତ୍ର ସବୁ ବଦଳିବାରେ ଲାଗିଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ତାଙ୍କ ମା' ଓ ଜେଜେମାଙ୍କ ଭଳି କର୍ଣ୍ଣାଟକରୁ ପ୍ରତିଦ୍ୱନ୍ଦ୍ୱିତା କରନ୍ତୁ ବୋଲି ଦଳୀୟ ନେତା ଜୋର୍‌ଦାର ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାହୁଲଙ୍କ ନିଷ୍ପତ୍ତି ଉପରେ ରହିଛି ସମସ୍ତଙ୍କ ନଜର।

କର୍ଣ୍ଣାଟକରେ ଦୁଇଟି ପର୍ଯ୍ୟାୟରେ ଲୋକ ସଭା ନିର୍ବାଚନ ହେବ। ଏପ୍ରିଲ ୧୮ରେ ୧୪ ଓ ୨୩ ତାରିଖରେ ଅବଶିଷ୍ଟ ୧୪ ଆସନରେ ଭୋଟଗ୍ରହଣ କରାଯିବ। ଏହି ରାଜ୍ୟରେ ୨୦୧୪ ସାଧାରଣ ନିର୍ବାଚନରେ ଭାଜପା ୧୭ ଆସନ ଦଖଲ କରିଥିଲା। କଂଗ୍ରେସକୁ ୯ ଓ ଜେଡିଏସ୍‌କୁ ୨ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଏହାର ଠିକ୍ ୪ ବର୍ଷ ପରେ ଅର୍ଥାତ୍ ୨୦୧୮ ମେ'ରେ ଅନୁଷ୍ଠିତ ୨୨୪ ଆସନ ବିଶିଷ୍ଟ ବିଧାନସଭା ନିର୍ବାଚନରେ କଂଗ୍ରେସ ୭୯, ଜେଡିଏସ୍ ୩୭, ବିଏସ୍‌ପି ୧ ଏବଂ ଭାଜପା ପ୍ରାର୍ଥୀ ୧୦୪ ଆସନରେ ସଫଳ ହୋଇଥିଲେ। ଭାଜପା ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ତାଙ୍କୁ କ୍ଷମତାଚ୍ୟୁତ କରିଥିବା ଜେଡିଏସ୍-କଂଗ୍ରେସ ମେଣ୍ଟଠାରୁ ପ୍ରତିଶୋଧ ଲୋକ ସଭା ନିର୍ବାଚନରେ ନେବା ପାଇଁ ଅଣ୍ଟା ଭିଡିଛନ୍ତି। ବାଲାକୋଟରେ ଭାରତୀୟ ବାୟୁସେନାର ବୋମାମାଡ଼ ଭାଜପାକୁ ୨୮ରୁ ୨୨ ଆସନରେ ଜିତାଇବ କହି ବିବାଦୀୟ ହୋଇଥିବା ୟେଦୁରପ୍ପା ଏବେ ନରେନ୍ଦ୍ର ମୋଦିଙ୍କୁ ପୁଣି ପ୍ରଧାନମନ୍ତ୍ରୀ କରାଇବା ନାମରେ ଲୋକଙ୍କୁ ଭୋଟ ମାଗୁଛନ୍ତି। ଭାଜପା ୨୨ ଆସନ ଜିତିବା ମାତ୍ରେ ବିଧାନସଭା ଦଖଲ କରି ରାଜ୍ୟରେ ସରକାର ଗଠନ କରିବ ବୋଲି ସେ ଦୃଢ଼ୋକ୍ତି ବାଢୁଛନ୍ତି। ସେପଟେ ଜେଡିଏସ୍ ସୁପ୍ରିମୋ ଦେବେଗୌଡ଼ା ଦୁଇ ନାତି ନିଖିଲ କୁମାରସ୍ୱାମୀଙ୍କୁ ମାଣ୍ଡ୍ୟା ଓ ପ୍ରଜ୍ୱଳ ରେଭାନ୍ନାଙ୍କୁ ହାସନ ଆସନରୁ ଲଢ଼ାଇ ଦୁହିଁଙ୍କ ରାଜନୈତିକ କ୍ୟାରିୟରର ମୂଳଦୁଆ ପକାଇବାକୁ ସୁଯୋଗ ସୃଷ୍ଟି କରିଛନ୍ତି। ଭୋକାଲିଙ୍ଗା ସମୁଦାୟ ବହୁଳ ଜେଡିଏସ୍‌ର ଦୁଇ ଗଡ଼ରୁ ନିଖିଲ ଓ ପ୍ରଜ୍ୱଳଙ୍କ ବିଜୟ ସମ୍ଭାବନା ଉଜ୍ଜ୍ୱଳ ଥିବା ବିଶ୍ଳେଷକମାନେ କହୁଛନ୍ତି। ହାସନ ଆସନ ଛାଡ଼ିଦେଇଥିବା ଦେବେଗୌଡ଼ା ଏଥର ଉତ୍ତର ବାଙ୍ଗାଲୋର କିମ୍ବା ଟୁମ୍‌କୁର ଆସନରୁ ଲଢ଼ିବେ ବୋଲି ଚର୍ଚ୍ଚା ହେଉଛି। କଂଗ୍ରେସ ୨୦ ଏବଂ ଜେଡିଏସ୍ ୮ ଆସନରେ ଲଢ଼ିବା ପାଇଁ ସ୍ଥିର ହୋଇଥିଲେ ମଧ୍ୟ ଦୁଇମେଣ୍ଟ ଦଳ ମଧ୍ୟରେ ଆସନ ବୁଝାମଣା ଚୂଡ଼ାନ୍ତ ହେବା ଲାଗି ଆଉ କିଛିଦିନ ଲାଗିପାରେ ବୋଲି କୁହାଯାଉଛି। ୨୨ ଆସନ ଦଖଲ ଲକ୍ଷ୍ୟରେ ଥିବା ଭାଜପା ସମସ୍ତ ୨୮ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଭାଜପା ସମସ୍ତ ୧୫ ଏମ୍‌ପିଙ୍କୁ ଟିକେଟ ପାଇଁ ଆଶା ଦେଇଛି। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନନ୍ତକୁମାରଙ୍କ ପରଲୋକ ପରେ ବେଙ୍ଗାଲୁରୁ ଦକ୍ଷିଣ ଆସନରୁ ତାଙ୍କ ସ୍ତ୍ରୀ ତେଜସ୍ୱିନୀଙ୍କୁ ଭାଜପା ପ୍ରାର୍ଥୀ କରିବ।

## ଆଶାୟୀଙ୍କୁ...

ଏହାର ଅନ୍ତର୍ଗତ ୨୮ ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରିବା ପୂର୍ବରୁ ନବୀନ ନିବାସରେ ଘନଘନ ବୈଠକ ବସିଥିଲା। ଏହିସବୁ ଆସନ ପାଇଁ ପ୍ରାର୍ଥୀ ତାଲିକା ଚୂଡାନ୍ତ ହେବା ପରେ ଅସନ୍ତୁଷ୍ଟମାନେ ପ୍ରତିକ୍ରିୟା ପ୍ରକାଶ କରିଥିଲେ। କୁହାଯାଉଛି, ଟିକେଟ କଟିଥିବା ନେତାମାନେ ଏ ବିଷୟରେ ଜାଣିବା ପରେ ସେମାନେ ଦଳ ଛାଡିଛନ୍ତି। ଏହାର ପ୍ରମାଣ ବଳଭଦ୍ର ମାଝୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଗତ ଗୁରୁବାର ସୁଦ୍ଧା ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ କେଉଁମାନେ ପ୍ରାର୍ଥୀ ହେବେ, ସେନେଇ ଦଳ ସ୍ଥିର କରିସାରିଥିଲା। ଏକଥା ବୋଧହୁଏ ବଳଭଦ୍ର ଜାଣିବା ପରେ ବିଜେଡିରୁ ଇସ୍ତଫା ଦେଇଥିଲେ। ସେହିପରି ଶନିବାର ଉପାୟଶୂନ୍ୟ ହୋଇ କେତେଜଣ ଭାଜପାରେ ସାମିଲ ହୋଇଥିବା ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି। ଅନ୍ୟପଟେ ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ଆସନଗୁଡ଼ିକ ପାଇଁ ଆଶାୟୀମାନେ ବର୍ତ୍ତମାନ ନବୀନ ନିବାସକୁ ଆସିବା ଆରମ୍ଭ କରିଦେଇଛନ୍ତି। ଏସବୁକୁ ଲକ୍ଷ୍ୟ କଲେ ବିଜେଡି ପ୍ରଥମ ପର୍ଯ୍ୟାୟ ନିର୍ବାଚନୀ ପ୍ରାର୍ଥୀ ତାଲିକା ଚୂଡାନ୍ତ କରିସାରିଛି ବୋଲି ଦଳୀୟ ମହଲରୁ ସୂଚନା ମିଳିଛି। ଯେହେତୁ ଅସନ୍ତୁଷ୍ଟ ଅର୍ଥାତ୍ ଟିକେଟ ପାଇବାରେ ବିଫଳ ହେଉଥିବା ପ୍ରାର୍ଥୀ ନିର୍ବାଚନ ଲଢ଼ିବା ଆଶାରେ ଭାଜପାରେ ସାମିଲ ହେଉଛନ୍ତି, ସେଥିପାଇଁ ବିଜେଡି ବିଳମ୍ବ କରୁଛି ବୋଲି ମଧ୍ୟ କୁହାଯାଉଛି।

ସେହିପରି ଭାଜପା ପକ୍ଷରୁ ପ୍ରାର୍ଥୀ ତାଲିକା ଶନିବାର ସୁଦ୍ଧା ଘୋଷଣା ହୋଇପାରେ ବୋଲି ଶୁଣିବାକୁ ମିଳିଥିଲା। ଦଳର କେତେଜଣ ତୁଙ୍ଗ ନେତା ଏନେଇ ଭିତିରିଆ ସୂଚନା ଦେଇଥିଲେ। ଶୁକ୍ରବାର କେତେଗୁଡ଼ିଏ ଆସନ ପାଇଁ ପ୍ରାର୍ଥୀ ତାଲିକା ଚୂଡାନ୍ତ କରିବାକୁ ରାଜ୍ୟ ନିର୍ବାଚନୀ କମିଟି ପକ୍ଷରୁ ବିଳମ୍ବିତ ରାତିଯାଏଁ ବୈଠକ ବସିଥିଲା। ପରେ କମିଟିରେ ସ୍ଥିର କରାଯାଇଥିବା ପ୍ରାର୍ଥୀ ତାଲିକା କେନ୍ଦ୍ରୀୟ ପାର୍ଲାମେଣ୍ଟାରୀ କମିଟି ନିକଟକୁ ପଠାଯାଇଥିବା ଜଣାପଡିଛି। ଅପରପକ୍ଷରେ ଶନିବାର କେନ୍ଦ୍ରୀୟ ପାର୍ଲାମେଣ୍ଟାରୀ କମିଟି ବୈଠକ ବସି ରାଜ୍ୟର କେତେଗୁଡ଼ିଏ ଆସନ ପାଇଁ ରାଜ୍ୟରୁ ଯାଇଥିବା ପ୍ରାର୍ଥୀ ତାଲିକା ଉପରେ ମୋହର ବାଜି ସାରିଥିବା ମଧ୍ୟ ଜଣାପଡିଛି। ହେଲେ ଦଳ ପକ୍ଷରୁ ଏପର୍ଯ୍ୟନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇନାହିଁ। ଆଗକୁ ଅବଶିଷ୍ଟ ଆସନ ପାଇଁ ପୁନର୍ବାର ରାଜ୍ୟ ନିର୍ବାଚନ କମିଟି ବୈଠକ ବସିବ ବୋଲି ଜଣାପଡିଛି। ବିଜେଡିରେ ଟିକେଟରୁ ବଞ୍ଚିତ ହେବାକୁ ଥିବା ଅଧିକାଂଶ ନେତାଙ୍କୁ ଭାଜପା ପକ୍ଷରୁ ପ୍ରାର୍ଥୀ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ମଧ୍ୟ ଦଳର କେତେଜଣ ନେତା ମତ ରଖିଛନ୍ତି।ୟ

ପ୍ରଦେଶ କଂଗ୍ରେସ କମିଟି (ପିସିସି) କିନ୍ତୁ ଭିନ୍ନ ରୋଗର ଶିକାର ହୋଇଛି। ନିର୍ବାଚନ ଯେତିକି ନିକଟତର ହେଉଛି, ଦଳରୁ ପୁଳାପୁଳା ନେତା ବିଜେଡି ଓ ଭାଜପାକୁ ଡିଆଁ ମାରିବାରେ ଲାଗିଛନ୍ତି। ଦଳ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୫ ଲୋକ ସଭା ଏବଂ ୧୦୫ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହୋଇସାରିଥିଲା। ଦୀର୍ଘ ସମୟ ଧରି ଦିଲ୍ଲୀଠାରେ ଏଆଇସିସି ସ୍କ୍ରିନିଂ କମିଟି ବୈଠକ ବସି ପ୍ରାର୍ଥୀ ତାଲିକା ପ୍ରସ୍ତୁତ ହୋଇସାରିଥିଲା। କେବଳ ସିଇସି (ସେଣ୍ଟ୍ରାଲ ଇଲେକ୍ସନ କମିଟି)ର ମୋହର ବାଜିବା ବାକି ଥିଲା। ମାତ୍ର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓଡ଼ିଶା ଆସି କହିଲେ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଅଧିକ ସଂଖ୍ୟକ ମହିଳା ପ୍ରାର୍ଥୀଙ୍କୁ ତାଲିକାରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିରଞ୍ଜନ ସେହି ନିର୍ଦ୍ଦେଶକୁ କେତେଦୂର ପାଳନ କରିଛନ୍ତି, ସେକଥା ଜଣାପଡିନାହିଁ। ହେଲେ ଶନିବାର ବସିଥିବା ସ୍କ୍ରିନିଂ କମିଟିରେ ୨ଟି ପର୍ଯ୍ୟାୟରେ ହେବାକୁ ଥିବା ଆସନର ନିର୍ବାଚନ ପାଇଁ ପ୍ରାର୍ଥୀ ତାଲିକା ସିଇସିକୁ ପଠାଯାଇଥିବା ଜଣାପଡିଛି। ଶନିବାର ସନ୍ଧ୍ୟାରେ ସିଇସି ବସିଛି। ଏହି ବୈଠକ ବିଳମ୍ବିତ ରାତିଯାଏଁ ଚାଲିବାକୁ ଥିବା ଦିଲ୍ଲୀରେ ଥିବା କେତେଜଣ ରାଜ୍ୟ ନେତା କହିଛନ୍ତି। ହେଲେ ଗୋଟିଏପଟେ କଂଗ୍ରେସ ନିଜର ପ୍ରାର୍ଥୀ ତାଲିକା ଚୂଡାନ୍ତ କରୁଥିବାବେଳେ ଟିକେଟ ପାଇବାକୁ ଥିବା ନେତାମାନେ ଦଳ ଛାଡିବା ନିରଞ୍ଜନଙ୍କ ଚିନ୍ତା ବଢ଼ାଇ ଦେଇଛି। ଅନ୍ୟପଟେ ଏନେଇ ଦିଲ୍ଲୀରେ ନିରଞ୍ଜନଙ୍କୁ ଅପମାନିତ ହେବାକୁ ପଡୁଛି ବୋଲି ସେଠାରେ ଉପସ୍ଥିତ କେତେଜଣ ନେତା କହିଛନ୍ତି। ତେବେ ସିଇସିରେ ୨ଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ଆସନ ପାଇଁ କଂଗ୍ରେସ ଆସନ୍ତା ରବିବାର ତାଲିକା ଘୋଷଣା କରିଦେଇପାରେ ବୋଲି କୁହାଯାଉଛି। ଅନ୍ୟପଟେ ଆସନ୍ତା ୧୮ରେ ପୁନର୍ବାର ସ୍କ୍ରିନିଂ କମିଟି ବୈଠକ ଦିଲ୍ଲୀଠାରେ ବସିବ ବୋଲି ଜଣାପଡିଛି।

ପ୍ରଥମ ପୃଷ୍ଠାରୁ...

## ଡବ୍ଲ୍ୟୁସିଓରେ...

କମିଟିରେ ୨ ବର୍ଷ ପର୍ଯ୍ୟନ୍ତ ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ଲାଭ କରିବା ପରେ ଦାଶ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକ ଏବଂ ଜେଏନ୍‌ୟୁର ସ୍କୁଲ୍ ଅଫ୍ ଇଣ୍ଟରନ୍ୟାଶନାଲ ଷ୍ଟଡିଜରୁ ଅନ୍ତର୍ଜାତୀୟ ଅଧ୍ୟୟନ ଓ ଅନ୍ତର୍ଜାତୀୟ ଆଇନ ଉପରେ ସ୍ନାତକୋତ୍ତର ପାଠ୍ୟକ୍ରମ ଶେଷ କରିବା ପରେ ଏହି ଶିକ୍ଷାନୁଷ୍ଠାନରେ ନିରସ୍ତ୍ରୀକରଣ ଅଧ୍ୟୟନ ବିଷୟରେ ଏମ୍.ଫିଲ୍ ଶେଷ କରି ଆଇଆର୍‌ଏସ୍ ଭାବେ ଚାକିରି ଜୀବନ ଆରମ୍ଭ କରିଛନ୍ତି। ଜାତିସଂଘ ସୁରକ୍ଷା ପରିଷଦ, କମନୱେଲ୍‌ଥ ସେକ୍ରେଟାରିଏଟ୍, ସିବିଆଇ, ଆର୍‌ବିଆଇ ଏବଂ ବର୍ତ୍ତମାନ ଡାଇରେକ୍ଟୋରେଟ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସରେ ପ୍ରିନ୍ସିପାଲ ଡାଇରେକ୍ଟର ଜେନେରାଲ ଭାବେ କାର୍ଯ୍ୟରତ ୧୯୮୫ ବ୍ୟାଚ୍‌ର ଏହି ଓଡ଼ିଆ ଆଇଆର୍‌ଏସ୍ ଅଧିକାରୀଙ୍କର ସୀମାଶୁଳ୍କ ପ୍ରଶାସନ, କୂଟନୀତି, ବାଣିଜ୍ୟ ସୁବିଧା ପ୍ରଦାନ, ଗୋଇନ୍ଦା, ଅନ୍ତର୍ଜାତୀୟ ଆଇନ,ବିଶେଷ କରି ଆତଙ୍କବାଦ, ବେଆଇନ ଅର୍ଥ କାରବାର କ୍ଷେତ୍ରରେ ଆପରାଧିକ ମାମଲା ପରିଚାଳନା, ପ୍ରତ୍ୟର୍ପଣ ଓ ଆର୍ଥିକ କଟକଣା, ଆପୋସ ଆଇନଗତ ସହାୟତା ଆଦି କ୍ଷେତ୍ରରେ ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି। ରାଷ୍ଟ୍ରପତି ପଦକପ୍ରାପ୍ତ ଦାଶ ଡବ୍ଲ୍ୟୁସିଓରୁ ମଧ୍ୟ ମେରିଟ ପୁରସ୍କାର ହାସଲ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ବୃହସ୍ପତିଙ୍କ ଦୃଷ୍ଟିରେ ଚନ୍ଦ୍ର ଭାଗ୍ୟସ୍ଥ ରହି ବନ୍ଧୁ ପରିଜନଙ୍କ ପ୍ରୀତିଭାଜନ କରାଇବ। କିନ୍ତୁ ଆଲୋଚନାର ଶେଷ ପର୍ଯ୍ୟାୟରେ ରାହୁଙ୍କ ପ୍ରଭାବରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ବିବାଦୀୟ ଘଟଣାରେ କୌଣସି ପକ୍ଷ ସମର୍ଥନ କରିବା ଠିକ୍ ହେବ ନାହିଁ। ଚଳଚ୍ଚିତ୍ର, ସାହିତ୍ୟ, କଳା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ** ରାହୁ ଓ ଚନ୍ଦ୍ର ରାଶି ଏବଂ ଷଷ୍ଠ୍ୟାଧିପ ଶୁକ୍ରଙ୍କୁ ଦେଖୁଥିବାରୁ ରୋଗପୀଡା ଜନିତ ସ୍ୱାସ୍ଥ୍ୟହାନି କିମ୍ବା କଳହର ସୂଚନା ରହିଛି। ଏପରି କି ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। କୌଣସି ମୂଲ୍ୟବାନ ଜିନିଷ କିଣିବା ସକାଶେ ଧାର କରିବାକୁ ପଡିବ। ଅଯଥା ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରି ସମାଲୋଚିତ ହେବେ।

**ମିଥୁନ** ମୁଖଭାବରେ ପାପଗ୍ରହ ଯୋଗୁ ପରିସ୍ଥିତିରେ ପଡି ଆପଣ ଶେଷ୍ଲାତ୍ମକ ଭାଷା ପ୍ରୟୋଗକରି ସମାଲୋଚିତ ହୋଇପାରନ୍ତି। ରାଶିପ୍ରତି ଗଣତନ୍ତ୍ରର ଗ୍ରହ ଶନିଙ୍କ ଦୃଷ୍ଟି ହେତୁ ସଂଗଠନ, ରାଜନୀତି, ଆଇନ, ଅଦାଲତରେ ଲକ୍ଷ୍ୟ ହାସଲ କରିପାରିବେ। ଆକସ୍ମିକ ଭାବରେ ସହକର୍ମୀଙ୍କ ସହ ଟଙ୍କା ପଇସାକୁ କେନ୍ଦ୍ର କରି କଳହ ଘଟିପାରେ।

**କର୍କଟ** ରାଶ୍ୟାଧିପ ସ୍ୱଗୃହରେ ଥିଲେ ମଧ୍ୟ ପାପଯୁକ୍ତ କାରଣରୁ ମାନସିକ ସୁସ୍ଥତା ପୂର୍ଣ୍ଣମାତ୍ରାରେ ରହି ନ ପାରେ। ପରିସ୍ଥିତି ଆପଣଙ୍କ ଚିନ୍ତାଧାରାକୁ ବିଗାଡ଼ି ଦେବାର ବହୁ ପରିମାଣରେ ଆଶଙ୍କା ରହିଛି। ବନ୍ଧୁମାନେ ସ୍ୱାର୍ଥହାନି ଆଶଙ୍କାରେ ଦୂରେଇ ଯିବେ। ବ୍ୟବସାୟ, ବାଣିଜ୍ୟ, କଳା, ସାହିତ୍ୟ, ଚଳଚ୍ଚିତ୍ର, ପ୍ରେସ୍ ଓ ପବ୍ଲିକେଶନ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ସିଂହ** ଅଷ୍ଟମଭାବସ୍ଥ ରାଶ୍ୟାଧିପ ଗୁରୁକ୍ଷେତ୍ରସ୍ଥ ଯୋଗୁ ଉତ୍ସାହ ନେଇ କାମ କରିବେ। ବିବାଦୀୟ ଘଟଣାରେ ବିଜୟୀ ହେବେ ଏବଂ ରାଜନୈତିକ ବ୍ୟକ୍ତିବିଶେଷଙ୍କ ସୁନଜରରେ ଆସିପାରନ୍ତି। ପାରିବାରିକ ସ୍ତରରେ ବଦ୍‌ଖର୍ଚ୍ଚ ରୋକିବା ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିପାରନ୍ତି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**କନ୍ୟା** ଉଚ୍ଚାରୋହୀ ଶୁକ୍ର ପାପଗ୍ରହ ଯୁକ୍ତହେଲେ ମଧ୍ୟ ସ୍ୱଗୃହାଭିମୁଖୀ ଯୋଗୁ ବିଳାସପ୍ରିୟ କରାଇବେ। ଯାନବାହନ କ୍ରୟ କରିବା ସକାଶେ ମାନସିକ ପ୍ରସ୍ତୁତି ଚଳାଇପାରନ୍ତି। ଆତ୍ମୀୟଙ୍କ ଦୁଃଖିତ ମନକୁ ସାନ୍ତ୍ୱନା ଦେବାକୁ ଯାଇ ପରିବାରରେ ଟଣାଓଟରା ଲାଗିଯିବ। ଦୀର୍ଘ ଦିନରୁ ସାଧାରଣ କଥାରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**ତୁଳା** କୋଣଭାବରେ ବୁଧ ଆପଣଙ୍କୁ ବୌଦ୍ଧିକ ସହାୟତା ପ୍ରଦାନ କରି ସମସ୍ୟା ମୁକ୍ତ ହେବାରେ ବନ୍ଧୁ ମାଧ୍ୟମରେ ସାହାଯ୍ୟ କରିବେ। ବ୍ୟୟ ଭାର କ୍ରମଶଃ କମି କମି ଆସିବ ଏବଂ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଭ୍ରମଣ ହେତୁକ କ୍ଳାନ୍ତି ଜନିତ ସ୍ୱାସ୍ଥ୍ୟ ସାମାନ୍ୟ ବିଗିଡ଼ି ଯିବାର ସୂଚନା ରହିଛି।

**ବିଛା** ସ୍ୱରାଶିସ୍ଥ ବୃହସ୍ପତି ଚନ୍ଦ୍ରଙ୍କ କୋଣଭାବରେ ପାପମଧ୍ୟସ୍ଥ ଯୋଗୁ ଆପଣ ପୂର୍ବ ନିର୍ଦ୍ଧାରିତ ପ୍ରକାରେ କାମ କରିପାରିବେ ନାହିଁ। ନିଜ ପରିସରରେ କାମର ଚାପ କ୍ରମଶଃ ବୃଦ୍ଧି ପାଇବା କାରଣରୁ ଓ କିଛିଟା ବ୍ୟତିକ୍ରମ ମଧ୍ୟରେ ସମୟ ଅତିବାହିତ ହେବ। ବହୁତ ଦିନ ହେଲା ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ଧନୁ** ଧନ ତୃତୀୟାଧିପ ଶନି ରାଶିରେ ଅବସ୍ଥାନ କରି ବନ୍ଧୁମାନଙ୍କ ସାହାଯ୍ୟ, ସହଯୋଗ ମାଧ୍ୟମରେ କାର୍ଯ୍ୟ ହାସଲ କରାଇବେ। ପୂର୍ବାଷାଢ଼ା ନକ୍ଷତ୍ରର ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ଆକସ୍ମିକ ବିବାଦ ବୃଦ୍ଧି ଘଟିପାରେ। ଭ୍ରମଣ, ପ୍ରଶାସନ, ରାଜନୀତି, କଳା, ସାହିତ୍ୟ, ପ୍ରଶାସନିକ ସ୍ତରରେ ତଥା ସଭାସମିତି ପାଇଁ ଦିନଟି ବହୁତ ଭଲ।

**ମକର** ପାରିବାରିକ ଓ କର୍ମକ୍ଷେତ୍ର ଠିକ୍ ରହିଥିଲେ ମଧ୍ୟ କେତେକ ଅହେତୁକ ଚିନ୍ତାଧାରା ମନକୁ ବିବ୍ରତ କରିପାରେ। ସାମାନ୍ୟ ବିଳମ୍ବିତ ସମୟରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଆନୁଷ୍ଠାନିକ ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହୋଇଯିବ। ଆର୍ଥିକ ପରିସ୍ଥିତି ପ୍ରାୟତଃ ମନ୍ଦ ହେବନି କିନ୍ତୁ ବନ୍ଧୁମାନଙ୍କ ସହ ସୁସମ୍ପର୍କ ପୂର୍ବଭଳି ରହି ନ ପାରେ।


**କୁମ୍ଭ** ମିତ୍ରକ୍ଷେତ୍ରରେ ବୁଧ ପ୍ରାରମ୍ଭିକ ପର୍ଯ୍ୟାୟରେ ଶିଥିଳତା ପ୍ରଦାନ କଲେ ମଧ୍ୟ ପରକ୍ଷଣରେ କାମ ଜୋର୍‌ସୋରରେ ଆଗେଇ ଚାଲିବ। ଜମିଜମା କାରବାର, ସରକାରୀ ସୂତ୍ରରୁ ଅର୍ଥ,ଧାର୍ମିକ କାର୍ଯ୍ୟ ପ୍ରଭୃତିରେ ଆଶାନୁରୂପ ସଫଳତା ପାଇବେ। କିନ୍ତୁ ବାଣିଜ୍ୟ, ବ୍ୟବସାୟ, ପରିବହନକୁ କେନ୍ଦ୍ରକରି ବିବାଦ ବୃଦ୍ଧି ହୋଇପାରେ।

**ମୀନ** ମନ୍ତ୍ରଣା ସ୍ଥାନରେ ରାହୁ ଯୁକ୍ତ ଚନ୍ଦ୍ର ଆପଣଙ୍କ କୂଟନୈତିକ ମନ୍ତ୍ରଣା ଫଳପ୍ରଦ ହେବ, ଯାହାକି ପ୍ରଶାସନ, ରାଜନୀତି, ସଭାସମିତି କ୍ଷେତ୍ରରେ ଅନୁଭୂତ ହୋଇପାରେ। କ୍ରୀଡ଼ା, କଳା କ୍ଷେତ୍ରରେ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ଧର୍ମସ୍ଥାନରେ ବୃହସ୍ପତି ଧାର୍ମିକ ଚେତନା ସୃଷ୍ଟିକରି ଆପଣଙ୍କୁ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ କରିପାରନ୍ତି।

ଆଜି ଫାଲଗୁନ ଶୁକ୍ଳପକ୍ଷର ଆମଳକୀ ଏକାଦଶୀ ରବିବାର, ମାର୍ଚ୍ଚ ୧୭ ତାରିଖ, ରବିନାରାୟଣ ବ୍ରତ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷରାଶିର ଘାତବାର, ସକାଳ ଘ୫।୫୭ମି. ଗତେ ଘ୯।୫୬ମି. ମଧ୍ୟେ, ଘ୧।୨୪ମି. ଗତେ ଘ୧।୫୪ମି. ମଧ୍ୟେ ଅମୃତବେଳା। ଦିବା ଘ୫।୫୭ ଗତେ ଘ୬।୪୫ମି. ମଧ୍ୟେ ମାହେନ୍ଦ୍ର ବେଳା ଓ ଅପରାହ୍ନ ଘ୪।୨୩ମି. ଗତେ ଘ୫।୫୩ମି. ମଧ୍ୟେ ରାହୁକାଳ।

# ଜେଇଇ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ପାଇଁ ଭଲ କୋଚିଂ ସଂସ୍ଥା କେମିତି ଚୟନ କରିବେ

*ଯଦି ଆପଣଙ୍କ ପିଲା ମଧ ଜେଇଇର ପ୍ରବେଶିକା ପରୀକ୍ଷା ଦେବାକୁ ଚାହୁଁଛନ୍ତି ଏବଂ ତାକୁ ସର୍ବୋତ୍ତମ ମାର୍ଗଦର୍ଶନ ଦେବା ପାଇଁ ଆପଣ ଯଦି ଏକ ଭଲ କୋଚିଂ ସଂସ୍ଥା ସନ୍ଧାନରେ ଅଛନ୍ତି, ତେବେ ଏହି ମାମଲାରେ ଆପଣଙ୍କୁ ଅନେକ ସାବଧାନତା ଅବଲମ୍ବନ କରିବାକୁ ପଡ଼ିବ। ଜେଉଁ କୋଚିଂ ସଂସ୍ଥାନରେ ପିଲାର ନାମ ଲେଖାଇବେ ଏହି ଦ୍ୱନ୍ଦ୍ୱରୁ ମୁକ୍ତି ପାଇବା ଲାଗି କେତେକ କଥା ଉପରେ ଆପଣଙ୍କୁ ବିଶେଷ ଧାନ ରଖିବାକୁ ପଡ଼ିବ।*




## ଯୋଗ୍ୟ ଓ ଅଭିଜ୍ଞ ଶିକ୍ଷକ

ଯେକୌଣସି ଶିକ୍ଷାନୁଷ୍ଠାନରେ ଶିକ୍ଷକଙ୍କ ଅଭିଜ୍ଞତା, ବିଷୟକୁ ନେଇ ସେମାନଙ୍କର ବିଶେଷଜ୍ଞତା ଏବଂ ପାଠ ପଢ଼ାଇବାର କୌଶଳ, ଯେକୌଣସି ବିଷୟକୁ ବିଦ୍ୟାର୍ଥୀଙ୍କ ପାଇଁ ବହୁତ ସରଳ ଓ ସହଜ କରିଦେଇଥାଏ।

ଏଇଥିପାଇଁ ଗଣିତ, ପଦାର୍ଥ ବିଜ୍ଞାନ ଏବଂ ରସାୟନ ବିଜ୍ଞାନ ବିଷୟର ଯୋଗ୍ୟ ଓ କୁଶଳ ଶିକ୍ଷକ ରହିଥିବା ସଂସ୍ଥାକୁ ବାଛିବା ଅତି ଜରୁରୀ ହୋଇଯାଏ।

## ଉତ୍ତମ ପାଠ୍ୟ ସାମଗ୍ରୀ

ପାଠ୍ୟ ସାମଗ୍ରୀର ଉପଲବ୍ଧତାକୁ ମଧ ଧାନରେ ରଖାଯିବା ଆବଶ୍ୟକ ଯେ ତାହା କେଉଁ ସ୍ତରର। ଶ୍ରେଷ୍ଠ ପାଠ୍ୟ ସାମଗ୍ରୀ ବିଷୟର ମୁଖ୍ୟ ସିଦ୍ଧାନ୍ତଗୁଡ଼ିକୁ ବୁଝିବା ପାଇଁ ଅତି ଜରୁରୀ ହୋଇଥାଏ । ଏହାଦ୍ୱାରା ବିଦ୍ୟାର୍ଥୀ ବିଷୟକୁ ଭଲଭାବେ ବୁଝିପାରନ୍ତି ଏବଂ ପରୀକ୍ଷାରେ ଭଲ ପ୍ରଦର୍ଶନ କରିପାରନ୍ତି। ତେଣୁ ସେହି ଅନୁଷ୍ଠାନ ବାଛନ୍ତୁ, ଯାହା ପାଖରେ ପାଠ୍ୟ ସାମଗ୍ରୀର ଉତ୍ତର ଗୁଣବତ୍ତା ରହିଥିବ।

## ଅନୁକୂଳ ବ୍ୟାଚ୍ ସାଇଜ୍

ଯେଉଁ ଅନୁଷ୍ଠାନରେ ଅଧିକ ଛାତ୍ରଛାତ୍ରୀଙ୍କୁ ନେଇ ଗଠିତ ବ୍ୟାଚ୍ ରହିଥାଏ, ସେଠାରେ ଶିକ୍ଷକ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ଉପରେ ପୂରା ଧାନ ଦେଇପାରି ନ ଥାଆନ୍ତି, କିନ୍ତୁ ବ୍ୟାଚ୍‌ରେ କମ୍ ପିଲା ରହିଥିଲେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ବିଷୟ ଭଲ ଭାବେ ବୁଝାଇବା ଶିକ୍ଷକଙ୍କ ପାଇଁ ସହଜ ଓ ସମ୍ଭବ ହୋଇଯାଇଥାଏ। ସେହି ସଂସ୍ଥାକୁ ଏକ ଭଲ ସଂସ୍ଥା କୁହାଯାଇପାରିବ, ଯେଉଁଠାରେ ପାଠପଢ଼ାରେ ଦୁର୍ବଳ ଛାତ୍ରଛାତ୍ରୀଙ୍କ ସମେତ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ଉପରେ ସମ୍ପୂର୍ଣ୍ଣ ଧାନ ଦିଆଯାଉଥିବ। ସୁସ୍ଥ ଓ ସକାରାତ୍ମକ ଶିକ୍ଷଣ ପାଇଁ ଏହିଭଳି ଏକ ସଂସ୍ଥାନ ଚୟନ କରନ୍ତୁ, ଯାହା ଶ୍ରେଣୀଗୃହରେ ଛାତ୍ରଛାତ୍ରୀଙ୍କ ଆଦର୍ଶ ସଂଖ୍ୟା ଅନୁସରଣ କରୁଥିବ।

## ଟଙ୍କା ନୁହେଁ, ଭବିଷ୍ୟତ ମହତ୍ତ୍ୱପୂର୍ଣ୍ଣ ଅଟେ

ଛାତ୍ର ଜୀବନରେ ଯେକୌଣସି ପିଲାଙ୍କ ପାଇଁ ଏହି ସମୟ ବହୁତ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ ଯେବେ ସେ ନିଜ ଭବିଷ୍ୟତ କ୍ୟାରିୟର୍ ଗଢ଼ିବା ପାଇଁ ଯାତ୍ରା ଆରମ୍ଭ କରିଥାଏ। ଏହା ହେଉଛି ସେହି ସମୟ, ଯେବେ ପିଲାର ଭବିଷ୍ୟତ ପାଇଁ ଏକ ସୁଦୃଢ଼ ମୂଳଦୁଆ ସ୍ଥାପନ କରାଯାଇଥାଏ ।

ତେଣୁ ଏପରି ସମୟରେ, ଅଳ୍ପକିଛି ଟଙ୍କା ସଞ୍ଚୟ କରିବା ପାଇଁ ପିଲାର ଭବିଷ୍ୟତ ସହ କୌଣସି ବୁଝାମଣା କରାଯିବା ଉଚିତ ନୁହେଁ ଏବଂ ତାକୁ ପାଠ ପଢ଼ିବାର ଉତ୍ତମ ସୁଯୋଗ ଉପଲବ୍ଧ କରାଯିବା ଆବଶ୍ୟକ।

ଆପଣଙ୍କ ପିଲାର ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ ଏପରି କୋଚିଂ ସଂସ୍ଥା ଜରୁରୀ ଅଟେ, ଯେଉଁଠି ପିଲାର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାର ପ୍ରସ୍ତୁତି ପୂର୍ଣ୍ଣ ପ୍ରବଣତା ସହ କରାଯାଉଥିବ।

## ପିଲାର ଜିଦ୍ ଆଗରେ ହାର ମାନନ୍ତୁ ନାହିଁ, ବିବେକ ଖଟାଇ ନିଷ୍ପତ୍ତି ନିଅନ୍ତୁ

ଆପଣଙ୍କ ପିଲା କିଶୋରାବସ୍ଥାରେ ଥାଏ, ଯାହାକି ଜୀବନର ଏକ ଅତି କୋମଳ ପର୍ଯ୍ୟାୟ ହୋଇଥାଏ। ବୟସର ଏହି ସମୟରେ ପିଲା ନା ଛୋଟ ଥାଆନ୍ତି ନା ପୂରାପୂରି ବଡ଼ ବା ପରିପକ୍ୱ ହୋଇଥାଏ । ହେଲେ, ତାକୁ ଏପରି ଲାଗିଥାଏ ଯେ ସେ ଏବେ ବଡ଼ ହୋଇଯାଇଛି ଓ ନିଜ କଥାରେ ଆପଣଙ୍କୁ ରାଜି କରାଇବା ପାଇଁ ଜିଦ୍ ମଧ କରିଥାଏ। ସାଧାରଣତଃ ପିଲା ନିଜ ସାଙ୍ଗସାଥୀଙ୍କ ପ୍ରଭାବରେ ରହିଥାଏ ଏବଂ ତାକୁ ଲାଗିଥାଏ ଯେ ତା' ସାଙ୍ଗମାନେ ହିଁ ତା' କଥାକୁ ଠିକ୍ ଭାବେ ବୁଝୁଛନ୍ତି।

ଏପରି କ୍ଷେତ୍ରରେ, ତା' ସାଙ୍ଗମାନେ ଯେଉଁ କୋଚିଂ ସଂସ୍ଥାରେ ନାମ ଲେଖାନ୍ତି, ସେହିଠାରେ ହିଁ ସେ ନିଜର ନାମ ଲେଖାଇବା ପାଇଁ ଜିଦ୍ କରିଥାଏ। ଏ ମାମଲାରେ, ଆପଣଙ୍କ କର୍ତ୍ତବ୍ୟ ହେଉଛି ନିଜର ପରିପକ୍ୱତା ଦେଖାଇବା ଏବଂ ଠିକ୍ ପସନ୍ଦ କରିବାରେ ତାହାକୁ ସାହାଯ୍ୟ କରିବା। ଏପରି ନ ହେଉ କି ତା' ଜିଦ୍ ଆଗରେ ମୁଣ୍ଡ ନୁଆଁଇ ଆପଣ କୌଣସି ଭୁଲ୍ ସଂସ୍ଥା ଚୟନ କରିବସନ୍ତି। ପିଲା କହୁଥିବା ସଂସ୍ଥାରେ ନାମଲେଖାଇବା ପୂର୍ବରୁ ପ୍ରଥମେ ସେ ସଂସ୍ଥା ସମ୍ପର୍କରେ ସବୁକିଛି ଯାଞ୍ଚ କରିନେବା ଆବଶ୍ୟକ, ଯାହାଦ୍ୱାରା ଆପଣଙ୍କ ଝାଳବୁହା ଧନ ଓ ପିଲାର ଭବିଷ୍ୟତ ବ୍ୟର୍ଥ ନ ହେବାକୁ ନେଇ ଆପଣ ଆଶ୍ୱସ୍ତ ହୋଇପାରିବେ।

## ମିଥ୍ୟା ଦାବି ଓ ପ୍ରତିଶ୍ରୁତିରେ ଭଳିଯାଆନ୍ତୁ ନାହିଁ, ତଥ୍ୟର ଯାଞ୍ଚ ନିଜେ କରନ୍ତୁ

ଆଜିକାଲି କେତେକ ସଂସ୍ଥା ଏପରି ବିଜ୍ଞାପନ ପ୍ରକାଶିତ କରିବାକୁ ଲାଗିଲେଣି, ଯେଉଁଥିରେ ସେମାନେ ମିଥ୍ୟା ରେଜଲ୍ଟସ୍ ଦେଖାଇ ଅଭିଭାବକମାନଙ୍କୁ ଭ୍ରମିତ କରିଥାନ୍ତି। ତେଣୁ ଜଣେ ଦାୟିତ୍ୱବାନ୍ ଅଭିଭାବକ ଭାବେ ଆପଣଙ୍କର ଦାୟିତ୍ୱ ହେଉଛି କୌଣସି ସଂସ୍ଥା ଦ୍ୱାରା ଦିଆଯାଇଥିବା ରେଜଲ୍ଟ ଉପରେ ଆଖି ବନ୍ଦ କରି ଭରସା କରନ୍ତୁ ନାହିଁ ବରଂ ସେମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟଗୁଡ଼ିକୁ ବ୍ୟକ୍ତିଗତ ସ୍ତରରେ ଯାଞ୍ଚ କରନ୍ତୁ ଏବଂ ତା' ପରେ ହିଁ ଆପଣଙ୍କୁ ଠିକ୍ ଲାଗୁଥିବା ସଂସ୍ଥା ଉପରେ ବିଶ୍ୱାସ କରନ୍ତୁ।

## କନ୍‌ସେପ୍ଟୱାଇଜ୍ ଟ୍ରାକିଂ ସିଷ୍ଟମ୍

ଛାତ୍ରଛାତ୍ରୀଙ୍କ ପ୍ରସ୍ତୁତିର ଠିକ୍ ମାପଦଣ୍ଡ ପ୍ରଣାଳୀ ରହିବା ମଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କେବଳ ବିଷୟ ନୁହେଁ, ବରଂ ବିଷୟର ବିଭିନ୍ନ କନ୍‌ସେପ୍ଟରେ ଛାତ୍ର ଦୃଢ଼ କି ଦୁର୍ବଳ ତାହାର ଆକଳନ ନିରନ୍ତର ଭାବେ କରାଯିବା ଆବଶ୍ୟକ।

## ସଫଳତା ର ମୂଳମନ୍ତ୍ର

### ସକାରାତ୍ମକ ଚିନ୍ତାଧାରା ବଜାୟ ରଖନ୍ତୁ

ପ୍ରସ୍ତୁତି ପାଇଁ ସମୟ କମ୍ ଅଛି, ତେଣୁ ମାନସିକ ଚାପ ମଧ ରହିବା ସ୍ୱାଭାବିକ କଥା। କିନ୍ତୁ, ଏପରି ସ୍ଥିତିରେ ମାନସିକ ଚାପରୁ ଦୂରେଇ ରହିବା ପାଇଁ ସକାରାତ୍ମକ ଚିନ୍ତାଧାରା ବଜାୟ ରଖନ୍ତୁ ଏବଂ ନିଜ ଧାନକୁ ସମ୍ପୂର୍ଣ୍ଣ ରୂପେ ପରୀକ୍ଷାର ପ୍ରସ୍ତୁତିରେ ଲଗାଇ ରଖନ୍ତୁ। ନକାରାତ୍ମକ ଚିନ୍ତାଧାରା ପୋଷଣ କଲେ, ଆପଣ ନିଜ ଉପରେ ସନ୍ଦେହ କରିବାକୁ ଲାଗିବେ ଏବଂ ନିଜର ପୂର୍ଣ୍ଣ ସାମର୍ଥ୍ୟ ସହ ନିଜର ପ୍ରସ୍ତୁତି କରିପାରିବେ ନାହିଁ।

### ସଫଳତା ପାଇଁ ଦୁଶ୍ଚିନ୍ତା ଓ ମାନସିକ ଚାପରୁ ଦୂରେଇ ରୁହନ୍ତୁ

ଭଲ ନମ୍ବର ଆଣିବାର ଚାପ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ଉପରେ ରହିଥାଏ, କିନ୍ତୁ ଏହି ଚାପକୁ ନିଜ ଉପରେ ବଶବର୍ତ୍ତୀ ହେବାକୁ ଦିଅନ୍ତୁ ନାହିଁ । ପ୍ରସ୍ତୁତି ସମୟରେ ଅଭିଭାବକଙ୍କ ପ୍ରତ୍ୟାଶା ଓ ସାଙ୍ଗସାଥୀଙ୍କ ମଧ୍ୟରେ କଡ଼ା ପ୍ରତିଯୋଗିତା ଭଳି କଥାକୁ ନେଇ ନିଜ ମନୋବଳକୁ ପ୍ରଭାବିତ ହେବାକୁ ଦିଅନ୍ତୁ ନାହିଁ। ଯାହା ବି ହୋଇଯାଉ ନା କାହିଁକି, ଚାପ ଓ ଦୁଶ୍ଚିନ୍ତାରୁ ନିଜକୁ ମୁକ୍ତ ରଖନ୍ତୁ, ଦେଖିବେ ସଫଳତା ନିଶ୍ଚୟ ପାଇବେ।

### ସମୟ ପ୍ରବନ୍ଧନ ଜରୁରୀ ଅଟେ

- ପ୍ରତ୍ୟେକ ବିଷୟକୁ ପଢ଼ିବା ପାଇଁ ସମୟ ସ୍ଥିର କରନ୍ତୁ।
- ନିଜ ଦୈନନ୍ଦିନ ଗତିବିଧିଗୁଡ଼ିକର ଏକ ସମୟ ସ୍ଥିର କରନ୍ତୁ।
- ପ୍ରସ୍ତୁତିର ଶେଷ ପର୍ଯ୍ୟାୟରେ ଅଣ-ଅତ୍ୟାବଶ୍ୟକ କାର୍ଯ୍ୟଗୁଡ଼ିକୁ କମାଇଦିଅନ୍ତୁ।
- କ'ଣ ପଢ଼ିବାର ଅଛି, କିପରି ପଢ଼ିବାର ଅଛି, କ'ଣ ପଢ଼ିବାର ନାହିଁ ଏ ବାବଦରେ ସ୍ପଷ୍ଟତା ରହିବା ଆବଶ୍ୟକ।
- ଖାଇବା ଓ ଶୋଇବା ମଧ ଆପଣଙ୍କ ପାଇଁ ଜରୁରୀ, ଏକଥା ଧାନରେ ରଖନ୍ତୁ।
- ଭଲ ମାର୍କ ଆଣିବା ପାଇଁ ନିଜ କାର୍ଯ୍ୟଗୁଡ଼ିକୁ ଛୋଟ ଛୋଟ ଲକ୍ଷ୍ୟରେ ବିଭାଜିତ କରନ୍ତୁ।


# FIITJEE - ୨୭ ବର୍ଷ ଧରି ଅସାଧାରଣ ପ୍ରଦର୍ଶନ, ନୈତିକତା, ପ୍ରତିବଦ୍ଧତା ଏବଂ କଠୋର ପରିଶ୍ରମର ପ୍ରତୀକ

## ଜେଇଇ ମେନ୍ ଏବଂ ଆଡ୍‌ଭାନ୍ସଡ୍‌ରେ ଉତ୍କୃଷ୍ଟ ପ୍ରଦର୍ଶନ - ଏକ ପରମ୍ପରା

JEE Advanced 2018

କଳଶ ଗୁପ୍ତା
AIR - 3
Four Year Classroom Program

JEE Advanced 2017

ଅନନ୍ୟ ଅଗ୍ରୱାଲ
AIR - 3
Three Year Classroom Program

JEE Advanced 2016

କାର୍ତ୍ତିକ ପାଟେକର
AIR - 6
Intensive Classroom Program

JEE Main (Jan) 2019

ହିମାଂଶୁ ଗୌରବ ସିଂ
100 Percentile
Three Year Classroom Program

JEE Main (Jan) 2019

ନମନ ଗୁପ୍ତା
100 Percentile
Three Year Classroom Program

JEE Main 2018

ପାର୍ଥ ଲତୁରିଆ
AIR - 3
Intensive Classroom Program

JEE Main 2017

ଅନନ୍ୟ ଅଗ୍ରୱାଲ
AIR - 3
Three Year Classroom Program

JEE Main 2016

ପ୍ରତ୍ୟୁଷ ମୈନୀ
AIR - 2
Two Year Classroom Program

*AIR - All India Rank*

## ସଂସ୍ଥା ଏକ ସଫଳତା ଅନେକ
(ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ସଂଖ୍ୟା)

| RMO 2017-18 | NTSE (Scholarships) 2018 | NSE 2017-18 | KVPY (Fellowships) 2018 | KVPY (Stage-1) 2018-19 | JEE Advanced 2018 | JEE Main 2018 |
|---|---|---|---|---|---|---|
| 264 | 402 | 489 | 698 | 959 | 3826 | 10544 |

## FIITJEE ଛାତ୍ରଛାତ୍ରୀଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ଜାରି

ଷ୍ଟେଟ୍ ଟପର୍ JEE Advanced 2018 — 11

ସିଟି ଟପର୍ JEE Advanced 2018 — 23

## ଅଦ୍ୱିତୀୟ ପ୍ରଦର୍ଶନ ସିବିଏସ୍‌ଇ ଏବଂ ଆଇଏସ୍‌ସି ଶ୍ରେଣୀ ଦ୍ୱାଦଶ 2018ରେ

ସିବିଏସ୍‌ଇ ବୋର୍ଡ ଫଳାଫଳ
ଅଲ୍ ଇଣ୍ଡିଆ ଟପର୍
ବିଜ୍ଞାନ ଶୃଙ୍ଖଳାରେ

99.40 ପ୍ରତିଶତ
ଅଙ୍କ-497/500
କ୍ଷିତିଜ ଆନନ୍ଦ
Pinnacle - Two Year Integrated School Program switched from Four Year

ଆଇଏସ୍‌ସି ବୋର୍ଡ ଫଳାଫଳ
ଅଲ୍ ଇଣ୍ଡିଆ ଟପର୍
ବିଜ୍ଞାନ ଶୃଙ୍ଖଳାରେ

99.60 ପ୍ରତିଶତ
ଅଙ୍କ-498/500
ସାକ୍ଷୀ ପ୍ରଦ୍ୟୁମ୍ନ
Pinnacle - Two Year Integrated School Program

## ଟପର୍ସ କୁହନ୍ତି - FIITJEE ହେଉଛି ବେଷ୍ଟ, କାରଣ ଏଠାରେ ଠିକ୍ ମାର୍ଗଦର୍ଶନ ଅଛି, ଚାପମୁକ୍ତ ପରିବେଶ ଅଛି ଏବଂ ଶିକ୍ଷାଗତ ପ୍ରତିଯୋଗିତା ଅଛି


All India Rank - 3
in JEE Advanced 2018

**କଳଶ ଗୁପ୍ତା**
**Four Year Classroom Program**
ମୁଁ ଗର୍ବର ସହ ଏହା କହିପାରିବି କି ମୋର FIITJEE ଜଏନ୍ କରିବା ପ୍ରକୃତରେ ସର୍ବଶ୍ରେଷ୍ଠ ନିଷ୍ପତ୍ତି ଥିଲା। ସ୍ୱାଭାବିକ, ବିନା ବାଧାବିଘ୍ନରେ, ଚାପମୁକ୍ତ ଏବଂ ଏକ ସହଜ ମାର୍ଗ, ଏସବୁ ଉପନାମ ମୋର FIITJEE ଜର୍ନିକୁ ଦର୍ଶାଇଥାଏ। ଏଠାକାର ଅଧ୍ୟାପକମାନେ ବହୁତ ସପୋର୍ଟିଭ୍, ସେମାନଙ୍କ ଗାଇଡାନ୍ସରେ ମୁଁ ଜେଏସ୍‌ଟିଏସ୍‌ଇ, ଏନ୍‌ଏମ୍‌ଟିସି, ଆଇଏନ୍‌ସିଏଚ୍‌ଓ, ଆଇଏନ୍‌ପିଏଚ୍‌ଓ ଭଳି ଅନେକ ପରୀକ୍ଷାରେ ସଫଳତା ପ୍ରାପ୍ତ କରିଛି। ମୁଁ ନିଜ ସଫଳତାର ଶ୍ରେୟ FIITJEE କୁ ଦେଉଛି।


All India Rank - 5
in JEE Advanced 2018

**ଏମ୍.ଏସ୍.କେ. ମନୋହର**
**Pinnacle - Two Year Integrated School Program**
FIITJEE ସହିତ ମୋର ଦୁଇ ବର୍ଷର ଜର୍ନି ବହୁତ ଉତ୍କୃଷ୍ଟ ରହିଛି। FIITJEE ମୋତେ କେବଳ ଏକ ଛାତ୍ର ଭାବେ ସପୋର୍ଟ କରିଛି ତାହା ନୁହେଁ, ବରଂ ମାନସିକ ଓ ଆର୍ଥିକ ରୂପେ ମଧ ସହଯୋଗ ଦେଇଛି। ଏଠାକାର ପରିବେଶ ଅତି ପ୍ରତିଯୋଗିତାପୂର୍ଣ୍ଣ, ଯେଉଁଠି ଫିଜିକ୍ସ, କେମିଷ୍ଟ୍ରି, ମ୍ୟାଥ୍‌ସର ଫଣ୍ଡାମେଣ୍ଟାଲ୍‌ସକୁ ମଜଭୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଥାଏ। ସହଯୋଗ ଏବଂ ମାର୍ଗଦର୍ଶନ ପାଇଁ ମୁଁ FIITJEE କୁ ଧନ୍ୟବାଦ ଦେଉଛି।


All India Rank - 18
in JEE Advanced 2018

**ଶିବମ୍ ଗୋୟଲ**
**Two Year Classroom Program**
FIITJEEରେ ସମସ୍ତ କନ୍‌ସେପ୍ଟସ୍ ଠିକ୍ ଭାବେ ପଢ଼ାଯାଏ। ଏହା ନିଜର ବିଶାଳ ଟେଷ୍ଟିଂ ସିଷ୍ଟମ୍ ପାଇଁ ପ୍ରସିଦ୍ଧ। FIITJEEର ପାଠ୍ୟସାମଗ୍ରୀ ଅନେକ ରିସର୍ଚ୍ଚ ପରେ ପ୍ରସ୍ତୁତ କରାଯାଇଥାଏ। ଏହାକୁ ପଢ଼ିଲେ ସମସ୍ତ କନ୍‌ସେପ୍ଟ ଏବଂ ସବୁ ପ୍ରକାର ପ୍ରବ୍ଲେମ୍ କଭର୍ ହୋଇଯାଏ। ଏଠାରେ ପ୍ରତି ସପ୍ତାହ ଓ ମାସରେ ଟେଷ୍ଟ ହୋଇଥାଏ, ଯାହାଦ୍ୱାରା ସ୍ପିଡ୍ ଏବଂ ଆକ୍ୟୁରେସି ଇମ୍ପ୍ରୁଭ୍ ହୋଇଥାଏ। ମୁଁ FIITJEEର ଶିକ୍ଷକ ଓ ସେମାନଙ୍କ ଟିମ୍‌କୁ ସେମାନଙ୍କ ସମର୍ଥନ ଓ ମାର୍ଗଦର୍ଶନ ପାଇଁ ଧନ୍ୟବାଦ ଦେଉଛି।


All India Rank - 19
in JEE Advanced 2018

**ଶଲଭ ଗୁପ୍ତା**
**Four Year Classroom Program**
FIITJEE ମୋତେ ଜଣେ ହାରାହାରି ଛାତ୍ରରୁ କୁଶଳ ଛାତ୍ରରେ ପରିବର୍ତ୍ତନ କରିଛି। ଏଠାକାର ପରିବେଶ ବହୁତ ପ୍ରେରଣାଦାୟକ। FIITJEE ଦ୍ୱାରା ଦିଆଯାଇଥିବା ପାଠ୍ୟସାମଗ୍ରୀ ସମସ୍ତ ବିଷୟକୁ ସମ୍ମିଳିତ କରିଥାଏ। ଏହା ସହିତ ଏଥିରେ କଠିନ ପ୍ରଶ୍ନଗୁଡ଼ିକର ମଧ ସମ୍ପୂର୍ଣ୍ଣ ମିଶ୍ରଣ ରହିଥାଏ। FIITJEE ମୋ ସଫଳତାର ମୂଳଦୁଆ ରଖିଛି, ଯେଉଁ କାରଣରୁ ମୁଁ ଜେଇଇରେ ଭଲ ପ୍ରଦର୍ଶନ କରିପାରିଛି। ମୁଁ ନିଜ ଜୁନିୟରମାନଙ୍କୁ ଏହି ପରାମର୍ଶ ଦେବି ଯେ FIITJEE ଟେଷ୍ଟ ସିରିଜ୍‌ରେ ଭାଗ ନିଅନ୍ତୁ, କାରଣ ଏହା ପରୀକ୍ଷାର କଠିନ ପରିସ୍ଥିତିରେ ଆପଣଙ୍କୁ ସହାୟତା କରିଥାଏ।

ସୂଚନା: ଉପରପ୍ରଦତ୍ତ ଟେଷ୍ଟିମୋନିଆଲ୍ ଛାତ୍ରମାନଙ୍କ ପୂର୍ଣ୍ଣ ଟେଷ୍ଟିମୋନିଆଲ୍‌ର ଅଂଶ ଅଟେ ଏବଂ ଏ ସବୁ ଟେଷ୍ଟିମୋନିଆଲ୍ ଇଂରାଜୀ ଭାଷାରେ ଲେଖାଯାଇଥିଲା, ଯାହାର ଓଡ଼ିଆ ଅନୁବାଦ କରାଯାଇଛି। ଏହି ଆଲେଖ୍ୟରେ କରାଯାଇଥିବା ଦାବିଗୁଡ଼ିକର ସତ୍ୟତାର ପୂର୍ଣ୍ଣ ସୂଚନା ସମ୍ବନ୍ଧୀୟ ବ୍ୟକ୍ତି/ସଂସ୍ଥା ନିକଟରେ ଅଛି।

## FIITJEE ର ବିଶେଷତା ସଭିଙ୍କ ପାଇଁ ଆଦର୍ଶ

ଦ୍ୱାଦଶ ଶ୍ରେଣୀ ପରେ ଯେବେ ଛାତ୍ର ନିଜ କ୍ୟାରିୟର୍ ଅଭିମୁଖେ ପ୍ରଥମ ପାଦ ବଢ଼ାନ୍ତି, ତେବେ ତାଙ୍କୁ ଠିକ୍ ମାର୍ଗଦର୍ଶନର ଆବଶ୍ୟକତା ରହିଥାଏ। ଏପରି ସମୟରେ ଜେଇଇ ମେନ୍ ଓ ଜେଇଇ ଆଡ୍‌ଭାନ୍ସଡ୍ ଭଳି ମହତ୍ତ୍ୱପୂର୍ଣ୍ଣ ପରୀକ୍ଷାର ପ୍ରସ୍ତୁତି ପାଇଁ FIITJEEରୁ ଭଲ ଅନ୍ୟ କୌଣସି ବିକଳ୍ପ ନାହିଁ। କାରଣ ଏଠାରେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତରୁ ବଡ଼ ଆଉ କିଛି ନାହିଁ ଏବଂ ଏହି କାରଣରୁ ୨୭ ବର୍ଷ ଧରି ନିରନ୍ତର ଏହି କୋଚିଂ ଇନ୍‌ଷ୍ଟିଚ୍ୟୁଟ୍ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତିରେ ଏକ ନମ୍ବର ସ୍ଥାନ ବଜାୟ ରଖିଛି।

### ଏହି ବିଶେଷତାଗୁଡ଼ିକ କ'ଣ

ଏଠାରେ ଅନେକ ଏପରି ବିଶେଷତା ରହିଛି, ଯାହା ଏହାକୁ ଅନ୍ୟ କୋଚିଂ ସଂସ୍ଥାରୁ ଅଲଗା କରିଥାଏ।

- ଏହା ଏପରି ପ୍ରଥମ ସଂସ୍ଥା, ଯିଏକି ସାରାଦେଶରେ ଅଲ୍ ଇଣ୍ଡିଆ ଟେଷ୍ଟ ସିରିଜ୍ ଆରମ୍ଭ କରିଥିଲା ଏବଂ ଆଜି ଏହି ସିରିଜ୍ ସାରା ଦେଶରେ ମାନକରେ ପରିଣତ ହୋଇଛି।
- ଆଇଆଇଟି ଜେଇଇ ପ୍ରସ୍ତୁତି ପାଇଁ ଇଚ୍ଛୁକ ଛାତ୍ରଛାତ୍ରୀଙ୍କ ବୁଦ୍ଧିମତ୍ତା ଏବଂ କ୍ଷମତାର ଆକଳନ କରିବା ପାଇଁ ଏହି ସଂସ୍ଥା ଦ୍ୱାରା ଆଇକ୍ୟୁ ଟେଷ୍ଟ ମଧ ଆରମ୍ଭ କରାଯାଇଛି।
- ଏହି ଟେଷ୍ଟରେ ପ୍ରାପ୍ତ ଅଙ୍କ ଆଧାରରେ ଏହି ସଂସ୍ଥାନ ନିଜ ଛାତ୍ରଛାତ୍ରୀଙ୍କ ର୍‍ୟାଙ୍କ ପୋଟେନ୍ସିଆଲ୍ (ଆରପିଆଇ)ର ନିର୍ଭୁଲ ଆକଳନ କରିପାରିଥାଏ।
- ଏହା ବ୍ୟତୀତ ପିନାକଲ୍, ସୁପ୍ରିମ୍ ଏବଂ ଉଦୟ ପ୍ଲସ୍ ଭଳି ବିଶେଷ ପ୍ରୋଗ୍ରାମ୍ ସ୍କୁଲ୍ ଶିକ୍ଷା ସ୍ତରରେ ବୈପ୍ଳବିକ ପରିବର୍ତ୍ତନ ଆଣୁଛି।
- FIITJEEରେ ଏକଥାକୁ ବହୁତ ମହତ୍ତ୍ୱ ଦିଆଯାଏ ଯେ ପ୍ରତିଭାଶାଳୀ ଛାତ୍ରଛାତ୍ରୀମାନେ ଯେପରି କୌଣସି ବାଧାବିଘ୍ନର ସମ୍ମୁଖୀନ ନ ହୁଅନ୍ତୁ। ଏହି ଉଦ୍ଦେଶ୍ୟ ସହିତ ଇନ୍‌ଷ୍ଟିଚ୍ୟୁଟ୍ ତରଫରୁ ଫର୍ଚୁନେଟ୍ ୪୦ ନାମକ ଏକ କାର୍ଯ୍ୟକ୍ରମ କରାଯାଉଛି, ଯାହା ଅଧୀନରେ ଆର୍ଥିକ ରୂପେ ଦୁର୍ବଳ କିନ୍ତୁ ପ୍ରତିଭାଶାଳୀ ଛାତ୍ରଛାତ୍ରୀଙ୍କୁ ମାଗଣାରେ କୋଚିଂ ପ୍ରଦାନ କରାଯାଉଛି।
- FIITJEEର ନୂଆ ଶିକ୍ଷା ପ୍ରଣାଳୀ e-Cult Metamorphosis (eCM) ଦ୍ୱାରା ଛାତ୍ରଛାତ୍ରୀଙ୍କ ବିଭିନ୍ନ ପାଠ୍ୟକ୍ରମ ଏବଂ ପରୀକ୍ଷା ପଦ୍ଧତିକୁ Online modeରେ e-Notebook ମାଧ୍ୟମରେ କରାଯାଏ। ଏହି ଅତ୍ୟାଧୁନିକ ଶିକ୍ଷା ପ୍ରଣାଳୀର ଉପଯୋଗ କରି, FIITJEEର ଶିକ୍ଷକ e-Assignments ଦ୍ୱାରା ଛାତ୍ରଛାତ୍ରୀଙ୍କୁ ଦୁର୍ବଳ ଦିଗ ଏବଂ ସେମାନଙ୍କ ପ୍ରୟାସରେ ପୂର୍ଣ୍ଣତା ଏବଂ ସହଜ ନଜର ରଖିପାରିବେ।
  ଏହି ନବୀନତମ ଶିକ୍ଷା ପ୍ରଣାଳୀରେ ଛାତ୍ର, ଅଭିଭାବକ ଏବଂ ଶିକ୍ଷକ ଅତ୍ୟନ୍ତ ଲାଭାନ୍ୱିତ ହେଉଛନ୍ତି।
- FIITJEEର କନ୍‌ସେପ୍ଟୱାଇଜ୍ ଟ୍ରାକିଂ ସିଷ୍ଟମ୍ ସାରାଦେଶରେ ପ୍ରସିଦ୍ଧ। AITS, Phase Test, Open Test ଭଳି ପରୀକ୍ଷାର ମାପଦଣ୍ଡ ଦ୍ୱାରା ଛାତ୍ରଛାତ୍ରୀଙ୍କ ଠିକ୍ ଆକଳନ ହେବା ସହିତ ସେମାନଙ୍କ ପ୍ରସ୍ତୁତି ଏବଂ ଅଭାବର ନିର୍ଭୁଲ ମୂଲ୍ୟାଙ୍କନ ସମୟ ସମୟରେ କରାଯାଏ।

## FIITJEE ବେଷ୍ଟ କାହିଁକି

- ଜେଇଇ, ବୋର୍ଡ, ଅନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷାର ପରିଣାମ – FIITJEEର ଉତ୍କୃଷ୍ଟତାର ପ୍ରମାଣ।
- ଅନୁକୂଳ ବ୍ୟାଚ୍ ସାଇଜ୍‌ରେ ପାଠ ପଢ଼ାଯାଏ, ଯାହାଦ୍ୱାରା ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ମଧ୍ୟରେ ସମ୍ବାଦ ଓ ବୁଝାମଣା ବଜାୟ ରହିବ।
- ଅତୁଲ୍ୟ ଶିକ୍ଷା ପ୍ରଣାଳୀ, ଉତ୍କୃଷ୍ଟ ପରିଣାମର ଉତ୍ପ୍ରେରକ।
- ଦେଶ ବିଦେଶରେ ସ୍ଥାପିତ ୮୬ ଗୋଟି ଶାଖା।
- FIITJEEର ପ୍ରବେଶ ପରୀକ୍ଷା – ଛାତ୍ରଛାତ୍ରୀଙ୍କ କ୍ଷମତାର ସଠିକ୍ ମାପକ।
- ସାରାଦେଶର ବିଭିନ୍ନ ଶାଖାରେ ଅଭିଜ୍ଞ ଏବଂ ପ୍ରତିଭାଶାଳୀ ଶିକ୍ଷକମାନଙ୍କର ଉପସ୍ଥିତି।
- ଶାନ୍ତ ଏବଂ ଚାପମୁକ୍ତ ପରିବେଶରେ ପାଠପଢ଼ା।
- ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ଉପରେ ପୂରା ଧାନ ଦିଆଯାଏ।
- ସରଳ ଏବଂ ବିସ୍ତୃତ ଭାଷାରେ ପାଠ୍ୟ ସାମଗ୍ରୀ ଉପଲବ୍ଧ।
- ପତ୍ରଯୋଗାଯୋଗ ଦ୍ୱାରା ପାଠପଢ଼ାର ବ୍ୟବସ୍ଥା ରହିଛି।

> ପ୍ରତ୍ୟେକ ମଣିଷ ଯେ ଜଣେ କଳାକାର ହେବ, ତା'ନୁହେଁ। କିନ୍ତୁ ପ୍ରତି ମଣିଷର କଳାତ୍ମକ ଚିତ୍ତବୃତ୍ତି ଉନ୍ନତ ହେବା ଉଚିତ। ତା'ର ରୁଚି ସୁଶିକ୍ଷିତ -ତା'ର ମାର୍ଜିତ ସୌନ୍ଦର୍ଯ୍ୟବୋଧ-ରୂପ ଓ ରଙ୍ଗ ପ୍ରତି ଅନ୍ତର୍ଦୃଷ୍ଟି ଏବଂ ତା'ଭିତରେ ଯାହା ପ୍ରକାଶ ପାଏ – ତାହା ଅଭ୍ୟାସଗତ ଭାବେ ସକ୍ରିୟ, ସଂଶୋଧିତ, ଯଥାଯଥ ଓ ସମ୍ବେଦନଶୀଳ ହେବା ଉଚିତ। –ଶ୍ରୀଅରବିନ୍ଦ



# ଆପ୍ରବାସୀଙ୍କ ପ୍ରତି ଘୃଣା



ଆକାର ପଟେଲ

ନ୍ୟୁଜିଲାଣ୍ଡ ଗଣହତ୍ୟା ଖବର ଶୁକ୍ରବାର ସକାଳେ ରେଡିଓରୁ ଜାଣିଲି। ଶନିବାର ସକାଳେ ଖବରକାଗଜରୁ ପଢ଼ିଲି ଯେ ଆକ୍ରମଣ ପରେ ୯ ଜଣ ଭାରତୀୟ ମଧ୍ୟ ନିଖୋଜ ଅଛନ୍ତି। ସେମାନେ ଅହମଦାବାଦ ଓ ହାଇଦ୍ରାବାଦର ଲୋକ। ସବୁଦିନ ସକାଳେ ମୁଁ ବିବିସି ରେଡିଓରୁ ଖବର ଶୁଣେ। ଗୁଳିକାଣ୍ଡ ଖବର ପ୍ରସାରଣ ପରେ କମେଣ୍ଟାରୀ (ବ୍ୟାଖ୍ୟାନ) ଅନ୍ୟ କାହାଣୀ ଆଡ଼କୁ ଗତି କରିଥିଲା।

ଅଷ୍ଟ୍ରେଲିଆକୁ ଆସିଥିବା ପ୍ରଥମ ପିଆନୋ ମରାମତି ପାଇଁ ଇଂଲଣ୍ଡ ପଠାଯାଇଥିଲା। କାରଣ ଏହା ସେଠାରେ ତିଆରି ହୋଇଥିଲା। ଏହା ୧୧ଟି ଜାହାଜ ସହ ୧୭୮୮ ଜାନୁୟାରୀରେ ଅଷ୍ଟ୍ରେଲିଆ ଆସିଥିଲା, ଯାହାକୁ କୁହାଯାଏ ପ୍ରଥମ ଜାହାଜ-ସମୂହ। ଏଗୁଡ଼ିକ ଇଂଲଣ୍ଡର ପୋର୍ଟସ୍‌ମାଉଥରୁ ଆସିଥିବା ମୂଳ ଜାହାଜ, ଯାହା ସାହାଯ୍ୟରେ ୟୁରୋପୀୟମାନେ ଅଷ୍ଟ୍ରେଲିଆକୁ ଆସି ସେଠାରେ ଉପନିବେଶ ସ୍ଥାପନ ଆରମ୍ଭ କରିଥିଲେ। ଏହା ମରହଟ୍ଟା ଓ ଆଫଗାନମାନଙ୍କ ମଧ୍ୟରେ ହୋଇଥିବା ଶେଷ ପାନିପଥ ଯୁଦ୍ଧ ପରର ଏବଂ ମୋଗଲ ସାମ୍ରାଜ୍ୟ ପତନର ବହୁ ପର ଘଟଣା। ବ୍ରିଟିଶ୍‌ମାନେ ୧୬୦୮ରେ ସୁରତ ଆସିଥିଲେ। ତେଣୁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଉପନିବେଶ ସ୍ଥାପନ ପ୍ରକ୍ରିୟା ବହୁ ପରେ ଆରମ୍ଭ ହୋଇଥିଲା। ଏ ବିଷୟରେ ଜାଣିବା ପାଇଁ ଏବେ ଆଗ୍ରହ ସୃଷ୍ଟିହେବା ସ୍ୱାଭାବିକ କାରଣ ବିଶ୍ୱାସ କରାଯାଉଛି ଯେ, ନ୍ୟୁଜିଲାଣ୍ଡରେ ଯେଉଁ ଗୁଳିକାଣ୍ଡ ଘଟିଲା ତା' ସହ ଆପ୍ରବାସନ ଓ ବିଦେଶାଗତଙ୍କ ସମ୍ପର୍କ ଅଛି। ଗଣହତ୍ୟା ପୂର୍ବରୁ ଆତତାୟୀ ଏକ ନୋଟ୍‌ରେ ଲେଖିଛି ଯେ, ୟୁରୋପୀୟ ମାଟିରେ ଆପ୍ରବାସନ ହାର ସିଧାସଳଖ କମାଇବା ଉଦ୍ଦେଶ୍ୟରେ ସେ ଏହି ଗଣହତ୍ୟା ରଚନା କରିଛି। ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ (ଯେଉଁଠି ସେ ଜନ୍ମ ହୋଇଥିଲା)କୁ ସେ ୟୁରୋପୀୟ ଭୂମି ବୋଲି ମନେକରେ, ଯଦିଚ ୟୁରୋପୀୟମାନେ ସ୍ୱୟଂ ଆପ୍ରବାସୀ। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ୟୁରୋପୀୟଙ୍କ ଉପନିବେଶ ସ୍ଥାପନ ପରେ ସେଠାକାର ମୂଳ ଅଧିବାସୀ (ଆଦିବାସୀ)ଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଥିଲା। ୟୁରୋପୀୟଙ୍କ ଅତ୍ୟାଚାରରେ ସେଠାକାର ଆଦିବାସୀଙ୍କ ସଂଖ୍ୟା ହ୍ରାସ ପାଇବାକୁ ଲାଗିଲା। ବିଭିନ୍ନ ଜାଗା ଜୟ କରି ବିଦେଶୀମାନେ ନୂଆ ନୂଆ ନାମରେ ବସତି ସ୍ଥାପନ କଲେ। ଭିକ୍ଟୋରିଆ, ନ୍ୟୁ ସାଉଥ୍ ୱେଲ୍‌ସ, ୱେଲିଙ୍ଗ୍‌ଟନ, ଅକ୍‌ଲାଣ୍ଡ, କୁଇନ୍ସଲାଣ୍ଡ ପ୍ରଭୃତି ନାମ ସହ ଆମେ ଆଜି ପରିଚିତ। ଆଦିବାସୀମାନଙ୍କ ଇଚ୍ଛା ବିରୋଧରେ ଉପନିବେଶବାଦୀମାନେ ସେମାନେ ଅଧିକାର କରିଥିବା ସ୍ଥାନଗୁଡ଼ିକର ଏହିସବୁ ନାମ ଦେଇଛନ୍ତି। ନ୍ୟୁଜିଲାଣ୍ଡକୁ ବ୍ରିଟିଶ୍‌ମାନେ ସ୍ଥାନୀୟ ମାଓରି ଆଦିବାସୀଙ୍କଠାରୁ ୧୮୪୦ରେ ଦଖଲ କରିନେଇଥିଲେ।

ଆଦିବାସୀଙ୍କ ଭୂମି ଦଖଲ କରିନେବା ପରେ ମଧ୍ୟ ୟୁରୋପୀୟମାନେ ସେମାନଙ୍କ ପ୍ରତି ଅତିଶୟ ନିଷ୍ଠୁରତା ପ୍ରଦର୍ଶନ କରିଥିଲେ। ଆଇନ କରି ସେମାନେ ଆଦିବାସୀ ପିଲାମାନଙ୍କୁ ସେମାନଙ୍କ ମାତାପିତାଙ୍କଠାରୁ ଅଲଗା କରିଦେଉଥିଲେ। ଏହାକୁ ଏବେ କୁହାଯାଉଛି 'ଚୋରି ହୋଇଥିବା ପିଢ଼ି' ବା ଷ୍ଟୋଲ୍‌ନ ଜେନେରେଶନ। ଏହି ନୀତି ୧୯୬୦ ଦଶକ ପର୍ଯ୍ୟନ୍ତ ବଳବତ୍ତର ଥିଲା। ଏବେ ବି ସେଠାରେ ଆଦିବାସୀ ଲୋକମାନେ ନ୍ୟାୟିକ ବ୍ୟବସ୍ଥା ସମେତ ସବୁ କ୍ଷେତ୍ରରେ ପାତରଅନ୍ତରର ଶିକାର ହେଉଛନ୍ତି। ୟୁରୋପୀୟ ଉପନିବେଶବାଦ ଅଣ-ୟୁରୋପୀୟ ଦେଶଗୁଡ଼ିକରେ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ଆମେ ଯଦି ଆଜି କାନାଡା, ଭର୍ଜିନିଆ, ଜର୍ଜିଆ, ୱାଶିଂଟନ, ଆମେରିକା, ବଲିଭିଆ ଓ ଆର୍ଜେଣ୍ଟିନା ଆଦି ନାମଗୁଡ଼ିକ ସହ ପରିଚିତ ଅଛୁ, ତାହା ସେମାନଙ୍କ ଯୋଗୁ। ସେମାନେ ଏହିସବୁ ଦେଶ ବା ରାଜ୍ୟ ଜୟ କରି ଏହି ନାମଗୁଡ଼ିକ ସେମାନଙ୍କ ଉପରେ ଲଦିଦେଇଥିଲେ।

ୟୁରୋପୀୟ ଉପନିବେଶବାଦୀମାନେ ନିଜର ସୁରକ୍ଷା ପାଇଁ ବନ୍ଧୁକ ରଖିପାରିବେ ବୋଲି ନିୟମ କରିଥିଲେ। ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀ ଉକ୍ତ ଗଣହତ୍ୟା ପରେ କହିଛନ୍ତି ଯେ, ସେ ଦେଶର ବନ୍ଧୁକ ଆଇନରେ ପରିବର୍ତ୍ତନ କରିବେ। ଏହା ନିଶ୍ଚୟ ଭବିଷ୍ୟତ ହିଂସାକାଣ୍ଡକୁ ରୋକିପାରିବ। ଆଶ୍ଚର୍ଯ୍ୟଜନକ ଯେ, ସାଧାରଣ ଲୋକେ ଘରେ ଉଚ୍ଚ କ୍ଷମତାସମ୍ପନ୍ନ ରାଇଫଲ ରଖିବାକୁ କେତେକ ଦେଶର ସରକାର ଅନୁମତି ଦେଉଛନ୍ତି, ଯାହା କେବଳ ଯୁଦ୍ଧକ୍ଷେତ୍ରରେ ହିଁ ବ୍ୟବହାର ହେବା କଥା। ବନ୍ଧୁକ ରଖିବା ଉପରେ ନିୟନ୍ତ୍ରଣ ପ୍ରସ୍ତାବକୁ ଆମେରିକା ଗ୍ରହଣ ନ କରିବାରୁ ସେଠାରେ ସବୁଠାରୁ ବଡ଼ ଗଣହତ୍ୟା ଘଟିଥିଲା।

ଉଲ୍ଲେଖନୀୟ ଯେ, ଆତତାୟୀ ବ୍ରେଣ୍ଟନ ଟାରାଣ୍ଟର ବିଚାର ଅନୁସାରେ ଅନ୍ୟମାନେ ହିଁ କେବଳ ତାଙ୍କ ଦେଶରେ ଆପ୍ରବାସୀ ଭାବେ ରହିଛନ୍ତି ଓ ନିଜ ସଂସ୍କୃତିକୁ ତାଙ୍କ ଦେଶ ଉପରେ ଲଦି ଦେଉଛନ୍ତି। କିନ୍ତୁ ସେ ନିଜେ ଜାଣି ନ ଥିବେ ଯେ, ତାଙ୍କ ନାମ 'ଟାରାଣ୍ଟ' ଶବ୍ଦଟି ଏକ ବ୍ରିଟିଶ୍ ଶବ୍ଦରୁ ଆସିଛି ଯାହାର ଅର୍ଥ ହେଉଛି ଅନୁପ୍ରବେଶକାରୀ। ଟାରାଣ୍ଟଙ୍କ କହିବା ଅନୁସାରେ, ବିଦେଶୀମାନେ ତାଙ୍କ ଦେଶରେ ରହିଲେ ସେ ସେମାନଙ୍କୁ ଘୃଣା କରନ୍ତି ନାହିଁ। କିନ୍ତୁ ବିଦେଶୀମାନେ ଅନ୍ୟ ଲୋକର ଜାଗା ଦଖଲ କରି ବସବାସ କରିବାଟାକୁ ସେ ନାପସନ୍ଦ କରନ୍ତି। କିନ୍ତୁ ଆମେ ନିଜକୁ ପ୍ରଶ୍ନ କରିବା ଉଚିତ, କାହିଁକି ହିଂସ୍ର ବିଜେତା, ଅନୁପ୍ରବେଶକାରୀ ଓ ଉପନିବେଶବାଦୀଙ୍କ ବଂଶଧରମାନେ ନିଜକୁ ପୀଡ଼ିତ ବୋଲି ଭାବୁଛନ୍ତି। ଏହା ସ୍ୱାଭାବିକ ନୁହେଁ। ସତକଥା ହେଉଛି ଆପ୍ରବାସୀ ବିଶେଷତଃ ମୁସଲମାନଙ୍କ ବିରୋଧରେ ଏପରି ଭାବନା ଘୃଣା ଓ ଧର୍ମାନ୍ଧତାର ପରିବେଶରୁ ସୃଷ୍ଟି ହୋଇଛି, ଯାହା ଏବେ ବିଶ୍ୱବ୍ୟାପୀ ଦେଖିବାକୁ ମିଳୁଛି।

Email: aakar.patel@gmail.com

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | 0 | | C | | | E | | | 9 | | | 2 | |
| | | 1 | | | | | | | 2 | 7 | | 5 | | E |
| A | | 8 | | 1 | | | 0 | 7 | | | 6 | | | B |
| | 4 | | 6 | | | | | | | | | 1 | A | |
| | | | 3 | 5 | | 6 | | B | | | | 4 | | |
| | | | C | B | | | | 1 | | 4 | | | 3 | D |
| | | | 7 | | | 2 | | | C | | | | B | |
| 0 | | 6 | | | | | 3 | | 1 | | | C | | 4 |
| 3 | 2 | | | | 6 | | | | | | D | | | |
| 1 | 7 | | | | 2 | | 4 | D | 6 | B | 9 | 0 | | |
| | | 9 | | | | | | C | | 8 | 4 | | D | 5 |
| | 0 | | | | | 9 | | | D | E | 5 | 6 | 4 | |
| D | | 5 | | 4 | 0 | | B | | | | C | 9 | | 1 |
| E | 1 | | 5 | | | | 7 | | | | | | | |
| | | | | | | 3 | 2 | | | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 6 | A | 4 | B | 5 | 1 | 7 | C | E | 9 | 0 | 8 | 2 | D |
| 1 | 0 | 9 | A | 2 | D | E | 5 | 4 | 7 | B | 8 | 6 | C | 3 |
| E | 2 | D | 6 | 8 | C | 0 | A | 9 | 1 | 3 | 5 | 4 | 7 | B |
| 5 | 7 | B | 3 | 1 | E | D | 6 | 8 | 2 | 4 | C | 0 | A | 9 |
| 4 | 8 | C | 0 | 7 | 9 | B | 3 | 2 | A | 6 | D | 1 | E | 5 |
| 9 | D | 5 | B | E | 7 | 3 | C | 1 | 6 | 2 | 4 | A | 0 | 8 |
| C | 1 | 3 | 5 | 0 | 2 | 8 | 4 | 6 | 9 | A | 7 | D | B | E |
| 8 | 4 | 0 | D | 3 | A | 9 | E | 5 | C | 1 | B | 7 | 6 | 2 |
| A | B | 2 | C | 4 | 6 | 7 | D | 0 | 8 | 5 | E | 9 | 3 | 1 |
| 6 | E | 7 | 8 | 9 | 1 | A | 2 | B | 0 | D | 3 | 5 | 4 | C |
| B | 3 | 6 | 1 | 5 | 0 | 4 | 8 | A | D | E | 2 | C | 9 | 7 |
| D | C | 1 | E | A | B | 5 | 0 | 3 | 4 | 7 | 9 | 2 | 8 | 6 |
| 0 | A | E | 2 | D | 3 | C | 9 | 7 | 5 | 8 | 6 | B | 1 | 4 |
| 2 | 9 | 8 | 7 | C | 4 | 6 | B | D | 3 | 0 | 1 | E | 5 | A |
| 7 | 5 | 4 | 9 | 6 | 8 | 2 | 1 | E | B | C | A | 3 | D | 0 |

ଗତକାଲିର ଉତ୍ତର



ଚିତ୍ର-ଚରିତ୍ର

ନିରଞ୍ଜନ ପାଢ଼ୀ

# ଦୁଇଟି ଦୁର୍ଲଭ ଦୃଷ୍ଟାନ୍ତ

ସାମ୍ପ୍ରତିକ ଜନଜୀବନରେ ପ୍ରତିନିୟତ ଅନେକ ଘଟଣା ଆମ ଆଖିରେ ପଡୁଛି। ଘୃଣା, ଈର୍ଷା, ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା, ଜନ୍ମଦାତା ମାତାପିତାଙ୍କୁ ନିର୍ଯାତନା- ଏସବୁ ଘଟଣାର ଦୃଷ୍ଟାନ୍ତ ଆଦୌ ଦୁର୍ଲଭ ନୁହେଁ। ଅପରପକ୍ଷେ ଏହାର ବିପରୀତ ଦୃଷ୍ଟାନ୍ତଗୁଡ଼ିକ ଅତ୍ୟନ୍ତ ଦୁର୍ଲଭ ହୋଇ ଲୋକଲୋଚନରୁ ଦୂରେଇ ଗଲେଣି। ଦାରିଦ୍ର୍ୟର ଦାରୁଣ ଦୁର୍ଭାଗ୍ୟକୁ ସାଥିରେ ଧରି ମୁଣ୍ଡ ପୋତି କାନ୍ଦୁଥିବା ଲୋକଟିକୁ ଦେଖି ହସି ହସି ଚାଲିଯାଉଥିବା ଲୋକମାନଙ୍କ ଦୃଷ୍ଟାନ୍ତ ଅତ୍ୟନ୍ତ ସୁଲଭ ହୋଇଥିଲାବେଳେ ଅନ୍ୟର ଦୁଃଖ ଦେଖି ଜୀବନ ରାସ୍ତାରେ କିଛିକ୍ଷଣ ଅଟକି ଯାଉଥିବା ଲୋକଙ୍କ ଦୃଷ୍ଟାନ୍ତ ଅତ୍ୟନ୍ତ ଦୁର୍ଲଭ, ଅତି ମହର୍ଗ। ସେମାନେ କାଁ ଭାଁ ମିଳନ୍ତି, ଆଉ ଯେତେବେଳେ ମିଳନ୍ତି, ଘନ ଅନ୍ଧକାର ରାତିରେ ବିଜୁଳିର ଝଲକ ପରି ଚତୁର୍ଦ୍ଦିଗକୁ ଆଲୋକିତ କରିଯାଆନ୍ତି। ଦେହମନରେ ସଞ୍ଚାରି ଯାଆନ୍ତି ଶୀତଳ ଚନ୍ଦନର ସ୍ପର୍ଶ ପରି ଏକ ଦିବ୍ୟ ମୁଗ୍ଧ ଅନୁଭବ!

କଟକରେ ଅଟୋ ଚଳାଇ ପେଟ ପୋଷିବା ସହ ଗାଁରେ ରହୁଥିବା ପିଲାକବିଲାଙ୍କ ଭରଣପୋଷଣ କରୁଥିବା ଶରତ ସେଦିନ ରିଙ୍ଗ୍‌ରୋଡରେ ବିଡାନାସୀରୁ ବାଦାମବାଡ଼ି ଆସୁଥିଲା ବେଳେ ଶିଶୁଭବନ ପଛପଟେ ଦୁଇଜଣ ଯାତ୍ରୀଙ୍କୁ ଦେଖି ଅଟକି ଯାଇଥିଲେ। ଯାତ୍ରୀ ଦୁହେଁ ଥିଲେ ବାପ ଓ ତାଙ୍କ ବାରବର୍ଷର ପୁଅ। ଦୁହିଁଙ୍କୁ ଗାଡ଼ିରେ ବସାଇ ବାଦାମବାଡ଼ି ନେବା ଭିତରେ ଶରତ ଶୁଣିଥିଲେ ସେମାନଙ୍କ ଅଭିଶପ୍ତ ଜୀବନର କାହାଣୀ। ବାପା ମାହାଙ୍ଗାର ଜଣେ ଗରିବ ଦିନମଜୁରିଆ। ତାଙ୍କର ଏକମାତ୍ର ପୁଅକୁ ଦୁରାରୋଗ୍ୟ କର୍କଟ। ଗତ କେଇଦିନ ପୂର୍ବରୁ ଦୁହେଁ ଆସିଥିଲେ ଶିଶୁଭବନ। ସେଠାରୁ ପରୀକ୍ଷା ନିରୀକ୍ଷା ପରେ ପୁଣି ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର। ପନ୍ଦର ଦିନ ପରେ ଆଜି ଗାଁକୁ ଫେରିଯାଉଛନ୍ତି, ପାଖରେ ପଇସା ନ ଥିବାରୁ ସରକାରୀ ଡାକ୍ତରଖାନାରେ ହେଲେ ବି କେମୋ ଓ ଅନ୍ୟାନ୍ୟ କିଛି ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥର ଅଭାବ ହେତୁ ସେମାନଙ୍କର ଏ ପ୍ରତ୍ୟାବର୍ତ୍ତନ।

ଅଟୋ ଡ୍ରାଇଭର ଶରତ ଅନ୍ୟ ସବୁ ଡ୍ରାଇଭରଙ୍କ ପରି ତାଙ୍କ ଯାତ୍ରୀଙ୍କ ଦୁର୍ଭାଗ୍ୟର କାହାଣୀ ଶୁଣି ସାମାନ୍ୟ ସମବେଦନା ପ୍ରକାଶ କରି ତାଙ୍କ ରାସ୍ତାରେ ଚାଲିଯାଇ ପାରିଥାନ୍ତେ। ମାତ୍ର ସେ ଯାଇପାରିଲେ ନାହିଁ। ସେ ଗାଡ଼ି ବୁଲାଇଲେ, ବାପପୁଅ ଦୁହିଁଙ୍କୁ ନେଇ ନିଜ ବସାଘରେ ରଖିଲେ। ନିଜେ ରାନ୍ଧି ସେମାନଙ୍କୁ ଖାଇବାକୁ ଦେଲେ ଓ କେଉଁ ମୁଲକର ନବାବ ପରି ଘୋଷଣା କଲେ- ''ବିନା ଚିକିତ୍ସାରେ ତୁମେ ତୁମ ଘରକୁ ଫେରିପାରିବ ନାହିଁ।'' ସନ୍ଧ୍ୟାବେଳକୁ ଦୁହିଁଙ୍କୁ ସାଙ୍ଗରେ ଧରି କଟକରୁ ପ୍ରକାଶିତ ଏକ ବହୁଳ ପ୍ରସାରିତ ଖବରକାଗଜ ଅଫିସକୁ ଗଲେ ଓ ସେଠାରେ ତାଙ୍କର ଜଣେ ପୂର୍ବପରିଚିତ କର୍ମଚାରୀଙ୍କ ସହାୟତାରେ ସମ୍ପାଦକଙ୍କୁ ଭେଟି ବାପର ଦାରିଦ୍ର୍ୟ ଓ ପୁଅର ରୋଗ କଥା କହି ତାଙ୍କର ସାହାଯ୍ୟ କାମନା କଲେ। ଉଦାର ସମ୍ପାଦକ ମହୋଦୟଙ୍କୁ ମାନବିକତାର ମହକ ବେଶ୍ ମୁଗ୍ଧ କଲା। ସେ ସେଇ ତିନୋଟି ଚରିତ୍ରକୁ ନେଇ ଏକ ଖବରଭିତ୍ତିକ ନିବେଦନପତ୍ର ପ୍ରକାଶ କଲେ ପରଦିନର ପ୍ରଭାତୀ ସଂସ୍କରଣରେ। ମାନବୀୟ ଆବେଦନର କମନୀୟ ଭାଷାରେ ପ୍ରସ୍ତୁତ ସେଇ କରୁଣ ଖବରଟିର ଚମତ୍କାରୀ ପ୍ରଭାବ ଦୁଇଦିନ ପରେ ଅନୁଭୂତ ହେଲା, ଯେତେବେଳେ ବହୁଆଡୁ ସାହାଯ୍ୟ ଭାସିଆସିଲା ସେଇ ଖବରକାଗଜର ସାହାଯ୍ୟ ପାଣ୍ଠିକୁ। କର୍କଟ ରୋଗଗ୍ରସ୍ତ ଟିକି କିଶୋରଟିର ସଫଳ ଚିକିତ୍ସା ସମ୍ଭବ ହେଲା, ଭଲକରି ଫୁଟିବା ପୂର୍ବରୁ ଝଡ଼ିବାକୁ ଯାଉଥିବା ଏକ ଟିକି କଳିକାଟି ଜୀବନ୍ୟାସ ପାଇଲା ଏବଂ ଶରତ ନାମକ କଟକର ସେଇ ଅନାମଧେୟ ଅଟୋ ଚାଳକଟି ସେଇ ଦରିଦ୍ର ପିତାପୁତ୍ର ଦୁହିଁଙ୍କ ପାଇଁ ସ୍ୱର୍ଗର ଦେବତା ପାଲଟି ଯାଇଥିଲା।

ସ୍ୱାର୍ଥର ସଡ଼କରେ ବାଟ ଚାଲି ଚାଲି ତଥାପି ଥକି ପଡି ନ ଥିବା ଲୋକଙ୍କ ଦୁନିଆରେ ଶରତ ଏକ ଦୁର୍ଲଭ ଦୃଷ୍ଟାନ୍ତ ନିଶ୍ଚୟ, ଯିଏ ନିଜର ଦୁର୍ବଳ ସମ୍ବଳ ମଧ୍ୟରେ ବି ଅନ୍ୟମାନଙ୍କ ପାଇଁ ସବଳ ଅବଲମ୍ବନଟିଏ ହୋଇ ଛିଡା ହେବାର ରୁଚି ରଖନ୍ତି। ମଣିଷର ଜୀବନ କେବଳ ନିଜ ପାଖରେ ସରିଯାଇ ନାହିଁ ବୋଲି ପ୍ରମାଣ ରଖନ୍ତି ଓ ଆମ ଭଳି ବହୁ ଲୋକଙ୍କୁ ମାନବତାର ଦିବ୍ୟ ମନ୍ତ୍ରରେ ଅଭିମନ୍ତ୍ରିତ କରନ୍ତି।

ଏବେ ଆସିବା ଦ୍ୱିତୀୟ ଦୃଷ୍ଟାନ୍ତକୁ। ରାଜନବାବୁ ଓଡ଼ିଶା ପ୍ରଶାସନିକ ସେବାର ଜଣେ ଅବସରପ୍ରାପ୍ତ ଅଫିସର। ନିଜ ଆଦ୍ୟ ଜୀବନ ଅଭାବ ଓ ଦାରିଦ୍ର୍ୟ ଭିତରେ ପରିପୁଷ୍ଟ ହୋଇଥିବାରୁ ତାଙ୍କ ସମଗ୍ର ଚାକିରିକାଳ ମଧ୍ୟରେ ସେ ଦରିଦ୍ରଙ୍କ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ। ଏବେକାର ପ୍ରଶାସନିକ ବ୍ୟବସ୍ଥାରେ ଯେଉଁଠି ପ୍ରଶାସନିକ ଅଧିକାରୀଙ୍କ ଅନୁଗ୍ରହର କାଣିଚାଏ ସ୍ପର୍ଶ ପାଇବା ପାଇଁ ଅନ୍ୱେଷୀମାନଙ୍କ ଦେହରୁ ଝାଳ ନିଗିଡି ଯାଉଛି ଅବା ପକେଟର ପର୍ସ ଖାଲି ହୋଇଯାଇଛି, ସେଠି ଅତ୍ୟନ୍ତ ସାଧୁ ଓ ସରଳ ସ୍ୱଭାବର ରାଜନବାବୁ ଥିଲେ ଏକ ବିରଳ ବ୍ୟତିକ୍ରମ। ପ୍ରାୟ ଦଶବର୍ଷ ତଳୁ ବୃତ୍ତିରୁ ଅବସର ନେଇ ସଂସାରରୁ ଅବସର ନେବାକୁ ଅପେକ୍ଷା କରିଥିବା ରାଜନବାବୁଙ୍କ ସମ୍ପର୍କରେ ଜଣେ ଯୁବ ଡାକ୍ତରଙ୍କ ନିକଟରୁ ଶୁଣିବାକୁ ମିଳିଥିଲା ଏକ ରୋଚକ କାହାଣୀ, ଯାହା କେବଳ ଅତୀତ କାହିଁକି, ଭବିଷ୍ୟତରେ ସୃଷ୍ଟି ହେବାକୁ ଯାଉଥିବା ପ୍ରଶାସନର ଇତିହାସରେ ସୃଷ୍ଟି କରିବ ଏକ ପଟାନ୍ତରବିହୀନ ଉଜ୍ଜ୍ୱଳ ଦୃଷ୍ଟାନ୍ତ, ଏକ ଅର୍ଥପୂର୍ଣ୍ଣ ଜୀବନର ବିରଳ ଦୃଶ୍ୟପଟ।

ରାଜନଙ୍କ ଗାଁ ପାଖ ଅନ୍ୟ ଏକ ଗାଁର ଜଣେ ଦରିଦ୍ର ଲୋକର ସନ୍ତାନ ସେହି ଯୁବକ, ଯିଏ ନିଜ ଜନ୍ମବେଳେ ଦାରିଦ୍ର୍ୟର ଅଭିଶାପ ସହିତ ପ୍ରଚଣ୍ଡ ମେଧାର ବରଦାନ ବହନ କରି ଭୂମିଷ୍ଠ ହୋଇଥିଲେ। ନିଜର ସୀମିତ ସମ୍ବଳ ମଧ୍ୟରେ ପୁଅର +୨ ଯାଏଁ ପାଠ ପଢ଼ିବା ଭଳି ସଉକକୁ କୌଣସି ମତେ ବରଦାସ୍ତ କରିଥିଲେ ସେଇ ଦରିଦ୍ର ବାପା ଜଣକ। ମାତ୍ର ଯେତେବେଳେ ପୁଅ ତାଙ୍କର ମେଡିକାଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା, ସେତେବେଳେ ତାଙ୍କୁ ଚିନ୍ତାଗ୍ରସ୍ତ କରିଦେଲା ପୁଅର ଏ ବିରଳ ସଫଳତା। ସେ ସ୍ପଷ୍ଟ ମନା କରିଦେଲେ ଆଉ ଆଗକୁ ନ ବଢ଼ିବା ପାଇଁ। ଦାରିଦ୍ର୍ୟର ପଥର ତଳେ ନିଜ ସଫଳତା ଓ କୋମଳ ଇଚ୍ଛାଟିକୁ ଚାପି ଦେଇ ମେଧାବୀ ତରୁଣଟି ଯେତେବେଳେ ନୀରବି ଯାଉଥିଲା, ସେତେବେଳେ ସେଇ ଦାରିଦ୍ର୍ୟର ପଙ୍କ ମଧ୍ୟରୁ ପ୍ରଶାସନର ପଦ୍ମଟିଏ ହୋଇ ମୁଣ୍ଡ ଟେକିଥିବା ରାଜନ ତାକୁ ନେଇ କଟକ ଆସିଥିଲେ ଓ ଆଗପଛ ଚିନ୍ତା ନ କରି ମେଡିକାଲ କଲେଜରେ ତା'ର ଆଡ୍‌ମିଶନ କରି ଦେଇଥିଲେ। ମାତ୍ର ପରବର୍ତ୍ତୀ ଖର୍ଚ୍ଚ ଭରଣା କରିବାକୁ ସେ ସେତେ ସ୍ୱଚ୍ଛଳ ନ ଥିବାରୁ ଚିନ୍ତା ଘାରିଲା ତାଙ୍କ ଉଦାରତାର ସମ୍ଭାବ୍ୟ ଅପମୃତ୍ୟୁକୁ ନେଇ।

ଅବକାରୀ ବିଭାଗର ଉଚ୍ଚପଦରେ ଅଧିଷ୍ଠିତ ରାଜନ ଏ ନେଇ ଅତ୍ୟନ୍ତ ଅସ୍ଥିର ଅନୁଭବ କରୁଥିଲା ବେଳେ ସେଇ ଚମତ୍କାରୀ ଘଟଣାଟି ଘଟିଲା। ଜଣେ ପ୍ରଖ୍ୟାତ ମଦ ବ୍ୟବସାୟୀଙ୍କର ଗୁରୁତ୍ୱପୂର୍ଣ୍ଣ ଫାଇଲଟି ରାଜନଙ୍କ ସ୍ୱାକ୍ଷର ପାଇଁ ପଡ଼ି ରହିଥାଏ। ଲାଞ୍ଚ ନେଉ ନ ଥିବାର ଦୁର୍ନାମ ଭୋଗୁଥିବା ରାଜନଙ୍କଠାରୁ କାମ ହାସଲ କରିବା ଏତେ ସହଜ ନ ଥିବାରୁ ସେଇ ବ୍ୟବସାୟୀ ଜଣକ ମାଗୁଣି ନେଇ ଆସିଥିଲେ ରାଜନଙ୍କ ଦପ୍ତରକୁ। ରାଜନ ଫାଇଲଟି ଦେଖିଲେ ଓ ଏକ ଅଦ୍ଭୁତ ଲାଞ୍ଚ ଦାବି କରି ଏକ ବିରଳ ଦୃଷ୍ଟାନ୍ତଟିଏ ସୃଷ୍ଟିକଲେ। ଗୋଟିଏ ଦରିଦ୍ର ମେଡିକାଲ ଛାତ୍ରର ପଢାଖର୍ଚ୍ଚ ପାଇଁ କିଛି ସାହାଯ୍ୟ କରିବାକୁ ସେ ସେଇ ବ୍ୟବସାୟୀଙ୍କୁ ଅନୁରୋଧ କଲେ।

ଏମିତି ଏକ ବିଚିତ୍ର ଲାଞ୍ଚ ସମ୍ପର୍କରେ ମଦ ବ୍ୟବସାୟୀ ପ୍ରଥମ କରି ଶୁଣିଲେ। ଅତ୍ୟନ୍ତ ଆବେଗରେ ସେ କହିଲେ, ''ସାର୍! ଏ ବ୍ୟବସାୟ କଲାଠୁଁ ବହୁ ଅଫିସରଙ୍କୁ ବହୁଭାବେ ବଟି ଦେଇ ଆସିଛି। ଆମ ପରି ବେପାରୀଙ୍କଠୁ ଲାଞ୍ଚ ନେଇ କିଏ କୋଠା ପରେ କୋଠା ଗଢି ଚାଲିଛନ୍ତି ତ ଆଉ କିଏ ଲକ୍ଷ ଲକ୍ଷ ଟଙ୍କା ଡୋନେଶନ ଦେଇ ଇୟାଡେ ସିଟ୍ ପାଉ ନ ଥିବା ନିଜ ଅଯୋଗ୍ୟ ପୁଅକୁ ସିଆଡେ ମେଡିକାଲ ପଢ଼ାନ୍ତି। ଏମାନଙ୍କଠାରୁ କାମ ହାସଲ ପାଇଁ ଆମେ ବଟି ଦେଉ ସିନା, କିନ୍ତୁ ତହିଁରେ ଥାଏ ସେମାନଙ୍କ ସ୍ଖଳିତ ଚରିତ୍ର ପ୍ରତି ଆମର ପ୍ରଚଣ୍ଡ ଘୃଣା। ମାତ୍ର ଆଜି ମୋତେ ଆପଣ ଯେଉଁ ଲାଞ୍ଚ ମାଗୁଛନ୍ତି, ତାହା ମୋତେ ଧନ୍ୟ କରିଛି। ଏ ଯାଏଁ ଅପାତ୍ରରେ ଭେଟି ଦେଇ ଆସୁଥିବା ମୋର ବିବଶ, ସନ୍ତପ୍ତ ଆତ୍ମା ପ୍ରଥମ କରି ସତ୍‌ପାତ୍ରରେ ଦାନ ଦେଇ ଆତ୍ମସନ୍ତୋଷ ଲାଭ କରିଛି। କେବଳ କିଛି ସାହାଯ୍ୟ ନୁହେଁ, ସେଇ ଦରିଦ୍ର ପିଲାଟିର ପଢା ସରିବା ଯାଏଁ ସମସ୍ତ ଖର୍ଚ୍ଚ ମୁଁ ବହନ କରିବି। ଆପଣ ଏଠାରେ ଥା'ନ୍ତୁ କି ନ ଥା'ନ୍ତୁ।''

ମଦ ବ୍ୟବସାୟୀଙ୍କ ଉଦାରତା ସେଦିନ ରାଜନଙ୍କୁ ଚିନ୍ତାମୁକ୍ତ କରିଥିଲା। ମହତ୍ ଲକ୍ଷ୍ୟର ଯାତ୍ରା କେବେ ବିଫଳ ହୁଏନାହିଁ ବୋଲି ସେ ବୁଝିଥିଲେ। ତା' ପରବର୍ଷ ସେଇ ଦପ୍ତରରୁ ତାଙ୍କ ବଦଳି ହୋଇ ଯାଇଥିଲେ ବି ସେଇ ମଦ ବେପାରୀଙ୍କ ଛାତ୍ରବୃତ୍ତି ପାଇ ମେଡିକାଲ ପଢାକୁ ଏକ ଅପହଞ୍ଚ ଇଲାକାର ଦୁରନ୍ତ ସ୍ୱପ୍ନ ଭାବି ନିରାଶ ହୋଇ ପଡିଥିବା ସେଇ ଦରିଦ୍ର ଛାତ୍ର ଜଣକ ପାଞ୍ଚବର୍ଷ ପରେ ଡାକ୍ତର ହୋଇ ବାହାରିଥିଲା ଓ ତାହାର ଆଉ କେଇବର୍ଷ ପରେ ସଂଯୋଗକ୍ରମେ ଏଇ ଲେଖକଟି ପାଖରେ ବଖାଣିଥିଲା ତା' ଉତ୍ତରୋତ୍ତର ଇତିହାସ ଏବଂ ଲୋତକପୂର୍ଣ୍ଣନୟନରେ ରାଜନବାବୁ ଓ ସେଇ ମଦ ବେପାରୀଙ୍କ ଉଦାରତାର ଜୟଗାନ କରିଥିଲା। ଲାଗୁଥିଲା, ତାହା ଯେମିତି ସେଇ ଦୁର୍ଲଭ ମଣିଷଙ୍କର ଜୟଗାନ ନୁହେଁ, ଏକ ଦିବ୍ୟ ମାନବତାର ଜୟଗାନ।

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର, ଚକେଇସିହାଣି, ଭୁବନେଶ୍ୱର, ମୋ-୮୮୯୫୬୨୪୧୦୫

# ଡବ୍ଲ୍ୟୁସିଓ କମିଟି ଅଧ୍ୟକ୍ଷ

ବ୍ୟକ୍ତିତ୍ୱ



ଦେବୀ ପ୍ରସାଦ ଦାଶ

ବିଶ୍ୱ ସୀମାଶୁଳ୍କ ସଙ୍ଗଠନ (ଡବ୍ଲ୍ୟୁସିଓ) ବେଲ୍‌ଜିୟମ୍‌ର ବ୍ରସେଲ୍ସଠାରେ ଅବସ୍ଥିତ। ଏହି ଅନ୍ତର୍ଜାତୀୟ ସଙ୍ଗଠନରେ ୧୮୨ ସଦସ୍ୟ ରାଷ୍ଟ୍ର ଅଛନ୍ତି। ସୀମାଶୁଳ୍କ ଆଦାୟ, ଯୋଗାଣ ଶୃଙ୍ଖଳ ସୁରକ୍ଷା, ଅନ୍ତର୍ଜାତୀୟ ବାଣିଜ୍ୟ ସୁବିଧା, ସୀମାଶୁଳ୍କ ପ୍ରବର୍ତ୍ତନ କାର୍ଯ୍ୟଧାରା, ବୌଦ୍ଧିକ ସମ୍ପତ୍ତି ଅଧିକାର (ଆଇପିଆର୍), ଡ୍ରଗ୍ସ ଏନ୍‌ଫୋର୍ସମେଣ୍ଟ, ବେଆଇନ ଅସ୍ତ୍ରଶସ୍ତ୍ର କାରବାର ଭଳି ବହୁ ବାଣିଜ୍ୟିକ ପ୍ରସଙ୍ଗ ଉପରେ ଡବ୍ଲ୍ୟୁସିଓ କାର୍ଯ୍ୟ କରିଆସୁଛି। ବିଶ୍ୱ ସ୍ତରରେ ସୀମାଶୁଳ୍କ ସମ୍ବନ୍ଧୀୟ ବିବାଦ ସମାଧାନରେ ଏହାର ଭୂମିକା ଅନସ୍ୱୀକାର୍ଯ୍ୟ। ଡବ୍ଲ୍ୟୁସିଓ ଏନ୍‌ଫୋର୍ସମେଣ୍ଟ କମିଟି ସୀମାଶୁଳ୍କ ସଂକ୍ରାନ୍ତ ବିବାଦର ସମାଧାନ ଦିଗରେ ଅନ୍ୟତମ ପ୍ରମୁଖ କେନ୍ଦ୍ର ପାଲଟିପାରିଛି। ଦେଶ ଦେଶ ମଧ୍ୟରେ ବାଣିଜ୍ୟକୁ ନେଇ ଦେଖା ଦେଉଥିବା ଅସଙ୍ଗତି ଦୂର କରିବାରେ ଏହା ବିଶେଷ ସହାୟକ ହୋଇଥାଏ। ଚାଇନା ଓ ଆମେରିକା ମଧ୍ୟରେ ଦେଖାଦେଇଥିବା ବାଣିଜ୍ୟିକ ଯୁଦ୍ଧ ଚରମସୀମାରେ ପହଞ୍ଚିଛି। ସେହିଭଳି ଭାରତ ପରି ଅନ୍ୟାନ୍ୟ ରାଷ୍ଟ୍ର ମଧ୍ୟ ସୀମାଶୁଳ୍କକୁ ନେଇ ଉଠୁଥିବା ବିବାଦ ଭିତରେ ଘାଣ୍ଟି ହେଉଛନ୍ତି। ତେଣୁ ଏ ସଂକ୍ରାନ୍ତ ସମାଧାନ ଦାୟିତ୍ୱ ଡବ୍ଲ୍ୟୁସିଓ ଏନ୍‌ଫୋର୍ସମେଣ୍ଟ କମିଟି ଉପରେ ନ୍ୟସ୍ତ ଥିବାରୁ ଏହାର ମୁଖିଆଙ୍କ ଭୂମିକା ସର୍ବଦା ଗୁରୁତ୍ୱ ବହନ କରିଆସିଛି। ଏବେ ପ୍ରଥମ ଭାରତୀୟ ତଥା ଓଡ଼ିଆ ଭାବେ ଦେବୀ ପ୍ରସାଦ ଦାଶ ଡବ୍ଲ୍ୟୁସିଓ ଏନ୍‌ଫୋର୍ସମେଣ୍ଟ କମିଟିର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ଦେବୀ ପ୍ରସାଦ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକ ଶେଷ କରିବା ପରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ଇଣ୍ଟରନ୍ୟାଶନାଲ ଷ୍ଟଡିଜ୍‌ରେ ସ୍ନାତକୋତ୍ତର କରିଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକ ଡିଗ୍ରୀ ଅର୍ଜନ କରିବା ସହ ଜେଏନ୍‌ୟୁରୁ ଡିଜାର୍ମାମେଣ୍ଟ ଷ୍ଟଡିଜ୍ (ନିରସ୍ତ୍ରୀକରଣ ପାଠ୍ୟକ୍ରମ) ରେ ଏମ୍.ଫିଲ୍. ଡିଗ୍ରୀ ହାସଲ କରିଥିବା ଦେବୀ ପ୍ରସାଦ ୧୯୮୫ରେ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍)ରେ ଯୋଗ ଦେଇଥିଲେ। ସେ ଏବେ ରାଜସ୍ୱ ଗୋଇନ୍ଦା ମହାନିର୍ଦ୍ଦେଶାଳୟ (ଡିଆର୍‌ଆଇ)ରେ ପ୍ରମୁଖ ମହାନିର୍ଦ୍ଦେଶକ ଦାୟିତ୍ୱରେ ରହିଛନ୍ତି। ଏହାଛଡ଼ା ତାଙ୍କୁ ଭାରତ ପକ୍ଷରୁ ଡବ୍ଲ୍ୟୁସିଓରେ ଡେପୁଟି ସେକ୍ରେଟାରି ଜେନେରାଲ ପଦବୀ ପାଇଁ ପ୍ରାର୍ଥୀ କରାଯାଇଥିଲା। ଏହା ପରେ ସେ ୨ ବର୍ଷ ଧରି ଉକ୍ତ କମିଟିରେ ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ଦେବୀ ପ୍ରସାଦଙ୍କର ସୀମାଶୁଳ୍କ ପ୍ରଶାସନ, କୂଟନୀତି, ବାଣିଜ୍ୟ ସୁବିଧା ପ୍ରଦାନ, ଗୋଇନ୍ଦା, ଅନ୍ତର୍ଜାତୀୟ ଆଇନ ବିଶେଷକରି ଆତଙ୍କବାଦ, ବେଆଇନ ଅର୍ଥ କାରବାର କ୍ଷେତ୍ରରେ ଆପରାଧିକ ମାମଲା ପରିଚାଳନା, ପ୍ରତ୍ୟର୍ପଣ ଓ ଆର୍ଥିକ କଟକଣା, ଆପୋସ ଆଇନଗତ ସହାୟତା ଆଦି କ୍ଷେତ୍ରରେ ତାଙ୍କ ଦୀର୍ଘବର୍ଷର ଅଭିଜ୍ଞତା ରହିଛି। ଏହାଛଡ଼ା ଜାତିସଂଘ ସୁରକ୍ଷା ପରିଷଦ, ରାଜ୍ୟଗୋଷ୍ଠୀ ସଚିବାଳୟ ଏବଂ ଭାରତର ସିବିଆଇ, ଆର୍‌ବିଆଇରେ କାର୍ଯ୍ୟ କରି ସେ ବେଶ୍ ଦକ୍ଷତା ଅର୍ଜନ କରିପାରିଛନ୍ତି। ଉଲ୍ଲେଖନୀୟ ସେବା ନିମନ୍ତେ ତାଙ୍କୁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଡବ୍ଲ୍ୟୁସିଓରୁ ମେରିଟ୍ ଆୱାର୍ଡ ପାଇଛନ୍ତି। ଏବର ବାଣିଜ୍ୟିକ ଯୁଦ୍ଧ ସାଧାରଣ ଯୁଦ୍ଧଠାରୁ ବଳି ଗଲାଣି। ତେଣୁ ବିବାଦ ସମାଧାନ ଦିଗରେ ଦେବୀ ପ୍ରସାଦଙ୍କ ନୂଆ ନିଯୁକ୍ତି ଅନ୍ତର୍ଜାତୀୟ ସୀମାଶୁଳ୍କକୁ ନେଇ ଦେଖାଦେଉଥିବା ଅସଙ୍ଗତି ଦୂର କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

**-ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଶିକ୍ଷାନୁଷ୍ଠାନରେ ବିଦ୍ୟାର୍ଥୀ ଉତ୍ତମ ଆଚରଣ କରନ୍ତି। କିନ୍ତୁ କଲେଜ ମାଟି ମାଡ଼ିବା ବେଳକୁ ଅଧିକାଂଶ ଛାତ୍ରୀଛାତ୍ର ବିପଥଗାମୀ ହେଉଥିବା ଦେଖିବାକୁ ମିଳୁଛି। ଗୋଆ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ୍‌ରେ ଏପରି ଏକ ପରିସ୍ଥିତି ସୃଷ୍ଟି ହୋଇଛି, ଯାହା ସମସ୍ତଙ୍କୁ ଚିନ୍ତାରେ ପକାଇ ଦେଇଛି। ଏଠାରେ ଶିକ୍ଷା ନେଉଥିବା ଛାତ୍ରୀମାନେ ଛାତ୍ରଙ୍କ ଅପେକ୍ଷା ଅଧିକ ମାତ୍ରାରେ ନିଶାସେବନ କରୁଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ସେମାନେ ଧୂମପାନ କରିବା ସହିତ ବିୟର ପିଇବା ଅଭ୍ୟାସ କରୁଥିବା ଦେଖାଯାଉଛି। ନିକଟରେ କରାଯାଇଥିବା ଅଧ୍ୟୟନରୁ ଜଣାଯାଏ ଏଠାରେ ୫୦% ଶିକ୍ଷାର୍ଥୀ ମଦ୍ୟପାନ କରୁଛନ୍ତି। ତନ୍ମଧ୍ୟରୁ ଅଧାରୁ ଅଧିକ ଝିଅ ମଦ ପିଉଥିବା କୁହାଯାଏ। ତେବେ ଏଠାରେ ବିଦେଶୀ ପିଲାଙ୍କ ସଂଖ୍ୟା ଅଧିକ ଥିବାରୁ ଏଠାରେ ପୁଅଙ୍କ ତୁଳନାରେ ଅଧିକ ସଂଖ୍ୟାରେ ଝିଅ ମଦ ପିଉଥିବା ଜଣାପଡ଼ିଛି। ଶିକ୍ଷାନୁଷ୍ଠାନ ଚରିତ୍ର ଗଢ଼ିବା ପାଇଁ ଏକ ପବିତ୍ର ସ୍ଥଳ ହୋଇଥିବାରୁ ଏଠାରେ ଧୂମପାନ ଏବଂ ମଦ୍ୟପାନ ବିଷୟକୁ ବୁଦ୍ଧିଜୀବୀ ଗ୍ରହଣ କରି ପାରୁନାହାନ୍ତି।

## ଚିରନ୍ତନୀ

ମାନବ ନୟନେ ଯାହା
ଶୂନ୍ୟ ବୋଲି ହୁଅଇ ପ୍ରତୀତି,
ସୂକ୍ଷ୍ମତମ ସେହି ଶୂନ୍ୟେ
ପୂରିଅଛି ଜୀବନର ଗୀତି,
କୋଟି କୋଟି ଚେତନାର
ଅଣୁ ପରମାଣୁ ରସେ
ରୂପେ ରୂପେ ଏ ସୃଷ୍ଟି ବିଳସେ!
ଘୂର୍ଣ୍ଣାୟିତ ବିଶ୍ୱଚକ୍ରେ
ଯେତେ ଲୟସ୍ଥିତି ବା ଜନମ
ବ୍ୟଥାର ଆନନ୍ଦ ରସେ
ସଦା ତା'ର ପୀଡିତ ମରମ,
ଅନୁକ୍ଷଣ ବହି ଏହି
ବ୍ୟଥାର ଆନନ୍ଦ
ଜାଗି ଉଠେ ସୃଜନର ଛନ୍ଦ।
(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ମାର୍ଚ୍ଚ ୧୯୯୪**

- ପାକିସ୍ତାନ ନିଜର ପରମାଣୁ କାର୍ଯ୍ୟକ୍ରମ ବାତିଲ କଲେ ତାହାକୁ ୩୮ଟି ଏଫ୍-୧୬ ବିମାନ ଯୋଗାଇଦେବାକୁ ଆମେରିକା ପ୍ରସ୍ତୁତ ବୋଲି ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଘୋଷଣା କରିଛନ୍ତି।
- ଆମେରିକା ୧୯୯୫ ମସିହା ସେପ୍ଟେମ୍ବର ପର୍ଯ୍ୟନ୍ତ ନିଜର ପରମାଣୁ ପରୀକ୍ଷା କାର୍ଯ୍ୟକ୍ରମରେ ସ୍ଥଗିତ ମିଆଦକୁ ସମ୍ପ୍ରସାରିତ କରିଛି।

## ପାଠକ ଶ୍ରେଷ୍ଠ ବିଚାରକ

### ବିଜ୍ଞାନକୁ ଲୋକାଭିମୁଖୀ କରାଯାଉ

ମହାଶୟ,

ବିଜ୍ଞାନରେ ବହୁତ ଅଗ୍ରଗତି ଘଟିଲାଣି। ଭାରତ ୧୨ଟି ମିରାଜ-୨୦୦୦ ବିମାନରେ ୧୦୦୦ କେଜିର ୬ଟି ବୋମା ପକାଇ ପାକିସ୍ତାନର ୩ଟି ଆତଙ୍କବାଦୀ ଆଡ୍ଡା ତଥା ପ୍ରଶିକ୍ଷଣ କେନ୍ଦ୍ର ଧ୍ୱଂସ କରିବା ସେହି ବିଜ୍ଞାନର ସଫଳତା। ବିଗତ ଶତାବ୍ଦୀର ୫୦ ଓ ୬୦ ଦଶକରେ ଯାହା ଘରେ ଗୋଟିଏ ହାତବନ୍ଧା ଘଡି, ଗୋଟିଏ ସାଇକେଲ ଓ ଗୋଟିଏ ରେଡିଓ ବା ଟ୍ରାନ୍‌ଜିଷ୍ଟର ଥିଲା, ତାଙ୍କୁ ଥିଲାବାଲା ଘର କୁହାଯାଉଥିଲା। ହେଲେ ଏବେ ସ୍ମାର୍ଟଫୋନ, କଲର ଟିଭି, ଟୁ ହୁଇଲର କାହା ଘରେ ନାହିଁ? ତେବେ ପ୍ରକୃତି ଉପରେ ଅକଥନୀୟ ଅତ୍ୟାଚାର କରି ଆମେ ପରିବେଶ-ପ୍ରକୃତିର କ୍ଷୟ ତଥା ପ୍ରଦୂଷଣ ଘଟାଉଛୁ। ସାଇବର କ୍ରାଇମ୍ ବଢ଼ିଯାଉଛି। ଷ୍ଟେମ୍ ସେଲ ରିସର୍ଚ୍ଚ, ନାନୋ ଟେକ୍ନୋଲୋଜି, ବାୟୋଟେକ୍ନୋଲୋଜି, ମହାକାଶ ବିଜ୍ଞାନର ଅଗ୍ରଗତି ଘଟୁଛି। ବିଜ୍ଞାନକୁ ଅଧିକ ଲୋକପ୍ରିୟ ଓ ଲୋକାଭିମୁଖୀ କରିବାର ବେଳ ଆସିଛି।

ଡାକ୍ତର ଦେବଦତ୍ତ ମିଶ୍ର, ରେଡ୍‌କ୍ରସ ରୋଡ୍, ପୁରୀ

### ଅତି ଦୃଶ୍ୟମାନ ସରକାର

ଧରିତ୍ରୀ (୨୧୨)ର ସମ୍ପାଦକୀୟ ସ୍ତମ୍ଭରେ ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପ୍ରକାଶିତ 'ଅତି ଦୃଶ୍ୟମାନ ସରକାର' ସାମ୍ପ୍ରତିକ ପରିସ୍ଥିତିରେ ବେଶ୍ ପ୍ରଣିଧାନଯୋଗ୍ୟ। ସହଯୋଗ ନାମରେ ଏବେ କେନ୍ଦ୍ର ହେଉ ଅବା ରାଜ୍ୟ ସରକାର ସର୍ବତ୍ର ବିଦ୍ୟମାନ, ସଦା ଦୃଶ୍ୟମାନ। ସରକାର ସବୁ କ୍ଷେତ୍ରରେ ସହଯୋଗର ହାତ ବଢ଼େଇବା ଦ୍ୱାରା ମଣିଷ ଯେ ଖାଲି ପରଜୀବୀ ପାଲଟି ଯାଇଛି ତାହା ନୁହେଁ, ସେହି କ୍ରମରେ ଜଣେ ସ୍ୱାଧୀନ ତଥା ମୁକ୍ତମଣିଷ ହିସାବରେ ତା'ର ଯେଉଁ ସହଜାତ ସୃଜନଶୀଳତା ଓ ଦକ୍ଷତା ଥିଲା, ତାକୁ ସେ ଦିନକୁ ଦିନ ହରାଇ ବସୁଛି। ପରିଣାମରେ ଅତ୍ୟଧିକ ସରକାରୀ ସାହାଯ୍ୟ ମାନବ ସମ୍ବଳର ଗୁଣବତ୍ତାକୁ ପ୍ରଭାବିତ କରୁଛି। ଅଧିକ ସରକାରୀ ଉପସ୍ଥିତି ଅର୍ଥ ଆତ୍ମବିଶ୍ୱାସ-ପ୍ରସୂତ ଆତ୍ମନିର୍ଭରଶୀଳତାର କ୍ରମବିଲୋପ ବୋଲି ମନେହୁଏ।


ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, କୁରାଳ, ଓଡ଼ଗାଁ, ନୟାଗଡ଼

### ଭିନ୍ନକ୍ଷମଙ୍କୁ ଡିଆର୍‌ଆଇ ଋଣ

ଭିନ୍ନକ୍ଷମଙ୍କୁ ସରକାରଙ୍କ ତରଫରୁ ଡିଆର୍‌ଆଇ ଲୋନ୍‌ର ବ୍ୟବସ୍ଥା କରାଯାଇଛି। କିନ୍ତୁ ସ୍ଥାନୀୟ ବ୍ୟାଙ୍କଗୁଡିକ ଏହି ଲୋନ୍ ସେମାନଙ୍କୁ ଦେବାକୁ ବହୁତ ହଇରାଣ କରୁଛନ୍ତି ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ ଅଧିକାଂଶଙ୍କୁ ଦେଇନାହାନ୍ତି। ଭିନ୍ନକ୍ଷମମାନେ ସ୍ୱାବଲମ୍ବୀ ହୋଇ ଜୀବିକା ନିର୍ବାହ କରିବା ସକାଶେ ଏହି ଯୋଜନା କରାଯାଇଛି। କିନ୍ତୁ ଦୁଃଖର ବିଷୟ, ଏହା ସଫଳ ରୂପେ କାର୍ଯ୍ୟକାରୀ ହେଉନାହିଁ। ଏଣୁ ସରକାର ଯଥାଶୀଘ୍ର ବ୍ୟାଙ୍କଗୁଡିକୁ ଏ ବିଷୟରେ ତାଗିଦ କରନ୍ତୁ।

ରବି ହିଆଲ, ହାଡିଆ, ଅମ୍ବାଗୁଡା, ଜୟପୁର, କୋରାପୁଟ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)





## ଜିଲାପାଳଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ

# ଏପ୍ରିଲ ୨୦ ସୁଦ୍ଧା ପ୍ରଶିକ୍ଷଣ ଶେଷ କର

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ଆସନ୍ତା ଲୋକସଭା ଓ ବିଧାନସଭା ନିର୍ବାଚନ ଲାଗି ଭାରତର ନିର୍ବାଚନ କମିଶନ ତାରିଖ ଘୋଷଣା କରିସାରିଛନ୍ତି। ଓଡ଼ିଶାରେ ୪ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୧୧, ୧୮, ୨୩ ଏବଂ ୨୯ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଦେବା କାର୍ଯ୍ୟ ଜାରି ରହିଛି। ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟ ଶେଷ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ୨୩ ମାର୍ଚ୍ଚରୁ ଆରମ୍ଭ ହୋଇ ୨୭ରେ ଶେଷ ହେବ। ତୃତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଏପ୍ରିଲ ପହିଲାରୁ ଆରମ୍ଭ ହୋଇ ୨୦ ତାରିଖରେ ଶେଷ ହେବ। ଏ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର ଜିଲା ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ବ୍ଲକର ମୁଖ୍ୟ କାର୍ଯ୍ୟାଳୟରେ ଏହି ପ୍ରଶିକ୍ଷଣ ପ୍ରଦାନ କରାଯିବ। ଦୁଇଟି ରୁମ୍‌ରେ ୫୦ ଜଣ ଲେଖାଏ କର୍ମଚାରୀଙ୍କୁ ଏକ ସଙ୍ଗରେ ପ୍ରଶିକ୍ଷଣ ଦିଆଯିବ। ପ୍ରଶିକ୍ଷଣ କିପରି ଦିଆଯିବ ସେ ନେଇ ଏକ ଗାଇଡଲାଇନ ସିଇଓଙ୍କ କାର୍ଯ୍ୟାଳୟରୁ ସମସ୍ତ ଜିଲାପାଳଙ୍କ ନିକଟକୁ ପଠାଯାଇଛି।



## ଦଳ ବଦଳ

# ଭାଜପା ରାଜ୍ୟ ସଭାପତିଙ୍କ ପୁତୁରା ବିଜେଡିରେ ସାମିଲ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ଭାଜପା ସଭାପତି ବସନ୍ତ ପଣ୍ଡାଙ୍କ ପୁତୁରା ହରିଶ୍ଚନ୍ଦ୍ର ପଣ୍ଡା ଶନିବାର ବିଜେଡିରେ ଯୋଗ ଦେଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନିଜର ଶତାଧିକ ସମର୍ଥକଙ୍କ ସହ ହରିଶ୍ଚନ୍ଦ୍ର ବିଜେଡିରେ ସାମିଲ ହୋଇଛନ୍ତି। ହରିଶ୍ଚନ୍ଦ୍ର ପ୍ରଥମେ ଶିବସେନାରୁ ନିଜ ରାଜନୈତିକ କ୍ୟାରିୟର ଆରମ୍ଭ କରିବା ସହ ସ୍ଥାନୀୟ ଅଞ୍ଚଳରେ ସଙ୍ଗଠନ କରୁଥିଲେ। ପରେ ଭାଜପାରେ ଯୋଗଦେବା ସହ ଯୁବ ମୋର୍ଚ୍ଚା ପାଇଁ କାର୍ଯ୍ୟ କରୁଥିଲେ। ଭାଜପା ଉପରେ ବର୍ଷି ହରିଶ୍ଚନ୍ଦ୍ର କହିଛନ୍ତି ଯେ, ନୂଆପଡାରେ ଭାଜପା ଜଣକ ନାଲିଆଖିରେ ଚାଲିଛି। କାହା ନାଲିଆଖି ଆମକୁ ପସନ୍ଦ ନୁହେଁ। ଭାଜପାର ଅନ୍ୟ ନେତା, କର୍ମୀ ଏବଂ ପଦାଧିକାରୀଙ୍କ କୌଣସି ମତକୁ ସମ୍ମାନ ଦିଆଯାଇନାହିଁ। ଏହି ସବୁ କାରଣରୁ ସେ ଭାଜପା ଛାଡିଥିବା ହରିଶ୍ଚନ୍ଦ୍ର କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟଧାରା ଓ ବ୍ୟକ୍ତିତ୍ୱ ପ୍ରତି ଆକର୍ଷିତ ହୋଇ ବିଜେଡିରେ ଯୋଗ ଦେଇଥିବା ହରିଶ୍ଚନ୍ଦ୍ର କହିଛନ୍ତି। ହରିଶ୍ଚନ୍ଦ୍ରଙ୍କ ଯୋଗଦାନ ସ୍ଥାନୀୟ ନୂଆପଡା ଅଞ୍ଚଳରେ ବିଜେଡିକୁ ଆହୁରି ସୁଦୃଢ କରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମତ ରଖିଛନ୍ତି।

ହରିଶ୍ଚନ୍ଦ୍ର ବିଜେଡି ଟିକେଟ ଆଶାୟୀ ଅଛନ୍ତି କି ନାହିଁ ସେ ସମ୍ପର୍କରେ କିଛି ମତ ଦେଇ ନାହାନ୍ତି। ନୂଆପଡାରୁ ପୂର୍ବତନ ବିଧାୟକ ରାଜେନ୍ଦ୍ର ଢୋଲକିଆ ବିଜେଡି ଟିକେଟ ଆଶାୟୀ ଅଛନ୍ତି। ହରିଶ୍ଚନ୍ଦ୍ରଙ୍କ ମିଶ୍ରଣ ପର୍ବରେ ରାଜେନ୍ଦ୍ରଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ସାରା ରାଜ୍ୟରେ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିଥିଲା। ହେଲେ ନୂଆପଡା ଜିଲାରେ ସଫଳତା ପାଇ ନ ଥିଲା। ତେଣୁ ହରିଶ୍ଚନ୍ଦ୍ରଙ୍କ ଯୋଗଦାନ ସ୍ଥାନୀୟ ଅଞ୍ଚଳରେ ଭାଜପା ପାଇଁ ମୁଣ୍ଡବିନ୍ଧାର କାରଣ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ଅପରପକ୍ଷରେ ହରିଶ୍ଚନ୍ଦ୍ରଙ୍କ ଯୋଗଦାନ ଭାଜପା ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଭାଜପା ସଭାପତି ବସନ୍ତ ପଣ୍ଡା କହିଛନ୍ତି। ସେ କହିଛନ୍ତି ଯେ, ଭାଜପା ଗୁମାସ୍ତାମାନଙ୍କ ଦଳ ନୁହେଁ। ପୁତୁରା ଉପରେ ତାଙ୍କର କୌଣସି ଅଧିକାର ନାହିଁ। ଯାହାର ଯୁଆଡେ ଯିବାର ଇଚ୍ଛା ସେ ଯିବ, ସେଥିରେ ସେ କ'ଣ କରିପାରିବେ ବୋଲି ବସନ୍ତ କହିଛନ୍ତି। ବରିଷ୍ଠ ନେତା ପ୍ରତାପ ଷଡ଼ଙ୍ଗୀ ମଧ୍ୟ ଅନୁରୂପ ମନ୍ତବ୍ୟ ରଖିଛନ୍ତି।

## ପ୍ରଭାବ ପଡ଼ିବ ନାହିଁ: ବସନ୍ତ



ହରିଶ୍ଚନ୍ଦ୍ରଙ୍କ ସହ ନୂଆପଡ଼ା ଜିଲା ଭାଜପା ଯୁବମୋର୍ଚ୍ଚା ଉପସଭାପତି ଟିକାରାମ ସାହୁ, ସାଧାରଣ ସମ୍ପାଦକ ନାରାୟଣ ସାହୁ, ନୂଆବଡ଼ା ବ୍ଲକ ଭାଜପା ଉପସଭାପତି ଭକ୍ତ ବିଶି, ଡ. ବନଲତା ଆଜାଦ, ସମୀର ଆଜାଦ, ନୂଆପଡ଼ା ଜିଲା ପାଣି ପଞ୍ଚାୟତ ସଭାପତି ମହେଶ ସାହୁ, ନରେନ୍ଦ୍ର ସାହୁ, ରୋହିତ ଠାକୁର, ସନ୍ତୋଷ ଗୁପ୍ତା, ଅଶୋକ ଠାକୁର, ଉମରଚାନ୍ଦ ସାହୁ, ମାୟାରାମ ସୁନାନୀ, ମୁକେଶ କୁମାର ସାହୁ, ଚରଣଲାଲ ନିର୍ମଲକର ଓ ହରି ରାଉତ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି। ସେହିପରି କଳାହାଣ୍ଡି ଜିଲା ନର୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସରପଞ୍ଚ ଚିରଞ୍ଜୀବ ଗୌଡ଼ିଆ, ସରପଞ୍ଚ ଚନ୍ଦ୍ରମା ମାଝି, ଚିରଞ୍ଜନ ରଣା, ନରସିଂହ କୁମାର, ଲେମ୍ବୁବତୀ ମାଝି, ଟିକେଶ୍ୱରୀ ମାଝି, ପଦ୍ମା ହରିଜନ, ବଳଭଦ୍ର ପାତ୍ର, ଉଜ୍ଜ୍ୱଳା ପ୍ରଧାନୀ, ପ୍ରେମସାଗର ନାଏକ, ରମେଶ ସାହୁ, ସାବିତ୍ରୀ ମାଝି ଏବଂ ରବି ପାତ୍ର ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି।

# ବିଏସ୍‌ପିରେ ମିଶିଲେ ଡାନିଶ୍ ଅଲି

ଲକ୍ଷ୍ନୌ,୧୬।୩(ପି.ଟି.)



ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)ର ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଥିବା ଡାନିଶ୍ ଅଲି ଦଳ ତ୍ୟାଗକରି ଶନିବାର ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ରେ ସାମିଲ ହୋଇଛନ୍ତି। ସେ ଉତ୍ତରପ୍ରଦେଶରୁ ବିଏସ୍‌ପି ଟିକେଟରେ ଲୋକ ସଭା ନିର୍ବାଚନ ଲଢ଼ିପାରନ୍ତି। ସୂଚନାଯୋଗ୍ୟ କର୍ନାଟକରେ କଂଗ୍ରେସ-ଜେଡିଏସ୍ ଆସନ ବୁଝାମଣାରେ ଡାନିଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ସେ କୋଚିରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟି ଆସନ ଭାଗବଣ୍ଟା ଚୂଡାନ୍ତ କରିଥିଲେ। ସେ ଜେଡିଏସ୍ ଅଧ୍ୟକ୍ଷ ଏଚ୍.ଡି. ଦେବେଗୌଡାଙ୍କ ଅନୁମତି ଓ ଆଶୀର୍ବାଦ ନେଇ ବିଏସ୍‌ପିରେ ଯୋଗ ଦେଇଛନ୍ତି ଏବଂ ମାୟାବତୀ ଯେଉଁ ଦାୟିତ୍ୱ ଦେବେ ତାହା ସମ୍ଭାଳିବେ ବୋଲି ଡାନିଶ୍ କହିଛନ୍ତି।

# କଂଗ୍ରେସରେ ଖଣ୍ଡୁରୀଙ୍କ ପୁଅ


ଡେରାଡୁନ୍,୧୬।୩(ପି.ଟି.)



ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ବି.ସି. ଖଣ୍ଡୁରୀଙ୍କ ପୁଅ ମନୀଷ ଖଣ୍ଡୁରୀ ଶନିବାର କଂଗ୍ରେସରେ ଯୋଗ ଦେଇଛନ୍ତି। ଏଠାରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସଭାରେ ସେ ଉପସ୍ଥିତ ଥିଲେ। ତାଙ୍କର ଯୋଗଦାନ ଦଳକୁ ସୁଦୃଢ଼ କରିବ ବୋଲି ରାହୁଲ କହିଛନ୍ତି। ମନୀଷଙ୍କୁ କଂଗ୍ରେସ ପୌଡ଼ି ଆସନରୁ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି। ଏହି ଆସନରେ ତାଙ୍କ ବାପା ଏମ୍‌ପି ଅଛନ୍ତି। ପୂର୍ବତନ ସେନା ଜେନେରାଲ ବି.ସି. ଖଣ୍ଡୁରୀଙ୍କୁ ଗତବର୍ଷ ପ୍ରତିରକ୍ଷା ସମ୍ପର୍କିତ ସଂସଦୀୟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପଦରୁ ବହିଷ୍କାର କରାଯାଇଥିଲା। ଏଥିପାଇଁ କଂଗ୍ରେସ ଭାଜପାକୁ ସମାଲୋଚନା କରିଛି।

# ବଣ୍ଡା ଆସନରୁ ଶ୍ୟାମାଚରଣଙ୍କୁ ପ୍ରାର୍ଥୀ କରିବ ଏସ୍‌ପି


ଲକ୍ଷ୍ନୌ,୧୬।୩(ପି.ଟି.)



ଆଲ୍ଲାହାବାଦରୁ ଭାଜପା ଏମ୍‌ପି ଥିବା ଶ୍ୟାମାଚରଣ ଗୁପ୍ତାଙ୍କୁ ସମାଜବାଦୀ ପାର୍ଟି (ଏସ୍‌ପି) ବଣ୍ଡା ଲୋକ ସଭା ଆସନରୁ ପ୍ରାର୍ଥୀ କରିବ ବୋଲି ଶନିବାର ନିଷ୍ପତ୍ତି ନେଇଛି। ବ୍ୟବସାୟୀରୁ ରାଜନେତା ହୋଇଥିବା ଗୁପ୍ତା ୨୦୦୪ରେ ଏସ୍‌ପି ଟିକେଟରୁ ବଣ୍ଡା ନିର୍ବାଚନମଣ୍ଡଳୀରୁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୯ରେ ସେ ଫୁଲପୁର ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ହାରିଯାଇଥିଲେ। ଏହା ପରେ ସେ ଏସ୍‌ପିରୁ ଇସ୍ତଫା ଦେଇ ଭାଜପାରେ ଯୋଗଦେଇ ୨୦୧୪ରେ ଆଲ୍ଲାହାବାଦ ଆସନରୁ ଲଢ଼ିଥିଲେ। ଦଳବିରୋଧୀ ମନ୍ତବ୍ୟ ପାଇଁ ତାଙ୍କୁ ଟିକେଟ ନ ମିଳିବା ଆଶଙ୍କା କରି ସେ ସମାଜବାଦୀ ପାର୍ଟିରେ ଯୋଗଦେଇଥିବା ଭାଜପା ରାଜ୍ୟ ସଭାପତି ମହେନ୍ଦ୍ର ନାଥ ପାଣ୍ଡେ କହିଛନ୍ତି।

# ଭାଜପା ଛାଡ଼ିଲେ ଆସାମ ଏମ୍‌ପି ରାମପ୍ରସାଦ

ଗୁଆହାଟୀ,୧୬।୩(ପି.ଟି.)



ଆସାମର ତେଜପୁରରୁ ଭାଜପା ଏମ୍‌ପି ଥିବା ରାମପ୍ରସାଦ ଶର୍ମା ଦଳ ଛାଡ଼ିଛନ୍ତି। ଦଳର ପୁରୁଖା କର୍ମୀଙ୍କୁ ନବାଗତମାନେ ଅଣଦେଖା କରୁଥିବା ସେ ଅଭିଯୋଗ କରିଛନ୍ତି। ସେ ଆରଏସ୍‌ଏସ୍ ଏବଂ ବିଶ୍ୱହିନ୍ଦୁ ପରିଷଦରେ ୧୫ ବର୍ଷ ଏବଂ ଭାଜପାରେ ୨୯ ବର୍ଷ କାମ କରିବା ପରେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଘୋଷଣା କରିଛନ୍ତି। ତେଜପୁର ଆସନରୁ ସମ୍ଭାବ୍ୟ ପ୍ରାର୍ଥୀ ତାଲିକାରେ ଶର୍ମାଙ୍କ ନାଁ ନ ଥିବାରୁ ସେ ଇସ୍ତଫା ଦେଇଥିବା କୁହାଯାଉଛି। ବର୍ତ୍ତମାନର ଏମ୍‌ପି ଏବଂ ଆସାମ ଗୋରକ୍ଷା ସମ୍ମେଳନର ଅଧ୍ୟକ୍ଷ ଥାଇ ରାଜ୍ୟ ଭାଜପା କମିଟି ତାଙ୍କ ନାମ ସୁପାରିସ ନ କରିବା ଶର୍ମାଙ୍କୁ ଅପମାନିତ କରିଥିବା ସେ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି।


INDIAN INSTITUTE OF TOURISM AND TRAVEL MANAGEMENT
(An Autonomous Body under Ministry of Tourism, Government of India)
Centres : Gwalior, Bhubaneswar, Noida, Nellore & Goa. Camps: Shillong & Bodh Gaya

ADMISSION IN IITTM
MBA (Tourism & Travel Management) 2019-21
BBA (Tourism & Travel) 2019-22
Under collaborative scheme of IGNTU

MBA (Tourism & Travel Management)
ELIGIBILITY :
- Graduation with 50% of marks (45% for SC/ST/PH) and
- Valid score in CAT/MAT/CMAT/GMAT/ATMA/XAT or Appear in IGNTU-IITTM Admission Test (IIAT)-2019

BBA (Tourism & Travel)
ELIGIBILITY :
- Passed 10+2 examination with 50% marks (45% for SC/ST/PH)
- Appear in IGNTU-IITTM Admission Test (IIAT)-2019

For online application & detail information please visit - www.iittm.ac.in
For more details please contact : 7205146285, 9425407607, 9990050707, 9437010180, 9849739489 or Email: admissions@iittm.ac.in

Advantages@IITTM
Leading Government Institute of Tourism and Travel in South Asia with best placement record.

सत्यमेव जयते
पर्यटन मंत्रालय
भारत सरकार
स्वच्छ भारत स्वच्छ पर्यटन
ATUL



saiinternational.edu.in

SAI INTERNATIONAL SCHOOL
3rd BEST SCHOOL IN INDIA
ODISHA'S NO.1 SCHOOL
EducationWorld India School Rankings 2018



SAI ENTRANCE TEST (SET) 2019 FOR CLASS XI
SCIENCE, COMMERCE & HUMANITIES ON MARCH 30, APRIL 1 & 7

Excellence That Inspires To Aim Higher

AWARDS
3rd Best School of India by EducationWorld India School Rankings 2018
ELITE Award 2018 Emerging Leaders in Innovation, Technology & Education by Edfinity, USA
World Education Award 2018 Innovation in Global Collaborative Learning
D L Shah Quality Gold Award 2017 Quality Council of India

105 SAIoneers have made it to Stanford, Georgia Tech, MIT, UPenn, British Columbia & other top Global Universities
330 SAIoneers have made it to AIIMS, JIPMER, AFMC & other top Medical Colleges in India and abroad
530 SAIoneers have made it to IIT, NIT & other top Engineering Colleges in India and abroad
210 SAIoneers have made it to NLU, ICAI, IIM & other top management & Law Universities in India and abroad

NEET Topper, All India Rank (AIR), 30th & AIIMS, New Delhi
SAMEER PATRO

SAI International School is a leading day-cum-boarding, CBSE - affiliated, co-educational, K-12 school of the country that enables, encourages and endows each child to initiate a lifelong pursuit of learning.The school aims at creating future-ready global citizens, equipped to build a better society through creativity, entrepreneurship, leadership and social innovations. It provides students and parents endless opportunities to fulfil their dreams and aspirations of embarking on a journey of happiness to achieve bigger goals in life.

SIBASIS NAYAK
State Topper in JEE(Main)NTA-2019 99.98%

GLOBAL SAIONEERS
UDAY SHARMA, TANMOY PANIGRAHI, ISHA AYESHA, ARNAV MISHRA

OUR TOPPERS (CBSE XII BOARD EXAM)
PRANAV MANIE, ASHWINI ACHARYA, UDAY SHARMA, PARTHABI KANUNGO

UDAY SHARMA, National University of Singapore. TANMOY PANIGRAHI, Georgia Institute of Technology, USA. ISHA AYESHA, Seton Hall University, New Jersey. ARNAV MISHRA, University of British Columbia, Vancouver.

PRANAV MANIE, Commerce 98%, Hans Raj College, Delhi University. ASHWINI ACHARYA, Science 97.4%, SCB Medical College. UDAY SHARMA, Science 97.4%, National University of Singapore PARTHABI KANUNGO, Humanities 96.6%, Maastricht University, The Netherlands.

100% RESULT IN CBSE X BOARD EXAM
SOUMYA SUDATTA NANDA 97.8%, ADITI ROUT 97.6%, ANANYA MAHAPATRA 97.6%, SHRUTI MISHRA 97.4%

PLACEMENT OF STUDENTS OF SAI INTERNATIONAL SCHOOL




- JEE Adv (IIT) - 5%
- JEE Main (NIT) - 13%
- BITSAT - 2%
- NISER/IISER - 2%
- AIIMS/JIPMER - 2%
- NEET - 20%
- NEET - 6% (Top colleges)
- SRM/VIT/Manipal - 15%
- CLAT/NLU - 5%
- CPT - 5%
- NIFT/NATA - 2%
- SRCC/LSR - 2%
- St. Xavier Kolkata - 2%
- DU - 5%
- SICC - 3%
- Symbiosis/Christ/Xaviers Bangalore - 8%
- Foreign Universities - 3%

NTSE Achievers 2018 - 17 students, KVPY Achievers 2018-19 - 27 students* *1st level

Co-Scholastic Achievements
- Student-led 100 Library Project has been nominated to represent India in the DFC Global Be the Change Conference (BTC), 2018
- SAIoneers received the Dada Saheb Phalke Film Festival Award 2018 in two categories
- International Recognition in the Breakthrough Junior Challenge 2018
- 1580 out of 1600 record score in SAT Examination, 2018
- Created CBSE National Record in U-14 Shotput at the CBSE National Athletic Competition, 2018
- Gold Medal in the CBSE National Chess Championship 2018 in both individual and team category
- Gold Medal for securing International Rank 1 in the National Cyber Olympiad 2017-18
- Gold medal in the CBSE East Zone Rifle Shooting Competition, 2018
- First position in the Schools Games Federation of India (SGFI) State level Swimming competition, 2018
- Runners-up in State level quiz competition by TCS IT Wiz

CBSE XII Board 2018 Results

Science:

| Number of Students | 1st Division | Above 75% |
|---|---|---|
| 292 | 98.6% | 88.7% |

Commerce:

| Number of Students | 1st Division | Above 75% |
|---|---|---|
| 165 | 98.2% | 89.7% |

Humanities:

| Number of Students | 1st Division | Above 75% |
|---|---|---|
| 27 | 100% | 96.3% |

ADMISSIONS OPEN FROM PLAYGROUP TO CLASS XI

sai angan India's largest play school
SICC SAI International College of Commerce
SAI International Residential School

Air conditioned hostel for boys & girls
Sushila Devi Scholarship to be provided for meritorious students

SAI INTERNATIONAL SCHOOL
Plot -5A, Chandrasekharpur, Infocity Road, Bhubaneswar - 751024, Odisha, INDIA
T: +91-674-7100200 M: +91-9338169966 / 9338336699 F: +91-674-7100222 E: admissions@saiinternational.edu.in



ଲୋକ ସଭା ଆସନ ପାଇଁ ଆନ୍ଧ୍ରପ୍ରଦେଶର ୱାଇ.ଏସ୍.ଆର. କଂଗ୍ରେସ ଶନିବାର ରାତିରେ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଏହି ତାଲିକାରେ ୯ଜଣ ପ୍ରାର୍ଥୀ ସ୍ଥାନ ପାଇଛନ୍ତି। ଦଳର ଅଧ୍ୟକ୍ଷ ୱାଇ.ଏସ୍. ଜଗମୋହନ ରେଡ୍ଡୀ ରବିବାର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିବା ଆଶା କରାଯାଉଛି। ଉକ୍ତ ତାଲିକାରେ ସମସ୍ତ ୧୭୫ ବିଧାନସଭା ଆସନ ଏବଂ ଅବଶିଷ୍ଟ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

## ସଂକ୍ଷେପରେ

### ସରକାରୀ ଜମି ଜବରଦଖଲ ଅଭିଯୋଗ
## ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ

କାକଟପୁର,୧୬।୩(ଡି.ଏନ୍.ଏ.): ସରକାରୀ ଜମିକୁ ଜବରଦଖଲ କରିଥିବା ଅଭିଯୋଗରେ କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀଙ୍କୁ ଶନିବାର କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ଅସ୍ତରଙ୍ଗ ତହସିଲଦାର। ପ୍ରକାଶ ଯେ, ବିଧାୟକ ସେଠୀ ନିଜ ଘର ଅସ୍ତରଙ୍ଗ ବ୍ଲକ ସିଲାରୀ ଗ୍ରାମରେ ଏକ ଗୋଚର କିସମର ସରକାରୀ ଜମିକୁ ଜବର ଦଖଲ କରିଥିବା ସମ୍ପର୍କରେ ନିକଟସ୍ଥ ଓଳିହାଁ ଗ୍ରାମର ଲକ୍ଷ୍ମୀଧର ବିଶ୍ୱାଳ ପୁରୀ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାସହିତ ଏହି ଅଭିଯୋଗ ପତ୍ରର ନକଲ ରାଜ୍ୟପାଳ, ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନ, ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ପଠାଇଥିଲେ। ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଏହି ଅଭିଯୋଗର ତଦନ୍ତ କରିବାକୁ ଅସ୍ତରଙ୍ଗ ତହସିଲଦାର ଅଶୋକ କୁମାର ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ସ୍ୱାଇଁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ରିପୋର୍ଟ ପାଇ ବିଧାୟକ ସେଠୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରି ଆଦେଶ ପତ୍ର ସଂଖ୍ୟା ନଂ. ୫୩/୨୦୧୯ରେ ବିଧାୟକଙ୍କ ନାମରେ ୧୬୫/୨୦୧୮-୧୯ରେ ଏକ ଜବରଦଖଲ ମାମଲା ରୁଜୁ କରିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ବିଧାୟକ ସେଠୀ କୁହନ୍ତି, ନୋଟିସ ମୁଁ ପାଇନାହିଁ, ନୋଟିସ ପାଇବା ପରେ ଏ ସମ୍ପର୍କରେ ମତାମତ ଦେବି।

## ଭୂମି ଅଧିକାର ଅଧିନିୟମ ୨୦୧୭ ଅସାମ୍ବିଧାନିକ: ଭାଜପା

ଭୁବନେଶ୍ୱର,୧୬।୩ (ବ୍ୟୁରୋ)- ସହରାଞ୍ଚଳର ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଓଡ଼ିଶା ସରକାର ମାଗଣାରେ ଜମି ଯୋଗାଇ ଦେବା ପାଇଁ ଆଇନ ପ୍ରଣୟନ କରିଥିଲା। ରାଜ୍ୟ ସରକାରଙ୍କ ଅଧାଦେଶ ଏବଂ ୨୦୧୭ ଆଇନ ବଳରେ ତଥା ଲିଜ ମାଧ୍ୟମରେ ଗରିବ ବସ୍ତିବାସିନ୍ଦାଙ୍କୁ ''ଭୂମି ଅଧିକାର ପଟ୍ଟା'' ବଣ୍ଟା ଯାଉଥିଲା। ହେଲେ ତାହା କେବଳ କାଗଜ ଟୁକୁଡା, ପ୍ରହସନ ଏବଂ ଠକାମି ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଦଳର କାର୍ଯ୍ୟକର୍ତ୍ତା ବିନୟ ଦାଶ ସୂଚନା ଅଧିକାର ଆଇନ ବଳରେ ପ୍ରାପ୍ତ କରିଥିବା ତଥ୍ୟକୁ ଆଧାର କରି ଦଳର ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରଣୟନ କରିଥିବା ଓଡିଶା ବସ୍ତି ବାସିନ୍ଦାଙ୍କ ଭୂମି ଅଧିକାର ଅଧିନିୟମ, ୨୦୧୭ ମୂଳତଃ ଅସାମ୍ବିଧାନିକ। ଏହି ଆଇନ ଭାରତୀୟ ସମ୍ବିଧାନର ଧାରା ୧୬୬ ଏବଂ ୨୫୪କୁ ଉଲ୍ଲଂଘନ କରି ପ୍ରଣୀତ କରାଯାଇଥିବାରୁ ଏହା ଅବୈଧ ତଥା ଅକାମୀ ହୋଇଯାଇଛି। ଉକ୍ତ ଆଇନକୁ ବୈଧ ତଥା କାର୍ଯ୍ୟକାରୀ କରିବାକୁ ହେଲେ ''ସରକାରୀ ଭୂମିର ବନ୍ଦୋବସ୍ତ''କୁ ଏକ ଲିଜ୍ କବଲା ଏବଂ ଭୂମିହୀନ ବସ୍ତିବାସିନ୍ଦାଙ୍କ ଦ୍ୱାରା ସମ୍ପାଦନ ପୂର୍ବକ ନିବନ୍ଧନ ଆଇନର ପରିସର ମଧ୍ୟରେ ନିବନ୍ଧିତ କରାଯିବା ପରେ ହିଁ ''ଭୂମି ଅଧିକାର ପଟ୍ଟା'' ଦିଆଯାଇ ପାରିବ। ବ୍ୟବସ୍ଥା ଅଧିନିୟମର ଅନ୍ତର୍ଭୁକ୍ତ ହୋଇ ନ ଥିବାରୁ ସମ୍ବିଧାନର ୧୬୬ଧାରାର ଉଲ୍ଲଂଘନ ହୋଇ ଏହି ଅଧିନିୟମଟି ଅକାମୀ ହେଲା। ପୁନଶ୍ଚ ଅଧିନିୟମ ଦ୍ୱାରା ସହରାଞ୍ଚଳ ଭୂମିର ଲିଜ୍ ମାଧ୍ୟମରେ ବନ୍ଦୋବସ୍ତ ହେଉଥିବାରୁ ଏହାକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ନିଶ୍ଚିତ ଆବଶ୍ୟକ ବୋଲି ଗୋଲକ କହିଛନ୍ତି।

# ହୋର୍ଡିଂକୁ ନେଇ ଟଣାଓଟରା

ଭୁବନେଶ୍ୱର,୧୬।୩(ବ୍ୟୁରୋ)

- କଟକ, ଭୁବନେଶ୍ୱରରୁ ହୋର୍ଡିଂ ହଟାଇବାକୁ ନେଇ ଭାଜପା କ୍ଷୁବ୍ଧ
- ସମସ୍ତ ବିଜ୍ଞାପନ ଖର୍ଚ୍ଚ ବିଏମ୍‌ସି ଓ ସିଏମ୍‌ସି କର୍ତ୍ତୃପକ୍ଷ ଫେରାଇବାକୁ ଦାବି
- ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ଭାଜପା
- ପ୍ରଧାନମନ୍ତ୍ରୀଙ୍କ ଫଟୋ ଥିବା ହୋର୍ଡିଂ ହଟାଇବାକୁ କଂଗ୍ରେସର ଦାବି



ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିବାକୁ ଯାଇଥିବା ଭାଜପା ପ୍ରତିନିଧି ଦଳ।

ସହରାଞ୍ଚଳର ବିଭିନ୍ନ ସ୍ଥାନରେ ଲାଗିଥିବା ହୋର୍ଡିଂକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ଲାଗିଛି ଟଣାଓଟରା। କେତେବେଳେ କଟକ ଓ ଭୁବନେଶ୍ୱରରେ ଲାଗିଥିବା ବିଜେଡି ହୋର୍ଡିଂକୁ ନେଇ ଭାଜପା ଆପତ୍ତି ଉଠାଉଥିବା ବେଳେ ବିଜେଡି ମଧ୍ୟ ଅନୁରୂପ ଅଭିଯୋଗ କରୁଛି। ଉଭୟ ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। କଟକ ଓ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଭାଜପା ପକ୍ଷରୁ ଲଗାଯାଇଥିବା ହୋର୍ଡିଂକୁ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଏବଂ କଟକ ମହାନଗର କର୍ତ୍ତୃପକ୍ଷ(ସିଏମ୍‌ସି) ପକ୍ଷରୁ ହଟାଇ ଦିଆଯାଇଥିବା ନେଇ ଅଭିଯୋଗ ହୋଇଛି। ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶନିବାର ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କୁ ଭେଟି ପ୍ରତିବାଦ କରିଛନ୍ତି। ଭାଜପା ଅଭିଯୋଗ କରିଛି ଯେ ସରକାରୀ କଳର ଅପବ୍ୟବହାର ଏବଂ ବିଏମସି ଓ ସିଏମସି କର୍ତ୍ତୃପକ୍ଷଙ୍କୁ ବିଜେଡି ସରକାର ବ୍ୟବହାର କରି ବେଆଇନ ଭାବେ ଭାଜପା ହୋର୍ଡିଂ ଏବଂ ବିଜ୍ଞାପନକୁ ହଟାଇ ଦେଉଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଭାଜପା ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ବିଜେଡିକୁ ଘାରିଛି ନିର୍ବାଚନ ପରାଜୟର ଭୟ। ସେହି ଭୟରେ ଏବେ ବିଜେଡି ମିଛ ଅଭିଯୋଗକୁ ଭରସା କରିଛି। ବିଜେଡି ନିଜର ଶକ୍ତି ପ୍ରଦର୍ଶନ କରି ବେଆଇନ ଭାବେ ଜୋର ଜବରଦସ୍ତ ବିଏମସି ଓ ସିଏମସି କର୍ତ୍ତୃପକ୍ଷମାନଙ୍କ ଜରିଆରେ ଯେଉଁ ବିଜ୍ଞାପନ ଏବଂ ହୋର୍ଡିଂ ହଟାଉଛି ତାହା କୌଣସି ସରକାରୀ ରାଜକୋଷର ଅର୍ଥ ନୁହେଁ। ଦଳର ନିଜସ୍ୱ ପାଣ୍ଠିରୁ ଏହାକୁ ବହନ କରାଯାଉଛି। ବିଏମସି ଓ ସିଏମସି ଭଳି ସରକାରୀ ସଂସ୍ଥା ଏବେ ବିଜେଡି କାର୍ଯ୍ୟକର୍ତ୍ତାଙ୍କ ପାଇଁ କାର୍ଯ୍ୟ କରୁଛନ୍ତି। ଏହାକୁ ନିର୍ବାଚନ କମିଶନ ଗୁରୁତର ସହ ନେବା ଦରକାର। ଉଚ୍ଛେଦ କରାଯାଇଥିବା ବିଜ୍ଞାପନ ଏବଂ ହୋର୍ଡିଂ ବାବଦ ସମସ୍ତ ଅର୍ଥ ବିଏମସି ଓ ସିଏମସି ଦ୍ୱାରା ଫେରସ୍ତ କରିବା ସହ ଯେଉଁସ୍ଥାନରେ ହୋର୍ଡିଂ ଥିଲା ପୁଣି ସେହି ସ୍ଥାନରେ ଲଗାଯାଉ। ଚଳିତ ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ ଏବଂ ନିରପେକ୍ଷ କରିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି।

ଅନ୍ୟ ପକ୍ଷରେ କେତେକ କେନ୍ଦ୍ର ସରକାରଙ୍କର କାର୍ଯ୍ୟାଳୟରେ ପ୍ରାଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋକୁ ନେଇ ରାଜ୍ୟ କଂଗ୍ରେସ ଆପତ୍ତି ଉଠାଇଛି। କେତେକ ସ୍ଥାନରେ ଆଦର୍ଶ ଆଚରଣ ବିଧି ଲାଗୁ ସତ୍ତ୍ୱେ ମଧ୍ୟ ହୋର୍ଡିଂରେ ପ୍ରଧାନମନ୍ତ୍ରୀଙ୍କ ଫଟୋ ରହିଛି। କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟଗୁଡିକରୁ ତାହା ହଟାଯାଇ ନ ଥିବା ରାଜ୍ୟ କଂଗ୍ରେସ ଉପସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଅଭିଯୋଗ କରିଛନ୍ତି। ସେ ଏ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଖୋଲାଯାଇଥିବା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍‌କୁ ଫୋନ କରି ଜଣାଇଛନ୍ତି। ଏ ନେଇ ତୁରନ୍ତ ପଦକ୍ଷେପ ନେବାକୁ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ବୋଲି ଜ୍ଞାନେନ୍ଦ୍ର କହିଛନ୍ତି।

### କାଳିଆ ଯୋଜନା ସହାୟତା ରାଶି ବନ୍ଦ ହେବା ଆଶଙ୍କା
# ସିଇଓଙ୍କୁ ଭେଟିଲେ ବିଜେଡି ବିଧାୟକ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ଚାଷୀମାନଙ୍କୁ କାଳିଆ ଯୋଜନାରେ ଦିଆଯାଉଥିବା ସହାୟତା ରାଶି ବନ୍ଦ ନ କରିବା ପାଇଁ ବିଜେଡି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି। ବିଜେଡି ବିଧାୟକଙ୍କ ଏକ ପ୍ରତିନିଧି ଦଳ ଶନିବାର ସିଇଓଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ କୁହାଯାଇଛି ଯେ ରାଜ୍ୟର ୨୦ ଲକ୍ଷ ଚାଷୀଙ୍କୁ ଦେବାକୁ ଥିବା ସହାୟତା ରାଶି ବନ୍ଦ କରିବାକୁ ଭାଜପା ନିର୍ବାଚନ କମିଶନଙ୍କ ଉପରେ ଚାପ ପ୍ରୟୋଗ କରିବା ଆଶଙ୍କା ରହିଛି। ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା କାଳିଆ ଯୋଜନା ଚାଷୀ ଓ ସେମାନଙ୍କ ପରିବାର ପାଇଁ ଏକ ଆଦର୍ଶ ଯୋଜନା। ସେମାନଙ୍କର ଜୀବିକାର୍ଜନ ପାଇଁ ଏହା ଅଭୂତପୂର୍ବ ସହାୟତା କରୁଛି। ଏ ପର୍ଯ୍ୟନ୍ତ ୩୭ ଲକ୍ଷ ଚାଷୀଙ୍କୁ ଏହି ଯୋଜନାରେ ସହାୟତା ପ୍ରଦାନ କରାଯାଇ ସାରିଲାଣି। ଏହି ଯୋଜନାରେ ଚାଷୀଙ୍କୁ ମିଳୁଥିବା ଅର୍ଥକୁ ବନ୍ଦ କରିବାକୁ ଭାଜପା ଯୋଜନା କରୁଥାଇପାରେ। ଏପ୍ରିଲ ପହିଲାରୁ ଦେବାକୁ ଥିବା ସହାୟତାରୁ ଚାଷୀ ଯେପରି ବଞ୍ଚିତ ନ ହେବେ ସେ ଦିଗରେ ପଦକ୍ଷେପ ନେବାକୁ ବିଜେଡି ବିଧାୟକ ମହୀଧର ରଣା, ପୁଷ୍ପେନ୍ଦ୍ର ସିଂ ଦେଓ, ବଳଭଦ୍ର ମାଝି, ପୂର୍ଣ୍ଣଚନ୍ଦ୍ର ସେଠୀ, ଟୁକୁନି ସାହୁ ପ୍ରମୁଖ ସିଇଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

## ଖୋଲିଲା ନମୋ ଆପ୍ ଷ୍ଟଲ

ଭୁବନେଶ୍ୱର,୧୬।୩ (ବ୍ୟୁରୋ): ଦେଶ ତଥା ରାଜ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ବୃଦ୍ଧି ପାଇଛି। ''ମୋଦି ସରକାର-ଫିର ଏକ ବାର୍'' ଓ ''ନମୋ ଏଗେନ'' କ୍ୟାମ୍ପେନକୁ ଆହୁରି ଅଧିକ ତ୍ୱରାନ୍ୱିତ କରିବା ପାଇଁ ମୋଦି ପ୍ରଶଂସକଙ୍କ ସକାଶେ ରାଜ୍ୟ ଭାଜପା କାର୍ଯ୍ୟାଳୟ ସମ୍ମୁଖରେ 'ନମୋ ଆପ୍ ମର୍ଚ୍ଚେଣ୍ଡାଇଜ' ଷ୍ଟଲ ଖୋଲାଯାଇଛି। ଏହି ଷ୍ଟଲରେ ବିଭିନ୍ନ ପ୍ରକାର ଟି-ଶାର୍ଟ, ବ୍ୟାଜ୍, ଟୋପି, ଚାବି ରିଂ ଭଳି ବିଭିନ୍ନ ପ୍ରଚାର ପ୍ରସାର ସାମଗ୍ରୀ ଉପଲବ୍ଧ ହେବ।

# ୩ ବିଜେଡି ବିଧାୟକଙ୍କ ବିରୋଧରେ ଅସନ୍ତୋଷ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

- ନିଆଳି,ବୀରମହାରାଜପୁର,ସମ୍ବଲପୁର ବିଧାୟକଙ୍କ ବିରୋଧରେ ଫେରାଦ
- ସଭାପତିଙ୍କୁ ଭେଟିଲେ ବିଭିନ୍ନ ଜିଲା ପର୍ଯ୍ୟବେକ୍ଷକ




ନବୀନ ନିବାସ ନିକଟରେ ନିଆଳିରୁ ଆସିଥିବା ବିଜେଡି କର୍ମୀ।

ବିଜେଡି ପକ୍ଷରୁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଏଯାବତ୍ ପ୍ରକାଶ ପାଇନାହିଁ। ଦଳର ଏକାଧିକ ବିଧାୟକଙ୍କ ବିରୋଧରେ ଥିବା ଜନଅସନ୍ତୋଷ ରାଜଧାନୀରେ ପ୍ରତିଫଳିତ ହୋଇଛି। ଆଶାୟୀଙ୍କ ଲମ୍ବା ଲାଇନ୍ ମଧ୍ୟରେ ଅସନ୍ତୁଷ୍ଟଙ୍କ ବିଧାୟକ ବିରୋଧୀ ସ୍ଲୋଗାନ ଶନିବାର ନବୀନ ନିବାସ ନିକଟରେ ଶୁଣିବାକୁ ମିଳିଛି। କଟକ ଜିଲା ନିଆଳି ବିଧାୟକ ପ୍ରମୋଦ ମଲ୍ଲିକ, ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଏବଂ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କ ବିରୋଧରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଦଳୀୟ କର୍ମୀ ଫେରାଦ ହୋଇଛନ୍ତି।

ନିଆଳିରୁ ତୃପ୍ତିରଞ୍ଜନ ବେହେରାଙ୍କ ନେତୃତ୍ୱରେ ଆସିଥିବା ଶତାଧିକ କର୍ମୀ ପ୍ରମୋଦଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରିଛନ୍ତି। ତୃପ୍ତି କହିଛନ୍ତି ଯେ, ବିଧାୟକ ମଲ୍ଲିକଙ୍କ ଯୋଗୁ ବିଜେଡି ଏବଂ ସରକାରଙ୍କ ଭାବମୂର୍ତ୍ତି କ୍ଷୁଣ୍ଣହୋଇଛି। ବିଧାୟକ ପାଇଖାନା ନିର୍ମାଣ, ଭତ୍ତା ଇତ୍ୟାଦିରେ ପିସି ନେଉଛନ୍ତି। ତେଣୁ ତାଙ୍କୁ ପରିବର୍ତ୍ତନ କରାଯାଉ ବୋଲି ତୃପ୍ତି କହିଛନ୍ତି। ସେହିପରି ସମ୍ବଲପୁର ବିଧାୟିକା ରାସେଶ୍ୱରୀଙ୍କ ବିରୋଧରେ ସମ୍ବଲପୁରର କେତେଜଣ ବିଜେଡି କର୍ମୀ ଫେରାଦ ହୋଇଛନ୍ତି। ସମ୍ବଲପୁର ବିଜେଡି କର୍ମୀ ହାଜି ମହମ୍ମଦ ୟୁସୁଫ୍ କହିଛନ୍ତି ଯେ, ରାସେଶ୍ୱରୀ ପାଣିଗ୍ରାହୀ ଉଚ୍ଚଶିକ୍ଷିତା ଏବଂ ସ୍ୱନାମଧନ୍ୟା ଡାକ୍ତର। ହେଲେ ବିଗତ ୫ ବର୍ଷରେ ସେ ରାଜନେତ୍ରୀ ହିସାବରେ ଏତେଟା ଉଲ୍ଲେଖନୀୟ କାର୍ଯ୍ୟ କରିନାହାନ୍ତି। ତେଣୁ ଦଳକୁ ସମ୍ବଲପୁରରେ ବିଜୟୀ କରିବାକୁ ହେଲେ ତାଙ୍କୁ ବଦଳାଇବାକୁ ପଡିବ ବୋଲି ୟୁସୁଫ୍ ମତ ରଖିଛନ୍ତି। ସେହିପରି ଦୁଇଦିନ ତଳେ ବୀରମହାରାଜପୁର ବିଧାୟକ ପଦ୍ମନାଭଙ୍କୁ ବଦଳାଯାଇ ଅନ୍ୟଜଣଙ୍କୁ ପ୍ରାର୍ଥୀ କରାଯିବ ବୋଲି ଚର୍ଚ୍ଚା ଜୋର ଧରିଥିଲା। ବିଧାୟକ ସ୍ଥାନୀୟ ବାସିନ୍ଦା ହୋଇ ନ ଥିବାରୁ ତାଙ୍କୁ ବଦଳାଇବା ପାଇଁ ବୀରମହାରାଜପୁର ବିଜେଡି ସମର୍ଥକମାନେ ଅନୁରୋଧ କରିଛନ୍ତି।

କୋରାପୁଟ ସଂରକ୍ଷିତ ଆସନରେ ବିଜେଡି ପକ୍ଷରୁ ଡମ୍ବୋ ସମ୍ପ୍ରଦାୟରୁ ପ୍ରାର୍ଥୀ କରାଯାଉ ବୋଲି କେତେଜଣ କର୍ମୀ ସଭାପତିଙ୍କୁ ସ୍ମାରକ ପତ୍ର ଜରିଆରେ ଅନୁରୋଧ କରିଛନ୍ତି।

ସେହିପରି ଢେଙ୍କାନାଳ ଜିଲା ପର୍ଯ୍ୟବେକ୍ଷକ ରଘୁନାଥ ମହାନ୍ତି ଏବଂ ସହପର୍ଯ୍ୟବେକ୍ଷକ ବିଜୟ ନାୟକ ସଭାପତିଙ୍କୁ ସାକ୍ଷାତ କରିଛନ୍ତି। ଢେଙ୍କାନାଳ ଜିଲାରେ ଦଳୀୟ ସ୍ଥିତି, ବିଧାନସଭାୱାରି ରିପୋର୍ଟ ପ୍ରଦାନ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା ପରେ ଢେଙ୍କାନାଳ ନେଇ ଆଲୋଚନା ହେବ ବୋଲି ସୂତ୍ରରୁ ପ୍ରକାଶ। ଏମାନଙ୍କ ବ୍ୟତୀତ ଉଷା ଦେବୀ, ପଦ୍ମନାଭ ବେହେରା, ସଞ୍ଜିତ ପାତ୍ର, ବିଧାୟକ ବଳଭଦ୍ର ମାଝି, ରବି ନାରାୟଣ ପାଣି, ଅନୁପ ସାଏ, ଶଶିଭୂଷଣ ବେହେରା ଏବଂ ପୂର୍ଣ୍ଣ ସେଠୀ ପ୍ରମୁଖଙ୍କୁ ନବୀନ ନିବାସରେ ଦେଖିବାକୁ ମିଳିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢଗ ବାରବୋଡ଼ି କି ନ ଥିଲା,**
**ଗୀତ ବାରବୋଡ଼ି ଥିଲା;**
**ଯେଉଁଦିନ ହାତ ଧଇଲି କାଳିଆ,**
**ସବୁ ତ ପାସୋର ଗଲା।**

ବାପଘରେ ଝିଅଟି ବେଶ୍ ଅଲିଅଳରେ ବଢ଼ିଥାଏ। ପରନ୍ତୁ ବୋହୂ ହୋଇ ଶାଶୁଘରକୁ ଆସିବା ପରେ ତା'ର ଦାୟିତ୍ୱ ଓ କର୍ତ୍ତବ୍ୟ ବହୁ ପରିମାଣରେ ବଢ଼ିଯାଏ। ଘରସଂସାର କରିବା ଭିତରେ ସେ ବାପଘରର ମଧୁର ସ୍ମୃତିଗୁଡ଼ିକୁ ପାସୋରି ଦେଇଥାଏ। ସାଧାରଣତଃ ଦାୟିତ୍ୱ ସମ୍ଭାଳୁଥିବା ବ୍ୟକ୍ତି ନିଜ ପଛ ବା ଅତୀତ କଥା ଭାବିବାକୁ ସମୟ ପାଇ ନ ଥାଏ। ଏପରିସ୍ଥଳେ ବାପଘରୁ କିଛି ଢଗ ଭଳି ଶିକ୍ଷଣୀୟ କଥା ଶିଖି ଆସିଥିବା ଝିଅ ଶାଶୁଘରର କର୍ମମୟ ଜଞ୍ଜାଳ ଭିତରେ ବୁଡ଼ି ମନରୁ ସେସବୁ ପାସୋରିଦେବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଢଗ ମରମ,**
**କଥା ସରମ।**

ଢଗଢମାଳି ବ୍ୟକ୍ତିର ଗୁଣ ବା ଚରିତ୍ରକୁ ଅନ୍ୟ ଆଗରେ ପରିପ୍ରକାଶ କରିବାର ଏକ ବଳିଷ୍ଠ ମାଧ୍ୟମ କହିଲେ ଅତ୍ୟୁକ୍ତି ହେବନାହିଁ। ଢଗ ଛଳରେ କୁହାଯାଉଥିବା କିଛି କଟୁପୂର୍ଣ୍ଣ କଥା ଶୁଣିବା ଲୋକ ଉପରେ ଗଭୀର ରେଖାପାତ ସୃଷ୍ଟି କରିଥାଏ। ଦେହ ଓ ମନକୁ କ୍ଷତାକ୍ତ କରିଦେଇଥାଏ। ମର୍ମଭେଦୀ କଥା ଶୁଣି ଲାଜ ସରମରେ ଜଳିଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## 'ରାଜ୍ୟ ପ୍ରତି ବୈମାତୃକ ମନୋଭାବର ଆଉ ଏକ ଉଦାହରଣ'

**ରେଳବାଇ ବିଦ୍ୟୁତୀକରଣ ଓଡ଼ିଶା କାର୍ଯ୍ୟାଳୟ ସ୍ଥାନାନ୍ତର ବିବାଦ**

- ବିଜେଡି ମିଛ ଡ୍ରାମା କରୁଛି: ଭାଜପା

ଭୁବନେଶ୍ୱର,୧୬।୩ (ବ୍ୟୁରୋ) କେନ୍ଦ୍ରର ଭାଜପା ସରକାର ରେଳବାଇ ବିଦ୍ୟୁତୀକରଣ ଭୁବନେଶ୍ୱର କାର୍ଯ୍ୟାଳୟ ବେଙ୍ଗାଲୁରୁକୁ ସ୍ଥାନାନ୍ତର କରି ଓଡିଶା ପ୍ରତି ବୈମାତୃକ ମନୋଭାବର ଆଉ ଏକ ଉଦାହରଣ ଦେଇଛି ବୋଲି ବିଜେଡି ଅଭିଯୋଗ କରିଛି। ରାଜ୍ୟବ୍ୟାପୀ ଏନେଇ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଭାଜପାକୁ ମୁହଁ ଲୁଚାଇବାକୁ ପଡିଛି। ଭାଜପା କ୍ଷମତାକୁ ଆସିବାପରେ ୫ବର୍ଷରେ ଓଡିଶାକୁ ଅବହେଳା କରିଆସିଛି। ଓଡିଶାରେ ରେଳବାଇକୁ ଦୁର୍ବଳ କରିବା ପାଇଁ ଭାଜପା ଲଗାତର ଷଡ଼ଯନ୍ତ୍ର ରଚିଛି। ଭାଜପା ସରକାରର ଏଭଳି କାର୍ଯ୍ୟକୁ ରାଜ୍ୟବାସୀ ନିନ୍ଦା କରୁଛନ୍ତି। ଆଚରଣବିଧି ଲାଗୁ ହୋଇସାରିଥିବାବେଳେ ଏପ୍ରକାର ନିଷ୍ପତ୍ତି ନିଆଯାଇଛି। ଏହା ନିର୍ବାଚନ ଆଚରଣବିଧିର ଉଲ୍ଲଂଘନ। ଏନେଇ ଦଳ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହେବ ବୋଲି ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି।

ରେଳ ବିଦ୍ୟୁତୀକରଣ କେନ୍ଦ୍ରୀୟ ସଙ୍ଗଠନର ପୁନର୍ନିର୍ମାଣ ପ୍ରତିଷ୍ଠାନ ଓଡିଶାରୁ ଅନ୍ୟସ୍ଥାନକୁ ସ୍ଥାନାନ୍ତରଣ ପ୍ରସଙ୍ଗକୁ ତିଳକୁ ତାଳ କରି ବିଜେଡି ମିଛ ଡ୍ରାମା କରୁଛି। ବିଜେଡି ଚିରାଚରିତ ପ୍ରକ୍ରିୟାକୁ ଏଭଳି କହି ଏକ ନାଟକ କରୁଛି ବୋଲି ଭାଜପା ଉପସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି। ସମୀର କହିଛନ୍ତି ଯେ, ରେଳ ବିଦ୍ୟୁତୀକରଣ କେନ୍ଦ୍ରୀୟ ପ୍ରକଳ୍ପ ଓଡିଶାରେ ବନ୍ଦ ହେବା ନୂଆ କଥା ନୁହେଁ। ଯେଉଁଠି ଧାର୍ଯ୍ୟକାମ ଶେଷ ହୁଏ ଉକ୍ତ ପ୍ରକଳ୍ପ ଅଧିକ କାମ ଥିବା ରାଜ୍ୟକୁ ସ୍ଥାନାନ୍ତର ହୁଏ। ଏହି ସମୟରେ ଓଡିଶା ସହ ପଶ୍ଚିମବଙ୍ଗ ଓ ତେଲେଙ୍ଗାନାରେ ଥିବା ଏଭଳି ପ୍ରକଳ୍ପ ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର ହେବ। ଓଡିଶା ପ୍ରକଳ୍ପରେ କାମ କରୁଥିବା କୌଣସି ବି ଚାକିରି ପ୍ରଭାବିତ ହେବନାହିଁ ବୋଲି ସମୀର କହିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ଶଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## ପୋଲିସ ଗୁଳିରେ ୨ ମାଓବାଦୀ ନିହତ

ମାଲକାନଗିରି,୧୬।୩(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଜିଲା ପେଦାବାଇଲି ଥାନା ଅନ୍ତର୍ଗତ ବରାଦମାମୁଡୁ ଚିନ୍ତଗୁଣ୍ଡି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଆନ୍ଧ୍ର ଗ୍ରେହାଉଣ୍ଡ ଯବାନଙ୍କ ଗୁଳିରେ ୨ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ୨ଟି ବନ୍ଧୁକ ଜବତ ହୋଇଛି। ମୃତକମାନେ ହେଲେ ପେଡ଼କଡ଼ପଲି ଗ୍ରାମର ସିଡରି ଜମିଦାର ଓ ବଟି ଭୂଷଣ। ସିଡରି ଓ ବଟି ମିଲିସିଆ ଭାବେ କାର୍ଯ୍ୟ କରୁଥିବା ପୋଲିସ ପକ୍ଷରୁ କୁହାଯାଇଛି। ତେବେ ସେମାନେ ନିରୀହ ଆଦିବାସୀ ଥିଲେ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି।

## ମାଟ୍ରିକ: ପ୍ରକାଶ ପାଇଲା ପରୀକ୍ଷକ ତାଲିକା

କଟକ ଅଫିସ,୧୬।୩

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ହୋଇଥିବା ଚଳିତବର୍ଷର ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଓ ମଧ୍ୟମା ପରୀକ୍ଷାର ଖାତା ଦେଖା ଆସନ୍ତା ୨୫ତାରିଖରୁ ଆରମ୍ଭ ହେବ। ଏ ନେଇ ଶନିବାର ବୋର୍ଡ ପକ୍ଷରୁ ପରୀକ୍ଷକ ତାଲିକା ପ୍ରକାଶ ପାଇଛି। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାର ଖାତା ଦେଖା ନିମନ୍ତେ ମୋଟ୍ ୧୬୦୩୦ଜଣ ଶିକ୍ଷକ ନିଯୁକ୍ତ ହୋଇଥିବାବେଳେ ମଧ୍ୟମା ପରୀକ୍ଷାଖାତା ଦେଖିବେ ୧୭୬ଜଣ। ପରୀକ୍ଷକମାନେ ୨୪ ତାରିଖ ପୂର୍ବାହ୍ନ ୧୦ଟା ସୁଦ୍ଧା ମୂଲ୍ୟାୟନ କେନ୍ଦ୍ରରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ମୋଟ୍ ୬୦ଟି ମୂଲ୍ୟାୟନ କେନ୍ଦ୍ର ସ୍ଥିର କରାଯାଇଛି। ଭିନ୍ନଭିନ୍ନ ମୂଲ୍ୟାୟନ କେନ୍ଦ୍ରରେ ୨୪ ତାରିଖ ଅପରାହ୍ନ ୨ଟାରେ ଜିଲା ଶିକ୍ଷାଧିକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଦ୍ୱାରା ବୈଠକ ଡକାଯିବ। ଅନୁପସ୍ଥିତ ଥିବା ପରୀକ୍ଷକଙ୍କ ସ୍ଥାନରେ ତୁରନ୍ତ ସେହିଦିନ ନୂତନ ପରୀକ୍ଷକଙ୍କୁ ନିଯୁକ୍ତ କରାଯିବ ବୋଲି ବୋର୍ଡର ପରୀକ୍ଷା ନିୟନ୍ତ୍ରକ ନିହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ୧୦ରୁ ୧୨ଦିନ ଧରି ମୂଲ୍ୟାୟନ ଜାରି ରହିବ ବୋଲି ସେ କହିଛନ୍ତି। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ମୁଖ୍ୟ ପରୀକ୍ଷକ ଭାବେ ୭୬୧ଜଣଙ୍କୁ ନିଯୁକ୍ତ କରାଯାଇଛି। ଏହାଛଡ଼ା ୧୪୮୨ଜଣଙ୍କୁ ଡେପୁଟି ମୁଖ୍ୟ ପରୀକ୍ଷକ, ୧୨୨୬୫ଜଣଙ୍କୁ ସହକାରୀ ପରୀକ୍ଷକ, ୧୫୨୨ଜଣ ସ୍କ୍ରୁଟିନାଇଜର ଭାବେ ନିଯୁକ୍ତ ହୋଇଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH™
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କେଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ। ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

DANCE CLASS
Ollywood Choreographer Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact: 9438668573

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କେଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତ୍ତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡିକର ମୃତ୍ୟୁ ହୋଇଯାଉ।
- ଫ୍ରାଙ୍କଲିନ୍

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍ www.dharitri.com/main/selfie_list/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି : metroselfie@gmail.com



ଦିବ୍ୟ



ଟିଟୁମ୍



କାର୍ତ୍ତିକ



ବିଶ୍ୱଜିତ୍



ସୁଜିତ୍



କ୍ରିଷ୍ଣା

### ରାଜଧାନୀରେ ଫେଲ୍ ମାରିଛି ଆଇନଶୃଙ୍ଖଳା

# ନିର୍ବାଚନ ପୂର୍ବରୁ ଫୁଟିଲା ଗୁଳି

- ପିଇବାକୁ ପାଣି ମାଗି ସୁରକ୍ଷାକର୍ମୀଙ୍କୁ ଗୁଳିମାଡ଼
- ଜଣଙ୍କୁ ଅଟକ ରଖି ପୋଲିସର ପଚରାଉଚରା

**ଭୁବନେଶ୍ୱର, ୧୬।୩ (ବ୍ୟୁରୋ)**

ନିର୍ବାଚନ ପୂର୍ବରୁ ଭୁଶୁଡ଼ି ପଡ଼ିଲାଣି ରାଜଧାନୀର ଆଇନଶୃଙ୍ଖଳା ବ୍ୟବସ୍ଥା। ଅସୁରକ୍ଷିତ ହୋଇପଡିଲେଣି ସହରବାସୀ। ରାଜଧାନୀ ରାସ୍ତାରେ କେତେବେଳେ ଖଣ୍ଡା, ଭୁଜାଲି ବୁଲୁଛି ତ ଆଉ କେତେବେଳେ ବନ୍ଧୁକ ଗର୍ଜୁଛି। ଶୁକ୍ରବାର ଶୈଳଶ୍ରୀବିହାର, ବିଡିଏ କଲୋନୀ ଓ ରଘୁନାଥପୁର ଅଞ୍ଚଳରେ ୫ ଲୁଟ୍ ହୋଇଥିଲା। ସର୍ବସମ୍ମୁଖରେ ଦୁର୍ବୃତ୍ତମାନେ ୪ଜଣଙ୍କୁ ଖଣ୍ଡା ଓ ଭୁଜାଲିରେ ହାଣି ଲୁଟ୍‌ପାଟ କରିଥିଲେ। ଏହି ଘଟଣାରେ କମିଶନରେଟ ପୋଲିସ ଲୁଟେରା ଗ୍ୟାଙ୍ଗ୍‌ର ସାମାନ୍ୟତମ ସୁରାକ ପାଇପାରି ନ ଥିବାବେଳେ ଶନିବାର ରାଜଧାନୀରେ ଫୁଟିଛି ଗୁଳି। ଶହୀଦନଗର ଥାନା ଅନ୍ତର୍ଗତ ଟଙ୍କପାଣିରୋଡ୍ ସାଇମନ୍ଦିର ନିକଟ ଖଟାମିଠା କଲ୍ୟାଣ ମଣ୍ଡପର ସିକ୍ୟୁରିଟି ଗାର୍ଡ ଜ୍ଞାନରଞ୍ଜନ ମଲ୍ଲିକ(୩୦)ଙ୍କୁ ଦୁର୍ବୃତ୍ତମାନେ ଗୁଳିମାଡ଼ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଥାନାଧିକାରୀ ବିରଞ୍ଚି ନାରାୟଣ ପତି ଓ ଜୋନ୍ ଏସିପି ଅନିଲ କୁମାର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସେହିଭଳି ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ଖୋକା ଓ ରକ୍ତ ନମୁନା ସଂଗ୍ରହ କରିଛି। ଘଟଣାକୁ ନେଇ ପୋଲିସ କଲ୍ୟାଣ ମଣ୍ଡପ ମାଲିକ ଓ ଅନ୍ୟ ସୁରକ୍ଷା କର୍ମୀଙ୍କୁ ପଚରାଉଚରା କରିଛି। ଅନ୍ୟପକ୍ଷରେ ଅସ୍ତ୍ରୋପଚାର ପରେ ଜ୍ଞାନରଞ୍ଜନଙ୍କ ଡାହାଣ କାନ୍ଧରୁ ଗୁଳି ବାହାର କରାଯାଇଛି। ସେ ସାମାନ୍ୟ ସୁସ୍ଥ ହେବା ପରେ ପୋଲିସ ହସ୍ପିଟାଲକୁ ଯାଇ ତାଙ୍କର ବୟାନ ରେକର୍ଡ କରିଛି। ଘଟଣାସ୍ଥଳ ନିକଟରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରାଯାଇଛି। ଏନେଇ ପୋଲିସ ଆଇପିସି ଦଫା ୩୦୭ ଓ ଆର୍ମ୍ସ ଆକ୍ଟରେ ମାମଲା (ନଂ.୧୩୨/୧୯) ରୁଜୁ କରିଛି। ସେମାନଙ୍କୁ ଧରିବା ପାଇଁ ସ୍ପେଶାଲ ସ୍କ୍ୱାଡ୍, କୁଇକ୍ ଆକ୍ସନ ଟିମ୍ ଓ ଶହୀଦନଗର ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ସନ୍ଦେହରେ ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିବା ଥାନାଧିକାରୀ ପତି କହିଛନ୍ତି।





ସୂଚନା ଅନୁଯାୟୀ, ଗୁଳିମାଡ଼ରେ ଆହତ ଜ୍ଞାନରଞ୍ଜନ ଶୁକ୍ରବାର ରାତିରେ ଡ୍ୟୁଟିରେ ଥିଲେ। ସକାଳ ହୋଇ ଆସିବାରୁ ତାଙ୍କ ସହ ଥିବା ଅନ୍ୟଜଣେ ଭିତରକୁ ଚାଲିଯାଇ ଥିଲେ। ଭୋର୍ ପ୍ରାୟ ୪ଟା ୪୮ରେ ଦୁଇଜଣ ଯୁବକ ଏକ ବାଇକରେ କଲ୍ୟାଣ ମଣ୍ଡପ ଗେଟ୍ ନିକଟରେ ପହଞ୍ଚିଥିଲେ। ଗାଡି ଚଳାଉଥିବା ଡେଙ୍ଗା ବ୍ୟକ୍ତି ଜଣକ ହେଲ୍‌ମେଟ୍ ପିନ୍ଧିଥିବାବେଳେ ପଛରେ ବସିଥିବା ଗେଡ଼ାବ୍ୟକ୍ତି ମୁହଁରେ କପଡ଼ା ବାନ୍ଧିଥିଲେ। ସେମାନେ ଶୋଷ ଲାଗୁଥିବା କହିବାରୁ ଜ୍ଞାନରଞ୍ଜନ ମଣ୍ଡପ ଭିତରୁ ବୋତଲରେ ପାଣି ଆଣି ଗେଟ୍ ଫାଙ୍କରେ ବଢ଼ାଇ ଦେଇଥିଲେ। ପାଣି ପିଇବା ଭିତରେ ଦୁର୍ବୃତ୍ତମାନେ ତାଙ୍କୁ ମଣ୍ଡପ ମାଲିକଙ୍କ ସମ୍ପର୍କରେ ପଚାରିଥିଲେ। ମାତ୍ର ଜ୍ଞାନରଞ୍ଜନ ବାହାରେ ରହୁଥିବା କହି ଅଧିକ କିଛି ସୂଚନା ଦେଇ ନ ଥିଲେ। ତେବେ ପାଣି ପିଇସାରିବା ପରେ ଦୁର୍ବୃତ୍ତମାନେ ଜ୍ଞାନରଞ୍ଜନଙ୍କୁ ବୋତଲ ବଢ଼ାଇ ତଳେ ଟଙ୍କା ପଡ଼ିଥିବା କହିଥିଲେ। ଜ୍ଞାନରଞ୍ଜନ ପଛକୁ ବୁଲିପଡ଼ିବାରୁ ସେମାନେ ଏକ ବନ୍ଧୁକ ବାହାର କରି ଗେଟ୍ ଫାଙ୍କରେ ତାଙ୍କ ଉପରକୁ ଗୋଟିଏ ରାଉଣ୍ଡ ଗୁଳି କରିଥିଲେ। ସେ ଚିତ୍କାର କରି ତଳେ ପଡ଼ିଯିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ପରେ ଜ୍ଞାନରଞ୍ଜନ ଗୁଳି ପଶିଥିବା ଅଂଶରେ ହାତକୁ ଚାପି ଧରି ସେଠାରେ ଡ୍ୟୁଟି କରୁଥିବା ଅନ୍ୟ କର୍ମଚାରୀଙ୍କ ପାଖକୁ ଦୌଡ଼ିଥିଲେ। ରକ୍ତଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ଏନେଇ କଲ୍ୟାଣ ମଣ୍ଡପ ମାଲିକ ଅନୁପ ବଗାଇ କହିଛନ୍ତି, ଆହତ ସିକ୍ୟୁରିଟ୍ ଗାର୍ଡ ୭ ବର୍ଷ ହେବ ଏଠାରେ କାର୍ଯ୍ୟ କରୁଛନ୍ତି। ସେ ଜଣେ ଭଲ ସ୍ୱଭାବର ପିଲା। ତାଙ୍କୁ ପାଣି ପିଇବାକୁ ମାଗି ଗୁଳିମାଡ଼ କରିବା ଆଶ୍ଚର୍ଯ୍ୟ ଲାଗୁଛି ବୋଲି ସେ କହିଛନ୍ତି।

ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି, ଗୁଳିମାଡ଼ ଘଟଣାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ଅଭିଯୁକ୍ତଙ୍କ ସମ୍ପର୍କରେ ଖୋଳତାଡ଼ କରାଯାଉଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

### ଶୋଇଥିବା ଦୁଇ ଯୁବକଙ୍କୁ ପଥରରେ ଛେଚିଦେଲେ

ଶନିବାର ଭୋର୍ ସମୟରେ ମାଷ୍ଟରକ୍ୟାଣ୍ଟିନ ଛକ ନିକଟ ଲୋୟର ପିଏମ୍‌ଜି ଫୁଟ୍‌ପାଥ୍‌ରେ ଶୋଇଥିବା ଦୁଇ ଯୁବକଙ୍କ ମୁଣ୍ଡକୁ ଦୁର୍ବୃତ୍ତମାନେ ପଥରେ ଛେଚି ହତ୍ୟା ଉଦ୍ୟମ କରିଛନ୍ତି। ସେମାନଙ୍କ ମୁଣ୍ଡ ଫାଟିଯାଇଥିବାବେଳେ ଗୁରୁତର ଅବସ୍ଥାରେ ପିସିଆର୍ ପୋଲିସ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ଆହତ ଦୁଇ ଯୁବକ ହେଲେ ହାତୀ ବେହେରା ଓ ଭଗବାନ କାଣ୍ଡି। ସେମାନଙ୍କ କହିବାନୁଯାୟୀ, ଦୁହେଁ ଭିନ୍ନ ଭିନ୍ନ ସ୍ଥାନରେ ଶୋଇଥିଲେ। ଜଣେ ଦୁର୍ବୃତ୍ତ ଏକ ପଥର ଆଣି ପ୍ରଥମେ ହାତୀଙ୍କୁ ଓ ପରେ ଭଗବାନଙ୍କୁ ଆକ୍ରମଣ କରିଥିଲେ। ଉଭୟଙ୍କ ଚିତ୍କାର ଶୁଣି କେତେଜଣ ଦୌଡ଼ି ଆସିବାରୁ ଦୁର୍ବୃତ୍ତଜଣକ ପଳାଇଥିଲେ। ଏହି ଘଟଣାକୁ ନେଇ ଫୁଟ୍‌ପାଥରେ ଶୋଉଥିବା ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

### ଗାଡି ପାର୍କିଂକୁ ନେଇ ଗୁଳିମାଡ଼ ସନ୍ଦେହ

୭ଦିନ ତଳେ ଉକ୍ତ କଲ୍ୟାଣ ମଣ୍ଡପ ସମ୍ମୁଖରେ ଗାଡ଼ି ପାର୍କିଂ କରିବାକୁ କେନ୍ଦ୍ରକରି ସ୍ଥାନୀୟ ଅଞ୍ଚଳର ଦୁଇ ଯୁବକଙ୍କ ସହ ଜ୍ଞାନରଞ୍ଜନଙ୍କ ଝଗଡ଼ା ହୋଇଥିଲା। ଏପରିକି ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଅନ୍ୟ କର୍ମଚାରୀ ଉଭୟଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଯଦି ଏହି ଘଟଣାରେ ଉକ୍ତ ଦୁଇ ଯୁବକଙ୍କ ହାତ ରହିଛି, ତେବେ ସେମାନେ ବନ୍ଧୁକ କେଉଁଠୁ ଆଣିଲେ ବୋଲି ପ୍ରଶ୍ନ ଉଠୁଛି।

### ଏସ୍‌ସିବି ପାଥୋଲୋଜି ବିଭାଗରେ ଅଗ୍ନିକାଣ୍ଡ ଘଟଣା

# ରିପୋର୍ଟ ଦାଖଲ କଲା ତଦନ୍ତକାରୀ ଟିମ୍

**କଟକ ଅଫିସ, ୧୬।୩**

ଗତ ୭ ତାରିଖ ବିଳମ୍ବିତ ରାତିରେ ଏସ୍‌ସିବି ମେଡିକାଲରେ ଅଗ୍ନିକାଣ୍ଡ ଘଟି ପାଥୋଲୋଜି ବିଭାଗର ସାଇଟୋଲୋଜି ୟୁନିଟ୍ ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ୭ଜଣିଆ ଟିମ୍ ଘଟଣାର ତଦନ୍ତ କରି ଶନିବାର ଏସ୍‌ସିବି ଅଧୀକ୍ଷକଙ୍କ ନିକଟରେ ରିପୋର୍ଟ ଦାଖଲ କରିଛି। ରିପୋର୍ଟରେ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଦର୍ଶାଇ ସବୁ ଦୋଷ ବିଦ୍ୟୁତ୍ ବିଭାଗ ଉପରେ ଲଦି ଦେଇଛି। କିନ୍ତୁ ଅଗ୍ନିକାଣ୍ଡରେ କେତେ କ୍ଷୟକ୍ଷତି ହୋଇଛି ତାହାର ଆକଳନ କରାଯାଇନାହିଁ। ତେବେ ମାର୍ଚ୍ଚ ୭ ତାରିଖ ରାତିସାରା ଉକ୍ତ ୟୁନିଟ୍‌ରେ ଏସି ଚାଲିଥିବାରୁ ଏଭଳି ଘଟଣା ଘଟିଥିବା ଜିଇଡିର କନିଷ୍ଠଯନ୍ତ୍ରୀ ଶିଖା ଦାସ କହିଛନ୍ତି। ଉକ୍ତ ୟୁନିଟ୍‌ରେ ୫ଟି ସ୍ପ୍ଲିଟ୍ ଓ ଗୋଟିଏ ୱିଣ୍ଡୋ ଏସି ରହିଛି। ଯେହେତୁ ସମସ୍ତ ଏସିର ଇଣ୍ଡୋର ୟୁନିଟ୍‌ଗୁଡ଼ିକ ପୋଡ଼ି ପାଉଁଶ ହୋଇଯାଇଛି। ତେଣୁ ଏସିରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସମ୍ପୃକ୍ତ ଅଧିକାରୀ ଜଣଙ୍କ କହିଛନ୍ତି। ତେବେ ଏସ୍‌ସିବିରେ ଅଗ୍ନିକାଣ୍ଡ କିଛି ନୂଆ କଥା ନୁହେଁ। ଏଥିପୂର୍ବରୁ ପ୍ଲାଷ୍ଟିକ୍ ସର୍ଜରୀ, କାର୍ଡିଓଲୋଜି ବିଭାଗ ସମେତ ସେଣ୍ଟ୍ରାଲ ଆଇସିୟୁରେ ଅଗ୍ନିକାଣ୍ଡ ଭଳି ଘଟଣା ଘଟିଛି। ପ୍ରତ୍ୟେକ ଅଗ୍ନିକାଣ୍ଡର କାରଣ ଶର୍ଟସର୍କିଟ ଜନିତ ବୋଲି ପରବର୍ତ୍ତୀ ଅବସ୍ଥାରେ କୁହାଯାଇଥାଏ। ତେବେ ମେଡିକାଲ ଭଳି ଏକ ସମ୍ବେଦନଶୀଳ ଜାଗାରେ ବାରମ୍ବାର ଶର୍ଟସର୍କିଟ ଘଟିବା ଓ ଏଥିପାଇଁ ବହୁ ମୂଲ୍ୟର ସମ୍ପତ୍ତି ନଷ୍ଟ ହେବା ନେଇ କାହାରିକୁ ଦୋଷାରୋପ କରାଯାଉ ନାହିଁ କିମ୍ବା ସ୍ଥାୟୀ ପ୍ରତିକାର ମଧ୍ୟ କରାଯାଉନାହିଁ। ଏ ସମ୍ପର୍କରେ ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡା. ସିବିକେ ମହାନ୍ତି କହିଛନ୍ତି, ରିପୋର୍ଟକୁ ତର୍ଜମା କରାଯିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।







### ହସ୍ତଶିଳ୍ପ ପ୍ରଦର୍ଶନୀ ପାଇଁ ସ୍ୱତନ୍ତ୍ର ବସ୍ ବ୍ୟବସ୍ଥା

**ଭୁବନେଶ୍ୱର, ୧୬।୩(ବ୍ୟୁରୋ):** ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ତରଫରୁ ଆଦିବାସୀ ପଡ଼ିଆରେ ଗତ ୧୩ ତାରିଖରୁ ରାଜ୍ୟସ୍ତରୀୟ ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ ଚାଲୁଛି। ବିଭିନ୍ନ ପ୍ରକାର ହସ୍ତଶିଳ୍ପ ସାମଗ୍ରୀର ପ୍ରଦର୍ଶନୀ, ବିକ୍ରି ସହ ପ୍ରତି ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯାଉଛି। ରାଜଧାନୀବାସୀ ଏହି ପ୍ରଦର୍ଶନୀର କିପରି ସୁବିଧା ନେଇପାରିବେ ସେଥିପାଇଁ ନିର୍ଦ୍ଦେଶାଳୟ ପକ୍ଷରୁ ସ୍ୱତନ୍ତ୍ର ବସ୍‌ର ବ୍ୟବସ୍ଥା କରାଯାଇଛି। ପ୍ରଦର୍ଶନୀ ସମୟ ଭିତରେ ବିନା ମୂଲ୍ୟରେ ଏହି ବସ୍‌ରେ ଆଦିବାସୀ ପଡ଼ିଆକୁ ଯାତ୍ରା କରିପାରିବେ। ଏହି ବସ୍‌ର ସୁବିଧା ଅପରାହ୍ନ ୩ଟାରୁ ରାତ୍ରି ୯ଟା ପର୍ଯ୍ୟନ୍ତ ମିଳୁଛି। ବସ୍‌ଟି କିଟ୍ ଛକରୁ ଜୟଦେବ ବିହାର, ବାଣୀବିହାର, ରାଜମହଲ ଛକ ଦେଇ ଆଦିବାସୀ ପଡ଼ିଆରେ ପହଞ୍ଚିବ ଏବଂ ସେହି ରାସ୍ତା ଦେଇ ଫେରିବ। ଉକ୍ତ ବସ୍ ଆଗରେ କିଟ୍-ଆଦିବାସୀ ପଡ଼ିଆ (ହସ୍ତଶିଳ୍ପ ପ୍ରଦର୍ଶନୀ) ବୋଲି ନେମ୍‌ପ୍ଲେଟ୍ ଲଗାଯାଇଛି। ସେହିପରି ଖଣ୍ଡଗିରି ଓ ଧଉଳିକୁ ମଧ ଏହି ବସ୍ ଚଳାଚଳ କରିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀରେ କାଇଁଚ, ଧାନ, ଛଣ, ସବାଇ ଘାସ, ନଡ଼ିଆ କତା, ଟସର, ତାଳପତ୍ର, ଲାଖ ଆଦିରୁ ତିଆରି ଘରକରଣା, ସାଜସଜ୍ଜା ଓ ଉପହାର ସାମଗ୍ରୀମାନ ସୁଲଭ ମୂଲ୍ୟରେ ମିଳୁଛି।








# ୩ ଅଭିଜ୍ଞଙ୍କ ମଧ୍ୟରେ ହୋଇପାରେ ଟକ୍କର

**ପ୍ରଦୀପ୍ତ ଦାଶ**
**ପଦ୍ମପୁର,୧୬।୩**

ବରଗଡ଼ ଜିଲାର ୫ ନିର୍ବାଚନମଣ୍ଡଳୀ ମଧ୍ୟରୁ ପଦ୍ମପୁରର ରାଜନୈତିକ ସ୍ଥିତି ଭିନ୍ନ। କାରଣ ଜିଲାର ଏହି ଏକମାତ୍ର ନିର୍ବାଚନମଣ୍ଡଳୀ ଭାଜପା ଦଖଲରେ ରହିଛି। ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ୧୯୯୦ ମସିହାରୁ ବିଜେଡିଟିକେଟରେ ବିଜୟ ରଞ୍ଜନ ସିଂ ବରିହା ଲଗାତାର ୩ଥର ବିଜୟୀ ହୋଇଥିଲେ। ୨୦୦୪ ନିର୍ବାଚନରେ କଂଗ୍ରେସର ସତ୍ୟଭୂଷଣ ସାହୁ ବିଜୟଙ୍କୁ ପରାଜିତ କରିଥିଲେ। ୨୦୦୯ରେ ପଦ୍ମପୁର, ପାଇକମାଳ, ଝାରବନ୍ଧ ବ୍ଲକ ଓ ପଦ୍ମପୁର ଏନଏସିକୁ ନେଇ ସ୍ୱତନ୍ତ୍ର ବିଧାନସଭା ନିର୍ବାଚନମଣ୍ଡଳୀର ମାନ୍ୟତା ପାଇଥିଲା। ଏହି ନିର୍ବାଚନରେ ପୁଣି ବିଜେଡିରୁ ବିଜୟରଞ୍ଜନ ସିଂ ବରିହା ବିଜୟୀ ହୋଇଥିଲେ। ୨୦୧୪ ନିର୍ବାଚନରେ କଂଗ୍ରେସ ସତ୍ୟଭୂଷଣ ସାହୁଙ୍କୁ ଟିକେଟ୍ ନ ଦେଇ ତାଙ୍କ ସ୍ଥାନରେ ନୂଆ ମୁହଁ ଭାବେ ଡାକ୍ତର ପ୍ରକାଶ ନାରାୟଣ ତ୍ରିପାଠୀଙ୍କୁ ପ୍ରାର୍ଥୀ କରିଥିଲା। ଭାଜପାରୁ ପ୍ରଦୀପ ପୁରୋହିତ ଏବଂ ବିଜେଡିରୁ ବିଜୟରଞ୍ଜନ ସିଂ ବରିହା ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିଲେ। କଂଗ୍ରେସ ଏହି ନିର୍ବାଚନରେ ଦୁର୍ବଳ ପ୍ରାର୍ଥୀ ଦେଇଥିବାରୁ ଦଳର ପାରମ୍ପରିକ ଭୋଟ ମଧ୍ୟ ହାତେଇବାକୁ ସକ୍ଷମ ହୋଇପାରି ନ ଥିଲା। ଫଳରେ ଭାଜପା ପ୍ରାର୍ଥୀ ପୁରୋହିତ ବିଜୟୀ ହୋଇଥିଲେ।

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଯେତେ ଆଶାୟୀ ଥିଲେ ସୁଦ୍ଧା ପଦ୍ମପୁର ରାଜନୀତିର ୩ ଅଭିଜ୍ଞ ନେତା ପୁଣି ଥରେ ମଇଦାନକୁ ଓହ୍ଲାଇବା ସ୍ପଷ୍ଟ ହୋଇଛି। ବିଜେଡିର ଜିଲା ସଭାପତି ଦାୟିତ୍ୱରେ ଥିବା ବିଜୟରଞ୍ଜନ ସିଂ ବରିହା ଏକମାତ୍ର ପ୍ରାର୍ଥୀ ଦୌଡରେ ଥିବାବେଳେ ବର୍ତ୍ତମାନ ବିଧାୟକ ତଥା ଭାଜପାର ପ୍ରଦୀପ ପୁରୋହିତ ତାଙ୍କ ଟିକେଟ ନିଶ୍ଚିତ ବୋଲି କହି ପ୍ରଚାର ଆରମ୍ଭ କରିଛନ୍ତି। ପାଇକମାଳ ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ଗଜରାଜ ପୁଟା ଓ ଶ୍ରମିକ ନେତା ସଞ୍ଜୟ ବହିଦାର ଆଶାୟୀ ଅଛନ୍ତି। ଏହାପରେ ବି ବରଗଡ଼ ଜିଲା କଂଗ୍ରେସ କମିଟି ସଭାପତି ଦାୟିତ୍ୱରେ ଥିବା ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁଙ୍କ ଟିକେଟ ନିଶ୍ଚିତ ଥିବା ତାଙ୍କ ସମର୍ଥକମାନେ କହିଛନ୍ତି।

୨୦୧୯ ନିର୍ବାଚନ ପାଇଁ ତିନି ପ୍ରମୁଖ ଦଳ ଜୋରସୋର କସରତ ଆରମ୍ଭ କରିଛନ୍ତି। ଭାଜପାର ପ୍ରଦୀପ ପୁରୋହିତ ବିଧାନସଭାରେ ଭଲ ପ୍ରଦର୍ଶନ ସାଙ୍ଗକୁ ରାଜ୍ୟ ଭାଜପାର ମୁଖପାତ୍ର ଦାୟିତ୍ୱ ତୁଲାଉଛନ୍ତି। ସେ ମୋଦିଙ୍କ ଜନହିତକାରୀ ଯୋଜନା ଓ ରାଜ୍ୟ ସରକାରଙ୍କ ଅପାରଗତାକୁ ଆୟୁଦ୍ଧ କରିଛନ୍ତି। ପଦ୍ମପୁର ନିର୍ବାଚନ ମଣ୍ଡଳୀ ଜନସାଧାରଣଙ୍କ ସୁଖଦୁଃଖରେ ସେ ସାମିଲ ହୋଇଥିବା କହିଛନ୍ତି। ଆସନ୍ତା ନିର୍ବାଚନରେ ପଦ୍ମପୁର ଭୋଟର ତାଙ୍କ ସପକ୍ଷରେ ମତ ଦେବେ ବୋଲି ବିଧାୟକ ପୁରୋହିତ ଆଶାବାନ୍ଧି ଥିବା କହିଛନ୍ତି। ଅନ୍ୟପକ୍ଷେ ପଦ୍ମପୁର ଭାଜପାରେ ଗୋଷ୍ଠୀ କନ୍ଦଳ ଦଳକୁ ଚିନ୍ତାରେ ପକାଇଛି। ରାଜ୍ୟ ଭାଜପାରେ ବିଭିନ୍ନ ସମୟ ପଦପଦବୀରେ ଥିବା ଯୁବନେତା ରାଜୁ ଘିବେଲା ଯାଦବ ସମାଜ ତରଫରୁ ନିର୍ବାଚନ ଲଢ଼ିବା ସହ ନିଜ ପ୍ରଚାର ଆରମ୍ଭ କରିଛନ୍ତି। ଯାହାର ଫାଇଦା ନେବା ପାଇଁ କଂଗ୍ରେସ ଓ ବିଜେଡି ଲାଗି ପଡିଛନ୍ତି। ସେହିପରି ବିଜେଡିର ବିଜୟ ରଞ୍ଜନ ସିଂ ବରିହା କୁହନ୍ତି, ତାଙ୍କ ପ୍ରତିନିଧିତ୍ୱ କାଳରେ ପଦ୍ମପୁର ନିର୍ବାଚନମଣ୍ଡଳୀର ବିକାଶ ତ୍ୱରାନ୍ୱିତ ହୋଇଥିଲା। ଏବେ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଭାବମୂର୍ତ୍ତି, ବିକାଶମୂଳକ କାର୍ଯ୍ୟରେ ଲୋକେ ଖୁସି ଅଛନ୍ତି। ବର୍ତ୍ତମାନ ବିଧାୟକ କୌଣସି ଗୋଟିଏ ବି ଉନ୍ନୟନମୂଳକ କାର୍ଯ୍ୟ କରିପାରି ନାହାନ୍ତି। ସରକାରଙ୍କ କାଳିଆ ଯୋଜନା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବାରୁ ଲୋକେ ଆମ ସପକ୍ଷରେ ଭୋଟ ଦେବେ ବୋଲି ବରିହା କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସରୁ ପ୍ରାର୍ଥୀ ହେବା ପାଇଁ ଅଣ୍ଟା ଭିଡିଥିବା ବରିଷ୍ଠ ନେତା ସତ୍ୟଭୂଷଣ ସାହୁ ନିଜ ଘର ସଜାଡିବାରେ ଲାଗି ପଡିଛନ୍ତି। ପଡୋଶୀ ଛତିଶଗଡର କଂଗ୍ରେସ ସରକାରଙ୍କ ହାୱା ଏଠାରେ କର୍ମୀଙ୍କୁ ଉତ୍ସାହିତ କରିଛି। ଧାନର ସହାୟକ ମୂଲ୍ୟ ବୃଦ୍ଧି ଓ ରଣଛାଡ ପ୍ରସଙ୍ଗକୁ ନେଇ ସେ ଭୋଟ ହାତେଇବା ଚିନ୍ତାରେ ଅଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ତାଙ୍କ ନିର୍ବାଚନୀ ଇସ୍ତାହାର ପୂରଣ କରି ନାହାନ୍ତି। ଭୋଟରଙ୍କୁ ସେମାନେ ଦୀର୍ଘ ୨୦ ବର୍ଷ ହେଲା ଠକି ଚାଲିଛନ୍ତି। ଦୁର୍ନୀତି, ପିସି ବଢ଼ିଚାଲିଛି। ତେଣୁ ଲୋକେ ଭୋଟ ମାଧ୍ୟମରେ ଜବାବ ଦେବେ ବୋଲି ସତ୍ୟଭୂଷଣ ସାହୁ କହିଛନ୍ତି।

- ମୋଟ ଭୋଟର ସଂଖ୍ୟା **୨,୪୮,୭୯୫**
- ମହିଳା ଭୋଟର ସଂଖ୍ୟା **୧,୨୨,୪୦୪**
- ପୁରୁଷ ଭୋଟର ସଂଖ୍ୟା **୧,୨୬,୩୭୩**
- ତୃତୀୟ ଲିଙ୍ଗ ଭୋଟର ସଂଖ୍ୟା **୧୮**




**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ଭାଜପା | ପ୍ରଦୀପ ପୁରୋହିତ | ୬୮,୯୪୨ |
| ବିଜେଡି | ବିଜୟରଞ୍ଜନ ସିଂ ବରିହା | ୬୪,୪୨୯ |
| କଂଗ୍ରେସ | ଡା. ପ୍ରକାଶ ତ୍ରିପାଠୀ | ୩୧,୧୭୯ |

## ନିର୍ବାଚନମଣ୍ଡଳୀର ରୂପରେଖ

ବରଗଡ଼ ଜିଲାର ପଦ୍ମପୁର ନିର୍ବାଚନମଣ୍ଡଳୀ ୧୯୫୧ରେ ଗଠିତ ହୋଇଥିଲା। ୨୦୦୯ ସୀମା ନିର୍ଦ୍ଧାରଣ ପରେ ପଦ୍ମପୁର, ପାଇକମାଳ, ଝାରବନ୍ଧ ବ୍ଲକ ଓ ପଦ୍ମପୁର ଏନଏସିକୁ ନେଇ ଏହା ଗଠିତ ହୋଇଛି। ଚିର ମରୁଡି ପ୍ରପୀଡିତ ଏହି ନିର୍ବାଚନ ମଣ୍ଡଳୀରେ ସ୍ଥାୟୀ ଜଳସେଚନ, ପଦ୍ମପୁର ଜିଲା ଦାବି, ଅଙ୍ଗବନ୍ଧ ଯୋଜନା, ଶିକ୍ଷା, ସ୍ୱାସ୍ଥ୍ୟ ତଥା ରେଳ ଲାଇନ ଆଦି ପ୍ରମୁଖ ସମସ୍ୟା ହୋଇ ରହିଛି।


ପ୍ରଦୀପ ପୁରୋହିତ


ସତ୍ୟଭୂଷଣ ସାହୁ


ବିଜୟରଞ୍ଜନ ସିଂ ବରିହା

# ଚର୍ଚ୍ଚାରେ ନୂଆ ମୁହଁ

**ସନ୍ତୋଷ ରାଉତ/ଶୁଭକାନ୍ତ ନାୟକ**
**ଆନନ୍ଦପୁର/ ହାଟଡିହୀ, ୧୬।୩**

ରାଜ୍ୟ ରାଜନୀତିରେ କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନମଣ୍ଡଳୀର ସ୍ଥାନ ସ୍ୱତନ୍ତ୍ର ରହିଛି। ହାଟଡିହୀ ବ୍ଲକର ୩୧, ଆନନ୍ଦପୁର ବ୍ଲକର ୧୮ ପଞ୍ଚାୟତ ଏବଂ ଆନନ୍ଦପୁର ପୌରପରିଷଦର ୧୬ଟି ଓ୍ୱାର୍ଡକୁ ନେଇ ଏହା ଗଠିତ। ପୂର୍ବରୁ କଂଗ୍ରେସ ଦଖଲରେ ଥିବା ଏହି ଆସନକୁ ୨୦୦୯ ଏବଂ ୨୦୧୪ ନିର୍ବାଚନରେ ବିଜେଡି ଦଖଲ କରିଥିଲା। ଏଥର ଏହି ଆସନକୁ ହାତେଇବା ଲାଗି ୩ ପ୍ରମୁଖଦଳ କଂଗ୍ରେସ, ଭାଜପା ଓ ବିଜେଡି ଆଗୁଆ ରଣନୀତି ପ୍ରସ୍ତୁତ କରି ସଂଗଠନ ସଜାଡିବାରେ ଲାଗିଛନ୍ତି। ନିର୍ବାଚନ ତାରିଖ ଘୋଷଣା ପରଠାରୁ ବିଭିନ୍ନ ଦଳର ଆଶାୟୀ ପ୍ରାର୍ଥୀଙ୍କୁ ନେଇ ଚର୍ଚ୍ଚା ଲାଗି ରହିଛି। ଅନ୍ୟପକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ନେଇ ଏସବୁ ଦଳର ନେତା ଓ କର୍ମୀ ଗାଁ ଗାଁ ବୁଲି ସଭା, ସମାବେଶ କରୁଥିବାରୁ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ରାଜନୈତିକ ପାଣିପାଗ ବଦଳୁଥିବାରୁ ସବୁଠି ନୂଆ ମୁହଁକୁ ନେଇ ଚର୍ଚ୍ଚା ଲାଗି ରହିଛି।

୨୦୧୪ ନିର୍ବାଚନରେ ବିଜେଡି ଟିକଟରେ ମାୟାଧର ଜେନା ନିର୍ବାଚନ ଲଢି କଂଗ୍ରେସର ପୁରୁଖା ନେତା ତଥା ତତ୍କାଳୀନ ପ୍ରଦେଶ କଂଗ୍ରେସ ସଭାପତି ଜୟଦେବ ଜେନାଙ୍କୁ ୨୨୦୦୦ରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ଏହି ଆସନରୁ ହରାଇ ବିଜୟୀ ହୋଇଥିଲେ। ଚଳିତ ନିର୍ବାଚନରେ ସବୁଦଳର ଏକାଧିକ ଆଶାୟୀ ଥିବାରୁ ଏହା ସମ୍ପୃକ୍ତ ଦଳୀୟ ନେତୃବୃନ୍ଦଙ୍କ ଚିନ୍ତା ବଢାଇଛି। କଂଗ୍ରେସର ଟିକେଟ ଦାବିଦାର ଭାବେ ଜୟଦେବ ଜେନା ଓ ତାଙ୍କ ପୁଅ ସଂଗ୍ରାମ ଜେନାଙ୍କ ନାମ ସୁପାରିସ ହୋଇଥିବା ଆଲୋଚନା ହେଉଛି। ଏଣୁ କାହା ଭାଗ୍ୟରେ ଟିକେଟ୍ ପଡିବ ତାହା ମୁଖ୍ୟ ପ୍ରସଙ୍ଗ ସାଜିଛି। ବର୍ତ୍ତମାନର ପିସିସି ସଭାପତି ଥିବା ନିରଞ୍ଜନ ପଟ୍ଟନାୟକଙ୍କ ଘର ଆନନ୍ଦପୁରରେ । ଆନନ୍ଦପୁରର ଅଧିକ ଅଞ୍ଚଳ ଘସିପୁରା ନିର୍ବାଚନୀ ମଣ୍ଡଳୀରେ ରହିଛି । ଜୟଦେବ ଏହି ନିର୍ବାଚନ ମଣ୍ଡଳୀରୁ ଆଗରୁ କଂଗ୍ରେସ ଟିକେଟରେ ବିଜୟ ହାସଲ କରି ମନ୍ତ୍ରୀ ଓ ପରେ ପିସିସି ସଭାପତି ପଦରେ ରହିଥିଲେ। କଂଗ୍ରେସର ଗୋଷ୍ଠୀ କନ୍ଦଳ ଏକଦା ଆନନ୍ଦପୁର ନିର୍ବାଚନ ମଣ୍ଡଳୀକୁ ଚର୍ଚ୍ଚାରେ ରଖିଥିଲା। ବର୍ତ୍ତମାନ ଜୟଦେବ ଏବଂ ପିସିସି ସଭାପତି ନିରଞ୍ଜନଙ୍କ ମଧ୍ୟରେ ତିକ୍ତତାର ଅନ୍ତ ଘଟିଥିବା କୁହାଯାଉଛି। ଏହାସତ୍ତ୍ୱେ ଦଳରେ ଅନ୍ୟ ଆଶାୟୀ ଥିବାରୁ ଏବଂ କଂଗ୍ରେସ ଯୁବ ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦେବ ବୋଲି କହୁଥିବାରୁ ଦଳ କାହାକୁ ପ୍ରାର୍ଥୀ କରୁଛି, ତାହା ଅସ୍ପଷ୍ଟ ରହିଛି। ୨୦୦୯ରେ ବିଜେଡିରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ଭାଗୀରଥି ସେଠୀ ୨୦୧୪ରେ ଦଳୀୟ ଟିକେଟ୍‌ରୁ ବଞ୍ଚିତ ହେବାରୁ ପରେ ଭାଜପାରେ ଯୋଗଦେଇ ଏଥର ଦଳୀୟ ଟିକେଟ୍ ଦୌଡରେ ରହିଛନ୍ତି। ଭାଜପାର ପୂର୍ବତନ ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ, ଜିଲା ମହିଳାମୋର୍ଚ୍ଚା ସଭାନେତ୍ରୀ ସୁମତୀ ଜେନା ଓ ସନ୍ତୋଷ ଜେନା ଅନୁରୂପ ଟିକେଟ ଆଶାୟୀ ଅଛନ୍ତି।

କଂଗ୍ରେସ ଓ ଭାଜପାର ପ୍ରାର୍ଥୀ ଚୟନ ଉପରେ ଶାସକ ବିଜେଡି ନଜର ରଖିଥିବା ଚର୍ଚ୍ଚା ହେଉଥିଲେ ମଧ୍ୟ ଏହି ଦଳରେ ଏକାଧିକ ଆଶାୟୀଙ୍କ ଉପସ୍ଥିତି ଭିନ୍ନ ଚର୍ଚ୍ଚା ସୃଷ୍ଟି କରିଛି। ବର୍ତ୍ତମାନର ବିଜେଡି ବିଧାୟକ ମାୟାଧର ପୁନଶ୍ଚ ଟିକେଟ ଆଶାୟୀ ଥିବାବେଳେ ହାଟଡିହୀର ପୂର୍ବତନ ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଆରତୀ ସିଂ , କୌଶଲ୍ୟା ସେଠୀ, ଇଂ. ବିଶ୍ୱନାଥ ପ୍ରତାପ ଜେନା ପ୍ରମୁଖ ଟିକେଟ ଲାଗି ଆବେଦନ କରିଛନ୍ତି। ସେହିପରି ସୁରେନ୍ଦ୍ର ଦାସ, ସଞ୍ଜୟ ଦଳେଇ, ଅପର୍ତ୍ତି ଜେନା, ପାର୍ଥସାରଥି ଜେନା, ରମେଶ ଜେନା, ବିମଳ ଜେନା, ପ୍ରତାପ ସେଠୀ, କଳପା ସେଠୀ, ଆଇନଜୀବୀ ବାଇଧର ସେଠୀ, ଆଶିଷ କୁମାର ବେହେରା, ଅଶୋକ ଦାସ ବିଜେଡି ଟିକେଟ୍ ପାଇବାକୁ ଆବେଦନ କରିଥିବା ଜଣାପଡିଛି। ଉତ୍କଳ ସମାଜ ତରଫରୁ ପ୍ରଥମଥର ପାଇଁ ଏଠାରୁ ପ୍ରାର୍ଥୀ ଦିଆଯିବ ବୋଲି ରାଜ୍ୟ ସମ୍ପାଦକ ଭାସ୍କର ଜେନା କହିଛନ୍ତି ।

ଉଲ୍ଲେଖନୀୟ ଯେ, ଏହି ଆସନ ୧୯୭୭ ଓ ୧୯୯୦ନିର୍ବାଚନରେ ଜନତା ପାର୍ଟି, ୨୦୦୦ରେ ବିଜେଡି ଓ ଭାଜପା ମେଣ୍ଟ ଦଖଲରେ ରହିଥିଲା। ପରେ ଏହି ଆସନକୁ କଂଗ୍ରେସ କବ୍‌ଜା କରିଥିଲା। ୨୦୦୦ରେ ବିଜେଡି ଓ ଭାଜପା ମେଣ୍ଟ ହୋଇଥିବା ବେଳେ ଏହି ନିର୍ବାଚନମଣ୍ଡଳୀରୁ ମାୟାଧର ଜେନା ଭାଜପା ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୪ ନିର୍ବାଚନରେ ବିଜେଡି ତାଙ୍କୁ ଦଳୀୟ ପ୍ରାର୍ଥୀ କରିଥିଲା ଏବଂ ସେ ବିଜୟୀ ହୋଇଥିଲେ। ଏହି ନିର୍ବାଚନମଣ୍ଡଳୀରୁ ୩ୟ ଥର ଲାଗି ସେ ଟିକେଟ ଆଶାୟୀ ରହିଥିବା କହିଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ଦଳର ସ୍ଥିତି ସାମାନ୍ୟ ହ୍ରାସ ପାଇବା ଏବଂ ଆଦିବାସୀ ଅଧ୍ୟୁଷିତ ୩୪ ନମ୍ବର ଜିଲାପରିଷଦ ଜୋନ୍‌ରୁ ଭାଜପାର ଟିଁକି କିସ୍କୁ ବିଜୟୀ ହେବା ଶାସକ ବିଜେଡିର ଚିନ୍ତା ବଢାଇଛି। ଅନ୍ୟପକ୍ଷେ ପଡୋଶୀ ଘସିପୁରା ନିର୍ବାଚନମଣ୍ଡଳୀର ବିଧାୟକ ତଥା ମନ୍ତ୍ରୀ ବଦ୍ରି ପାତ୍ରଙ୍କ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ଦଳୀୟ ସ୍ଥିତିକୁ ମଜଭୁତ୍ କରିବା ଲକ୍ଷ୍ୟରେ କାର୍ଯ୍ୟ କରି ଆସୁଛନ୍ତି। ସାଂଗଠନିକ ଦୃଷ୍ଟିକୋଣରୁ ମନ୍ତ୍ରୀ ପାତ୍ର ଆନନ୍ଦପୁର ନିର୍ବାଚନମଣ୍ଡଳୀର ଦାୟିତ୍ୱରେ ଥିବାରୁ ଆଶାୟୀମାନେ ତାଙ୍କ ପିଛା ଛାଡୁନାହାନ୍ତି।

୨୦୧୪ ନିର୍ବାଚନରେ ଭାଜପା ବିଧାୟକ ପ୍ରାର୍ଥୀ ଥିବା ଆଲୋକ ସେଠୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର କାର୍ଯ୍ୟ ଅତୁଳନୀୟ । ଏଥିଲାଗି ଆମର ସ୍ଥିତି ମଜଭୁତ ଅଛି । ଦଳ ତାଙ୍କୁ ଟିକେଟ ଦେଲେ ନିଶ୍ଚୟ ଜିତିପାରିବେ। ସରକାରଙ୍କ ବିଭିନ୍ନ ବିଫଳତାକୁ ନେଇ ସେ ଲୋକଙ୍କ ନିକଟକୁ ଯାଉଛନ୍ତି ବୋଲି କହିଥିଲେ। ପୂର୍ବତନ ବିଧାୟକ ଭାଗୀରଥି ସେଠୀ କହିଛନ୍ତି, ସେ ଭାଜପାରୁ ଟିକେଟ୍ ପାଇବା ନେଇ ଆଶାୟୀ ରହିଛନ୍ତି । ଛାତ୍ର ଜୀବନରୁ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ରାଜନୀତିକୁ ଆସିଥିଲେ। ଭାଜପାରେ ମିଶିବା ପରଠାରୁ ଦଳୀୟ ସଂଗଠନ ସୁଦୃଢ କରିବା ପାଇଁ କାର୍ଯ୍ୟ କରି ଆସୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର କାର୍ଯ୍ୟ ତାଙ୍କୁ ବିଜୟୀ କରାଇବ। କଂଗ୍ରେସର ଆଶାୟୀ ବିଧାୟକ ପ୍ରାର୍ଥୀ ଜୟଦେବ କହିଛନ୍ତି, ନିର୍ବାଚନ ଲଢି ବିଜୟୀ ହେବାକୁ ସେ ଆଶା ରଖିଛନ୍ତି। ବିଭିନ୍ନ ପଞ୍ଚାୟତରେ ଯେଉଁଠି କଂଗ୍ରେସର ବୈଠକ କରାଯାଉଛି ସେଠାରେ ଜନସମର୍ଥନ ଦେଖିବାକୁ ମିଳୁଛି। ବର୍ତ୍ତମାନର ବିଧାୟକ ମାୟାଧର କହିଛନ୍ତି, ବିଜେଡି ସରକାର ଅମଳରେ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ହୋଇଛି। ବିଭିନ୍ନ ଯୋଜନା ମାଧ୍ୟମରେ ଲୋକଙ୍କୁ ସେବା ଯୋଗାଇ ଦିଆଯାଇଛି। ସେ ପୁନର୍ବାର ଟିକେଟ ପାଇଲେ ବିଜୟ ହାସଲ କରିବେ ବୋଲି ଆଶାବାଦୀ ଅଛନ୍ତି।




**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ମାୟାଧର ଜେନା | ୮୨,୫୨୦ |
| କଂଗ୍ରେସ | ଜୟଦେବ ଜେନା | ୬୦,୨୯୬ |
| ଭାଜପା | ଆଲୋକ ସେଠୀ | ୧୨,୬୬୪ |

**ମୋଟ ଭୋଟର: ୨, ୨୨, ୯୦୧**


ମାୟାଧର ଜେନା


ଜୟଦେବ ଜେନା


ଆରତୀ ସିଂ


ସାବିତ୍ରୀ ସେଠୀ


ସଂଗ୍ରାମକେଶରୀ ଜେନା


ଆଲୋକ ସେଠୀ

# ବିକଳ୍ପ ଖୋଜୁଛନ୍ତି ଭୋଟର

**ହର୍ଷବର୍ଦ୍ଧନ ବେହେରା/ରାମକୃଷ୍ଣ ଦାସ**
**ଯାଜପୁର ଅଫିସ, ୧୬।୩**

ଯାଜପୁର ଜିଲାର ବିଞ୍ଝାରପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ୧୯୬୭ ମସିହାରୁ ଏଯାବତ ସଂରକ୍ଷିତ ଆସନ ହୋଇରହିଛି। ଅଞ୍ଚଳବାସୀ ଏନେଇ ରାଜ୍ୟ ଓ କେନ୍ଦ୍ର ନିର୍ବାଚନ କମିଶନରଙ୍କୁ ବାରମ୍ବାର ଦୃଷ୍ଟିଆକର୍ଷଣ କରିଥିଲେ ହେଁ କିଛି ସୁଫଳ ମିଳି ପାରୁନାହିଁ। ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ଏହି ଆସନରେ ନିର୍ବାଚନକୁ ନେଇ ସବୁ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଛି। ଏହି ନିର୍ବାଚନ ମଣ୍ଡଳୀରେ ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ସମସ୍ୟା ଏବେ ମୁଖ୍ୟ ବିଷୟ ହୋଇଛି। ଡ୍ରେନେଜ, ଜଳସମ୍ପଦ, ଆବାସ ଆଦି ଯୋଜନାରେ ଦୁର୍ନୀତି ଓ ଏଥିରେ ସମ୍ପୃକ୍ତ ଅଧିକାରୀଙ୍କୁ ସୁରକ୍ଷା ଯୋଗାଇ ଦେବାରେ ଏହି ନିର୍ବାଚନମଣ୍ଡଳୀ ସାରା ଜିଲାରେ ନିନ୍ଦିତ ହୋଇ ସାରିଛି। ତେଣୁ ଦୀର୍ଘ ଦିନର ନେତୃତ୍ୱ ଉପରେ ଲୋକେ ଭରସା ତୁଟାଇ ବିକଳ୍ପ ଖୋଜୁଥିବା ଆଲୋଚନା ହେଉଛି।

ବିଧାନସଭା ଆସନର ରାଜନୈତିକ ପୃଷ୍ଠଭୂମିକୁ ଦେଖିଲେ ଏଠାରେ ଏବେ ବି ବିଜେଡିର ଜନସମର୍ଥନ ଭିତ୍ତିଭୂମି ସୁଦୃଢ। ବିଞ୍ଝାରପୁର ବ୍ଲକ ସମେତ ଦଶରଥପୁର ବ୍ଲକର ୧୨ଟି ପଞ୍ଚାୟତକୁ ନେଇ ଗଠିତ ଏହି ନିର୍ବାଚନ ମଣ୍ଡଳୀରେ ୬ଟି ଜିଲା ପରିଷଦ ଜୋନ ରହିଛି। ଗତ ୨୦୧୭ ଜିଲା ପରିଷଦ ନିର୍ବାଚନରେ ବିଜେଡିକୁ ୪ ଓ ଭାଜପାକୁ ୨ ଆସନ ମିଳିଥିଲା। ଗତ ୪ ନିର୍ବାଚନରେ ବିଜେଡିର ପ୍ରମିଳା ମଲ୍ଲିକ ଲଗାତାର ବିଜୟୀ ହୋଇ ଆସିଛନ୍ତି। ଏଠାରେ ଶାସକ ଦଳ ଚାପରେ ଅଯୋଗ୍ୟ ହିତାଧିକାରୀଙ୍କୁ ଗ୍ରାମୀଣ ଆବାସ ଯୋଗାଇ ଦିଆଯାଇଛି। ଗତ ୧୮ବର୍ଷ ମଧ୍ୟରେ ଏହି ବ୍ଲକରେ ଗୋଟିଏ ଗୋଟିଏ ପରିବାରକୁ ୫ରୁ ୭ଟି ଗ୍ରାମୀଣ ଆବାସ ଯୋଗାଇ ଦେବା ଓ ଗାଇଡ ଲାଇନ ଉଲ୍ଲଂଘନ କରି ଅଯୋଗ୍ୟ ହିତାଧିକାରୀଙ୍କୁ ବିଜୁ ପକ୍କାଘର ଯୋଗାଇ ଦିଆଯାଇଛି। ଫଳରେ ୧୮ବର୍ଷ ମଧ୍ୟରେ ଏହି ବ୍ଲକରେ ସରକାରୀ କାଗଜ ପତ୍ରରେ ୨୨ହଜାରରୁ ଊର୍ଦ୍ଧ୍ୱ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ନିର୍ମାଣ ହୋଇଛି ବୋଲି କୁହାଯାଉଥିବା ବେଳେ ବ୍ଲକରେ ୭୦ ପ୍ରତିଶତ ଗ୍ରାମୀଣ ଆବାସ ଗାଏବ ହୋଇଥିବାର ଅଭିଯୋଗ ହୋଇଛି। ଏହି ଦୁର୍ନୀତିର ତଦନ୍ତ ନିର୍ଦ୍ଦେଶସତ୍ତ୍ୱେ ଚାପି ହୋଇ ରହିଯାଇଛି। ଫଳରେ ଗରିବ ଲୋକଙ୍କ ମଧ୍ୟରେ ଅନ୍ତଃସ୍ରୋତ ମତଦାନ କୁହୁଳୁଥିବା ମନେ ହେଉଛି। ଅଞ୍ଚଳର ବିକାଶରେ ଅନ୍ତରାୟ ସାଜିଥିବା ବିଜେଡିର ନେତୃତ୍ୱ ବିରୋଧରେ ବିଭିନ୍ନ ସମୟରେ ସ୍ୱର ଉତ୍ତୋଳନ କରିଆସୁଥିବା ଭାଜପା ଓ କଂଗ୍ରେସ ପ୍ରତି ଅଞ୍ଚଳବାସୀଙ୍କ ସମର୍ଥନ ବଢୁଥିବା ଚର୍ଚ୍ଚା ହେଉଛି। ୧୯୯୦ରେ ଜନତା ଦଳରୁ ପ୍ରମିଳା ମଲ୍ଲିକ ପ୍ରଥମ କରି ବିଞ୍ଝାରପୁରର ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ୧୯୯୫ ନିର୍ବାଚନରେ ପୁଣି କଂଗ୍ରେସ ଦଳର ପ୍ରାର୍ଥୀ ଅର୍ଜ୍ଜୁନ ଦାସଙ୍କୁ ଲୋକେ ନିର୍ବାଚିତ କରିଥିଲେ। ୨୦୦୦ରୁ ଏଯାଏ ବିଜେଡିରୁ ପ୍ରମିଳା ଲଗାତାର ବିଜୟୀ ହେଉଛନ୍ତି। ହେଲେ ଅଞ୍ଚଳରେ ଗମନାଗମନ କ୍ଷେତ୍ରରେ ୫୦ପ୍ରତିଶତ କାର୍ଯ୍ୟ ଏଯାଏ ବାକି ରହିଛି। କୃଷକମାନଙ୍କ ପାଇଁନିର୍ମିତ ଶତାଧିକ ଚେକ୍‌ଡ୍ୟାମ ନିର୍ମାଣ ହୋଇଥିଲେ ହେଁ ସେଥିରୁ ଅଧିକାଂଶ ଅକାମୀ ହୋଇପଡିଛି। ତେବେ ବିଜେଡିର ଏକମାତ୍ର ପ୍ରାର୍ଥିନୀ ବିଧାୟିକା ପ୍ରମିଳା ମଲିକ କୁହନ୍ତି ବିଜୁବାବୁ ଓ ନବୀନବାବୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି କରାଯାଇଛି। ଗତ ୩ ଦଶନ୍ଧି ହେଲା ବିଞ୍ଝାରପୁରବାସୀ ତାଙ୍କ ପ୍ରତି ଅତୁଟ ସମର୍ଥନ ଜାରି ରଖିଛନ୍ତି। ଆଗକୁ ମଧ୍ୟ ଲୋକଙ୍କ ଆଶୀର୍ବାଦ ରହିବ ବୋଲି ପ୍ରମିଳା କହିଛନ୍ତି।

ଭାଜପାର କର୍ମକର୍ତ୍ତା ଦୁର୍ନୀତିକୁ ପାଥେୟ କରି ଏହି ନିର୍ବାଚନ ମଣ୍ଡଳୀକୁ ବେଶ ପ୍ରଭାବିତ କରୁଥିବା ଶୁଣିବାକୁ ମିଳୁଛି। ତେବେ ୭୦ପ୍ରତିଶତ ଫ୍ଲୋଟିଂ ଭୋଟର ବିଜେଡିରୁ ମୁହଁ ଫେରାଇ ନେବାକୁ ଚାହୁଁଥିବାବେଳେ ଭାଜପା ସେମାନଙ୍କୁ ନିଜ ସମର୍ଥନରେ ନେବାକୁ ଆପ୍ରାଣ ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି। ଗତ ନିର୍ବାଚନରେ ବବିତା ମଲ୍ଲିକ ଏଠାରେ କଂଗ୍ରେସ ଟିକେଟରୁ ନିର୍ବାଚନ ଲଢି ଦ୍ୱିତୀୟ ସ୍ଥାନରେ ରହିଥିଲେ। ତେବେ ଗତ ପଞ୍ଚାୟତ ନିର୍ବାଚନ ପରେ ବବିତା ଭାଜପାରେ ଯୋଗ ଦେଇଛନ୍ତି। ୨୦୧୪ ନିର୍ବାଚନରେ ଭାଜପା ଏଠାରେ ତୃତୀୟ ସ୍ଥାନରେ ରହିଥିବାବେଳେ ଏବେ ସ୍ଥିତି ବଦଳିଛି। ଭୋଟଦାନ ହାର ନିଶ୍ଚିତ ଭାବେ ବଢିବାର ସମ୍ଭାବନା ଦେଖା ଦେଇଛି। ଏହି ପରିବର୍ତ୍ତନ ଯୋଗୁ ରାଜନୈତିକ ସମୀକରଣ ଓଲଟପାଲଟ ହେବାର ସମ୍ଭାବନା ମଧ୍ୟ ରହିଛି। ବିଧାୟକ ପ୍ରାର୍ଥୀ ହେବାକୁ ଆଶାୟୀ ଥିବା ଭାଜପା ନେତା ଅମିୟ ମଲ୍ଲିକ କୁହନ୍ତି ଦଳ ଯାହା ନିଷ୍ପତ୍ତି ନେବା ତାକୁ ସେ ଗ୍ରହଣ କରିବେ। ବବିତା ମଲ୍ଲିକ କୁହନ୍ତି କାଳିଆ ଯୋଜନା ବିଜେଡିକୁ କାଳ ହେବ। ଏହାସହ ବିଭିନ୍ନ ଦୁର୍ନୀତିରେ ଉବୁଟୁବୁ ବିଜେଡି ଲୋକଙ୍କ ପାଖକୁ ଯାଇ ପାରୁ ନାହିଁ। ଏଭଳି ସ୍ଥିତିରେ ତାଙ୍କୁ ଟିକେଟ ମିଳିଲେ ନିଶ୍ଚିତ ଭାବେ ବିଜୟୀ ହେବେ ଓ ଲୋକଙ୍କ ପାଇଁ ସେ କାମ କରିବେ ବୋଲି କହିଛନ୍ତି।

ବିଞ୍ଝାରପୁର ପୂର୍ବରୁ କଂଗ୍ରେସର ଗଡ଼ ଭାବେ ପରିଚିତ ରହିଥିଲା। ତେବେ ଦୀର୍ଘଦିନର ଶାସନ ପରେ ଭୋଟର କଂଗ୍ରେସରୁ ମୁହଁ ଫେରାଇ ଜନତା ଦଳ ଓ ବିଜେଡି ଉପରେ ଆସ୍ଥା ପ୍ରକଟ କଲେ। ତେବେ କଂଗ୍ରେସର କେତେକ ଯୁବ ନେତା ପୂର୍ବ ଗୌରବକୁ ଫେରାଇ ଆଣିବା ସହ ଏବେ ଦଳକୁ ସଜାଡିବାରେ ଲାଗିପଡିଛନ୍ତି। ବିଜେଡିର ପ୍ରିୟାପ୍ରୀତି ତୋଷଣ, ଠିକାଦାରି ରାଜନୀତିକୁ ପାଥେୟ କରି କଂଗ୍ରେସ ନେତା ଭୋଟରଙ୍କ ଆସ୍ଥା ଜିଣିବାକୁ ଉଦ୍ୟମ ଜାରି ରଖିଛନ୍ତି। କଂଗ୍ରେସ ନେତା ମନୋରଞ୍ଜନ ଦାସ କୁହନ୍ତି, ଗତ କିଛି ବର୍ଷ ହେଲା ବିଞ୍ଝାରପୁରବାସୀଙ୍କ ସହିତ ଜଡ଼ିତ ହୋଇଛନ୍ତି। ଲୋକ ସମ୍ପର୍କ ବୃଦ୍ଧି ଘଟିଛି। କଂଗ୍ରେସ ପ୍ରତି ଲୋକଙ୍କ ସମର୍ଥନ ଫେରୁଛି। ତାଙ୍କୁ କଂଗ୍ରେସ ଟିକେଟ ମିଳି ସାରିଛି। ତେଣୁ ବିଜେଡିର ବିଗତଦିନର କୁଶାସନ ବିରୋଧରେ ଜନସାଧାରଣଙ୍କ ଆକ୍ରୋଶର ସେ ଫାଇଦା ନେବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା କନକଲତା ମଲ୍ଲିକ କୁହନ୍ତି କଂଗ୍ରେସରେ ନିଷ୍ଠାପର ଭାବେ କାର୍ଯ୍ୟ କରୁଛନ୍ତି। ଟିକେଟ ପାଇବା ନେଇ ତାଙ୍କର ଆତ୍ମବିଶ୍ୱାସ ରହିଛି। ଟିକେଟ ନ ମିଳିଲେ ବି କଂଗ୍ରେସ ପ୍ରାର୍ଥୀଙ୍କୁ ନିଶ୍ଚିତ ଭାବେ ସମର୍ଥନ କରି ଜିତାଇବାକୁ ଆପ୍ରାଣ ସେ ଚେଷ୍ଟା କରିବେ।

ବିଞ୍ଝାରପୁର ଭୋଟର ଭାଜପାର ନେତୃତ୍ୱ ଓ କଂଗ୍ରେସର କର୍ମୀମାନଙ୍କୁ ମୂଲ୍ୟାୟନ ଆରମ୍ଭ କରି ଦେଇଛନ୍ତି। ଏଥର ସାଧରଣ ନିର୍ବାଚନରେ ଯିଏ ସ୍ୱଚ୍ଛ ଓ ଦକ୍ଷ ପ୍ରାର୍ଥୀ ହୋଇପାରିବ ସେହି ଦଳ ବା ନେତୃତ୍ୱ ବିଜୟ ହାସଲ କରିବାର ଆଶା ଅଧିକ ବୋଲି ଜନମତରୁ ଜଣାପଡିଛି।

**୨୦୧୯ ମୋଟ ଭୋଟର ସଂଖ୍ୟା**
**୨,୧୨,୪୨୯**
ପୁରୁଷ ଭୋଟର ସଂଖ୍ୟା **୧,୧୧,୮୦୭**
ମହିଳା ଭୋଟର ସଂଖ୍ୟା **୧,୦୦,୬୦୮**
ଅନ୍ୟାନ୍ୟ ଭୋଟର ସଂଖ୍ୟା **୧୪**

**୨୦୧୪ ମୋଟ ଭୋଟର ସଂଖ୍ୟା**
**୧,୯୨,୦୫୬**
ପୁରୁଷ ଭୋଟର ସଂଖ୍ୟା **୧,୦୩,୫୨୮**
ମହିଳା ଭୋଟର ସଂଖ୍ୟା **୮୮,୫୨୮**




**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ପ୍ରମିଳା ମଲିକ | ୭୪,୫୩୨ |
| କଂଗ୍ରେସ | ବବିତା ମଲିକ | ୩୬,୩୪୨ |
| ଭାଜପା | ଦେବପ୍ରସାଦ ମଲିକ | ୧୫,୩୫୮ |

**୨୦୦୯ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ପ୍ରମିଳା ମଲିକ | ୬୬,୫୦୭ |
| କଂଗ୍ରେସ | ବବିତା ମଲିକ | ୩୪,୬୪୬ |


ଅମିୟ ମଲ୍ଲିକ


ବବିତା ମଲ୍ଲିକ


କନକଲତା ମଲ୍ଲିକ


ପ୍ରମିଳା ମଲିକ


ମନୋରଞ୍ଜନ ଦାସ

## ନବୀନ ନିବାସରେ ଭିଡ଼





























ବିଜେଡି ପକ୍ଷରୁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଜାରି ରହିଥିବା ବେଳେ ଶନିବାର ନବୀନ ନିବାସରେ ଆଶାୟୀ ଓ ନେତାମାନଙ୍କ ଭିଡ଼। (ଫଟୋ: ମନୋରଞ୍ଜନ ମିଶ୍ର)

# ନବୀନଙ୍କୁ ଭେଟିଲେ ଦିଲୀପ

- ସୋମବାର ବିଜେଡିରେ ସାମିଲ ହୋଇପାରନ୍ତି
- ବିଜୟଙ୍କୁ ନେଇ ସସ୍‌ପେନ୍ସ ଜାରି
- ଦିଲୀପଙ୍କୁ ନେଇ ଆଜି ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ



ନବୀନ ନିବାସକୁ ଯାଉଛନ୍ତି ଦିଲୀପ ରାୟ।

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ଅତୀତର ସବୁ ତିକ୍ତତାକୁ ଭୁଲି ବରିଷ୍ଠ ନେତା ଦିଲୀପ ରାୟ ଶନିବାର ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଏହି ସାକ୍ଷାତ ଦିଲୀପ ଖୁବ୍‌ଶୀଘ୍ର ବିଜେଡିରେ ଯୋଗଦେବା ନେଇ ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଦଳୀୟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଦିଲୀପ ତାଙ୍କ ସମର୍ଥକଙ୍କ ସହ ସୋମବାର ବିଜେଡିରେ ଯୋଗଦାନ କରିବେ। ହେଲେ ଏନେଇ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ। ବିଜେଡିରେ ମିଶିବା ପୂର୍ବରୁ ଦିଲୀପ କିଛି ସର୍ତ୍ତ ରଖିଛନ୍ତି, ଯାହାକୁ ନେଇ ରବିବାର ଦଳର ଏକ ବୈଠକ ବସିବ। ଦିଲୀପଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା କିଛି ସର୍ତ୍ତକୁ ନେଇ ଆଲୋଚନା କରାଯିବ। ଜଣେ ବିଜେଡି ନେତାଙ୍କ କହିବାନୁଯାୟୀ, ଦିଲୀପ ବାବୁଙ୍କ ଦ୍ୱାରା ରଖାଯାଇଥିବା ସର୍ତ୍ତ ଦଳ ପାଇଁ କୌଣସି ଅସୁବିଧା ସୃଷ୍ଟି କରିବନି। ତେଣୁ ଏନେଇ ସହମତି ହୋଇଯିବ। ହେଲେ ତା' ପୂର୍ବରୁ ଦଳର ଶୀର୍ଷ ନେତୃତ୍ୱ ଏବଂ ବରିଷ୍ଠ ନେତାଙ୍କ ମଧ୍ୟରେ ଆଲୋଚନା ହେବ। ଯଦି ସବୁ କିଛି ଠିକ୍ ରୁହେ, ତେବେ ଦିଲୀପ ସୋମବାର ବିଜେଡିକୁ ପ୍ରତ୍ୟାବର୍ତ୍ତନ କରିବେ। ସେ ବିଜେଡିକୁ ଫେରିଲେ, ତାଙ୍କୁ କେନ୍ଦ୍ରାପଡା କିମ୍ବା ବରଗଡ ଲୋକ ସଭା ଆସନରୁ ପ୍ରାର୍ଥୀ କରାଯିବା ସମ୍ଭାବନା ରହିଛି। ସେହିପରି ଦିଲୀପଙ୍କ ଯୋଗଦାନ ପୂର୍ବରୁ ବିଜେଡି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିପାରେ।

ଦିଲୀପ ସନ୍ଧ୍ୟାରେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଫେରିଛନ୍ତି। ଏହି ସମୟରେ ଦିଲୀପଙ୍କ ପକ୍ଷରୁ ଗଣମାଧ୍ୟମକୁ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ। ସେ ନିଜ ଗାଡିରେ ନ ଯାଇ ଯାଜପୁର ବିଧାୟକ ପ୍ରଣବପ୍ରକାଶ ଦାସଙ୍କ କାରରେ ନବୀନ ନିବାସକୁ ପ୍ରବେଶ କରିଥିଲେ। ତାଙ୍କ ପୂର୍ବରୁ ଦଳର ଶୀର୍ଷ ନେତୃତ୍ୱ , ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଏବଂ ବରିଷ୍ଠ ବିଜେଡି ନେତା ଅନଙ୍ଗଉଦୟ(ଏୟୁ) ସିଂଦେଓ ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା। ନବୀନ ନିବାସରେ ଦିଲୀପଙ୍କ ପ୍ରବେଶର ୧୦ ମିନିଟ୍ ପରେ ପ୍ରସନ୍ନ ଓ ଏୟୁ ବାହାରକୁ ଆସିଥିଲେ। ହେଲେ ନବୀନ–ଦିଲୀପଙ୍କ ସାକ୍ଷାତ ନେଇ ଦୁହେଁ କୌଣସି ମନ୍ତବ୍ୟ ଦେଇ ନ ଥିଲେ। ସାଧାରଣ ନିର୍ବାଚନରେ ବିଜେଡି ନିଶ୍ଚିତ ସଫଳତା ପାଇବ ବୋଲି କହି ଅନ୍ୟ ପ୍ରଶ୍ନଗୁଡିକୁ ଏଡାଇ ଯାଇଥିଲେ। ନବୀନ ଏବଂ ଦିଲୀପଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତା ସମୟରେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ବିଷୟରେ ଆଲୋଚନା ହୋଇଛି ନା ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ପ୍ରମୁଖ ରାଜନୈତିକ ସହଯୋଗୀ ଭାବେ ଦିଲୀପ ଜଣାଶୁଣା। ୨୦୦୯ରେ ଉଭୟେ ଏକସଙ୍ଗେ ନୂଆଦିଲ୍ଲୀସ୍ଥିତ କାର୍ଯ୍ୟାଳୟରେ ଭାଜପାରେ ମିଶିଥିଲେ। ହେଲେ ଗତବର୍ଷ ଦିଲୀପ ଏବଂ ବିଜୟ ଭାଜପାରୁ ଇସ୍ତଫା ଦେଇଥିଲେ। ରାଉରକେଲାରୁ ପ୍ରତିନିଧିତ୍ୱ କରୁଥିବା ଦିଲୀପ ବିଧାୟକ ପଦରୁ ମଧ୍ୟ ଇସ୍ତଫା ଦେଇଥିଲେ। ତେଣୁ ରାଜ୍ୟରେ ଭାଜପାର ଶକ୍ତିବୃଦ୍ଧିକୁ ଚ୍ୟାଲେଞ୍ଜ ଦେବା ପାଇଁ ବିଜୟ–ଦିଲୀପଙ୍କ ଘରବାହୁଡା ହେବା ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଥିଲା। ହେଲେ ତାହା ସେ ସମୟରେ ସମ୍ଭବ ହୋଇ ନ ଥିଲା।

ବର୍ତ୍ତମାନ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ସରିଛି। ଦୀର୍ଘ ଦୁଇ ଦଶନ୍ଧି ଧରି ଶାସନରେ ଥିବା ବିଜେଡି ପ୍ରଥମଥର ପାଇଁ ସର୍ବାଧିକ ସରକାର ବିରୋଧୀ ହାୱାର ସମ୍ମୁଖୀନ ହେଉଛି। ଦଳ ଛାଡୁଥିବା ଏମ୍‌ପି, ବିଧାୟକମାନେ ଭାଜପା ମୁହାଁ ହେଉଛନ୍ତି। ତେଣୁ ଏହି ସମୟରେ ଜନତା ଦଳ ଫେମ୍ ତଥା ବିଜେଡିର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ଦିଲୀପ ରାୟଙ୍କ ଘରବାହୁଡା ଦଳୀୟ ଶିବିରକୁ ନିଶ୍ଚିତ ଉତ୍ସାହିତ କରିବ। ବିଜୟଙ୍କ ସହ ଭାଜପା ଛାଡି ଥିବାରୁ ତାଙ୍କୁ ମଧ୍ୟ ଦିଲୀପ ବିଜେଡିକୁ ଆଣିବାକୁ ଚେଷ୍ଟା କରୁଥିବା ଜଣାପଡିଛି। ହେଲେ ନବୀନଙ୍କ ହଁ ମିଳୁ ନାହିଁ, ଏହା ଦ୍ୱାରା ଦିଲୀପ ନିଜ ଘରବାହୁଡାକୁ ବିଳମ୍ବିତ କରୁଥିବା ଜଣାପଡିଛି। ନବୀନ ନିବାସରେ ହୋଇଥିବା ଏହି ରୁଦ୍ଧଦ୍ୱାର ବୈଠକରେ ବିଜୟଙ୍କ ପାଇଁ ଦିଲୀପ ଓକିଲାତି କରିଥିବା କେତେଜଣ ରାଜନୈତିକ ବିଶ୍ଳେଷକ ଅନୁମାନ କରିଛନ୍ତି। ଦିଲୀପଙ୍କ ଘରବାହୁଡା ପକ୍କା ଲାଗୁଥିଲେ ମଧ୍ୟ ବିଜୟଙ୍କ ପ୍ରତ୍ୟାବର୍ତ୍ତନ ନେଇ ସସପେନ୍ସ ଜାରି ରହିଛି।

# କଂଗ୍ରେସରୁ ଇସ୍ତଫା ଦେଲେ ପ୍ରକାଶ



**ଭାଜପାରେ ଯୋଗଦେବା ନେଇ ଚର୍ଚ୍ଚା**

କଟକ ଅଫିସ/
ସାଲେପୁର (ଡି.ଏନ.ଏ.) ୧୬।୩

ଦେଢବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା କଳ୍ପନା ଜଳ୍ପନାର ଅନ୍ତ ଘଟିଛି। କଟକ ଜିଲାର ଏକମାତ୍ର କଂଗ୍ରେସ ବିଧାୟକ ତଥା ସାଲେପୁରର ବିଧାୟକ ପ୍ରକାଶ ବେହେରା କଂଗ୍ରେସର ପ୍ରାଥମିକ ସଦସ୍ୟ ପଦବୀରୁ ଇସ୍ତଫା ଦେଇଛନ୍ତି। ପ୍ରକାଶ ନିଜ ଇସ୍ତଫାପତ୍ର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନିକଟକୁ ଶନିବାର ପଠାଇ ଦେଇଛନ୍ତି। ଇସ୍ତଫାପତ୍ରରେ ପ୍ରକାଶ ଉଲ୍ଲେଖ କରିଛନ୍ତି ଯେ, ଦଳର ଜିଲା ସଭାପତି ପଦରୁ ହଟାଇ ଦିଆଯିବା ଘଟଣା ତାଙ୍କୁ ମର୍ମାହତ କରିଥିଲା। ପିସିସି ନିକଟରେ ସେ ବାରମ୍ବାର ବିଭିନ୍ନ ଦାବିଗୁଡିକ ଉପସ୍ଥାପନ କରୁଥିଲେ ମଧ୍ୟ ତାହାକୁ ଗୁରୁତ୍ୱ ଦିଆଯାଉ ନ ଥିଲା। ମୋଟାମୋଟି ଭାବେ ଦଳ ତାଙ୍କ କଥାକୁ ଗୁରୁତ୍ୱ ଦେଉ ନ ଥିବା କଥା ସେ ଉଲ୍ଲେଖ କରିଛନ୍ତି। ଫଳରେ କଂଗ୍ରେସ ସହିତ ୨୦ବର୍ଷର ସମ୍ପର୍କକୁ କାଟିବାକୁ ସେ ବାଧ୍ୟ ହୋଇଥିବା କହିଛନ୍ତି।

କଂଗ୍ରେସରୁ ଇସ୍ତଫା ଦେବା ପରେ ପ୍ରକାଶ ଭାଜପାରେ ଯୋଗଦେଉଥିବା ଚର୍ଚ୍ଚା ଜୋର ଧରିଛି। ଭାଜପାରେ ଯୋଗଦେଉଥିବା ନେଇ ଯଦିଓ ପ୍ରକାଶ ସ୍ପଷ୍ଟଭାବେ କିଛି କହିନାହାନ୍ତି ତଥାପି ପରୋକ୍ଷରେ ସେ ଭାଜପାକୁ ଯାଉଥିବା ଇସାରା ଦେଇଛନ୍ତି। ପ୍ରକାଶଙ୍କ ଇସ୍ତଫା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ସାଲେପୁର ଆସନରୁ ପ୍ରାର୍ଥୀ ହେବା ପାଇଁ ଅନେକ ଆଶାୟୀ ଆବେଦନ କରିଛନ୍ତି। ପିସିସି ସଭାପତି ଓ ଦଳର ରାଜ୍ୟ ପ୍ରଭାରୀଙ୍କ ସହିତ ଆଲୋଚନା କରାଯାଇ ଉପଯୁକ୍ତ ପ୍ରାର୍ଥୀ ଦିଆଯିବ ବୋଲି କଂଗ୍ରେସ ଜିଲା ସଭାପତି ଗୁରୁପଦ ନନ୍ଦ କହିଛନ୍ତି। ଅନ୍ୟପକ୍ଷରେ ପ୍ରକାଶ ଭାଜପାରେ ଯୋଗଦେଉଥିବା ଖବର ତାଙ୍କ ପାଖରେ ନଥିବା କହିଛନ୍ତି ଭାଜପା ଜିଲା ସଭାପତି ତଥା ସାଲେପୁର ଭାଜପା ନେତା ଚୌଧୁରୀ ହେମନ୍ତ ସାହୁ। ଦଳ ପକ୍ଷରୁ ଯାହା ନିର୍ଦ୍ଦେଶ ଆସିବ ତାହାକୁ ଅନୁପାଳନ କରାଯିବ ବୋଲି ସାହୁ ସୂଚନା ଦେଇଛନ୍ତି। ସେ ଯାହା ହେଉନା କାହିଁକି କଂଗ୍ରେସରୁ ପ୍ରକାଶଙ୍କ ଇସ୍ତଫା, ଭାଜପାରେ ଯୋଗଦେବା ନେଇ ହେଉଥିବା ଚର୍ଚ୍ଚା ସାଲେପୁର ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିବାକୁ ଯାଉଛି। କାରଣ ପାଖାପାଖି ଦେଢବର୍ଷ ହେବ ପ୍ରକାଶ ବିଜେଡିର ନିକଟତର ହେଉଥିବା ଚର୍ଚ୍ଚା ହେଉଥିଲା। ଅନେକ ସଭାସମିତି ଏପରି କି ମୁଖ୍ୟମନ୍ତ୍ରୀଙ୍କ ସଭାରେ ପ୍ରକାଶ ଯୋଗଦେଇ ନବୀନଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ। ପ୍ରକାଶଙ୍କୁ ବିଜେଡିରେ ମିଶାଇବା ପାଇଁ କଟକ ଜିଲାର କେତେଜଣ ବିଜେଡି ନେତା ମଧ୍ୟ ଇଚ୍ଛୁକ ଥିଲେ। ହେଲେ ପ୍ରକାଶଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେଡି ନେତା ପ୍ରଶାନ୍ତ ବେହେରା ଏହାକୁ ନେଇ ଅସନ୍ତୁଷ୍ଟ ହୋଇଥିଲେ। ପ୍ରଶାନ୍ତ ହେଉଛନ୍ତି ବିଜେଡିର ପୂର୍ବତନ ଜିଲା ସଭାପତି ତଥା ମନ୍ତ୍ରୀ ପ୍ରତାପ ଜେନାଙ୍କ ଏକାନ୍ତ ଅନୁଗତ। ଫଳରେ ପ୍ରଶାନ୍ତଙ୍କ ପାଇଁ ପ୍ରତାପଙ୍କ ଲବି ବିଜେଡିରେ କାମ ଦେଇଥିବା ଚର୍ଚ୍ଚା ମଧ୍ୟ ହେଉଛି। କୁହାଯାଉଛି ଯେ, ବିଜେଡି ପକ୍ଷରୁ ପ୍ରକାଶଙ୍କୁ ଚୌଦ୍ୱାର–କଟକ ଆସନ ଯଚାଯାଇଥିଲା। ମାତ୍ର ପ୍ରକାଶ ସାଲେପୁର ଆସନ ଛାଡ଼ିବା ପାଇଁ ରାଜି ହୋଇ ନ ଥିଲେ। ଫଳରେ ବିଜେଡିରୁ ତାଙ୍କର ମୋହଭଙ୍ଗ ହୋଇଥିଲା। ଏ ସବୁ ଭିତରେ ନିକଟରେ ମନ୍ତ୍ରୀ ପ୍ରତାପ ଜେନା ସାଲେପୁର ଅଞ୍ଚଳରେ ଏକ ସଭାରେ ଖୋଲାଖୋଲି ପ୍ରଶାନ୍ତ ହିଁ ବିଜେଡି ପ୍ରାର୍ଥୀ ବୋଲି ଘୋଷଣା କରିବା ପରେ ପ୍ରକାଶ ଭାଜପାରେ ନିଜ ଭବିଷ୍ୟତ ଦେଖୁଥିବା ଆଲୋଚନା ହେଉଛି।

# ବିଜେଡି ଛାଡ଼ିଲେ ପ୍ରୀତିନନ୍ଦା



- ବ୍ୟକ୍ତିଗତ କାରଣରୁ ଇସ୍ତଫା
- ୧୬ କର୍ପୋରେଟରଙ୍କ ରୁଦ୍ଧଦ୍ୱାର ବୈଠକ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ପୂର୍ବତନ କର୍ପୋରେଟର ତଥା ବରିଷ୍ଠ ନେତା ଦାମୋଦର ରାଉତଙ୍କ କନ୍ୟା ପ୍ରୀତିନନ୍ଦା ରାଉତରାୟ ବିଜେଡିରୁ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ପ୍ରୀତିନନ୍ଦା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିଜ ଇସ୍ତଫା ପତ୍ର ପଠାଇଥିବା ଜଣାପଡିଛି। ଦୁଇଦିନ ତଳେ ତାଙ୍କ ପିତା ଦାମୋଦର ରାଉତ ନୂଆଦିଲ୍ଲୀସ୍ଥିତ ଭାଜପା କାର୍ଯ୍ୟାଳୟରେ ଦଳରେ ସାମିଲ ହୋଇଥିଲେ। ତେଣୁ ପ୍ରୀତିନନ୍ଦା ଭାଜପାରେ ଯୋଗ ଦେବା ନେଇ ଚର୍ଚ୍ଚା ଜୋର ଧରିଥିଲା। ହେଲେ ଏହାକୁ ପ୍ରୀତିନନ୍ଦା ଖଣ୍ଡନ କରିଛନ୍ତି।

ପ୍ରୀତିନନ୍ଦା କହିଛନ୍ତି ଯେ, ସେ ତାଙ୍କ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଛନ୍ତି। ତାଙ୍କ ମା' ବର୍ତ୍ତମାନ ଅସୁସ୍ଥ ଅଛନ୍ତି, ସେହିପରି ପିତା ମଧ୍ୟ ରାଜନୈତିକ ସମ୍ବେଦନଶୀଳ ସମୟ ଦେଇ ଗତି କରୁଛନ୍ତି। ଏହି ସବୁ ମଧ୍ୟରେ ଚାପଗ୍ରସ୍ତ ହେବା ପୂର୍ବରୁ ସେ ଇସ୍ତଫା ନିଷ୍ପତ୍ତି ନେଇଛନ୍ତି। ତାଙ୍କର ଭାଜପାରେ ଯୋଗଦାନ କରିବାର ନାହିଁ। ବିଜୁ ଜନତା ଦଳରେ ଥିବା ସମୟରେ ଜନସେବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ପାଇଛନ୍ତି। କର୍ପୋରେଟର ହିସାବରେ ମଧ୍ୟ ତାଙ୍କୁ ସମସ୍ତଙ୍କ ସହଯୋଗ ମିଳିଛି। ଏଥିପାଇଁ ସେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞ ବୋଲି ପ୍ରୀତିନନ୍ଦା କହିଛନ୍ତି। ପ୍ରୀତିନନ୍ଦାଙ୍କ ଇସ୍ତଫା ଖବର ପରେ ଅନ୍ୟ ଏକ ରାଜନୈତିକ ଘଟଣା ଘଟିଛି। ଯାହା ଭୁବନେଶ୍ୱର (ଉତ୍ତର) ନିର୍ବାଚନମଣ୍ଡଳୀ ବିଜେଡି ରାଜନୀତିକୁ ବହୁଳ ଭାବରେ ପ୍ରଭାବିତ କରିବାର ସମ୍ଭାବନା ରହିଛି। ସୂତ୍ର ଏବଂ ବିଏମ୍‌ସିର କେତେକ କର୍ପୋରେଟରଙ୍କ ସୂଚନାନୁଯାୟୀ ଶନିବାର ସନ୍ଧ୍ୟାରେ ୧୬ ଜଣ କର୍ପୋରେଟରଙ୍କ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର (ଉତ୍ତର) ବିଧାୟକ ପ୍ରାର୍ଥୀ ଚୟନରେ ସେମାନଙ୍କ ମତ ଲୋଡା ନ ଯିବା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିସହିତ ସେମାନଙ୍କ ମନ ପସନ୍ଦ ପ୍ରାର୍ଥୀ ଦିଆ ନ ଗଲେ, ସେମାନେ ବିଦ୍ରୋହ କରିପାରନ୍ତି ବୋଲି ଜଣାପଡିଛି।



ଭୃଗୁ ବକ୍ସିପାତ୍ର | ରବିନାରାୟଣ ନନ୍ଦ | ତାରାପ୍ରସାଦ ବାହିନୀପତି




# ସଫଳତା ଆଶାରେ ବିଜେଡି

ପବନ ପାଣିଗ୍ରାହୀ/ସୁପ୍ରୀତ ପୂଜାରୀ
ଜୟପୁର,୧୬ା୩

ଅବିଭକ୍ତ କୋରାପୁଟ ଜିଲାର ୧୪ଟି ଆସନ ମଧ୍ୟରୁ ଏକମାତ୍ର ଅସଂରକ୍ଷିତ ହେଉଛି ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ। ଏଠାରୁ ରଘୁନାଥ ପଟ୍ଟନାୟକ କଂଗ୍ରେସରୁ ବାରମ୍ବାର ବିଧାନସଭାକୁ ନିର୍ବାଚିତ ହୋଇ ଅର୍ଥ, ଆଇନ ଭଳି ମନ୍ତ୍ରୀପଦ ପାଇଥିଲେ। ୨୦୦୦ ନିର୍ବାଚନରେ ତାଙ୍କୁ ପରାସ୍ତ କରି ବିଜେଡିର ରବି ନାରାୟଣ ନନ୍ଦ ୨୦୧୪ ପର୍ଯ୍ୟନ୍ତ ତିନି ଥର ବିଧାନସଭାକୁ ନିର୍ବାଚିତ ହେବା ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ହୋଇଥିଲେ। ତେବେ ୨୦୧୪ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ତାରାପ୍ରସାଦ ବାହିନୀପତି ରବି ନନ୍ଦଙ୍କୁ ହରାଇବା ପରେ ୧୪ ବର୍ଷ ବ୍ୟବଧାନ ପରେ କଂଗ୍ରେସ ପୁଣି ଜୟପୁର ଦଖଲ କରିଥିଲା। ଏଠାରେ କଂଗ୍ରେସ-ବିଜେଡି ମଧ୍ୟରେ ମୁଖ୍ୟତଃ ଲଢ଼େଇ ହୋଇଆସିଛି।

୨୦୧୯ ସାଧାରଣ ନିର୍ବାଚନ ପାଇଁ ଏଠାରୁ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ କଂଗ୍ରେସର ତାରାପ୍ରସାଦ ବାହିନୀପତି ପ୍ରମୁଖ ଦାବିଦାର ଥିବାବେଳେ ରାମ ନାୟକ, ବିନୋଦ ମହାପାତ୍ର ମଧ୍ୟ ଆଶାୟୀ ରହିଛନ୍ତି। ତାରା ପ୍ରସାଦ ବାହିନୀପତି କହିଛନ୍ତି, କଂଗ୍ରେସରୁ ପ୍ରାର୍ଥୀ ହେବେ ବୋଲି ସେ ନିଶ୍ଚିତ ରହିଛନ୍ତି। ଏଥର ମଧ୍ୟ କଂଗ୍ରେସ ଆସନ ବଜାୟ ରଖିବ। ଅନ୍ୟପକ୍ଷରେ କଂଗ୍ରେସ କେନ୍ଦ୍ରିୟ ସ୍କ୍ରିନିଂ କମିଟି ନିକଟରେ ବାହିନୀପତିଙ୍କ ସମେତ ରାଜ୍ୟ ସେବାଦଳ ମୁଖ୍ୟ ବୀରେନ ମୋହନ ପଟ୍ଟନାୟକ, କଂଗ୍ରେସ ସମ୍ପାଦକ ଦୁର୍ଗାଶଙ୍କର ସାହୁ ଓ ଏଆଇସିସି ସଦସ୍ୟ ରବୀନ୍ଦ୍ର ମହାପାତ୍ର ମଧ୍ୟ ଆବେଦନ କରିଛନ୍ତି ।

ବିଜେଡି ଆଶାୟୀ ପ୍ରାର୍ଥୀଙ୍କ ତାଲିକା ଲମ୍ବା ରହିଛି। ଏଠାରେ ବିଜେଡିର ସଂଗଠନ ଥାଇ ମଧ୍ୟ ଗତ ଥର ରବି ନାରାୟଣ ନନ୍ଦ ପରାସ୍ତ ହୋଇଥିଲେ। ଚଳିତ ଥର ସେ ଟିକେଟ୍ ପାଇଁ ଦାବିଦାର ଥିଲେ ମଧ୍ୟ ତାଙ୍କ ପରାଜୟ ଯୋଗୁ ଦଳ ଅନ୍ୟ ଆଶାୟୀଙ୍କୁ ମଧ୍ୟ ପ୍ରାର୍ଥୀ ତାଲିକାରେ ରଖିଥିବା ଆଲୋଚନା ହେଉଛି। ନନ୍ଦ କହିଛନ୍ତି, ବିଜେଡିରୁ ଯେ କୌଣସି ବ୍ୟକ୍ତି ପ୍ରାର୍ଥୀ ହେବେ, ତାଙ୍କୁ ସେ ନିଶ୍ଚୟ ସମର୍ଥନ କରିବେ। ନିର୍ବାଚନ ମଣ୍ଡଳୀର ବୋରିଗୁମ୍ମା ବ୍ଲକରେ ପତିଆରା ରଖିଥିବା ଜୟପୁରର ପୂର୍ବତନ ବିଧାୟକ ଗୁପ୍ତ ଦାସ ମଧ୍ୟ ଟିକେଟ୍ ପାଇଁ ଲବିରେ ରହିଛନ୍ତି। କୋରାପୁଟ ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡିକୁ ଅଗ୍ରଣୀ କରିବା ପାଇଁ ଅଣ୍ଟା ଭିଡ଼ିଥିବା ଜିଲା ସଭାପତି ଈଶ୍ୱର ପାଣିଗ୍ରାହୀଙ୍କ ନାମ ମଧ୍ୟ ଏଥିପାଇଁ ଶୁଣାଯାଉଛି।

ଅନ୍ୟପଟେ ଭାଜପା ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ରାଜ୍ୟ ରାଜନୀତିରେ ବ୍ୟସ୍ତ ରହି ଜୟପୁର ନିର୍ବାଚନ ମଣ୍ଡଳୀକୁ ବିଶେଷ ସମୟ ଦେଇପାରି ନାହାନ୍ତି। ଏଠାରୁ ଦଳୀୟ ପ୍ରାର୍ଥୀ ହେବା ପାଇଁ ତାଙ୍କ ନାଁ ଆଶାୟୀ ତାଲିକାରେ ଥିଲେ ମଧ୍ୟ ସେ ବ୍ରହ୍ମପୁର ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ଲବି ଚଳାଇଥିବା ଚର୍ଚ୍ଚା ହେଉଛି। ସେହିପରି ବିଜେଡିରୁ ଆସି ଭାଜପାରେ ଯୋଗ ଦେଇଥିବା ଅନୁପ ପାତ୍ର, ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଜୟପୁର ଅର୍ବାନ ସମବାୟ ବ୍ୟାଙ୍କ ସଭାପତି ଦେବେନ୍ଦ୍ର ବାହିନୀପତି, ଅକ୍ଷୟ ସାହୁ, ଜିଲା ଆଇନଜୀବୀ ସଂଘ ପୂର୍ବତନ ସଭାପତି ବିଜୟ ରାୟ ଜେନାଦେଓ ମଧ୍ୟ ଆଶାୟୀ ରହିଛନ୍ତି।

## ୨୦୧୪ ନିର୍ବାଚନ ଫଳାଫଳ

| | | |
|---|---|---|
| କଂଗ୍ରେସ | ତାରାପ୍ରସାଦ ବାହିନୀପତି | ୬୫,୩୭୮ |
| ବିଜେଡି | ରବିନାରାୟଣ ନନ୍ଦ | ୫୭,୦୧୧ |
| ଭାଜପା | ଭୃଗୁ ବକ୍ସିପାତ୍ର | ୧୪,୪୬୨ |

## ୨୦୦୯ ନିର୍ବାଚନ ଫଳାଫଳ

| | | |
|---|---|---|
| ବିଜେଡି | ରବି ନାରାୟଣ ନନ୍ଦ | ୫୭,୫୦୪ |
| ଭାଜପା | ତାରା ପ୍ରସାଦ ବାହିନୀପତି | ୪୮,୧୮୮ |
| କଂଗ୍ରେସ | କେ. ନାଗରାଜ ଦୋରା | ୯,୩୯୮ |

ମୋଟ ଭୋଟର ସଂଖ୍ୟା
୨,୦୫,୯୪୪
ପୁରୁଷ ଭୋଟର ସଂଖ୍ୟା
୧,୦୦,୩୬୮
ମହିଳା ଭୋଟର ସଂଖ୍ୟା
୧,୦୫,୫୩୮
ଅନ୍ୟାନ୍ୟ
୩୮



ଲୋପାମୁଦ୍ରା ବକ୍ସିପାତ୍ର | ବିଦ୍ୟୁରାଣୀ ମିଶ୍ର | ଇନ୍ଦିରା ନନ୍ଦ

# ଚର୍ଚ୍ଚାରେ ୩ ମହିଳା ଆଶାୟୀ

ବିଜେଡି ପକ୍ଷରୁ ଏହି ନିର୍ବାଚନ ମଣ୍ଡଳୀକୁ ମହିଳାଙ୍କ ପାଇଁ ସଂରକ୍ଷିତ କରିବା ଚର୍ଚ୍ଚା ବଢ଼ିବା ପରେ ଦଳର ୩ ଜଣ ମହିଳା ଆଶାୟୀଙ୍କ ନାଁ ଆଲୋଚନା ପରିସରକୁ ଆସିଲାଣି। ସେମାନେ ହେଲେ କୋରାପୁଟ କେନ୍ଦ୍ରିୟ ସମବାୟ ବ୍ୟାଙ୍କ ଅଧ୍ୟକ୍ଷା ଡ. ଇନ୍ଦିରା ନନ୍ଦ, ରାଜ୍ୟ ମହିଳା କମିଶନର ପୂର୍ବତନ ଅଧ୍ୟକ୍ଷା ଡ. ଲୋପାମୁଦ୍ରା ବକ୍ସିପାତ୍ର ଏବଂ ଜୟପୁର ବ୍ଲକ ଜୋନ-୨ର ଜିଲା ପରିଷଦ ସଭ୍ୟା ବିଦ୍ୟୁରାଣୀ ମିଶ୍ର।

ଡ. ଇନ୍ଦିରା ନନ୍ଦ ଦୁଇଥର କେସିସି ବ୍ୟାଙ୍କ ଅଧ୍ୟକ୍ଷା ରହିଛନ୍ତି। ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦଙ୍କ ସ୍ତ୍ରୀ ଇନ୍ଦିରା ନିର୍ବାଚନ ମଇଦାନକୁ ଓହ୍ଲାଇଲେ ତାଙ୍କ ହାତରେ ସ୍ୱାମୀଙ୍କ ସଙ୍ଗଠନ ରହିବ। ପୂର୍ବରୁ ପ୍ରତ୍ୟକ୍ଷ ରାଜନୀତିରେ ନଥିବା ଇନ୍ଦିରାଙ୍କୁ କିଛିମାସ ହେଲା ବିଜେଡିର ବିଭିନ୍ନ କାର୍ଯ୍ୟକ୍ରମରେ ମହିଳା ମୋର୍ଚ୍ଚାର ନେତୃତ୍ୱ ନେଉଥିବା ଦେଖିବାକୁ ମିଳିଆସିଛି। ସେହିପରି ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଭାବେ ଡ. ଲୋପାମୁଦ୍ରା ବକ୍ସିପାତ୍ରଙ୍କୁ ୨୦୧୨ ଓ ୨୦୧୫ରେ ଦାୟିତ୍ୱ ଦେଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗତ ନଭେମ୍ବର ୧୧ରେ କାର୍ଯ୍ୟକାଳ ଶେଷ ହେବାର ଗୋଟିଏ ମାସ ପୂର୍ବରୁ ସେ ଇସ୍ତଫା ଦେବା ପରେ ତାଙ୍କୁ ରାଜ୍ୟ ମହିଳା ବିଜେଡିର କାର୍ଯ୍ୟକାରିଣୀ ସଦସ୍ୟା ଭାବେ ନବୀନ ମନୋନୀତ କରିଥିଲେ। ଅନ୍ୟପକ୍ଷରେ ଲୋପାମୁଦ୍ରାଙ୍କ ବାପା ତଥା ପୂର୍ବତନ ମନ୍ତ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର ବିଜୁ ପଟ୍ଟନାୟକଙ୍କ ଅନ୍ତରଙ୍ଗ ଥିଲେ। ଭାଇ ଭୃଗୁ ବକ୍ସିପାତ୍ର ଭାଜପା ସାଧାରଣ ସଂପାଦକ ରହିଛନ୍ତି । ଜୟପୁର ନିର୍ବାଚନ ମଣ୍ଡଳୀରେ ବକ୍ସିପାତ୍ର ପରିବାରର ପାରମ୍ପରିକ ସମର୍ଥକ ଓ ଶୁଭେଚ୍ଛୁ ରହିଛନ୍ତି। ବିଦ୍ୟୁରାଣୀ ମିଶ୍ର ୨୦୧୪ ନିର୍ବାଚନରେ ଜୟପୁରରୁ ବିଜେଡି ପ୍ରାର୍ଥୀ ହେବା ପାଇଁ ଆବେଦନ କରିଥିଲେ। ୨୦୦୩ରେ ଜୟପୁର ପୌରସଂସ୍ଥାର କାଉନସିଲର, ୨୦୧୪ରେ କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି ରହିବା ପରେ ୨୦୧୭ରେ ଜୟପୁର ବ୍ଲକ ଜୋନ-୨ରୁ ଜିଲା ପରିଷଦ ସଭ୍ୟା ନିର୍ବାଚିତ ହୋଇଥିଲେ।



ପୁରୁଷୋତ୍ତମ ଗମାଙ୍ଗ | ରବିଶଙ୍କର ଗମାଙ୍ଗ | ରଘୁନାଥ ଗମାଙ୍ଗ | ରାମମୂର୍ତ୍ତି ମୁଟ୍ଟିକା | ତ୍ରିନାଥ ଗମାଙ୍ଗ



# ସବୁ ଦଳକୁ ଚିନ୍ତା ଏକାଧିକ ଆଶାୟୀ

ପ୍ରଦୀପ ପାଢ଼ି
ଗୁଣପୁର,୧୬ା୩(ଡି.ଏନ.ଏ.)

ରାୟଗଡ଼ା ଜିଲାର ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ଏପ୍ରିଲ ୧୧ରେ ନିର୍ବାଚନ ହେବ। ହେଲେ ଶନିବାର ସୁଦ୍ଧା ଏଠାରୁ କିଏ ପ୍ରାର୍ଥୀ ତାହା ସ୍ପଷ୍ଟ ହୋଇନାହିଁ। ୩ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସରେ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଜାରି ରହିଛି। ଆଶାୟୀମାନଙ୍କ ଜୋର୍‌ଦାର ଲବି ଚୟନ ପ୍ରକ୍ରିୟାକୁ ବିଳମ୍ବ କରିଛି। ଏହି ନିର୍ବାଚନମଣ୍ଡଳୀରେ ଏକଦା କଂଗ୍ରେସର ଗମାଙ୍ଗ ପରିବାରର ରାଜୁତି ଚାଲୁଥିଲା। କାଳକ୍ରମେ ସେମାନଙ୍କ ମଧ୍ୟରେ କନ୍ଦଳ ଦଳକୁ ବିପର୍ଯ୍ୟୟ କରିଦେଇଛି। ବର୍ତ୍ତମାନ କଂଗ୍ରେସରେ ଜିଲା ପରିଷଦ ସଭାପତି ପୁରୁଷୋତ୍ତମ ଗମାଙ୍ଗ ଏବଂ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ ରହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧର ଗମାଙ୍ଗ, ତାଙ୍କ ସ୍ତ୍ରୀ ତଥା ପୂର୍ବତନ ବିଧାୟିକା, ଏମ୍‌ପି ହେମା ଗମାଙ୍ଗ ଏବଂ ପୁତ୍ର ଶିଶିର ଗମାଙ୍ଗ ଦଳ ଛାଡ଼ିଦେଇଛନ୍ତି। ଗିରିଧର ଏବଂ ଶିଶିର ଏବେ ଭାଜପାରେ ରହିଛନ୍ତି। ହେଲେ ଗତ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେଇଥିବା ହେମା ପୁଣି ଦଳ ଛାଡ଼ିସାରିଛନ୍ତି। ସେ କେଉଁ ଦଳରେ ଯୋଗଦେଇ ନ ଥିଲେ ମଧ୍ୟ କଂଗ୍ରେସ ନେତୃବୃନ୍ଦଙ୍କ ସହ ଯୋଗାଯୋଗରେ ଥିବା ଜଣାପଡିଛି। ଅପରପକ୍ଷେ ଏହାର ଭରପୂର ସୁଯୋଗ ଭାଜପା ଏବଂ ବିଜେଡି ଉଠାଇଛି।

ଗୁଣପୁର ମ୍ୟୁନିସିପାଲିଟି, ଗୁଡାରୀ ଏନଏସି, ଗୁଣପୁର, ପଦ୍ମପୁର, ଗୁଡାରି, ରାମନାଗୁଡା ଏବଂ ଚନ୍ଦ୍ରପୁର ବ୍ଲକକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ଏଠାରେ ୩ ପ୍ରମୁଖ ଦଳର ପତିଆରା ରହିଆସିଛି। ହେଲେ ବର୍ତ୍ତମାନ ସ୍ଥିତି ବଦଳିଛି। ଅଶ୍ୱିନୀ ଗମାଙ୍ଗ ପୁଣି ବିଜେଡିକୁ ଫେରିଛନ୍ତି। ରାମମୂର୍ତ୍ତି ମୁଟ୍ଟିକା ବିଜେଡି ଛାଡି ଭାଜପାରେ। କଂଗ୍ରେସ ଏବଂ ବିଜେଡିରେ ଅନେକ ଦାବିଦାର ଥିଲେ ମଧ୍ୟ ଦଳରେ ଚିନ୍ତାର କାରଣ ହୋଇଛି। ଭାଜପାରେ ଅନେକ ଦାବିଦାର ଥିଲେ ମଧ୍ୟ ଦୁଇଜଣ ପ୍ରମୁଖ ଭାବେ ଚର୍ଚ୍ଚାରେ ରହିଛନ୍ତି। ସେମାନେ ହେଲେ ପୂର୍ବତନ ବିଧାୟକ ରାମମୂର୍ତ୍ତି ମୁଟ୍ଟିକା ଏବଂ ପୋଲିସ ଚାକିରି ଛାଡି ଦଳରେ ଯୋଗଦେଇଥିବା ରବିଶଙ୍କର ଗମାଙ୍ଗ। ଦୁହିଁଙ୍କ ମଧ୍ୟରୁ କାହାକୁ ଦଳ ପ୍ରାର୍ଥୀ କରିବ ସେନେଇ ହରଡଘଣାରେ ପଡିଛି। ଗତ ଦୁଇଟି ସାଧାରଣ ନିର୍ବାଚନକୁ ସମୀକ୍ଷା କରାଗଲେ ଭାଜପାରେ ଥିବା ନେତାଙ୍କ ଅପେକ୍ଷା ନିର୍ବାଚନ ସମୟରେ ଅନ୍ୟ ଦଳରୁ ଆସିଥିବା ନେତାଙ୍କୁ ଗୁରୁତ୍ୱ ଦେଇ ଦଳ ପ୍ରାର୍ଥୀ କରିଛି। ବର୍ତ୍ତମାନ ଦେଖିବାକୁ ବାକି ରହିଲା ସେହି ପରମ୍ପରା ବର୍ତ୍ତମାନ ଦଳରେ ବଜାୟ ରହୁଛି କି ନାହିଁ।

ଭାଜପା ନେତା ରବିଶଙ୍କର କହିଛନ୍ତି ଯେ, ତାଙ୍କୁ ନିଶ୍ଚିତ ଟିକେଟ ମିଳିବ। ଯଦି ନ ମିଳେ ତେବେ ଦୁଃଖ ନାହିଁ। ରାଷ୍ଟ୍ରବାଦୀ ଚିନ୍ତା ଏବଂ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳ ପାଇଁ କାମ କରିବେ ବୋଲି ସେ କହିଛନ୍ତି। ରାମମୂର୍ତ୍ତି ମୁଟ୍ଟିକା କହିଛନ୍ତି ଯେ, ସେ ଦଳରେ ଯୋଗଦେବାଠାରୁ ସମସ୍ତ କାର୍ଯ୍ୟ ନିଷ୍ଠାର ସହ ତୁଲାଇଛନ୍ତି। ଦଳ ଯେଉଁ ସମୟରେ ଯେଉଁ କାମ ଦେଇଛି ତାହା କରିଛନ୍ତି। ତାଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ମିଳିବ ବୋଲି ସେ ଆଶାବାଦୀ।

ବିଜେଡି ପାଇଁ ଏହି ନିର୍ବାଚନ ସମ୍ମାନର ପ୍ରଶ୍ନ ହୋଇପଡିଛି। ବିଶେଷକରି ବିଧାୟକ ତ୍ରିନାଥ ଗମାଙ୍ଗଙ୍କ ପାଇଁ। ତ୍ରିନାଥ ଦଳର ଟିକେଟ୍ ପାଇବାକୁ ପ୍ରମୁଖ ଦାବିଦାର ଥିଲେ ମଧ୍ୟ ତାଙ୍କ ପ୍ରାର୍ଥିତ୍ୱକୁ ଅନେକେ ବିରୋଧ କରୁଛନ୍ତି। କାରଣ ଦଳ ଭିତରେ ଅନେକ ଗୋଷ୍ଠୀ ରହିଥିବାବେଳେ ତ୍ରିନାଥଙ୍କୁ ପୁଣିଥରେ ପ୍ରାର୍ଥୀ କରାଇ ନ ଦେବାକୁ ସେମାନେ ଲାଗି ପଡ଼ିଛନ୍ତି। ଦଳ ଭିତରେ ଏପରି କନ୍ଦଳ ଯୋଗୁ ଗତ ପଞ୍ଚାୟତ ନିର୍ବାଚନରେ ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀର ୮ଟି ଜିଲା ପରିଷଦ ଜୋନରୁ ଗୋଟିଏରେ ହିଁ ସନ୍ତୁଷ୍ଟ ହେବାକୁ ପଡିଥିଲା। ତ୍ରିନାଥଙ୍କ ଛଡ଼ା ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ ପ୍ରମୁଖ ଦାବିଦାର ରହିଛନ୍ତି। ଏମାନଙ୍କ ବ୍ୟତୀତ ନୂଆ ଚେହେରା ଭାବେ ରଘୁନାଥ ଗମାଙ୍ଗଙ୍କ ନାମ ମଧ୍ୟ ଶୁଣିବାକୁ ମିଳୁଛି। ସେ ଗଜପତି ଜିଲାରେ ଯୋଗାଣ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ସେ ସ୍ୱେଚ୍ଛାକୃତ ଅବସର ନେଇ ବିଜେଡିରେ ମିଶିଥିବା ଜଣାପଡୁଛି।


ବିଧାୟକ ତ୍ରିନାଥ କହିଛନ୍ତି ଯେ, ସେ ଦଳ ପାଇଁ କାମ କରି ଚାଲିଛନ୍ତି। ବିଧାୟକ ଥିବା ସମୟରେ ତାଙ୍କ ବିରୋଧରେ କୌଣସି ଅଭିଯୋଗ ନାହିଁ। ତାଙ୍କ ବିରୋଧୀ ଥାଇପାରନ୍ତି, କିନ୍ତୁ ସେ କାହାକୁ ବିରୋଧ କରୁନାହାନ୍ତି। ତେଣୁ ତାଙ୍କୁ ଟିକେଟ ମିଳିବ। ଯଦି ନ ମିଳେ ତେବେ ତାଙ୍କ ସମର୍ଥକମାନଙ୍କୁ ନେଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଛନ୍ତି। ରଘୁନାଥ ଗମାଙ୍ଗ କହିଛନ୍ତି ଯେ, ଚାକିରି ଛାଡି ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାପଣିତ ହୋଇ ଦଳରେ ସେ ମିଶିଛନ୍ତି। ଦଳ ଯାହା କାମ ଦେବ କରିବେ। ରାମମୂର୍ତ୍ତି ମୁଟ୍ଟିକା ୨୦୦୯ରେ ଜିତିଥିଲେ ମଧ୍ୟ ୨୦୧୪ରେ ତାଙ୍କୁ ବାଦ୍ ଦିଆଯାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ଶଳା ତ୍ରିନାଥ ଗମାଙ୍ଗଙ୍କୁ ଦଳ ପ୍ରାର୍ଥୀ କରିଥିଲା। ଏହି କ୍ରମରେ ଦଳ ଯଦି ପୂର୍ବ ପରମ୍ପରା ବଜାୟ ରଖୁଛି ତେବେ ତ୍ରିନାଥ ବାଦ୍ ପଡିବା ସମ୍ଭାବନା ରହିଛି।

କଂଗ୍ରେସରେ ମଧ୍ୟ ପ୍ରାୟ ଏକା ପରିସ୍ଥିତି। ଏଠାରେ ଦଳ ପକ୍ଷରୁ ଜିଲା ପରିଷଦ ସଭାପତି ରହିଥିବା ପୁରୁଷୋତ୍ତମ ଗମାଙ୍ଗ ପ୍ରମୁଖ ଦାବିଦାର ରହିଛନ୍ତି। ତାଙ୍କ ସହ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ ଏବଂ ଉଷା ଗମାଙ୍ଗ ଟିକେଟ୍ ପାଇବାକୁ ଦାବିଦାର ଅଛନ୍ତି। ଦଳ ଏମାନଙ୍କ ଭିତରୁ କାହାକୁ ପ୍ରାର୍ଥୀ କରୁଛି ନା ନୂଆ ଚେହେରାକୁ ସ୍ଥାନ ଦେଉଛି ତାହା ଉପରେ ଏବେ ସମସ୍ତଙ୍କ ନଜର। ପୁରୁଷୋତ୍ତମ କହିଛନ୍ତି ଯେ, ଦୃଢ ବିଶ୍ୱାସ ତାଙ୍କୁ ହିଁ ଦଳ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ଦେବ। ଯଦି ଟିକେଟ ନ ମିଳେ ତେବେ ତାଙ୍କର କୌଣସି ଆପତ୍ତି ରହିବ ନାହିଁ ବୋଲି ସେ କହିଛନ୍ତି।

## ୨୦୧୪ ନିର୍ବାଚନ ଫଳାଫଳ

| | | |
|---|---|---|
| ବିଜେଡି | ତ୍ରିନାଥ ଗମାଙ୍ଗ | ୫୯,୫୨୭ |
| କଂଗ୍ରେସ | ପୁରୁଷୋତ୍ତମ ଗମାଙ୍ଗ | ୫୨,୧୪୧ |
| ଭାଜପା | ରାମମୂର୍ତ୍ତି ଗମାଙ୍ଗ | ୧୫,୫୯୬ |

୨୦୧୯ ଭୋଟର ସଂଖ୍ୟା
ମହିଳା: ୧,୦୭,୬୮୫
ପୁରୁଷ: ୧,୦୦,୪୯୫
ଅନ୍ୟାନ୍ୟ: ୪୩




# ନିର୍ଣ୍ଣାୟକ ଭୂମିକା ନେବେ ଆଶାୟୀ

ଦୁର୍ଯ୍ୟୋଧନ ପାତ୍ର/ ନୃସିଂହ ମହାନ୍ତି
ମାଲକାନଗିରି,୧୬ା୩

ନିର୍ବାଚନ ସଂକ୍ରାନ୍ତୀୟ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ମାଲକାନଗିରି ଜିଲାରେ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଟିକେଟ୍ ପାଇଁ ଆଶାୟୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ମାଥିଲି, ଖଇରପୁଟ, ଚିତ୍ରକୋଣ୍ଡା ବ୍ଲକ ଏବଂ କୋରୁକୋଣ୍ଡାର ୭ଟି ପଞ୍ଚାୟତକୁ ନେଇ ଗଠିତ ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ମଧ୍ୟ ଏଭଳି ପରିବେଶ ରହିଛି। ଏବେ ଏଠାରେ ବିଜେଡିର ଡମ୍ବରୁ ଶିଶା ବିଧାୟକ ଅଛନ୍ତି। ୨୦୧୪ ନିର୍ବାଚନରେ ସେ ସର୍ବାଧିକ ୪୮ହଜାର ୮୧୧ ଭୋଟ ପାଇଥିବା ବେଳେ କଂଗ୍ରେସର ସୁନାଧର କାକାରି ୨୩ହଜାର ୨୭୦ଟି ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ଭାଜପା ପ୍ରାର୍ଥୀ ଶରତ ବୁରୁଦା ୧୭ହଜାର ୫୭୮ ଭୋଟ ପାଇଥିଲେ। ଏହି ନିର୍ବାଚନ ମଣ୍ଡଳୀରେ ଆସନ୍ତା ୧୧ତାରିଖରେ ହେବାକୁ ଥିବା ନିର୍ବାଚନ ପାଇଁ ସବୁ ଦଳରେ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଚୂଡାନ୍ତ ପର୍ଯ୍ୟାୟକୁ ଆସିଲାଣି। ହେଲେ ଏବେ ସର୍ବାଧିକ ଆଶାୟୀ ବିଜେଡିରେ ରହିଛନ୍ତି। ସେମାନଙ୍କ ମଧ୍ୟରେ ବିଧାୟକ ଶିଶା, ଯୁବନେତା ଶରତ ବୁରୁଦା, ପୂର୍ଣ୍ଣଚନ୍ଦ୍ର ବାକା, ବଂଶୀଧର ମୁଦୁଲି, ପଦ୍ମିନୀ ମୁଦୁଲି ରହିଛନ୍ତି। ଟିକେଟ୍ ସମ୍ପର୍କରେ ବିଧାୟକ ଶିଶା କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଯାହା ନିଷ୍ପତ୍ତି ନେବେ। ଯଦି ଟିକେଟ୍ ନ ପାଏ ଦଳ ପାଇଁ କାମ କରିବେ ବୋଲି ସେ କହିଥିଲେ।

କଂଗ୍ରେସ ମାଥିଲି ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ନାୟକଙ୍କୁ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ ଟିକେଟ ଦେବାକୁ ଏକପ୍ରକାର ନିଷ୍ପତ୍ତି ନେଇଥିବା ପ୍ରଚାର ହେଉଛି। ତେବେ ଏହାକୁ ଅନେକ କଂଗ୍ରେସ କର୍ମୀ ବିରୋଧ କରୁଥିବା ଜଣାପଡିଛି। ଅନ୍ୟ ଏକ ଗୋଷ୍ଠୀ ଖୋଲାଖୋଲି ଭାବେ ବାଲାରାଜୁ କପେଙ୍କୁ ସମର୍ଥନ କରି ଟିକେଟ ଦେବାକୁ ଦାବି କରୁଛନ୍ତି। ମାଥିଲିର ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଯୁବନେତା ସ୍ମୃତିରଞ୍ଜନ ଖୋଲାଖୋଲି ଭାବେ ବାଲାରାଜୁ କପେଙ୍କୁ କଂଗ୍ରେସ ଟିକେଟ ଦେବାପାଇଁ ଦଳ ଉପରେ ଚାପ ପକାଉଥିବା ଆଲୋଚନା ହେଉଛି। ସେ କପେଙ୍କ ଲାଗି ବିଭିନ୍ନ ସ୍ଥାନରେ ବୈଠକ କରି ସମର୍ଥକଙ୍କୁ ଏକାଠି କରୁଛନ୍ତି। ତେବେ ଟିକେଟ୍ ନ ପାଇଲେ କ'ଣ କରିବେ ବୋଲି ଅଧ୍ୟକ୍ଷା ନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ଟିକେଟ୍ ନ ପାଇଲେ ଦଳର ଜଣେ ଶୃଙ୍ଖଳିତ କର୍ମୀଭାବେ ଦଳରେ ରହି କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ଭାଜପାର ପୂର୍ବତନ ବିଧାୟକ ତଥା ଉପବାଚସ୍ପତି ପ୍ରହ୍ଲାଦ ଦୋରା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ ଦଳୀୟ ଟିକେଟ ପାଇବା ପାଇଁ ଆଶା ରଖିଛନ୍ତି। ତେବେ ଅନ୍ୟତମ ଆଶାୟୀ ଜଳନ୍ଧର ନାୟକ ଯେପରି ଟିକେଟ ପାଇବେ ସେନେଇ ତାଙ୍କର ସମର୍ଥକ ଗୋଷ୍ଠୀ ଦଳ ଉପରେ ଚାପ ପକାଉଥିବା ଜଣାପଡିଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ସମୟ ପାଖେଇ ଆସୁଥିବାରୁ ଖୁବ୍ ଶୀଘ୍ର ଏହି ୩ ଦଳର ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ଚର୍ଚ୍ଚା ହେଉଛି। ତେବେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ଗୋବିନ୍ଦପାଲି, ମାଥିଲି, ଖଇରପୁଟ ଏବଂ ସ୍ୱାଭିମାନ ଅଞ୍ଚଳ ଚାଷ ପାଇଁ ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପାଇଁ ରହିଥିବା ସମସ୍ୟା ଯେଉଁ ପ୍ରାର୍ଥୀ ସମାଧାନ କରିପାରିବେ ତାଙ୍କୁ ଭୋଟ ଦେବେ ବୋଲି ଅନେକ ସଚେତନ ମତଦାତା ପ୍ରକାଶ କରିଛନ୍ତି। ଟିକେଟ୍ ନ ପାଇଲେ କ'ଣ କରିବେ ବୋଲି ପ୍ରହ୍ଲାଦଙ୍କୁ ପଚାରିବାରୁ ସେ କହିଲେ ଯେ, ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ ଲାଗି ଦଳର ବୈଠକ ଦିଲ୍ଲୀରେ ବସିଛି। ସେ ଟିକେଟ୍ ନିଶ୍ଚିତ ପାଇବେ । ନ ପାଇବାର ପ୍ରଶ୍ନ ଉଠୁନି ବୋଲି ସେ କହିଛନ୍ତି।

## ୨୦୧୪ ନିର୍ବାଚନ ଫଳାଫଳ

| | | |
|---|---|---|
| ବିଜେଡି | ଡମ୍ବରୁ ଶିଶା | ୪୮,୮୧୧ |
| କଂଗ୍ରେସ | ସୁନାଧର କାକାରି | ୨୩,୨୭୦ |
| ଭାଜପା | ଶରତ ବୁରୁଦା | ୧୭,୫୭୮ |

ମୋଟ ଭୋଟର ସଂଖ୍ୟା
୧,୮୩,୮୮୧
ପୁରୁଷ ଭୋଟର
୮୮,୩୯୮
ମହିଳା ଭୋଟର
୯୫,୪୮୩
ଅନ୍ୟାନ୍ୟ
୧୦



"ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ରାଜନୀତିରେ ପ୍ରବେଶ ଭାଜପାର ନିର୍ବାଚନ ଫଳାଫଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ।"
-ଯୋଗୀ ଆଦିତ୍ୟନାଥ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ଘୂର୍ଣ୍ଣିବାତ୍ୟାରେ ୧୫୦ ମୃତ

**ହାରାରେ,୧୬।୩ :** ମୋଜାମ୍ବିକ, ଜିମ୍ବାୱେ ଏବଂ ମାଲାୱିରେ ଘୂର୍ଣ୍ଣିବାତ୍ୟା 'ଇଡାଇ' ତାଣ୍ଡବ ରଚିଛି। ଏହି ପ୍ରଳୟଙ୍କରୀ ବାତ୍ୟାରେ ୧୫୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଶତାଧିକ ନିଖୋଜ ଅଛନ୍ତି। ରାସ୍ତାଘାଟ ବିଚ୍ଛିନ୍ନ ହୋଇଯିବାରୁ ହଜାର ହଜାର ଲୋକ ବିଭିନ୍ନ ସ୍ଥାନରେ ଅଟକି ରହିଛନ୍ତି। ବିଦ୍ୟୁତ ଓ ଟେଲିଫୋନ ସେବା ବ୍ୟାହତ ହୋଇଛି। ଦକ୍ଷିଣ ଆଫ୍ରିକାର ଏହି ତିନି ଦେଶରେ ୧୫ ଲକ୍ଷରୁ ଅଧିକ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ମୋଜାମ୍ବିକ୍‌ରେ ବହୁ ଘରଦ୍ୱାର ଭାଙ୍ଗିଯାଇଛି। ଜାତିସଂଘ ସଂସ୍ଥା ଏବଂ ରେଡକ୍ରସ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଚାଲିଛି। ବାତ୍ୟା ଦୁର୍ଗତଙ୍କ ପାଖକୁ ଖାଦ୍ୟ, ଔଷଧ ହେଲିକପ୍ଟର ଯୋଗେ ପଠାଯାଉଛି।

### ପଶ୍ଚିମବଙ୍ଗ ଭାଜପା ସଭାପତି ମାନିଲେ ଆମ ପାଖରେ ଜିତିବାଯୋଗ୍ୟ ପ୍ରାର୍ଥୀ କମ୍

**କୋଲକାତା,୧୬।୩(ପି.ଟି.):** ଲୋକ ସଭା ନିର୍ବାଚନ ପାଇଁ ପଶ୍ଚିମବଙ୍ଗରେ ଭାଜପାର ଯଥେଷ୍ଟ ଜିତିବାଯୋଗ୍ୟ ପ୍ରାର୍ଥୀ ନ ଥିବା ଦଳର ରାଜ୍ୟ ସଭାପତି ଦିଲୀପ ଘୋଷ ଶୁକ୍ରବାର କହିଛନ୍ତି।



ଦଳରେ ବହୁତ ନେତା ଓ କର୍ମୀ ଅଛନ୍ତି ଏବଂ ସେମାନେ କଠିନ ପରିଶ୍ରମ କରୁଛନ୍ତି। ବିଧାନସଭା ଓ ପଞ୍ଚାୟତ ନିର୍ବାଚନରେ ସେମାନଙ୍କୁ ଟିକେଟ ଦିଆଯାଇଥିଲା। ତେବେ ଲୋକ ସଭା ନିର୍ବାଚନ ଲଢ଼ି ଜିତିବା ଭଳି ଯଥେଷ୍ଟ ପ୍ରାର୍ଥୀ ନ ଥିବା ଘୋଷ ସ୍ୱୀକାର କରିଛନ୍ତି। ଟିଏମ୍‌ସି ବିଧାୟକ ଅର୍ଜୁନ ସିଂ ଭାଜପାରେ ଯୋଗଦେବା ପରିପ୍ରେକ୍ଷୀରେ ଘୋଷ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

### ମହିଳା ଏସ୍‌ପିଓଙ୍କୁ ହତ୍ୟା

**ଶ୍ରୀନଗର,୧୬।୩(ପି.ଟି.):** ଜମ୍ମୁ-କଶ୍ମୀରର ଶୋପିଆନ ଜିଲାରେ ଜଣେ ମହିଳା ସ୍ପେଶାଲ ପୋଲିସ ଅଫିସର (ଏସ୍‌ପିଓ)ଙ୍କୁ ଆତଙ୍କବାଦୀମାନେ ଗୁଳି କରି ହତ୍ୟା କରିଛନ୍ତି। ଶନିବାର ଅପରାହ୍ନରେ ଏସପିଓ ଖୁଶ୍‌ବୁ ଜାନ୍‌ଙ୍କୁ ଆତଙ୍କବାଦୀ ତାଙ୍କ ଘର ପାଖରେ ଅତି ନିକଟରୁ ଗୁଳି କରିଥିବା ଜଣାପଡିଛି। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଘେରି ରହିବା ସହ ଆକ୍ରମଣକାରୀଙ୍କୁ ଧରିବା ଲାଗି ତନାଘନା ଚଳାଇଛନ୍ତି।

### ରବିଶଙ୍କରଙ୍କୁ ମଧ୍ୟସ୍ଥ ପ୍ୟାନେଲ୍‌ରୁ ବାଦ୍ ଦେବାକୁ ଦାବି

**ମଥୁରା(ୟୁପି),୧୬।୩(ପି.ଟି.):** ରାମ ଜନ୍ମଭୂମି-ବାବ୍ରୀ ମସଜିଦ୍ ଜମି ବିବାଦ ସମାଧାନ ପାଇଁ ଗଠିତ ମଧ୍ୟସ୍ଥ କମିଟିରୁ ଆର୍ଟ ଅଫ୍ ଲିଭିଙ୍ଗ୍‌ର ପ୍ରଣେତା ରବିଶଙ୍କରଙ୍କୁ ବାଦ୍‌ଦେବା ପାଇଁ ଆଧ୍ୟାତ୍ମିକ ଗୁରୁ ଅଧୋକ୍ଷାଜାନନ୍ଦ ଦେଓ ତୀର୍ଥ ମହାରାଜ ଦାବି କରିଛନ୍ତି। ଉକ୍ତ ବିବାଦର ଆପୋସ ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ପୂର୍ବରୁ ରବିଶଙ୍କର ସାଲିସ୍ ଫର୍ମୁଲା ମିଶନ୍‌ରେ ବିଫଳ ହୋଇଥିବାରୁ ତାଙ୍କୁ ମଧ୍ୟସ୍ଥ ପ୍ୟାନେଲ୍‌ରୁ ବାଦ୍ ଦିଆଯାଉ।

### ଝାଡ଼ଖଣ୍ଡରେ ମେଣ୍ଟ ଚୂଡ଼ାନ୍ତ

**ରାଞ୍ଚି,୧୬।୩ (ପି.ଟି.):** ଲୋକ ସଭା ନିର୍ବାଚନ ଲାଗି ଝାଡଖଣ୍ଡରେ ବିରୋଧୀ ଦଳଗୁଡ଼ିକର ମେଣ୍ଟ ଚୂଡ଼ାନ୍ତ ହୋଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ଅଧ୍ୟକ୍ଷ ହେମନ୍ତ ସୋରେନ କହିଛନ୍ତି। ଭାଜପାକୁ କ୍ଷମତାରୁ ହଟାଇବା ଲାଗି ଜେଏମ୍‌ଏମ୍ ସହ କଂଗ୍ରେସ, ଆରଜେଡି, ବାମ ସାମ୍ମୁଖ୍ୟ ଏବଂ ଝାଡଖଣ୍ଡ ବିକାଶ ମୋର୍ଚ୍ଚା (ପ୍ରଜାତାନ୍ତ୍ରିକ) ଏକାଠି ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି।

ଇତିହାସର ଆଇନାରେ

### ମାର୍ଚ୍ଚ ୧୭ର ପ୍ରମୁଖ ଘଟଣା

୧୯୭୯ ମାର୍ଚ୍ଚ ୧୭ରେ ପେନ୍‌ମାନଶିଏଲ୍ ଟନେଲ୍ ଭୁଶୁଡିବା ଯୋଗୁ ଦୁଇ ଶ୍ରମିକ ପ୍ରାଣ ହରାଇଥିଲେ। ସ୍କଟ୍‌ଲାଣ୍ଡର ସ୍କଟିଶ୍ ସୀମାନ୍ତ ଅଞ୍ଚଳରେ ଥିବା ଏହି ଟନେଲ୍‌କୁ ବର୍ତ୍ତମାନ ରେଲୱେ ଟନେଲ ଭାବେ ବ୍ୟବହାର କରାଯାଉ ନାହିଁ।

୧୯୯୨ ମାର୍ଚ୍ଚ ୧୭ରେ ବୁଏନ୍ସ ଏୟାର୍ସସ୍ଥିତ ଇସ୍ରାଏଲ୍ ଦୂତାବାସରେ କାର୍‌ବୋମା ବିସ୍ଫୋରଣ ଯୋଗୁ ୨୯ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୪୨ ଆହତ ହୋଇଥିଲେ। ଏକ ପିକ୍-ଅପ୍ ଟ୍ରକ୍‌ରେ ବିସ୍ଫୋରକ ସାମଗ୍ରୀ ବୋଝେଇ କରି ଜଣେ ଆତ୍ମଘାତୀ ଏହାକୁ ବିସ୍ଫୋରଣ ଘଟାଇଥିଲେ।

# ସରକାର ଗଢ଼ିବାକୁ କଂଗ୍ରେସର ଦାବି

**ପଣଜୀ,୧୬।୩(ଆଇଏଏନ୍‌ଏସ୍)**

କ୍ୟାନ୍‌ସର ପୀଡ଼ିତ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହୋଇପଡ଼ିଥିବା ଖବର ପ୍ରକାଶ ପାଇବା ପରେ ଗୋଆରେ ସରକାର ଗଢ଼ିବା ଲାଗି କଂଗ୍ରେସ ଦାବି ଉପସ୍ଥାପନ କରିଛି। ବିରୋଧୀ ଦଳ ନେତା ଚନ୍ଦ୍ରକାନ୍ତ କାଭ୍‌ଲେକର ଶନିବାର ରାଜ୍ୟପାଳ ମୃଦୁଳା ସିହ୍ନାଙ୍କୁ ପତ୍ର ଲେଖି ରାଜ୍ୟରେ ପାରିକରଙ୍କ ନେତୃତ୍ୱାଧୀନ ସରକାର ସଂଖ୍ୟାଲଘୁରେ ପରିଣତ ହୋଇଥିବା କହିଛନ୍ତି। ତେଣୁ ଉକ୍ତ ସରକାରଙ୍କୁ କ୍ଷମତାଚ୍ୟୁତ କରି କଂଗ୍ରେସକୁ ସରକାର ଗଠନ ନିମନ୍ତେ ଆମନ୍ତ୍ରଣ କରିବା ଲାଗି ଚନ୍ଦ୍ରକାନ୍ତ ଦାବି ଜଣାଇଛନ୍ତି। ସରକାର ଗଠନ ଲାଗି କଂଗ୍ରେସ ରାଜ୍ୟ ବିଧାନସଭାରେ ଏକକ ସଂଖ୍ୟାଗରିଷ୍ଠ ଦଳ ବୋଲି ସେ କହିଛନ୍ତି।

ଭାଜପା ବିଧାୟକ ଫ୍ରାନ୍ସିସ୍ ଡି'ସୁଜାଙ୍କ ଦେହାନ୍ତ ଏବଂ ଦୁଇ କଂଗ୍ରେସ ବିଧାୟକ ସୋପ୍‌ଟେଙ୍କ ଇସ୍ତଫା ପରେ ଗୋଆ ବିଧାନସଭାରେ ବିଧାୟକ ସଂଖ୍ୟା ୪୦ରୁ ୩୭କୁ ହ୍ରାସ ପାଇଛି। ଏବେ ଗୃହରେ କଂଗ୍ରେସର ୧୪ ବିଧାୟକ ଥିବାବେଳେ ଭାଜପାର ୧୩ ବିଧାୟକ ରହିଛନ୍ତି। ଗୋଆ ଫରୱାର୍ଡ ପାର୍ଟି ଏବଂ ଏମ୍‌ଜିପିର ତିନି ଜଣ ଲେଖାଏ ବିଧାୟକ, ଜଣେ ସ୍ୱାଧୀନ ଏବଂ ଏନ୍‌ସିପିର ଜଣେ ବିଧାୟକ ଭାଜପାକୁ ସମର୍ଥନ କରୁଛନ୍ତି। ଆସନ୍ତା ଏପ୍ରିଲ ୨୩ରେ ଲୋକସଭା ନିର୍ବାଚନ ସହ ଖାଲିପଡିଥିବା ୩ଟି ବିଧାନସଭା ଆସନ ଲାଗି ଉପନିର୍ବାଚନ ଅନୁଷ୍ଠିତ ହେବ। ପାରିକରଙ୍କ ନେତୃତ୍ୱାଧୀନ ସରକାର ଦୀର୍ଘଦିନ ହେଲା ଲୋକଙ୍କ ଆସ୍ଥା ହରାଇଛି। ଡି'ସୁଜାଙ୍କ ପରଲୋକ ପରେ ଏବେ ସରକାର ଗୃହରେ ସଂଖ୍ୟାଗରିଷ୍ଠତା ହରାଇଛି। ଭାଜପା ବିଧାୟକଙ୍କ ସଂଖ୍ୟା ଆହୁରି ହ୍ରାସ ପାଇବା ସମ୍ଭାବନା ରହିଛି ବୋଲି ଚନ୍ଦ୍ରକାନ୍ତ ରାଜ୍ୟପାଳଙ୍କୁ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି। ଏଭଳି ଏକ ସଂଖ୍ୟାଲଘୁ ସରକାରଙ୍କୁ ଆଉ ମୁହୂର୍ତ୍ତକ ପାଇଁ ମଧ୍ୟ କ୍ଷମତାରେ ରହିବାକୁ ଅନୁମତି ଦିଆଯିବା ଉଚିତ ନୁହେଁ ବୋଲି ଚନ୍ଦ୍ରକାନ୍ତ କହିଛନ୍ତି। ସରକାର ଗଢ଼ିବା ପାଇଁ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ କଂଗ୍ରେସ ପ୍ରସ୍ତୁତ ଥିବା ରାଜ୍ୟପାଳଙ୍କୁ ଜଣାଇଦିଆଯାଇଛି।

ସରକାର ଗଠନ ଲାଗି ଏକକ ସଂଖ୍ୟାଗରିଷ୍ଠ ଦଳକୁ ଆମନ୍ତ୍ରଣ କରିବା ସାମ୍ବିଧାନିକ ଅଧିକାର। ଏହାର ଉଲ୍ଲଂଘନ କରାଗଲେ କିମ୍ବା ରାଜ୍ୟରେ ଅଗଣତାନ୍ତ୍ରିକ ଭାବେ ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ ଉଦ୍ୟମ କଲେ ଏହାକୁ ଚ୍ୟାଲେଞ୍ଜ କରାଯିବ ବୋଲି ବିରୋଧୀ ଦଳ ନେତା କହିଛନ୍ତି।



ମନୋହର ପାରିକର



ଚନ୍ଦ୍ରକାନ୍ତ କାଭ୍‌ଲେକର


**ଗୋଆ ରାଜନୀତି ସରଗରମ**

- ରାଜ୍ୟପାଳଙ୍କୁ ପତ୍ର ଲେଖିଲେ ବିରୋଧୀ ଦଳ ନେତା
- ସରକାର ସଂଖ୍ୟାଲଘୁରେ ପରିଣତ ହୋଇଥିବା ଦାବି
- ରାଷ୍ଟ୍ରପତି ଶାସନ ଜାରିହେଲେ ଚ୍ୟାଲେଞ୍ଜ କରିବ କଂଗ୍ରେସ

### ଭାଜପା କୋର୍ କମିଟି ବୈଠକ

ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଦେଖାଦେଇଥିବାବେଳେ ଗୋଆର ଭାଜପା ବିଧାୟକ ଏବଂ କୋର୍ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇ ରାଜନୈତିକ ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଛି। ରାଜ୍ୟ ଭାଜପା ସଭାପତି ତଥା ରାଜ୍ୟ ସଭା ଏମ୍‌ପି ବିନୟ ତେନ୍ଦୁଲକରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଲୋକ ସଭା ନିର୍ବାଚନ, ବିଧାନସଭା ଉପନିର୍ବାଚନ ଏବଂ ଅନ୍ୟାନ୍ୟ ଚ୍ୟାଲେଞ୍ଜ ସମ୍ପର୍କରେ ଆଲୋଚନା ହୋଇଥିଲା। ତେବେ ନେତୃତ୍ୱ ପରିବର୍ତ୍ତନ ସମ୍ପର୍କରେ ଆଲୋଚନା ହୋଇ ନଥିବା ଦଳର ଜଣେ ବରିଷ୍ଠ ନେତା କହିଛନ୍ତି। ପାରିକରଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଦଳରେ ଚିନ୍ତା ବଢ଼ିଯାଇଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ଦାଉଦ, ସଲାହୁଦ୍ଦିନଙ୍କୁ ହସ୍ତାନ୍ତର କରୁ ପାକିସ୍ତାନ





**ଭାରତର ଦାବି**

**ନୂଆଦିଲ୍ଲୀ,୧୬।୩(ପି.ଟି.)**

ପାକିସ୍ତାନ ଯଦି ନିଷ୍ଠାର ସହ ଆତଙ୍କବାଦ ଦମନ ଚାହୁଁଥାଏ, ତେବେ ଅଣ୍ଡରୱାର୍ଲ୍ଡ ଡନ୍ ତଥା ମୁମ୍ବାଇ ସିରିଜ ବିସ୍ଫୋରଣର ମାଷ୍ଟର ମାଇଣ୍ଡ ଦାଉଦ୍ ଇବ୍ରାହିମ ଏବଂ ସୟିଦ ସଲାହୁଦ୍ଦିନଙ୍କ ସମେତ ସେଠାରେ ରହୁଥିବା ଅନ୍ୟ ଆତଙ୍କବାଦୀ, ଯେଉଁମାନଙ୍କର ଭାରତୀୟ ନାଗରିକତ୍ୱ ରହିଛି ସେମାନଙ୍କୁ ନୂଆଦିଲ୍ଲୀ ହାତରେ ଅର୍ପଣ କରୁ। ପୁଲ୍‌ୱାମା ଆକ୍ରମଣ ପରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ଓ ଅନ୍ୟ ସଂଗଠନ ବିରୋଧରେ ଆସ୍ଥାଯୋଗ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଇସ୍‌ଲାମାବାଦ ବିଫଳ ହୋଇଛି। ଆତଙ୍କବାଦକୁ ନେଇ ଭାରତର ଉଦ୍‌ବେଗକୁ ହ୍ରାସ କରାଇବା ଲାଗି ଯଦି ପାକିସ୍ତାନ ନିଷ୍ଠାର ସହ ଚିନ୍ତା କରୁଥାଏ ଏବଂ ବିଶ୍ୱକୁ ବାର୍ତ୍ତା ଦେବା ପାଇଁ ପ୍ରକୃତରେ ଚାହୁଁଥାଏ ତେବେ ଉପରୋକ୍ତ ଆତଙ୍କବାଦୀଙ୍କୁ ନୂଆଦିଲ୍ଲୀ ହାତରେ ଅର୍ପଣ କରିବା ଉଚିତ ବୋଲି ଏକ ସରକାରୀ ସୂତ୍ରରୁ କୁହାଯାଇଛି। ଲୋକଦେଖାଣିଆ କାର୍ଯ୍ୟାନୁଷ୍ଠାନରେ କୌଣସି ଫଳ ହେବ ନାହିଁ। ପାକିସ୍ତାନ ମାଟିରୁ ଭାରତ ବିରୋଧରେ କାର୍ଯ୍ୟ କରୁଥିବା ଆତଙ୍କବାଦୀ ସଂଗଠନଗୁଡ଼ିକ ସମ୍ପର୍କରେ ନୂଆଦିଲ୍ଲୀ ଯଥେଷ୍ଟ ପ୍ରମାଣ ଇସ୍‌ଲାମାବାଦକୁ ଦେଇଛି। ଏହାକୁ କୌଣସି ତୃତୀୟ ରାଷ୍ଟ୍ର ଚାହିଁଲେ ଯାଞ୍ଚ କରିପାରିବ। ପୁଲ୍‌ୱାମା ଆକ୍ରମଣ ପରେ ପାକିସ୍ତାନକୁ ଅନ୍ତର୍ଜାତୀୟ ସ୍ତରରେ ଏକଘରିକିଆ କରିବା ଲାଗି ଭାରତ କୂଟନୈତିକ ଉଦ୍ୟମ କରିଥିଲା। ଏଥିସହିତ ଆତଙ୍କବାଦୀ ସଂଗଠନ ବିରୋଧରେ ପାକିସ୍ତାନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନୂଆଦିଲ୍ଲୀ ଚାପ ପକାଇ ଆସୁଛି। ଏହି ଆକ୍ରମଣ ପରେ ଦୁଇ ପଡୋଶୀ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି।

### ନ୍ୟୁଜିଲାଣ୍ଡ ମସ୍‌ଜିଦ ଗୁଳିକାଣ୍ଡ

# ମୃତକଙ୍କ ମଧ୍ୟରେ ୩ ଭାରତୀୟ

**ହାଇଦ୍ରାବାଦ,୧୬।୩**

ନ୍ୟୁଜିଲାଣ୍ଡର ୨ଟି ମସ୍‌ଜିଦରେ ଶୁକ୍ରବାର ଘଟିଥିବା ଗୁଳିକାଣ୍ଡରେ ୪୯ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୩ ଜଣ ଭାରତୀୟ ଥିବା ଜଣାପଡିଛି। ସେମାନେ ହେଲେ ୩୦ ବର୍ଷୀୟ ସଫ୍ଟୱେର ଇଞ୍ଜିନିୟର ଫହରାଜ ଅହସାନ୍, ୪୭ ବର୍ଷୀୟ ରେସ୍ତୋରାଁ ବ୍ୟବସାୟୀ ମହମ୍ମଦ ଇମ୍ରାନ ଖାନ୍ ଏବଂ ଜଣେ କେରଳୀ ମହିଳା ଆନ୍‌ଶୀ କାରିପ୍ପାକୁଲମ୍ (୨୭) । କୋଦୁନ୍‌ଗାଲୁର ବାସିନ୍ଦା ଉକ୍ତ ମହିଳା ସେଠାରେ ଏମ୍‌ଟେକ୍ କରୁଥିଲେ।

ପ୍ରାଥମିକ ତଦନ୍ତ ପରେ କର୍ତ୍ତୃପକ୍ଷ ସେମାନଙ୍କ ମୃତ୍ୟୁ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ଅହସାନଙ୍କ ଘର ତେଲେଙ୍ଗାନାରେ। ସେ ପତ୍ନୀ ଓ ଦୁଇ ପିଲାଙ୍କ ସହ ଖ୍ରୀଷ୍ଟଚର୍ଚ୍ଚ ସହରରେ ରହୁଥିଲେ। ମୃତ ମହମ୍ମଦଙ୍କ ଘର ମଧ୍ୟ ତେଲେଙ୍ଗାନାରେ। ସେ ଖ୍ରୀଷ୍ଟଚର୍ଚ୍ଚରେ ନିଜ ପରିବାର ସହ ରହୁଥିଲେ ଏବଂ ଏକ ରେସ୍ତୋରାଁ ଚଳାଉଥିଲେ। ହାଇଦ୍ରାବାଦର ଅହମଦ ଇକ୍‌ବାଲ ଜାହାଙ୍ଗୀର ଆକ୍ରମଣରେ ଆହତ ହୋଇ ଖ୍ରୀଷ୍ଟଚର୍ଚ୍ଚର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଅସ୍ତ୍ରୋପଚାର ପରେ ସେ ବିପଦମୁକ୍ତ ବୋଲି ହାଇଦ୍ରାବାଦରେ ଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି।



ଆକ୍ରମଣ ସ୍ଥଳରେ ମୃତକଙ୍କୁ ସେମାନଙ୍କ ଆତ୍ମୀୟସ୍ୱଜନ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

### ଜାହାଜରେ ନିଆଁ ୩୦ କର୍ମଚାରୀ, ୧୬ ବୈଜ୍ଞାନିକ ବର୍ତ୍ତିଲେ

**ନୂଆଦିଲ୍ଲୀ,୧୬।୩(ପି.ଟି.)**

କର୍ଣ୍ଣାଟକର ମାଙ୍ଗାଲୋର ଉପକୂଳରେ ଥିବା ଏକ ଗବେଷଣା ଜାହାଜରେ ଅଗ୍ନିକାଣ୍ଡ ଘଟିଛି। ସେଥିରେ ଥିବା ୧୬ ଜଣ ବୈଜ୍ଞାନିକ ଏବଂ ୩୦ କର୍ମଚାରୀଙ୍କୁ ତଟରକ୍ଷୀ ବାହିନୀ ଉଦ୍ଧାର କରିଥିବା ଜଣାପଡିଛି। ମହାସାଗର ଗବେଷଣା ଜାହାଜ (ଓଆର୍‌ଭି) 'ସାଗର ସମ୍ପଦ'ରେ ଶୁକ୍ରବାର ରାତି ୧୦ଟାରେ ନିଆଁ ଲାଗିଥିଲା। ଏ ସମ୍ପର୍କରେ ମୁମ୍ବାଇସ୍ଥିତ ସାମୁଦ୍ରିକ ଉଦ୍ଧାର ସହଯୋଗ କେନ୍ଦ୍ରକୁ ଜଣାଇ ଦିଆଯାଇଥିଲା। ଉକ୍ତ ଜାହାଜ ଭୂବିଜ୍ଞାନ ମନ୍ତ୍ରଣାଳୟ ଅଧୀନ ସଂସ୍ଥାର ହୋଇଥିବାବେଳେ ଏଥିରେ ଥିବା ୧୬ ବୈଜ୍ଞାନିକଙ୍କ ମଧ୍ୟରେ ୩ ଜଣ ମହିଳା ଥିଲେ।

### ଆଝାରଙ୍କୁ କଳାତାଲିକାଭୁକ୍ତ କରିବା ଉଦ୍ୟମ

# ଆଲୋଚନା ପାଇଁ ଚାଇନା ରାଜି

**ୱାଶିଂଟନ,୧୬।୩(ପି.ଟି.)**

ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ମାସୁଦ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ତାଲିକାଭୁକ୍ତ କରିବା ଲାଗି ଆଲୋଚନା ନିମନ୍ତେ ଚାଇନା ରାଜି ହୋଇଛି। ଆମେରିକା, ଫ୍ରାନ୍ସ ଓ ବ୍ରିଟେନ ଚାଇନା ସହ ଆଲୋଚନା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆଲୋଚନା ମାଧ୍ୟମରେ ବୁଝାମଣାରେ ପହଞ୍ଚି ହେବ ବୋଲି ଉପରୋକ୍ତ ତିନି ରାଷ୍ଟ୍ର ବିଶ୍ୱାସ କରୁଛନ୍ତି। ଗତ ବୁଧବାର ଜାତିସଂଘ ସୁରକ୍ଷା ପରିଷଦ କମିଟିରେ ଚାଇନା କ୍ରମାଗତ ଚତୁର୍ଥ ଥର ବିରୋଧ କରିବାରୁ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ତାଲିକାରେ ସାମିଲ କରାଯାଇପାରି ନାହିଁ। ପୁଲ୍‌ୱାମା ଆକ୍ରମଣ ପରେ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବା ଲାଗି ଫେବୃୟାରୀ ୨୭ରେ ଆମେରିକା, ଫ୍ରାନ୍ସ ଓ ବ୍ରିଟେନ ଜାତିସଂଘରେ ପ୍ରସ୍ତାବ ଆଣିଥିଲେ। ଏଥିରେ ବିଫଳ ହୋଇଥିଲେ ମଧ୍ୟ ଉଦ୍ୟମ ଜାରି ରଖିବାକୁ ସେମାନେ ନିଷ୍ପତ୍ତି ନେଇଛନ୍ତି।

ଆତଙ୍କବାଦ ବିରୋଧରେ ଭାରତ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ କରିବ ନାହିଁ । ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ତାଲିକାରେ ସାମିଲ କରିବା ପର୍ଯ୍ୟନ୍ତ ଭାରତ ଧୈର୍ଯ୍ୟର ସହ ଅପେକ୍ଷା କରିବ କିନ୍ତୁ ଆତଙ୍କବାଦୀ ବିରୋଧୀ ଆଭିମୁଖ୍ୟରେ ସାଲିସ କରିବ ନାହିଁ ବୋଲି ସରକାରୀ ସୂତ୍ରରୁ କୁହାଯାଇଛି।

### ଏସ୍‌ୟୁଭି ଖାତକୁ ଖସି ୧୧ ମୃତ



**ବନିହାଲ୍/ଜମ୍ମୁ, ୧୬।୩:** ଜମ୍ମୁ-କଶ୍ମୀରର ରାମ୍‌ବନ ଜିଲାରେ ଏକ ଏସ୍‌ୟୁଭି ଶନିବାର ୫୦୦ ଫୁଟ ଗଭୀର ଖାତକୁ ଖସିପଡି ୧୧ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୪ ମହିଳା ଓ ୫ ଶିଶୁ ଅନ୍ତର୍ଭୁକ୍ତ। ଅନ୍ୟ ୪ଜଣ ଆହତ ହୋଇଛନ୍ତି। ଉକ୍ତ ଯାନଟି ୧୫ଯାତ୍ରୀଙ୍କୁ ବହନ କରି ଚାଦରକୋଟ୍‌ଠାରୁ ରାଜଗଡ ଅଭିମୁଖେ ଯାଉଥିବା ବେଳେ ବାଗ୍‌ଲିହାର ପାୱାର ହାଉସ୍ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ୫୪ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ


**ନୂଆଦିଲ୍ଲୀ, ୧୬।୩:** ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାର ପଦ୍ମସମ୍ମାନ ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ୩ ଜଣ ଓଡିଆ। ସେମାନେ ହେଲେ ଡି. ପ୍ରକାଶ ରାଓ, କମଳା ପୂଜାରୀ ଓ ଦୈତାରି ନାୟକ। ପଦ୍ମ ପୁରସ୍କାର ପାଇଥିବା ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଅଛନ୍ତି ଲୋକଗାୟକ ତିଜନ୍ ବାଈ, ଲାର୍ସେନ ଆଣ୍ଡ ଟୁବ୍ରୋ ଚେୟାରମ୍ୟାନ୍ ଅନିଲ କୁମାର ନାୟକ, ବୈଜ୍ଞାନିକ ଏସ୍. ନମ୍ବି ନାରାୟଣନ୍, ଅଭିନେତା ମନୋଜ ବାଜପେୟୀ ଏବଂ ୧୦୬ବର୍ଷ ବୟସ୍କ ପରିବେଶବିତ୍ ସାଲୁମାରାଦା ଟିମାକ୍କା। ତିଜନ ବାଈ ଏବଂ ଅନିଲ କୁମାର ନାୟକଙ୍କୁ ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ବିଭୂଷଣ ପ୍ରଦାନ କରାଯାଇଛି।

ପୁରାଣରେ ବର୍ଣ୍ଣିତ ତଥା ଲୁପ୍ତ ସରସ୍ୱତୀ ନଦୀର ସନ୍ଧାନ କରୁଥିବା ଆରଏସ୍‌ଏସ୍ ନେତା ଦର୍ଶନଲାଲ୍ ଜୈନ, ଏମ୍‌ଡିଏଚ୍ ପ୍ରତିଷ୍ଠାତା ସିଇଓ ମହାଶୟ ଧରମପାଲ୍ ଗୁଲାଟି, ମେଡିକାଲ ପ୍ରଫେଶନାଲ ଅଶୋକ ଲକ୍ଷ୍ମଣରାଓ କୁକାଡେ, ପର୍ବତାରୋହୀ ବଚେନ୍ଦ୍ରି ପାଲ୍ ଏବଂ ପୂର୍ବତନ ସିଏଜି ଭି.କେ. ଶୁଙ୍ଗ୍‌ଲୁ ପଦ୍ମଭୂଷଣ ପୁରସ୍କାର ପାଇଛନ୍ତି।

ରାଷ୍ଟ୍ରପତି ଭବନର ଦରବାର ହଲ୍‌ରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ମନ୍ତ୍ରୀ ରାଜନାଥ ସିଂ, ହର୍ଷ ବର୍ଦ୍ଧନ, ରାଜ୍ୟବର୍ଦ୍ଧନ ସିଂ ରାଠୋର, ବିଜୟ ଗୋଏଲଙ୍କ ସମେତ ବରିଷ୍ଠ ଭାଜପା ନେତା ଏଲ୍.କେ. ଆଡଭାନୀ ଏବଂ ବରିଷ୍ଠ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ। ଚଳିତବର୍ଷ ପଦ୍ମ ପୁରସ୍କାର ପାଇଁ ୧୧୨ଜଣ ବ୍ୟକ୍ତିଙ୍କୁ ମନୋନୀତ କରାଯାଇ ସେମାନଙ୍କ ନାମ ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ପୂର୍ବରୁ ଘୋଷଣା କରାଯାଇଥିଲା। ଏହି ପୁରସ୍କାର ଦୁଇଟି ପର୍ଯ୍ୟାୟରେ ପ୍ରଦାନ କରାଯାଇଛି।



ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅଭିନେତା ମନୋଜ ବାଜପେୟୀଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରୁଛନ୍ତି।



ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୦ | ୧୯.୪ |
| ଚାନ୍ଦବାଲି | ୩୫.୦ | ୨୧.୪ |
| କଟକ | ୩୩.୫ | ୧୮.୫ |
| ପାରାଦ୍ୱୀପ | ୩୧.୨ | ୨୨.୩ |
| ଭୁବନେଶ୍ୱର | ୩୪.୮ | ୨୦.୯ |
| ଗୋପାଳପୁର | ୩୩.୦ | ୨୪.୫ |
| ପୁରୀ | ୩୦.୮ | ୨୧.୨ |
| ଅନୁଗୋଳ | ୩୩.୭ | ୧୬.୬ |
| ବାରିପଦା | ୩୩.୪ | ୧୯.୫ |
| ଝାରସୁଗୁଡ଼ା | ୩୩.୧ | ୧୯.୦ |
| କେନ୍ଦୁଝର | ୩୧.୯ | ୧୭.୬ |
| ସମ୍ବଲପୁର | ୩୪.୨ | ୧୯.୬ |
| ସୁନ୍ଦରଗଡ଼ | ୩୬.୦ | ୧୬.୦ |
| ହୀରାକୁଦ | ୩୨.୫ | ୨୦.୬ |
| ତାଳଚେର | ୩୪.୭ | ୨୧.୩ |
| ଭବାନୀପାଟଣା | ୩୬.୦ | ୨୦.୦ |
| ବଲାଙ୍ଗୀର | ୩୭.୦ | ୨୪.୦ |
| କୋରାପୁଟ | ୩୪.୪ | ୧୭.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୯.୫ |
| ମାଲକାନଗିରି | ୪୦.୦ | ୨୦.୨ |
| ସୋନପୁର | ୩୬.୨ | ୧୯.୮ |
| ଦାରିଙ୍ଗିବାଡ଼ି | ୩୧.୫ | ୧୮.୦ |

ଡିଗ୍ରୀ ସେଲ୍‌ସିୟସ୍

# ସଫଳ ହୋଇଛି ବୋଲି ଭାବୁନାହିଁ

**ମୁମ୍ବାଇ:** ୨୦୧୪ରେ ଶ୍ରୀରାମ ରାଘବନ୍‌ଙ୍କ ଫିଲ୍ମ 'ବଦଲାପୁର' ପରେ ପରେ ବଲିଉଡ୍‌ରେ ପରିଚିତି ହାସଲ କରିଥିଲେ ଅଭିନେତ୍ରୀ ରାଧିକା ଆପ୍‌ଟେ। ତେବେ ସେ ଏ ଯାଏ ଜଣେ ସଫଳ ଅଭିନେତ୍ରୀ ହୋଇପାରି ନ ଥିବା ପ୍ରକାଶ କରିଛନ୍ତି। ୩୨ବର୍ଷ ବୟସ୍କା ରାଧିକା ୨୦୦୫ରେ ପ୍ରଥମ କରି ଶାହିଦ କପୁର ଏବଂ ଅମ୍ରିତା ରାଓଙ୍କ ଅଭିନୀତ 'ବା! ଲାଇଫ୍ ହୋ ତୋ ଐସି'ରେ ଅଭିନୟ ଜୀବନ ଆରମ୍ଭ କରିଥିଲେ। କିଛିବର୍ଷ ମଧ୍ୟରେ ସେ 'ପାର୍ଚ୍ଚଡ', 'ଫୋବିୟା', 'ପଦ୍ମନ୍', 'ଲଷ୍ଟ ଷ୍ଟୋରିଜ୍' ଏବଂ 'ଅନ୍ଧାଧୁନ୍' ଭଳି ଅନେକ ବ୍ୟବସାୟିକ ଫିଲ୍ମରେ କାମ କରି ସଫଳତା ଅର୍ଜନ କରିଛନ୍ତି। ସେ ବିଶିଷ୍ଟ କଳାକାରଙ୍କ ସହ କାମ କରିବାକୁ ପସନ୍ଦ କରନ୍ତି। ଯାହା ତାଙ୍କ ପାଇଁ ସଫଳତା ତାହା ହୁଏତ ଅନ୍ୟମାନଙ୍କ ପାଇଁ ଭିନ୍ନ ହୋଇପାରେ ବୋଲି ସେ କହନ୍ତି । ତେଣୁ ମୁଁ ଜଣେ ସଫଳ କଳାକାର ବୋଲି ନିଜକୁ ଭାବୁନାହିଁ। କାରଣ ଯେଉଁ ଲକ୍ଷ୍ୟ ହାସଲ କରିବାକୁ ଇଚ୍ଛା କରିଛି ତାହା ହାସଲ କରିପାରିନାହିଁ। 'ରାତ୍ ଅକେଲି ହୈ' ଫିଲ୍ମରେ ନୱାଜୁଦ୍ଦିନ୍ ସିଦ୍ଦିକ୍‌ଙ୍କ ସହିତ କାମ କରିବାକୁ ସେ ବେଶ୍ ଉତ୍ସାହିତ। ଉକ୍ତ ଫିଲ୍ମର ନିର୍ଦ୍ଦେଶନା ଦେବେ ହନି ତ୍ରେହାନ୍। ନୱାଜ୍ ଜଣେ ବୁଦ୍ଧିମାନ୍ ଅଭିନେତା ଏବଂ ଉକ୍ତ ଭୂମିକା ପାଇଁ ସେ ଉପଯୁକ୍ତ। ଉକ୍ତ ଫିଲ୍ମର କାହାଣୀ ଏବଂ ସଂଳାପ ମଧ୍ୟ ଭଲ ବୋଲି ରାଧିକା ପ୍ରକାଶ କରିଛନ୍ତି।



ରାଧିକା ଆପ୍‌ଟେ

## ଏ ସପ୍ତାହର ପ୍ରଶ୍ନ

୧. 'ଭାରତର ନେପୋଲିୟନ' ଭାବରେ କିଏ ପରିଚିତ ?
୨. ଆର୍ଯ୍ୟଭଟ୍ଟ ଓ ବରାହମିହିର କେଉଁ ରାଜବଂଶର ରାଜତ୍ୱ ସମୟରେ ସୁଖ୍ୟାତି ଅର୍ଜନ କରିଥିଲେ ?
୩. ପ୍ରଖ୍ୟାତ କବି କାଳିଦାସ କେଉଁ ରାଜାଙ୍କ ରାଜକବି ଥିଲେ ?
୪. ଗୁପ୍ତ ଯୁଗର ପ୍ରବର୍ତ୍ତକ କିଏ ଥିଲେ ?
୫. ଅଲିମ୍ପିକ୍‌ରେ ପ୍ରଥମ ମାରାଥନରେ କିଏ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ?

## ଗତ ସପ୍ତାହର ଉତ୍ତର

୧ ପିରିୟଡ୍-ଏଣ୍ଡ ଅଫ ସେଣ୍ଟେନ୍ସ
୨ ୮୦୦କିଗ୍ରା
୩ ଏନିଡେସ୍କ ଆପ୍
୪ ଡ. କି ସଥୀଶ୍ ରେଡ୍ଡୀ
୫ ପ୍ରୟାଗରାଜ କୁମ୍ଭମେଳା

## ଉତ୍ତରଦାତା


ଅର୍ପିତା ରଣା, ପଦମ୍ପୁର, ବରଗଡ


ରୂପାଲି ନାୟକ, ନୂଆଗାଁ, ଜଗତ୍‌ସିଂହପୁର

# ରଙ୍ଗ ତୂଳୀର ଯାଦୁକର


ଆୟେଶା

**ତା**ଙ୍କ ତୂଳୀରେ ଅଛି ଯାଦୁକରି। କାନଭାସ ଉପରେ ରଙ୍ଗ ତୂଳୀ ସାହାଯ୍ୟରେ ନିଜ ମନର ଭାବନାକୁ ସେ ଅତି ସୁନ୍ଦର ଭାବେ ପରିପ୍ରକାଶ କରିପାରନ୍ତି। ଯାହା ଦେଖନ୍ତି ତାକୁ ଅବିକଳ ଚିତ୍ରର ରୂପ ଦିଅନ୍ତି। ସେ ଚିତ୍ର ବି ଲାଗେ ଅତି ଜୀବନ୍ତ। ଏଭଳି ଏକ ପ୍ରତିଭାର ଅଧିକାରିଣୀ ହେଉଛନ୍ତି ଅନୁଗୋଳ ଜିଲା ନାଲ୍‌କୋନଗରର ଆୟେଶା ପଟ୍ଟନାୟକ। ଆୟେଶା ବର୍ତ୍ତମାନ ଅନୁଗୋଳ ଜିଲା ନାଲ୍‌କୋନଗରସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲର ଷ୍ଟାଣ୍ଡାର୍ଡ ୧୧ ର ଛାତ୍ରୀ। ପିତା ଅସୀମ ମୋହନ ପଟ୍ଟନାୟକ ଏବଂ ମାତା ରାଜଶ୍ରୀ ମହାପାତ୍ରଙ୍କ ଝିଅ ଆୟେଶାଙ୍କର ପିଲାଟିବେଳୁ ପେଣ୍ଟିଙ୍ଗ୍ ଏବଂ ଫାଇନ ଆର୍ଟ ପ୍ରତି ଆଗ୍ରହ ଥିଲା। ଝିଅର ଆଗ୍ରହ ଦେଖି ମା' ବାପା ତାଙ୍କୁ ଏ ସମ୍ପର୍କିତ ଶିକ୍ଷା ଲାଭ କରାଇବା ପାଇଁ ନାଲ୍‌କୋଠାରେ ଥିବା ଚିତ୍ରକଳା ଏକାଡେମୀରେ ନାଁ ଲେଖାଇଲେ। ସେଠାରେ ଗୁରୁ ନୃସିଂହ ଚରଣ ବେହେରା ତଥା ସ୍କୁଲର ଆର୍ଟ ଟିଚର ଜୟନ୍ତ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେ ଫାଇନ ଆର୍ଟ ଶିକ୍ଷା କଲେ। ଏହାପରେ ସ୍କୁଲସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅନେକ ପୁରସ୍କାର ଏବଂ ସମ୍ମାନ ଲାଭ କଲେ। ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ, ବାପା, ମାଆ ତଥା ସାଙ୍ଗସାଥୀମାନଙ୍କ ଠାରୁ ମିଳୁଥିବା ପ୍ରଶଂସା ତାଙ୍କୁ ଏ ଦିଗରେ ବହୁମାତ୍ରାରେ ପ୍ରେରଣା ଯୋଗାଇଲା। ଏ କ୍ଷେତ୍ରରେ ଅଧିକ ଗବେଷଣା ତଥା ଶିକ୍ଷାଲାଭ କରିବା ଲାଗି ସେ ଭୁବନେଶ୍ୱର ଆସି ଗୁରୁ ଚିନ୍ତାମଣି ବିଶ୍ୱାଳଙ୍କ ନିକଟରେ ତାଲିମ ନେଲେ। ଏହା ପରେ ସେ ରାଜ୍ୟ ତଥା ଜାତୀୟସ୍ତରୀୟ ବିଭିନ୍ନ ଚିତ୍ରକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ମନୋନୀତ ହେଲେ। ବିଭିନ୍ନ ସଫଳତା ମଧ୍ୟରୁ ୨୦୧୬ ମସିହାରେ ଭାରତ ସରକାରଙ୍କ ଜଳ ସଂରକ୍ଷଣ, ନଦୀ ବିକାଶ ଏବଂ ଗଙ୍ଗା ସଂରକ୍ଷଣ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ହୋଇଥିବା ଷଷ୍ଠ ଜାତୀୟ ଚିତ୍ରକଳା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିବା ହେଉଛି ଆୟେଶାଙ୍କ ଏଯାବତ୍ ସବୁଠାରୁ ବଡ଼ ସଫଳତା। ଏହା ବ୍ୟତୀତ ସେ ରିପବ୍ଲିକ୍ ଅଫ୍ କୋରିଆ ଏମ୍ବାସିର ଆମ୍ବାସାଡ଼ରଙ୍କ ନିକଟରୁ ସାର୍ଟିଫିକେଟ ଅଫ୍ ଅନର ଲାଭ କରିବାର ଯୋଗ୍ୟତା ମଧ୍ୟ ଅର୍ଜନ କରିଛନ୍ତି। ଆୟେଶାଙ୍କ ଅନ୍ୟାନ୍ୟ ସଫଳତା ମଧ୍ୟରେ ରହିଛି- ନ୍ୟାଶନାଲ କଲଚରାଲ ମିଶନ ପକ୍ଷରୁ ୨୦୧୨ ମସିହାରେ ଶ୍ରୀ ଜୟଦେବ ରାଷ୍ଟ୍ରୀୟ ଚିତ୍ରକଳା ପ୍ରଦର୍ଶନୀ, ୨୦୧୫ ମସିହାରେ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ଆଦିରେ ସମ୍ମାନିତ। ପାଠପଢ଼ା ସହ ଆୟେଶା ବର୍ତ୍ତମାନ ଚଣ୍ଡିଗଡ଼ଠାରେ ଥିବା ପ୍ରାଚୀନ କଳାକେନ୍ଦ୍ରରେ ଫାଇନ ଆର୍ଟର ପଞ୍ଚମ ବର୍ଷର ଛାତ୍ରୀ। ପେଣ୍ଟିଂ ବ୍ୟତୀତ ବକ୍ତୃତା, ପ୍ରବନ୍ଧ ରଚନା ତଥା ଗୀତ ବୋଲିବାରେ ରୁଚି ରଖୁଥିବା ଆୟେଶା ଭବିଷ୍ୟତରେ ଲିଗାଲ ଆଡ଼ଭାଇଜର ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି।



# ହୋଲି ଗେଟ୍‌ଅପ୍



ଦିନ ଥିଲା, ଯୁବପିଢ଼ି ହୋଲି ଦିନ ପୁରୁଣା ଡ୍ରେସ୍ ପିନ୍ଧି ରଙ୍ଗ ଖେଳିବାକୁ ବାହାରକୁ ଯାଉଥିଲେ। ହେଲେ ଏବେ ସମୟ ବଦଳିଛି। ହୋଲି ପାର୍ଟିରେ ସାମିଲ ହେବାର ମାନେ ହିଁ ହେଉଛି ନିଜ ଲୁକ୍ ପ୍ରତି ବିଶେଷ ଧ୍ୟାନ ଦେବା। ଖାସ୍ ଏଥିସକାଶେ ହୋଲି ଅବସରରେ ମାର୍କେଟରେ ଟ୍ରେଣ୍ଡି ଆଉଟଫିଟ୍‌ର ଭାରି କଲେକ୍ସନ ଦେଖିବାକୁ ମିଳେ। ହର୍ବାଲ୍ ମେକ୍‌ଅପ୍ ସହ ପରଫେକ୍ଟ ଗେଟ୍‌ଅପ୍ ଆପଣଙ୍କ ହୋଲି ସେଲିବ୍ରେଶନ୍‌କୁ କରିବ ଆଉ ଟିକିଏ ଖାସ୍। ତେବେ ଏହି ହୋଲିରେ ଆପଣ କିଭଳି ଭାବେ ଗେଟ୍‌ଅପ୍ ନେଇପାରିବେ ଜାଣନ୍ତୁ ସେ ସମ୍ପର୍କରେ...

**ଅନାରକଲି ସୁଟ୍ –** ହୋଲିରେ ସବୁଠାରୁ ଅଧିକ ଡିମାଣ୍ଡ ହେଉଛି ଲକ୍ଷ୍ନୌ ପ୍ରିଣ୍ଟ୍ ଏବଂ ଲକ୍ଷ୍ନୌ ୱାର୍କର କୁର୍ତ୍ତି। ଲକ୍ଷ୍ନୌ ପ୍ରିଣ୍ଟ୍‌ର ଅନାରକଲି ସୁଟ୍ ମଧ୍ୟ ପିନ୍ଧିପାରିବେ। ଏହି ଦିନରେ ହ୍ୱାଇଟ୍ କିମ୍ବା ହଳଦିଆ କଲର କୁର୍ତ୍ତା ଆପଣଙ୍କୁ ଟ୍ରେଣ୍ଡି ଲୁକ୍ ଦେବ। ଅନାରକଲି ସହ ମ୍ୟାଚ୍ କରି ଟ୍ରାଡିଶନାଲ୍ ଝୁମ୍‌କା କିମ୍ବା ଫ୍ୟୁଜନ୍ ଷ୍ଟାଇଲ୍ ଝୁମ୍‌କା ପିନ୍ଧିପାରିବେ।

**କଲରଫୁଲ ଜ୍ୟାକେଟ୍ –** ଲେଗିଙ୍ଗ୍‌ସ ସହ ଲକ୍ଷ୍ନୌ କୁର୍ତ୍ତା ଏବଂ କଲରଫୁଲ୍ ଫୁଲ୍ ସ୍ଲିଭ୍‌ସର ଜ୍ୟାକେଟ୍ ପିନ୍ଧନ୍ତୁ। ଯଦି ଆପଣ ଟ୍ରାଡିଶନାଲ୍ ଲୁକ୍ ଚାହାନ୍ତି ତେବେ ଜମ୍ପସୁଟ୍ ସହ ଜ୍ୟାକେଟ୍ ଟ୍ରାଏ କରିପାରିବେ। ଏହା ବ୍ୟତୀତ ଆଣ୍ଠୁ ପର୍ଯ୍ୟନ୍ତ ପ୍ରିଣ୍ଟେଡ୍ ସ୍କର୍ଟ ସହ ଟି ଶାର୍ଟ ବି ଆପଣଙ୍କୁ ଅଲଗା ଲୁକ୍ ଦେବ।

**ଜିନ୍ସ ସହ କୁର୍ତ୍ତି –** ହୋଲିରେ ପାରମ୍ପରିକ ହ୍ୱାଇଟ୍ କୁର୍ତ୍ତି ସହ ଜିନ୍ସ ପିନ୍ଧନ୍ତୁ। ହ୍ୱାଇଟ୍ କୁର୍ତ୍ତିରେ ହୋଲିର ସବୁ ରଙ୍ଗ ନଜରକୁ ଆସିବ।

**ସେରୱାନି ସହ ଜିନ୍ସ–** ଏହି ସିଜନ୍‌ରେ ପୁଅମାନଙ୍କୁ ଧଳା ସେରୱାନି ସହ ଜିନ୍ସ ଭଲ ମାନିଥାଏ। ଏହାସହ କଲରଫୁଲ ଦୁପଟ୍ଟାକୁ ଅଣ୍ଟାରେ ବାନ୍ଧି କିମ୍ବା ବେକରେ ଗୁଡାଇ ପିନ୍ଧିପାରିବେ।

**ଫଙ୍କି ଟି-ଶାର୍ଟ–** ଖାସ୍ ହୋଲି ପାଇଁ ମାର୍କେଟରେ ବିଭିନ୍ନ ଫଙ୍କି ଡିଜାଇନ ତଥା ହୋଲି କୋଟେଶନ ଲେଖାଥିବା ଟି-ଶାର୍ଟ ମିଳୁଛି। ତାକୁ ବି ଆପଣ ଯେକୌଣସି ଜିନ୍ସ ସହ ପିନ୍ଧି ପାରିବେ ଯାହା ଆପଣଙ୍କୁ ଦେବ ଏକ ଫଙ୍କି ଲୁକ୍।

**ଫୁଟ୍ ୱେର –** ପାଣିରେ ହୋଲି ଖେଳିବା ବେଳେ ଫୁଟ୍ ୱେର ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ହିଲ୍ସ ଆଦୌ ପିନ୍ଧନ୍ତୁ ନାହିଁ। ଫଙ୍କି ପ୍ରିଣ୍ଟେଡ୍ ଫୁଟ୍‌ୱେର ବି ଆପଣଙ୍କୁ ବେଶ୍ ମାନିବ। ଏମିତି ଚପଲ ପିନ୍ଧନ୍ତୁ ଯେପରି କି ଗୋଡ଼ ଖସିବାର କିମ୍ବା ପଡ଼ିଯିବାର ଭୟ ନ ଥିବ।

**ହୋଲି ଆସେସରିଜ୍–** ହୋଲି ଆସିଲାମାନେ ମାର୍କେଟରେ ଭଳିକି ଭଳି ଆସେସରିଜ୍ ଯଥା ହେୟାର ୱିଗ୍ସ, ଫନି ମାସ୍କ, ଫଙ୍କି ଚଷମା ଆଦିର ଭରପୂର ସମ୍ଭାର ଦେଖିବାକୁ ମିଳେ। ଏହା ନା କେବଳ ଆପଣଙ୍କୁ ଏକ ଭିନ୍ନ ଲୁକ୍ ଦେଇଥାଏ ବରଂ ରଙ୍ଗର ପ୍ରଭାବରୁ ଆପଣଙ୍କ କେଶ, ତ୍ୱଚା ଏବଂ ଆଖିକୁ ରକ୍ଷା କରିଥାଏ।

**କେଶର ନିଅନ୍ତୁ ଯତ୍ନ –** କେଶର ବି ଯତ୍ନ ନିଅନ୍ତୁ। ହୋଲି ପୂର୍ବଦିନରୁ କେଶରେ ତେଲ ଲଗାନ୍ତୁ। କେଶକୁ ଭଲ ଭାବେ ବାନ୍ଧନ୍ତୁ କିମ୍ବା ଏହାକୁ ପୋନିଟେଲ୍ କରିପାରିବେ। ଯାହାଦ୍ୱାରା ଆପଣ ଫ୍ରିରେ ହୋଲିର ମଜା ନେଇପାରିବେ।

**ମେକ୍ ଅପ୍ –** ହୋଲିରେ ମେକ୍ ଅପ୍ କରିବାର କୌଣସି ଆବଶ୍ୟକତା ନାହିଁ। ନାଚୁରାଲ ଲୁକ୍‌ରେ ରୁହନ୍ତୁ। ତ୍ୱଚାରେ ଅଲିଭ୍ ଅଏଲ୍ କିମ୍ବା ନଡ଼ିଆତେଲ ଭଲଭାବେ ମସାଜ୍ କରନ୍ତୁ। ଟ୍ୟାନିଂରୁ ରକ୍ଷା ପାଇବା ପାଇଁ ୱାଟର ପ୍ରୁଫ୍ ସନ୍‌ସ୍କ୍ରିନ୍ ଲୋଶନ୍ ଲଗାନ୍ତୁ। ଆପଣ ଚାହିଁଲେ ଆଇ ଲାଇନର ଏବଂ ମସ୍କରା ବ୍ୟବହାର କରିପାରିବେ। ଓଠରେ ଲିପ୍‌ବାମ୍ ଲଗାନ୍ତୁ।

### କ'ଣ କରନ୍ତି ଏମାନେ ...

ବର୍ଷକରେ ଥରେ ଆସିଥାଏ ହୋଲି। ସାଙ୍ଗସାଥୀଙ୍କ ସହ ମିଶି ମୁଁ ଏହିଦିନର ଢେର ମଜା ନେବି। କେମିକାଲ୍‌ଠାରୁ ସମ୍ପୂର୍ଣ୍ଣ ଦୂରରେ ରହିବି। ହ୍ୱାଇଟ୍ କଲର କୁର୍ତ୍ତି ସହ ଜିନ୍ସ ପିନ୍ଧି ହୋଲି ଖେଳିବି। ହୋଲି ଖେଳିବା ପୂର୍ବରୁ ତ୍ୱଚାରେ ଭଲଭାବେ ନଡ଼ିଆ ତେଲ ଲଗାଇବି। କେଶକୁ ଭଲଭାବେ ବାନ୍ଧି ହୋଲି ଖେଳିବାକୁ ଯିବି।


*-ଶିଖା ରାଉତରାୟ, ଛାତ୍ରୀ, ଅଡ଼ଶପୁର, କଟକ*

ଏଥର ହୋଲିରେ ହୋଲି କୋଟେଶନ ଲେଖାଥିବା ଟି-ଶାର୍ଟ ସହ ଜିନ୍ସ ପିନ୍ଧିବି। ସାଙ୍ଗସାଥୀଙ୍କ ସହ ଡିଜେ ବଜାଇ ଢେର ମସ୍ତି କରିବି। ହେଲେ ଅଯଥାରେ ପାଣି ନଷ୍ଟ କରିବି ନାହିଁ। ଫନି ମାସ୍କ ସହ ଫଙ୍କି ଚଷମା ଲଗାଇବି।


*- ଅୟସକାନ୍ତ ଦାସ, ଛାତ୍ର, ମହିମାନଗର, କଟକ*

# ହୋଲିରେ ରୁହନ୍ତୁ ସୁରକ୍ଷିତ



ହୋଲି ଅବସରରେ ରଙ୍ଗ ଅବିରରେ ଖେଳିବାକୁ ସମସ୍ତଙ୍କୁ ଭଲ ଲାଗିଥାଏ। କିନ୍ତୁ ହୋଲି ଖେଳ ସରିବା ପରେ ତ୍ୱଚାରେ ଓ କେଶରେ ଲାଗିଥିବା ରଙ୍ଗକୁ ଛଡ଼ାଇବା ପାଇଁ ବିଶେଷ ଭାବରେ ଚର୍ମ ସଂକ୍ରମଣର ଭୟ ପ୍ରାୟ ସମସ୍ତଙ୍କଠାରେ ଦେଖାଦେଇଥାଏ। ତେବେ ରଙ୍ଗ ଖେଳ ପୂର୍ବରୁ ଏବଂ ପରେ କିଛିଟା ସତର୍କତା ଅବଲମ୍ବନ କଲେ ଏହି ସମସ୍ୟାକୁ ସହଜରେ ଏଡ଼ାଇ ଦିଆଯାଇପାରିବ...

### ହୋଲି ଖେଳ ପୂର୍ବରୁ...

* ରଙ୍ଗରେ ମିଶ୍ରିତ କେମିକାଲରୁ ତ୍ୱଚାକୁ ରକ୍ଷା କରିବା ଲାଗି ହୋଲି ଖେଳିବାର ୨୦ ମିନିଟ ପୂର୍ବରୁ ତ୍ୱଚାରେ ମଇଶ୍ଚରାଇଜର ବା ସନ୍‌ସ୍କ୍ରିନ ଲୋଶନ ଲଗାଇବା ଜରୁରୀ। ଏହଦ୍ୱାରା ତ୍ୱଚାରେ ରଙ୍ଗ ଲାଗିବାର ଭୟ ବି ନ ଥାଏ ଏବଂ କେମିକାଲ ଯୋଗୁଁ ହେଉଥିବା ଆଲର୍ଜି ଓ ତ୍ୱଚା ଶୁଷ୍କ ହେବାଠାରୁ ମଧ୍ୟ ରକ୍ଷା ମିଳିଥାଏ।

* ହୋଲି ଖେଳିବା ପୂର୍ବରୁ କେଶକୁ ଭଲଭାବେ ସଫା କରି ସେଥିରେ କଣ୍ଡିସ୍ନର ଏବଂ ସେରମ୍ ଲଗାଇବା ଭୁଲନ୍ତୁ ନାହିଁ। ଏହା ଦ୍ୱାରା କେଶ ଡ୍ରାଏ ହୋଇ ନ ଥାଏ ଏବଂ କେମିକାଲ ଦ୍ୱାରା ହେଉଥିବା କ୍ଷତିକୁ ଏଡ଼ାଇ ଦିଆଯାଇପାରେ। କେଶରେ ନଡ଼ିଆ ତେଲ ଲଗାଇବା ମଧ୍ୟ ଲାଭଦାୟକ ହୋଇଥାଏ।

* ତ୍ୱଚା ଏବଂ କେଶ ବ୍ୟତୀତ ନଖ ଉପରେ ମଧ୍ୟ କେମିକାଲର ପ୍ରଭାବ ପଡ଼ିଥାଏ। ତେଣୁ ହୋଲି ଖେଳ ପୂର୍ବରୁ ନଖରେ ନେଲପଲିସ୍ ବା ନେଲ ଏନାମେଲ ଲଗାଇବା ଜରୁରୀ।

### ହୋଲି ଖେଳ ପରେ...

* ହୋଲି ରଙ୍ଗ ଛଡ଼େଇବା ପାଇଁ କଦାପି ମୁହଁରେ ସାବୁନର ପ୍ରୟୋଗ କରନ୍ତୁ ନାହିଁ। ଏହା କରିବା ଦ୍ୱାରା ତ୍ୱଚା ରୁକ୍ଷ ହୋଇଯାଇଥାଏ। ତେଣୁ ତ୍ୱଚାକୁ ପାଣିରେ ଭଲଭାବରେ ଧୋଇଲା ପରେ କ୍ଲିଞ୍ଜିଙ୍ଗ ମିଲ୍କରେ ପୋଛିଦିଅନ୍ତୁ।

* ରଙ୍ଗ ଯଦି ଆଖିରେ ପଡ଼ିଯାଏ ତେବେ ତାକୁ ପ୍ରଥମେ କଟନ ବଲ୍‌ରେ ପୋଛି ସଙ୍ଗେ ସଙ୍ଗେ ପାଣିରେ ଧୋଇଦିଅନ୍ତୁ।

* ରଙ୍ଗ ଲାଗିଥିବା କେଶକୁ ପ୍ରଥମେ ପାଣିରେ ବାରମ୍ବାର ଧୋଇଲା ପରେ ହର୍ବାଲ ଶାମ୍ପୁରେ କେଶକୁ ଭଲଭାବେ ସଫା କରନ୍ତୁ।

### ଘରୋଇ ଉପଚାର...

* ଆଳୁକୁ ଦୁଇଫାଳ କାଟି ରଙ୍ଗଲାଗିଥିବା ସ୍ଥାନରେ ହାଲକା ଭାବେ ଘଷିବା ଦ୍ୱାରା ରଙ୍ଗ ସହଜରେ ତ୍ୱଚାରୁ ବାହାରିଯାଇଥାଏ।

* ପାଚିଲା ଅମୃତ ଭଣ୍ଡାକୁ ମଧ୍ୟ ରଙ୍ଗ ଲାଗିଥିବା ସ୍ଥାନରେ ଘଷିବା ଦ୍ୱାରା ସୁଫଳ ମିଳିଥାଏ।

* କେମିକାଲ ରଙ୍ଗ ହେତୁ ତ୍ୱଚାରେ ଜଳାପୋଡ଼ା ହେଉଥିଲେ ସେହି ସ୍ଥାନରେ କାକୁଡ଼ିକୁ କାଟି ବା କାକୁଡ଼ି ରସର ଲେପ ଲଗାଇବା ଦ୍ୱାରା ଜଳାପୋଡ଼ାରୁ ଆରାମ ମିଳିଥାଏ।

* ରଙ୍ଗ ଛଡ଼େଇବା ଲାଗି କଞ୍ଚା କ୍ଷୀରର ବ୍ୟବହାର ମଧ୍ୟ କରାଯାଇପାରେ। ଏହା ମଇଶ୍ଚରାଇଜର ଭଳି କାମ କରୁଥିବା ହେତୁ ତ୍ୱଚା ନରମ ମଧ୍ୟ ଲାଗେ।

* ଡାଲି ଏବଂ ଚାଉଳକୁ ଭଲଭାବେ ବାଟି ସେଥିରେ ଅଳ୍ପ କ୍ଷୀର ବା ଦହି, ଲେମ୍ବୁରସ ଏବଂ କିଛି ବୁନ୍ଦା ତେଲ ମିଶାଇ ଏପ ପ୍ୟାକ୍ ପ୍ରସ୍ତୁତ କରି ରଙ୍ଗ ଲାଗିଥିବା ସ୍ଥାନରେ ହାଲକା ହାତରେ ମାଲିସ କରିବା ପରେ ପାଣିରେ ଭଲ ଭାବେ ଧୋଇଦିଅନ୍ତୁ।

* ରଙ୍ଗ ଲାଗିଥିବା ସ୍ଥାନରେ ଦହି ବେସନର ପ୍ୟାକ୍ ଲଗାଇବା ଦ୍ୱାରା ମଧ୍ୟ ଉପକାର ମିଳିଥାଏ।

* ଗୋଟିଏ କଦଳୀରେ କିଛି ବୁନ୍ଦା ମହୁ ଏବଂ ମିଲ୍‌କ କ୍ରିମ୍ ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରି ରଙ୍ଗ ଲାଗିଥିବା ସ୍ଥାନରେ ଲଗାଇ କିଛି ସମୟ ରଖିବା ପରେ ଧୋଇ ଦିଅନ୍ତୁ। ଏହା ମଧ୍ୟ ରଙ୍ଗ ଛଡ଼େଇବାରେ ସାହାଯ୍ୟ କରିଥାଏ।

* ଓଠକୁ ଶୁଷ୍କ ହେବାଠାରୁ ରକ୍ଷା କରିବା ଲାଗି ଏଥିରେ ମହୁ ଲଗାଇ ପାରନ୍ତି ବା ଲହୁଣୀକୁ ମଧ୍ୟ ଓଠରେ ଭଲଭାବେ ମସାଜ୍ କରିପାରନ୍ତି।



# ୟେଲୋ ଟ୍ରେଣ୍ଡ୍



**ଆ**ଜିକାଲିର ଯୁବପିଢ଼ି ରଙ୍ଗକୁ ନେଇ ଅନେକ ଏକ୍ସପେରିମେଣ୍ଟ କରୁଥିବାର ଦେଖାଯାଉଛି। ସେ ଏଥିନିକ୍ ଆଉଟ୍ ଫିଟ୍ ହେଉ, ଫରମାଲ ବା କାଜୁଆଲ୍। ତେବେ କେବଳ ଆଉଟଫିଟ ନୁହେଁ ଫୁଟୱେର, ଆସେସରିଜ୍, ବ୍ୟାଗ୍ ଆଦିକୁ ଚୟନ କଲା ବେଳେ ରଙ୍ଗ ଉପରେ ବିଶେଷ ଧ୍ୟାନ ଦେଇଥାନ୍ତି। ଆଗକୁ ଆସୁଛି ଖରାଦିନ। ଏହି ଦିନେ ହଳଦୀ ରଙ୍ଗକୁ ଯୁବପିଢ଼ି ବେଶ୍ ପସନ୍ଦ କରିଥାନ୍ତି। ତେବେ ହଳଦୀ ରଙ୍ଗକୁ ନେଇ କ'ଣ ସବୁ ଫ୍ୟାଶନ ଟ୍ରେଣ୍ଡ ଚାଲିଛି ସେ ସମ୍ପର୍କରେ...


* ଖରାଦିନେ ଅଫିସୱେର ଭାବେ ହଳଦୀ ରଙ୍ଗର କୁର୍ତ୍ତି, ଫର୍ମାଲ ଶାର୍ଟ, ଟପ୍ସ ଆଦି ପିନ୍ଧି ପାରିବେ। ସେହିଭଳି କାଜୁଆଲ ୱେରରେ ଏହି ରଙ୍ଗର ମ୍ୟାକ୍ସି ଡ୍ରେସ୍, ଏ ଲାଇନ୍ କୁର୍ତ୍ତି ବେଶ୍ ଭଲ ଦେଖାଯାଇଥାଏ। ଏହାବ୍ୟତୀତ ଜିନ୍ସ ଉପରେ ହଳଦୀ ରଙ୍ଗର ଶର୍ଟ କୁର୍ତ୍ତି ଏବଂ ଟପ୍ସ ମଧ୍ୟ ଏହି ସିଜନ୍‌ରେ କୁଲ୍ ଲୁକ୍ ଦେଇଥାଏ।

* ଡ୍ରେସ୍ ଭଳି ହଳଦୀ ରଙ୍ଗର ଫୁଟୱେର ମଧ୍ୟ ଏହି ସିଜନ୍‌ରେ ଟ୍ରେଣ୍ଡରେ ଥାଏ। ଡ୍ରେସ୍‌କୁ ମ୍ୟାଚ୍ କରି ହଳଦୀ ରଙ୍ଗର ଫ୍ଲିପ୍‌ଫ୍ଲପ୍, ସାଣ୍ଡେଲ, ଷ୍ଟେଲିଟୋଜ୍ ଆଦି ପିନ୍ଧି ପାରିବେ।

* କାଜୁଆଲ ଲୁକ୍ ପାଇଁ ଡ୍ରେସ୍‌କୁ ମ୍ୟାଚ୍ କରି ହଳଦୀ ରଙ୍ଗର ଆସେସରିଜ ମଧ୍ୟ ଏହି ସିଜନ୍‌ରେ ବେଶ୍ ଭଲ ଦେଖାଯାଇଥାଏ। ଏହି ରଙ୍ଗର ବିଡ୍‌ସ୍ ନେକ୍‌ଲେସ୍, ଫର୍ ନେକ୍‌ଲେସ୍ ଆଦିକୁ ପିନ୍ଧି ଏକ ଷ୍ଟାଇଲିସ୍ ଲୁକ୍ ପାଇପାରିବେ।

* ଖରା ଦିନେ ଖରାରୁ ରକ୍ଷା ପାଇବା ପାଇଁ ହେଉ ବା ଫ୍ୟାଶନେବୁଲ ଲୁକ ପାଇଁ ସ୍କାର୍ଫ୍ ବ୍ୟବହାର କରିଥା'ନ୍ତି। ଏହି ସ୍କାର୍ଫର ମଧ୍ୟ ବିଭିନ୍ନ ଡିଜାଇନ୍ ଉପଲବ୍ଧ ହେଉଛି। ତେବେ ହଳଦୀ ରଙ୍ଗର ସ୍କାର୍ଫକୁ ବି ଆପଣ ବିଭିନ୍ନ ଷ୍ଟାଇଲ୍‌ରେ ପିନ୍ଧି ଏକ ଟ୍ରେଣ୍ଡି ଲୁକ୍ ପାଇପାରିବେ।





ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୭।୩।୨୦୧୯(ରବିବାର)**

**ଭୁବନେଶ୍ୱର**

- ପଥ ଉତ୍ସବ, ରାମ ମନ୍ଦିର,ଜନପଥ, ସକାଳ ୬ଟା ୩୦।
- ସଦ୍‌ଗୁରୁ ସ୍ୱାମୀ ନିଗମାନନ୍ଦ ଦେବ ଦାତବ୍ୟ ସ୍ୱାସ୍ଥ୍ୟ ସେବା ପରାମର୍ଶ କେନ୍ଦ୍ର ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର, ସରସ୍ୱତୀ ଶିଶୁ ମନ୍ଦିର, ତାରିଣୀ ମନ୍ଦିର ନିକଟ ବାଲିଆପଠା, ରସୁଲଗଡ଼, ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା।
- ଗୀତି ଗଙ୍ଗୋତ୍ରୀ ପକ୍ଷରୁ ଗୀତିକବି ସମାବେଶ, ଆଲୋଚନାଚକ୍ର, ସୂଚନା ଭବନ, ସକାଳ ୯ଟା ୩୦।
- କସ୍ତୁରୀୟ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ଅଲ ଇଣ୍ଡିଆ ଆଲ୍ଲାହାବାଦ ବ୍ୟାଙ୍କ ପେନସନଧାରୀ ଓ ଅବସରପ୍ରାପ୍ତ ଆସୋସିଏଶନର ଦ୍ୱିତୀୟ ତ୍ରୈବାର୍ଷିକ ସମ୍ମିଳନୀ, ଇମେଜ୍, ସିରିପୁର, ପୂର୍ବାହ୍ନ ୧୦ଟା।
- ଗୁରୁ ପଙ୍କଜ ଚରଣ ଦାସ ଓ ଓଡିଶୀ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଗୁରୁ ପଙ୍କଜ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୪ଟା।
- ରୁବି ଆଇ ଫାଉଣ୍ଡେଶନ ଏବଂ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଗ୍ଲୁକୋମା ପଞ୍ଚାୟତ, ମେ ଫେୟାର କନେଭେନଶନ, ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା।
- ଓଲିଉଡ ସିନେ ଆୱାର୍ଡ, ଉତ୍କଳ ରଙ୍ଗମଞ୍ଚ, ଅପରାହ୍ନ ୫ଟା।
- ନୃତ୍ୟାଞ୍ଜଳି ପକ୍ଷରୁ ବସନ୍ତ ଉତ୍ସବ, ଭଞ୍ଜକଳା ମଣ୍ଡପ, ବିଜେବି ନଗର, ଅପରାହ୍ନ ୫ଟାରୁ ରାତି ୯ଟା।
- ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୧, ସନ୍ଧ୍ୟା ୬ଟା।
- ସାଧକ-ସାଧବ ସାଧାରଣ ସଭାରେ ଗ୍ରନ୍ଥ 'ଶରତ ଶତମ୍'ର ଶୁଭଉନ୍ମୋଚନ, ଇଉ୍କଲ ଅଡିଟୋରିୟମ, ସନ୍ଧ୍ୟା ୭ଟା।

**କଟକ**

- ଶିଶୁ ସାହିତ୍ୟ ଲେଖକ ସମ୍ମେଳନର ଅଷ୍ଟାଦଶ ସମାବର୍ତ୍ତନ ଉତ୍ସବ, ଶ୍ରୀଜଗନ୍ନାଥ ମନ୍ଦିର ପରିସର, ମହାନଦୀବିହାର, ସକାଳ ୭ଟା ୩୦ ।
- ବସୁଧୈବ କୁଟୁମ୍ବକମ୍ ମିଶନ ପକ୍ଷରୁ ୩୫ତମ ଅଧିବେଶନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶଙ୍କରପୁର, ଅପରାହ୍ନ ୪ଟା ।
- ସମ୍ଭାବନା ଫାଉଣ୍ଡେଶନ ପକ୍ଷରୁ ଓଡ଼ିଆ ବିଷୁବ ସାହିତ୍ୟ ସମ୍ମିଳନୀ, ଟାଉନ ହଲ୍, ଅପରାହ୍ନ ୪ଟା ।
- ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ଚର୍ତୁର୍ବିଂଶତମ 'ସାହିତ୍ୟ ଭାରତୀ ସମ୍ମାନ' ସମାରୋହ, କଳା ବିକାଶ କେନ୍ଦ୍ର, ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**

- ମୁଣ୍ଡମୁହାଣ ଗ୍ରାମେଶ୍ୱର ଦେବଙ୍କ ଦୋଳ ଭୋଗଖିଆ ଆରମ୍ଭ, ଯାଁଲା ସମେତ ୪ଖଣ୍ଡ ଗାଁରେ, ରାତି ୮ଟା।

**୧୮।୩।୨୦୧୯(ସୋମବାର)**

**ଭୁବନେଶ୍ୱର**

- ସୋସିଆଲ ଆକ୍ସନ ଫୋରମ ଫର ମାନବ ଅଧିକାର ପକ୍ଷରୁ ଏକଦିନିଆ କର୍ମଶାଳା, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ପ୍ଲଟ ନଂ-୧/ଏ, ଜୟଦେବ ବିହାର, ପୂର୍ବାହ୍ନ ୧୧ଟା।
- ସ୍ମିତା ଏକ୍ସପ୍ରେସନ ପକ୍ଷରୁ କଳା ପ୍ରଦର୍ଶନୀ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- କବି ଡ.ପ୍ରସନ୍ନ କୁମାର ମିଶ୍ରଙ୍କ ଜନ୍ମବାର୍ଷିକୀ ଅବସରରେ ଫାଲ୍‌ଗୁନ ଆସର, ମହାବୋଧି ସୋସାଇଟି (ବୁଦ୍ଧ ମନ୍ଦିର), ୟୁନିଟ-୯, ସନ୍ଧ୍ୟା ୬ଟା।
- ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୧, ସନ୍ଧ୍ୟା ୬ଟା।
- ଶରତ-ସ୍ମୃତି-ସଂସଦ ଆନୁକୂଲ୍ୟରେ ଶରତ-ସ୍ମୃତି-ସନ୍ଧ୍ୟା, ଗୀତଗୋବିନ୍ଦ ସଦନ, ସୂଚନା ଭବନ ପରିସର, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ଆଖଣ୍ଡଳେଶ୍ୱର ମହାଦେବର ଦୋଳ ଉତ୍ସବ, ପ୍ରତାପରୁଦ୍ରପୁର, ସକାଳ ୯ଟା।

**୧୯।୩।୨୦୧୯(ମଙ୍ଗଳବାର)**

**ଭୁବନେଶ୍ୱର**

- ସ୍ମିତା ଏକ୍ସପ୍ରେସନ ପକ୍ଷରୁ କଳା ପ୍ରଦର୍ଶନୀ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୧, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ଆଖଣ୍ଡଳେଶ୍ୱର ମହାଦେବଙ୍କ ଦୋଳ ଉତ୍ସବ, ପ୍ରତାପରୁଦ୍ରପୁର, ସକାଳ ୯ଟା।

**୨୦।୩।୨୦୧୯(ବୁଧବାର)**

**ବାଲିଅନ୍ତା**

- ଆଖଣ୍ଡଳେଶ୍ୱର ମହାଦେବର ଦୋଳ ଉତ୍ସବ, ପ୍ରତାପରୁଦ୍ରପୁର, ସକାଳ ୯ଟା।

**୨୧।୩।୨୦୧୯(ଗୁରୁବାର)**

**ଭୁବନେଶ୍ୱର**

- ଗଳ୍ପ ପତ୍ରିକା 'କଥାକଳିକା' ର ସ୍ୱନକ୍ଷତ୍ର ଉତ୍ସବ, ଦି ପ୍ରେସ କ୍ଲବ ଅଫ ଓଡ଼ିଶା, ପୂର୍ବାହ୍ନ ୧୦ଟା।

**ବାଲିଅନ୍ତା**

- ଆଖଣ୍ଡଳେଶ୍ୱର ଦୋଳ ପୂର୍ଣ୍ଣିମାରେ ଝୁଲଣ ଉତ୍ସବ, ପ୍ରତାପରୁଦ୍ରପୁର, ଝୁଲଣ ମଣ୍ଡପ, ପୂର୍ବାହ୍ନ ୧୦ଟା।
- ଭୂତପଦା ଦୋଳ ମେଳନ, କାକରୁଦ୍ରପୁର ମେଳନ ପଡ଼ିଆ, ଅପରାହ୍ନ ୧ଟା।
- ଦୋଳ ଉତ୍ସବ ଓ ଦୋଳ ମଣ୍ଡପରେ ନୂତନ ପାଞ୍ଜି ପଠନ, ଭିଙ୍ଗାରପୁର(ଶାସନ), ଅପରାହ୍ନ ୩ଟା।

**୨୨।୩।୨୦୧୯(ଶୁକ୍ରବାର)**

**ଭୁବନେଶ୍ୱର**

- କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ତ୍ରିଧାରା ଓ ଭୁବନେଶ୍ୱର ମ୍ୟୁଜିକ ସର୍କଲର ମିଳିତ ଆନୁକୂଲ୍ୟରେ ଜାତୀୟ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟାରୁ ୯ଟା।

**ବାଲିଅନ୍ତା**

- ବାଲିଅନ୍ତା ଦୋଳ ମେଳନରେ ରୋଶଣି ଉତ୍ସବ, ବାଲିଅନନ୍ତ୍ ମହାତ୍ମା ସେତୁ ନିକଟ, ରାତି ୧୧ଟା।

**୨୩।୩।୨୦୧୯(ଶନିବାର)**

**ପୁରୀ**

- ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରୀୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ, ତାଳବଣିଆ, ସକାଳ ୯ଟା।

**ବାଲିଅନ୍ତା**

- ଆଖଣ୍ଡଳେଶ୍ୱର ମହାଦେବଙ୍କ ଯମୁନା ସ୍ନାନ, କୁଶଭଦ୍ରା ନଦୀକୂଳ, ପ୍ରତାପରୁଦ୍ରପୁର, ସକାଳ ୬ଟା।
- ବାଲିଅନ୍ତା ଦୋଳ ମେଳନ, ସଂକୀର୍ତ୍ତନ ପରିବେଷଣ ଓ ଆତସବାଜି ପ୍ରଦର୍ଶନ, ପ୍ରତାପରୁଦ୍ରପୁର, ଅପରାହ୍ନ ୩ଟା।

**ଖୋର୍ଦ୍ଧା**

- ମୁଣ୍ଡମୁହାଣ ଗ୍ରାମେଶ୍ୱର ଦେବଙ୍କ ଦୋଳପୂର୍ଣ୍ଣିମା ଯାତ୍ରାରେ ୧୫ ଠାକୁରଙ୍କ ମେଳଣ, ମୁଣ୍ଡମୁହାଣ, ରାତି ୧୧।

### ■ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଚଢ଼ାଉ

## କାର୍ ସହ ୨୦ ଲକ୍ଷର ବ୍ରାଉନସୁଗାର ଜବତ

**କଟକ ଅଫିସ,୧୬।୩**

■ ଖୋର୍ଦ୍ଧାରୁ କାର୍‌ରେ ପାରାଦୀପ ଯାଉଥିଲା
■ ଜଣେ ଫାର୍ମାସିଷ୍ଟ, ଦୁଇଜଣ ଇଞ୍ଜିନିୟରିଂ ଛାତ୍ର ଗିରଫ

ଖୋର୍ଦ୍ଧାରୁ ପାରାଦୀକୁ ଚାଲାଣବେଳେ କଟକ ଲିଙ୍କରୋଡ୍ ଛକରୁ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ଏକ କାର୍ ସହ ୨୨୨ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ତେବେ ଏହି ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପୁରୀ ଜିଲା ଗଡିଶାଗୋଦାର ଅନ୍ତର୍ଯ୍ୟାମୀ ବଳିଆରସିଂ (୩୦), ସୁନାଖଳା ଅଞ୍ଚଳର ସୁବ୍ରତ ରଣସିଂ (୨୬) ଓ କଟକ ଜିଲା ନିଆଳି ଅଞ୍ଚଳର ବାବୁନା ନାୟକ (୨୬)। ଏମାନଙ୍କ ମଧ୍ୟରୁ ଜଣେ ଏକ ଘରୋଇ ମେଡିକାଲର ଫାର୍ମାସିଷ୍ଟ ଥିବାବେଳେ ଅନ୍ୟ ଦୁଇଜଣ ଇଞ୍ଜିନିୟରିଂ ଛାତ୍ର ବୋଲି ଜଣାପଡିଛି। ଏହି ଘଟଣାରେ ବିଭାଗ ପକ୍ଷରୁ ୨୧୪/୧୮-୧୯ରେ ଏକ ମାମଲା ରୁଜୁ କରାଯାଇ ଅଧିକ ଖୋଳତାଡ଼ ଆରମ୍ଭ ହୋଇଛି।

ମିଳିଥିବା ସୂଚନାନୁଯାୟୀ, ବ୍ରାଉନସୁଗାର ଚାଲାଣ ସଂକ୍ରାନ୍ତରେ ଅବକାରୀ ବିଭାଗର ଡେପୁଟି କମିଶନର ରାମଚନ୍ଦ୍ର ପାଲଟାଙ୍କ ନିକଟରେ ସୂଚନା ପହଞ୍ଚିଥିଲା। ଇନ୍ସପେକ୍ଟର ଜଗଦୀଶ ଚନ୍ଦ୍ର ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ଶନିବାର ଭୋର୍ ୪ଟାରୁ ଲିଙ୍କ୍‌ରୋଡ୍ ଓ ଆଖପାଖରେ ଛକି ରହିଥିଲେ। ସମସ୍ତେ ସାଦା ପୋଷାକରେ ଥିଲେ। ସକାଳ ସାଢେ ୫ଟାବେଳେ ଅଭିଯୁକ୍ତମାନେ ଏକ କାର(ଓଡି୨୧ଏଫ୍୨୦୩୬)ରେ ଲିଙ୍କ୍‌ରୋଡ୍‌ରେ ପହଞ୍ଚିବା କ୍ଷଣି ସେମାନେ ଅଟକାଇ ଘେରିଯାଇଥିଲେ। ଯାଞ୍ଚବେଳେ କାର ପଛପଟ ସିଟ୍‌ରେ ଦୁଇଟି ପ୍ୟାକେଟରେ ବ୍ରାଉନସୁଗାର ମିଳିଥିଲା। ଅଭିଯୁକ୍ତମାନଙ୍କୁ ପଚରାଉଚରା ପରେ ସେମାନେ ସବୁକଥା ମାନିଥିଲେ। ସେମାନେ ପାରାଦୀପରେ ରହୁଥିବା ଓ ସେଠାରେ ବ୍ରାଉନସୁଗାର କାରବାର କରନ୍ତି। ବେପାର ପାଇଁ ସେମାନେ ଖୋର୍ଦ୍ଧାରୁ ଜଣେ ବ୍ୟବସାୟୀଙ୍କଠାରୁ ବ୍ରାଉନସୁଗାର ନେଇ ପାରାଦୀପ ଯାଉଥିବା କହିଥିଲେ। ତେବେ ଖୋର୍ଦ୍ଧାର ଉକ୍ତ ବ୍ୟବସାୟୀ ଜଣକ କିଏ, ସେ କେଉଁଠାରୁ ବ୍ରାଉନସୁଗାର ଆଣନ୍ତି ଓ ତାଙ୍କ ଲିଙ୍କ୍‌ରେ ଆଉ କେତେଜଣ ରହିଛନ୍ତି ତାହା ଉପରେ ଅଧିକ ତଦନ୍ତ ଜାରି ରହିଥିବା ଇନ୍ସପେକ୍ଟର ଜଗଦୀଶ କହିଛନ୍ତି।

### ■ ପଞ୍ଚମବେଦ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଯାପିତ

## ଚୌଧୁରୀ ବିକାଶ ଦାସଙ୍କୁ 'ଅମିୟ ପଟ୍ଟନାୟକ ସ୍ମୃତି ସମ୍ମାନ'



**ଭୁବନେଶ୍ୱର,୧୬।୩(ବ୍ୟୁରୋ)**

ସ୍ୱର୍ଗତ ଅମିୟ ପଟ୍ଟନାୟକଙ୍କ ସ୍ମୃତିରେ ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ପଞ୍ଚମବେଦ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହିଅବସରରେ ଚୌଧୁରୀ ବିକାଶ ଦାସଙ୍କୁ 'ଅମିୟ ପଟ୍ଟନାୟକ ସ୍ମୃତି ସମ୍ମାନ-୨୦୧୯'ରେ ସମ୍ମାନିତ କରାଯାଇଛି। ସମ୍ମାନ ସ୍ୱରୂପ ତାଙ୍କୁ ୨୫ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଛି। ଏଥିସହ ମନ୍ମଥ ଶତପଥୀ, ଡ. ନାରାୟଣ ସାହୁ, ଧୀର ମଲ୍ଲିକ, ସୁରଞ୍ଜନ ଦାସମହାପାତ୍ର ଓ ଲକ୍ଷ୍ମୀପ୍ରିୟ ମିଶ୍ରଙ୍କୁ 'ପଞ୍ଚମବେଦ ସମ୍ମାନ' ପ୍ରଦାନ କରାଯାଇଛି। ସେହିଭଳି ଦିଲୀପ ବଳବନ୍ତରାୟ ଓ ସତ୍ୟ ଜେନାଙ୍କୁ ସମ୍ମାନିତ ହୋଇଛନ୍ତି। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି କମଳାକାନ୍ତ ମିଶ୍ର ଅତିଥିଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ହରେନ୍ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମ୍ପାଦକ ପ୍ରକାଶ ମହାରଣା ଧନ୍ୟବାଦ ଦେଇଥିଲେ। ପରେ ଭୁବନେଶ୍ୱରର ଲାବଣ୍ୟ ଥିଏଟର ପକ୍ଷରୁ ନାଟକ 'ଖଳନାୟିକା-ଏକ ଆତ୍ମକଥା' ମଞ୍ଚସ୍ଥ ହୋଇଥିଲା। ନାଟକର ନିର୍ଦ୍ଦେଶନା ଦେଇଥିଲେ ସତ୍ୟ ଜେନା ଓ ରଚନା କରିଥିଲେ ଦିଲୀପ ବଳବନ୍ତରାୟ। ସଙ୍ଗୀତରେ ପ୍ରତାପ, ଆଲୋକ ପରିଚାଳନାରେ ବିକାଶ ଓ ଚିନ୍ତାମଣି ମଞ୍ଚ ପରିଚାଳନା କରିଥିଲେ।

## କଲେଜ ଛାତ୍ରଙ୍କ ଆତ୍ମହତ୍ୟା

**ପାତ୍ରପଡା, ୧୬। ୩(ଡି.ଏନ.ଏ.)**

ତମାଣ୍ଡୋ ଥାନା ଅଧୀନ ବିଜିପୁର ଅଞ୍ଚଳରେ ଶନିବାର ରାତିରେ କଲେଜ ଜଣେ ଛାତ୍ର ରହୁଥିବା ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଲେ ସ୍ଥାନୀୟ ସିଭି ରମଣ ଇଞ୍ଜିନିୟରିଂ କଲେଜରର ଛାତ୍ର ଦୀପକ କୁମାର (୨୦)। ଦୀପକ ଝାଡଖଣ୍ଡ ବୋକେରା ଅଞ୍ଚଳର ବାସିନ୍ଦା ଥିବାବେଳେ ସେ ସ୍ଥାନୀୟ ଉକ୍ତ କଲେଜରେ ପାଠ ପଢୁଥିଲେ। ଶନିବାର ସେ ରହୁଥିବା ବିଜିପୁର ଅଞ୍ଚଳରେ ଭଡା ଘରେ ସହପାଠୀ କଲେଜକୁ ଯାଇଥିବାବେଳେ ଦୀପକ ନିଜର ଅସୁବିଧା ଆଳ ଦେଖାଇ ରୁମରେ ରହିଥିଲେ। ରାତିରେ ଦୀପକ ରହୁଥିବା ଘର ଫ୍ୟାନରେ ରଶି ଲଗାଇ ଝୁଲି ପଡିଥିଲେ। ରୁମ୍ ସାଥୀମାନେ ଏହା ଦେଖି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଶ୍ରୀଲିଙ୍ଗରାଜଙ୍କ ହୁଣ୍ଡିରୁ ଆୟ ୩.୫୦ ଲକ୍ଷ

**ପୁରୁଣା ଭୁବନେଶ୍ୱର,୧୬।୩(ଡି.ଏନ.ଏ.):** ଶ୍ରୀଲିଙ୍ଗରାଜଙ୍କ ହୁଣ୍ଡି ଶନିବାର ଖୋଲା ଯାଇଥିଲା। ମୋଟ ୩ଲକ୍ଷ ୫୦ ହଜାର ୫୩୫ ଟଙ୍କା ମିଳିଥିଲା। ସେହିଭଳି ନାଟମଣ୍ଡପଠାରେ ମା' ପାର୍ବତୀଙ୍କ ହୁଣ୍ଡିରୁ ୩୨ ହଜାର ୯୫୦ ଟଙ୍କା ଆୟ ହୋଇଥିଲା। ହୁଣ୍ଡି ଖୋଲାଯିବା ବେଳେ ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ୍ତ ସାହୁ, ଲୁଇସ୍ ରୋଡସ୍ଥିତ ଆଲ୍ଲାହାବାଦ ବ୍ୟାଙ୍କର ପ୍ରବନ୍ଧକ, ଫାଣ୍ଡି ପୋଲିସ ଉପସ୍ଥିତ ଥିଲେ।

## ୫ ଲକ୍ଷ ଟଙ୍କାର ରନ୍ଧାମଦ ଜବତ, ୫ ଗିରଫ

**କଟକ ରୋଡ,୧୬।୩(ଡି.ଏନ୍.ଏ.):** ରାଜଧାନୀରେ ଥମୁନି ଚୋରା ନିଶା ବ୍ୟବସାୟ। କଟକ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ଓ ଭୁବନେଶ୍ୱର ଅବକାରୀ ବିଭାଗ ଶନିବାର ନୟାପଲ୍ଲୀ ପୋଲିସ ସହାୟତାରେ ନୟାପଲ୍ଲୀ ଥାନା ଅଧୀନ ସାଲିଆସାହି ନୀଳଚକ୍ର ନଗର ଅଞ୍ଚଳରେ ଚଢ଼ାଉ କରି ୨୫ହଜାର ଲିଟର ଗୁଡ଼ ପୋଚ ଓ ୨୫୦୦ଲିଟରର ଦେଶୀ ରନ୍ଧା ମଦ ଜବତ କରି ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଅୟୁସନି ହେମ୍ବ୍ରମ, ବାଇଧର ମୁର୍ମୁ, ବିରଞ୍ଚି ନାୟକ, ସରସ୍ୱତୀ ହାଂସଦା ଓ ଆଶୁ ମାରାଣ୍ଡି। ଜବତ ନିଶାଦ୍ରବ୍ୟ ମୂଲ୍ୟ ପ୍ରାୟ ୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ଥାନାରେ ୩ଟି ମାମଲା (ନଂ. ୧୧୯/୧୬୬/୧୬୭/୧୮-୧୯)ରୁଜୁ ହୋଇଛି।


## ଦୟା ୱେଷ୍ଟ କେନାଲରେ ଆଜି ପାଣି ଛଡ଼ାଯିବ

**ଭୁବନେଶ୍ୱର,୧୬।୩(ବ୍ୟୁରୋ):** ଭୁବନେଶ୍ୱର ଦେଇ ଯାଇଥିବା ଦୟା ୱେଷ୍ଟ କେନାଲରେ ରବିବାର ପାଣି ଛଡାଯିବ। ଜଳ ସମ୍ପଦ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ରସୁଲଗଡ ଠାରୁ ଆରମ୍ଭ କରି ଝାରପଡ଼ା, ଲକ୍ଷ୍ମୀସାଗର, ବଡଗଡ, କଳ୍ପନା, ସାମନ୍ତରାପୁର, ପୁରୁଣା ଭୁବନେଶ୍ୱର, ଇତିପୁର, ପାଇକରାପୁର ଆଦି ଅଞ୍ଚଳରେ କୂପଗୁଡିକର ଜଳସ୍ତର ହ୍ରାସ ପାଇବା ଯୋଗୁ ଶୁଖି ଗଲାଣି। ମାର୍ଚ୍ଚ ,ଏପ୍ରିଲ ଓ ମେ ମାସରେ ଉକ୍ତ ଅଞ୍ଚଳରେ ଜଳାଭାବ ଦେଖା ଦେଉଛି। ପାନୀୟ ଜଳ ଅଭାବକୁ ଦୃଷ୍ଟିରେ ରଖି ଆଗୁଆ ପାଣି ଛାଡିବାକୁ ନିଷ୍ପତ୍ତି ହୋଇଛି। ଜଳ ସମ୍ପଦ ବିଭାଗ ସଚିବ ପ୍ରଦୀପ ଜେନା ଏ ନେଇ ନିର୍ଦ୍ଦେଶ ଦେଇଛନ୍ତି।

### ■ ଭୁବନେଶ୍ୱର ବାର୍ ଆସୋସିଏଶନର ବାର୍ଷିକ ଉତ୍ସବ

## ଆଇନଜୀବୀଙ୍କ ଟ୍ରେନିଂ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୬।୩(ବ୍ୟୁରୋ)**




ଭୁବନେଶ୍ୱର ବାର୍ ଆସୋସିଏଶନର ବାର୍ଷିକୋତ୍ସବରେ ଯୋଗ ଦେଇଥିବା ହାଇକୋର୍ଟ ମୁଖ୍ୟ ବିଚାରପତି କଳ୍ପେସ ସତ୍ୟେନ୍ଦ୍ର ଝାବେରୀ ଓ ଅନ୍ୟ ଅତିଥି।

ଭୁବନେଶ୍ୱର ବାର୍ ଆସୋସିଏଶନର ବାର୍ଷିକ ଉତ୍ସବ ଶନିବାର ସ୍ଥାନୀୟ ଭୁବନେଶ୍ୱର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡିଶା ହାଇକୋର୍ଟ ମୁଖ୍ୟ ବିଚାରପତି କଳ୍ପେଶ ସତ୍ୟେନ୍ଦ୍ର ଝାବେରୀ ଯୋଗଦେଇ କହିଲେ, କେବଳ ସମାଧାନ ମାଧ୍ୟମରେ ପଡ଼ି ରହିଥିବା ଅନେକ ମକଦ୍ଦମାର ଫଇସଲା କରିହେବ। ଏହାସହ ଓକିଲମାନଙ୍କୁ ଟ୍ରେନିଂ ଦିଆଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଆଇନକୁ ପେଷା କରୁଥିବା ଯୁବ ଆଇନଜୀବୀମାନେ ନିଜର ଦକ୍ଷତା ବୃଦ୍ଧି ଓ ଭଲ ଭବିଷ୍ୟତ ପାଇଁ ଟ୍ରେନିଂ ଦେବା ଦରକାର। ଭୁବନେଶ୍ୱର କୋର୍ଟରେ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଯେଉଁ ବିଳମ୍ବ ହେଉଛି ତାହାର ତର୍ଜମା କରାଯାଇ ଶୀଘ୍ର କାର୍ଯ୍ୟ ଆରମ୍ଭ ପାଇଁ ସେ ଉଦ୍ୟମ ଜାରି ରଖିବେ। ଏଥିସହ କୋର୍ଟରେ କାଗଜ ବୋଝକୁ ହାଲୁକା କରିବା ପାଇଁ ସେ ଇ-ପେପର ମାଧ୍ୟମରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଆଗକୁ ଇ-ପେପର ମାଧ୍ୟମରେ କୋର୍ଟର ସମସ୍ତ କାର୍ଯ୍ୟ କରାଯିବା ଉପରେ ସେ ଇଙ୍ଗିତ କରିଥିଲେ। ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତିବିଶ୍ୱନାଥ ମହାପାତ୍ର ଯୋଗଦେଇ ଆଇନଜୀବୀ ଓ ସେମାନଙ୍କ ପେଷା ସମ୍ପର୍କରେ ଆଲୋକପାତ କରିଥିଲେ।

ଭୁବନେଶ୍ୱର ବାର୍ ଆସୋସିଏଶନ ସଭାପତି ଦୁର୍ଗାମାଧବ ମିଶ୍ର କହିଲେ, ଭୁବନେଶ୍ୱର କୋର୍ଟରେ ରାଜ୍ୟରେ ସର୍ବାଧିକ ୧ ଲକ୍ଷ ୧୬ ହଜାର ମାମଲା ପଡିରହିଛି। ଏଠାରେ ସବୁଠୁ କମ୍ କୋର୍ଟ ଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ଜୁଡିସିଆଲ କମ୍ପ୍ଲେକ୍ସ କାର୍ଯ୍ୟ ଆରମ୍ଭ ହୋଇପାରୁ ନ ଥିବାରୁ ସେ କ୍ଷୋଭ ପ୍ରକାଶ କହିଲେ, ଅନେକ ସମୟରେ ଜୁନିୟର ଓକିଲଙ୍କ ପାଇଁ କୋର୍ଟ ପରିସରରେ ଥିବା ଓକିଲଙ୍କ ରୁମ୍‌ରେ ସିଟ୍ ମିଳୁନାହିଁ। ଏ ନେଇ ସେ ମୁଖ୍ୟ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆସୋସିଏଶନ ସମ୍ପାଦକ ଅଞ୍ଜନ କୁମାର ସାମନ୍ତରାୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୧୧ ଜଣ ବରିଷ୍ଠ ଆଇନଜୀବୀଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଦେଖାଇଥିବା ଓକିଲମାନଙ୍କୁ ସମ୍ମାନିତ କରାଯାଇଥିଲା। ଉପସଭାପତି ଅଶୋକ ବେହେରା ଧନ୍ୟବାଦ ଦେଇଥିଲେ।

## ଏସ୍‌ବିଆଇର ପାହାଲ ଶାଖା, ଇ' କର୍ନର ଉଦ୍‌ଘାଟିତ

**ବାଲିଅନ୍ତା,୧୬।୩(ଡି.ଏନ୍.ଏ.)**

ବିଏମ୍‌ସିର ୪ନଂ ୱାର୍ଡ ଅଧୀନ ପାହାଲ ଛକସ୍ଥିତ ସେବତୀ ମାନସନ୍ ପରିସରରେ ଶନିବାର ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ପାହାଲ ଶାଖା ଓ ଇ' କର୍ନର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଏସବିଆଇ ଭୁବନେଶ୍ୱର ମଣ୍ଡଳର ଚିଫ ଜେନେରାଲ ମ୍ୟାନେଜର ପ୍ରବୀନା କାଲା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ନୂତନ ଶାଖାକୁ ଉଦ୍‌ଘାଟନ କରିଥିଲେ। ଏହାସହ ଶାଖା ପରିସରରେ ଏକ ଏଟିଏମ କାଉଣ୍ଟର ଇ' କର୍ନର ମଧ ଉଦ୍‌ଘାଟିତ କରିଥିଲେ। ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବେ ଜିଏମ ଦେବୀଶଙ୍କର ମିଶ୍ର, ଡେପୁଟି ଜିଏମ ରଜୟ କୁମାର ସିହ୍ନା ଯୋଗଦେଇଥିଲେ। ସ୍ଥାନୀୟ ଅଞ୍ଚଳବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ଏହା ରାଜ୍ୟର ୧୭୧ତମ ଓ ଖୋର୍ଦ୍ଧା ଜିଲାର ୯୭ତମ ଶାଖା ବୋଲି ସିଜିଏମ କାଲା ସୂଚନା ଦେଇଥିଲେ। ଉତ୍ସବକୁ ଚିଫ ମ୍ୟାନେଜର ଭବାନୀଶଙ୍କର ମହାନ୍ତି ଓ ପାହାଲ ଶାଖା ପରିଚାଳିକା ରୀନା ରାଣୀ ନାୟକ ପରିଚାଳନା କରିଥିଲେ।

## ଅଚ୍ୟୁତ ସାମନ୍ତଙ୍କୁ 'ବିଜ୍‌ନେସ୍ ଲାଇନ ଚେଞ୍ଜ୍ ମେକର ପୁରସ୍କାର'

**ଭୁବନେଶ୍ୱର,୧୬।୩(ବ୍ୟୁରୋ)**



ରାଜ୍ୟ ସଭା ସଦସ୍ୟ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ 'ବିଜ୍‌ନେସ୍ ଲାଇନ୍ ଚେଞ୍ଜ୍ ମେକର ପୁରସ୍କାର-୨୦୧୯' ପ୍ରଦାନ କରାଯାଇଛି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂ ସାମନ୍ତଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରିଛନ୍ତି। ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ପରିବର୍ତ୍ତନକାରୀ (ଚେଞ୍ଜ୍ ମେକର୍) ଭାବେ ତାଙ୍କୁ ଏହି ପୁରସ୍କାର ଦିଆଯାଇଛି। ହିନ୍ଦୁ ଗ୍ରୁପ୍ ଦ୍ୱାରା ପ୍ରକାଶିତ ପ୍ରମୁଖ ଦୈନିକ ଇଂଲିଶ ଖବରକାଗଜ ହିନ୍ଦୁ ବିଜ୍‌ନେସ୍ ଲାଇନ୍ ପକ୍ଷରୁ ପ୍ରତିବର୍ଷ ଏହି ସମ୍ମାନଜନକ ଚେଞ୍ଜ୍ ମେକର୍ ପୁରସ୍କାର ପ୍ରଦାନ କରାଯାଇଥାଏ। ଜନଜାତି ସମ୍ପ୍ରଦାୟର ସ୍ଥିତିରେ ଉନ୍ନତି ଆଣିବା ଦିଗରେ ସାମନ୍ତଙ୍କ ନିରବଚ୍ଛିନ୍ନ ଉଦ୍ୟମ ଏବଂ କ୍ଷୁଧା, ଦାରିଦ୍ର୍ୟ, ନିରକ୍ଷରତା ଓ ବେରୋଜଗାର ହ୍ରାସ କରିବା ଦିଗରେ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି ବୋଲି ହିନ୍ଦୁ ବିଜ୍‌ନେସ୍ ଲାଇନ୍ ପକ୍ଷରୁ କୁହାଯାଇଛି। ଏହି ସମ୍ମାନଜନକ ପୁରସ୍କାର ପାଇଁ ୬୦୦ ମନୋନୟନ ଆସିଥିବା ବେଳେ ବିଭିନ୍ନ ମାନଦଣ୍ଡକୁ ଭିତ୍ତିକରି ଯାଞ୍ଚ ପ୍ରକ୍ରିୟା ମାଧ୍ୟମରେ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରାଯାଇଥାଏ। ଭାରତର ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ଗଠିତ ଚୟନ କମିଟି ଚେଞ୍ଜ୍ ମେକର୍ ପୁରସ୍କାର ପାଇଁ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ନାମ ମନୋନୟନ କରିଥାଆନ୍ତି। ପୁରସ୍କାର ଗ୍ରହଣ କରିବା ଅବସରରେ ସାମନ୍ତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏହି ସ୍ୱୀକୃତି ଆମକୁ ଆଗାମୀ ଦିନରେ ଶିଶୁମାନଙ୍କ ସେବାରେ ଆହୁରି ଉତ୍ସାହର ସହ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ।

### ■ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ବୈଠକ

## ସମ୍ବର୍ଦ୍ଧିତ ହେଲେ ସେବାୟତ, ସ୍ୱେଚ୍ଛାସେବୀ



**ପୁରୁଣା ଭୁବନେଶ୍ୱର,୧୬।୩(ଡି.ଏନ.ଏ.)**

ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡର ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୋର୍ଡର ସଭାପତି ତଥା ଏଡିଏମ୍ ଅରୁଣ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ସର୍ବପ୍ରଥମେ ମହାଶିବରାତ୍ରିରେ ଶ୍ରୀଲିଙ୍ଗରାଜଙ୍କ ନିର୍ଦ୍ଧାରିତ ସମୟର ଅଧ ଘଣ୍ଟା ପୂର୍ବରୁ ମହାଦୀପ ଉଠିଥିବାରୁ ଏଡିଏମ୍ ବେହେରା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ସମସ୍ତ ନିଯୋଗ ପ୍ରମୁଖ ଏବଂ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ପୂଜାପଣ୍ଡା ନିଯୋଗର ସଚିକାନ୍ତ ପୂଜାପଣ୍ଡା, ବ୍ରାହ୍ମଣ ନିଯୋଗର ବିରଞ୍ଚି ନାରାୟଣ ପତି, ବଡୁନିଯୋଗର କମଳାକାନ୍ତ ବଡୁ, ଲିଙ୍ଗରାଜ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର, ଆପଟ ସେବାୟତ ଭାଗୀରଥି ବେହେରା ଏବଂ ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ସାହୁ ଉପସ୍ଥିତ ଥିଲେ।

**୪ କଲରାପତରିଆ ଚମଡ଼ା ଜବତ ଘଟଣା**

## ଅଭିଯୁକ୍ତଙ୍କ ମଧ୍ୟରେ ଯବାନ, ବନ କର୍ମଚାରୀ

**ଭୁବନେଶ୍ୱର, ୧୬।୩(ବ୍ୟୁରୋ)**

**ତଦନ୍ତ ନିର୍ଦ୍ଦେଶ ଦେଲା ବନ ବିଭାଗ**
■ ଗୁଳିରେ ବାଘ ଶିକାର କରାଯାଇଥିବା ସନ୍ଦେହ
■ ୫ ଦିନିଆ ରିମାଣ୍ଡ ପାଇଁ ଆବେଦନ

ସମ୍ବଲପୁର ଜିଲା କୁଚିଣ୍ଡାରୁ ୪ କଲରାପତରିଆ ବାଘ ଚମଡ଼ା ଜବତ ଘଟଣାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଯାଞ୍ଚବେଳେ ସବୁ ଛାଲରେ ସମାନ ଧରଣର ଗୋଟିଏ କିମ୍ବା ଦୁଇଟି ହୋଲ୍ ରହିଥିବାରୁ ବାଘକୁ ଗୁଳି କରି ଶିକାର କରାଯାଇଥିବା ସନ୍ଦେହ କରାଯାଉଛି। ଶନିବାର ବନ ବିଭାଗ ପକ୍ଷରୁ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଗିରଫ ୭ଜଣ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାକ୍ସ ଫୋର୍ସ (ଏସ୍‌ଟିଏଫ୍) କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୁଚିଣ୍ଡାର ସଞ୍ଜୟ ବାଗ, ସମ୍ବଲପୁର ମହୁଲପଲ୍ଲୀର ମୀନକେତନ ମୁଣ୍ଡା, କୁମୁଦ ବାରା, ଝାରସୁଗୁଡ଼ା ଲଇକେରାର ସୁନିଲ କୁମାର କାଲୋ, ଯୁବରାଜ ପଟେଲ, କୈଳାସ ମାଝି ଓ ଯଶକେତନ ନାୟକ। ଏମାନଙ୍କ ମଧ୍ୟରେ ଜଣେ ବନ କର୍ମଚାରୀ ଓ ଅନ୍ୟଜଣେ ସେନା ଅଧିକାରୀ ରହିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଅଭିଯୁକ୍ତମାନଙ୍କୁ ପଚରାଉଚରାବେଳେ ବହୁ ତଥ୍ୟ ହାସଲ କରିଛି ଏସ୍‌ଟିଏଫ୍ ଟିମ୍। ସେମାନେ ବାଘ ଛାଲକୁ ବିକ୍ରି କରିବା ଉଦ୍ଦେଶ୍ୟରେ ହିଁ ପାଖରେ ରଖିଥିଲେ। ଏହି ର‌୍ୟାକେଟ୍ ପଛରେ ଆଉ କାହାର ହାତ ରହିଛି ଓ ଏହାର ଚେର କେତେଦୂର ଲମ୍ବିଛି ତାହାର ଖୋଳତାଡ଼ କରାଯାଉଛି। ଏହି ଘଟଣା ସହ ଆନ୍ତରାଜ୍ୟ କିମ୍ବା ଆନ୍ତର୍ଜାତିକ ର‌୍ୟାକେଟର ଲିଙ୍କ୍ ରହିଛି କି ନାହିଁ, ଶିକାର କେଉଁଠି କରାଯାଇଥିଲା ଓ କେଉଁଠିକୁ ଜବତ ବାଘଛାଲ ଚାଲାଣ କରାଯାଇଥାନ୍ତା ତାହାର ତଦନ୍ତ କରାଯିବ ବୋଲି ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପିଆର୍ କହିଛନ୍ତି। ସେପଟେ ଅଭିଯୁକ୍ତଙ୍କୁ ୫ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରିବାକୁ ଏସ୍‌ଟିଏଫ୍ ଯୋଜନା କରୁଛି। ଅଭିଯୁକ୍ତଙ୍କ ମଧ୍ୟରୁ ୬ଜଣଙ୍କୁ ରିମାଣ୍ଡ ପାଇଁ କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଥିବା ସୂଚନା ମିଳିଛି। ତେବେ ପୂର୍ବରୁ ବନ୍ୟପ୍ରାଣୀ ସାମଗ୍ରୀ ଚୋରା ଚାଲାଣରେ ବନ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ନଜିର ରହିଥିବାବେଳେ ଯବାନ ସାମିଲ୍ ହେବା ଘଟଣା ପ୍ରଥମ ବୋଲି କୁହାଯାଉଛି। ଏହା ସାମ୍ନାକୁ ଆସିବା ପରେ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କୁହନ୍ତି, ସବୁ ବାଘ ଚମଡ଼ାରେ ଗୁଳିର ଚିହ୍ନ ମିଳିଥିବାରୁ ବାଘଗୁଡିକୁ ବନ୍ଧୁକ ଦ୍ୱାରା ଶିକାର କରାଯାଇଥିବା ଜଣାପଡୁଛି। ପୁଣି ଏଥିରେ ଚୋରା ବନ୍ଧୁକ ବ୍ୟବହାର ହୋଇଥିବା ବାରି ହୋଇପଡୁଛି। ତଦନ୍ତରେ ଏସବୁ ଦିଗକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ। କିନ୍ତୁ ବୋଧହୁଏ ବନ ବିଭାଗ ଆଖିରେ ଏହା ଅପରାଧ ନୁହେଁ। କାରଣ ଶିମିଳିପାଳରେ ବେଆଇନ ବନ୍ଧୁକ ଚାଳନା ଶିକ୍ଷା ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ତଦନ୍ତ ହୋଇଥିଲା। ହେଲେ ଏଯାଏ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପିସିସିଏଫ୍(ବନ୍ୟପ୍ରାଣୀ) ଅଜୟ ମହାପାତ୍ର କୁହନ୍ତି, ବାଘ ଶିକାର ନେଇ ଆମ ପାଖରେ କୌଣସି ଖବର ନାହିଁ। ତେବେ ସମ୍ବଲପୁର ଆର୍‌ସିସିଏଫ୍‌ଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କଲାପତରିଆ ବାଘ ଚଳପ୍ରଚଳ କରୁଥିବା ଦେବ୍ରିଗଡ଼, ବଡ଼ରମା ସଂରକ୍ଷିତ ଜଙ୍ଗଲରେ ଏ ନେଇ ତଦନ୍ତ କରିବାକୁ କୁହାଯାଇଥିବା ମହାପାତ୍ର କହିଛନ୍ତି।




## BRIDE WANTED

Khandayat boy age about 34yrs,working as Director of Public Limited Company, salary per month 1.5 lakhs, Rasi: Dhanistha Kumbha (23/11), Qualification: BSc, MBA, height 5'5" with sound health. Can view the profile: Bharat Matrimony. Need suitable Khandayat girl age about 25-30 years, Qualification: Masters or any Professional Qualification. For immediate contact: 7681802625 or email to muktikantabadu85@gmail.com. D-66413

Wanted fair beautiful highly qualified bride above 29 for BM, Indusind Bank, Nimapara, 35/ 5'8". 9437130189. D-11597

Sundhi boy 32/5'6" senior software Engineer, Deloitte USA at Hyderabad looking for fair beautiful working bride from Engineering/ Banking background from Sundhi or other communities (Except SC/ST). Contact: 9853851122. D-61047

Karan boy 1986, 5'10" B.Tech serving Software Engineer KPMG, Bangalore, "Sunasansar". 9937512659. D-11618

Brahmin boy 1981 B.Tech MBA, Software MNC, Bangalore 24,00,000/-. 9238578590. D-66110

## GROOM WANTED

Beautiful Khandayat girl 1987 graduate requires service holder early marriage. 9439493111.D-66109

ଭୁବନେଶ୍ୱରର ବ୍ରାହ୍ମଣ ଘରର ଝିଅ 34+, B.A. ପାଇଁ ଉପଯୁକ୍ତ ପାତ୍ର ଆବଶ୍ୟକ। 9861135199. D-11661

Divorcee bride Teacher 35, Business 40 (caste-no-bar). Contact: 7873374269. D-66412

**Now Matrimonial ads. only on Wednesday & Sunday Book 1 Get 1 FREE**




## SALE

WagonR 2010, Alto 2013, Indica 2012 model for sale. Two wheeler also available. Contact Motodeal, Cuttack. 9437323645. D-66036

Mitsubishi Lancer modified, Cedia sports, Cruze, Hyundai Elantra, Pajero SFX, Passat. 7381091234, 9861194627. D-65382




## SALE

Private plot for sale near AIIMS Hospital, Doon school, Sijua, Bhubaneswar 657/- sqft. 9437335686, 7008487006. D-66407

Sun Green Gardens at Kanti presents: sthitiban, litigation free, gharabari, high leavel, lowcost land for immediate construction under BDA Extension area with 30ft. internal road near Xavier University/ Aditya Birla International School. Promoted by: Bijan Patnaik Group: 8984647778, 9861028878. D-65396

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-11678

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

Residential plots available with compoundwall, electricity at Balianta, Pahala, DPS, Dadhichi, Koradakanta and Satyabhamapur. 9040537669. D-65390

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

Bhubaneswar GITA Collegeଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-65369

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Xavier University ନିକଟରେ ରାସ୍ତାଥାଇ ପ୍ଲଟ 4,50,000/- ଦିଆଯାଉଅଛି। Sasmita- 9853150290. D-65383

Personal gharabari boundary plot near Sunderpada (Panchagaon) 60' road. 1500 sqft. at 600000/-. 9439489633, 7377738490. D-11550

Booking open for 2,3 BHK flats near Patrapada Mall. Contact: 7381003669.D-11080

**Gharabari plot with 30' road & compoundwall at Brahmanajharilo Cuttack 68,000 sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No. brokers please. 7809525452.** D-65857

Land 70,000 sqft. for sale at Malipada, Bhubaneswar. Contact: 9439238064. D-58063

Plots 40ft. road Sundarpada, AIIMS, low cost OEC Bhubaneswar. Loan facility. 9437759624, 9658571680. D-11481

Gharabadi yellowzone plot near AIIMS Hospital, immediate possession. 9938670164, 6370907396. D-66027

ଜଟଣୀଗେଟ୍ ପାଖରେ NHକୁ ଲାଗି ଘରବାରି boundary plot ବିକ୍ରିହେବ: 9439864322.D-65393

Book 2BHK, 3BHK flat at GGP Colony, Rasulgarh (200 mtr. palasuni, Canal Road). 9439716901. (Broker not allowed). D-66035

ଭୁବନେଶ୍ୱର ଜଟଣୀଗେଟ୍ କିଛିଦୂରତାରେ 1200 sqft. 1,80,000/-, BEC କଲେଜ ଠାରେ 1200କୁ 3,00,000/- (outright). 9776934361, 7749026703. D-65386

Booking simplex 2BHK 1200 sqft. land 20,50,000/- near Tankapaniroad Saitemple, 70% finance available. 7735738102.D-11637

Bhubaneswar ପିତାପଲ୍ଲି ଛକରେ BDA plot electric, 30'road available. 9090963952. D-65389

ଘରବାରି ପ୍ଲଟ ବାଉଣ୍ଡାରିୱାଲ, ଇଲେକ୍ଟ୍ରିସିଟି ସୁବିଧାଥାଇ ବାଲିଅନ୍ତା, ପାହାଳ, ନଖରା, DPS, Dadhichi, କୋରଡ଼କଣ୍ଟା ଓ ରଙ୍ଗବଜାରଠାରେ ବିକ୍ରିହେବ: 8249870448. D-65391

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-11578

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66023

ନଖରା ତ୍ରିନାଥବଜାରଠାରେ SC ଘରବାରି plot 1200କୁ 3,60,000/- general plot 1200କୁ 5,40,000/- (outright) 9776934361, 7749026703. D-65385

1600 sft residential gharabari patta Plot sale at Jharpada, Bhubaneswar. Contact Deepak: 9937329999 (Brokers excuse). D-66201

Prime location main road side private 3tier house for sale near Brit Colony Badagada, Bhubaneswar. Contact: 9040337729, 9861037729. D-63939

Patia KIIT ଜଗନ୍ନାଥ ମନ୍ଦିରଠାରେ residential plot 30'road, electricity ପାଚେରିସହ 1150/-. 8658935829. D-65392

Land for sale. A 3 storied building with land including boundarywall situated at new Rausapatna, Cuttack plot nos. 169 and 457. area of land A0.188 contact person Mr. P.K. Panda. Mob: 9437968283. D-66108

2400 sft. GA plot sale at Sum Hospital, Bharatpur, Bhubaneswar. Contact Deepak: 9937329999. (Broker Excuse). D-66202

Buy 1BHK ready flat near SUM Hospital, Bhubaneswar 857 sqft., 22 lakh. 9692324626, 9437698798. D-66033

3000 sqft. residential land near CET College, Ghatikia, Bhubaneswar. 62 lakh. 7504392698. D-66043

Puri, just pay 1.2 lakh book new studio with balcony. Immediate staying facilities available. 9437929773. D-11691

Forty Decimal land for sale at Dhenkanal Town. Contact: 9777156770, 9437904071. D-11639

3000 sqft. plot Bhagwat Sandhan, Canal Road, Rasulgarh behind Reliance Fresh parting 2 plots each 1500 sqft., 45,00,000. Mob: 8328988821. D-11688

**Single storey residential building 30'x60' Gundicha Bihar, Puri for sale 70 lakhs, Contact: 9337118484, 7008563110. (no brokerage).** D-11663

ଭୁବନେଶ୍ୱର Tamando Kendriya Vihar Colony ନିକଟରେ yellowzone 30' road plot. 9348767829.D-65395

ସମସ୍ତ ସୁବିଧା ଥାଇ ଭୁବନେଶ୍ୱର ନିକଟରେ ୨ଟି farmhouse lease/sale ହେବ। 8249584100. D-66410

Limited plots available near Mancheswar Rajadhani Engineering College just 3.5km. from Hi-Tech Chhak, Bhubaneswar. 9040686695. D-62167

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-11677

Ready to move 2/3 BHK apartment at Jaydev Vihar near Mayfair Lagoon, Bhubaneswar. Contact: 6371040313, 9040106942. D-59853

Corner developed plots around 1400 sft. near Gokul and Avantika residency, GGP Pandara Road. Contact: 9437396718 (Office Hours). Brokers excuse. D-66203




Do you want to construct buildings on your own plot. Contact: Sachi Pattanaik B.Tech (Civil. Eng). 9853916309, 9338401309. D-62164

**Construct your Residential, Commercial and Industrial Civil Construction Projects with 20 years experienced with Expert Technical Team committed to delivering quality, cost effective construction within stipulated time & budgeted cost. SMPL. 9040087777.** D-11679

Drawing, design, estimation and construction/ interior decoration by professional Engineers and interior decorators. N.N. Consturctions and interior. 8093688008, 9437628185. D-66037

**ପାଠକଙ୍କ ପାଇଁ ସୁଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## GENERAL

## SALE

Automatic stone crusher plant for sale at Khurdha. Contact: 9337767967, 9337102782. D-11575

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65388

Used Automatic mineral water bottle filling machine for sale. Contact: 9556078355. D-66406

ଏକ ଧୂପକାଠି ଏବଂ ସାନିଟାରୀ ଜିନିଷ wholesale ବ୍ୟବସାୟ ବନ୍ଦ କରାଯିବାରୁ ସମସ୍ତ ଜିନିଷ କିଣାଦାମ୍‌ଠାରୁ କମ୍ ଦାମ୍‌ରେ ବିକ୍ରୟହେବ: 7978918437.D-66409




3BHK marbled flat at Unit-8, Soubhagyanagar main road. Contact: 9000004523. D-64949

Ground floor HIG 2BHK with large garage at Pragati Enclave, Chandrasekharpur, Bhubaneswar for family/ office. 9437215421, 8618781596. D-65394

3BHK 3baths with car parking, tiled groundfloor, Ratnakarbag, Tankapani road, Bhubaneswar. Renting from 1st April. 9937024304. D-58060

One bedroom flat drawing cum dining furnished house with interior & AC at Patia near Bigbazar. Contact: 7008671282, 9238089899. D-11592

2BHK at Aerodrome area, Pallaspally, Bhubaneswar for residence. 9437082192, 9437119146. D-65622

North-east facing 1000 sqft. house at Lingaraj Vihar, Pokhariput for office, Guest house. 9437165036. D-11662

**First floor 3bed, dining, drawing, kitchen, parkings, Rs. 15000/- for lease office, guest house near Cuttack road. 8847882402, 8763862809.** D-11653

2 room ground floor house with attached kitchen, bathroom near Khandagiri, Bhubaneswar. Contact: 9437051142. D-11673

2300 sqft. full furnished commercial office space available for rent at 2nd floor, Bomikhal, Cuttack road, Bhubaneswar. Contact: 09880193309, 09861282388. D-66024

Two BHK, two toilet, two balcony at Satabdinagar, Unit-8 for family. Contact: 9861043575, 6372039533. D-64948

3BHK drawing cum dining, kitchen, 2 toilets for rent near Bharat Petroleum, Chandrasekharpur. Rent Rs.- 16,000/-. Contact: 9937969923, 9972475566. D-66111

2BHK house ground floor tolet at Sahidnagar. Contact: 9439060221 from 10am to 7pm. D-11665

Beautifully renovated 3BHK flat at Keshari Palace Delta Square. 9000001508. D-64947

A well-furnished AC room with attached toilet, balcony available for rent, N-4/ 356, IRC Village. Contact: 9437055095.D-56637

Open space with boundary for rent of 30000 sqft. for godown/stockyard available opposite Synergy College, Nakhara, Bhubaneswar, Call: 9337122452. D-11598

## ACCOMMODATION

Required 1500sqft. godown on rent near Bhubaneswar, Cuttack, Khurdha, Puri. Contact: 7411116589, 9938732257. D-66405




Shivam logistic packers movers. Household/ car relocation countrywide. 9777044177, 9338461133. D-11547




Fully refreshed/ relaxed body massage by expert therapist, Shastri Nagar. 7377984773. D-65600

Rejuvenate and Ayurvedic full body massage by smart therapist. 9114402304. D-65599

Ayurvedic full body massage ladies/ gents experts therapist. 8338097451 . D-65853

Herbal full body massage with refreshment by well trained therapist. 7381239385, 06742540855. D-66028

Experience full body massage with us by experts. Enquiry. 06742597822, 7377048581. D-66029

Herbal full body massage by smart/ expert therapist. Contact: 8338067247. D-66030

Newly opening ayurvedic body massage smart therapist, Shree herbal. 7750020754. D-66031

Improving your health, skin care through expert therapist, excellent offer. 9668374480. D-66032

### ତୃତୀୟ ଜନ୍ମଦିନ ଶୁଭେଚ୍ଛା



**ବଳିଆ ମହାରଣା**
**କୋଳିମାଟି, ଆନନ୍ଦପୁର**

ତୁମର ଉଜ୍ଜ୍ୱଳ, ମଙ୍ଗଳମୟ ଭବିଷ୍ୟତ କାମନା ସହ ଜଣେ ଭଲ ମଣିଷ ହୁଅ। ଏହାହିଁ ଘଟଗାଁ କରୁଣାମୟୀ ମା' ତାରିଣୀ ନିକଟରେ ପ୍ରାର୍ଥନା। ଶୁଭେଚ୍ଛା ସହ: ବାପା ଓ ମା, ପରିବାରବର୍ଗ। ଧ-୧୧୬୯୨

### ତୃତୀୟ ଜନ୍ମଦିନ ଶୁଭେଚ୍ଛା



**ଜଗା ମହାରଣା**
**କୋଳିମାଟି, ଆନନ୍ଦପୁର**

ତୁମର ଉଜ୍ଜ୍ୱଳ, ମଙ୍ଗଳମୟ ଭବିଷ୍ୟତ କାମନା ସହ ଜଣେ ଭଲ ମଣିଷ ହୁଅ। ଏହାହିଁ ଘଟଗାଁ କରୁଣାମୟୀ ମା' ତାରିଣୀ ନିକଟରେ ପ୍ରାର୍ଥନା। ଶୁଭେଚ୍ଛା ସହ: ବାପା ଓ ମା, ପରିବାରବର୍ଗ। ଧ-୧୧୬୯୩

### ଜନ୍ମଦିନ ଶୁଭେଚ୍ଛା



(ପ୍ରାପ୍ତି)

**ଜୁଲିଆନା ଦାସ**
**କୁଣ୍ଡେଇବେଣ୍ଟ ସାହି, ପଞ୍ଚୁଚଉରା, ପୁରୀ**

ଆଜି ତୋର ସପ୍ତମ ଜନ୍ମବାର୍ଷିକୀରେ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁ ଓ ମାଆ ମଙ୍ଗଳାଙ୍କୁ ପ୍ରାର୍ଥନା ସେମାନେ ତୋର ଚଲାପଥ କୁସୁମିତ କରିବା ସହିତ ତୋତେ ଦୀର୍ଘାୟୁ ଓ ନିରୋଗୀ କରନ୍ତୁ। ଶୁଭେଚ୍ଛା ସହ: ଜେଜେବାପା, ଜେଜେମାଆ, ଅପା, ପାପା, ମମୀ, ଦାଦା, ଖୁଡୀ, ଚାରୁ, ଖୁସି ଦିଦି, ସାନ ଭଉଣୀ- ପିଉ। ଧ-୬୪୦୫୧

### ସପ୍ତମ ଜନ୍ମଦିନ ଶୁଭେଚ୍ଛା



(ଓମ୍)

**ସାଇ ସୁପ୍ରତୀକ୍**
**କପିଳପ୍ରସାଦ, ସୁନ୍ଦରପଦା, ଭୁବନେଶ୍ୱର**

ଆଜି ତୋର ସପ୍ତମ ଜନ୍ମବାର୍ଷିକୀରେ ଶ୍ରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ପ୍ରାର୍ଥନା ସେ ତୋର ଚଲାପଥ କୁସୁମିତ କରିବା ସହିତ ତୋତେ ଦୀର୍ଘାୟୁ ଏବଂ ନୀରୋଗ କରନ୍ତୁ। ଶୁଭେଚ୍ଛା ସହ: ଜେଜେ ବାପା, ଜେଜେ ମା, ବାପା, ମା, ଭାଇ, ଭଉଣୀ ଓ ବନ୍ଧୁବର୍ଗ। ଧ-୧୧୬୮୭

### 14th Birthday Wish



(Sheha)

**Aasian Nayak**
**Kanbagiri (G.Udayagiri)**

ପ୍ରଭୁ ଯିଶୁଖ୍ରୀଷ୍ଟ ତୁମକୁ ଆଶୀର୍ବାଦ କରନ୍ତୁ। ତୁମର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ ଓ ଦୀର୍ଘାୟୁ ଦିଅନ୍ତୁ। ଏହାହିଁ ଆମର ପ୍ରାର୍ଥନା। ଶୁଭେଚ୍ଛା ସହ: ମା, ଭାଇ, ଭାଉଜ, ଜେଜେମା, ଅଜା, ଆଈ, ଦିଦି, ବଡବାପା, ବଡମା, ସାନବାପା, ସାନମା, ଅଙ୍କଲ, ଆଣ୍ଟି, B.D ଓ ପରିବାରବର୍ଗ। ଧ-୧୧୬୮୯

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

### Mechanical Engineering ରେ ଡକ୍ଟରେଟ୍ (Ph.D.) ଉପାଧି ପ୍ରାପ୍ତ



**ଶ୍ରୀ ରମେଶ ଚନ୍ଦ୍ର ନାୟକ** "SOA University, BBSR" ରୁ Mech. Engineering ରେ ସମ୍ମାନଜନକ ଡକ୍ଟରେଟ୍ ଉପାଧି ଲାଭ କରିଛନ୍ତି। ସେ ଡ. ମନ୍ମଥ କୁମାର ରାଉଳ (ଅଧ୍ୟକ୍ଷ GITA) ଏବଂ ଡ. ସରୋଜ କୁମାର ଷଡଙ୍ଗୀ (Prof. NIT, Patna)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କ ଗବେଷଣାତ୍ମକ ସନ୍ଦର୍ଭ "Experimental & Theoretical Investigation of Natural Convection Heat Transfer in Heated Vertical Tubes" Dr.Volfango Bertola (Prof. University of Liver Pool) ଏବଂ Dr. Swapan Bhaumik (HOD. Mechanical, NIT, Agartala)ଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଅଛି। ଡ. ରମେଶ ଚନ୍ଦ୍ର ନାୟକ ଭଦ୍ରକ ଜିଲ୍ଲାର କନ୍ତିଆ ଗ୍ରାମର ଶ୍ରୀ ସୁବାସ ଚନ୍ଦ୍ର ନାୟକ ଓ ଶ୍ରୀମତୀ ବାସନ୍ତି ନାୟକଙ୍କ କନିଷ୍ଠ ପୁତ୍ର ଅଟନ୍ତି ଏବଂ ଶ୍ରୀ ନୃସିଂହ ଚରଣ ରାଉତରାୟ, ଶ୍ରୀମତୀ ସବିତା ରାଉତରାୟଙ୍କ ଜାମାତା ଅଟନ୍ତି, ସଂପ୍ରତି ସେ SVSET, Madanpur, BBSR ରେ ଅଧ୍ୟକ୍ଷ ରୂପେ କାର୍ଯ୍ୟରତ। ଏହି ସଫଳତା ଈଶ୍ୱରଙ୍କ ଆଶୀର୍ବାଦ ଏବଂ ତାଙ୍କ ପରିବାର, ବନ୍ଧୁବର୍ଗଙ୍କ ସହଯୋଗ ତଥା ଶୁଭେଚ୍ଛା ଯୋଗୁଁ ସମ୍ଭବ ହୋଇଛି। ସେ ସଫଳତାର ଶ୍ରେୟ Dr. Payodhar Padhi (HITECH), Er. Ashish Kumar Patra (Chairman SVSET)ଙ୍କୁ ଜ୍ଞାପନ କରିଛନ୍ତି ଓ ଡ. ରମେଶ ଚନ୍ଦ୍ର ନାୟକ ତାଙ୍କ ଧର୍ମପତ୍ନୀ- Dr. Swarnaprava Routray, କନ୍ୟା- Anvi ଏବଂ ଶିକ୍ଷକ ସ୍ୱର୍ଗୀୟ ରମେଶ ଚନ୍ଦ୍ର ବେହେରାଙ୍କୁ ଧନ୍ୟବାଦ ଦେଇଛନ୍ତି। ଧ-୧୧୬୯୦

## CLASSIFIED BOOKING STATIONS

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**BERHAMPUR**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**PADMINI LADIES CORNER**
Bhagban Sasmal, Sanjibani Market, Angul, Mob : 9668600631, 7788997720

**JAGADAMBA GIFT MALL**
Manoj Ku. Sahoo, Convent Road, Rayagada, Mob : 9439530999

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhal Complex 1st Floor, Jeypore, Mob : 9439773311

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com


**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**JOGESWAR DAS**
Rayagada Contact: Mr. Jogeswar Das, Mob: 9437234611, 06856 222611.

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ଂ ଇଂ. କେଦାରନାଥ ମିଶ୍ର**
ଫ୍ଲାଟ୍ ନଂ. ଏ/୧୦୨, ଶହୀଦ ନଗର, ଭୁବନେଶ୍ୱର
ଆବିର୍ଭାବ: ୨୬.୧୧.୧୯୪୦
ତିରୋଧାନ: ୨୬.୦୨.୨୦୧୮

ଆପଣଙ୍କ ନୀତି, ଆଦର୍ଶ ଓ ପ୍ରେରଣା ଆମ୍ଭମାନଙ୍କ ଚିର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ।

ସ୍ତ୍ରୀ-ଶୈଳବାଳା ମିଶ୍ର, ପୁତ୍ର-ଶୁଭେନ୍ଦ୍ର ମିଶ୍ର, କନ୍ୟା-ସଂଘମିତ୍ରା ମିଶ୍ର, ନାତି-ସତ୍ୟଜିତ୍ ଦାଶ, ନାତୁଣୀ-ଶାଶ୍ୱତୀ ମିଶ୍ର
ଧ-୬୬୪୧୧

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସରସୀବାଳା ବକ୍ସି**
ଆବିର୍ଭାବ: ୧୩।୦୫।୧୯୩୪
ତିରୋଧାନ: ୦୭।୦୩।୨୦୧୯
ମଞ୍ଚେଶ୍ୱର, ଭୁବନେଶ୍ୱର

ତୁମେ ଇହଲୀଳା ତ୍ୟାଗକରି ଆମକୁ ଶୋକସାଗରରେ ଭସାଇ ଆରପାରିକୁ ଚାଲିଗଲ। ଏହା ଆମକୁ ଅତୀବ ମର୍ମାହତ କରିଛି। ତେବେ ବିଧିର ବିଧାନରେ ଆମେ ନାଚାର। ତୁମର ଆତ୍ମାର ସଦ୍‌ଗତି ପାଇଁ ମଂଚନାଥ ମହାଦେବଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଏବଂ ବକ୍ସି ପରିବାର।
ଧ-୧୧୬୭୪

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ହିତକର ମହାପାତ୍ର**
ଆବିର୍ଭାବ: ୨୫।୦୭।୧୯୪୬
ତିରୋଧାନ: ୨୬।୦୨।୨୦୧୮

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଅଛୁ।
ତା.୧୭।୦୩।୨୦୧୯ (ରବିବାର)
ଶୋକସନ୍ତପ୍ତ: ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ବି.୪୦, ବି.ଡି.ଏ, ଏଚ୍.ଆଇ.ଜି କଲୋନୀ, ବରମୁଣ୍ଡା, ଭୁବନେଶ୍ୱର-୩।
ଧ-୧୧୬୦୭

## ସଂକ୍ଷେପରେ

### ଚଳିତ ମାସ ଶେଷରେ ପ୍ରକାଶ ପାଇବ ନିଯୁକ୍ତି ଡାଟା

ନୂଆଦିଲ୍ଲୀ,୧୬-୩
ନ୍ୟାଶନାଲ ସାମ୍ପୁଲ ସର୍ଭେ ଅଫିସ(ଏନ୍‌ଏସ୍‌ଏସ୍‌ଓ) ଦ୍ୱାରା ପ୍ରସ୍ତୁତ ବିବାଦୀୟ ନିଯୁକ୍ତି ଡାଟା ଚଳିତ ମାସ ଶେଷାର୍ଦ୍ଧରେ ପ୍ରକାଶ ପାଇବ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ଗତ ମାସରେ ଏନ୍‌ଏସ୍‌ଏସ୍‌ଓ ପକ୍ଷରୁ ପ୍ରକାଶିତ ଡାଟାକୁ ନେଇ ସରକାର ବିବାଦ ସୃଷ୍ଟି କରିଥିଲେ। ବେକାରି ସମସ୍ୟା ୪୫ ବର୍ଷରେ ସର୍ବାଧିକ ବୋଲି ଏନ୍‌ଏସ୍‌ଏସ୍‌ଓ ପ୍ରକାଶ କରିଥିବା ବେଳେ ସରକାର ଏହାକୁ ପ୍ରାରମ୍ଭିକ ରିପୋର୍ଟ ବୋଲି ଉଲ୍ଲେଖ କରିଥିଲେ। ନୀତି ଆୟୋଗ ପକ୍ଷରୁ ଏହା ଏକ ଚିଠା ରିପୋର୍ଟ ବୋଲି ଉଲ୍ଲେଖ କରି ଏହା ଚୂଡ଼ାନ୍ତ ରିପୋର୍ଟ ନୁହେଁ ବୋଲି କୁହାଯାଇଥିଲା। ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ମାର୍ଚ୍ଚରେ ଚୂଡ଼ାନ୍ତ ରିପୋର୍ଟ ପ୍ରକାଶ କରାଯିବ ବୋଲି ସେତେବେଳେ କହିଥିଲେ। କେଉଁ ଦିନ ନିଯୁକ୍ତି ଡାଟା ପ୍ରକାଶ ପାଇବ ସେ ସମ୍ପର୍କରେ ଉଲ୍ଲେଖ ନ କରି ଅଧିକାରୀ କହିଛନ୍ତି ଯେ ଚିଠା ରିପୋର୍ଟକୁ ଏକ ଷ୍ଟାଣ୍ଡିଂ କମିଟି ଯାଞ୍ଚ କରିଥିଲେ। ଡାଟା ପ୍ରସ୍ତୁତିରେ ବ୍ୟବହୃତ ପଦ୍ଧତି ନେଇ ଏକ ବିଶେଷଜ୍ଞ କମିଟି ସେତେବେଳେ ପ୍ରଶ୍ନ ଉଠାଇଥିଲେ ବୋଲି ସେ କହିଛନ୍ତି।

### କେଣ୍ଟକୁ ବେଷ୍ଟ ଡୋମେଷ୍ଟିକ ୱାଟର ପ୍ୟୁରିଫାୟର ଆୱାର୍ଡ

ଭୁବନେଶ୍ୱର,୧୬-୩
କେଣ୍ଟ ଆର୍‌ଓ ସିଷ୍ଟମ୍‌ସ ପ୍ରାଇଭେଟ ଲିମିଟେଡ ବେଷ୍ଟ ଡୋମେଷ୍ଟିକ ୱାଟର ପ୍ୟୁରିଫାୟର ଆୱାର୍ଡ ଲାଭ କରିଛି। ଏହାର ଆର୍‌ଓ, ୟୁଭି ଏବଂ ୟୁଏଫ୍ ଟେକ୍ନୋଲୋଜି ଯୁକ୍ତ ପ୍ରଡକ୍ଟ ଲାଗି କମ୍ପାନୀ ୱାଟର ଡାଇଜେଷ୍ଟ ୱାଟର ଆୱାର୍ଡ ଲାଭ କରିଛି। ସ୍ୱଚ୍ଛ ଜଳ ପ୍ରଦାନ ଦିଗରେ ଏଭଳି ଟେକ୍ନୋଲୋଜି ବିଶେଷ ଭାବେ ସହାୟକ ବୋଲି କମ୍ପାନୀ ପ୍ରକାଶ କରିଛି। କମ୍ପାନୀର ପ୍ରଡକ୍ଟଗୁଡ଼ିକୁ ଗ୍ରାହକଙ୍କ ଭରସା ଏବଂ ଭଲ ପାଇବା ମିଳୁଥିବାରୁ ଅତ୍ୟନ୍ତ ଖୁସି ବୋଲି ଏହି ଅବସରରେ କମ୍ପାନୀର ଅଧ୍ୟକ୍ଷ ମହେଶ ଗୁପ୍ତା କହିଛନ୍ତି।

### ଏସ୍‌ବିଆଇ ପକ୍ଷରୁ ୟୋନୋ କ୍ୟାଶ

ଭୁବନେଶ୍ୱର,୧୬-୩
ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ୟୋନୋ କ୍ୟାଶ ସହ କାର୍ଡ ବିହୀନ ଏଟିଏମ୍ ଉଠାଣର ଶୁଭାରମ୍ଭ ହୋଇଛି। ଏସ୍‌ବିଆଇ ପ୍ରଥମ ବ୍ୟାଙ୍କ ଭାବେ ଦେଶରେ ଏଭଳି ସେବା ଆରମ୍ଭ କରିଛି। ୧୬,୫୦୦ ଏଟିଏମ୍ ଜରିଆରେ ଗ୍ରାହକ ଏହି ସେବା ଲାଭ କରିପାରିବେ। କାର୍ଡ ବିହୀନ ସେବା ପ୍ରଦାନ କରୁଥିବା ଏହି ଏଟିଏମ୍‌ଗୁଡ଼ିକୁ ୟୋନୋ କ୍ୟାଶ ପଏଣ୍ଟ କୁହାଯିବ। ଏହା ସ୍କିମି ଏବଂ କ୍ଲୋନିଂ ବିପଦକୁ ଦୂର କରିବା ଦିଗରେ ସହାୟକ ହେବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ୨ ସ୍ତରୀୟ ପ୍ରମାଣନ ବ୍ୟବସ୍ଥା ସହ ଏହି ସେବା ଗ୍ରାହକ ଲାଭ କରିପାରିବେ। ଗ୍ରାହକଙ୍କୁ ଉନ୍ନତ ବ୍ୟାଙ୍କିଙ୍ଗ ଅଭିଜ୍ଞତା ପ୍ରଦାନ ଦିଗରେ ଏହା ସହାୟକ ହେବ ବୋଲି ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର କହିଛନ୍ତି।



"ସରକାରଙ୍କ ବିଭିନ୍ନ ନୀତି ଦେଶର ବାଣିଜ୍ୟିକ ସ୍ଥିତିକୁ କ୍ଷତିଗ୍ରସ୍ତ କରିଛି।"
—ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ



"ଅଂଶୀଦାରଙ୍କ ବିନା କୌଣସି କ୍ଷତି ପହଞ୍ଚାଇ ଭାରତ ବିଶ୍ୱ ବାଣିଜ୍ୟରେ ଯୋଗଦାନ ରଖି ପାରିବ।"
—ସୁରେଶ ପ୍ରଭୁ, ବାଣିଜ୍ୟ ମନ୍ତ୍ରୀ

# ରୋଜଗାର ହରାଉଛନ୍ତି ଟ୍ୟାକ୍ସ କନ୍‌ସଲଟାଣ୍ଟ

- ସରଳ ହେଲାଣି ଜିଏସ୍‌ଟି
- ବ୍ୟବସାୟୀମାନେ ନିଜେ ଜିଏସ୍‌ଟି ପରିଚାଳନା କରୁଛନ୍ତି
- ଟ୍ୟାକ୍ସ କନ୍‌ସଲଟାଣ୍ଟ ଭାବେ ରୋଜଗାର କମିବାରେ ଲାଗିଛି
- ୨୦ ପାର୍ଟନର, ୫୦ ନିର୍ଦ୍ଦେଶକ ଇସ୍ତଫା ଦେଇଛନ୍ତି ଅବା ଦେବାକୁ ଯାଉଛନ୍ତି

ନୂଆଦିଲ୍ଲୀ,୧୬-୩

ଦୁଇବର୍ଷ ପୂର୍ବେ ଦେଶରେ ଜିଏସ୍‌ଟି ଲାଗୁ ହୋଇଥିଲା। ଏହା ଏତେ ଜଟିଳ ଥିଲା ଯେ, ଏକ ସମୟରେ ମନେ ହେଉଥିଲା ବ୍ୟବସାୟୀମାନେ ନିଜର ବ୍ୟବସାୟ ଛାଡ଼ି ଟିକସ କନସଲଟାଣ୍ଟଙ୍କ ନିକଟକୁ ଧାଇଁଲେ। କିନ୍ତୁ କେନ୍ଦ୍ର ସରକାର ଓ ଜିଏସ୍‌ଟି କାଉନସିଲ ସମୟକ୍ରମେ ଏହାକୁ ଅଧିକ ସରଳ କରିବା ପରେ ଟ୍ୟାକ୍ସ କନସଲଟାଣ୍ଟମାନେ ରୋଜଗାର ହରାଇ ଚାଲିଛନ୍ତି।

ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଦେଶର ୪ଟି ବଡ଼ କନସଲଟାନ୍ସି ଫାର୍ମ ଡେଲଏଟ, ପ୍ରାଇସୱାଟରହାଉସକୁପର୍ସ, ଯର୍ନେଷ୍ଟ ଆଣ୍ଡ ୟଙ୍ଗ ଏବଂ କେପିଏମ୍‌ଜିର ବରିଷ୍ଠ ନିର୍ଦ୍ଦେଶକମାନେ ଚାକିରି ହରାଇଛନ୍ତି। କେବଳ ଏହି ୪ଟି ନୁହେଁ ବରଂ ଦେଶର ଛୋଟବଡ଼ କନସଲଟାନ୍ସି ଫାର୍ମର ପାର୍ଟନର ଓ ନିର୍ଦ୍ଦେଶକମାନେ ମୋଟା ଅଙ୍କର ନିଯୁକ୍ତି ହରାଇଛନ୍ତି। ଜିଏସ୍‌ଟି ପ୍ରକ୍ରିୟା ସରଳ ତଥା ସହଜ ହେଉଥିବାରୁ କମ୍ପାନୀଗୁଡ଼ିକ ଆଉ ଟ୍ୟାକ୍ସ କନସଲଟାଣ୍ଟମାନଙ୍କୁ ନିଯୁକ୍ତ କରିବାକୁ ଇଚ୍ଛା କରୁନାହାନ୍ତି। ସେମାନେ ଜିଏସ୍‌ଟି ପଦ୍ଧତିକୁ ନିଜେ ନିଜେ ପରିଚାଳନା କରୁଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଟ୍ୟାକ୍ସ କନସଲଟାଣ୍ଟମାନେ ଆୟ ବଢ଼ାଇବାରେ ବିଫଳ ହେଉଥିବାରୁ ଇତିମଧ୍ୟରେ ୨୦ ଜଣ ପାର୍ଟନର ଓ ୫୦ ଜଣ ନିର୍ଦ୍ଦେଶକ ନିଜ ପଦରୁ ଇସ୍ତଫା ଦେଇଛନ୍ତି ଅଥବା ଦେବାକୁ ଯାଉଛନ୍ତି। ବିଶ୍ୱସ୍ତ ସୂତ୍ର ଅନୁଯାୟୀ, ୨୦୧୮ ମଧ୍ୟରେ ଜିଏସ୍‌ଟି ସଂକ୍ରାନ୍ତୀୟ କନସଲଟାନ୍ସିରୁ ଆୟ ବାର୍ଷିକ ୫୦% ବୃଦ୍ଧି ପାଇଥିଲା। ଏହି କାରଣରୁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥିଲା, ମୋଟା ଅଙ୍କର ଦରମା ମିଳୁଥିଲା ଓ ଶୀଘ୍ର ପଦୋନ୍ନତି ହେଉଥିଲା। କିନ୍ତୁ ଜିଏସ୍‌ଟି ସରଳ ହେବା ପରେ ଏ ସେକ୍ଟରରେ ଆୟ ୧୦%କୁ ଖସି ଆସିଛି। ଆକର୍ଷଣୀୟ ପ୍ୟାକେଜର ଦରମା ଲୋଭରେ ଅନ୍ୟ କ୍ଷେତ୍ରରୁ ଆସିଥିବା ଟ୍ୟାକ୍ସ କନସଲଟାଣ୍ଟମାନେ ଏବେ ଚାକିରି ହରାଇବା ଚିନ୍ତାରେ ବ୍ୟତିବ୍ୟସ୍ତ। ଶୀର୍ଷ ୧୦ କନସଲଟିଂ ଫାର୍ମର ଜିଏସ୍‌ଟି ସଂକ୍ରାନ୍ତୀୟ ରାଜସ୍ୱ ଆୟ ପ୍ରାୟ ୧୦୦୦ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ସେମାନଙ୍କ ମଧ୍ୟରୁ ଶୀର୍ଷ ୬ଟି କମ୍ପାନୀ ୩୫୦୦ ଜଣଙ୍କୁ କନସଲଟାଣ୍ଟ ଭାବେ ନିଯୁକ୍ତ କରିଛନ୍ତି। ସେମାନେ ୧୦୦ ପାର୍ଟନରଙ୍କ ସହ କାର୍ଯ୍ୟ କରି ବାର୍ଷିକ ୮୫୦ କୋଟି ଟଙ୍କା ଆୟ କରିଥାନ୍ତି। ୨୦୧୭ ଜୁଲାଇରେ ଜିଏସ୍‌ଟି ଲାଗୁ ହେବା ପରେ ବିଲ୍ କରିବା ସମୟ ୯୫%ରୁ ହ୍ରାସ ପାଇ ୬୦%ରେ ପହଞ୍ଚିଛି।




# ଏଲ୍‌ଜିର ନୂଆ ଡୁଆଲ କୁଲ୍ ଇନ୍‌ଭର୍ଟର ଏସି



ଭୁବନେଶ୍ୱର,୧୬-୩

ଏଲ୍‌ଜି ପକ୍ଷରୁ ବଜାରକୁ ଆସିଛି ନୂଆ ଡୁଆଲକୁଲ ଇନ୍‌ଭର୍ଟର ଏସି। କମ୍ପାନୀ ୫୪ ଏସି ମଡେଲ ବଜାରକୁ ଆଣିଛି। ବ୍ୟୁରୋ ଏନର୍ଜି ଏଫିସିଏନ୍ସି (ବିଇଇ) ପକ୍ଷରୁ ଏଗୁଡ଼ିକୁ ୫ ଏବଂ ୩ ଷ୍ଟାର ମିଳିଛି। ପରବର୍ତ୍ତୀ ପିଢ଼ିର ସ୍ମାର୍ଟ ଥିଙ୍କ ଟେକ୍ନୋଲୋଜିକୁ ଧ୍ୟାନରେ ରଖି ଏଗୁଡ଼ିକୁ ପ୍ରସ୍ତୁତ କରାଯାଇଛି। ଯେକୌଣସି ସମୟ କିମ୍ବା ସ୍ଥାନରୁ ଏହାକୁ ମୋବାଇଲ ଆପ୍ ଏବଂ ଫୋନ୍ ଦ୍ୱାରା ନିୟନ୍ତ୍ରଣ କରିବାକୁ ଗ୍ରାହକମାନେ ସକ୍ଷମ ହୋଇ ପାରିବେ। କୁଲିଂ ବାଦ୍ ଗ୍ରାହକମାନେ ଏଥିରେ ଫିଲଟର କ୍ଲିନିଂ ନୋଟିଫିକେଶନ, କଣ୍ଟ୍ରୋଲ ମଲ୍ଟିପୁଲ ହୋମ ଆପ୍ଲାଏନ୍ସ, ଓସନ ବ୍ଲାକ ପ୍ରୋଟେକଶନ ଭଳି ସୁବିଧା ପାଇପାରିବେ। ଗ୍ରାହକଙ୍କ ସ୍ୱାସ୍ଥ୍ୟ ଏବଂ ଶକ୍ତି ନିରାପତ୍ତାକୁ ଧ୍ୟାନରେ ରଖି ଏସିଗୁଡ଼ିକୁ ପ୍ରସ୍ତୁତ କରାଯାଇଥିବା ଏଲଜି ଇଲେକଟ୍ରୋନିକ୍ସ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ କିମ୍-କି-ୱାନ୍ ସୂଚନା ଦେଇଛନ୍ତି। ଏହି ପ୍ରଡକ୍ଟଗୁଡ଼ିକର ବଜାର ଦର ୩୧,୯୯୦ ଟଙ୍କାରୁ ଆରମ୍ଭ ହେଉଛି।

- ଜେଲ୍ ଅଥବା ୪୫୩ କୋଟି ପ୍ରଦାନ

# ଅନିଲଙ୍କ ହାତରେ ଆଉ ୩ ଦିନ

ନୂଆଦିଲ୍ଲୀ,୧୬-୩

ଏରିକସନକୁ ବକେୟା ବାବଦରେ ୪୫୩କୋଟିଟଙ୍କା ପ୍ରଦାନ କରିବା ଲାଗି ରିଲାଏନ୍ସ କମ୍ୟୁନିକେଶନ୍ସ(ଆର୍‌କମ୍) ମାଲିକ ଅନିଲ ଅମ୍ବାନୀଙ୍କ ହାତରେ ସମୟ ସରି ଆସୁଛି। ହାତରେ ଆଉ ମାତ୍ର ୩ ଟା ଦିନ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ୧୯ ତାରିଖ ସୁଦ୍ଧା ଏରିକସନକୁ ବକେୟା ଅର୍ଥ ପ୍ରଦାନ କରିବାକୁ ହେବ। ନଚେତ୍ ସେ ଜେଲ୍ ଯିବେ। ଅନ୍ୟପକ୍ଷରେ ଅର୍ଥ ଯୋଗାଡ କରିବା ନେଇ ଅନିଲଙ୍କ ମୁଣ୍ଡବ୍ୟଥା ବଢ଼ିବାରେ ଲାଗିଛି। ତାଙ୍କ ଚାରିପଟେ ନିରାଶା ଏବେ ଛାଇଗଲାଣି। କାରଣ ରାଷ୍ଟ୍ରୀୟ କମ୍ପାନୀ ଆଇନ ଅପିଲୀୟ ନ୍ୟାୟାଧିକରଣ(ଏନ୍‌ସିଏଲ୍‌ଏଟି) ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ)କୁ ୨୫୯.୨୨ କୋଟି ଟଙ୍କାର ଆୟକର ରିଫଣ୍ଡ ଜାରି କରିବାକୁ ନିର୍ଦ୍ଦେଶ ଦେବେ ନାହିଁ ବୋଲି କହିଛନ୍ତି। ଏହା ତାଙ୍କର ଅଧିକାର କ୍ଷେତ୍ର ଭିତରେ ଆସୁନାହିଁ ବୋଲି ଏନ୍‌ସିଏଲ୍‌ଏଟି ନିଜ ରାୟରେ କହିଛନ୍ତି। ଏହି ମାମଲା ଏବେ ସୁପ୍ରିମକୋର୍ଟରେ ଚାଲିଥିବାରୁ ସର୍ବୋଚ୍ଚ ଅଦାଲତ କୌଣସି ନିର୍ଦ୍ଦେଶ ନ ଦେବା ପର୍ଯ୍ୟନ୍ତ ଏହା କୌଣସି ଆଦେଶ ଜାରି କରିପାରିବେ ନାହିଁ ବୋଲି ଏନ୍‌ସିଏଲ୍‌ଏଟି ଅଧ୍ୟକ୍ଷ ଜଷ୍ଟିସ ଏସ.ଜେ.ମୁଖୋପାଧ୍ୟାୟ ଓ ସଦସ୍ୟ(ନ୍ୟାୟିକ) ଜଷ୍ଟିସ ବଂଶୀଲାଲ୍ ଭଟ୍ଟ ଖଣ୍ଡପୀଠ କହିଛନ୍ତି।

# ଭଲ ପ୍ରସ୍ତାବ ଆଣିଲେ ଭାରତ ପାଇଁ ଦ୍ୱାର ଖୋଲା

**ବାଣିଜ୍ୟ ନେଇ ଆମେରିକାର ସ୍ପଷ୍ଟ ବାଣୀ**

ୱାଶିଂଟନ,୧୬-୩

ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ଲାଗି ଭାରତ ଭଲ ପ୍ରସ୍ତାବ ଆଣିଲେ ଏହା ଲାଗି ଦ୍ୱାର ଖୋଲା ରହିଛି ବୋଲି ଆମେରିକା ସରକାର ସ୍ପଷ୍ଟ କରିଛି। ଭାରତ ସହ ଆମେରିକାର ଦ୍ୱିପାକ୍ଷିକ ସମ୍ପର୍କ ସୁଧାରିବାରେ ବାଣିଜ୍ୟ କ୍ଷେତ୍ର ସବୁଠୁ ବଡ଼ ବାଧକ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମନେକରୁଛନ୍ତି। ଏଣୁ ବଜାର ସମ୍ପର୍କିତ ଅସୁବିଧାକୁ ଦୂର କରିବା ଲାଗି ଭାରତ ପକ୍ଷରୁ ଗମ୍ଭୀର ଭାବେ ବିଚାର କରାଯାଇ କୌଣସି ପ୍ରସ୍ତାବ ଆଗତ କରାଗଲେ ଆମେରିକା ଏହାକୁ ସ୍ୱାଗତ କରିବ ବୋଲି ଟ୍ରମ୍ପ ପ୍ରଶାସନ କହିଛନ୍ତି।

ସୂଚନାଥାଉ କି, ଭାରତ ସହ ମତଭେଦ କାରଣରୁ ଟ୍ରମ୍ପ ପ୍ରଶାସନ ଭାରତକୁ ଦିଆଯାଇଥିବା ପ୍ରିଫରେନ୍ସିଆଲ ଦେଶର ମାନ୍ୟତାକୁ ପ୍ରତ୍ୟାହାର କରିନେଇଛନ୍ତି। ଫଳରେ ଭାରତରୁ ଆମେରିକାକୁ ରପ୍ତାନି ହେଉଥିବା ୫୦ ଶୁଳ୍କମୁକ୍ତ ସାମଗ୍ରୀ ଉପରେ ସେଦେଶ ଏବେ ଶୁଳ୍କ ଆଦାୟ କରୁଛି। ଆମେରିକାକୁ ଭାରତ ଅଧିକାଂଶ ଶୁଳ୍କମୁକ୍ତ କୃଷିଜାତ ଓ ହସ୍ତଶିଳ୍ପ ସାମଗ୍ରୀ ରପ୍ତାନି କରିଥାଏ। ଆମେରିକା ବୈଦେଶିକ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଭାରତ ପାଇଁ ଆମେରିକା ଏକ ବଡ଼ ରପ୍ତାନିକାରୀ ଦେଶ। ଭାରତର ଆର୍ଥିକ ପ୍ରଗତିରେ ଆମେରିକା ସହଯୋଗୀ ହୋଇଥିବାରୁ ନିଜକୁ ଗର୍ବିତ ମନେକରୁଛି। ତେବେ ଅନେକ ନିୟାମକୀୟ ବ୍ୟବସ୍ଥା ରହିଥିବା କାରଣରୁ ଆମେରିକାର କମ୍ପାନୀଗୁଡ଼ିକୁ ଭାରତରେ ବ୍ୟବସାୟ କରିବାରେ ଅସୁବିଧା ହେଉଛି। ବାସ୍ତବରେ କହିବାକୁ ଗଲେ ବାଣିଜ୍ୟ ଅସୁବିଧା ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିରେ ବଡ଼ ବାଧକ ହେଉଛି। ତେବେ ଭଲ ବାଣିଜ୍ୟ ପ୍ରସ୍ତାବକୁ ଆମେରିକା ଅପେକ୍ଷା କରିଛି ବୋଲି ସେ କହିଛନ୍ତି। ସୂଚନାଥାଉ କି ଗତ କିଛିଦିନ ହେବ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହୋଇଛି।

# କ୍ଲୁହ୍ୱିଲ ହସ୍ପିଟାଲରେ ଗ୍ୟାଷ୍ଟ୍ରୋ ରୋଗର ଅତ୍ୟାଧୁନିକ ଚିକିତ୍ସା ସୁବିଧା



ଭୁବନେଶ୍ୱର,୧୬-୩

କ୍ଲୁହ୍ୱିଲ ହସ୍ପିଟାଲ ପକ୍ଷରୁ ଅତ୍ୟାଧୁନିକ ତଥା ସୁପର ସ୍ପେଶିଆଲିଟି ଚିକିତ୍ସା ସୁବିଧା ସମ୍ପର୍କରେ ଘୋଷଣା କରାଯାଉଛି। ନେଫ୍ରୋସାଇନ୍ସ, ନ୍ୟୁରୋ ସାଇନ୍ସ, ଅର୍ଥୋପେଡିକ, ଇଏନ୍‌ଟି, ଓନକୋ ସାଇନ୍ସ, ଅତ୍ୟାଧୁନିକ ଲ୍ୟାବ ସୁବିଧା ସହ ଚିକିତ୍ସା ସୁବିଧା ଏଠାରେ ପ୍ରଦାନ କରାଯାଉଛି। ଗ୍ୟାଷ୍ଟ୍ରୋ ପାନକ୍ରିଆଜ ଏବଂ ହେପାଟୋବିଲିଆରୀ ରୋଗର ଚିକିତ୍ସା ଲାଗି ଷ୍ଟେଟ ଅଫ୍ ଫାସିଲିଟି ଶୁଭାରମ୍ଭ ସମ୍ପର୍କରେ ଶନିବାର ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଛି। ସ୍ଥାନୀୟ ମଞ୍ଚେଶ୍ୱରଠାରେ ୩୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ଚଳିତ ବର୍ଷ କାର୍ଯ୍ୟକ୍ଷମ ହୋଇଛି। ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗର ମୁଖ୍ୟ ଭାବେ ଡ. ଆଲୋକ ମନ୍ତ୍ରୀ କାର୍ଯ୍ୟ କରୁଛନ୍ତି। ସେହିଭଳି ବିଶେଷଜ୍ଞ ଟିମ୍‌ରେ ଡ. ସୌମେନ ରାଏ ଏବଂ ଇଣ୍ଟରଭେନଶନ ରେଡିଓଲୋଜିଷ୍ଟ ଭାବେ ଡ. ଦୀପକ ଦାସ ରହିଛନ୍ତି। ହସ୍ପିଟାଲରେ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ସମେତ ଇଣ୍ଟରଭେନଶନ ରେଡିଓଲୋଜି ଏବଂ ଗ୍ୟାଷ୍ଟ୍ରୋ ଏଚ୍‌ପିବି ସର୍ଜରି ଭଳି ବିଭାଗ ରହିଛି। ଗତ ଦୁଇ ମାସରେ ଏଠାରେ ୨୦୦ ଡାଇଗ୍ନୋଷ୍ଟିକ ଏବଂ ଥେରାପିଟିକ୍ ଏଣ୍ଡୋସ୍କୋପିକ କରାଯାଇଛି। ୨୫ରୁ ଊର୍ଦ୍ଧ୍ୱ ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟିନାଲ ସର୍ଜରି, ୫୦ ଇଣ୍ଟରଭେନଶନାଲ ରେଡିଓଲୋଜି ଚିକିତ୍ସା କରାଯାଇଛି। ସମସ୍ତ ପ୍ରକାରର ଗ୍ୟାଷ୍ଟ୍ରୋରୋଗ ଉପରେ ଷ୍ଟେଟ୍ ଅଫ୍ ଆର୍ଟ ଚିକିତ୍ସା ସୁବିଧା ପ୍ରଦାନ କରାଯାଉଥିବା ବିଭାଗୀୟ ମୁଖ୍ୟ ଡ. ଆଲୋକ ମନ୍ତ୍ରୀ କହିଛନ୍ତି। ଡାଇଗ୍ନୋଷ୍ଟିକ ଏଣ୍ଡୋସ୍କୋପି, କୋଲୋନୋସ୍କୋପି, କ୍ୟାପସଲ ଏଣ୍ଡୋସ୍କୋପିସ୍ ଏବଂ ଏଣ୍ଡୋସ୍କୋପି ଅଲଟ୍ରାସାଉଣ୍ଡ ସୁବିଧା ରହିଛି। ରୋଗୀଙ୍କୁ ସୁଲଭ ମୂଲ୍ୟରେ ଗୁଣବତ୍ତା ଚିକିତ୍ସା ସୁବିଧା ପ୍ରଦାନ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ଡା.ମନ୍ତ୍ରୀ କହିଛନ୍ତି।


# କର୍ପୋରେଶନ ବ୍ୟାଙ୍କର ନୂତନ ଆଞ୍ଚଳିକ ମୁଖ୍ୟ



ଭୁବନେଶ୍ୱର,୧୬-୩

କର୍ପୋରେଶନ ବ୍ୟାଙ୍କ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ଭାବେ ସହାୟକ ପ୍ରବନ୍ଧକ ଗୌରାଙ୍ଗ ଚରଣ ବିହାରୀ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟରେ ଉପ-ଆଞ୍ଚଳିକ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ସେ ୧୯୮୫ରେ କର୍ପୋରେଶନ ବ୍ୟାଙ୍କର ମୁମ୍ବାଇ ଫୋର୍ଟ ଶାଖାରେ ଜଣେ ପ୍ରୋବେଶନାରି ଅଧିକାରୀ ଭାବେ ଯୋଗ ଦେଇଥିଲେ। ସେ କଲିକତା, ଲକ୍ଷ୍ନୌ, ଦିଲ୍ଲୀ ଏବଂ ମାଙ୍ଗାଲୋର ସ୍ଥିତ କାର୍ଯ୍ୟାଳୟଗୁଡ଼ିକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିଛନ୍ତି। ନୂଆ ଦାୟିତ୍ୱ ଗ୍ରହଣ ପରେ ସେ କାସା, କୃଷି, ରିଟେଲ, ଏମ୍‌ଏସ୍‌ଏମ୍‌ଇ ସହ ରିକଭରି ଏବଂ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ଦିଗରେ କାର୍ଯ୍ୟ କରିବେ ବୋଲି କହିଛନ୍ତି।

# ଏନ୍‌ଆଇପିଏମ୍ ଉତ୍କଳ ଚାପ୍ଟରର ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୧୬-୩

ଏନ୍‌ଆଇପିଏମ୍,ଉତ୍କଳ ଚାପ୍ଟରର ୪୦ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ନାଲ୍‌କୋ ନଗରଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନାଲ୍‌କୋର ମାନବ ସମ୍ବଳ ନିର୍ଦ୍ଦେଶକ ବି.କେ.ଠାକୁର ଅଧ୍ୟକ୍ଷତା କରିଥିଲେ। ଉଭୟ ରାଷ୍ଟ୍ରାୟତ୍ତ ଏବଂ ଘରୋଇ ଉଦ୍ୟୋଗର ମାନବ ସମ୍ବଳ ବିଶେଷଜ୍ଞମାନେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ମାନବ ସମ୍ବଳର ବିଭିନ୍ନ ଆଭିମୁଖ୍ୟ, ଆହ୍ୱାନ ଏବଂ ସଦ୍ୟ ପ୍ରଚଳିତ ପ୍ରଥା ଉପରେ ଏଠାରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଏନ୍‌ଏଲ୍‌ସିଆଇଏଲ୍‌ର ପୂର୍ବତନ ଅଧ୍ୟକ୍ଷ ଡ.ଶରତ କୁମାର ଆଚାର୍ଯ୍ୟ, ପୂର୍ବତନ ଆଇଏଏସ୍ ଡ.ଅରୁଣ କୁମାର ରଥ, ସେଲ୍‌ର ପୂର୍ବତନ କାର୍ମିକ ନିର୍ଦ୍ଦେଶକ ହିମାଂଶୁ ଶେଖର ପତି, ଏନ୍‌ଆଇପିଏମ୍ ଉତ୍କଳ ଚାପ୍ଟର ସମ୍ପାଦକ ସଞ୍ଜୟ କୁମାର ମିଶ୍ର, ଚାପ୍ଟର ଉପାଧ୍ୟକ୍ଷ ସନ୍ତୋଷ ତ୍ରିପାଠୀ ଏବଂ ପ୍ରୋଗ୍ରାମ କମିଟି ଅଧ୍ୟକ୍ଷ ଶୁଭେନ୍ଦୁ ଦାସ ପ୍ରମୁଖ ଏଠାରେ ଉପସ୍ଥିତ ଥିଲେ।

**ZILLA SWASTHYA SAMITI, GANJAM**
**Advt. No.: 5165** **Dated: 15.03.2019**

**NOTICE**

In pursuance to the advertisement No. 1984 Dtd. 25.01.19. The detail database of the application received for the Post of 1. Medical Officer SNCU, 2. Medical Officer DEIC, 3. Dental Technician, 4. Block Programme Manager, 5. Community Nurse & 6. Clinical Psychologist is hereby web hoisted in the district website **https://ganjam.nic.in**. Candidates may verify his/her name from the database. In case found any wrong entry, they should submit their objection in writing through Speed Post/Regd. Post only by **28.03.2019 upto 05.00 P.M.** The objection of candidates after the above scheduled date will not be accepted. Additional documents (not attached earlier with the application form) will not be accepted after disposed off the objections further selection will be made, in this regard necessary notice will be published in the **https://ganjam.nic.in**. The applicants are to keep in touch with the above website frequently to know the update status.
**Sd./- CDM & PHO, Ganjam**

**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, KHURDA**
**GOVERNMENT OF ODISHA**
**E-mail: eemidkhurda@yahoo.co.in**
**2nd Corrigendum to Bid ID No.EE, MID, KHD 27/2018-19 and 1st Corrigendum to Bid ID No. EE,MID,KHD 28/2018-19**
**No.1400-A:** The date of transparent lottery for the above notice schedule to be held on 20.03.2019 and 23.03.2019 respectively are hereby postponed due to declaration of Model Code of Conduct.
All other terms and conditions remain unchanged.
**Executive Engineer**
**M.I.Division, Khurda**
32042/11/0025/1819

**THE ODISHA STATE COOPERATIVE BANK LTD.**
Pandit Jawaharlal Nehru Marg, Bhubaneswar - 751001
**Ref. No. OSCB/HRDD/8663/2018-19** **Date : 13.03.2019**

**CORRIGENDUM**

No. 40-LL: Extension of last date for submission of quotation for supply and installation of 16 nos. of 18 AH/ 12 Volt SMF Battery at Sambalpur Branch.
With reference to the Quotation Call Notice No. OSCB/8143/2018-19 dtd. 16.02.19 issued by Odisha State Cooperative Bank Ltd. All prespective bidders are hereby informed that the Bank has extended the last date of bid submission for the above said work as follows.
Last date and time for submission : 25.03.2019 upto 2.00 PM
Quotation opening time : 4.00 PM of 25.03.2019
All other terms and conditions as mentioned in the quotation call notice shall remain unchanged. The quotation details can be downloaded from the official website www.odishascb.com from 13.03.2019 to 25.03.2019.
**Sd./- Managing Director**
39012/11/0023/1819 **Odisha State Cooperative Bank Ltd.**

**CORRIGENDUM**
**No. 2221/ Dt. 16.03.2019**
Due to imposition of model code of conduct for General Election 2019, the date of opening of the tenders published vide tender reference No. EO/AGLM-12/2018-19, EO/AGLM-13/2018-19, EO/AGLM-14/2018-19 and letter No. 2011/dt. 07.03.2019 is postponed upto dt. 24.05.2019 and will be opened on dt. 25.05.2019 at 11.00 A.M.
**Sd./- S. K. Jena**
**Executive Officer, Angul Municipality**



**ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରନ୍ତୁ,**
**ଜଙ୍ଗଲ ଆମର ଅମୂଲ୍ୟ ସମ୍ପଦ।**
**ଜଙ୍ଗଲ ନଷ୍ଟ ହେଲେ – ପରିବେଶ ଧ୍ୱଂସ ହେବ।**
**ବର୍ଷା ହେବ ନାହିଁ – ବର୍ଷତମାମ ପ୍ରବଳ ଗରମ**
**ଯନ୍ତ୍ରଣାରୁ ମୁକ୍ତି ନାହିଁ – ମରୁଡ଼ି, ଭୟଙ୍କର ମରୁଡ଼ି।**



ଉତ୍କଟ ଖାଦ୍ୟାଭାବ ଦେଖାଦେବ। ଜୀବଜଗତ ଓ ମାନବସମାଜ ପାଇଁ ବିପଦ ମାଡ଼ିଆସି ସମାଜ ଅଧୋଗତିର କାରଣ ହେବ। ତେଣୁ, ଆମେ ସମସ୍ତେ ବଜ୍ର ଶପଥ ନେବା– ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ଓ ଏକ ସୁସ୍ଥ ପରିବେଶ ଏବଂ ସୁସ୍ଥ ମାନବ ସମାଜ ଗଠନ କରିବା। ଜଙ୍ଗଲକୁ ନିଆଁ ଲଗାଇ କ୍ଷତି ସାଧନ କରୁଥିବା ଦୁର୍ବୃତ୍ତ ବିରୋଧରେ କଠିନ ପଦକ୍ଷେପ ନେଇ ଜଙ୍ଗଲରେ ନିଆଁ ଦେଖିବାମାତ୍ରେ ଭଞ୍ଜନଗରସ୍ଥିତ ଉତ୍ତର ଘୁମୁସର ବନଖଣ୍ଡ କାର୍ଯ୍ୟାଳୟ ହେଲ୍‌ପ ଲାଇନ୍ ନଂ. ୦୬୮୨୧–୨୪୧୦୦୮ ଓ ୨୪୦୧୬୪ରେ ଜଣାଇବା ଜରୁରୀ ମନେହୋଇଛି। ଏହା କାର୍ଯ୍ୟାଳୟ ତରଫରୁ ଅନୁରୋଧ କରାଯାଇଛି। ଏହି ଦିଗରେ ସମସ୍ତ ବନ ସଂରକ୍ଷଣ ସମିତି, ଜଙ୍ଗଲ ଅଞ୍ଚଳ ଗ୍ରାମବାସୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ବ୍ୟକ୍ତିବିଶେଷଙ୍କୁ ସହାୟତା ପାଇଁ ଅନୁରୋଧ କରାଯାଇଛି।

**SAVE FOREST - SAVE LIFE**

ସ୍ୱା./– ବନଖଣ୍ଡ ଅଧିକାରୀ
ଉତ୍ତର ଘୁମୁସର ବନଖଣ୍ଡ, ଭଞ୍ଜନଗର

**GOVERNMENT OF ODISHA**
**SUPERINTENDING ENGINEER**
**PHULBANI (R&B) CIRCLE, PHULBANI**
**No.1398-B::-** **E-mail: sernbphulbani@gmail.com**
**1ST Corrigendum to Tender Call Notice Vide Bid Identification No.SE-(R&B)-PLB-13/2018-19**
**No. 245** **Dated: 15.03.2019**
The following changes are made in respect of the Bid Identification No.SE-(R&B)-PLB-13/2018-19.
1) Date and Time of sale and receipt of Bids: From 10.00 AM of Dtd. 26.03.2019 to 5.00 PM of dtd. 10.04.2019.
2) Last Date for Submission of Bid: 5.00 PM of dtd. 10.04.2019.
3) Date of Opening of the Bid: 11.00 AM of 11.04.2019.
The other terms & conditions stipulated in the Original tender call notice for all other works remain unchanged.
**Sd./- Superintending Engineer,**
34129/11/0027/1819 **Phulbani (R&B) Circle, Phulbani**

**DIRECTORATE OF SECONDARY EDUCATION, ODISHA, BHUBANESWAR**
**No. 4A-02-2019-II- 12419** **/Dt. 16.03.19**

**NOTICE**

**No.90-N:-** Pursuant to interim orders passed by the Hon'ble Odisha Administrative Tribunal, Cuttack in OA.No.590(C)/2019, OA.No.622(C)/2019, OA.No.623(C)/2019 and OA No. 669(c)2019 the applicants in the aforesaid cases and other similarly placed candidates who have attained 21 years of age as on 01.01.2019 can provisionally apply through online/offline mode for the Post of contractual TG Teachers (PCM, CBZ, Arts) in response to the advertisement 4A-02-2019-9383, Dt. 23.02.2019 published in the website https://dseodisha.in.
For further details visit website https://dseodisha.in.
11024/11/0013/1819 **Sd./- Director**



"ମୋ ମତରେ ଜଣେ ପେସ୍ ବୋଲର ଯଦି ରେଡ୍ ବଲ୍‌ରେ ଭଲ ବୋଲିଂ କରିପାରୁଛି, ତେବେ କ୍ରିକେଟର ସମସ୍ତ ଫର୍ମାଟରେ ପ୍ରଭାବୀ ବୋଲିଂ କରିପାରିବ ।"
—ଈଶାନ୍ତ ଶର୍ମା, ଭାରତୀୟ ପେସ୍ ବୋଲର



"ଏଫ୍‌ସି ଗୋଆ ବିପକ୍ଷ ଇଣ୍ଡିଆନ ସୁପର ଲିଗ୍ ଫାଇନାଲରେ ଆମେ ଫେଭରାଇଟ୍ ନୋହୁଁ କାରଣ ଏଥର ପ୍ରତିଯୋଗିତାରେ ଉଭୟ ଦଳର ରେକର୍ଡ ସମାନ ରହିଛି ।"
—କାର୍ଲସ କୁଆଡାର୍ଟ, ବେଙ୍ଗାଲୁରୁ ଏଫ୍‌ସି ମୁଖ୍ୟ କୋଚ୍

## ସଂକ୍ଷେପରେ

### ସୁଲତାନ ଆଜଲାନ ଶାହ କପ୍‌ରେ ନିଶାନଙ୍କୁ ଦାୟିତ୍ୱ



**ଭୁବନେଶ୍ୱର, ୧୬।୩(ସ୍ପୋର୍ଟ୍ସ ବ୍ୟୁରୋ):** ସୁଲତାନ ଆଜଲାନ ଶାହ କପ୍ ହକି ପ୍ରତିଯୋଗିତାର ୨୮ତମ ସଂସ୍କରଣ ମାଲେସିଆର ଇପୋଠାରେ ମାର୍ଚ୍ଚ ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ମ୍ୟାଚ୍ ପରିଚାଳନା ପାଇଁ ଟେକ୍‌ନିକାଲ ଅଫିସିଆଲ ଭାବେ ଓଡ଼ିଶାର ନିଶାନ ଜ୍ୟୋତି ମହାନ୍ତି ନିଯୁକ୍ତ ହୋଇଛନ୍ତି। ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍ଆଇଏଚ୍) ପକ୍ଷରୁ ନିଶାନ୍‌ଙ୍କୁ ଏହି ନିଯୁକ୍ତି ପ୍ରଦାନ କରାଯାଇଛି। ନିଶାନ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ଇଷ୍ଟକୋଷ୍ଟ ରେଲ୍‌ୱେରେ କାର୍ଯ୍ୟରତ ରହିଛନ୍ତି। 'ପ୍ରଥମଥର ପାଇଁ ଭାରତ ବାହାରେ ଅନୁଷ୍ଠିତ ଏହିଭଳି ଏକ ସମ୍ମାନଜନକ ପ୍ରତିଯୋଗିତାରେ ଟେକ୍‌ନିକାଲ ଅଫିସିଆଲ ଭାବେ ମ୍ୟାଚ୍ ପରିଚାଳନା ପାଇଁ ସୁଯୋଗ ପାଇଛି ବୋଲି ନିଶାନ କହିଛନ୍ତି। ହକି ଓଡ଼ିଶାର ସମ୍ପାଦକ ପ୍ରତାପ ଶତପଥୀ ନିଶାନଙ୍କୁ ଏହି ଅବସରରେ ଅଭିନନ୍ଦନ ଜଣାଇଛନ୍ତି।

### ଅଲିମ୍ପିକ୍ସ ଚାମ୍ପିୟନଙ୍କୁ ହରାଇଲେ ପ୍ରଣୀଥ

**ବାସେଲ, ୧୬।୩(ପି.ଟି.):** ଏଠାରେ ଚାଲିଥିବା ସୁଇସ୍ ଓପନ୍ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଭାରତୀୟ ତାରକା ସଟଲର ବି ସାଇ ପ୍ରଣୀଥ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ସେମିଫାଇନାଲରେ ସେ ଏବେକାର ରିଓ ଅଲିମ୍ପିକ୍ସ ଚାମ୍ପିୟନ ଚେନ ଲଙ୍ଗଙ୍କୁ ହରାଇ ବିପର୍ଯ୍ୟୟ ଘଟାଇବା ସହ ଫାଇନାଲକୁ ଉଠିଛନ୍ତି। ବିଶ୍ୱର ୨୨ ନମ୍ବର ଖେଳଳି ପ୍ରଣୀଥ ବିଶ୍ୱର ପୂର୍ବତନ ୧ ନମ୍ବର ଖେଳାଳି ଚାଇନାର ଲଙ୍ଗଙ୍କୁ ୨୧- ୧୮,ଲ ୨୧-୧୩ରେ ମାତ୍ର ୪୬ ମିନିଟରେ ହରାଇଛନ୍ତି। ପ୍ରଥମ ଗେମ୍‌ରେ ପ୍ରଣୀଥଙ୍କୁ ସଂଘର୍ଷ କରିବାକୁ ପଡିଥିଲା। ତେବେ ଦ୍ୱିତୀୟ ଗେମ୍‌ରେ ସେ ସମ୍ପୂର୍ଣ୍ଣ ରୂପେ ପ୍ରଭାବ ବିସ୍ତାର କରି ଖେଳିଥିଲେ। ୩ ଥରର ପ୍ରୟାସ ପରେ ପ୍ରଣୀଥ ପ୍ରଥମଥର ପାଇଁ ଲଙ୍ଗଙ୍କୁ ହରାଇଛନ୍ତି। ପୂର୍ବରୁ ସେ ଲଙ୍ଗ୍‌ଠାରୁ ଚଳିତ ବର୍ଷ ଇଣ୍ଡୋନେସିଆ ମାଷ୍ଟର୍ସ ଓ ଗତବର୍ଷ ଏପ୍ରିଲରେ ଖେଳାଯାଇଥିବା ଏସିଆନ୍ ଚାମ୍ପିୟନଶିପ୍‌ରେ ପରାସ୍ତ ହୋଇଥିଲେ। ପ୍ରଣୀଥ୍ ଏବେ ଫାଇନାଲରେ ଟପ୍ ଚାଇନାର ଶି ୟୁକିଙ୍କୁ ଭେଟିବେ। ପୂର୍ବରୁ ଶେଷଥର ପାଇଁ ପ୍ରଣୀଥ ୨୦୧୭ରେ ଥାଇଲାଣ୍ଡ ଓପନ୍‌ରେ ଟାଇଟଲ ହାସଲ କରିଥିଲେ। ପି. କାଶ୍ୟପ, ଅଜୟ ଜୟରାମ, ସମୀର ବର୍ମା ଓ ଶୁଭଙ୍କର ଦେ ଏହି ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସରେ ଅଂଶଗ୍ରହଣ କରିଥିଲେ ମଧ ଦ୍ୱିତୀୟ ରାଉଣ୍ଡ ପାର କରିପାରି ନ ଥିଲେ।

### ଦକ୍ଷିଣ ଆଫ୍ରିକାର କ୍ଲିନ୍ ସୁଇପ୍

**କେପ୍ ଟାଉନ, ୧୬।୩(ଏଏଫପି):** ଶ୍ରୀଲଙ୍କା ବିପକ୍ଷ ପଞ୍ଚମ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ଘରୋଇ ଦକ୍ଷିଣ ଆଫ୍ରିକା ଡକ୍‌ୱର୍ଥ/ ଲୁଇସ୍ ନିୟମରେ ୪୧ ରନରେ ବିଜୟୀ ହୋଇଛି। ଫଳରେ ୫ ମ୍ୟାଚ ବିଶିଷ୍ଟ ଏହି ସିରିଜକୁ ୫-୦ରେ ଜିତିନେଇ ଦକ୍ଷିଣ ଆଫ୍ରିକା କ୍ଲିନ୍ ସୁଇପ୍ କରିଛି। ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ୪୯.୩ ଓଭରରେ ୨୨୫ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ବ୍ୟାଟିଂ କରୁଥିବା ବେଳେ ଫ୍ଲଡ ଲାଇଟ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିଲା। ତେବେ ସେତେବେଳକୁ ଦକ୍ଷିଣ ଆଫ୍ରିକା ୨୮ ଓଭରରେ ୨ ଉଇକେଟ ହରାଇ ୧୩୫ ରନ ସଂଗ୍ରହ କରି ନେଇଥିଲା। ଆଉ ଖେଳ ସମ୍ଭବ ନ ହେବାରୁ ଫଳାଫଳ ପାଇଁ ଡକ୍‌ୱର୍ଥ/ଲୁଇସ୍ ନିୟମର ସହାୟତା ନିଆଯାଇଥିଲା। ୬୭ ରନର ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ଦକ୍ଷିଣ ଆଫ୍ରିକା ଓପନର ଏଡେନ ମାରକ୍ରାମ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଓ କ୍ୱିଣ୍ଟନ ଡି କକ ପ୍ଲେୟାର ଅଫ ଦି ସିରିଜ ବିବେଚିତ ହୋଇଥିଲେ।

## ■ ଇଣ୍ଡିଆନ ସୁପର ଲିଗ୍ ଫାଇନାଲ ଆଜି

# ବେଙ୍ଗାଲୁରୁ ଫେଭରାଇଟ

**ମୁମ୍ବାଇ, ୧୬।୩ (ପି.ଟି.)**

ସ୍ଥାନୀୟ ମୁମ୍ବାଇ ଫୁଟବଲ ଏରିନାରେ ରବିବାର ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ)ର ଫାଇନାଲ ମ୍ୟାଚ୍ ଖେଳାଯିବ। ଟାଇଟଲ ପାଇଁ ବେଙ୍ଗାଲୁରୁ ଏଫ୍‌ସି ଓ ଏଫ୍‌ସି ଗୋଆ ମୁକାବିଲାରେ ଅବତୀର୍ଣ୍ଣ ହେବେ। କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ବେଙ୍ଗାଲୁରୁ ଫାଇନାଲରେ ପ୍ରବେଶ କରିବାରେ ସଫଳ ହୋଇଛି। ପ୍ଲେ- ଅଫ୍‌ରେ ଦ୍ୱିତୀୟ ଲେଗ୍‌ରେ ବେଙ୍ଗାଲୁରୁ ୩-୦ ଗୋଲରେ ନର୍ଥ ଇଷ୍ଟ ୟୁନାଇଟେଡ ଏଫସିକୁ ହରାଇ ଏହି ସଫଳତା ପାଇଛି। ଅବଶ୍ୟ ପ୍ରଥମ ଲେଗ୍‌ରେ ବେଙ୍ଗାଲୁରୁ ୨-୧ରେ ପରାସ୍ତ ହୋଇଥିଲା। ଅପରପକ୍ଷରେ ଗୋଆ ଦ୍ୱିତୀୟ ଲେଗ୍ ସେମିଫାଇନାଲରେ ମୁମ୍ବାଇ ସିଟି ଏଫ୍‌ସିଠାରୁ ୧-୦ ଗୋଲରେ ପରାସ୍ତ ହୋଇଥିଲେ ମଧ ପୂର୍ବରୁ ପ୍ରଥମ ଲେଗ୍‌ରେ ୫-୧ରେ ବିଜୟୀ ହୋଇଥିଲା। ଫଳରେ ଅପେକ୍ଷାକୃତ ଉନ୍ନତ ଏଗ୍ରିଗେଟ୍‌ରେ ଗୋଆ ଫାଇନାଲ ଟିକେଟ ହାସଲ କରିଥିଲା।

୨୦୧୫ ସଂସ୍କରଣରେ ଗୋଆ ରନର୍ସଅପ୍ ହୋଇଥିଲା। ଅନ୍ୟପଟେ ବେଙ୍ଗାଲୁରୁ ଗତ ସେସନରେ ଦ୍ୱିତୀୟ ଶ୍ରେଷ୍ଠ ଦଳ ସାବ୍ୟସ୍ତ ହୋଇଥିଲା। ଉଭୟ ଦଳ ଫାଇନାଲ ମୁକାବିଲାରେ ଚେନ୍ନାଇନ୍ ଏଫ୍‌ସିଠାରୁ ପରାସ୍ତ ହୋଇଥିଲେ। ରେକର୍ଡ ଦୃଷ୍ଟିକୋଣରୁ ବିଚାର କଲେ ବେଙ୍ଗାଲୁରୁ ଗୋଆଠାରୁ ଦୁଇପାଦ ଆଗରେ ରହିଛି। ଏପର୍ଯ୍ୟନ୍ତ ଦୁଇଟି ଦଳ ପରସ୍ପରକୁ ୪ଥର ଭେଟିଛନ୍ତି। ଏଥିରେ ବେଙ୍ଗାଲୁରୁ ୩ଥର ବିଜୟୀ ହୋଇଥିବା ବେଳେ ଗୋଆ ଗତ ସେସନ୍‌ରେ ଥରେ ମାତ୍ର ବିଜୟୀ। ତେବେ ଗୋଆ ଏଥର ପୂରା ଫର୍ମରେ ରହିଛି। ୩୬ ବର୍ଷୀୟ ସ୍ପେନ୍ ତାରକା ଷ୍ଟ୍ରାଇକର ଫେରାନ କୋରୋମିନାସଙ୍କ ପ୍ରଦର୍ଶନ ଉପରେ ଗୋଆ ବେଶ୍ ନିର୍ଭର କରୁଛି। ଚଳିତ ସେସନରେ ସେ ୧୬ଟି ଗୋଲ ସ୍କୋରକରି ସମସ୍ତଙ୍କ ଆଗରେ ରହିଛନ୍ତି। ଟୁର୍ନାମେଣ୍ଟ ଆଗକୁ ବଢିବା ସଙ୍ଗେସଙ୍ଗେ କୋରୋମିନାସ କ୍ରମାଗତ ଭାବେ ଉନ୍ନତ ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି। କ୍ରମାଗତ ଦ୍ୱିତୀୟଥର ପାଇଁ ସେ ଗୋଲ୍ଡେନ୍ ବୁଟ୍ ପୁରସ୍କାର ହାସଲ ଲକ୍ଷ୍ୟରେ ରହିଛନ୍ତି। ରବିବାର ଭଲ ଖେଳି ଗୋଆକୁ ଜିତାଇଲେ ତାଙ୍କର ଏହି ଆଶା ପୂରଣ ହୋଇପାରିବ ବୋଲି ମନେହୁଏ।

ଅପରପକ୍ଷରେ ବେଙ୍ଗାଲୁରୁର ଭାରତୀୟ ଖେଳାଳିମାନେ ଜବରଦସ୍ତ ଫର୍ମରେ ରହିଛନ୍ତି। ତେବେ ଗୋଆ ବିଦେଶୀ ଖେଳାଳିଙ୍କ ପ୍ରଦର୍ଶନ ଉପରେ ଅଧିକ ନିର୍ଭର କରିବ। କୋରୋମିନାସ ଓ ଅହମ୍ମଦ ଜାହୋଉ ଓ ବେଡିଆ ଭଲ ନ ଖେଳିଲେ ଗୋଆ ଫେଲ୍ ମାରିବ। ତେବେ ବେଙ୍ଗାଲୁରୁ ମିକୁ ଓ ଅଭିଜ୍ଞ ସୁନୀଲ ଛେତ୍ରୀଙ୍କ ପ୍ରଦର୍ଶନ ଉପରେ ଅଧିକ ନିର୍ଭର କରିବ। ଛେତ୍ରୀ ଏପର୍ଯ୍ୟନ୍ତ ଲିଗ୍‌ରେ ୯ଟି ଗୋଲ କରିସାରିଛନ୍ତି। ବେଙ୍ଗାଲୁରୁ କୋଚ୍ କାର୍ଲେସ କୁଆଡ୍ରାଟ ଛେତ୍ରୀ ଓ ୫ଟି ଗୋଲ ଦେଇଥିବା ମିକୁଙ୍କ ଉପରେ ଅଧିକ ଭରସା କରିଛନ୍ତି।



ଅଭ୍ୟାସ ସେସନ ଅବସରରେ ବେଙ୍ଗାଲୁରୁ ଏଫ୍‌ସିର ଖେଳାଳିମାନେ।

## ଦିଲ୍ଲୀ, ଚେନ୍ନାଇନ୍‌କୁ ୱାକ୍‌ଓଭର

**ଭୁବନେଶ୍ୱର,୧୬।୩ (ସ୍ପୋର୍ଟ୍ସ ବ୍ୟୁରୋ)**

**ସୁପର କପ୍ ଫୁଟବଲ**

**କେରଳ, ଆଇଜଲ ଖେଳିଲେନି**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସଂସ୍କରଣର ରାଉଣ୍ଡ ଅଫ୍ ୧୬ ପର୍ଯ୍ୟାୟ ବା ପ୍ରି-କ୍ୱାର୍ଟର ଫାଇନାଲ ସ୍ପଷ୍ଟ ହୋଇଛି। ଶନିବାର ଖେଳାଯିବାକୁ ଥିବା ପ୍ରଥମ କ୍ୱାଲିଫାୟର ମ୍ୟାଚ୍‌ରେ ଗୋକୁଲମ କେରଳ ଓ ଦିଲ୍ଲୀ ଡାଇନାମୋସ ଓ ଦ୍ୱିତୀୟ କ୍ୱାଲିଫାୟରରେ ଚେନ୍ନାଇନ୍ ଏଫ୍‌ସି ଓ ଆଇଜଲ ଏଫ୍‌ସି ପରସ୍ପରକୁ ଭେଟିବାର କାର୍ଯ୍ୟକ୍ରମ ଥିଲା। ତେବେ ଆଇ-ଲିଗ୍ ଦଳ କେରଳ ଓ ଆଇଜଲ ଅନୁପସ୍ଥିତ ରହିଥିଲେ। ଫଳରେ ଚେନ୍ନାଇନ ଓ ଦିଲ୍ଲୀ ୱାକ୍ ଓଭର ପାଇ ସିଧାସଳଖ ପ୍ରି- କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଏବେ ଚେନ୍ନାଇନ ୨୯ ତାରିଖରେ ମୁମ୍ବାଇ ସିଟିକୁ ଓ ଦିଲ୍ଲୀ ୩୦ ତାରିଖରେ ଇଷ୍ଟ ବେଙ୍ଗଲକୁ ଭେଟିବା ସ୍ପଷ୍ଟ ହୋଇଛି। ଶୁକ୍ରବାର ମଧ ମିନର୍ଭା ପଞ୍ଜାବ ଅନୁପସ୍ଥିତ ରହିବାରୁ ପୁଣେ ସିଟି ୱାକ୍ ଓଭର ପାଇ ପ୍ରି-କ୍ୱାର୍ଟରକୁ ଉଠିଥିଲା। ପୁଣେ ୩୧ ତାରିଖରେ ଚେନ୍ନାଇ ସିଟିକୁ ଭେଟିବ।

ଏଆଇଏଫ୍ଏଫ୍‌ର ଅବହେଳା ତଥା ବୈମାତୃକ ମନୋଭାବକୁ ବିରୋଧ କରି ଆଇ- ଲିଗ୍‌ର ମିନର୍ଭା, ଚେନ୍ନାଇ ସିଟି, ଇଷ୍ଟ ବେଙ୍ଗଲ, ମୋହନ ବାଗାନ, ନେରୋକା, ଆଇଜଲ, ଗୋକୁଲମ କେରଳ ସମେତ ୮ ଦଳ ସୁପର କପ୍‌ରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିଲେ।

### ପ୍ରି-କ୍ୱାର୍ଟର ଫାଇନାଲ

**ମାର୍ଚ୍ଚ ୨୯:** ଚେନ୍ନାଇନ୍ ବନାମ ମୁମ୍ବାଇ ସିଟି, ସମୟ: ରାତି ୮ଟା ୩୦
**ମାର୍ଚ୍ଚ ୩୦:** ଇଣ୍ଡିଆନ ଆରୋଜ ବନାମ ଏଫସି ଗୋଆ, ସମୟ: ଅପରାହ୍ନ ୫ଟା
**ମାର୍ଚ୍ଚ ୩୦:** ଦିଲ୍ଲୀ ଡାଇନାମୋସ୍ ବନାମ ଇଷ୍ଟବେଙ୍ଗଲ, ସମୟ: ରାତି ୮ଟା ୩୦
**ମାର୍ଚ୍ଚ ୩୧:** ମୋହନ ବାଗାନ ବନାମ ବେଙ୍ଗାଲୁରୁ ଏଫସି, ସମୟ: ଅପରାହ୍ନ ୫ଟା
**ମାର୍ଚ୍ଚ ୩୧:** ପୁଣେ ସିଟି ବନାମ ଚେନ୍ନାଇ ସିଟି, ସମୟ: ରାତି ୮ଟା ୩୦
**ଏପ୍ରିଲ ୧:** ଏଟିକେ ବନାମ ରିୟଲ କଶ୍ମୀର, ସମୟ: ରାତି ୮ଟା ୩୦
**ଏପ୍ରିଲ ୨:** ଜାମସେଦପୁର ଏଫସି ବନାମ ଚର୍ଚ୍ଚିଲ ବ୍ରଦର୍ସ, ସମୟ: ରାତି ୮ଟା ୩୦
**ଏପ୍ରିଲ ୩:** ନେରୋକା ଏଫସି ବନାମ ନର୍ଥ ଇଷ୍ଟ ୟୁନାଇଟେଡ, ସମୟ: ରାତି ୮ଟା ୩୦

(ସୁପର କପ୍ କ୍ୱାର୍ଟର ଫାଇନାଲ ଏପ୍ରିଲ ୪ରୁ ୭, ସେମିଫାଇନାଲ ୯ ଓ ୧୦ ଏବଂ ଫାଇନାଲ ଏପ୍ରିଲ ୧୩ରେ ଅନୁଷ୍ଠିତ ହେବ। ସମସ୍ତ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ)।



ପଦ୍ମଶ୍ରୀ ପୁରସ୍କାର ଗ୍ରହଣ ପରେ ସ୍ତ୍ରୀ ନାତାସାଙ୍କ ସହ ଗୌତମ ଗମ୍ଭୀର।

## ଗମ୍ଭୀରଙ୍କ ସମେତ ୫ କ୍ରୀଡ଼ାବିତ୍‌ଙ୍କୁ ପଦ୍ମଶ୍ରୀ

**ନୂଆଦିଲ୍ଲୀ, ୧୬।୩:** ପୂର୍ବତନ ଭାରତୀୟ କ୍ରିକେଟର ଗୌତମ ଗମ୍ଭୀର ଓ ୪ ଜଣ ଅନ୍ୟ କ୍ରୀଡ଼ାବିତ ଶନିବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ପଦ୍ମଶ୍ରୀ ସମ୍ମାନ ଗ୍ରହଣ କରିଛନ୍ତି। ଏହି ତାଲିକାରେ ଫୁଟ୍‌ବଲର ସୁନୀଲ ଛେତ୍ରୀ, ତୀରନ୍ଦାଜ ଦେବୀ ଲାଇଶ୍ରମ ଓ ବାସ୍କେଟବଲ ଖେଳାଳି ପ୍ରଶାନ୍ତି ସିଂ ରହିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏମାନଙ୍କୁ ଦେଶରେ ୪ର୍ଥ ସର୍ବୋଚ୍ଚ ବେସାମରିକ ପଦ୍ମ ପୁରସ୍କାରରେ ସମ୍ମାନିତ କରାଯାଇଛି। ମାଉଣ୍ଟ ଏଭରେଷ୍ଟ ଆରୋହଣ କରିଥିବା ପ୍ରଥମ ଭାରତୀୟ ମହିଳା ବଚେନ୍ଦ୍ରୀ ପାଲଙ୍କୁ ପଦ୍ମ ଭୂଷଣରେ ସମ୍ମାନିତ କରାଯାଇଛି।

## ସୋମବାର ପ୍ରକାଶ ପାଇପାରେ ସମ୍ପୂର୍ଣ୍ଣ ଆଇପିଏଲ କାର୍ଯ୍ୟସୂଚୀ

**ନୂଆଦିଲ୍ଲୀ, ୧୬।୩:** ଆଇପିଏଲର ୧୨ତମ ସଂସ୍କରଣ ଆସନ୍ତା ୨୩ ତାରିଖଠାରୁ ଚେନ୍ନାଇଠାରେ ଆରମ୍ଭ ହେବାକୁ ଯାଉଛି। ଏପର୍ଯ୍ୟନ୍ତ ବିସିସିଆଇ ପକ୍ଷରୁ କେବଳ ୧୭ ମ୍ୟାଚ୍‌ର କାର୍ଯ୍ୟସୂଚୀ ପ୍ରକାଶ କରାଯାଇଛି। ଲିଗ୍‌ର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ସୋମବାର ମୁମ୍ବାଇଠାରେ ପ୍ରଶାସକ କମିଟି (ସିଓଏ) ବୈଠକ ପରେ ପ୍ରକାଶ ପାଇପାରେ। ଆସନ୍ତା ୧୮ ତାରିଖରେ ଆଇପିଏଲର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଘୋଷଣା କରାଯିବା ନେଇ ଆଶା କରାଯାଉଥିବା ଜଣେ ବିସିସିଆଇର ଜଣେ କର୍ମକର୍ତ୍ତା କହିଛନ୍ତି। ସାଧାରଣ ନିର୍ବାଚନ ଲାଗି ତାରିଖ ଘୋଷଣା ହେବା ପରେ ଆଇପିଏଲ ସିଓଓ ଓ ତାଙ୍କ ଦଳ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ଲାଗି ଓଭର ଟାଇମ କରୁଛନ୍ତି। ସାଧାରଣ ନିର୍ବାଚନ ସତ୍ତ୍ୱେ ଭାରତରେ ଆଇପିଏଲ ଆୟୋଜନ ସମ୍ଭବ ହୋଇପାରିଥିବାରୁ ସମ୍ପୂର୍ଣ୍ଣ ଶ୍ରେୟ ସେମାନଙ୍କୁ ଦିଆଯିବା ଦରକାର। ପ୍ରଥମ ପର୍ଯ୍ୟାୟର କାର୍ଯ୍ୟସୂଚୀ ଅନୁଯାୟୀ ଏପ୍ରିଲ ୫ ମଧ୍ୟରେ ସମସ୍ତ ଦଳ ୪ଟି ଲେଖାଏ ମ୍ୟାଚ୍ ଖେଳିବେ। ନାମ ପରିବର୍ତ୍ତନ କରିଥିବା ଦିଲ୍ଲୀ କ୍ୟାପିଟାଲ୍ସ ଓ ଆରସିବି ସର୍ବାଧିକ ୫ ମ୍ୟାଚ୍ ଖେଳିବେ।

## ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂ

**ଭୁବନେଶ୍ୱର, ୧୬।୩(ସ୍ପୋର୍ଟ୍ସ ବ୍ୟୁରୋ)**

**ରାମେଶ୍ୱର କପ୍ ଜୁନିୟର କ୍ରିକେଟ**

ବି.ଏମ୍. ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ୩ୟ ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଶନିବାର ଖେଳାଯାଇଛି। ଏଥିରେ ଆୟୋଜକ ରାମେଶ୍ୱର ସ୍ପୋର୍ଟିଂ ୮୫ ରନରେ ଗ୍ରୀନ୍ସ କ୍ରିକେଟ ଏକାଡେମୀକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାମେଶ୍ୱର ସ୍ପୋର୍ଟିଂ ୩୯.୨ ଓଭରରେ ୧୮୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ରାଜ୍ୟ ୧୬ ବର୍ଷରୁ କମ୍ ଦଳରୁ ପ୍ରତିନିଧିତ୍ୱ କରୁଥିବା ଆଶୁତୋଷ ସାହୁ ସର୍ବାଧିକ ୫୦ ରନ କରିଥିବାବେଳେ ମନଜିତ୍ ମହାନ୍ତି (୪୨) ଓ ରମଣି ଜେନା (୨୫) ମଧ ଦଳ ପାଇଁ ଉପଯୋଗୀ ଇନିଂସ ଖେଳିଥିଲେ। ପ୍ରତିପକ୍ଷ ବୋଲର ସୟଦ ଅର୍ମାନ ଓ ଏମ୍. ସାଇ ବର୍ଷିକ ୩ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଗ୍ରୀନ୍ସ କ୍ରିକେଟ୍ ଏକାଡେମୀ ରାଜେଶ ମହାନ୍ତି (୫/୧୮) ଙ୍କ ବୋଲିଂକୁ ସାମ୍ନା କରି ନ ପାରି ୩୧.୫ ଓଭରରେ ୯୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅର୍ଦ୍ଧଶତକୀୟ ଇନିଂସ ପାଇଁ ଆଶୁତୋଷଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା ଓ ଶିବପ୍ରସାଦ ମହାପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆଲୋକ ମଙ୍ଗରାଜ ଓ ତନ୍ମୟ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିବାବେଳେ ଶ୍ରୀତମ ମହାନ୍ତି ଓ ରାହୁଲ ବଳ ସ୍କୋରିଂରେ ସହାୟତା କରିଥିଲେ। ରବିବାର ପ୍ରଗତି ସ୍ପୋର୍ଟିଂ ଓ ଜାଗୃତି କ୍ରିକେଟ୍ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।



ଅତିଥିଙ୍କଠାରୁ ଆଶୁତୋଷ ପୁରସ୍କାର ଗ୍ରହଣ କରୁଛନ୍ତି।

## କିଶୋର କ୍ଲବ୍-କ୍ରୀଡ଼ା ଛାତ୍ରାବାସ ଫାଇନାଲ ଆଜି

**ଭୁବନେଶ୍ୱର, ୧୬।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ସିଟି କ୍ଲବ ଓ ଏସ୍.ଜି.ଓ. କ୍ଲବ ମିଳିତ ଆନୁକୂଲ୍ୟରେ ନୟାପଲ୍ଲୀ ଇନ୍ଦିରା ମଇଦାନଠାରେ ଚାଲିଥିବା ୪ର୍ଥ ଭାଗ୍ୟଧର ଟ୍ରଫି ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ରବିବାର ଅନୁଷ୍ଠିତ ହେବ। ଭୁବନେଶ୍ୱର କିଶୋର କ୍ଲବ ଓ କଟକର କ୍ରୀଡ଼ା ଛାତ୍ରାବାସ ଫାଇନାଲରେ ପରସ୍ପରକୁ ଭେଟିବେ। ଏହି ମ୍ୟାଚ୍ ଅପରାହ୍ନ ୪ଟାରେ ଖେଳାଯିବ। ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ଯଥାକ୍ରମେ ୧୫ ହଜାର ଓ ୧୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ କହିଛନ୍ତି।

## ଦୃଢ଼ ସ୍ଥିତିରେ ଆଫଗାନିସ୍ତାନ

**ଡେରାଡୁନ, ୧୬।୩ (ପି.ଟି.):** ଏଠାରେ ଚାଲିଥିବା ଆୟର୍ଲାଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଆଫଗାନିସ୍ତାନ ତା'ର ସ୍ଥିତି ଦୃଢ କରିଛି। ଟସ୍ ଜିତି ଆୟର୍ଲାଣ୍ଡ ପ୍ରଥମ ଇନିଂସରେ ୧୭୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଆଫଗାନିସ୍ତାନ ପ୍ରଥମ ଇନିଂସରେ ୩୧୪ ରନ କରି ଅଲଆଉଟ ହୋଇଥିଲା। ଫଳରେ ଆଫଗାନିସ୍ତାନ ୧୪୨ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଆୟର୍ଲାଣ୍ଡ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୧୨ ଓଭରରେ ଗୋଟିଏ ଉଇକେଟ ହରାଇ ୨୨ ରନ ସଂଗ୍ରହ କରିଛି। ଫଳରେ ଆୟର୍ଲାଣ୍ଡ ୯ ଉଇକେଟ ହାତରେ ରଖି ୧୨୦ ରନ ପଛରେ ପଡିଛି। ପୂର୍ବରୁ ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୯୦/୨ରୁ ଶନିବାର ଖେଳ ଆରମ୍ଭ କରି ଆଫଗାନିସ୍ତାନ ୩୧୪ ରନ୍‌ରେ ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ରହମତ ଶାହ ୨୨ରୁ ଖେଳ ଆରମ୍ଭ କରି ୯୮ ରନ କରି ଆଉଟ ହୋଇଥିଲେ।

## ଫାଇନାଲରେ ଫୁଲବାଣୀ ଏକାଦଶ

**ଭୁବନେଶ୍ୱର, ୧୬।୩(ସ୍ପୋର୍ଟ୍ସ ବ୍ୟୁରୋ)**

ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୨୧ତମ ଟାଟା ଉତ୍କଳିକା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ପ୍ରଥମ ଦଳ ଭାବେ ଫୁଲବାଣୀ ଏକାଦଶ ଫାଇନାଲରେ ପ୍ରବେଶ କରିଛି। ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଫୁଲବାଣୀ ୩-୦ ଗୋଲରେ ଡିଫେଣ୍ଡିଂ ଚାମ୍ପିୟନ ଫାଓ ଏକାଦଶକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ରାହୁଲ ମୁଖି (୧୫ତମ ଓ ୯୪ତମ ମିନିଟ୍) ଡବଲ ଗୋଲସ୍କୋର କରିଥିଲେ। ମ୍ୟାଚ୍‌ର ୯୦ତମ ମିନିଟ୍‌ରେ ଆଫ୍ରିଦୀ ଅନ୍ୟତମ ଗୋଲଟି କରିଥିଲେ। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଫୁଲବାଣୀ ଗୋଟିଏ ଗୋଲ କରିଥିବାବେଳେ ଅନ୍ତିମ ୫ ମିନିଟ୍‌ରେ ୨ଥର ବଲ ପ୍ରତିପକ୍ଷ ନେଟ୍ ମଧ୍ୟକୁ ପଠାଇବାରେ ସଫଳ ହୋଇଥିଲା। ମ୍ୟାଚ୍‌ରେ ଫାଓର ୨ ଜଣ ଏବଂ ଫୁଲବାଣୀର ଜଣେ ଖେଳାଳିଙ୍କୁ ରେଡ୍ କାର୍ଡ ମିଳିଥିଲା। ମଧ୍ୟାନ୍ତରରେ ଡାକ୍ତର ଅନଙ୍ଗ ଦ୍ୱିବେଦୀ, କ୍ରୀଡ଼ା ସଙ୍ଗଠକ ଭକ୍ତବଲ୍ଲଭ ଦାସ, ତପନ ମହାନ୍ତି, ନବରଞ୍ଜନ ପଟ୍ଟନାୟକ, ଅମିୟକାନ୍ତ ମିଶ୍ର, ନରେନ୍ଦ୍ର ସେଠୀ, ଅକ୍ଷୟ କୁମାର ଦାସ, ମାନସ ଚନ୍ଦ୍ର ସାମଲ ପ୍ରମୁଖ ଅତିଥିଭାବେ ଉପସ୍ଥିତ ରହି ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଫୁଲବାଣୀ ଦଳର ରାହୁଲ ମୁଖିଙ୍କୁ ଭକ୍ତବଲ୍ଲଭ ଦାସ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଦୀପ ନାୟକ, ରାଜେନ୍ଦ୍ର ବାରିକ, ଶେଖାଓ୍ୱତ୍ ଖାଁ ଓ ସୁଦୀପ ଦାସ ମ୍ୟାଚ୍ ପରିଚାଳନା କରିଥିବାବେଳେ ମହେଶ୍ୱର ସିଂ ମ୍ୟାଚ୍ କମିଶନର ରହିଥିଲେ। ରବିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ସାଇ ହଷ୍ଟେଲ (କଟକ) ଓ ଟାଟା ଫୁଟ୍‌ବଲ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହେବ।




ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳିମାନେ।

## ସଂକ୍ଷେପରେ

### ଖ୍ରୀଷ୍ଟଚର୍ଚ୍ଚ ଆକ୍ରମଣ ଘଟଣା
### ଗୋଟିଏ ରାଉଣ୍ଡ ପୂର୍ବରୁ ବିଜେତା ଘୋଷଣା

**ଅକ୍‌ଲାଣ୍ଡ, ୧୬।୩ (ପି.ଟି.):** ଖ୍ରୀଷ୍ଟଚର୍ଚ୍ଚରେ ଏକ ମସ୍‌ଜିଦ ଉପରେ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ନ୍ୟୁଜିଲାଣ୍ଡର ପ୍ରଥମଶ୍ରେଣୀ ଘରୋଇ କ୍ରିକେଟ ପ୍ରତିଯୋଗିତା 'ପ୍ଲଙ୍କେଟ ସିଲ୍‌ଡ'ର ବିଜେତା ଗୋଟିଏ ରାଉଣ୍ଡ ଖେଳ ବାକିଥାଇ ଘୋଷଣା କରାଯାଇଛି। ଆସନ୍ତା ସପ୍ତାହରେ ହାମିଲଟନର ସିଡନ ପାର୍କଠାରେ ସେଣ୍ଟ୍ରାଲ ଡିଷ୍ଟ୍ରିକ୍ଟସକୁ ଟ୍ରଫି ପ୍ରଦାନ କରାଯିବ। ଶୁକ୍ରବାର ଆତଙ୍କବାଦୀ ଘଟଣାକୁ ନେଇ ଟ୍ରଫିର ଅନ୍ୟତମ ଦାବିଦାର କାଣ୍ଟରବୁରି ସିଜନର ସେମାନଙ୍କ ଫାଇନାଲ ମ୍ୟାଚରୁ ଓହରିଯାଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। କାଣ୍ଟରବୁରି ଏହାର ଚାରିଦିନିଆ ଫାଇନାଲ ମ୍ୟାଚ ବେସିନ ରିଜର୍ଭଠାରେ ୱେଲିଂଟନ ବିପକ୍ଷରେ ଖେଳିବାର କାର୍ଯ୍ୟକ୍ରମ ଥିଲା। ଏହି ନିଷ୍ପତ୍ତିରେ ସମସ୍ତେ ଏକଜୁଟ୍ ହୋଇଛନ୍ତି ବୋଲି କାଣ୍ଟରବୁରି କ୍ରିକେଟ ସିଇଓ ଜରେମି କରଓ୍ୱିନ ପ୍ରକାଶ କରିଛନ୍ତି।

### ଖେଳାଳି ନିଲାମିରେ ଅର୍ଜ୍ଜୁନ ତେନ୍ଦୁଲକର



**ମୁମ୍ବାଇ, ୧୬।୩ (ପି.ଟି.):** ମୁମ୍ବାଇ ଟି୨୦ ଲିଗ୍ ଲାଗି ଖେଳାଳି ନିଲାମି ହେବ। ଏଥିପାଇଁ ପ୍ରସ୍ତୁତ କରାଯାଇଥିବା ତାଲିକାରେ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜ୍ଜୁନଙ୍କ ନାମ ସ୍ଥାନ ପାଇଛି। ସେ ସିନିୟର କ୍ରିକେଟରେ ଖେଳିବା ଲାଗି ପ୍ରସ୍ତୁତ ହେଲେଣି ବୋଲି ଏଥିରୁ ସ୍ପଷ୍ଟ ସୂଚନା ମିଳୁଛି। ବାମହାତୀ ମିଡିୟମ ଫାଷ୍ଟ ବୋଲର ଜୁନିୟର ତେନ୍ଦୁଲକର ଗତବର୍ଷ ଭାରତୀୟ ଦଳରେ ପ୍ରତିନିଧିତ୍ୱ କରି ଶ୍ରୀଲଙ୍କା ବିପକ୍ଷ ଦୁଇଟି ୧୯ ବର୍ଷରୁ କମ୍ ଟେଷ୍ଟରେ ଖେଳି ସାରିଛନ୍ତି। ଏଥିରେ ସେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଅର୍ଜ୍ଜୁନଙ୍କ ପ୍ରତି ଦର୍ଶକ ଓ ଫ୍ରାଞ୍ଚାଇଜ ଗୁଡ଼ିକର ଆଗ୍ରହ ରହିବ। ୧୯ ବର୍ଷୀୟ ଏହି ଖେଳାଳି ନିକଟରେ ଡିୱାଇ ପାଟିଲ ଟି୨୦ ଟୁର୍ନାମେଣ୍ଟ ଖେଳିଛନ୍ତି। ସେ ଆହୁରି ମଧ ୨୩ ବର୍ଷରୁ କମ୍ ମୁମ୍ବାଇ ଦଳରେ ସ୍ଥାନ ପାଇଛନ୍ତି। ବିଶିଷ୍ଟ ବାୟୋମେକାନିଷ୍ଟ ଅତୁଲ ଗାଏକ୍ୱାଡଙ୍କ ଅଧୀନରେ କାର୍ଯ୍ୟକରି ଅର୍ଜ୍ଜୁନ ତାଙ୍କ ବୋଲିଂ ଆକ୍ସନରେ ପରିବର୍ତ୍ତନ କରିଛନ୍ତି। ଏହାଛଡ଼ା ସେ ପୂର୍ବତନ ବିଦର୍ଭ ବୋଲିଂ କୋଚ୍ ସୁବ୍ରତ ବାନାର୍ଜୀଙ୍କଠାରୁ ମଧ ଟ୍ରେନିଂ ନେଇଛନ୍ତି।

---

> ବିଶୃଙ୍ଖଳା ପାଇଁ ମୋତେ ଅଷ୍ଟ୍ରେଲିଆ ଟୁର୍ ଅଧାରୁ ବିଦା କରିଦିଆଗଲା ବୋଲି ଯାହା ଶୁଣିବାକୁ ମିଳୁଛି, ତାହା ଏକ ଗୁଜବ। ଆଘାତଜନିତ ସମସ୍ୟା ଏହାର ମୁଖ୍ୟ କାରଣ।
> **–ପୃଥ୍ୱୀ ଶ', ଭାରତୀୟ ଯୁବ ବ୍ୟାଟ୍ସମ୍ୟାନ**



> ୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ବିଡ୍ ହାସଲ କରିବା ଆମ ପାଇଁ ସେତେଟା କଷ୍ଟକର ନ ଥିଲା, ବରଂ ଏହାର ସଫଳ ଆୟୋଜନ ଆମ ଲାଗି ବଡ଼ ଚ୍ୟାଲେଞ୍ଜ।
> **–ପ୍ରଫୁଲ୍ଲ ପଟେଲ, ସର୍ବଭାରତୀୟ ଫୁଟବଲ ମହାସଂଘ ସଭାପତି**



# ଦୂତୀଙ୍କୁ ସ୍ୱର୍ଣ୍ଣ, ଜଉନାଙ୍କୁ ବ୍ରୋଞ୍ଜ

**ସିନିୟର ଆଥ୍‌ଲେଟିକ ଚାମ୍ପିୟନଶିପ୍**

**କଟକ ଅଫିସ,୧୬।୩**

ପଟିଆଲାରେ ଚାଲିଥିବା ୨୩ତମ ଫେଡେରେଶନ କପ୍ ଜାତୀୟ ସିନିୟର ଆଥଲେଟିକ ଚାମ୍ପିୟନଶିପ୍‌ରେ ଶନିବାର ଓଡ଼ିଶାକୁ ୨ଟି ପଦକ ମିଳିଛି। ସ୍ପ୍ରିଣ୍ଟ କୁଇନ ଦୂତୀ ଚାନ୍ଦ ୨୦୦ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ଦୂରତାକୁ ୨୩.୩୫ ସେକେଣ୍ଡରେ ଅତିକ୍ରମ କରି ଦୂତୀ ରାଜ୍ୟ ନିମନ୍ତେ ସ୍ୱର୍ଣ୍ଣ ସଫଳତା ଆଣିଥିଲେ। ତାମିଲନାଡୁର ଦୁଇ ଆଥଲେଟ ଏହି ଇଭେଣ୍ଟରେ ଉଭୟ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ନିମନ୍ତେ ଦ୍ୱିତୀୟ ପଦକ ବିଜୟୀ ହୋଇଛନ୍ତି ଜଉନା ମୁର୍ମୁ। ୪୦୦ ମିଟର ହର୍ଡଲ୍ସରେ ଜଉନାଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ଏହି ଦୂରତାକୁ ଜଉନା ୫୭.୫୮ ସେକେଣ୍ଡରେ ଅତିକ୍ରମ କରି ତୃତୀୟ ସ୍ଥାନରେ ରହିଥିଲେ। ଏହି ବିଭାଗରେ ଗୁଜରାଟର ସରିତାବେନ ଗାଏକ୍ୱାଡ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସରିତାବେନ ୫୭.୨୧ ସେକେଣ୍ଡରେ ଲକ୍ଷ୍ୟ ଅତିକ୍ରମ କରିବା ସହ ନୂତନ ମିଟ ରେକର୍ଡ ମଧ ପ୍ରତିଷ୍ଠା କରିଛନ୍ତି। କର୍ଣ୍ଣାଟକର ଅର୍ପିଥାମ( ୫୭.୪୫ ସେକେଣ୍ଡ) ରୌପ୍ୟ ପଦକ ଜିତିଥିଲେ। ରବିବାର ଓଡ଼ିଶା ଖାତାରେ ଆଉ କିଛି ପଦକ ଯୋଡ଼ି ହେବା ଏକପ୍ରକାର ନିଶ୍ଚିତ। ୧୦୦ ମିଟର ଦୌଡ଼ରେ ଦୂତୀ, ୪୦୦ ମିଟର ଦୌଡ଼ରେ ଜଉନା ଓ ୧୦୦ ମିଟର ହର୍ଡଲ୍ସରେ ପ୍ରଜ୍ଞା ପ୍ରଶାନ୍ତି ସାହୁ, ହେପ୍ଟାଥଲନରେ ପୂର୍ଣ୍ଣିମା ହେମ୍ବ୍ରମ ପ୍ରତିଯୋଗିତାକୁ ଓହ୍ଲାଇବେ। ସୂଚନା ଥାଉକି, ୮ ଜଣ ଆଥଲେଟଙ୍କୁ ନେଇ ଓଡ଼ିଶା ଏହି ଚାମ୍ପିୟନଶିପରେ ସାମିଲ ହୋଇଛି।



ପଦକ ସହ ସ୍ୱର୍ଣ୍ଣ ବିଜୟିନୀ ଦୂତୀ ଚାନ୍ଦ (ମଝି)।

# ଭାରତ ୨୦୨୦ ବିଶ୍ୱକପ୍‌ର ଆୟୋଜକ

**ନୂଆଦିଲ୍ଲୀ, ୧୬।୩ (ପି.ଟି.)**

ଭାରତ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ୨୦୨୦ ସଂସ୍କରଣ ଆୟୋଜନ କରିବ। ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଫେଡେରେଶନ(ଫିଫା) ସଭାପତି ଜିଆନି ଇନ୍‌ଫାଣ୍ଟିନୋ ଘୋଷଣା କରିଛନ୍ତି। ଶୁକ୍ରବାର ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)ର ମାୟାମିଠାରେ ଫିଫା କାଉନ୍‌ସିଲ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଭାରତରେ ଦ୍ୱିତୀୟ ଫିଫା ଟୁର୍ନାମେଣ୍ଟ ଆୟୋଜିତ ହେବାକୁ ଯାଉଛି । ପୂର୍ବରୁ ୨୦୧୭ରେ ୧୭ ବର୍ଷରୁ କମ୍ ପୁରୁଷ ବିଶ୍ୱକପ୍ ଆୟୋଜିତ ହୋଇଥିଲା। ୧୭ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଆୟୋଜନ ଅଧିକାର ମିଳିଥିବାରୁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ(ଏଆଇଏଫ୍‌ଏଫ୍) ସାଧାରଣ ସମ୍ପାଦକ କୁଶାଲ ଦାସ ଫିଫାକୁ ଧନ୍ୟବାଦ ଜଣାଇଛନ୍ତି। ଏହି ଇଭେଣ୍ଟ ଆୟୋଜନ ଦ୍ୱାରା ଦେଶରେ ମହିଳା ଫୁଟ୍‌ବଲ ଖେଳର ପ୍ରସାର ଘଟିବ ବୋଲି ସେ କହିଛନ୍ତି। ଟୁର୍ନାମେଣ୍ଟ ପାଇଁ ବିଡିଂ ପ୍ରକ୍ରିୟା ଗତବର୍ଷ ଆରମ୍ଭ ହୋଇଥିଲା। ଏଥିଲାଗି ଫ୍ରାନ୍ସ ମଧ ଆଗ୍ରହ ପ୍ରକାଶ କରିଥିଲା। ଏହି ମେଗା ଇଭେଣ୍ଟ ଲାଗି ଭେନ୍ୟୁ ଖୁବ୍ ଶୀଘ୍ର ସ୍ଥିର କରାଯିବ। ଆମ ନଜରରେ ୪ରୁ ୫ ଭେନ୍ୟୁ ନଜରରେ ରହିଛି। ଖୁବ୍ ଶୀଘ୍ର ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ୧୬ଟି ଦଳକୁ ନେଇ ହେବାକୁଥିବା ଏହି ଇଭେଣ୍ଟ ଲାଗି ଭାରତ ଆୟୋଜକ ଦେଶ ହିସାବରେ ଆପେ ଯୋଗ୍ୟତା ଅର୍ଜନ କରିଛି। ଏଥିପାଇଁ ୬ଟି କଣ୍ଟିନେଣ୍ଟାଲ କ୍ୱାଲିଫାଇଙ୍ଗ ଟୁର୍ନାମେଣ୍ଟ ଏପର୍ଯ୍ୟନ୍ତ ଖେଳାଯାଇ ନାହିଁ। ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ୨୦୦୮ରୁ ଆରମ୍ଭ ହୋଇଛି। ପ୍ରଥମ ସଂସ୍କରଣ ନ୍ୟୁଜିଲାଣ୍ଡରେ ହୋଇଥିଲା। ଗତବର୍ଷ ଉରୁଗୁଏଠାରେ ଫାଇନାଲରେ ମେକ୍ସିକୋକୁ ୨-୧ ଗୋଲରେ ପରାସ୍ତ କରି ସ୍ପେନ ବର୍ତ୍ତମାନର ଚାମ୍ପିୟନ ରହିଛି। ଭାରତରେ ଟୁର୍ନାମେଣ୍ଟର ୭ମ ସଂସ୍କରଣ ଆୟୋଜିତ ହେବ।

# ନ୍ୟୁଜିଲାଣ୍ଡ ଛାଡ଼ିଲା ବାଂଲାଦେଶ କ୍ରିକେଟ ଦଳ

**ଖ୍ରୀଷ୍ଟଚର୍ଚ୍ଚ, ୧୬।୩ (ପି.ଟି.)**

ଶୁକ୍ରବାର ମସ୍‌ଜିଦ ଅଲ୍ ନୁର୍ ମକ୍କା ମସ୍‌ଜିଦ୍‌ରେ ଆତଙ୍କବାଦୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତିଯାଇଥିବା ବାଂଲାଦେଶ କ୍ରିକେଟ ଟିମ୍ ଶନିବାର ନ୍ୟୁଜିଲାଣ୍ଡରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛି। ଭ୍ରମଣକାରୀ ଦଳ ଏଠାରେ ଶନିବାରଠାରୁ ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟ ଖେଳିଥାନ୍ତା। ମାତ୍ର ମସ୍‌ଜିଦ ଆକ୍ରମଣ ଘଟଣାପରେ ତାହାକୁ ବାତିଲ କରିଦିଆଯାଇଛି। ବାଂଲାଦେଶ ଖେଳାଳି ଓ ମ୍ୟାନେଜମେଣ୍ଟ ପୋଲିସ୍ ସୁରକ୍ଷା ସହ ବିମାନବନ୍ଦରକୁ ଆସିଥିଲେ। ସହଯୋଗୀ ଷ୍ଟାଫ୍‌ମାନେ ପରବର୍ତ୍ତୀ ବିମାନରେ ଫେରିବେ। ଶୁକ୍ରବାର ଲିଟନ ଦାସ, ନଇମ ହାସାମ ଏବଂ ସ୍ପିନ ବୋଲିଂ କୋଚ୍ ତଥା ପୂର୍ବତନ ଭାରତୀୟ ସ୍ପିନର ସୁନୀଲ ଯୋଶିଙ୍କୁ ହେଟେଲରେ ଛାଡ଼ି ୧୬ ଜଣିଆ ବାଂଲାଦେଶ ଦଳ ଉପରୋକ୍ତ ମସ୍‌ଜିଦ୍‌ରେ ନମାଜ ପାଠ କରିବାକୁ ଆସିଥିଲେ। ବସ୍ ଯୋଗେ ପହଞ୍ଚିବା ପରେ ଖେଳାଳି ଓ ସହଯୋଗୀ ଷ୍ଟାଫ ମାନେ ମସ୍‌ଜିଦ ଭିତରେ ଗୁଳିମାଡ଼ର ଶବ୍ଦ ଶୁଣିବାକୁ ପାଇଥିଲେ। ସେମାନେ କିଂକର୍ତ୍ତବ୍ୟମୂଢ଼ ହୋଇଯାଇଥିଲେ। ଅଜଣା ଆଶଙ୍କାରେ ଭୟଭୀତ ହୋଇ ସେମାନେ ବସ୍‌ରେ କିଛି ସମୟ ମୁଣ୍ଡ ନୁଆଁଇ ବସି ରହିଥିଲେ। ବସ୍‌ରୁ କିପରି ସୁରକ୍ଷିତ ଭାବେ ବାହାରିବେ ସେ ନେଇ ଖେଳାଳିମାନେ ଚିନ୍ତିତ ଥିଲେ। ସାହସ ସଞ୍ଚୟ କରି ପରେ ବସ୍‌ରେ ସେମାନେ ସ୍ଥାନୀୟ ହାଗ୍‌ଲେ ଓଭାଲ ଷ୍ଟାଡିୟମକୁ ଯାଇଥିଲେ। ସେଠାରେ ଡ୍ରେସିଂ ରୁମ୍‌ରେ କିଛି ସମୟ ଅତିବାହିତ କରିବା ପରେ ଟିମ୍ ହୋଟେଲକୁ ମୁହାଁଇଥିଲେ। ସୂଚନାଯୋଗ୍ୟ, ଆତଙ୍କବାଦୀ ଆକ୍ରମଣ ଘଟଣାରେ ଅତି କମ୍‌ରେ ୪୯ଜଣ ଲୋକ ନିହତ ହୋଇଛନ୍ତି।

### ସେନା ପାଣ୍ଠିକୁ ୨୦ କୋଟି ଦେବ ବିସିସିଆଇ

**ନୂଆଦିଲ୍ଲୀ, ୧୬।୩ (ପି.ଟି.):** ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ଘଟଣାରେ ୪୦ ସିଆରପିଏଫ୍ ଯବାନ ନିହତ ହେବା ପରିପ୍ରେକ୍ଷୀରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସେନା କଲ୍ୟାଣ ପାଣ୍ଠିକୁ ୨୦କୋଟି ଟଙ୍କା ଦାନ କରିବ। ପ୍ରଶାସକ କମିଟି (ସିଓଏ) ଦ୍ୱାରା ଏହା ଅନୁମୋଦନ ଲାଭ କରିସାରିଛି। ମାର୍ଚ୍ଚ ୨୩ରେ ଚେନ୍ନାଇଠାରେ ଚେନ୍ନାଇ ସୁପର କିଙ୍ଗ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଉଦ୍‌ଘାଟନୀ ମ୍ୟାଚ ହେବ। ଏହାକୁ ଦେଖିବା ଲାଗି ସୈନ୍ୟ ବାହିନୀ (ଆର୍ମି, ଏୟାର ଫୋର୍ସ ଓ ନେଭି)ର କେତେଜଣ ବରିଷ୍ଠ ପଦାଧିକାରୀଙ୍କୁ ଆମନ୍ତ୍ରଣ କରିବା ଲାଗି ବିସିସିଆଇ ଯୋଜନା କରୁଥିବା ପ୍ରକାଶ। ଉଦ୍‌ଘାଟନୀ ଦିବସରେ ଉଭୟ ମହେନ୍ଦ୍ର ସିଂ ଧୋନୀ ଓ ବିରାଟ କୋହଲି ଉପସ୍ଥିତ ରହିବେ। ଦାନ ଅଂଶର ପ୍ରଥମ ଭାଗ ସେ ଦିନ ଉପସ୍ଥିତ ଜଣେ ଉଚ୍ଚ ପଦାଧିକାରୀଙ୍କୁ ଅର୍ପଣ କରାଯିବ। ପୁଲଓ୍ୱାମା ଆକ୍ରମଣ ଘଟଣାକୁ ନେଇ ଏଥର ଆଡମ୍ବରପୂର୍ଣ୍ଣ ବ୍ୟୟ ବହୁଳ ଉଦ୍‌ଘାଟନୀ ଉତ୍ସବ ନ କରିବା ଲାଗି ସିଓଏ ସ୍ଥିର କରିଥିଲା। ଗତ ସଂସ୍କରଣରେ ଉଦ୍‌ଘାଟନୀ ଉତ୍ସବ ଲାଗି ୧୫ କୋଟି ଟଙ୍କା ବଜେଟ ରହିଥିଲା। ଚଳିତ ବର୍ଷ ଏହାର ପରିମାଣ ୨୦କୋଟିକୁ ବୃଦ୍ଧି କରିବା ଲାଗି ବିସିସିଆଇ ନିଷ୍ପତ୍ତି ନେଇଥିଲା। ଏହି ରାଶିକୁ ସେନା କଲ୍ୟାଣ ପାଣ୍ଠି ଓ ଜାତୀୟ ପ୍ରତିରକ୍ଷା ପାଣ୍ଠିକୁ ଦାନ କରିବା ଲାଗି ନିଷ୍ପତ୍ତି ନିଆଯାଇଥିବା ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

### ହାମିଲଟନଙ୍କୁ ପୋଲ୍ ପୋଜିଶନ

**ମେଲବୋର୍ନ, ୧୬।୩ (ଏଏଫ୍‌ପି):** ଟିମ୍‌ମେଟ୍ ଭାଲ୍‌ଟେରି ବୋଟାସଙ୍କୁ ୦.୧୧୨ ସେକେଣ୍ଡ ପଛରେ ପକାଇ ମର୍ସିଡିଜ୍‌ର ବିଶ୍ୱ ଚାମ୍ପିୟନ ଲୁଇସ୍ ହାମିଲଟନ୍ ସିଜନ ଆରମ୍ଭ ଅଷ୍ଟ୍ରେଲିଆନ ଓପନ୍ ଫର୍ମୁଲାଓ୍ୱାନ ଗ୍ରାଁପ୍ରି ପାଇଁ ପୋଲ ପୋଜିଶନ ହାସଲ କରିଛନ୍ତି। ବ୍ରିଟେନର ଏହି ଡ୍ରାଇଭରଙ୍କ ଦ୍ରୁତତମ ଲାପ୍ ଟାଇମିଂ ଏକ ମିନିଟ ୨୦.୪୮୬ ରହିଥିଲା। ଫେରାରିର ସେବାଷ୍ଟିଆନ ଭେଟେଲ ୧:୨୧.୧୯୦ ଟାଇମିଂରେ ତୃତୀୟ ସ୍ଥାନରେ ରହିଥିଲେ। ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ ୪ର୍ଥ ଏବଂ ଫେରାରିର ନବାଗତ ଚାର୍ଲସ ଲେକ୍‌ରେକ୍ ୫ମ ହୋଇଥିଲେ।

# ଏଆଇପିଏସ୍‌ସିବିକୁ ଡବଲ ସ୍ୱର୍ଣ୍ଣ



ଜାତୀୟ ତୀରନ୍ଦାଜୀ ଚାମ୍ପିୟନଶିପରେ ଶନିବାର ଅନୁଷ୍ଠିତ ଇଣ୍ଡିଆନ ରାଉଣ୍ଡ ମୁକାବିଲା ଅବସରରେ ପ୍ରତିଯୋଗୀମାନେ।

**ଜାତୀୟ ସିନିୟର ତୀରନ୍ଦାଜୀ**

**କଟକ ଅଫିସ,୧୬।୩**

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୩୯ତମ ସିନିୟର ଜାତୀୟ ତୀରନ୍ଦାଜୀ ଚାମ୍ପିୟନଶିପରେ ଶନିବାରଠାରୁ ଇଣ୍ଡିଆନ ରାଉଣ୍ଡ ମୁକାବିଲା ଆରମ୍ଭ ହୋଇଛି। ଇଣ୍ଡିଆନ ରାଉଣ୍ଡର ପ୍ରଥମ ଦିବସରେ ଅଲ୍‌ଇଣ୍ଡିଆ ପୋଲିସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ(ଏଆଇପିଏସ୍‌ସିବି) ଦୁଇଟି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ରବିବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ। ୫୦ମିଟର ପୁରୁଷ ସିଙ୍ଗିଲ୍ସରେ ହରିୟାଣାର ପ୍ରଦୀପ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ଇଭେଣ୍ଟରେ ଉତ୍ତର ପ୍ରଦେଶର ମୋନୁ କୁମାର ରୌପ୍ୟ ଓ ଝାଡ଼ଖଣ୍ଡର ଜାଗରଣ ନାଥ ଗାର୍ଗାଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୩୦ ମିଟର ପୁରୁଷ ସିଙ୍ଗଲ୍ସରେ ଏଆଇପିଏସ୍‌ସିବି ପ୍ରଥମ ସ୍ୱର୍ଣ୍ଣପଦକ ଜିତିଥିଲା। ଦଳର ଏନ ସନ୍ତୋଷ ସିଂ ୩୪୬ ପଏଣ୍ଟ ହାସଲ କରି ପ୍ରଥମ ସ୍ଥାନରେ ରହିଥିଲେ। ସନ୍ତୋଷଙ୍କ ଟିମ୍‌ର ଜୋଖୋତେ ଡେମୋ ରୌପ୍ୟ ଓ ଉତ୍ତର ପ୍ରଦେଶର ମୋନୁ କୁମାର ବ୍ରୋଞ୍ଜ ପଦକ ଜିତିଛନ୍ତି। ଏଆଇପିଏସ୍‌ସିବିକୁ ୩୦ ମିଟର ମହିଳା ସିଙ୍ଗଲ୍ସ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ମିଳିଛି। ଏସ୍‌ପି ଲିଡ଼ିଆ ଏହି ସଫଳତା ଆଣିଛନ୍ତି। ଏଥିରେ ଝାଡ଼ଖଣ୍ଡର ଦୀପ୍ତି କୁମାରୀଙ୍କୁ ରୌପ୍ୟ ଓ ଡବ୍ଲ୍ୟୁ ମାଲେଶ୍ୱରୀ ଦେବୀ ବ୍ରୋଞ୍ଜ ପଦକ ଜିତିଛନ୍ତି। ୫୦ ମିଟର ମହିଳା ସିଙ୍ଗଲ୍ସରେ ମଣିପୁରର ଏସ୍. ନିର୍ମଳା ଦେବୀ, ଏଆଇପିଏସ୍‌ସିବିର ବିନୁମା ବ୍ରହ୍ମା ଓ ବିହାରର ପୂଜା କୁମାରୀ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ରିକର୍ଭ ଓ କମ୍ପାଉଣ୍ଡ ରାଉଣ୍ଡ ଭଳି ଇଣ୍ଡିଆନ ରାଉଣ୍ଡରେ ମଧ ଘରୋଇ ଓଡ଼ିଶା ଖେଳାଳିମାନଙ୍କ ପ୍ରଦର୍ଶନ ନିରାଶାଜନକ ରହିଛି। ପୁରୁଷ ବର୍ଗରେ ଓଡ଼ିଶାର ଅଭିରାମ ପଲେୟା ୭୨ତମ ସ୍ଥାନ, ରାଜେଶ ଦୁରୁଆ ୭୭ତମ ସ୍ଥାନ, ଗୋବର୍ଦ୍ଧନ ମିର୍ଦ୍ଧା ୮୫ତମ ସ୍ଥାନ, ସୂର୍ଯ୍ୟକାନ୍ତ କରଜୀମାଝୀ ୮୬ତମ ସ୍ଥାନରେ ରହିଥିବା ବେଳେ ମହିଳା ବର୍ଗରେ ମାଧବୀ ମାଝୀ ୩୪, ସକୁନ୍ତଳା ସବର ୭୧ତମ ସ୍ଥାନରେ ରହିଥିଲେ।

### ଦୀପା ଆହତ: ଦୋହା ବିଶ୍ୱକପ୍‌ରେ ଭାଗନେବେନି

**ବାକୁ (ଆଜରବୈଜାନ), ୧୬।୩ (ପି.ଟି.):** ଭାରତୀୟ ତାରକା ମହିଳା ଜିମ୍ନାଷ୍ଟ ଦୀପା କର୍ମାକରଙ୍କ ୨୦୨୦ ଅଲିମ୍ପିକ୍ସ ଆଶାକୁ ଜବରଦସ୍ତ ଝଟ୍‌କା ଲାଗିଛି। ଏଠାରେ ଚାଲିଥିବା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ବିଶ୍ୱକପ୍‌ରେ ଭଲ୍ଟ ଫାଇନାଲ ଖେଳିବା ଅବସରରେ ସେ ଆଣ୍ଠୁରେ ଆଘାତ ପାଇଛନ୍ତି। ଫଳରେ ସେ ଆସନ୍ତା ସପ୍ତାହରେ ଦୋହାରେ ଆୟୋଜନ ହେବାକୁଥିବା ବିଶ୍ୱକପ୍‌ରେ ଅଂଶଗ୍ରହଣ କରିପାରିବେନି। ଏଥିସହିତ ୨୦୨୦ ଟୋକିଓ ଅଲିମ୍ପିକ୍ସ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ତ୍ରିପୁରାର ଏହି ୨୫ ବର୍ଷୀୟା ଜିମ୍ନାଷ୍ଟ ୧୪. ୪୬୬ ଓ ୧୪. ୧୩୩ ପଏଣ୍ଟ ହାସଲ କରି ହାରାହାରି ୧୪. ୨୯୯ ପଏଣ୍ଟ ସହ ତୃତୀୟ ସ୍ଥାନ ଅଧିକାର କରି ଭଲ୍ଟ ଫାଇନାଲ ପାଇଁ କ୍ୱାଲିଫାଏ କରିଥିଲେ। ଶନିବାର ଖେଳାଯିବାକୁ ଥିବା ଫାଇନାଲ ପୂର୍ବରୁ ସେ ଆଣ୍ଠୁରେ ଯନ୍ତ୍ରଣା ଅନୁଭବ କରିଥିଲେ। ତେବେ ଫିଜିଓଙ୍କ ସହ କାର୍ଯ୍ୟ କରିବା ପରେ ସେ ସୁସ୍ଥ ଅନୁଭବ କରିଥିଲେ। ଭଲ୍ଟ ଫାଇନାଲରେ ଅଂଶଗ୍ରହଣ କରିଥିଲେ ମଧ ସେ ପ୍ରଥମ ଭଲ୍ଟରେ ବିଫଳ ହୋଇଥିଲେ। ଏହାପରେ ଇଞ୍ଜୁରି କାରଣରୁ ସେ ଦ୍ୱିତୀୟ ଭଲ୍ଟରେ ଭାଗ ନେଇ ନ ଥିଲେ। ଏଥିସହିତ ଏହି ବିଶ୍ୱକପ୍‌ରେ ତାଙ୍କ ଅଭିଯାନ ଶେଷ ହୋଇଛି। ଏବେ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି ଫିଟନେସ ଫେରିପାଇବାକୁ ଚେଷ୍ଟା କରିବେ।

# ପ୍ରଗତି ସ୍ପୋର୍ଟିଂ ବିଜୟୀ



ସୁମିତ ମହାରଣା ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ବନ୍ତ, ୧୬।୩ (ଡି.ଏନ.ଏ./ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ହନୁମାନଜୀଉ ମିନିଷ୍ଟାଡିୟମଠାରେ ଟିଲୋ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୨୬ତମ ଅନ୍ତର୍ଜାତୀୟ ପ୍ରଦୀପ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ଆଦ୍ରା ରେଲ୍‌ୱେ ସେମିଫାଇନାଲରେ ପ୍ରବେଶ କରିଛି। ସେହିଭଳି ପୁଲ୍-ବି'ର ଏକ ମ୍ୟାଚ୍‌ରେ ପ୍ରଗତି ସ୍ପୋର୍ଟିଂ ବିଜୟୀ ହୋଇଛି। ପ୍ରଥମ ତଥା ପୁଲ-ଏ ଲିଗ୍ ମ୍ୟାଚ୍ କଟକର ୟୁନିୟନ ସ୍ପୋର୍ଟିଂ ଓ ଆଦ୍ରା(ଦକ୍ଷିଣପୂର୍ବ ରେଲୱେ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୟୁନିୟନ ସ୍ପୋର୍ଟିଂ ୧୯.୩ ଓଭରରେ ୧୩୫ ରନ କରି ଅଲ୍‌ଆଉଟ୍ ହୋଇଥିଲା। ରୋହିତ ପାଟିଲ ୫୨ ଓ ଅଭିମନ୍ୟୁ ସିଂ ୨୦ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ବିକାଶ କୁମାର ୩ ଓ ରୋନି କୁମାର ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଆଦ୍ରା ରେଲୱେ ବିଜୟ ଜେନାଙ୍କ ୪୯ ରନ୍ ସହାୟତାରେ ୧୮.୫ ଓଭରରେ ୬ ଉଇକେଟ ହରାଇ ବିଜୟୀ ହୋଇଥିଲା। ରୋହିତ ପାଟିଲ ୨ ଓ ନିରଞ୍ଜନ ବେହେରା ଗୋଟିଏ ଉଇକେଟ ନେଇଥିଲେ। ବିଜୟୀ ଦଳର ବିଜୟ ଜେନା ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ।

ସେହିପରି ୨ୟ ତଥା ପୁଲ-ବି'ର ଲିଗ୍ ମ୍ୟାଚ୍ ଝାଡ଼ଖଣ୍ଡକୁ ୧୦ ଉଇକେଟ୍‌ରେ ହରାଇ ପ୍ରଗତି ସ୍ପୋର୍ଟିଂ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି ଝାଡ଼ଖଣ୍ଡ ୧୫.୩ ଓଭରରେ ସମସ୍ତ ଉଇକେଟ ହରାଇ ୫୪ ରନ୍ କରିଥିଲା। ପ୍ରଗତି ପକ୍ଷରୁ ସୁମିତ୍ ମହାରଣା ୪ ଓ ପ୍ରଦୀପ ପାଢୀ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ୮.୩ ଓଭରରେ କୌଣସି ଉଇକେଟ ନ ହରାଇ ୫୯ ରନ୍ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ସୁମିତ ମହାରଣାଙ୍କୁ ବନ୍ତ ବ୍ଲକର ପୂର୍ବତନ ଅଧକ୍ଷା ନିରୁପମା ରାଉତ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଉଭୟ ମ୍ୟାଚ୍‌କୁ ଓସିଏ ଅମ୍ପାୟର ସେକ୍ ୟାକତ୍ ଅଲି, ମାନସ ବେହୁରିଆ, ଲଲାଟ କେଶରୀ ନନ୍ଦ ପରିଚାଳନା କରିଥିଲେ।

## ରାଜ୍ୟ ପୋଲିସ ସୁଇମିଂ, କ୍ରସ୍‌କଣ୍ଟ୍ରି ଚାମ୍ପିୟନଶିପ୍
# ସମ୍ବଲପୁର ଦଳଗତ ଚାମ୍ପିୟନ

**ସମ୍ବଲପୁର, ୧୬।୩ (ବ୍ୟୁରୋ)**

ସମ୍ବଲପୁର ଡା. ଝସକେତନ ସାହୁ ସୁଇମିଂପୁଲଠାରେ ୩ ଦିନ ଧରି ଚାଲିଥିବା ଦ୍ୱିତୀୟ ରାଜ୍ୟ ପୋଲିସ ସୁଇମିଂ ଓ କ୍ରସକଣ୍ଟ୍ରି ଚାମ୍ପିୟନଶିପ୍- ୨୦୧୯ ଶନିବାର ଉଦ୍‌ଯାପିତ ହୋଇଯାଇଛି। ରୁଷଭ ସୁନା ଶ୍ରେଷ୍ଠ ସନ୍ତରଣକାରୀ ବିବେଚିତ ହୋଇଛନ୍ତି। ସମ୍ବଲପୁର ପୋଲିସ ଦଳଗତ ଚାମ୍ପିୟନ ହୋଇଛି। କଟକ ଓଏସ୍‌ଏପି ଷଷ୍ଠ ବାଟାଲିୟନ୍ ରନର୍ସଅପ୍ ଟ୍ରଫି ହାସଲ କରିଛି। ଅପରପକ୍ଷେ କ୍ରସକଣ୍ଟ୍ରି ବିଭାଗରେ ଅଶୋକ ଡନସନା ପ୍ରଥମ, କୈଳାସ କୁମ୍ଭାର ଦ୍ୱିତୀୟ ଓ କୃତ୍ତିବାସ ଭୂୟାଁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଖୋର୍ଦ୍ଧା ଷଷ୍ଠ ଆଇଆର୍‌ବିଏନ ଦଳଗତ ଚାମ୍ପିୟନ ଓ ରାଉରକେଲା ଓଏସଏପି ଚତୁର୍ଥ ବାଟାଲିୟନ୍ ରନର୍ସ ଅପ୍ ଟ୍ରଫି ହାସଲ କରିଛି। ସେହିପରି ଦେବଗଡ ୪ର୍ଥ ଆଇଆରବିଏନ ତୃତୀୟ ସ୍ଥାନ ଅଧିକାର କରିଛି। ଅତିରିକ୍ତ ପୋଲିସ ଡିଜି ତଥା ଏସ୍‌ଏଫ୍‌ଏସଏଲ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାଥ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିୟନଶିପ୍ ଅଧକ୍ଷ ସତ୍ୟବ୍ରତ ଭୋଇ ପ୍ରତିଯୋଗିତା ବିଷୟରେ ସୂଚନା ଦେଇଥିଲେ। ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଏସ୍‌ପି ସଞ୍ଜୀବ ଆରୋରା କ୍ରୀଡ଼ାବିତ୍ ଓ ଅତିଥିଙ୍କୁ ସ୍ୱାଗତ କରିଥିଲେ। ବିଶ୍ୱପ୍ରସାଦ ଦାଶ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସଂଯୋଜନା କରି ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା, ଭିସୁଟ କୁଳପତି ପ୍ରଫେସର ଅଟଳ ଚୌଧୁରୀ ନିମନ୍ତ୍ରିତ ଅତିଥି ଥିଲେ। ଏହି ଅବସରରେ ବିଭିନ୍ନ ଜିଲାର ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ସନ୍ତରଣ କୋଚ ଆଶୁତୋଷ ନାୟକ, ଗଙ୍ଗାଧର ଓରାମ, ଜଗବନ୍ଧୁ ବେହେରା, ଅନିଲ କୁମାର ମିଞ୍ଜ, ରମେଶ ବରିହା, ଶୁକଲାଲ ମୁଣ୍ଡା, ଈଶ୍ୱର ପ୍ରସାଦ ବାରିକ, ଲକ୍ଷ୍ମୀ ଚନ୍ଦ୍ର ମହାକୁର, ସୁନ୍ଦରମଣି ବାରିକ, ସୁରେନ୍ଦ୍ର କୁମାର ନାଏକ, ଗୋବିନ୍ଦ ସେଠ, ସଞ୍ଜୟ ପାଣ୍ଡେ, ସୁଜିତ କୁମାର ସାହୁ, ରେଖା ଦେ, କିଶୋର ଲୁହା, ସଞ୍ଜୟ ମଲ୍ଲିକ, ପ୍ରଫୁଲ୍ଲ ଗହିର, ଅନନ୍ତ ବରିହା, ମନୋଜ ବନଛୋର ପ୍ରମୁଖ ପରିଚାଳନା କରିଥିଲେ।





ଟ୍ରଫି ସହ ଦଳଗତ ଚାମ୍ପିୟନ ସମ୍ବଲପୁର। ଶ୍ରେଷ୍ଠ ସନ୍ତରଣକାରୀ ରୁଷଭ ସୁନା।



# ହିନ୍ଦୀ ଫିଲ୍ମ 'ସୋନୀ'ର ସ୍କ୍ରିନିଂ

**ଭୁବନେଶ୍ୱର,୧୬।୩ (ବ୍ୟୁରୋ)**



ଅକ୍ସଫାମ୍ ଇଣ୍ଡିଆ ପକ୍ଷରୁ ଶନିବାର ଇଉ୍‌କଲ ଅଡିଟୋରିୟମଠାରେ ହିନ୍ଦୀ ଫିଲ୍ମ 'ସୋନୀ'ର ସ୍କ୍ରିନିଂ ହୋଇଥିଲା। ଇଭାନ ଆୟର ନିର୍ଦ୍ଦେଶିତ ଏହି ଫିଲ୍ମ ଦିଲ୍ଲୀର ଦୁଇଜଣ ମହିଳା ପୋଲିସଙ୍କ ଜୀବନୀ ଉପରେ ପର୍ଯ୍ୟବସିତ। ଯୌନ ହିଂସା ବୃଦ୍ଧିକୁ ନେଇ ଦିଲ୍ଲୀ ମହିଳା ପୋଲିସ କିପରି ରିଆକ୍ଟ କରନ୍ତି ତାହା ଉପରେ ଫିଲ୍ମଟି ଗତିଶୀଳ ହୋଇଛି। ଫିଲ୍ମର ମୁଖ୍ୟ ଭୂମିକାରେ ଥିବା ଅଭିନେତ୍ରୀ ଗୀତିକା ବିଦ୍ୟା ଓଲ୍ୟାନ ଏହି ଫିଲ୍ମ ସ୍କ୍ରିନିଂ ସମୟରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ଇଭାନ ଆୟାରଙ୍କ ସମେତ ଓଡ଼ିଆ ଫିଲ୍ମ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ଅକ୍ସଫାମ ଇଣ୍ଡିଆ ରିଜିଓନାଲ ମ୍ୟାନେଜର ଅକ୍ଷୟ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ 'ୱିମେନ ଇନ୍ ସିନେମା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

## ନୂଆଦିଲ୍ଲୀରେ 'ଓଡ଼ିଶା ପର୍ବ'ର ଦ୍ୱିତୀୟ ଦିବସ

# 'ଓଡ଼ିଶା ହେଉଛି ବିପ୍ଳବୀଙ୍କ ସୌରଜଗତ'

**ଭୁବନେଶ୍ୱର, ୧୬।୩(ବ୍ୟୁରୋ)**

ଓଡ଼ିଶାର ଗୌରବମୟ ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ସ୍ୱାଦକୁ ଉଜ୍ଜୀବିତ କରିବା ପାଇଁ ଦିଲ୍ଲୀସ୍ଥିତ ଇଣ୍ଡିଆ ଗେଟ୍‌ଠାରେ ଆରମ୍ଭ ହୋଇଥିବା 'ଓଡ଼ିଶା ପର୍ବ-୨୦୧୯'ର ଶନିବାର ଥିଲା ଦ୍ୱିତୀୟ ଦିବସ। ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓଡ଼ିଶାର ଗରିମାମୟ ଗାଥା ସମ୍ବନ୍ଧରେ କହିଥିଲେ। ଯେତେବେଳେ ବିଶ୍ୱ କଥା କୁହାଯାଏ, ଲୋକମାନେ ଭୌଗୋଳିକ ଭାବେ କୁହନ୍ତି ଯେ ଓଡ଼ିଶା ଭାରତର ଏକ ରାଜ୍ୟ। ଏହା ବ୍ରହ୍ମାଣ୍ଡ ମଧ୍ୟରେ ଏକ ସ୍ଥାନ। ମାତ୍ର ମୋତେ ଲାଗେ ଏହା ହିଁ ସମଗ୍ର ବ୍ରହ୍ମାଣ୍ଡ। ସମଗ୍ର ବ୍ରହ୍ମାଣ୍ଡ ଓଡ଼ିଶା ମଧ୍ୟରେ ଅବସ୍ଥିତ। ଏହା ମହାନ୍ ବିପ୍ଳବୀମାନଙ୍କର ଏକ ସୌରଜଗତ। ଏହା ଏକ ପବିତ୍ର ଭୂମି ବୋଲି ରାଜ୍ୟପାଳ କହିଥିଲେ। ଓଡ଼ିଆ ସମାଜର ସଭାପତି ସିଦ୍ଧାର୍ଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଭାରତୀୟ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଗୀତା ମହାଲିକ ଓ ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟାଭିନୟରେ ଭକ୍ତ ପ୍ରହ୍ଲାଦ, ଢେମ୍‌ସା ଆଦିବାସୀ ନୃତ୍ୟ ଓ ଧୀବର ଛଉନୃତ୍ୟ ଉପସ୍ଥିତ ଜନତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଗୁରୁ କସ୍ତୁରୀ ପଟ୍ଟନାୟକଙ୍କ ଶିଷ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଓଡ଼ିଶୀ ନୃତ୍ୟରେ କାଞ୍ଚି ଅଭିଯାନ, କଣ୍ଠଶିଳ୍ପୀ ସୁସ୍ମିତା ଦାଶଙ୍କ ଦ୍ୱାରା ପ୍ରସ୍ତୁତ ଓଡ଼ିଆ ଗୀତ 'ଆମ ରସଗୋଲା', ଚିର ସବୁଜ ରଙ୍ଗବତୀ ଗୀତ, ପାଇକେଲି ନୃତ୍ୟ, ପୂର୍ବ ଓ ପଶ୍ଚିମର ଯୁଗଳବନ୍ଦୀ ଲୋକନୃତ୍ୟ ନାରୀଶକ୍ତି ଆଦି ମୁଖ୍ୟ ଆକର୍ଷଣ ଥିଲା। ବିଶିଷ୍ଟ ସଙ୍ଗୀତକାର ଅଭିଜିତ ମଜୁମଦାର ଓ କଣ୍ଠଶିଳ୍ପୀ ସୁମନ ଦାଶଙ୍କ ଦ୍ୱାରା ଲାଇଭ୍ ମ୍ୟୁଜିକାଲ ଶୋ' ଦର୍ଶକଙ୍କୁ ମତୁଆଲା କରିଥିଲା।

ଉତ୍ସବର ପ୍ରବେଶ ଦ୍ୱାରକୁ ପାରମ୍ପରିକ ବୋଇତ ଶୈଳୀରେ ନିର୍ମାଣ କରାଯାଇଛି। ଏକ ସମୃଦ୍ଧ ଏବଂ ପରିସ୍ଫୁଟ ଓଡ଼ିଶା ଗଠନର ଲକ୍ଷ୍ୟ ନେଇ ପଦ୍ମଫୁଲର ପ୍ରଚ୍ଛଦପଟରେ ଏକ ବିଶାଳ ମଞ୍ଚ ନିର୍ମାଣ କରାଯାଇଛି। ଏଠାରେ ଭୁବନେଶ୍ୱରର ଐତିହ୍ୟ ମୁକ୍ତେଶ୍ୱର ମନ୍ଦିରର କ୍ଷୁଦ୍ରାକୃତି ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରୁଛି। ଏହି ଫ୍ରେମରେ ଦର୍ଶକ ସେଲ୍‌ଫି ଫଟୋ ଉଠାଇବାର ମଜା ନେଉଛନ୍ତି। ହଜିଯିବାକୁ ବସିଥିବା ଓଡ଼ିଶାର ଶଗଡ଼ ଗାଡ଼ି, ପାଲିଙ୍କି, ଟାକେଟିଲ୍ ଆଦିର କ୍ଷୁଦ୍ରାକୃତି ଓଡ଼ିଶାର ଗ୍ରାମୀଣ ପରିବେଶର ଅନୁଭବ ପ୍ରଦାନ କରୁଛି। 'ଓଡ଼ିଆସମାଜ', ନୂଆଦିଲ୍ଲୀ ପକ୍ଷରୁ ଆୟୋଜିତ ଏହି ପର୍ବ ରବିବାର ଉଦ୍‌ଯାପିତ ହେବ।



କାର୍ଯ୍ୟକ୍ରମକୁ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି।

## ଶ୍ରୀମନ୍ଦିରରେ ଦୋଳପର୍ବ ଆରମ୍ଭ

# ଚାଚେରୀ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

**ପୁରୀ ଅଫିସ,୧୬।୩**

ଶନିବାର ଫଗୁ ଦଶମୀରେ ଶ୍ରୀମନ୍ଦିରରେ ଦୋଳପର୍ବ ଆରମ୍ଭ ହୋଇଛି। ମଧ୍ୟାହ୍ନ ଧୂପ ପରେ ୩ ବାଡ଼ରେ ମଇଲମ ହୋଇ ନୂଆଲୁଗା ଲାଗି ହୋଇଥିଲା। ପାଳିଆ ମେକାପ ଚନ୍ଦନ ବିଜେ କରାଇଥିଲେ। ଏହାପରେ ମହାପ୍ରଭୁଙ୍କ ସର୍ବାଙ୍ଗ ନୀତି ବଢ଼ିଥିଲା। ଶ୍ରୀଦେବୀ ଓ ଭୂଦେବୀ ଦକ୍ଷିଣୀ ଘରକୁ ବିଜେ କରିବା ପରେ ମହାପ୍ରଭୁଙ୍କ ଚାଚେରୀ ବେଶ ହୋଇଥିଲା। ଏହି ବେଶରେ ଠାକୁରମାନେ ଲାଲ ରଙ୍ଗର ବସ୍ତ୍ର, ବିଭିନ୍ନ ଅଳଙ୍କାର ପରିଧାନ କରିଥିଲେ। ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ବିମାନରେ ଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ସେଠାରେ ଭୋଗ ଓ ଜଉଡ଼ାବ ଖେଳ ବଢ଼ିଲା ପରେ ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ ହୋଇଥିଲେ। ଏହାପରେ ମହାପ୍ରଭୁଙ୍କ ଅନ୍ୟାନ ନୀତି ବଢ଼ି ପହୁଡ଼ ହୋଇଥିଲା।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ହେବ ଜାତୀୟ ସେବା ଯୋଜନା ତାଲିମ କେନ୍ଦ୍ର

**ଭୁବନେଶ୍ୱର, ୧୬।୩(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ଥାପନ ହେବ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ତାଲିମ କେନ୍ଦ୍ର। ଏଠାରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ତାଲିମ ଗ୍ରହଣ କରିବେ। ଏଥିପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍ ହଲ୍‌ରେ ଶନିବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ କୁଳସଚିବ ଦୟାନିଧି ନାୟକ ଏବଂ କେନ୍ଦ୍ର ସରକାରଙ୍କ ଭୁବନେଶ୍ୱର ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ସରିତା ପଟେଲ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ମନୋରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିଜି କାଉନ୍‌ସିଲ୍ ଅଧ୍ୟକ୍ଷ ପ୍ରଫେସର ବ୍ରହ୍ମାନନ୍ଦ ଶତପଥୀ, ସିଡିସି ନିର୍ଦ୍ଦେଶକ ସନ୍ତୋଷ କୁମାର ତ୍ରିପାଠୀ, କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ କବୀର ମୋହନ ସେଠୀ, ଉଚ୍ଚ ଶିକ୍ଷା ବିଭାଗ ଉପଶାସନ ସଚିବ ସୁରେଖା ସୁନ୍ଦରୀ ସ୍ୱାଇଁ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ କୀର୍ତ୍ତିରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଇଣ୍ଡିଆନ ସିଟିଜେନ୍ସ ପାର୍ଟି ପକ୍ଷରୁ ପର୍ଯ୍ୟବେକ୍ଷକ ନିଯୁକ୍ତି


**କଟକ ଅଫିସ, ୧୬।୩**

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଇଣ୍ଡିଆନ୍ ସିଟିଜେନ୍ସ ପାର୍ଟି ପକ୍ଷରୁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ଚୟନ କରିବା ପାଇଁ କଟକ ସିଡିଏ ସେକ୍ଟର ୮ର ଏଚ୍‌ଆଇଜି-୧୬ କାର୍ଯ୍ୟାଳୟରେ ସ୍ୱତନ୍ତ୍ର କକ୍ଷ ଖୋଲାଯିବା ସହ ପର୍ଯ୍ୟବେକ୍ଷକ ନିଯୁକ୍ତି କରାଯାଇଛି। ବ୍ରହ୍ମପୁର ଲୋକ ସଭା ଓ ଏହା ଅଧୀନ ୭ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସୁବୋଧ କୁମାର ବେଉରା ପର୍ଯ୍ୟବେକ୍ଷକ ରୂପେ ନିଯୁକ୍ତି ପାଇଛନ୍ତି। କୋରାପୁଟ ଲୋକ ସଭା ଓ ଏହା ଅଧୀନ ୭ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସତ୍ୟଜିତ୍ ରାଉତ ନିଯୁକ୍ତ ହୋଇଛନ୍ତି। ନବରଙ୍ଗପୁର ଲୋକ ସଭା ଓ ଏହା ଅଧୀନ ୭ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଗୀତାଞ୍ଜଳି ଜେନା ପର୍ଯ୍ୟବେକ୍ଷକ ରୂପେ ନିଯୁକ୍ତ ହୋଇଛନ୍ତି। ସେହିପରି କଳାହାଣ୍ଡି ଲୋକସଭା ଓ ଏହା ଅଧୀନ ୭ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସଂଯୁକ୍ତା ବେଉରା ନିଯୁକ୍ତ ପାଇଛନ୍ତି। ଲୋକ ସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ପ୍ରାର୍ଥୀ ହେବାକୁ ଆଶାୟୀ ବ୍ୟକ୍ତିମାନେ ଭୋଟ ପରିଚୟ ପତ୍ର ସହ ନିର୍ବାଚନ କମିଶନଙ୍କ ନିୟମାନୁଯାୟୀ ସବିଶେଷ ବିବରଣୀ ପାର୍ଟି କାର୍ଯ୍ୟାଳୟରେ ଦାଖଲ କରିବାକୁ କୁହାଯାଇଛି।

# ଗୁଡ୍ ନ୍ୟୁଜ୍ ଇଣ୍ଡିଆ ବିରୋଧରେ ଥାନାରେ ଅଭିଯୋଗ ଦେଲା ସିଡବ୍ଲ୍ୟୁସି

**ଚୌଦ୍ୱାର,(ଡି.ଏନ୍.ଏ.)/ କଟକ ଅଫିସ, ୧୬।୩:**


ଚୌଦ୍ୱାର ଥାନା ଅଞ୍ଚଳରେ ଏକ ଭଡ଼ାଘରେ ଚାଲିଥିବା ଗୁଡ୍ ନ୍ୟୁଜ୍ ଇଣ୍ଡିଆ ସେଲଟର ହୋମ୍‌ରେ କଟକ ଜିଲା ସିଡବ୍ଲ୍ୟୁସି ତରଫରୁ ଚଢ଼ାଉ କରାଯାଇ ଶୁକ୍ରବାର ୪୨ ଜଣ ପିଲାଙ୍କୁ ଉଦ୍ଧାର କରାଯାଇଥିଲା। ବେଆଇନ ଭାବେ ପିଲାମାନଙ୍କୁ ରଖାଯାଇଥିବା ନେଇ ଶନିବାର ସନ୍ଧ୍ୟାରେ ସିଡବ୍ଲୁସି ତରଫରୁ ଚୌଦ୍ୱାର ଥାନାରେ ଅଭିଯୋଗ ହୋଇଛି। ସିଡବ୍ଲ୍ୟୁସି ଅଧିକାରୀ ପ୍ରଗତି ମହାନ୍ତି ଗୁଡ୍ ନ୍ୟୁଜ୍ ଇଣ୍ଡିଆ ସେଲଟର ହୋମ୍ ପରିଚାଳକ ଦୀପକ ପରମାଣିକ୍‌ଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚୌଦ୍ୱାର ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ଡିସେମ୍ବରରେ ଏହି ଅନୁଷ୍ଠାନକୁ ବେଆଇନ୍ ଘୋଷଣା କରାଯାଇ ସିଲ କରାଯିବା ସହିତ ସେଠାରେ ରହୁଥିବା ୧୨୬ ଜଣ ପିଲାଙ୍କୁ ଉଦ୍ଧାର କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ସରକାରୀ ନିର୍ଦ୍ଦେଶକୁ ବେଖାତିର କରି ବେଆଇନ ଭାବେ ପିଲାଙ୍କୁ ପୁଣି ଅନ୍ୟ ଏକ ଘରେ ରଖାଯାଇଥିବା ଏତଲାରେ ଦର୍ଶାଯାଇଛି।














3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୭।୩।୨୦୧୯(ରବିବାର)**

**ଭୁବନେଶ୍ୱର**

- ପଥ ଉତ୍ସବ, ରାମ ମନ୍ଦିର,ଜନପଥ, ସକାଳ ୬ଟା ୩୦।
- ସଦ୍‌ଗୁରୁ ସ୍ୱାମୀ ନିଗମାନନ୍ଦ ଦେବ ଦାତବ୍ୟ ସ୍ୱାସ୍ଥ୍ୟ ସେବା ପରାମର୍ଶ କେନ୍ଦ୍ର ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର, ସରସ୍ୱତୀ ଶିଶୁ ମନ୍ଦିର, ତାରିଣୀ ମନ୍ଦିର ନିକଟ ବାଲିଆପଠା, ରସୁଲଗଡ଼, ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା।
- ଗୀତି ଗଙ୍ଗୋତ୍ରୀ ପକ୍ଷରୁ ଗୀତିକବି ସମାବେଶ, ଆଲୋଚନାଚକ୍ର, ସୂଚନା ଭବନ, ସକାଳ ୯ଟା ୩୦।
- କସ୍ତୁରବ୍ୟ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ଅଲ ଇଣ୍ଡିଆ ଆଲ୍ଲାହାବାଦ ବ୍ୟାଙ୍କ ପେନସନଧାରୀ ଓ ଅବସରପ୍ରାପ୍ତ ଆସୋସିଏଶନର ଦ୍ୱିତୀୟ ତ୍ରୈବାର୍ଷିକ ସମ୍ମିଳନୀ, ଇମେଜ୍, ସିରିପୁର, ପୂର୍ବାହ୍ନ ୧୦ଟା।
- ଗୁରୁ ପଙ୍କଜ ଚରଣ ଦାସ ଓ ଓଡିଶୀ ରିସର୍ଚ ସେ଼ଣ୍ଟର ପକ୍ଷରୁ ଗୁରୁ ପଙ୍କଜ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୪ଟା।
- ରୁବି ଆଇ ଫାଉଣ୍ଡେଶନ ଏବଂ ରିସର୍ଚ ସେଣ୍ଟର ପକ୍ଷରୁ ଗ୍ଲାକୋମା ପଞ୍ଚାୟତ, ମେ ପେୟାର କନେଭେନଶନ, ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା।
- ଓଲିଉଡ ସିନେ ଆୱାର୍ଡ, ଉତ୍କଳ ରଙ୍ଗମଞ୍ଚ, ଅପରାହ୍ନ ୫ଟା।
- ନୃତ୍ୟାଞ୍ଜଳି ପକ୍ଷରୁ ବସନ୍ତ ଉତ୍ସବ, ଭଞ୍ଜକଳା ମଣ୍ଡପ, ବିଜେବି ନଗର, ଅପରାହ୍ନ ୫ଟାରୁ ରାତି ୯ଟା।
- ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୧, ସନ୍ଧ୍ୟା ୬ଟା।
- ସାଧକ-ସାଧବ ସାଧାରଣ ସଭାରେ ଗ୍ରନ୍ଥ 'ଶରତ ଶତମ୍'ର ଶୁଭଉନ୍ମୋଚନ, ଇଡ୍‌କଲ ଅଡିଟୋରିୟମ, ସନ୍ଧ୍ୟା ୭ଟା।

**କଟକ**

- ଶିଶୁ ସାହିତ୍ୟ ଲେଖକ ସମ୍ମେଳନର ଅଷ୍ଟାଦଶ ସମାବର୍ତ୍ତନ ଉତ୍ସବ, ଶ୍ରୀଜଗନ୍ନାଥ ମନ୍ଦିର ପରିସର, ମହାନଦୀବିହାର, ସକାଳ ୭ଟା ୩୦ ।
- ବସୁଧୈବ କୁଟୁମ୍ବକମ୍ ମିଶନ ପକ୍ଷରୁ ୩୫ତମ ଅଧିବେଶନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶଙ୍କରପୁର, ଅପରାହ୍ନ ୪ଟା ।
- ସମ୍ଭାବନା ଫାଉଣ୍ଡେଶନ ପକ୍ଷରୁ ଓଡ଼ିଆ ବିଷୁବ ସାହିତ୍ୟ ସମ୍ମିଳନୀ, ଟାଉନ ହଲ୍, ଅପରାହ୍ନ ୪ଟା ।
- ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ଚର୍ତୁବିଂଶତମ 'ସାହିତ୍ୟ ଭାରତୀ ସମ୍ମାନ' ସମାରୋହ, କଳା ବିକାଶ କେନ୍ଦ୍ର, ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**

- ମୁଣ୍ଡମୁହାଣ ଗ୍ରାମେଶ୍ୱର ଦେବଙ୍କ ଦୋଳ ଭୋଗଖିଆ ଆରମ୍ଭ, ଝାଁଲା ସମେତ ୪ଖଣ୍ଡ ଗାଁରେ, ରାତି ୮ଟା।

**୧୮।୩।୨୦୧୯(ସୋମବାର)**

**ଭୁବନେଶ୍ୱର**

- ସୋସିଆଲ ଆକ୍ସନ ଫୋରମ ଫର ମାନବ ଅଧିକାର ପକ୍ଷରୁ ଏକଦିନିଆ କର୍ମଶାଳା, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ପ୍ଲଟ ନଂ-୧/ଏ, ଜୟଦେବ ବିହାର, ପୂର୍ବାହ୍ନ ୧୧ଟା।
- ସ୍ମିତା ଏକ୍ସପ୍ରେସନ ପକ୍ଷରୁ କଳା ପ୍ରଦର୍ଶନୀ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- କବି ଡ.ପ୍ରସନ୍ନ କୁମାର ମିଶ୍ରଙ୍କ ଜନ୍ମବାର୍ଷିକୀ ଅବସରରେ ଫାଲ୍‌ଗୁନ ଆସର, ମହାବୋଧି ସୋସାଇଟି (ବୁଦ୍ଧ ମନ୍ଦିର), ୟୁନିଟ-୯, ସନ୍ଧ୍ୟା ୬ଟା।
- ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୧, ସନ୍ଧ୍ୟା ୬ଟା।
- ଶରତ-ସ୍ମୃତି-ସଂସଦ ଆନୁକୂଲ୍ୟରେ ଶରତ-ସ୍ମୃତି-ସନ୍ଧ୍ୟା, ଗୀତଗୋବିନ୍ଦ ସଦନ, ସୂଚନା ଭବନ ପରିସର, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ଆଖଣ୍ଡଳେଶ୍ୱର ମହାଦେବର ଦୋଳ ଉତ୍ସବ, ପ୍ରତାପରୁଦ୍ରପୁର, ସକାଳ ୯ଟା।

**୧୯।୩।୨୦୧୯(ମଙ୍ଗଳବାର)**

**ଭୁବନେଶ୍ୱର**

- ସ୍ମିତା ଏକ୍ସପ୍ରେସନ ପକ୍ଷରୁ କଳା ପ୍ରଦର୍ଶନୀ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୧, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ଆଖଣ୍ଡଳେଶ୍ୱର ମହାଦେବଙ୍କ ଦୋଳ ଉତ୍ସବ, ପ୍ରତାପରୁଦ୍ରପୁର, ସକାଳ ୯ଟା।

**୨୦।୩।୨୦୧୯(ବୁଧବାର)**

**ବାଲିଅନ୍ତା**

- ଆଖଣ୍ଡଳେଶ୍ୱର ମହାଦେବର ଦୋଳ ଉତ୍ସବ, ପ୍ରତାପରୁଦ୍ରପୁର, ସକାଳ ୯ଟା।

**୨୧।୩।୨୦୧୯(ଗୁରୁବାର)**

**ଭୁବନେଶ୍ୱର**

- ଗଳ୍ପ ପତ୍ରିକା 'କଥାକଳିକା' ର ସ୍ୱନକ୍ଷତ୍ର ଉତ୍ସବ, ଦି ପ୍ରେସ କ୍ଲବ ଅଫ ଓଡ଼ିଶା, ପୂର୍ବାହ୍ନ ୧୦ଟା।

**ବାଲିଅନ୍ତା**

- ଆଖଣ୍ଡଳେଶ୍ୱର ଦୋଳ ପୂର୍ଣ୍ଣିମାରେ ଝୁଲଣ ଉତ୍ସବ, ପ୍ରତାପରୁଦ୍ରପୁର, ଝୁଲଣ ମଣ୍ଡପ, ପୂର୍ବାହ୍ନ ୧୦ଟା।
- ଭୂତପଦା ଦୋଳ ମେଳନ, କାକରୁଦ୍ରପୁର ମେଳନ ପଡ଼ିଆ, ଅପରାହ୍ନ ୧ଟା।
- ଦୋଳ ଉତ୍ସବ ଓ ଦୋଳ ମଣ୍ଡପରେ ନୂତନ ପାଞ୍ଜି ପଠନ, ଭିଙ୍ଗାରପୁର(ଶାସନ), ଅପରାହ୍ନ ୩ଟା।

**୨୨।୩।୨୦୧୯(ଶୁକ୍ରବାର)**

**ଭୁବନେଶ୍ୱର**

- କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ତ୍ରିଧାରା ଓ ଭୁବନେଶ୍ୱର ମ୍ୟୁଜିକ ସର୍କଲର ମିଳିତ ଆନୁକୂଲ୍ୟରେ ଜାତୀୟ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟାରୁ ୯ଟା।

**ବାଲିଅନ୍ତା**

- ବାଲିଅନ୍ତା ଦୋଳ ମେଳନରେ ରୋଶଣି ଉତ୍ସବ, ବାଲିଅନତ୍ ମହାତ୍ମା ସେତୁ ନିକଟ, ରାତି ୧୧ଟା।

**୨୩।୩।୨୦୧୯(ଶନିବାର)**

**ପୁରୀ**

- ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରୀୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ, ତାଳବଣିଆ, ସକାଳ ୯ଟା।

**ବାଲିଅନ୍ତା**

- ଆଖଣ୍ଡଳେଶ୍ୱର ମହାଦେବଙ୍କ ଯମୁନା ସ୍ନାନ, କୁଶଭଦ୍ରା ନଦୀକୂଳ, ପ୍ରତାପରୁଦ୍ରପୁର, ସକାଳ ୬ଟା।
- ବାଲିଅନ୍ତା ଦୋଳ ମେଳନ, ସଂକୀର୍ତ୍ତନ ପରିବେଷଣ ଓ ଆତସବାଜି ପ୍ରଦର୍ଶନ, ପ୍ରତାପରୁଦ୍ରପୁର, ଅପରାହ୍ନ ୩ଟା।

**ଖୋର୍ଦ୍ଧା**

- ମୁଣ୍ଡମୁହାଣ ଗ୍ରାମେଶ୍ୱର ଦେବଙ୍କ ଦୋଳପୂର୍ଣ୍ଣିମା ଯାତ୍ରାରେ ୧୫ ଠାକୁରଙ୍କ ମେଳଣ, ମୁଣ୍ଡମୁହାଣ, ରାତି ୧୧।

■ ଜିଲିଣ୍ଡା ମଣ୍ଡିରେ ଅବ୍ୟବସ୍ଥା

# ଚାଷୀ ବିକ୍ରି ପାରୁନାହାନ୍ତି ଧାନ

**ନରସିଂହପୁର,୧୬।୩(ସ୍ୱ.ପ୍ର.)**



ଜିଲିଣ୍ଡା ମଣ୍ଡିରେ ଧାନ ବିକିବାକୁ ଆସିଥିବା ଚାଷୀ ଅପେକ୍ଷା କରି ବସିଛନ୍ତି।

ନରସିଂହପୁର ବ୍ଲକ ଅନ୍ତର୍ଗତ ଜିଲିଣ୍ଡା ସେବା ସମବାୟ ସମିତି ଧାନ ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି। କେତେବେଳେ ନିମ୍ନମାନର ଧାନ ଦର୍ଶାଇ ମିଲର ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୩-୪କେଜି କାଟୁଛନ୍ତି ତ ଆଉ କେତେବେଳେ ହାତଗୁଞ୍ଜା ଦେଇ ନ ପାରିବାରୁ ପ୍ରକୃତ ଚାଷୀ ଧାନ ବିକ୍ରି କରି ପାରୁନାହାନ୍ତି। ଚଳିତ ବର୍ଷ ଏହି ମଣ୍ଡିରୁ ୨୨ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। କିନ୍ତୁ ଦଲାଲଙ୍କ ଦୌରାତ୍ମ୍ୟ ଯୋଗୁ ପ୍ରକୃତ ଚାଷୀ ଧାନ ବିକ୍ରି କରି ନ ପାରିବାରୁ ବର୍ତ୍ତମାନ ସୁଦ୍ଧା ମାତ୍ର ୭ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ଚାଷୀ ଶହଶହ କୁଇଣ୍ଟାଲ ଧାନ ଆଣି ମଣ୍ଡିରେ ଗଦା କରୁଥିବାବେଳେ ବିକ୍ରି କରିପାରୁନାହାନ୍ତି। ହେଲେ ଦଲାଲମାନେ ଦୈନିକ ଶହଶହ କୁଇଣ୍ଟାଲ ଧାନ ବିକ୍ରି କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଶନିବାର ଜିଲିଣ୍ଡା ଗ୍ରାମର ଚାଷୀ ଦିଗାମ୍ବର ପ୍ରଧାନ, କାଠିଆ ସାହୁ ଓ ବୈଦ୍ୟନାଥ ପ୍ରଧାନ ଧାନ ଆଣି ସମିତି ଆଗରେ ଗଦା କରିଥିବାବେଳେ ସନ୍ଧ୍ୟା ସୁଦ୍ଧା ବିକ୍ରି କରି ପାରିନ ଥିଲେ।

ଏ ନେଇ ସମବାୟ ସମିତି ସମ୍ପାଦକ ଅଗାଧୁ ବାରିକଙ୍କୁ ପଚାରିବାରୁ ଦଲାଲ ଧାନ ବିକ୍ରି କରିବା କଥାକୁ ଅସ୍ୱୀକାର କରିଛନ୍ତି। ସରକାରଙ୍କ ତରଫରୁ ନିଯୁକ୍ତ ହୋଇଥିବା ଏସ.କେ.ଡି କମ୍ପାନୀ ଏହି ମଣ୍ଡିରୁ ଧାନ କିଣିବା ପାଇଁ ଇଚ୍ଛା ପ୍ରକାଶ କରୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି। ସମବାୟ ସମିତି ସଭାପତି ମନୋଜ ଦେହୁରୀ କହିଛନ୍ତି, ଭାଗଚାଷୀମାନେ ଧାନ ବିକ୍ରି କରୁଛନ୍ତି। ଏଠି ଦଲାଲି ଚାଲିନାହିଁ। ଅନ୍ୟପକ୍ଷରେ ସ୍ଥାନୀୟ ତହସିଲଦାର, ବିଡିଓ ଏବଂ ଯୋଗାଣ ଅଧିକାରୀଙ୍କୁ ଏ ସମ୍ପର୍କରେ ଅନେକବାର ଅଭିଯୋଗ ହୋଇଥିଲେ ହେଁ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଯାହାଫଳରେ ଏହି ମଣ୍ଡିରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଥିବା କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ଯୋଗାଣ ବିଭାଗ ଅଧିକାରୀ ରବୀନ୍ଦ୍ର ସେଠୀ ଦଲାଲ ଧାନ କିଣୁଥିବା କଥାକୁ ସ୍ୱୀକାର କରିଛନ୍ତି। ସେହିପରି ଧାନ କିଣିବା ପାଇଁ ନିଯୁକ୍ତ ହୋଇଥିବା ମିଲର ଠିକ୍ ପଦକ୍ଷେପ ନେଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ତହସିଲଦାର ରାଜକିଶୋର ଜେନା କହିଥିଲେ। ଆଗାମୀ ଦିନରେ ସେ ଏ ଦିଗରେ ଦୃଷ୍ଟି ରଖିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାର ତୁରନ୍ତ ସମାଧାନ କରା ନ ଗଲେ ଜନ ଆନ୍ଦୋଳନ ଗଢ଼ି ଉଠିବ ବୋଲି ଇଂ. ତ୍ରିପୁରା ଦେହୁରୀ ଓ ମୋହନ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି।

■ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରୁନି

■ଶହଶହ କୁଇଣ୍ଟାଲ ଧାନ ବିକ୍ରି କରୁଛନ୍ତି ଦଲାଲ

■ଜନ ଆନ୍ଦୋଳନ ପାଇଁ ଚେତାବନୀ

## ଶିକ୍ଷକଙ୍କୁ ପ୍ରଶିକ୍ଷଣ

**ରଘୁନାଥପୁର, ୧୬। ୩( ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଅଞ୍ଚଳର ଉପ୍ରା ବିଦ୍ୟାଳୟରେ ରହି ଯାଇଥିବା ଅବଶିଷ୍ଟ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଉତ୍କର୍ଷ, ଉତଥାନ ଆର୍ଟସ ଓ ସାଇନ୍ସ ସମ୍ପର୍କରେ ୩ଟି ଗ୍ରୁପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ସିଆରସିସି ଭାସ୍କର ମୁଦୁଲିଙ୍କ ପରିଚାଳନାରେ ରିସର୍ଚ୍ଚ ପର୍ସନ ଭାବେ ବିଶ୍ୱନାଥ ଦାସ, ଚିତ୍ରସେନ ସାହୁ, ସୋନା ମହାନ୍ତି, ଶାନ୍ତନୁ ପାତ୍ର, ଚତୁର୍ଭୁଜ ନାୟକ ଓ ଦେଶବନ୍ଧୁ ପଟ୍ଟନାୟକ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ମୋଟ ୪୨ ଶିକ୍ଷୟିତ୍ରୀଶିକ୍ଷକ ପ୍ରଶିକ୍ଷଣ ନେଉଥିବାବେଳେ ସୋମବାର ଏହି କାର୍ଯ୍ୟକ୍ରମ ଶେଷ ହେବ। ପ୍ରତ୍ୟେକ ବିଦ୍ୟାଳୟରେ ଆସନ୍ତା ଏପ୍ରିଲ ୪ରୁ ଉତ୍କର୍ଷ, ଉତଥାନ କାର୍ଯ୍ୟକ୍ରମ ହେବ। ପ୍ରଶିକ୍ଷଣ ପାଇଥିବା ଶିକ୍ଷୟିତ୍ରୀଶିକ୍ଷକ ତାଲିମ ଅନୁସାରେ ଶିକ୍ଷାଦାନ କରିବେ। ଉତ୍କର୍ଷ ପାଇଁ ୫ ଖଣ୍ଡ ନୋଟସିଟ ଏବଂ ଉତଥାନ ଅର୍ଟସ ଓ ସାଇନ୍ସ ପାଇଁ ମୋଟ ୧୧ ଖଣ୍ଡ ନୋଟ ସିଟର ବ୍ୟବସ୍ଥା ରହିଛି। ପିଲାମାନେ ଉକ୍ତ ନୋଟିସକୁ ପଢି ସେଥିରେ ଉତ୍ତର ଲେଖିବାର ବ୍ୟବସ୍ଥା ରହିଛି। ଗତବର୍ଷ ସ୍କୁଲରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ଚଳିତବର୍ଷ ପାଇଁ କିଛି ଭିନ୍ନତା ଅଣାଯାଇଛି। ତେବେ ଅନେକ ମାତ୍ରାରେ ଏହା ଛାତ୍ରୀମାନଙ୍କ ପାଇଁ ଫଳପ୍ରଦ ହେବ ବୋଲି ରିସର୍ଚ୍ଚ ପର୍ସନ ଦାସ ମତ ରଖିଛନ୍ତି। ତେବେ ସ୍କୁଲରେ ହେବାକୁ ଥିବା ୪୦ ଦିନିଆ କାର୍ଯ୍ୟକ୍ରମରେ ଅଭିଭାବକମାନେ ପୂର୍ଣ୍ଣମାତ୍ରାରେ ସହଯୋଗ କରିବା ପାଇଁ ସିଆରସିସି ମୁଦୁଲି ଆଶା ପ୍ରକଟ କରିଛନ୍ତି।

■ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଚଢ଼ାଉ

# କାର୍ ସହ ୨୦ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ

**କଟକ ଅଫିସ,୧୬।୩**

■ଖୋର୍ଦ୍ଧାରୁ କାର୍‌ରେ ପାରାଦୀପ ଯାଉଥିଲା

■ଜଣେ ଫାର୍ମାସିଷ୍ଟ, ଦୁଇଜଣ ଇଞ୍ଜିନିୟରିଂ ଛାତ୍ର ଗିରଫ

ଖୋର୍ଦ୍ଧାରୁ ପାରାଦୀକୁ ଚାଲାଣବେଳେ କଟକ ଲିଙ୍କରୋଡ୍ ଛକରୁ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ଏକ କାର୍ ସହ ୨୨୨ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ତେବେ ଏହି ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପୁରୀ ଜିଲା ଗଡିଶାଗୋଦାର ଅନ୍ତର୍ଯ୍ୟାମୀ ବଳିଆରସିଂ(୩୦), ସୁନାଖଳା ଅଞ୍ଚଳର ସୁବ୍ରତ ରଣସିଂ(୨୬) ଓ କଟକ ଜିଲା ନିଆଳି ଅଞ୍ଚଳର ବାବୁନା ନାୟକ(୨୬)। ଏମାନଙ୍କ ମଧ୍ୟରୁ ଜଣେ ଏକ ଘରୋଇ ମେଡିକାଲର ଫାର୍ମାସିଷ୍ଟ ଥିବାବେଳେ ଅନ୍ୟ ଦୁଇଜଣ ଇଞ୍ଜିନିୟରିଂ ଛାତ୍ର ବୋଲି ଜଣାପଡିଛି। ଏହି ଘଟଣାରେ ବିଭାଗ ପକ୍ଷରୁ ୨୧୪/୧୮-୧୯ରେ ଏକ ମାମଲା ରୁଜୁ କରାଯାଇ ଅଧିକ ଖୋଳତାଡ଼ ଆରମ୍ଭ ହୋଇଛି।

ମିଳିଥିବା ସୂଚନାନୁଯାୟୀ, ବ୍ରାଉନସୁଗାର ଚାଲାଣ ସଂକ୍ରାନ୍ତରେ ଅବକାରୀ ବିଭାଗର ଡେପୁଟି କମିଶନର ରାମଚନ୍ଦ୍ର ପାଲଟାଙ୍କ ନିକଟରେ ସୂଚନା ପହଞ୍ଚିଥିଲା। ଇନ୍ସପେକ୍ଟର ଜଗଦୀଶ ଚନ୍ଦ୍ର ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ଶନିବାର ଭୋର୍ ୪ଟାରୁ ଲିଙ୍କରୋଡ୍ ଓ ଆଖପାଖରେ ଛକି ରହିଥିଲେ। ସମସ୍ତେ ସାଦା ପୋଷାକରେ ଥିଲେ। ସକାଳ ସାଢେ ୫ଟାବେଳେ ଅଭିଯୁକ୍ତମାନେ ଏକ କାର(ଓଡି୨୧ଏଫ୍୨୦୩୬)ରେ ଲିଙ୍କରୋଡ୍‌ରେ ପହଞ୍ଚିବା କ୍ଷଣି ସେମାନେ ଅଟକାଇ ଘେରିଯାଇଥିଲେ। ଯାଞ୍ଚବେଳେ କାର ପଛପଟ ସିଟ୍‌ରେ ଦୁଇଟି ପ୍ୟାକେଟରେ ବ୍ରାଉନସୁଗାର ମିଳିଥିଲା। ଅଭିଯୁକ୍ତମାନଙ୍କୁ ପଚରାଉଚରା ପରେ ସେମାନେ ସବୁକଥା ମାନିଥିଲେ। ସେମାନେ ପାରାଦୀପରେ ରହୁଥିବା ଓ ସେଠାରେ ବ୍ରାଉନସୁଗାର କାରବାର କରନ୍ତି। ବେପାର ପାଇଁ ସେମାନେ ଖୋର୍ଦ୍ଧାରୁ ଜଣେ ବ୍ୟବସାୟୀଙ୍କଠାରୁ ବ୍ରାଉନସୁଗାର ନେଇ ପାରାଦୀପ ଯାଉଥିବା କହିଥିଲେ। ତେବେ ଖୋର୍ଦ୍ଧାର ଉକ୍ତ ବ୍ୟବସାୟୀ ଜଣକ କିଏ, ସେ କେଉଁଠାରୁ ବ୍ରାଉନସୁଗାର ଆଣନ୍ତି ଓ ତାଙ୍କ ଲିଙ୍କ୍‌ରେ ଆଉ କେତେଜଣ ରହିଛନ୍ତି ତାହା ଉପରେ ଅଧିକ ତଦନ୍ତ ଜାରି ରହିଥିବା ଇନ୍ସପେକ୍ଟର ଜଗଦୀଶ କହିଛନ୍ତି।

# ବିଦ୍ୟୁତ୍ ଆଘାତରେ ହାଇୱା ଚାଳକଙ୍କ ମୃତ୍ୟୁ

**ଖୁଣ୍ଟୁଣୀ,୧୬।୩(ଡି.ଏନ୍.ଏ.)**


ଖୁଣ୍ଟୁଣୀ ଥାନା ଅଧୀନ ରାଜା ଆଠଗଡ ରେଲୱେ ସାଇଡିଂ ଠାରେ ଏକ କୋଇଲା ଡିପୋରେ କାମ କରୁଥିବା ବେଳେ ଜଣେ ହାଇୱା ଚାଳକଙ୍କ ବିଦ୍ୟୁତ୍ ଆଘାତରେ ଶୁକ୍ରବାର ମୃତ୍ୟୁ ହୋଇଛି। ସେ ହେଲେ ଆଠଗଡ ଥାନା ତରଡିଙ୍ଗ ଗ୍ରାମର ଗଣେଶ୍ୱର ବେହେରା। ସୂଚନା ଅନୁଯାୟୀ, ଗଣେଶ୍ୱର ସନ୍ଧ୍ୟାରେ କୋଇଲା ଖାଲି କରିବାକୁ ହାଇୱାର ଡାଲା ଟେକୁଥିବା ବେଳେ ୧୧କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଫଳରେ ଗଣେଶ୍ୱର ତଳକୁ ଖସି ପଡିଥିଲେ। ଟ୍ରକ୍ ମାଲିକ ସଂଘ ଗଣେଶ୍ୱରଙ୍କୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସରେ କଟକ ବଡ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ. ୨୦/୧୯)ରୁଜୁ ହୋଇଛି।

**ସଂକ୍ଷେପରେ**

## ଅବକାରୀ ଚଢ଼ାଉ, ୪ ଗିରଫ

**ଆଠଗଡ଼,୧୬।୩(ସ୍ୱ.ପ୍ର.):** କଟକ ଜିଲା ଅବକାରୀ ଅଧୀକ୍ଷକ ଅଶୋକ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ବିଭାଗ ଓ କଟକ ଜିଲା ଅବକାରୀ ଭ୍ରାମ୍ୟମାଣ ଦଳ ପକ୍ଷରୁ ଆଠଗଡ଼ର ବିଭିନ୍ନ ଅଞ୍ଚଳରେ ଶନିବାର ଚଢାଉ କରାଯାଇଥିଲା। ଏହି ସମୟରେ ବହୁ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ଥିବା ୪ଜଣଙ୍କୁ ଗିରଫ କରାଯାଇଛି। ତିଗିରିଆ ଥାନା ଅଞ୍ଚଳର ବାସନ୍ତୀ ସାହୁଙ୍କଠାରୁ ୮ ଲିଟର ଦେଶୀ ମଦ ଏବଂ ପାଞ୍ଚଗାଁର ଭ୍ରମରବର ସାହୁଙ୍କଠାରୁ ୧୧ ଲିଟର ବିଅର ଜବତ କରାଯାଇ ଉଭୟଙ୍କୁ ଗିରଫ କରାଯାଇଥିଲା। ସେହିପରି ଖୁଣ୍ଟଣୀ ଥାନା ଗଜାମ୍ବ ଗ୍ରାମର ପଦ୍ମୀ ଦେଇଙ୍କଠାରୁ ୮ ଲିଟର ଓ ମାଧପୁରର ସୁରେନ୍ଦ୍ର ରାଉତଙ୍କଠାରୁ ୧୦ ଲିଟର ଦେଶୀମଦ ଜବତ କରାଯିବା ସହ ସେମାନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଆଠଗଡ଼ ଅବକାରୀ ଇନ୍ସପେକ୍ଟର ସଞ୍ଜିତ ବାର୍ଲା, ଭ୍ରାମ୍ୟମାଣ ଅବକାରୀ ଇନ୍ସପେକ୍ଟର ପ୍ରବୀର ସାମଲଙ୍କ ନେତୃତ୍ୱରେ ଆଠଗଡ଼ ଏସଆଇ ବିଜୟ ଭଞ୍ଜ, ଏଏସଆଇ ନିରଞ୍ଜନ ସାହୁ, ପ୍ରମୋଦ ମହାନ୍ତି, କର୍ମଚାରୀ ଚୈତନ୍ୟ ମାଝି ଓ ଦୁଷ୍ମନ୍ତ ବସନ୍ତରା ଚଢାଉରେ ସାମିଲ ହୋଇଥିଲେ।

## ଶ୍ରୀକୃଷ୍ଣ ଚୈତନ୍ୟ ସେବାଶ୍ରମ ବାର୍ଷିକ ଉତ୍ସବ



**ବାଙ୍କୀ,୧୬।୩(ସ୍ୱ.ପ୍ର.):** ବାଙ୍କୀ ଉପଖଣ୍ଡ ଢଁସର ପଞ୍ଚାୟତ ଶ୍ରୀଚୈତନ୍ୟଦେବ ସେବାଶ୍ରମର ୯ମ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଆଶ୍ରମରେ ଭକ୍ତବନ୍ଧୁ ଭିକ୍ଷୁ ମହାରାଜଙ୍କ ଅନୁଗତ ଭାଗବତ କଥାମୃତ ପରିବେଷଣ କରିଥିଲେ। ଭକ୍ତମାନେ ବିଭିନ୍ନ ଅଞ୍ଚଳରୁ ଆସି ଭାଗବତ ଶ୍ରବଣ କରିଥିଲେ। ଆଶ୍ରମ ମୁଖ୍ୟ କାଶୀନାଥ ବେହେରା ଓ ଧନେଶ୍ୱର ବେହେରାଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ସୁଦର୍ଶନ ସାହୁ ଧନ୍ୟବାଦ ଦେଇଥିଲେ।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ବିଧାୟକ ପ୍ରଭାତ ତ୍ରିପାଠୀ ଓ ଅନ୍ୟମାନେ।

**ବାଙ୍କୀ,୧୬।୩(ସ୍ୱ.ପ୍ର.)**

ବାଙ୍କୀ ଏନଏସି ଅଧୀନ ରଚିକ ହାଟ ପରିସରରେ ସ୍ଥାନୀୟ ବିଜେଡି ପକ୍ଷରୁ ଶନିବାର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ପୂର୍ବତନ ନଗରପାଳ ପ୍ରୀତିଲତା ଗିରି ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ସଭ୍ୟ ପ୍ରଣବ କିଶୋର ପଟେଲ୍ ସଭାକୁ ପରିଚାଳନା କରିଥିଲେ। ପର୍ଯ୍ୟବେକ୍ଷକଭାବେ ମାନସୀ ସୁନ୍ଦର ରାୟ ଯୋଗଦେଇ କାର୍ଯ୍ୟକ୍ରମର ଅନୁଧ୍ୟାନ କରିଥିଲେ। ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ବାରଙ୍ଗ ବ୍ଲକ ସଭାନେତ୍ରୀ ମାନିନୀ ସାହୁ, ଡମପଡ଼ା ବ୍ଲକ ଉପାଧ୍ୟକ୍ଷା ରେବତୀ ଜେନା, ବାରଙ୍ଗ ବ୍ଲକ ନାରୀନେତ୍ରୀ ଅର୍ପିତା ବେହେରା, ସରସ୍ୱତୀ ଦାସ, ଡମପଡ଼ା ମହିଳା ସଭାପତି ଗୀତାରାଣୀ ଦାସ ପ୍ରମୁଖ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଯୁବ ବିଜେଡି ସଭାପତି ସନ୍ତୋଷ ରଣା, ସନାତନ ବେହେରା, ସମରେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବାଙ୍କୀ ବ୍ଲକର ୨୦, ଡମପଡ଼ା ୧୭, ବାରଙ୍ଗର ୮ ପଞ୍ଚାୟତ ଏବଂ ବାଙ୍କୀ ଏନଏସି ୧୭ ୱାର୍ଡର ମହିଳା ଯୋଗ ଦେଇଥିଲେ।

■ ଉପଖଣ୍ଡସ୍ତରୀୟ ଉତ୍କଳ ଦିବସ ପାଳନ ପ୍ରସ୍ତୁତି ବୈଠକ

# ଆଚରଣବିଧି ଯୋଗୁ ବାତିଲ ହେବ କେତେକ କାର୍ଯ୍ୟକ୍ରମ

**ଆଠଗଡ଼,୧୬।୩(ସ୍ୱ.ପ୍ର.)**



ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

ଜାତୀୟ ଦିବସ ପାଳନ କମିଟି ଆନୁକୂଲ୍ୟରେ ଆଠଗଡ଼ ଉପଖଣ୍ଡସ୍ତରୀୟ ଉତ୍କଳ ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଉପଜିଲାପାଳଙ୍କ ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ପୋଲିସ ଅଧିକାରୀ ଆଲୋକ ରଞ୍ଜନ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦିବସ ପାଳନ ଉପଲକ୍ଷେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ନିର୍ବାଚନ ଆଚରଣବିଧି ଲାଗୁ ଯୋଗୁ କେତେକ ନିର୍ଦ୍ଦିଷ୍ଟ ପ୍ରତିଯୋଗିତା, ସଭା ଏବଂ କାର୍ଯ୍ୟକ୍ରମକୁ ବାତିଲ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଦିବସ ଉପଲକ୍ଷେ ଉପଖଣ୍ଡ ସଦର ମହକୁମାରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ଉଚ୍ଚ ଶିକ୍ଷାନୁଷ୍ଠାନକୁ ରଙ୍ଗିନ ଆଲୋକରେ ସଜାଇବା, ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଏନଏସି ପକ୍ଷରୁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା। ଆସନ୍ତା ୨୫ରେ ସ୍ଥାନୀୟ ବିଶ୍ୱନାଥ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡିଆ ଲିଖନ, ପୁରାତନ ରଚନାରୁ ସଂଗୀତ ଓ ଦେଶାତ୍ମବୋଧକ ଗୀତ, ୨୬ରେ ୧ମରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ଏବଂ ୫ମରୁ ୯ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡିଆ ବକ୍ତୃତା ପ୍ରତିଯୋଗିତା ଆୟୋଜନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଦିବସ ଦିନ ଭୋର ୪ଟା ୩୦ରେ ଡାକବାଜି ଯନ୍ତ୍ର ଯୋଗେ ସହର ସାରା ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ, ସକାଳ ୭ଟାରେ ପ୍ରଭାତ ଫେରି ଓ ପରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସକାଳ ୯ଟାରେ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ପୁରସ୍କାର ବିତରଣ ଉତ୍ସବ ଆୟୋଜନ ପାଇଁ ସ୍ଥିର ହୋଇଥିଲା

୨ ବର୍ଷ ପୂର୍ବରୁ ସହର ମଧ୍ୟରେ ରାସ୍ତା ନବୀକରଣ ଓ ପ୍ରଶସ୍ତୀକରଣ କାର୍ଯ୍ୟ ଯୋଗୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସମେତ ଅନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଉଠାଇ ନିଆଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ପୁନଃ ସ୍ଥାପନ କରାଯାଇ ନ ଥିବାରୁ ସଭାରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ଓ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ଏନଏସି କାର୍ଯ୍ୟାଳୟରେ ପରିତ୍ୟକ୍ତ ଓ ଦୟନୀୟ ଅବସ୍ଥାରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ଉପଯୁକ୍ତ ସ୍ଥାନରେ ଦିବସ ପୂର୍ବରୁ ପୁନଃ ସ୍ଥାପନ କରିବା ପାଇଁ ସେମାନେ ଦାବି ଜଣାଇଥିଲେ। ବୈଠକରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗିରିଶ ଚନ୍ଦ୍ର ଦାସ ସଂଯୋଜନା କରିଥିଲେ। ସହକାରୀ ଜିଲାପାଳ ପ୍ରିୟବ୍ରତ ଦାସ ଧନ୍ୟବାଦ ଦେଇଥିଲେ। ସମସ୍ତ ଶିକ୍ଷାନୁଷ୍ଠାନର ମୁଖ୍ୟ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


■ ଷ୍ଟେଟ ଆଇଡିଆଲ ପବ୍ଲିକ ସ୍କୁଲ ଅଭିଭାବକଙ୍କ ଅନଶନ ଜାରି

# ସୋମବାର ବିଇଓ ଅଫିସ ଘେରାଉ

**ରଘୁନାଥପୁର, ୧୬। ୩( ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ପାଟେଣିଗାଁ ବର୍ତ୍ତିସ୍ଥିତ ଷ୍ଟେଟ ଆଇଡିଆଲ ପବ୍ଲିକ ସ୍କୁଲ ୨୫ ପ୍ରତିଶତ ଏସିଏସ୍‌ଟି ଓ ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରଙ୍କ ଶିକ୍ଷା ଖର୍ଚ୍ଚ ପ୍ରଦାନ ଦାବି ନେଇ ଚାଲିଥିବା ଅନଶନକୁ ୫ ଦିନ ବିତିଛି। ଶିକ୍ଷା ବିଭାଗର ମନମୁଖି କାର୍ଯ୍ୟକୁ ବିରୋଧ କରି ଅଭିଭାବକଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗୋଟେପଟେ ଉପବାସ ଅନଶନରେ ବସି ରହିଥିବା ଆଡଭାଇଜରି କମିଟିର ଭାଇସଚେୟାରମ୍ୟାନ ରୂପେନ୍ଦ୍ର ମିଶ୍ରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହେବାରେ ଲାଗିଛି। ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଆସନ୍ତା ସୋମବାର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ନିଷ୍ପତ୍ତି ନେଇଥିବା କମିଟିର ଚେୟାରମ୍ୟାନ ପ୍ରାଣକୃଷ୍ଣ ନାୟକ କହିଛନ୍ତି।

ଏ ସମ୍ପର୍କରେ ଲିଖିତ ଅଭିଯୋଗ ପତ୍ର ବିଇଓ, ଜିଲାପାଳ ଓ ଏସ୍‌ପିଙ୍କୁ ମେଲ ଯୋଗେ ପଠା ଯାଇଥିବା ସେ ପ୍ରକାଶ କରିଛନ୍ତି। ଅନେକ ଅଭିଭାବକ ଶିକ୍ଷା ବିଭାଗର ଅପାରଗତାକୁ ଦାୟୀ କରିଥିବାବେଳେ ବିଇଓ କାର୍ଯ୍ୟାଳୟରେ ପ୍ରସ୍ତାବ ସହ ତଦନ୍ତ ରିପୋର୍ଟ ପଠାଯିବା ପରେ ଆମ ପାଖରେ କୌଣସି କାର୍ଯ୍ୟ ନାହିଁ ବୋଲି ବିଇଓ ରାଜ୍ୟଶ୍ରୀ ସାହୁ ପ୍ରକାଶ କରିଛନ୍ତି। ତେବେ ବାସ୍ତବତାକୁ ଭିତ୍ତିକରି ପ୍ରକୃତ ଘଟଣାର ସମାଧାନ କରିବାକୁ ଉଭୟେ ଶିକ୍ଷା ବିଭାଗ ଓ ଅଭିଭାବକ ଉଦ୍ୟମ କରନ୍ତୁ ବୋଲି ବୁଦ୍ଧିଜୀବୀଙ୍କ ପକ୍ଷରୁ ମତପ୍ରକାଶ ପାଇଛି।



ଅନଶନରେ ବସିଥିବା ଅଭିଭାବକ।




ଭୋଟ ଗ୍ରହଣ ପୂର୍ବରୁ ଶେଷ ୪୮ ଘଣ୍ଟା ମଧ୍ୟରେ ରାଜନୈତିକ ଦଳ ନିର୍ବାଚନୀ ଇସ୍ତାହାର ପ୍ରକାଶ କରିପାରିବେ ନାହିଁ। ଶନିବାର ନିର୍ବାଚନ ଆୟୋଗ ଏହି କଟକଣା ଲଗାଇଛନ୍ତି। ନିର୍ବାଚନୀ ଇସ୍ତାହାର ପ୍ରକାଶ ଆଦର୍ଶ ଆଚରଣ ବିଧିର ଅଂଶବିଶେଷ ହୋଇଛି। ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୧୨୬ ଅନୁଯାୟୀ ନିଷିଦ୍ଧ ସମୟ ମଧ୍ୟରେ ଇସ୍ତାହାର ପ୍ରକାଶ କରାଯାଇ ପାରିବ ନାହିଁ।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ବର୍ଷା
ପରିବାରବର୍ଗ


ଅର୍ପିତା
ପରିବାରବର୍ଗ


ପଶୁପତି
ପରିବାରବର୍ଗ


ଝିଲି
ପରିବାରବର୍ଗ


କୁବେର
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପୁରୀ ଜିଲା ବିଜେଡିରେ ୩ ସାଙ୍ଗଠନିକ ନିଯୁକ୍ତି

ଭୁବନେଶ୍ୱର,୧୬।୩(ବ୍ୟୁରୋ)-ପୁରୀ ଜିଲା ସତ୍ୟବାଦୀ ବ୍ଲକ ବିଜେଡି ସଭାପତି ଭାବେ ପ୍ରମୋଦ କୁମାର ରାଉତରାୟଙ୍କୁ ଦଳ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ସେହିପରି କଣାସ ବ୍ଲକ ବିଜେଡି ସଭାପତି ଭାବେ ସୁରେଶ କୁମାର ସାହୁଙ୍କୁ ନିଯୁକ୍ତି ଦିଆଯାଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଶନିବାର ଉପରୋକ୍ତ ଦୁଇ ନିଯୁକ୍ତି ଦିଆଯାଇଛି। ସେହିପରି ଜିଲା ବିଜେଡି ସମ୍ପାଦକ ଭାବେ ସୁଶୀଲ କୁମାର ରାଉତଙ୍କୁ ମଧ୍ୟ ମନୋନୀତ କରାଯାଇଥିବା ରାଜ୍ୟ ସମ୍ପାଦକ ବିଜୟ ନାୟକ ଗଣମାଧ୍ୟମକୁ ଅବଗତ କରାଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ବୃହସ୍ପତିଙ୍କ ଦୃଷ୍ଟିରେ ଚନ୍ଦ୍ର ଭାଗ୍ୟସ୍ଥ ରହି ବନ୍ଧୁ ପରିଜନଙ୍କ ପ୍ରୀତିଭାଜନ କରାଇବ। କିନ୍ତୁ ଆଲୋଚନାର ଶେଷ ପର୍ଯ୍ୟାୟରେ ରାହୁଙ୍କ ପ୍ରଭାବରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ବିବାଦୀୟ ଘଟଣାରେ କୌଣସି ପକ୍ଷ ସମର୍ଥନ କରିବା ଠିକ୍ ହେବ ନାହିଁ । ଚଳଚ୍ଚିତ୍ର, ସାହିତ୍ୟ, କଳା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ**
ରାହୁ ଓ ଚନ୍ଦ୍ର ରାଶି ଏବଂ ଷଷ୍ଠ୍ୟାଧିପ ଶୁକ୍ରଙ୍କୁ ଦେଖୁଥିବାରୁ ରୋଗପୀଡା ଜନିତ ସ୍ୱାସ୍ଥ୍ୟହାନି କିମ୍ବା କଳହର ସୂଚନା ରହିଛି। ଏପରି କି ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। କୌଣସି ମୂଲ୍ୟବାନ ଜିନିଷ କିଣିବା ସକାଶେ ଧାର କରିବାକୁ ପଡିବ। ଅଯଥା ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରି ସମାଲୋଚିତ ହେବେ।

**ମିଥୁନ**
ମୁଖଭାବରେ ପାପଗ୍ରହ ଯୋଗୁ ପରିସ୍ଥିତିରେ ପଡି ଆପଣ ଶେଷ୍ଲାତ୍ମକ ଭାଷା ପ୍ରୟୋଗକରି ସମାଲୋଚିତ ହୋଇପାରନ୍ତି। ରାଶିପ୍ରତି ଗଣତନ୍ତ୍ରର ଗ୍ରହ ଶନିଙ୍କ ଦୃଷ୍ଟି ହେତୁ ସଂଗଠନ, ରାଜନୀତି, ଆଇନ, ଅଦାଲତରେ ଲକ୍ଷ୍ୟ ହାସଲ କରିପାରିବେ। ଆକସ୍ମିକ ଭାବରେ ସହକର୍ମୀଙ୍କ ସହ ଟଙ୍କା ପଇସାକୁ କେନ୍ଦ୍ର କରି କଳହ ଘଟିପାରେ।

**କର୍କଟ**
ରାଶ୍ୟାଧିପ ସ୍ୱଗୃହରେ ଥିଲେ ମଧ୍ୟ ପାପଯୁକ୍ତ କାରଣରୁ ମାନସିକ ସୁସ୍ଥତା ପୂର୍ଣ୍ଣମାତ୍ରାରେ ରହି ନ ପାରେ। ପରିସ୍ଥିତି ଆପଣଙ୍କ ଚିନ୍ତାଧାରାକୁ ବିଗାଡ଼ି ଦେବାର ବହୁ ପରିମାଣରେ ଆଶଙ୍କା ରହିଛି। ବନ୍ଧୁମାନେ ସ୍ୱାର୍ଥହାନି ଆଶଙ୍କାରେ ଦୂରେଇ ଯିବେ। ବ୍ୟବସାୟ, ବାଣିଜ୍ୟ, କଳା, ସାହିତ୍ୟ, ଚଳଚ୍ଚିତ୍ର, ପ୍ରେସ୍ ଓ ପବ୍ଲିକେଶନ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ସିଂହ**
ଅଷ୍ଟମଭାବସ୍ଥ ରାଶ୍ୟାଧିପ ଗୁରୁକ୍ଷେତ୍ରସ୍ଥ ଯୋଗୁ ଉତ୍ସାହ ନେଇ କାମ କରିବେ। ବିବାଦୀୟ ଘଟଣାରେ ବିଜୟୀ ହେବେ ଏବଂ ରାଜନୈତିକ ବ୍ୟକ୍ତିବିଶେଷଙ୍କ ସୁନଜରରେ ଆସିପାରନ୍ତି। ପାରିବାରିକ ସ୍ତରରେ ବଦ୍‌ଖର୍ଚ୍ଚ ରୋକିବା ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିପାରନ୍ତି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**କନ୍ୟା**
ଉଚ୍ଚାରୋହୀ ଶୁକ୍ର ପାପଗ୍ରହ ଯୁକ୍ତହେଲେ ମଧ୍ୟ ସ୍ୱଗୃହାଭିମୁଖୀ ଯୋଗୁ ବିଳାସପ୍ରିୟ କରାଇବେ। ଯାନବାହନ କ୍ରୟ କରିବା ସକାଶେ ମାନସିକ ପ୍ରସ୍ତୁତି ଚଳାଇପାରନ୍ତି। ଆତ୍ମୀୟଙ୍କ ଦୁଃଖିତ ମନକୁ ସାନ୍ତ୍ୱନା ଦେବାକୁ ଯାଇ ପରିବାରରେ ଟଣାଓଟରା ଲାଗିଯିବ। ଦୀର୍ଘ ଦିନରୁ ସାଧାରଣ କଥାରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**ତୁଳା**
କୋଣଭାବରେ ବୁଧ ଆପଣଙ୍କୁ ବୌଦ୍ଧିକ ସହାୟତା ପ୍ରଦାନ କରି ସମସ୍ୟା ମୁକ୍ତ ହେବାରେ ବନ୍ଧୁ ମାଧ୍ୟମରେ ସାହାଯ୍ୟ କରିବେ। ବ୍ୟୟ ଭାର କ୍ରମଶଃ କମି କମି ଆସିବ ଏବଂ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଭ୍ରମଣ ହେତୁକ କ୍ଳାନ୍ତି ଜନିତ ସ୍ୱାସ୍ଥ୍ୟ ସାମାନ୍ୟ ବିଗିଡ଼ି ଯିବାର ସୂଚନା ରହିଛି ।

**ବିଛା**
ସ୍ୱରାଶିସ୍ଥ ବୃହସ୍ପତି ଚନ୍ଦ୍ରଙ୍କ କୋଣଭାବରେ ପାପମଧ୍ୟସ୍ଥ ଯୋଗୁ ଆପଣ ପୂର୍ବ ନିର୍ଦ୍ଧାରିତ ପ୍ରକାରେ କାମ କରିପାରିବେ ନାହିଁ । ନିଜ ପରିସରରେ କାମର ଚାପ କ୍ରମଶଃ ବୃଦ୍ଧି ପାଇବା କାରଣରୁ ଓ କିଛିଟା ବ୍ୟତିକ୍ରମ ମଧ୍ୟରେ ସମୟ ଅତିବାହିତ ହେବ। ବହୁତ ଦିନ ହେଲା ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ଧନୁ**
ଧନ ତୃତୀୟାଧିପ ଶନି ରାଶିରେ ଅବସ୍ଥାନ କରି ବନ୍ଧୁମାନଙ୍କ ସାହାଯ୍ୟ, ସହଯୋଗ ମାଧ୍ୟମରେ କାର୍ଯ୍ୟ ହାସଲ କରାଇବେ। ପୂର୍ବାଷାଢ଼ା ନକ୍ଷତ୍ରର ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ଆକସ୍ମିକ ବିବାଦ ବୃଦ୍ଧି ଘଟିପାରେ। ଭ୍ରମଣ, ପ୍ରଶାସନ, ରାଜନୀତି, କଳା, ସାହିତ୍ୟ, ପ୍ରଶାସନିକ ସ୍ତରରେ ତଥା ସଭାସମିତି ପାଇଁ ଦିନଟି ବହୁତ ଭଲ।

**ମକର**
ପାରିବାରିକ ଓ କର୍ମକ୍ଷେତ୍ର ଠିକ୍ ରହିଥିଲେ ମଧ୍ୟ କେତେକ ଅହେତୁକ ଚିନ୍ତାଧାରା ମନକୁ ବିବ୍ରତ କରିପାରେ। ସାମାନ୍ୟ ବିଳମ୍ବିତ ସମୟରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଆନୁଷ୍ଠାନିକ ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହୋଇଯିବ। ଆର୍ଥିକ ପରିସ୍ଥିତି ପ୍ରାୟତଃ ମନ୍ଦ ହେବନି କିନ୍ତୁ ବନ୍ଧୁମାନଙ୍କ ସହ ସୁସମ୍ପର୍କ ପୂର୍ବଭଳି ରହି ନ ପାରେ।

**କୁମ୍ଭ**
ମିତ୍ରକ୍ଷେତ୍ରରେ ବୁଧ ପ୍ରାରମ୍ଭିକ ପର୍ଯ୍ୟାୟରେ ଶିଥିଳତା ପ୍ରଦାନ କଲେ ମଧ୍ୟ ପରକ୍ଷଣରେ କାମ ଜୋର୍‌ସୋରରେ ଆଗେଇ ଚାଲିବ। ଜମିଜମା କାରବାର, ସରକାରୀ ସୂତ୍ରରୁ ଅର୍ଥ,ଧାର୍ମିକ କାର୍ଯ୍ୟ ପ୍ରଭୃତିରେ ଆଶାନୁରୂପ ସଫଳତା ପାଇବେ। କିନ୍ତୁ ବାଣିଜ୍ୟ, ବ୍ୟବସାୟ, ପରିବହନକୁ କେନ୍ଦ୍ରକରି ବିବାଦ ବୃଦ୍ଧି ହୋଇପାରେ।

**ମୀନ**
ମନ୍ତ୍ରଣା ସ୍ଥାନରେ ରାହୁ ଯୁକ୍ତ ଚନ୍ଦ୍ର ଆପଣଙ୍କ କୂଟନୈତିକ ମନ୍ତ୍ରଣା ଫଳପ୍ରଦ ହେବ, ଯାହାକି ପ୍ରଶାସନ, ରାଜନୀତି, ସଭାସମିତି କ୍ଷେତ୍ରରେ ଅନୁଭୂତ ହୋଇପାରେ। କ୍ରୀଡ଼ା, କଳା କ୍ଷେତ୍ରରେ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ଧର୍ମସ୍ଥାନରେ ବୃହସ୍ପତି ଧାର୍ମିକ ଚେତନା ସୃଷ୍ଟିକରି ଆପଣଙ୍କୁ ଆଧାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ କରିପାରନ୍ତି।

ଆଜି ଫାଲଗୁନ ଶୁକ୍ଳପକ୍ଷର ଆମଳକୀ ଏକାଦଶୀ ରବିବାର, ମାର୍ଚ୍ଚ ୧୭ ତାରିଖ, ରବିନାରାୟଣ ବ୍ରତ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷରାଶିର ଘାତବାର, ସକାଳ ଘ୫।୫୭ମି. ଗତେ ଘ୯।୫୬ମି. ମଧ୍ୟେ, ଘ୧୨।୨୪ମି. ଗତେ ଘ୧।୫୪ମି. ମଧ୍ୟେ ଅମୃତବେଳା । ଦିବା ଘ୫।୫୭ ଗତେ ଘ୬।୪୫ମି. ମଧ୍ୟେ ମାହେନ୍ଦ୍ର ବେଳା ଓ ଅପରାହ୍ଣ ଘ୪।୨୩ମି. ଗତେ ଘ୫।୫୩ମି. ମଧ୍ୟେ ରାହୁକାଳ।

# ଭାଜପା ସିଇସି ବୈଠକ

ନୂଆଦିଲ୍ଲୀ, ୧୬।୩
ଭାଜପା କେନ୍ଦ୍ରୀୟ ନିର୍ବାଚନ କମିଟି (ସିଇସି) ବୈଠକ ଶନିବାର ନୂଆଦିଲ୍ଲୀସ୍ଥିତ ଦଳର ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କ ସମେତ ବରିଷ୍ଠ ନେତାମାନେ ବୈଠକରେ ଯୋଗଦେଇଥିଲେ। ଆସନ୍ତା ଏପ୍ରିଲ ୧୧ରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରାର୍ଥୀ ଚୂଡାନ୍ତ କରିବାକୁ ବୈଠକ ବସିଥିଲା। କିନ୍ତୁ ଶେଷ ପର୍ଯ୍ୟନ୍ତ କିଛି ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରି ନ ଥିବା ଜଣାପଡ଼ିଛି।

### ରାହୁଲଙ୍କୁ ବିଜେଡି, ଭାଜପାର ସମାଲୋଚନା ପ୍ରସଙ୍ଗ

# ପିଲାଳିଆମି ଛାଡ଼ି ସତ୍ୟକୁ ସାମ୍ନା କରନ୍ତୁ : କଂଗ୍ରେସ

ଭୁବନେଶ୍ୱର,୧୬।୩ (ବ୍ୟୁରୋ):

ବିଭିନ୍ନ ସମୟରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଓଡିଶା ଗସ୍ତକୁ ନେଇ ଉଭୟ ବିଜେଡି ଓ ଭାଜପା ଆତଙ୍କିତ ହୋଇପଡିଛନ୍ତି। ଦୁଇ ଦଳ ବର୍ତ୍ତମାନ ଔଷଧ ବିକଳରେ ତାଟିଆ କାମୁଡିବା ଆରମ୍ଭ କରିଛନ୍ତି ବୋଲି କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟ ପ୍ରକାଶ ନାୟକ କହିଛନ୍ତି ଯେ, ବିଜେଡି ଓ ଭାଜପା ପିଲାଳିଆମି ଛାଡି ସାହସର ସହ ତଥ୍ୟ ଓ ସତ୍ୟର ସାମ୍ନା କରନ୍ତୁ। ରାହୁଲ ବରଗଡ ସମାବେଶରେ ଦେଇଥିବା ବକ୍ତବ୍ୟ ପରିପ୍ରେକ୍ଷୀରେ ଉଠାଇଥିବା ଉତ୍କଟ ବେକାରି ସମସ୍ୟା, ସରକାରୀ ଚାକିରି କ୍ଷେତ୍ରରେ ଖାଲିପଡିଥିବା ଦେଢ ଲକ୍ଷ ପଦବୀ, ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ରାଜ୍ୟ ସରକାରଙ୍କ ପ୍ରତାରଣା ଓ ଖଣି ଦୁର୍ନୀତି ପ୍ରସଙ୍ଗକୁ ନେଇ ପ୍ରତିକ୍ରିୟାଶୀଳ ହୋଇଥିବା ବିଜେଡି ଏବଂ ଏହାର ପୂର୍ବତନ ସହଯୋଗୀ ଭାଜପାର ହୋମ୍‌ୱାର୍କ ମନ୍ତବ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ। ଏହା ଶସ୍ତା ରାଜନୀତିର ନମୁନା ବୋଲି ସତ୍ୟ ପ୍ରକାଶ କହିଛନ୍ତି।

# ୧୮ରୁ ମେଗା ଧାରାବାହିକ ‘ସର୍‌ଗମ୍’




ଭୁବନେଶ୍ୱର, ୧୬।୩(ବ୍ୟୁରୋ)- ଓଡ଼ିଶାର ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇ ଆସୁଥିବା ଲୋକପ୍ରିୟ ଓଡ଼ିଆ ଟିଭି ଚ୍ୟାନେଲ ‘ଜୀ ସାର୍ଥକ’ ଆଉଏକ ନୂଆ ମେଗା ଧାରାବାହିକ ଆଣିଦେଉଛି। ଆସନ୍ତା ୧୮ ତାରିଖରୁ ପ୍ରସାରିତ ହେବାକୁ ଥିବା ଏହି ଧାରାବାହିକର ନାମ ରହିଛି ‘ସର୍‌ଗମ୍’। ପ୍ରତି ସୋମବାରରୁ ଶନିବାର ରାତି ସାଢ଼େ ୮ଟାରେ ଏହା ପ୍ରସାରିତ ହେବ। ଡ୍ରାମା ଓ ସଙ୍ଗୀତର ପୃଷ୍ଠଭୂମି ଉପରେ ପ୍ରସ୍ତୁତ ‘ସର୍‌ଗମ୍’ର କାହାଣୀ ଓଡ଼ିଆ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇବ। ‘ସର୍‌ଗମ୍’ ଏକ ସଙ୍ଗୀତଭିତ୍ତିକ ପ୍ରେମ କାହାଣୀ, ଯେଉଁଥିରେ ରହିଛି ଭାବନାତ୍ମକ ଆବେଗ ସହ ତ୍ୟାଗ ଓ ବଳିଦାନର କଥା। ସାଧାରଣରୁ ଅସାଧାରଣ ପାଲଟିଯାଇଥିବା ଜଣେ ଝିଅକୁ ନେଇ କାହାଣୀଟି ବେଶ୍ ବଳିଷ୍ଠ ହୋଇଛି। ବିବାହ ପରେ ଜୀବନ ଯେତେବେଳେ କଡ଼ ଲେଉଟାଏ ସେତେବେଳେ ନିଜ ସ୍ୱାମୀ ପାଇଁ ତାଙ୍କୁ ରାସ୍ତା ବଦଳେଇବାକୁ ହୁଏ। ଶ୍ୱଶୁରଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ସ୍ୱାମୀଙ୍କୁ ସଙ୍ଗୀତାକାଶରେ ଧ୍ରୁବତାରା କରି ଚମକେଇବାର ପ୍ରତିଶ୍ରୁତି ନିଏ ସେ। ଆଉ ସେଥିରେ ନିଜକୁ ଓ ନିଜ ପ୍ରତିଭାକୁ ହଜେଇ ଦିଏ। ଏଭଳି ଏକ ଭିନ୍ନ କାହାଣୀକୁ ନେଇ ପ୍ରସାରିତ ହେବାକୁ ଯାଉଥିବା ଧାରାବହିକ ‘ସର୍‌ଗମ୍’ ଓଡ଼ିଶାବାସୀଙ୍କ ହୃଦୟକକୁ ଛୁଇଁବ ବୋଲି ଆଶା ରଖିଛନ୍ତି ପ୍ରଯୋଜକ।

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ସ୍କୋର ନୈରାଶ୍ୟଜନକ: ଭାଜପା

ଭୁବନେଶ୍ୱର,୧୬।୩ (ବ୍ୟୁରୋ)

ବିଜେଡି ୧୯ବର୍ଷ ହେଲା ରାଜ୍ୟରେ ସରକାରରେ ଅଛି । ଏତେ ଦିନ ମଧ୍ୟରେ ଓଡିଶାକୁ ବିକାଶର ଶିଖରରେ ପହଞ୍ଚାଇବା ପାଇଁ ଯଥେଷ୍ଟ । ହେଲେ ଦୁଃଖର କଥା ସେ ରାଜ୍ୟବାସୀଙ୍କୁ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ମଧ୍ୟ ପହଞ୍ଚାଇ ପାରିଲେନାହିଁ । ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ମୁଖ୍ୟମନ୍ତ୍ରୀଙ୍କର ସ୍କୋରକାର୍ଡ ଅତ୍ୟନ୍ତ ନୈରାଶ୍ୟଜନକ ବୋଲି ଭାଜପା ବରିଷ୍ଠ ନେତା ପ୍ରତାପ ଷଡଙ୍ଗୀ ଅଭିଯୋଗ କରିଛନ୍ତି। ଏଥର ଉଭୟ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଆସିବା ନିଶ୍ଚିତ ବୋଲି ସେ ଦୃଢ଼ୋକ୍ତି ବାଢ଼ିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଶନିବାର ଖବରଦାତା ସମ୍ମିଳନୀରେ ପ୍ରତାପ କହିଛନ୍ତି ଯେ, କେବଳ ୨୦୧୪ ନିର୍ବାଚନୀ ପ୍ରତିଶ୍ରୁତି ନୁହେଁ ବରଂ ୨୦୦୦ ମସିହାଠାରୁ ଅନୁଷ୍ଠିତ ସବୁ ନିର୍ବାଚନ ପ୍ରତିଶ୍ରୁତି ଏଯାଏ ବିଜେଡି ପୂରଣ କରିନାହିଁ । ଏ ସରକାର ବଦଳିବା ଦରକାର । ଓଡିଶାବାସୀ ପରିବର୍ତ୍ତନ ଚାହିଁଲେଣି । ଚଳିତ ନିର୍ବାଚନରେ ଓଡିଶା ଲୋକେ ଏ ଭ୍ରଷ୍ଟାଚାରୀ ଆଉ ମିଥ୍ୟାବାଦୀ ସରକାରକୁ ଉଚିତ ଜବାବ ଦେଇ ଭାଜପାକୁ ଶାସନରେ ବସାଇବେ ବୋଲି ସେ କହିଛନ୍ତି। ବିଜେଡି ୨୦୦୦ମସିହା ଇସ୍ତାହାରରେ ପ୍ରତ୍ୟେକ ୨୫ହଜାର ଲୋକ ସଂଖ୍ୟା ପାଇଁ ଡାକ୍ତରଖାନା ଖୋଲିବ ବୋଲି ପ୍ରତିଶ୍ରୁତି ଦେଇଥିଲା । ସେହିପରି ୨୦୦୪ ନିର୍ବାଚନୀ ଇସ୍ତାହାରରେ ପ୍ରତି ୨୦ହଜାର ଜନସଂଖ୍ୟା ପାଇଁ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଡାକ୍ତରଖାନା ଖୋଲାଯିବା ବୋଲି ପ୍ରତିଶ୍ରୁତି ଦେଇଥିଲା । ମାତ୍ର ବିଜେଡିର ସେହି ପ୍ରତିଶ୍ରୁତି ପାଣିର ଗାର ପାଲଟିଛି । ଅନ୍ୟପକ୍ଷରେ ମୋଦି ସରକାର ଗରିବ ଲୋକଙ୍କ ସ୍ୱାସ୍ଥ୍ୟସେବା ପାଇଁ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଯୋଜନା ସାରା ଦେଶରେ ଲାଗୁକଲେ । ଦେଶର ସବୁ ରାଜ୍ୟ ଏହି ଯୋଜନା ଲାଗୁକଲେ । ହେଲେ ଓଡିଶା ସରକାର ଏହାକୁ ଲାଗୁ କଲେ ନାହିଁ । ନରେନ୍ଦ୍ର ମୋଦିଙ୍କର ଲୋକପ୍ରିୟତା ବଢିଯିବା ଭୟ କାରଣରୁ ରାଜ୍ୟ ସରକାର ଓଡିଶାରେ ଏହି ଯୋଜନାର ଲାଭରୁ ଓଡିଶାବାସୀଙ୍କୁ ବଞ୍ଚିତ କଲେ। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତର ବିକାଶ ହୋଇଛି । ମୋଦିଙ୍କ ବିକାଶର ଯୋଜନାକୁ ଓଡିଶାରେ ପହଞ୍ଚାଇବାକୁ ହେଲେ ଭୁବନେଶ୍ୱରରେ ଭାଜପା ସରକାର ବନେଇବାକୁ ପଡିବ । ଓଡିଶାରେ ଡବଲ ଇଞ୍ଜିନ ଲଗାଇବା ଦରକାର। ଉଭୟ କେନ୍ଦ୍ର ଓ ରାଜ୍ୟରେ ଏଥର ଭାଜପା ସରକାର ନିଶ୍ଚିତ ବୋଲି ପ୍ରତାପ କହିଛନ୍ତି ।

# ଆସନ୍ତା ୩ ଦିନ ଯାଏ ବର୍ଷା

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ଆସନ୍ତା ୩ ଦିନ ଯାଏ ଉତ୍ତର ଏବଂ ଦକ୍ଷିଣ ଓଡିଶାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡ଼ିଶାର ଅଧିକାଂଶ ସ୍ଥାନରେ ଏବଂ ଦକ୍ଷିଣ ଓଡିଶାର ଗଞ୍ଜାମ, ଗଜପତି, କନ୍ଧମାଳ, ନୟାଗଡ, ଖୋର୍ଦ୍ଧା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିସହିତ ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଯାଜପୁର, ଅନୁଗୋଳ ଜିଲାରେ ଝଡବର୍ଷା ହେବାର ସମ୍ଭାବନା ରହିଛି। ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଏବଂ ଢେଙ୍କାନାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ । ୧୮ ତାରିଖରେ ମଧ୍ୟ ଉତ୍ତର ଓଡିଶାର ଅଳ୍ପ କେତେକ ସ୍ଥାନରେ ଏବଂ ଦକ୍ଷିଣ ଓଡିଶାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଛତିଶଗଡ ଏବଂ ଝାଡଖଣ୍ଡରେ ସୃଷ୍ଟି ହୋଇଥିବା ଟ୍ରଫ ଲାଇନ ପ୍ରଭାବରେ ଆସନ୍ତା ୨୧ ତାରିଖ ଯାଏ କାଳବୈଶାଖୀ ଜନିତ ବର୍ଷା ଲାଗି ରହିବ ବୋଲି ଅନୁମାନ କରାଯାଇଛି।

# ରମଣ ସିଂଙ୍କ ଜ୍ୱାଇଁ ବିରୋଧରେ ୫୦ କୋଟିର ଦୁର୍ନୀତି ମାମଲା

ରାୟପୁର,୧୬।୩(ପି.ଟି.)


ପୁନୀତ ଗୁପ୍ତା

ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କ ଜ୍ୱାଇଁ ପୁନୀତ ଗୁପ୍ତାଙ୍କ ବିରୋଧରେ ୫୦ କୋଟି ଟଙ୍କାର ଦୁର୍ନୀତି ମାମଲା ରୁଜୁ ହୋଇଛି। ସେ ରାୟପୁରସ୍ଥିତ ସରକାରୀ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଥିବାବେଳେ ନିଜ ପଦବୀର ଦୁରୁପଯୋଗ କରି ୫୦ କୋଟି ଟଙ୍କାର ଦୁର୍ନୀତି କରିଥିବା ଅଭିଯୋଗ ହୋଇଛି। ପୋଲିସ ମାମଲାର ତଦନ୍ତ ଚଳାଇଥିବାବେଳେ ଗୁପ୍ତାଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ। ଡି.କେ. ସୁପରସ୍ପେଶିଆଲିଟି ହସ୍ପିଟାଲ୍‌ର ସୁପରିଣ୍ଟେଣ୍ଡେଣ୍ଟ କେ.କେ. ସାହାରେ ଏ ସମ୍ପର୍କରେ ଗୋଲବଜାର ଥାନାରେ ଏତଲା ଦାଏର କରିଥିଲେ। ଗୁପ୍ତା ୨୦୧୫ ଡିସେମ୍ବରରୁ ୨୦୧୮ ଅକ୍ଟୋବର ପର୍ଯ୍ୟନ୍ତ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଥିବାବେଳେ ଆର୍ଥିକ ଅନିୟମିତତା ହୋଇଥିବା ସେଥିରେ ଉଲ୍ଲେଖ ଅଛି। ଏତଲା ଆଧାରରେ ପୋଲିସ ଗୁପ୍ତାଙ୍କ ବିରୋଧରେ ଧାରା ୪୨୦ରେ ମାମଲା ରୁଜୁ କରିଛି।

# ଦୋଳାରେ ବୁହାହେଲେ ଗର୍ଭବତୀ, ରାସ୍ତାରେ ପ୍ରସବ



ପାତ୍ରପୁର,୧୬।୩(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକର ଦୁର୍ଗମ ପଞ୍ଚାୟତ ଆଙ୍କୁଲିରେ ପୁଣି ଜନନୀ ଯନ୍ତ୍ରଣା ଦେଖିବାକୁ ମିଳିଛି। ପାହାଡ ଉପରେ ଥିବା ଆଙ୍କୁଲି ପଞ୍ଚାୟତ ଫୁଲସାହି ଗ୍ରାମର ଜଣେ ଗର୍ଭବତୀଙ୍କୁ ପ୍ରସବ ପାଇଁ ପାତ୍ରପୁର ମେଡିକାଲକୁ ଦୋଳାରେ ଆଣୁଥିବାବେଳେ ଅଧାବାଟରେ ପ୍ରସବ ହୋଇଛି। ପରେ ମା'ଓ ଶିଶୁପୁତ୍ରଙ୍କୁ ସେଠାରୁ ଗାଁକୁ ଫେରାଇ ନିଆଯାଇଥିବା ଜଣାପଡିଛି।

ପ୍ରକାଶ ଯେ, ପାତ୍ରପୁର ବ୍ଲକ ଆଙ୍କୁଲି ପଞ୍ଚାୟତ ଫୁଲସାହି ଗ୍ରାମର ସୀମାଦ୍ରି ନାୟକଙ୍କ ପତ୍ନୀ ତାରା (୩୦)ଙ୍କର ଶନିବାର ପ୍ରସବଯନ୍ତ୍ରଣା ହୋଇଥିଲା। ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଦୋଳାରେ ଧରି ପାହାଡ ତଳକୁ ଆଣିବା ପରେ ସେଠାରୁ ଆମ୍ବୁଲାନ୍ସ ଯୋଗେ ପାତ୍ରପୁର ମେଡିକାଲକୁ ନିଆଯାଇଥାନ୍ତା। ମାତ୍ର ପାହାଡ ତଳକୁ ଦୋଳାରେ ଆଣୁଥିବାବେଳେ ଅଧା ରାସ୍ତାରେ ତାରା ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ପରେ ସେଠାରୁ ତାଙ୍କୁ ଘରକୁ ଫେରାଇ ନିଆଯାଇଥିଲା।

## ଭାଜପାରେ...

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ରାଜ୍ୟର ପଛୁଆ ଅଞ୍ଚଳ ଭାବେ ସମଗ୍ର ଦେଶରେ ନବରଙ୍ଗପୁର ଓ ମାଲକାନଗିରି ଜିଲା ପରିଚିତ। ଏହି ଅଞ୍ଚଳର ବିକାଶ ପାଇଁ ଗତ ୫ବର୍ଷରେ ବଳଭଦ୍ର ଅନେକ କାର୍ଯ୍ୟ କରିଛନ୍ତି। ତାଙ୍କ ଆନ୍ତରିକତା ଏବଂ ବଳିଷ୍ଠ ପଦକ୍ଷେପ ଯୋଗୁ ଆଜି ସେ ଅଞ୍ଚଳରେ ବିଶେଷଭାବେ ରେଳ କ୍ଷେତ୍ରରେ ବହୁ ବିକାଶ ହୋଇପାରିଛି। ବଳଭଦ୍ରଙ୍କ ଯୋଗଦାନ ଭାଜପାକୁ ଅଧିକ ମଜଭୁତ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଏହି ଅବସରରେ ବଳଭଦ୍ର କହିଛନ୍ତି, ନବରଙ୍ଗପୁର ଜିଲାର ବିକାଶ ପାଇଁ ସେ ରାଜନୀତିକୁ ଆସିଥିଲେ। ୨୦୧୪ରେ ବିଜେଡିରୁ ଟିକେଟ ପାଇ ଏମ୍‌ପି ହୋଇଥିଲି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ସୁଯୋଗ ଦେଇଥିଲେ ସେଥିପାଇଁ ଋଣୀ। ହେଲେ ଜଣେ ଏମ୍‌ପିଙ୍କୁ ଜିଲା ଓ ବ୍ଲକସ୍ତରୀୟ ବୈଠକରେ ଡକା ନ ଯିବା କିମ୍ବା ଆସନ୍ତା ନିର୍ବାଚନ ପାଇଁ ଯାହା ଚିନ୍ତା କରାଯାଉଛି ସେ ବିଷୟରେ କୁହା ନ ଯିବା ଦୁର୍ଭାଗ୍ୟଜନକ। ବିଜେଡିରେ ତାଙ୍କର କୌଣସି ଆବଶ୍ୟକାତ ନ ଥିବା ମନେକରି ଦଳ ଛାଡି ଭାଜପାରେ ଯୋଗଦେଇଛି। ଦେଶର ପଛୁଆ ଲୋକ ସଭା କ୍ଷେତ୍ର ଭାବେ ପରିଗଣିତ ଆଦିବାସୀବହୁଳ ନବରଙ୍ଗପୁର ଜିଲା ସମେତ ମାଲକାନଗିରି, କୋରାପୁଟ ଓ ରାୟଗଡା ଜିଲାର ସାମଗ୍ରିକ ବିକାଶ ତାଙ୍କ ପ୍ରାଥମିକତା । ରାଜ୍ୟରେ ଶାସକ ବିଜେଡିର ଅଗଣତାନ୍ତ୍ରିକ କାର୍ଯ୍ୟକଳାପ, ବିକାଶ ବିରୋଧୀ ଏବଂ ଆଦିବାସୀମାରଣ ନୀତି ଯୋଗୁ ଏହି ସମସ୍ତ ଜିଲା ପଛୁଆ ହୋଇ ରହିଛି । ଏପରି କି କେନ୍ଦ୍ର ସରକାରଙ୍କ ବହୁ ଆଦିବାସୀକଲ୍ୟାଣ ଯୋଜନାକୁ ବିଜେଡି କାର୍ଯ୍ୟକାରୀ କରିବାକୁ ଦେଉନାହିଁ । ପଛୁଆ ଅଞ୍ଚଳର ବିକାଶ ପାଇଁ ବିଜେଡି ସବୁଠୁ ବଡ ବାଧକ ସାଜିଛି । ନବରଙ୍ଗପୁର ଜିଲା ପାଇଁ ଦାୟିତ୍ୱ ନେଇଥିବା ପ୍ରଭାରୀ ଆଦିବାସୀମାନଙ୍କ ବିରୋଧୀ। ଆଦିବାସୀଙ୍କ ଉନ୍ନତି ସେମାନେ ଚାହାନ୍ତି ନାହିଁ। କୌଣସି ଆଦିବାସୀ ଲୋକ ନେତୃତ୍ୱ ନେଇ ଆଗକୁ ବଢନ୍ତୁ ସେହି ପ୍ରଭାରୀମାନେ ଚାହାନ୍ତିନି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟ ଦକ୍ଷତା, ନୀତି ଓ ଆଦର୍ଶ ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ନେତୃତ୍ୱରେ ଆକୃଷ୍ଟ ହୋଇ ସେ ଭାଜପାରେ ଯୋଗଦାନ କରିଥିବା କହିଛନ୍ତି।

## ଡବ୍ଲ୍ୟୁସିଓରେ...

ଡାଇରେକ୍ଟର ଜେନେରାଲ ଭାବେ କାର୍ଯ୍ୟରତ ୧୯୮୫ ବ୍ୟାଚ୍‌ର ଏହି ଓଡ଼ିଆ ଆଇଆର୍‌ଏସ୍ ଅଧିକାରୀଙ୍କର ସୀମାଶୁଳ୍କ ପ୍ରଶାସନ, କୂଟନୀତି, ବାଣିଜ୍ୟ ସୁବିଧା ପ୍ରଦାନ, ଗୋଇନ୍ଦା, ଅନ୍ତର୍ଜାତୀୟ ଆଇନ,ବିଶେଷ କରି ଆତଙ୍କବାଦ, ବେଆଇନ ଅର୍ଥ କାରବାର କ୍ଷେତ୍ରରେ ଆପରାଧିକ ମାମଲା ପରିଚାଳନା, ପ୍ରତ୍ୟର୍ପଣ ଓ ଆର୍ଥିକ କଟକଣା, ଆପୋସ ଆଇନଗତ ସହାୟତା ଆଦି କ୍ଷେତ୍ରରେ ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି। ରାଷ୍ଟ୍ରପତି ପଦକପ୍ରାପ୍ତ ଦାଶ ଡବ୍ଲ୍ୟୁସିଓରୁ ମଧ୍ୟ ମେରିଟ ପୁରସ୍କାର ହାସଲ କରିଛନ୍ତି।

## ଆଶାୟୀଙ୍କୁ...

ଦେଇଥିଲେ। ଶୁକ୍ରବାର କେତେଗୁଡ଼ିଏ ଆସନ ପାଇଁ ପ୍ରାର୍ଥୀ ତାଲିକା ଚୂଡାନ୍ତ କରିବାକୁ ରାଜ୍ୟ ନିର୍ବାଚନୀ କମିଟି ପକ୍ଷରୁ ବିଳମ୍ବିତ ରାତିଯାଏଁ ବୈଠକ ବସିଥିଲା। ପରେ କମିଟିରେ ସ୍ଥିର କରାଯାଇଥିବା ପ୍ରାର୍ଥୀ ତାଲିକା କେନ୍ଦ୍ରୀୟ ପାର୍ଲାମେଣ୍ଟାରୀ କମିଟି ନିକଟକୁ ପଠାଯାଇଥିବା ଜଣାପଡିଛି। ଅପରପକ୍ଷରେ ଶନିବାର କେନ୍ଦ୍ରୀୟ ପାର୍ଲାମେଣ୍ଟାରୀ କମିଟି ବୈଠକ ବସି ରାଜ୍ୟର କେତେଗୁଡ଼ିଏ ଆସନ ପାଇଁ ରାଜ୍ୟରୁ ଯାଇଥିବା ପ୍ରାର୍ଥୀ ତାଲିକା ଉପରେ ମୋହର ବାଜି ସାରିଥିବା ମଧ୍ୟ ଜଣାପଡିଛି। ହେଲେ ଦଳ ପକ୍ଷରୁ ଏପର୍ଯ୍ୟନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇନାହିଁ। ଆଗକୁ ଅବଶିଷ୍ଟ ଆସନ ପାଇଁ ପୁନର୍ବାର ରାଜ୍ୟ ନିର୍ବାଚନ କମିଟି ବୈଠକ ବସିବ ବୋଲି ଜଣାପଡିଛି। ବିଜେଡିରେ ଟିକେଟରୁ ବଞ୍ଚିତ ହେବାକୁ ଥିବା ଅଧିକାଂଶ ନେତାଙ୍କୁ ଭାଜପା ପକ୍ଷରୁ ପ୍ରାର୍ଥୀ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ମଧ୍ୟ ଦଳର କେତେଜଣ ନେତା ମତ ରଖିଛନ୍ତି।ୟ

ପ୍ରଦେଶ କଂଗ୍ରେସ କମିଟି (ପିସିସି) କିନ୍ତୁ ଭିନ୍ନ ରୋଗର ଶିକାର ହୋଇଛି। ନିର୍ବାଚନ ଯେତିକି ନିକଟତର ହେଉଛି, ଦଳରୁ ପୁଳାପୁଳା ନେତା ବିଜେଡି ଓ ଭାଜପାକୁ ଡିଆଁ ମାରିବାରେ ଲାଗିଛନ୍ତି। ଦଳ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୫ ଲୋକ ସଭା ଏବଂ ୧୦୫ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହୋଇସାରିଥିଲା। ଦୀର୍ଘ ସମୟ ଧରି ଦିଲ୍ଲୀଠାରେ ଏଆଇସିସି ସ୍କ୍ରିନିଂ କମିଟି ବୈଠକ ବସି ପ୍ରାର୍ଥୀ ତାଲିକା ପ୍ରସ୍ତୁତ ହୋଇସାରିଥିଲା। କେବଳ ସିଇସି (ସେଣ୍ଟ୍ରାଲ ଇଲେକ୍ସନ କମିଟି)ର ମୋହର ବାଜିବା ବାକି ଥିଲା। ମାତ୍ର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓଡ଼ିଶା ଆସି କହିଲେ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଅଧିକ ସଂଖ୍ୟକ ମହିଳା ପ୍ରାର୍ଥୀଙ୍କୁ ତାଲିକାରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିରଞ୍ଜନ ସେହି ନିର୍ଦ୍ଦେଶକୁ କେତେଦୂର ପାଳନ କରିଛନ୍ତି, ସେକଥା ଜଣାପଡିନାହିଁ। ହେଲେ ଶନିବାର ବସିଥିବା ସ୍କ୍ରିନିଂ କମିଟିରେ ୨ଟି ପର୍ଯ୍ୟାୟରେ ହେବାକୁ ଥିବା ଆସନର ନିର୍ବାଚନ ପାଇଁ ପ୍ରାର୍ଥୀ ତାଲିକା ସିଇସିକୁ ପଠାଯାଇଥିବା ଜଣାପଡିଛି। ଶନିବାର ସନ୍ଧ୍ୟାରେ ସିଇସି ବସିଛି। ଏହି ବୈଠକ ବିଳମ୍ବିତ ରାତିଯାଏଁ ଚାଲିବାକୁ ଥିବା ଦିଲ୍ଲୀରେ ଥିବା କେତେଜଣ ରାଜ୍ୟ ନେତା କହିଛନ୍ତି। ହେଲେ ଗୋଟିଏପଟେ କଂଗ୍ରେସ ନିଜର ପ୍ରାର୍ଥୀ ତାଲିକା ଚୂଡାନ୍ତ କରୁଥିବାବେଳେ ଟିକେଟ ପାଇବାକୁ ଥିବା ନେତାମାନେ ଦଳ ଛାଡିବା ନିରଞ୍ଜନଙ୍କ ଚିନ୍ତା ବଢ଼ାଇ ଦେଇଛି। ଅନ୍ୟପଟେ ଏନେଇ ଦିଲ୍ଲୀରେ ନିରଞ୍ଜନଙ୍କୁ ଅପମାନିତ ହେବାକୁ ପଡୁଛି ବୋଲି ସେଠାରେ ଉପସ୍ଥିତ କେତେଜଣ ନେତା କହିଛନ୍ତି। ତେବେ ସିଇସିରେ ୨ଟି

## ପ୍ରଥମ ପୃଷ୍ଠାରୁ...

ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ଆସନ ପାଇଁ କଂଗ୍ରେସ ଆସନ୍ତା ରବିବାର ତାଲିକା ଘୋଷଣା କରିଦେଇପାରେ ବୋଲି କୁହାଯାଉଛି। ଅନ୍ୟପଟେ ଆସନ୍ତା ୧୮ରେ ପୁନର୍ବାର ସ୍କ୍ରିନିଂ କମିଟି ବୈଠକ ଦିଲ୍ଲୀଠାରେ ବସିବ ବୋଲି ଜଣାପଡିଛି।

## ବଳ କଷୁଛନ୍ତି...

ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାହୁଲଙ୍କ ନିଷ୍ପତ୍ତି ଉପରେ ରହିଛି ସମସ୍ତଙ୍କ ନଜର।

କର୍ଣ୍ଣାଟକରେ ଦୁଇଟି ପର୍ଯ୍ୟାୟରେ ଲୋକ ସଭା ନିର୍ବାଚନ ହେବ। ଏପ୍ରିଲ ୧୮ରେ ୧୪ ଓ ୨୩ ତାରିଖରେ ଅବଶିଷ୍ଟ ୧୪ ଆସନରେ ଭୋଟଗ୍ରହଣ କରାଯିବ। ଏହି ରାଜ୍ୟରେ ୨୦୧୪ ସାଧାରଣ ନିର୍ବାଚନରେ ଭାଜପା ୧୭ ଆସନ ଦଖଲ କରିଥିଲା। କଂଗ୍ରେସକୁ ୯ ଓ ଜେଡିଏସ୍‌କୁ ୨ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଏହାର ଠିକ୍ ୪ ବର୍ଷ ପରେ ଅର୍ଥାତ୍ ୨୦୧୮ ମେ'ରେ ଅନୁଷ୍ଠିତ ୨୨୪ ଆସନ ବିଶିଷ୍ଟ ବିଧାନସଭା ନିର୍ବାଚନରେ କଂଗ୍ରେସ ୭୯, ଜେଡିଏସ୍ ୩୭, ବିଏସ୍‌ପି ୧ ଏବଂ ଭାଜପା ପ୍ରାର୍ଥୀ ୧୦୪ ଆସନରେ ସଫଳ ହୋଇଥିଲେ। ଭାଜପା ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ତାଙ୍କୁ କ୍ଷମତାଚ୍ୟୁତ କରିଥିବା ଜେଡିଏସ୍-କଂଗ୍ରେସ ମେଣ୍ଟଠାରୁ ପ୍ରତିଶୋଧ ଲୋକ ସଭା ନିର୍ବାଚନରେ ନେବା ପାଇଁ ଅଣ୍ଟା ଭିଡିଛନ୍ତି। ବାଲାକୋଟରେ ଭାରତୀୟ ବାୟୁସେନାର ବୋମାମାଡ଼ ଭାଜପାକୁ ୨୮ରୁ ୨୨ ଆସନରେ ଜିତାଇବ କହି ବିବାଦୀୟ ହୋଇଥିବା ୟେଦୁରପ୍ପା ଏବେ ନରେନ୍ଦ୍ର ମୋଦିଙ୍କୁ ପୁଣି ପ୍ରଧାନମନ୍ତ୍ରୀ କରାଇବା ନାମରେ ଲୋକଙ୍କୁ ଭୋଟ ମାଗୁଛନ୍ତି। ଭାଜପା ୨୨ ଆସନ ଜିତିବା ମାତ୍ରେ ବିଧାନସଭା ଦଖଲ କରି ରାଜ୍ୟରେ ସରକାର ଗଠନ କରିବ ବୋଲି ସେ ଦୃଢ଼ୋକ୍ତି ବାଢୁଛନ୍ତି। ସେପଟେ ଜେଡିଏସ୍ ସୁପ୍ରିମୋ ଦେବେଗୌଡ଼ା ଦୁଇ ନାତି ନିଖିଲ କୁମାରସ୍ୱାମୀଙ୍କୁ ମାଣ୍ଡ୍ୟା ଓ ପ୍ରଜ୍ୱଳ ରେଭାନ୍ନାଙ୍କୁ ହାସନ ଆସନରୁ ଲଢ଼ାଇ ଦୁହିଁଙ୍କ ରାଜନୈତିକ କ୍ୟାରିୟରର ମୂଳଦୁଆ ପକାଇବାକୁ ସୁଯୋଗ ସୃଷ୍ଟି କରିଛନ୍ତି। ଭୋକାଲିଙ୍ଗା ସମୁଦାୟ ବହୁଳ ଜେଡିଏସ୍‌ର ଦୁଇ ଗଡ଼ରୁ ନିଖିଲ ଓ ପ୍ରଜ୍ୱଳଙ୍କ ବିଜୟ ସମ୍ଭାବନା ଉଜ୍ଜ୍ୱଳ ଥିବା ବିଶ୍ଳେଷକମାନେ କହୁଛନ୍ତି। ହାସନ ଆସନ ଛାଡ଼ିଦେଇଥିବା ଦେବେଗୌଡ଼ା ଏଥର ଉତ୍ତର ବାଙ୍ଗାଲୋର କିମ୍ବା ଟୁମୁକୁର ଆସନରୁ ଲଢ଼ିବେ ବୋଲି ଚର୍ଚ୍ଚା ହେଉଛି। କଂଗ୍ରେସ ୨୦ ଏବଂ ଜେଡିଏସ୍ ୮ ଆସନରେ ଲଢ଼ିବା ପାଇଁ ସ୍ଥିର ହୋଇଥିଲେ ମଧ୍ୟ ଦୁଇମେଣ୍ଟ ଦଳ ମଧ୍ୟରେ ଆସନ ବୁଝାମଣା ଚୂଡ଼ାନ୍ତ ହେବା ଲାଗି ଆଉ କିଛିଦିନ ଲାଗିପାରେ ବୋଲି କୁହାଯାଉଛି। ୨୨ ଆସନ ଦଖଲ ଲକ୍ଷ୍ୟରେ ଥିବା ଭାଜପା ସମସ୍ତ ୨୮ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଭାଜପା ସମସ୍ତ ୧୫ ଏମ୍‌ପିଙ୍କୁ ଟିକେଟ ପାଇଁ ଆଶା ଦେଇଛି। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନନ୍ତକୁମାରଙ୍କ ପରଲୋକ ପରେ ବେଙ୍ଗାଲୁରୁ ଦକ୍ଷିଣ ଆସନରୁ ତାଙ୍କ ସ୍ତ୍ରୀ ତେଜସ୍ୱିନୀଙ୍କୁ ଭାଜପା ପ୍ରାର୍ଥୀ କରିବ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧୭/୨୦୧୯ | Bhubaneswar, Sunday, March 17/2019 | ପୃଷ୍ଠା-୧



## ଦୂତୀଙ୍କୁ ସ୍ୱର୍ଣ୍ଣ


ଫେଡେରେଶନ କପ୍ ଜାତୀୟ ସିନିୟର ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ସ୍ପ୍ରିଣ୍ଟ କୁଇନ ଦୂତୀ ଚାନ୍ଦ ୨୦୦ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ।

୧୭ ୧୧

## ସଫଳ ହୋଇଛି ବୋଲି ଭାବୁନାହିଁ: ରାଧିକା

୨୦୦୫ରେ ଅଭିନୟ ଜୀବନ ଆରମ୍ଭ କରିଥିବା ରାଧିକା ଆପ୍ତେ ଏଯାଏ ଜଣେ ସଫଳ ଅଭିନେତ୍ରୀ ହୋଇପାରି ନ ଥିବା ପ୍ରକାଶ କରିଛନ୍ତି।





ଆନ୍ଧ୍ରପ୍ରଦେଶର ବିଜୟୱାଡାରେ ମତଦାତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଦ୍ୱାରା ସ୍ଥାପିତ ଇଭିଏମ୍‌ର ପ୍ରତିରୂପ ।

# ପଦ୍ମଶ୍ରୀ ପାଇଲେ ୩ ଓଡ଼ିଆ

ନୂଆଦିଲ୍ଲୀ, ୧୬।୩(ପି.ଟି.)/ ଭୁବନେଶ୍ୱର (ବ୍ୟୁରୋ)

ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୩ଜଣ ଓଡ଼ିଆଙ୍କୁ ମିଳିଛି ପଦ୍ମଶ୍ରୀ ସମ୍ମାନ। ସେମାନେ ହେଲେ କୃଷି କ୍ଷେତ୍ରରେ ଅବଦାନ ପାଇଁ କମଳା ପୂଜାରୀ, ସମାଜସେବା ପାଇଁ ଦୈତାରି ନାୟକ ଓ ଡି. ପ୍ରକାଶ ରାଓ। ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ଦରବାର ହଲ୍‌ରେ ଶନିବାର ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅନ୍ୟବ୍ୟକ୍ତିତ୍ୱଙ୍କ ସହ ଏମାନଙ୍କୁ ସମ୍ମାନ ପ୍ରଦାନ କରିଥିଲେ।

କମଳା ପୂଜାରୀଙ୍କ ଘର ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାରେ। ଜୈବିକ ପଦ୍ଧତିରେ କୃଷି କାର୍ଯ୍ୟ କରି ସେ ସଫଳତା ହାସଲ କରିଛନ୍ତି। ଏଥିପାଇଁ ସେ ଦେଶ ଓ ବିଦେଶରେ ପୁରସ୍କୃତ ହୋଇଛନ୍ତି। ପୂର୍ବରୁ ରାଜ୍ୟ ସରକାର ମଧ୍ୟ ତାଙ୍କୁ ସମ୍ମାନିତ କରିଛନ୍ତି। ତାଙ୍କର ଏହି ବିରଳ କୃତିତ୍ୱ ଓ କୃଷିକୁ ନେଇ ନିଆରା ନିଷ୍ଠା ପାଇଁ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ଡି. ପ୍ରକାଶ ରାଓ କଟକରେ ଚା' ବିକ୍ରି କରନ୍ତି। ଏହାସତ୍ତ୍ୱେ ସେ ଗରିବ ବସ୍ତି ପିଲାଙ୍କ ଶିକ୍ଷାର ଭାର ନିଜ କାନ୍ଧକୁ ନେଇଛନ୍ତି। ବର୍ଷ ବର୍ଷ ଧରି ସେ ଏମିତି ସେବାର ବ୍ରତୀ ହୋଇଛନ୍ତି। ପିଲାଙ୍କୁ ପାଠ ପଢାଇବା ସହ ରକ୍ତଦାନ ମଧ୍ୟ କରୁଛନ୍ତି। ସମାଜସେବା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ଦିଆଯାଇଛି। ଆଉ ଜଣେ ପଦ୍ମଶ୍ରୀ ହେଲେ ଦୈତାରୀ ନାୟକ। ୭୦ବର୍ଷ ବୟସରେ ପଦାର୍ପଣ କରିଥିବା ଦୈତାରୀଙ୍କ ଘର କେଉଁଝର ଜିଲାରେ। ସେ ରହୁଥିବା ଅଞ୍ଚଳ ପାହାଡ଼ିଆ ହୋଇଥିବାରୁ ବର୍ଷସାରା ଜଳ ସମସ୍ୟା ଲାଗି ରହିଥାଏ। ତେଣୁ ସେ ଏକୁଟିଆ ପାହାଡ଼ କାଟି ୩ କିଲୋମିଟରର ଏକ କେନାଲ ଖୋଳି ନିଜ ଗାଁର ଚାଷଜମିକୁ ଜଳ ଯୋଗାଇଥିଲେ। ଏଥିପାଇଁ ସେ ବହୁ ଚର୍ଚ୍ଚିତ ହୋଇଥିଲେ। ତାଙ୍କର ଏହି ଉଦ୍ୟମକୁ ସମସ୍ତେ ପ୍ରଶଂସା କରିଥିବାବେଳେ ତାଙ୍କୁ 'ସୋସିଆଲ୍ ୱାର୍କ' କାଟେଗୋରିରେ ପଦ୍ମଶ୍ରୀ ସମ୍ମାନ ମିଳିଛି।



ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି କମଳା ପୂଜାରୀ, ଡି. ପ୍ରକାଶ ରାଓ ଦୈତାରି ନାୟକ।

ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

## ଜନାର୍ଦ୍ଦନଙ୍କୁ ଭୁବନେଶ୍ୱରରୁ ପ୍ରାର୍ଥୀ କଲା ସିପିଏମ୍

ଭୁବନେଶ୍ୱର, ୧୬।୩ (ବ୍ୟୁରୋ)



ବରିଷ୍ଠ ସିପିଏମ୍ ନେତା ଜନାର୍ଦ୍ଦନ ପତି ଭୁବନେଶ୍ୱର ଲୋକ ସଭା ଆସନରୁ ଦଳୀୟ ପ୍ରାର୍ଥୀ ହେବେ। ଏ ନେଇ କେନ୍ଦ୍ରୀୟ କମିଟି ପକ୍ଷରୁ ତାଙ୍କ ନାଁକୁ ଶନିବାର ଅନୁମୋଦନ ପରେ ଘୋଷଣା କରାଯାଇଛି। ଭୁବନେଶ୍ୱର ଲୋକ ସଭାରେ କଂଗ୍ରେସ ସହ ଆସନ ବୁଝାମଣା ଥିବାରୁ ଜନାର୍ଦ୍ଦନ ମିଳିତ ବିରୋଧୀ ଦଳର ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ। ତାଙ୍କୁ ସିପିଆଇ ଏବଂ ଜେଏମ୍‌ଏମ୍ ପକ୍ଷରୁ ମଧ୍ୟ ସମର୍ଥନ ମିଳିବ। ଜନାର୍ଦ୍ଦନଙ୍କ ମୁକାବିଲା ସିଧାସଳଖ ବିଜେଡି ଏବଂ ଭାଜପା ପ୍ରାର୍ଥୀଙ୍କ ସହ ହେବ। ଭାଜପାରୁ ଭୁବନେଶ୍ୱର ଲୋକ ସଭା ପାଇଁ ଅପରାଜିତା ଷଡ଼ଙ୍ଗୀଙ୍କୁ ପ୍ରାର୍ଥୀ କରାଯିବା ଏକପ୍ରକାର ନିଶ୍ଚିତ। ସେ ମଧ୍ୟ କିଛି ସପ୍ତାହ ତଳୁ ଦଳୀୟ ସମର୍ଥକଙ୍କୁ ଧରି ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି। ହେଲେ ବିଜେଡି କାହାକୁ ପ୍ରାର୍ଥୀ କରିବ, ସେ ନେଇ କୌଣସି ସ୍ପଷ୍ଟ ସୂଚନା ଦେଇନାହିଁ। ଜନାର୍ଦ୍ଦନ ଏବଂ ଅପରାଜିତାଙ୍କ ବିରୋଧରେ ବିଜେଡି କାହାକୁ ପ୍ରାର୍ଥୀ କରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିବ।

ସେହିପରି ସିପିଏମ୍ ପକ୍ଷରୁ ପ୍ରାର୍ଥୀ ହୋଇଥିବାରୁ ଜନାର୍ଦ୍ଦନ ଦଳପ୍ରତି କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି ଯେ, ଭାଜପା ଦେଶର କ୍ଷତି କରିଚାଲିଛି। ସମ୍ବିଧାନ ଅନୁଯାୟୀ ଶାସନ ଚାଲିନାହିଁ। ତେଣୁ ବିରୋଧୀ ଦଳ ମିଳିତ ହୋଇ ଶାସକ ଦଳକୁ ପରାଜୟ କରିବାର ସମୟ ଆସିଛି। ସେହିପରି ରାଜ୍ୟରେ ବିଜେଡି ଶାସନରେ ହିଁ ଭ୍ରଷ୍ଟାଚାର ବୃଦ୍ଧି ପାଇଛି, ଦୁର୍ନୀତିକୁ ପ୍ରୋତ୍ସାହନ ଦିଆଯାଇଛି। ତେଣୁ ବାମଦଳ ହିଁ ଉଭୟ ଭାଜପା-ବିଜେଡିର ବିକଳ୍ପ ହେବ ବୋଲି ଜନାର୍ଦ୍ଦନ କହିଛନ୍ତି।

# ଭାଜପାରେ ବଳଭଦ୍ର

ଭୁବନେଶ୍ୱର, ୧୬।୩ (ବ୍ୟୁରୋ)

**'ଅଣଦେଖା କରିଛି ବିଜେଡି'**

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ସବୁ ଦଳର ପ୍ରାର୍ଥୀ ଚୟନ ପ୍ରକ୍ରିୟା ଶେଷ ହେବାକୁ ବସିଲାଣି। ମାତ୍ର ଶାସକ ବିଜେଡିର ପ୍ରାର୍ଥୀ ଚୟନ ଉପରେ ସମସ୍ତଙ୍କ ନଜର ରହିଛି। ଦଳ ଏଥର କାହାକୁ ଟିକେଟ ଦେବ ନ ଦେବ ତା'ଉପରେ ସମସ୍ତଙ୍କ ନଜର ରହିଛି। ମୁଖ୍ୟତଃ ଦଳ ଯାହାକୁ ଟିକେଟ ଦେବ ନାହିଁ ବୋଲି ଜଣାପଡୁଛି ସେମାନେ ବିଜେଡି ଛାଡି ଭାଜପା କ୍ୟାମ୍ପକୁ ଡିଆଁ ମାରିବା ଆରମ୍ଭ କରିଦେଇଛନ୍ତି। ସେହିକ୍ରମରେ ଗତ ଗୁରୁବାର ବିଜେଡିରୁ ଇସ୍ତଫା ଦେଇଥିବା ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ଶନିବାର ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ବିଜେଡିର କୌଣସି କାର୍ଯ୍ୟକ୍ରମରେ ତାଙ୍କୁ ଡକା ନ ଯିବା ଏବଂ ଗୁରୁତ୍ୱ ଦିଆ ନ ଯିବା କାରଣରୁ ସେ ଦଳ ଛାଡିଥିବା କହିଛନ୍ତି। ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମ, ଦଳର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଜ୍ୟ ସଭାପତି ବସନ୍ତ ପଣ୍ଡା, ବିଧାୟକ ଦଳ ନେତା କେ.ଭି. ସିଂହଦେଓ ଏବଂ ରାଜ୍ୟ ପ୍ରଭାରୀ ଅରୁଣ ସିଂହଙ୍କ ଉପସ୍ଥିତିରେ ବଳଭଦ୍ର ଭାଜପା ପ୍ରାଥମିକ ସଦସ୍ୟତା ଗ୍ରହଣ କରିଛନ୍ତି। ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଉପସ୍ଥିତ ବରିଷ୍ଠ ନେତାମାନେ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ବଳଭଦ୍ରଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଏହାସହ ରେଲୱେ କ୍ଷେତ୍ରରେ ଥିବା ବଳଭଦ୍ରଙ୍କ ଅଭିଜ୍ଞତାକୁ ନେଇ ଉପସ୍ଥିତ ଭାଜପା ନେତାମାନେ ତାଙ୍କୁ ପ୍ରଶଂସା କରିଛନ୍ତି। ଏହାପରେ ବଳଭଦ୍ର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ଯାଇ ସାକ୍ଷାତ କରିଥିଲେ। ପୃଷ୍ଠା-୨




ନୂଆଦିଲ୍ଲୀରେ ବଳଭଦ୍ର ମାଝିଙ୍କୁ ସ୍ୱାଗତ କରୁଛନ୍ତି ଭାଜପାର ନେତୃମଣ୍ଡଳୀ।

## ଡବ୍ଲ୍ୟୁସିଓରେ ଓଡ଼ିଆ ଅଧିକାରୀ ଡି. ପି. ଦାଶ

ବ୍ରସେଲ୍ସ, ୧୬।୩

ଓଡ଼ିଆ ଆଇଆର୍‌ଏସ୍ ଅଧିକାରୀ (ସୀମାଶୁଳ୍କ) ଦେବୀ ପ୍ରସାଦ ଦାଶ ୧୮୨ ସଦସ୍ୟ ବିଶିଷ୍ଟ ବିଶ୍ୱ ସୀମାଶୁଳ୍କ ସଂଗଠନ(ଡବ୍ଲ୍ୟୁସିଓ)ର ଏନ୍‌ଫୋର୍ସମେଣ୍ଟ କମିଟି ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ବେଲଜିୟମର ବ୍ରସେଲ୍ସଠାରେ ତାଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଛି। ପ୍ରଥମ ଭାରତୀୟ ତଥା ଓଡ଼ିଆ ସୀମାଶୁଳ୍କ ଅଧିକାରୀ ଭାବେ ସେ ଏହି ସମ୍ମାନଜନକ ପଦବୀ ହାସଲ କରିପାରିଛନ୍ତି। ପୂର୍ବରୁ ସେ ଏହି କମିଟିରେ ୨ ବର୍ଷ ପର୍ଯ୍ୟନ୍ତ ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ଲାଭ କରିବା ପରେ ଦାଶ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକ ଏବଂ ଜେଏନ୍‌ୟୁର ସ୍କୁଲ୍ ଅଫ୍ ଇଣ୍ଟରନ୍ୟାଶନାଲ ଷ୍ଟଡିଜରୁ ଅନ୍ତର୍ଜାତୀୟ ଅଧ୍ୟୟନ ଓ ଅନ୍ତର୍ଜାତୀୟ ଆଇନ ଉପରେ ସ୍ନାତକୋତ୍ତର ପାଠ୍ୟକ୍ରମ ଶେଷ କରିବା ପରେ ଏହି ଶିକ୍ଷାନୁଷ୍ଠାନରେ ନିରସ୍ତ୍ରୀକରଣ ଅଧ୍ୟୟନ ବିଷୟରେ ଏମ୍.ଫିଲ୍ ଶେଷ କରି ଆଇଆର୍‌ଏସ୍ ଭାବେ ଚାକିରି ଜୀବନ ଆରମ୍ଭ କରିଛନ୍ତି। ଜାତିସଂଘ ସୁରକ୍ଷା ପରିଷଦ, କମନୱେଲ୍ଥ ସେକ୍ରେଟାରିଏଟ୍, ସିବିଆଇ, ଆର୍‌ବିଆଇ ଏବଂ ବର୍ତ୍ତମାନ ଡାଇରେକ୍ଟୋରେଟ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସରେ ପ୍ରିନ୍ସିପାଲ ପୃଷ୍ଠା-୨

# ଆଶାୟୀଙ୍କୁ ଝୁଲାଇ ରଖିଲେ

ଭୁବନେଶ୍ୱର, ୧୬।୩ (ବ୍ୟୁରୋ)

**ପ୍ରାର୍ଥୀ ତାଲିକା ଘୋଷଣା**

- ବିଜେଡି ଅସନ୍ତୁଷ୍ଟଙ୍କ ଉପରେ ଭାଜପାର ନଜର
- ତାଲିକା ପ୍ରସ୍ତୁତ, ହେଲେ ଭାଜପାକୁ ଅପେକ୍ଷା କରିଛି ବିଜେଡି
- ବିଳମ୍ବିତ ରାତିଯାଏ ବସିଲା ସିଇସି

୨୦୧୯ ସାଧାରଣ ନିର୍ବାଚନ ପ୍ରାର୍ଥୀ ତାଲିକା ଘୋଷଣା ପାଇଁ ସବୁ ଦଳ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଜେଡି ପକ୍ଷରୁ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ହୋଇସାରିଥିବା ଦଳୀୟ ମହଲରୁ ଜଣାପଡ଼ିଥିଲେ ମଧ୍ୟ ଏଯାଏଁ କାହାରି ନାଁ ଘୋଷଣା ହୋଇନାହିଁ। ସେହିପରି କଂଗ୍ରେସ ଓ ଭାଜପା ପକ୍ଷରୁ ପ୍ରଥମ ପର୍ଯ୍ୟାୟ ଲାଗି ତାଲିକା ପ୍ରସ୍ତୁତ ସରିଛି। ମାତ୍ର ଏହି ଦୁଇ ଜାତୀୟ ଦଳର ଚୂଡାନ୍ତ ପ୍ରାର୍ଥୀ ତାଲିକା କେନ୍ଦ୍ରୀୟ ନିର୍ବାଚନୀ ଟିମ୍‌ର ଅନୁମୋଦନ ପରେ ଘୋଷଣା କରାଯିବ। ଉଭୟ ଦଳର କେନ୍ଦ୍ରୀୟ ନିର୍ବାଚନୀ କମିଟି ବୈଠକ ବସିଥିଲେ ହେଁ ପ୍ରାର୍ଥୀ ତାଲିକା ଘୋଷଣା ହୋଇପାରିନାହିଁ। ଅନ୍ୟପଟେ ୩ ଦଳ ପକ୍ଷରୁ ରବିବାର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା ହୋଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି।

ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ୪ ଲୋକ ସଭା ଏବଂ ଏହାର ଅନ୍ତର୍ଗତ ୨୮ ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରିବା ପୂର୍ବରୁ ନବୀନ ନିବାସରେ ଘନଘନ ବୈଠକ ବସିଥିଲା। ଏହିସବୁ ଆସନ ପାଇଁ ପ୍ରାର୍ଥୀ ତାଲିକା ଚୂଡାନ୍ତ ହେବା ପରେ ଅସନ୍ତୁଷ୍ଟମାନେ ପ୍ରତିକ୍ରିୟା ପ୍ରକାଶ କରିଥିଲେ। କୁହାଯାଉଛି, ଟିକେଟ କଟିଥିବା ନେତାମାନେ ଏ ବିଷୟରେ ଜାଣିବା ପରେ ସେମାନେ ଦଳ ଛାଡିଛନ୍ତି। ଏହାର ପ୍ରମାଣ ବଳଭଦ୍ର ମାଝୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଗତ ଗୁରୁବାର ସୁଦ୍ଧା ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ କେଉଁମାନେ ପ୍ରାର୍ଥୀ ହେବେ, ସେନେଇ ଦଳ ସ୍ଥିର କରିସାରିଥିଲା। ଏକଥା ବୋଧହୁଏ ବଳଭଦ୍ର ଜାଣିବା ପରେ ବିଜେଡିରୁ ଇସ୍ତଫା ଦେଇଥିଲେ। ସେହିପରି ଶନିବାର ଉପାୟଶୂନ୍ୟ ହୋଇ କେତେଜଣ ଭାଜପାରେ ସାମିଲ ହୋଇଥିବା ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି। ଅନ୍ୟପଟେ ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ଆସନଗୁଡ଼ିକ ପାଇଁ ଆଶାୟୀମାନେ ବର୍ତ୍ତମାନ ନବୀନ ନିବାସକୁ ଆସିବା ଆରମ୍ଭ କରିଦେଇଛନ୍ତି। ଏସବୁକୁ ଲକ୍ଷ୍ୟ କଲେ ବିଜେଡି ପ୍ରଥମ ପର୍ଯ୍ୟାୟ ନିର୍ବାଚନୀ ପ୍ରାର୍ଥୀ ତାଲିକା ଚୂଡାନ୍ତ କରିସାରିଛି ବୋଲି ଦଳୀୟ ମହଲରୁ ସୂଚନା ମିଳିଛି। ଯେହେତୁ ଅସନ୍ତୁଷ୍ଟ ଅର୍ଥାତ୍ ଟିକେଟ ପାଇବାରେ ବିଫଳ ହେଉଥିବା ପ୍ରାର୍ଥୀ ନିର୍ବାଚନ ଲଢ଼ିବା ଆଶାରେ ଭାଜପାରେ ସାମିଲ ହେଉଛନ୍ତି, ସେଥିପାଇଁ ବିଜେଡି ବିଳମ୍ବ କରୁଛି ବୋଲି ମଧ୍ୟ କୁହାଯାଉଛି।

ସେହିପରି ଭାଜପା ପକ୍ଷରୁ ପ୍ରାର୍ଥୀ ତାଲିକା ଶନିବାର ସୁଦ୍ଧା ଘୋଷଣା ହୋଇପାରେ ବୋଲି ଶୁଣିବାକୁ ମିଳିଥିଲା। ଦଳର କେତେଜଣ ତୁଙ୍ଗ ନେତା ଏନେଇ ଭିତିରିଆ ସୂଚନା ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ଆପ୍ରବାସୀଙ୍କ ପ୍ରତି ଘୃଣା

**କିଛି ତଥ୍ୟ**

ଫେବୃୟାରୀରେ ଦେଶର ରପ୍ତାନି ୨.୪% ବୃଦ୍ଧି ଘଟି ୨୬.୭ ବିଲିୟନ ଡଲାର ଛୁଇଁଛି।
- ବାଣିଜ୍ୟ ମନ୍ତ୍ରଣାଳୟ

NECC NATIONAL EGG CO-ORDINATION COMMITTEE 16.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 80 | 132 | 142 |
| CTC | 82 | 135 | 145 |
| DKL | 81 | 133 | 143 |
| BDK | 83 | 136 | 146 |
| BLS | 83 | 136 | 146 |
| ANG | 82 | 135 | 145 |

*Conditions Apply
Eggs Retail Price- 45/-Dozen
Issued in the Interest of Consumers

**ଆଜିର ମନ୍ତବ୍ୟ**

ନିଜ ବିଫଳତାରୁ ଲୋକଙ୍କ ଧ୍ୟାନ ହଟାଇବାକୁ ଭାଜପା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୁଣା ପ୍ରସଙ୍ଗ ଉଠାଉଛନ୍ତି।
-ମାୟାବତୀ, ବିଏସ୍‌ପି ଅଧ୍ୟକ୍ଷା


## ପାଠିକା/ପାଠକଙ୍କ ପାଇଁ ସୂଚନା

କିଛିସ୍ଥାନରେ ପାଠିକା/ପାଠକମାନେ ପ୍ରତିଦିନ ଧରିତ୍ରୀ ଖବରକାଗଜ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ପାଠିକା/ପାଠକମାନଙ୍କୁ ଆମର ଅନୁରୋଧ ଯେ, ସେମାନେ ନିଜ ଖବରକାଗଜ ବିତରକଙ୍କୁ ଧରିତ୍ରୀ ଦେବା ପାଇଁ ଦାବି କରନ୍ତୁ। ତଥାପି ଧରିତ୍ରୀ ନିୟମିତ ନ ପାଇଲେ ନିମ୍ନଲିଖିତ ମୋବାଇଲ ଫୋନ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଧରିତ୍ରୀ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆଯିବ।

୯୪୩୭୦୦୯୪୪୧, ୯୯୩୭୬୧୨୮୪୧
୯୦୪୦୮୦୦୩୭୪

**■ କର୍ଣ୍ଣାଟକରେ ଲୋକ ସଭା ନାଟକ: ୨ ପର୍ଯ୍ୟାୟରେ ୨୮ ଆସନ**

# ବଳ କଷୁଛନ୍ତି ତିନି ଦଳ



ବି.ଏସ୍. ୟେଦୁରପ୍ପା



ଏଚ୍.ଡି. କୁମାରସ୍ୱାମୀ



ସିଦ୍ଧାରାମାୟା

ବେଙ୍ଗାଲୁରୁ/ ନୂଆଦିଲ୍ଲୀ, ୧୬।୩

**୨୦୧୪ ସ୍ଥିତି**

| ଦଳ | ଆସନ |
|---|---|
| ଭାଜପା | ୧୭ |
| କଂଗ୍ରେସ | ୯ |
| ଜେଡିଏସ | ୨ |

ସାଧାରଣ ନିର୍ବାଚନକୁ ନେଇ ତାରିଖ ଘୋଷଣା ପରେ ଜାତୀୟ ରାଜନୀତି ସରଗରମ ହୋଇଛି। ହେଲେ ଏହାର ବର୍ଷକ ପୂର୍ବରୁ ଦେଶର ରାଜନୈତିକ ପାଣିପାଗରେ ଉଷ୍ମତା ଭରିଦେଇଥିଲା କର୍ଣ୍ଣାଟକ। ଦକ୍ଷିଣ ଭାରତର ଏହି ପ୍ରମୁଖ ରାଜ୍ୟରେ ୨୦୧୮ ବିଧାନସଭା ଭୋଟକୁ ଲୋକ ସଭା ନିର୍ବାଚନର ସେମିଫାଇନାଲ ବୋଲି କୁହାଯାଉଥିଲା। ଭାଜପା ସବୁଠୁ ବଡ଼ ଦଳ ଭାବେ ଉଭାହୋଇ ମଧ୍ୟ ସଂଖ୍ୟାବଳ ଅଭାବରୁ ସରକାରରେ ଅଢ଼େଇ ଦିନରୁ ଅଧିକ ସମୟ ରହିପାରି ନ ଥିଲା। ଶେଷରେ ତମାମ ଟଣାଓଟରା ଓ କସରତ ପରେ ଦ୍ୱିତୀୟ ବଡ଼ ଦଳ କଂଗ୍ରେସର ସମର୍ଥନ ପାଇ ୩ ନମ୍ବରରେ ଥିବା ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ମେଣ୍ଟ ସରକାରର ମଙ୍ଗ ଧରିଥିଲା। ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡିଏସ୍ ମୁଖ୍ୟ ଏଚ୍.ଡି. ଦେବେଗୌଡ଼ାଙ୍କ ସାନପୁଅ ଏଚ୍.ଡି. କୁମାରସ୍ୱାମୀ। ସେବେଠୁ ଏଯାଏ କର୍ଣ୍ଣାଟକର ରାଜନୈତିକ ପ୍ରେକ୍ଷାପଟରେ ଅନେକ ଘଟଣାକ୍ରମ ଘଟିସାରିଛି। ରାଜ୍ୟର ୨୮ ଲୋକ ସଭା ଆସନ ସକାଶେ ନିର୍ବାଚନ ପାଇଁ ଗତ ୧୦ ତାରିଖରେ ବିଗୁଲ ବାଜିବା ପରେ ଏବେ ଚିତ୍ର ଓ ଚରିତ୍ର ସବୁ ବଦଳିବାରେ ଲାଗିଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ତାଙ୍କ ମା' ଓ ଜେଜେମାଙ୍କ ଭଳି କର୍ଣ୍ଣାଟକରୁ ପ୍ରତିଦ୍ୱନ୍ଦ୍ୱିତା କରନ୍ତୁ ବୋଲି ଦଳୀୟ ନେତା ଜୋର୍‌ଦାର ପୃଷ୍ଠା-୨

**ଭୋଟ ଗ୍ରହଣ**




| ପର୍ଯ୍ୟାୟ | ତାରିଖ | ଆସନ |
|---|---|---|
| ଦ୍ୱିତୀୟ | ଏପ୍ରିଲ ୧୮ | ୧୪ |
| ତୃତୀୟ | ଏପ୍ରିଲ ୨୩ | ୧୪ |


**■ କଂଗ୍ରେସର ଦାବି**

# ମା', ଜେଜେମା'ଙ୍କ ଭଳି କର୍ଣ୍ଣାଟକରୁ ଲଢ଼ନ୍ତୁ ରାହୁଲ

ବେଙ୍ଗାଲୁରୁ/ନୂଆଦିଲ୍ଲୀ, ୧୬।୩



କର୍ଣ୍ଣାଟକରେ ଉଭୟ ବିରୋଧୀ ଭାଜପା ଏବଂ ସହଯୋଗୀ ଜେଡିଏସ୍‌ର ଶକ୍ତି ବୃଦ୍ଧିପାଉଥିବାରୁ କଂଗ୍ରେସ ଆରମ୍ଭ କରିଛି ନୂଆ ରଣନୀତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ କର୍ଣ୍ଣାଟକରୁ ଲଢ଼ିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଅନୁରୋଧ କରିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ସିଦ୍ଧାରାମାୟା ରାହୁଲଙ୍କୁ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ ଅଭିହିତ କରିଛନ୍ତି। ଏହାସହ ରାହୁଲଙ୍କ ଜେଜେମା' ଇନ୍ଦିରା ଗାନ୍ଧୀ ଓ ମା' ସୋନିଆ ଗାନ୍ଧୀ କର୍ଣ୍ଣାଟକରୁ ନିର୍ବାଚନ ଲଢ଼ି ଜିତିଥିବା କଥା ମନେପକାଇଛନ୍ତି। ଇନ୍ଦିରା ୧୯୭୮ରେ ଚିକ୍କାମାଗାଲୁରୁ ଲୋକ ସଭା ଉପନିର୍ବାଚନରେ ବିଜୟୀ ହୋଇ ପୁଣିଥରେ କ୍ଷମତାକୁ ଫେରିଥିଲେ। ସେହିପରି ୧୯୯୯ରେ ଉପା ଅଧ୍ୟକ୍ଷା ସୋନିଆ ବଲ୍ଲାରି ଆସନରେ ଭାଜପା ପ୍ରାର୍ଥୀ ସୁଷମା ସ୍ୱରାଜଙ୍କୁ ହରାଇଥିଲେ। ଏବେ ଚିକ୍କାମାଗାଲୁରୁ ଆସନ ଜେଡିଏସ୍ ହାତରେ ଥିବାବେଳେ ବଲ୍ଲାରି ଆସନ କଂଗ୍ରେସ କବ୍‌ଜାରେ ରହିଛି। ତେଣୁ ରାହୁଲ ଉତ୍ତରପ୍ରଦେଶର ଅମେଠି ସହ ବଲ୍ଲାରି ଆସନରୁ ମଧ୍ୟ ନିର୍ବାଚନ ଲଢ଼ିପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। କର୍ଣ୍ଣାଟକ କଂଗ୍ରେସ ସଭାପତି ଦୀନେଶ ଗୁଣ୍ଡୁ ରାଓ ମଧ୍ୟ ଅନୁରୂପ ଦାବି କରୁଥିବାବେଳେ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ପୁଅ କାର୍ତ୍ତୀ ଚିଦାମ୍ବରମ୍ ରାହୁଲଙ୍କୁ ତାମିଲନାଡୁରୁ ଲଢ଼ିବା ପାଇଁ ପରାମର୍ଶ ଦେଇଛନ୍ତି।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦା।
-ସକ୍ରେଟିସ୍



## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୭।୩।୨୦୧୯(ରବିବାର)**

### ଭୁବନେଶ୍ୱର

- ପଥ ଉତ୍ସବ, ରାମ ମନ୍ଦିର,ଜନପଥ, ସକାଳ ୬ଟା ୩୦।
- ସଦ୍‌ଗୁରୁ ସ୍ୱାମୀ ନିଗମାନନ୍ଦ ଦେବ ଦାତବ୍ୟ ସ୍ୱାସ୍ଥ୍ୟ ସେବା ପରାମର୍ଶ କେନ୍ଦ୍ର ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର, ସରସ୍ୱତୀ ଶିଶୁ ମନ୍ଦିର, ତାରିଣୀ ମନ୍ଦିର ନିକଟ ବାଲିଆପଠା, ରସୁଲଗଡ଼, ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା।
- ଗୀତି ଗଙ୍ଗୋତ୍ରୀ ପକ୍ଷରୁ ଗୀତିକବି ସମାବେଶ, ଆଲୋଚନାଚକ୍ର, ସୂଚନା ଭବନ, ସକାଳ ୯ଟା ୩୦।
- କସ୍ତୁରୟ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ଅଲ ଇଣ୍ଡିଆ ଆଲ୍ଲାହାବାଦ ବ୍ୟାଙ୍କ ପେନସନଧାରୀ ଓ ଅବସରପ୍ରାପ୍ତ ଆସୋସିଏଶନର ଦ୍ୱିତୀୟ ତ୍ରୈବାର୍ଷିକ ସମ୍ମିଳନୀ, ଇମେଜ୍, ସିରିପୁର, ପୂର୍ବାହ୍ନ ୧୦ଟା।
- ଗୁରୁ ପଙ୍କଜ ଚରଣ ଦାସ ଓ ଓଡିଶୀ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଗୁରୁ ପଙ୍କଜ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୪ଟା।
- ରୁବି ଆଇ ଫାଉଣ୍ଡେଶନ ଏବଂ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଗ୍ଲାକୋମା ପଞ୍ଚାୟତ, ମେ ପେୟାର କନେଭେନଶନ, ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା।
- ଓଲିଉଡ ସିନେ ଆୱାର୍ଡ, ଉତ୍କଳ ରଙ୍ଗମଞ୍ଚ, ଅପରାହ୍ନ ୫ଟା।
- ନୃତ୍ୟାଞ୍ଜଳି ପକ୍ଷରୁ ବସନ୍ତ ଉତ୍ସବ, ଭଞ୍ଜକଳା ମଣ୍ଡପ, ବିଜେବି ନଗର, ଅପରାହ୍ନ ୫ଟାରୁ ରାତି ୯ଟା।
- ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୧, ସନ୍ଧ୍ୟା ୬ଟା।
- ସାଧକ-ସାଧବ ସାଧାରଣ ସଭାରେ ଗ୍ରନ୍ଥ 'ଶରତ ଶତମ୍'ର ଶୁଭଉନ୍ମୋଚନ, ଇଉ୍କଲ ଅଡିଟୋରିୟମ, ସନ୍ଧ୍ୟା ୭ଟା।

### କଟକ

- ଶିଶୁ ସାହିତ୍ୟ ଲେଖକ ସମ୍ମେଳନର ଅଷ୍ଟାଦଶ ସମାବର୍ତ୍ତନ ଉତ୍ସବ, ଶ୍ରୀଜଗନ୍ନାଥ ମନ୍ଦିର ପରିସର, ମହାନଦୀବିହାର, ସକାଳ ୭ଟା ୩୦ ।
- ବସୁଧୈବ କୁଟୁମ୍ବକମ୍ ମିଶନ ପକ୍ଷରୁ ୩୫ତମ ଅଧିବେଶନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶଙ୍କରପୁର, ଅପରାହ୍ନ ୪ଟା ।
- ସମ୍ଭାବନା ଫାଉଣ୍ଡେଶନ ପକ୍ଷରୁ ଓଡ଼ିଆ ବିଷୁବ ସାହିତ୍ୟ ସମ୍ମିଳନୀ, ଟାଉନ ହଲ୍, ଅପରାହ୍ନ ୪ଟା ।
- ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ଚର୍ତୁବିଂଶତମ 'ସାହିତ୍ୟ ଭାରତୀ ସମ୍ମାନ' ସମାରୋହ, କଳା ବିକାଶ କେନ୍ଦ୍ର, ସନ୍ଧ୍ୟା ୬ଟା ୩୦।

### ଖୋର୍ଦ୍ଧା

- ମୁଣ୍ଡମୁହାଣ ଗ୍ରାମେଶ୍ୱର ଦେବଙ୍କ ଦୋଳ ଭୋଗଖିଆ ଆରମ୍ଭ, ଯାଁଳା ସମେତ ୪ଖଣ୍ଡ ଗାଁରେ, ରାତି ୮ଟା।

**୧୮।୩।୨୦୧୯(ସୋମବାର)**

### ଭୁବନେଶ୍ୱର

- ସୋସିଆଲ ଆକ୍ସନ ଫୋରମ ଫର ମାନବ ଅଧିକାର ପକ୍ଷରୁ ଏକଦିନିଆ କର୍ମଶାଳା, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ପ୍ଲଟ ନଂ-୧/ଏ, ଜୟଦେବ ବିହାର, ପୂର୍ବାହ୍ନ ୧୧ଟା।
- ସ୍ମିତା ଏକ୍ସପ୍ରେସନ ପକ୍ଷରୁ କଳା ପ୍ରଦର୍ଶନୀ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- କବି ଡ.ପ୍ରସନ୍ନ କୁମାର ମିଶ୍ରଙ୍କ ଜନ୍ମବାର୍ଷିକୀ ଅବସରରେ ଫାଲ୍‌ଗୁନ ଆସର, ମହାବୋଧି ସୋସାଇଟି (ବୁଦ୍ଧ ମନ୍ଦିର), ୟୁନିଟ-୯, ସନ୍ଧ୍ୟା ୬ଟା।
- ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୧, ସନ୍ଧ୍ୟା ୬ଟା।
- ଶରତ-ସ୍ମୃତି-ସଂସଦ ଆନୁକୂଲ୍ୟରେ ଶରତ-ସ୍ମୃତି-ସନ୍ଧ୍ୟା, ଗୀତଗୋବିନ୍ଦ ସଦନ, ସୂଚନା ଭବନ ପରିସର, ସନ୍ଧ୍ୟା ୬ଟା ୩୦।

### ବାଲିଅନ୍ତା

- ଆଖଣ୍ଡଳେଶ୍ୱର ମହାଦେବର ଦୋଳ ଉତ୍ସବ, ପ୍ରତାପରୁଦ୍ରପୁର, ସକାଳ ୯ଟା।

**୧୯।୩।୨୦୧୯(ମଙ୍ଗଳବାର)**

### ଭୁବନେଶ୍ୱର

- ସ୍ମିତା ଏକ୍ସପ୍ରେସନ ପକ୍ଷରୁ କଳା ପ୍ରଦର୍ଶନୀ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୧, ସନ୍ଧ୍ୟା ୬ଟା।

### ବାଲିଅନ୍ତା

- ଆଖଣ୍ଡଳେଶ୍ୱର ମହାଦେବଙ୍କ ଦୋଳ ଉତ୍ସବ, ପ୍ରତାପରୁଦ୍ରପୁର, ସକାଳ ୯ଟା।

**୨୦।୩।୨୦୧୯(ବୁଧବାର)**

### ବାଲିଅନ୍ତା

- ଆଖଣ୍ଡଳେଶ୍ୱର ମହାଦେବର ଦୋଳ ଉତ୍ସବ, ପ୍ରତାପରୁଦ୍ରପୁର, ସକାଳ ୯ଟା।

**୨୧।୩।୨୦୧୯(ଗୁରୁବାର)**

### ଭୁବନେଶ୍ୱର

- ଗଳ୍ପ ପତ୍ରିକା 'କଥାକଳିକା' ର ସ୍ୱନକ୍ଷତ୍ର ଉତ୍ସବ, ଦି ପ୍ରେସ କ୍ଲବ ଅଫ ଓଡ଼ିଶା, ପୂର୍ବାହ୍ନ ୧୦ଟା।

### ବାଲିଅନ୍ତା

- ଆଖଣ୍ଡଳେଶ୍ୱର ଦୋଳ ପୂର୍ଣ୍ଣିମାରେ ଝୁଲଣ ଉତ୍ସବ, ପ୍ରତାପରୁଦ୍ରପୁର, ଝୁଲଣ ମଣ୍ଡପ, ପୂର୍ବାହ୍ନ ୧୦ଟା।
- ଭୂତପଦା ଦୋଳ ମେଳନ, କାକରୁଦ୍ରପୁର ମେଳନ ପଡ଼ିଆ, ଅପରାହ୍ନ ୧ଟା।
- ଦୋଳ ଉତ୍ସବ ଓ ଦୋଳ ମଣ୍ଡପରେ ନୂତନ ପାଞ୍ଜି ପଠନ, ଭିଙ୍ଗାରପୁର(ଶାସନ), ଅପରାହ୍ନ ୩ଟା।

**୨୨।୩।୨୦୧୯(ଶୁକ୍ରବାର)**

### ଭୁବନେଶ୍ୱର

- କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ତ୍ରିଧାରା ଓ ଭୁବନେଶ୍ୱର ମ୍ୟୁଜିକ ସର୍କଲର ମିଳିତ ଆନୁକୂଲ୍ୟରେ ଜାତୀୟ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟାରୁ ୯ଟା।

### ବାଲିଅନ୍ତା

- ବାଲିଅନ୍ତା ଦୋଳ ମେଳନରେ ରୋଶଣି ଉତ୍ସବ, ବାଲିଅନତ୍ ମହାତ୍ମା ସେତୁ ନିକଟ, ରାତି ୧୧ଟା।

**୨୩।୩।୨୦୧୯(ଶନିବାର)**

### ପୁରୀ

- ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରୀୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ, ତାଳବଣିଆ, ସକାଳ ୯ଟା।

### ବାଲିଅନ୍ତା

- ଆଖଣ୍ଡଳେଶ୍ୱର ମହାଦେବଙ୍କ ଯମୁନା ସ୍ନାନ, କୁଶଭଦ୍ରା ନଦୀକୂଳ, ପ୍ରତାପରୁଦ୍ରପୁର, ସକାଳ ୬ଟା।
- ବାଲିଅନ୍ତା ଦୋଳ ମେଳନ, ସଂକୀର୍ତ୍ତନ ପରିବେଷଣ ଓ ଆତସବାଜି ପ୍ରଦର୍ଶନ, ପ୍ରତାପରୁଦ୍ରପୁର, ଅପରାହ୍ନ ୩ଟା।

### ଖୋର୍ଦ୍ଧା

- ମୁଣ୍ଡମୁହାଣ ଗ୍ରାମେଶ୍ୱର ଦେବଙ୍କ ଦୋଳପୂର୍ଣ୍ଣିମା ଯାତ୍ରାରେ ୧୫ ଠାକୁରଙ୍କ ମେଳଣ, ମୁଣ୍ଡମୁହାଣ, ରାତି ୧୧।

■ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଚଢ଼ାଉ

# କାର୍ ସହ ୨୦ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ


■ଖୋର୍ଦ୍ଧାରୁ କାର୍‌ରେ ପାରାଦୀପ ଯାଉଥିଲା

■ଜଣେ ଫାର୍ମାସିଷ୍ଟ, ଦୁଇଜଣ ଇଞ୍ଜିନିୟରିଂ ଛାତ୍ର ଗିରଫ

**କଟକ ଅଫିସ,୧୬।୩**

ଖୋର୍ଦ୍ଧାରୁ ପାରାଦୀକୁ ଚାଲାଣବେଳେ କଟକ ଲିଙ୍କରୋଡ୍ ଛକରୁ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ଏକ କାର୍ ସହ ୨୨୨ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ତେବେ ଏହି ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପୁରୀ ଜିଲା ଗଡିଶାଗୋଦାର ଅନ୍ତର୍ଯ୍ୟାମୀ ବଳିଆରସିଂ(୩୦), ସୁନାଖଳା ଅଞ୍ଚଳର ସୁବ୍ରତ ରଣସିଂ(୨୬) ଓ କଟକ ଜିଲା ନିଆଳି ଅଞ୍ଚଳର ବାବୁନା ନାୟକ(୨୬)। ଏମାନଙ୍କ ମଧ୍ୟରୁ ଜଣେ ଏକ ଘରୋଇ ମେଡିକାଲର ଫାର୍ମାସିଷ୍ଟ ଥିବାବେଳେ ଅନ୍ୟ ଦୁଇଜଣ ଇଞ୍ଜିନିୟରିଂ ଛାତ୍ର ବୋଲି ଜଣାପଡିଛି। ଏହି ଘଟଣାରେ ବିଭାଗ ପକ୍ଷରୁ ୨୧୪/୧୮-୧୯ରେ ଏକ ମାମଲା ରୁଜୁ କରାଯାଇ ଅଧିକ ଖୋଳତାଡ଼ ଆରମ୍ଭ ହୋଇଛି।

ମିଳିଥିବା ସୂଚନାନୁଯାୟୀ, ବ୍ରାଉନସୁଗାର ଚାଲାଣ ସଂକ୍ରାନ୍ତରେ ଅବକାରୀ ବିଭାଗର ଡେପୁଟି କମିଶନର ରାମଚନ୍ଦ୍ର ପାଲଟାଙ୍କ ନିକଟରେ ସୂଚନା ପହଞ୍ଚିଥିଲା। ଇନ୍ସପେକ୍ଟର ଜଗଦୀଶ ଚନ୍ଦ୍ର ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ଶନିବାର ଭୋର୍ ୪ଟାରୁ ଲିଙ୍କ୍‌ରୋଡ୍ ଓ ଆଖପାଖରେ ଛକି ରହିଥିଲେ। ସମସ୍ତେ ସାଦା ପୋଷାକରେ ଥିଲେ। ସକାଳ ସାଢେ ୫ଟାବେଳେ ଅଭିଯୁକ୍ତମାନେ ଏକ କାର(ଓଡି୨୧ଏଫ୍୨୦୩୬)ରେ ଲିଙ୍କ୍‌ରୋଡ୍‌ରେ ପହଞ୍ଚିବା କ୍ଷଣି ସେମାନେ ଅଟକାଇ ଘେରିଯାଇଥିଲେ। ଯାଞ୍ଚବେଳେ କାର ପଛପଟ ସିଟ୍‌ରେ ଦୁଇଟି ପ୍ୟାକେଟରେ ବ୍ରାଉନସୁଗାର ମିଳିଥିଲା। ଅଭିଯୁକ୍ତମାନଙ୍କୁ ପଚରାଉଚରା ପରେ ସେମାନେ ସବୁକଥା ମାନିଥିଲେ। ସେମାନେ ପାରାଦୀପରେ ରହୁଥିବା ଓ ସେଠାରେ ବ୍ରାଉନସୁଗାର କାରବାର କରନ୍ତି। ବେପାର ପାଇଁ ସେମାନେ ଖୋର୍ଦ୍ଧାରୁ ଜଣେ ବ୍ୟବସାୟୀଙ୍କଠାରୁ ବ୍ରାଉନସୁଗାର ନେଇ ପାରାଦୀପ ଯାଉଥିବା କହିଥିଲେ। ତେବେ ଖୋର୍ଦ୍ଧାର ଉକ୍ତ ବ୍ୟବସାୟୀ ଜଣକ କିଏ, ସେ କେଉଁଠାରୁ ବ୍ରାଉନସୁଗାର ଆଣନ୍ତି ଓ ତାଙ୍କ ଲିଙ୍କ୍‌ରେ ଆଉ କେତେଜଣ ରହିଛନ୍ତି ତାହା ଉପରେ ଅଧିକ ତଦନ୍ତ ଜାରି ରହିଥିବା ଇନ୍ସପେକ୍ଟର ଜଗଦୀଶ କହିଛନ୍ତି।



ଶନିବାର କଟକ ଶତାବ୍ଦି ଭବନରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଗ୍ରନ୍ଥାବଳି 'କାନ୍ତ ସାହିତ୍ୟମାଳା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ବାଇକ୍ ଧକ୍କାରେ ଖବରକାଗଜ ବିତରକ ଗୁରୁତର

**ଟାଙ୍ଗୀ(କଟକ),୧୬।୩(ଡି.ଏନ୍.ଏ.)**

ଟାଙ୍ଗୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥ କଏରାପାରି ବସଷ୍ଟାଣ୍ଡ ନିକଟରେ ଶନିବାର ବାଇକ୍ ଧକ୍କାରେ ଜଣେ ଖବରକାଗଜ ବିତରକ ଗୁରୁତର ହୋଇଛନ୍ତି। ସେ ହେଲେ କହ୍ନେଇପୁର ପଞ୍ଚାୟତ ଚିନ୍ତାମଣିପୁର ଗ୍ରାମର ଦିଲ୍ଲୀପ କୁମାରଦାସ(କାଳିଆ)। ସୂଚନା ଅନୁଯାୟୀ, ଶନିବାର ସକାଳେ କାଳିଆ ଖବରକାଗଜ ଆଣିବା ପାଇଁ ଟାଙ୍ଗୀ ବସଷ୍ଟାଣ୍ଡରେ ପହଞ୍ଚିଥିଲେ। ବସରୁ ଖବରକାଗଜ କଢ଼ାହେଲା ପରେ ବିତରକମାନେ କାଗଜ କାନ୍ଧରେ ଥୋଇ ରାସ୍ତାର ବିପରୀତ ପାର୍ଶ୍ୱରେ ଥିବା ଡିପୋକୁ ଆଣୁଥିଲେ। ଏହି ସମୟରେ ଛତିଆରୁ କଟକ ଅଭିମୁଖେ ଆସୁଥିବା ଏକ ବାଇକ୍ କାଳିଆଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡ଼ିଯିବା ସହ ତାଙ୍କର ବାମ ଗୋଡ଼ ଭାଙ୍ଗି ଯାଇଥିଲା। ବାଇକ୍ ଆରୋହୀ କାଳିଆଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବରପାଇ ଟାଙ୍ଗୀ ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ବାଇକ୍‌କୁ ଜବତ କରିଥିଲା।

■ ଜୁଡିସିଆଲ ଏକାଡେମୀରେ ଆଲୋଚନାଚକ୍ର

# ଉନ୍ନତମାନର ରାୟ ଲେଖିବା ଉପରେ ଗୁରୁତ୍ୱ

**କଟକ ଅଫିସ,୧୬।୩**

ତ୍ୱରିତ ମାମଲାଗୁଡିକର ଦକ୍ଷତା ଭିତ୍ତିକ ବିଚାର ଶେଷ କରିବା ସହିତ ଉପଯୁକ୍ତ ସାକ୍ଷ୍ୟଗ୍ରହଣ ପୂର୍ବକ ଠିକ ଓ ପ୍ରଶଂସନୀୟ ରାୟ ଲେଖିବା କୌଶଳ ଉପରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶନିବାର ଜୁଡିସିଆଲ ଏକାଡେମୀ ପରିସରରେ ଆୟୋଜିତ ଆଲୋଚନାଚକ୍ରକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ହାଇକୋର୍ଟ ଓ ଜୁଡିସିଆଲ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ଆଲୋଚନାଚକ୍ରରେ ବିଚାରପତି ଜଷ୍ଟିସ ସଞ୍ଜୟ କୁମାର ମିଶ୍ର ଆଲୋଚନାଚକ୍ରର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏଥିରେ ମାଡ୍ରାସ ହାଇକୋର୍ଟ ବିଚାରପତି ଜଷ୍ଟିସ ଏନ.କିରୁବାକରଣ ଯୋଗଦେଇ ପ୍ରାଥମିକ ସ୍ତରରୁ ଉନ୍ନତମାନର ରାୟ ଲେଖିବାର କୌଶଳ ଉପରେ ଗୁରୁତ୍ୱ ଦେଇଥିଲେ। ପୁଣେ ସାଇବର ସୁରକ୍ଷ୍ୟାରିଟିର ଜାତୀୟ ମୁଖ୍ୟ ପରାମର୍ଶଦାତା ଡ. ହାରୋଲ୍‌ଡ ଡି କୋଷ୍ଟା ଯୋଗଦେଇ ଜାତୀୟ ସ୍ତରୀୟ ସାଇବର ସିକ୍ୟୁରିଟି ସମ୍ବନ୍ଧୀୟ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ଏହି ଆଲୋଚନାଚକ୍ର ଶନିବାର ଓ ରବିବାର ଦୁଇଦିନ ଧରି ଚାଲିବାକୁ ଥିବାବେଳେ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟୋଗିକ ଅଧିବେଶନମାନ ଅନୁଷ୍ଠିତ ହେବ।

■ସେତୁ ଉପରେ ଲୁହା ବ୍ୟାରିୟର ନିର୍ମାଣକୁ ବିରୋଧ

# ଅଞ୍ଚଳବାସୀଙ୍କ ପକ୍ଷରୁ ଧାରଣା

**ନିଆଳି,୧୬।୩(ଡି.ଏନ୍.ଏ.)**

ନିଆଳି ତହସିଲ ଅନ୍ତର୍ଗତ ଦେବୀ-କନ୍ଦଳ ଦ୍ୱୀପାଞ୍ଚଳରେ ଥିବା ଜଗତ୍‌ସିଂହପୁରକୁ ସଂଯୋଗ କରୁଥିବା ବଛାସାଇଲୋ-ଆଳିପିଙ୍ଗଳ ସେତୁ ଉପରେ ପ୍ରଶାସନ ତରଫରୁ ଭାରିଯାନ ଯିବା ଆସିବା ନ କରିବା ପାଇଁ ଏକ ଲୁହାର ବ୍ୟାରିୟର ନିର୍ମାଣ କରାଯାଇଛି। କିନ୍ତୁ ଏହି ବ୍ୟାରିୟର ଦ୍ୱାରା ଦ୍ୱୀପାଞ୍ଚଳର ଜନସାଧାରଣଙ୍କ ସହ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ଏହାକୁ ଉଠାଇବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରିବା ସହ ଶନିବାର ଆଳିପିଙ୍ଗଳ ପାଖରେ ଉକ୍ତ ସେତୁ ଉପରେ ଧାରଣା ଦେଇଥିଲେ। ଅଭିଯୋଗରୁ ପ୍ରକାଶ ଯେ, ୧୯୯୩ରେ ଏହି ସେତୁ ନିର୍ମାଣ ହୋଇଥିଲେ ମଧ୍ୟ ଏହା ଜଗତ୍‌ସିଂହପୁର ପ୍ରଶାସନ ଅଧୀନରେ ରହି ଆସିଛି। ଉକ୍ତ ସେତୁର ରକ୍ଷଣାବେକ୍ଷଣ ଅଭାବରୁ ଏବେ ବିପର୍ଯ୍ୟୟ ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ପ୍ରଶାସନ ଜନସାଧାରଣଙ୍କୁ ନ ଜଣାଇ ରାତି ଅଧରେ ଲୁହା ବ୍ୟାରିୟର ନିର୍ମାଣ କରିବା ଦ୍ୱାରା ବସ୍ ଟ୍ରକ୍ ଆଦି ଯାଇପାରୁ ନାହିଁ। ଯାହାଫଳରେ ଜନସାଧାରଣ ଓ ଚାଷୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଉକ୍ତ ସେତୁକୁ ମରାମତି କରାଯିବା ସହ ଲୁହା ବ୍ୟାରିୟରକୁ ଉଠାଇବା ପାଇଁ ସିଠାଲୋ ସରପଞ୍ଚ ଅନ୍ତର୍ଯ୍ୟାମୀ ବଡୁଙ୍କ ନେତୃତ୍ୱରେ ଶତାଧିକ ଜନସାଧାରଣ ଧାରଣାରେ ବସିବା ସହ ରାସ୍ତାରୋକୋ କରିଥିଲେ। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଯାତ୍ରୀମାନେ କିଛି ସମୟ ପାଇଁ ହଇରାଣ ହୋଇଥିଲେ। ଖବରପାଇ ନିଆଳିର ଅତିରିକ୍ତ ତହସିଲଦାର ଅନୁଜା ତାରେଣୀ ମିଶ୍ର, ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ ଘଟଣାସ୍ଥଳକୁ ଯାଇ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ୩ଦିନ ଭିତରେ ଜନସାଧାରଣଙ୍କର ଦାବିକୁ ପୂରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ତହସିଲଦାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଘର ଟାଙ୍କିରୁ ନିରୁଦ୍ଦିଷ୍ଟ ବୃଦ୍ଧଙ୍କ ଲୁଙ୍ଗି, ହାଡ଼ ଓ ଟର୍ଚ୍ଚ ଉଦ୍ଧାର

**ନିଆଳି,୧୬।୩(ଡି.ଏନ୍.ଏ.)**

ନିଆଳି ଥାନା ଅଧୀନ କସର୍ଦା ଫାଣ୍ଡି ଅନ୍ତର୍ଗତ କଟିକଟା ଗ୍ରାମର ଧ୍ରୁବ ସାହୁ (୬୧) ଚାରିବର୍ଷ ତଳେ ନିରୁଦ୍ଦିଷ୍ଟ ଥିଲେ। ଶନିବାର ଅପରାହ୍ନରେ ତାଙ୍କ ପୁଅ ଧନେଶ୍ୱର ଘର ବାରିରେ ଥିବା ଗୋବର ଟାଙ୍କିକୁ ଶ୍ରମିକ ଲଗାଇ ସଫା କରୁଥିବା ବେଳେ ବାପା ପିନ୍ଧିଥିବା ଲୁଙ୍ଗି, ହାଡ ଓ ଟ୍ରଙ୍କକୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ୨୦୧୫ ଅଗଷ୍ଟ ୨ ବିଳମ୍ବିତ ରାତିରେ ଧ୍ରୁବ ନିରୁଦ୍ଦିଷ୍ଟ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନ ପାଇବାରୁ ଧ୍ରୁବଙ୍କ ସ୍ତ୍ରୀ ଲୋଭା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ସେହି ଗ୍ରାମର ଜନୈକ ବ୍ୟକ୍ତି ପୂର୍ବଶତ୍ରୁତାକୁ ନେଇ ତାଙ୍କ ସ୍ୱାମୀଙ୍କୁ ଅପହରଣ କରିଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଥିଲେ। ଅଭିଯୋଗ ପାଇ ପୋଲିସ ଅପହୃତ ମାମଲା ରୁଜୁ କରି ଚୁପହୋଇ ବସି ରହିଥିଲେ। ତାଙ୍କ ସ୍ତ୍ରୀ ଲୋଭାଓ ପୁଅ ଧନେଶ୍ୱର ବାରମ୍ବାର ଥାନାକୁ ଦୌଡିଥିଲେ ମଧ୍ୟ ବାପାଙ୍କର କୌଣସି ପତ୍ତା ପାଇ ନ ଥିଲେ। ହେଲେ ଘରର ଗୋବର ଟାଙ୍କିକୁ ସଫା କରିବା ବେଳେ ଟାଙ୍କି ଭିତରେ ତାଙ୍କ ବାପା ପିନ୍ଧିଥିବା ଲୁଙ୍ଗି, ଟର୍ଚ୍ଚ ଓ ହାଡକୁ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ କସର୍ଦା ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସନ୍ଧ୍ୟା ହୋଇଯିବାରୁ ଟାଙ୍କି ଭିତରୁ କଙ୍କାଳ ଆଦିକୁ ଉଦ୍ଧାର କରାଯାଇପାରିନାହିଁ। ଏ ସମ୍ପର୍କରେ ଆଇଆଇସି ବିଜୟ କୁମାର ମଲ୍ଲିକଙ୍କୁ ପଚାରିବାରେ ରବିବାର ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଅଣାଯାଇ ତଦନ୍ତ କରାଯିବ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ଯୁବତୀଙ୍କୁ ଦୁର୍ବ୍ୟବହାର: ଜଣେ ଗିରଫ

**କଟକ ଅଫିସ, ୧୬।୩:** ପୁରୀଘାଟ ଥାନା ଅଞ୍ଚଳରେ ଜନୈକା ଯୁବତୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଶନିବାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ନିମସାହି ଅଞ୍ଚଳର ଲକ୍ଷ୍ମୀଧର ବେହେରା(୩୯)। ଶନିବାର ଯୁବତୀ ଜଣଙ୍କ ବାହାରକୁ ଯାଉଥିବାବେଳେ ଲକ୍ଷ୍ମୀଧର ତାଙ୍କୁ କମେଣ୍ଟ କରିଥିଲେ। ଯୁବତୀ ଜଣଙ୍କ ଏହାକୁ ବିରୋଧ କରିବାରୁ ଲକ୍ଷ୍ମୀଧର ତାଙ୍କୁ ଗାଳିଗୁଲଜ କରିଥିଲେ। ଏ ନେଇ ଯୁବତୀ ଜଣଙ୍କ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫୧/୧୯) ରୁଜୁ କରିଛି।

### ମହିଳାଙ୍କ ସୁନାଚେନ୍ ଲୁଟ୍

**କଟକ ଅଫିସ, ୧୬।୩:** ବାଦାମବାଡି ଥାନା ଅନ୍ତର୍ଗତ ଡାଲମିଲ ଗଳି ଅଞ୍ଚଳରେ ଶନିବାର ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ସ୍ଥାନୀୟ ପିଠାପୁର ଅଞ୍ଚଳର ପ୍ରତୀଶିଦେବୀ ଶର୍ମା। ରାତି ପ୍ରାୟ ସାଢେ ୮ଟାରେ ଶର୍ମା ଚାଲି ଚାଲି ଆସୁଥିବାବେଳେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକରେ ତାଙ୍କୁ ପିଛା କରିଥିଲେ। ପରେ ତାଙ୍କ ବେକରୁ ସୁନାଚେନ୍ ଛଡାଇବାରୁ ସମ୍ପୃକ୍ତ ମହିଳା ଛାଡି ନ ଥିଲେ। ଫଳରେ ଦୁର୍ବୃତ୍ତମାନେ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ହାତକୁ ଆକ୍ରମଣ କରି ଚେନ୍ ନେଇ ପଳାଇଥିଲେ। ଚିକିତ୍ସାଲାଗି ମହିଳାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

### ବ୍ୟବସାୟୀଙ୍କୁ ଖଣ୍ଡାରେ ଆକ୍ରମଣ

**କଟକ ଅଫିସ, ୧୬।୩:** ମାଲଗୋଦାମ ଅଞ୍ଚଳରେ ଶନିବାର ରାତିରେ ଚିନି ବ୍ୟବସାୟୀ ଦାମୋଦର ଭୌସିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମାଲଗୋଦାମ ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଟଙ୍କା କାରବାରକୁ ନେଇ ତାଙ୍କୁ ଆକ୍ରମଣ କରାଯାଇଥିବା ପୋଲିସ ଅନୁମାନ କରୁଛି। ଶନିବାର ରାତି ପ୍ରାୟ ସାଢ଼େ ୧୧ଟା ବେଳେ ଦାମୋଦର ଦୋକାନ ବନ୍ଦ କରି ବାଇକ୍‌ରେ ଘରକୁ ଫେରୁଥିବା ବେଳେ କେତେଜଣ ଦୁର୍ବୃତ୍ତ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ସେ ତଳେ ପଡ଼ିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ସ୍ଥାନୀୟ କେତେଜଣ ବ୍ୟକ୍ତି ଦେଖି ପୋଲିସକୁ ଜଣାଇବା ସହ ତାଙ୍କୁ ମେଡିକାଲ ନେଇଥିଲେ।



କଟକ ଗୌରୀଶଙ୍କର ପାର୍କ ନିକଟରେ ବିଜୁ ଯୁବ ଛାତ୍ର ଜନତା ଦଳ କଟକ ପକ୍ଷରୁ ଅନୁଷ୍ଠିତ 'ହକ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ।

# ଗୋଷ୍ଠୀ ସଂଘର୍ଷ, ଯୁବକଙ୍କୁ ଅପହରଣ ଅଭିଯୋଗ

**ଖୁଣ୍ଟୁଣୀ,୧୬।୩(ଡି.ଏନ୍.ଏ.)**

ସାଧାରଣ ନିର୍ବାଚନ ପୂର୍ବରୁ ଆଠଗଡର କେତେକ ଗ୍ରାମରେ ବିଭିନ୍ନ ଦଳ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିବା ଦେଖିବାକୁ ମିଳିଛି, ଯାହା କି ପୋଲିସର ମୁଣ୍ଡବ୍ୟଥାର କାରଣ ସାଜିଛି। ଗତ ୧୩ ତାରିଖରେ ବିଧାନସଭା ପାଇଁ ସମ୍ଭାବ୍ୟ କଂଗ୍ରେସ ପ୍ରାର୍ଥୀ ଉମାବଲ୍ଲଭ ରଥ ଖୁଣ୍ଟୁଣୀ ଥାନା ରାଧାକୃଷ୍ଣପୁର ଅଞ୍ଚଳରେ କର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ। ୧୪ ତାରିଖ ରାତି ପ୍ରାୟ ୮ଟାରେ କଂଗ୍ରେସ ସମର୍ଥିତ କେତେଜଣ ଯୁବକ ବିଲୁଆଗଡ଼ା ବଙ୍ଗାଳୀ ସାହିରେ ବୁଲି ହାତଚିହ୍ନ ଜିନ୍ଦାବାଦ କହିଥିଲେ। ଏହାକୁ ପ୍ରତିବାଦ କରି ଉକ୍ତ ଗ୍ରାମର ଅନ୍ୟ ଏକ ଦଳର ଦୁଲାଲ ଦାସ ସେମାନଙ୍କୁ ବିରୋଧ କରିଥିଲେ। ଫଳରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଦୁଲାଲ ସହ ଥିବା ନିକଟସ୍ଥ କେତେଜଣ ଯୁବକଙ୍କ ମାଡ଼ରେ ସୁଶାନ୍ତ ମହାନ୍ତି(ବାପି), ବଲ୍ଲା ରାଉତ ଓ ବାବୁ ନାମକ ୩ଜଣ ଆହତ ହୋଇଥିଲେ। ଆହତମାନଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରାତିରେ ଚିକିତ୍ସିତ ବାପିଙ୍କୁ ଦୁଲାଲ ଓ ତାଙ୍କର ସହଯୋଗୀ ଅପହରଣ କରି ନେଇଥିବା ଶୁକ୍ରବାର ବାପିଙ୍କ ସ୍ତ୍ରୀ ରୋଜାଲିନ ଖୁଣ୍ଟୁଣୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷେ କଂଗ୍ରେସ ସମର୍ଥିତ ଯୁବକମାନେ ଏକ ବାଇକ୍ ଭାଙ୍ଗିଦେବା ସହ ତାଙ୍କ ସାଙ୍ଗଙ୍କୁ ମାଡ଼ ମାରିଛନ୍ତି ବୋଲି ଗୁରୁବାର ରାତିରେ ଦୁଲାଲ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଦୁଇଟି ମାମଲା(ନଂ.୧୮/୧୯, ୧୯/୧୯)ରୁଜୁ କରି ତଦନ୍ତ ଚଳାଇଛି।

# ନିର୍ବାଚନ ଉପରେ ଏସ୍‌ୟୁସିଆଇ(ସି)ର ଆଲୋଚନା

**କଟକ ଅଫିସ, ୧୬।୩**

କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ଶନିବାର ଏସ୍‌ୟୁସିଆଇ(ସି) କଟକ ଜିଲା କମିଟି ପକ୍ଷରୁ ନିର୍ବାଚନର ଆଭିମୁଖ୍ୟ ସମ୍ବନ୍ଧରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏସ୍‌ୟୁସିଆଇ(ସି) କଟକ ଜିଲା କମିଟି ସମ୍ପାଦକ କମ୍ରେଡ ବିଶ୍ୱାବସୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏସ୍‌ୟୁସିଆଇ(ସି)ର କେନ୍ଦ୍ରୀୟ କମିଟି ସଭ୍ୟ କମ୍ରେଡ ଶଙ୍କର ଦାସଗୁପ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇ ନିର୍ବାଚନରେ ଦଳର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ସମତା ମଞ୍ଚର ସଭାପତି ଚିତ୍ତରଞ୍ଜନ ମହାନ୍ତି, ସ୍ୱାଧୀନତା ସଂଗ୍ରାମୀ ଫୋରମର ଆବାହକ ପ୍ରଶାନ୍ତ ଦାସ, ସଂପୂର୍ଣ୍ଣକ୍ରାନ୍ତି ଅଭିଯାନର ସଭାପତି ଶିଶିର ଦାସ ଓ ସମ୍ପାଦକ ଯୁଗଳକିଶୋର ନାୟକ ଯୋଗଦେଇଥିଲେ। ଏହି ସଭାରେ ଏସ୍‌ୟୁସିଆଇ(ସି)ର କଟକ ଲୋକ ସଭା ପ୍ରାର୍ଥୀ ଶ୍ରମିକ ନେତା ରାଜକିଶୋର ମଲ୍ଲିକ, କଟକ ସଦର ବିଧାନସଭା ପ୍ରାର୍ଥୀ ପରମାନନ୍ଦ ସେଠୀ, ଚୌଦ୍ୱାର-କଟକ ବିଧାନସଭା ପ୍ରାର୍ଥୀ ବସ୍ତିନେତା ସସ୍ମିତା ମହାନ୍ତି, ବାରବାଟୀ-କଟକ ବିଧାନସଭା ପ୍ରାର୍ଥୀ ଶ୍ରମିକନେତା ପାଭେଲ ପ୍ରିୟଦର୍ଶନ ଏବଂ ବାଙ୍କୀ ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିବା ଆଇନଜୀବୀ ଅରବିନ୍ଦ ବେହେରା ଉପସ୍ଥିତଥିଲେ।

## ବିଦ୍ୟୁତ୍ ଆଘାତରେ ହାଇୱା ଚାଳକଙ୍କ ମୃତ୍ୟୁ

**ଖୁଣ୍ଟୁଣୀ,୧୬।୩(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅଧୀନ ରାଜା ଆଠଗଡ ରେଲୱେ ସାଇଡିଂ ଠାରେ ଏକ କୋଇଲା ଡିପୋରେ କାମ କରୁଥିବା ବେଳେ ଜଣେ ହାଇୱା ଚାଳକଙ୍କ ବିଦ୍ୟୁତ୍ ଆଘାତରେ ଶୁକ୍ରବାର ମୃତ୍ୟୁ ହୋଇଛି। ସେ ହେଲେ ଆଠଗଡ ଥାନା ତରଡିଙ୍ଗ ଗ୍ରାମର ଗଣେଶ୍ୱର ବେହେରା। ଗଣେଶ୍ୱର ସନ୍ଧ୍ୟାରେ କୋଇଲା ଖାଲି କରିବାକୁ ହାଇୱାର ଡାଲା ଟେକୁଥିବା ବେଳେ ୧୧କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। କଟକ ବଡ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



କଟକ ଚାନ୍ଦିନୀଚୌକ ମେଳଣ ପଡିଆରେ ଶନିବାର ପହଞ୍ଚିଥିବା ଦୋଳ ବିମାନ।


# ରାଜ୍ୟ ସରକାରଙ୍କୁ ଗାଦିଚ୍ୟୁତ କରିବା ମୋର ଲକ୍ଷ୍ୟ: ଦାମ

**କଟକ ସଦର,୧୬।୩(ଡି.ଏନ୍.ଏ.)**

ସୁଶାସନ ଆଳରେ ନବୀନ ସରକାର ରାଜ୍ୟବାସୀଙ୍କ ଉପରେ ୧ଲକ୍ଷ କୋଟି ଟଙ୍କାର ଋଣଭାର ଲଦି ଦେଇଛନ୍ତି। ଋଣ ଅର୍ଥ ଗରିବଙ୍କ ପାଖକୁ ନ ଯାଇ ଦଳୀୟ ପାଣ୍ଠିରେ ପରିଣତ ହୋଇଛି। ତେଣୁ ଏଭଳି ସରକାରଙ୍କୁ ଗାଦିଚ୍ୟୁତ କରିବା ମୋର ଲକ୍ଷ୍ୟ। ଭାଜପାରେ ନୂତନ ଭାବେ ଯୋଗଦେଇଥିବା ବରିଷ୍ଠ ନେତା ଡା. ଦାମୋଦର ରାଉତ ୪୨ମୌଜା ଅନ୍ତର୍ଗତ ଦେଉଳିଠାରେ ଶନିବାର ଅନୁଷ୍ଠିତ ଏକ ସଭାରେ ଏହା କହିଛନ୍ତି। କଟକ ସଦର ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଅନୁଷ୍ଠିତ ବିଜୟ ସଂକଳ୍ପ ସଭାରେ ଅତିଥିଭାବେ ଯୋଗଦେଇ ଡା. ରାଉତ କହିଥିଲେ, ରାଜ୍ୟ ସରକାରଙ୍କ ଅପାରଗତା ସମ୍ପର୍କରେ ମତବ୍ୟକ୍ତ କରିବା ସହ ରାଜ୍ୟରେ ୪ରୁ ୧୪ବର୍ଷ ପର୍ଯ୍ୟନ୍ତ ବାଳିକା ସୁରକ୍ଷିତ ନୁହନ୍ତି ବୋଲି କହିଥିଲେ। ବିଜୁ ଯୁବ ବାହିନୀ ଗୁଣ୍ଡା ବାହିନୀଭାବେ କାର୍ଯ୍ୟ କରୁଛି ବୋଲି ବରିଷ୍ଠ ଭାଜପା ନେତା ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇ କହିଛନ୍ତି। ରାଜ୍ୟ ସମ୍ପାଦକ ଦିଲୀପ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ, ଭାଜପା ନେତ୍ରୀ ଅପରାଜିତା ମହାନ୍ତି, ହୃଷୀକେଶ ଜେନା, ବିଜୟ ରାଉତରାୟ, ପ୍ରତିଭା ଶତପଥୀ, ପୀୟୂଷ ରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୭ ମାର୍ଚ୍ଚ , ୨୦୧୯



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୭।୩।୨୦୧୯(ରବିବାର)**

### ଭୁବନେଶ୍ୱର

- ପଥ ଉତ୍ସବ, ରାମ ମନ୍ଦିର,ଜନପଥ, ସକାଳ ୬ଟା ୩୦।
- ସଦ୍‌ଗୁରୁ ସ୍ୱାମୀ ନିଗମାନନ୍ଦ ଦେବ ଦାତବ୍ୟ ସ୍ୱାସ୍ଥ୍ୟ ସେବା ପରାମର୍ଶ କେନ୍ଦ୍ର ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର, ସରସ୍ୱତୀ ଶିଶୁ ମନ୍ଦିର, ତାରିଣୀ ମନ୍ଦିର ନିକଟ ବାଲିଆପଠା, ରସୁଲଗଡ଼, ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା।
- ଗୀତି ଗଙ୍ଗୋତ୍ରୀ ପକ୍ଷରୁ ଗୀତିକବି ସମାବେଶ, ଆଲୋଚନାଚକ୍ର, ସୂଚନା ଭବନ, ସକାଳ ୯ଟା ୩୦।
- କସ୍ତୁରୀ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ଅଲ ଇଣ୍ଡିଆ ଆଲ୍ଲାହାବାଦ ବ୍ୟାଙ୍କ ପେନସନଧାରୀ ଓ ଅବସରପ୍ରାପ୍ତ ଆସୋସିଏଶନର ଦ୍ୱିତୀୟ ତ୍ରୈବାର୍ଷିକ ସମ୍ମିଳନୀ, ଇମେଜ୍, ସିରିପୁର, ପୂର୍ବାହ୍ନ ୧୦ଟା।
- ଗୁରୁ ପଙ୍କଜ ଚରଣ ଦାସ ଓ ଓଡିଶୀ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଗୁରୁ ପଙ୍କଜ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୪ଟା।
- ରୁବି ଆଇ ଫାଉଣ୍ଡେଶନ ଏବଂ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଗ୍ଲାକୋମା ପଞ୍ଚାୟତ, ମେ ଫେୟାର କନେଭେନଶନ, ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା।
- ଓଲିଉଡ ସିନେ ଆୱାର୍ଡ, ଉତ୍କଳ ରଙ୍ଗମଞ୍ଚ, ଅପରାହ୍ନ ୫ଟା।
- ନୃତ୍ୟାଞ୍ଜଳି ପକ୍ଷରୁ ବସନ୍ତ ଉତ୍ସବ, ଭଞ୍ଜକଳା ମଣ୍ଡପ, ବିଜେବି ନଗର, ଅପରାହ୍ନ ୫ଟାରୁ ରାତି ୯ଟା।
- ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୧, ସନ୍ଧ୍ୟା ୬ଟା।
- ସାଧକ-ସାଧବ ସାଧାରଣ ସଭାରେ ଗ୍ରନ୍ଥ 'ଶରତ ଶତମ୍'ର ଶୁଭଉନ୍ମୋଚନ, ଇଡ୍‌କଲ ଅଡିଟୋରିୟମ, ସନ୍ଧ୍ୟା ୭ଟା।

### କଟକ

- ଶିଶୁ ସାହିତ୍ୟ ଲେଖକ ସମ୍ମେଳନର ଅଷ୍ଟାଦଶ ସମାବର୍ତ୍ତନ ଉତ୍ସବ, ଶ୍ରୀଜଗନ୍ନାଥ ମନ୍ଦିର ପରିସର, ମହାନଦୀବିହାର, ସକାଳ ୭ଟା ୩୦ ।
- ବସୁଧୈବ କୁଟୁମ୍ବକମ୍ ମିଶନ ପକ୍ଷରୁ ୩୫ତମ ଅଧିବେଶନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶଙ୍କରପୁର, ଅପରାହ୍ନ ୪ଟା ।
- ସମ୍ଭାବନା ଫାଉଣ୍ଡେଶନ ପକ୍ଷରୁ ଓଡ଼ିଆ ବିଷୁବ ସାହିତ୍ୟ ସମ୍ମିଳନୀ, ଟାଉନ ହଲ୍, ଅପରାହ୍ନ ୪ଟା ।
- ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ଚର୍ତୁର୍ବିଂଶତମ 'ସାହିତ୍ୟ ଭାରତୀ ସମ୍ମାନ' ସମାରୋହ, କଳା ବିକାଶ କେନ୍ଦ୍ର, ସନ୍ଧ୍ୟା ୬ଟା ୩୦।

### ଖୋର୍ଦ୍ଧା

- ମୁଣ୍ଡମୁହାଣ ଗ୍ରାମେଶ୍ୱର ଦେବଙ୍କ ଦୋଳ ଭୋଗଖିଆ ଆରମ୍ଭ, ଯାଁଳା ସମେତ ୪ଖଣ୍ଡ ଗାଁରେ, ରାତି ୮ଟା।

**୧୮।୩।୨୦୧୯(ସୋମବାର)**

### ଭୁବନେଶ୍ୱର

- ସୋସିଆଲ ଆକ୍ସନ ଫୋରମ ଫର ମାନବ ଅଧିକାର ପକ୍ଷରୁ ଏକଦିନିଆ କର୍ମଶାଳା, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ପ୍ଲଟ ନଂ-୧/ଏ, ଜୟଦେବ ବିହାର, ପୂର୍ବାହ୍ନ ୧୧ଟା।
- ସ୍ମିତା ଏକ୍ସପ୍ରେସନ ପକ୍ଷରୁ କଳା ପ୍ରଦର୍ଶନୀ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- କବି ଡ.ପ୍ରସନ୍ନ କୁମାର ମିଶ୍ରଙ୍କ ଜନ୍ମବାର୍ଷିକୀ ଅବସରରେ ଫାଲ୍‌ଗୁନ ଆସର, ମହାବୋଧି ସୋସାଇଟି (ବୁଦ୍ଧ ମନ୍ଦିର), ୟୁନିଟ-୯, ସନ୍ଧ୍ୟା ୬ଟା।
- ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୧, ସନ୍ଧ୍ୟା ୬ଟା।
- ଶରତ-ସ୍ମୃତି-ସଂସଦ ଆନୁକୂଲ୍ୟରେ ଶରତ-ସ୍ମୃତି-ସନ୍ଧ୍ୟା, ଗୀତଗୋବିନ୍ଦ ସଦନ, ସୂଚନା ଭବନ ପରିସର, ସନ୍ଧ୍ୟା ୬ଟା ୩୦।

### ବାଲିଅନ୍ତା

- ଆଖଣ୍ଡଳେଶ୍ୱର ମହାଦେବର ଦୋଳ ଉତ୍ସବ, ପ୍ରତାପରୁଦ୍ରପୁର, ସକାଳ ୯ଟା।

**୧୯।୩।୨୦୧୯(ମଙ୍ଗଳବାର)**

### ଭୁବନେଶ୍ୱର

- ସ୍ମିତା ଏକ୍ସପ୍ରେସନ ପକ୍ଷରୁ କଳା ପ୍ରଦର୍ଶନୀ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୧, ସନ୍ଧ୍ୟା ୬ଟା।

### ବାଲିଅନ୍ତା

- ଆଖଣ୍ଡଳେଶ୍ୱର ମହାଦେବଙ୍କ ଦୋଳ ଉତ୍ସବ, ପ୍ରତାପରୁଦ୍ରପୁର, ସକାଳ ୯ଟା।

**୨୦।୩।୨୦୧୯(ବୁଧବାର)**

### ବାଲିଅନ୍ତା

- ଆଖଣ୍ଡଳେଶ୍ୱର ମହାଦେବର ଦୋଳ ଉତ୍ସବ, ପ୍ରତାପରୁଦ୍ରପୁର, ସକାଳ ୯ଟା।

**୨୧।୩।୨୦୧୯(ଗୁରୁବାର)**

### ଭୁବନେଶ୍ୱର

- ଗଳ୍ପ ପତ୍ରିକା 'କଥାକଳିକା' ର ସ୍ୱନକ୍ଷତ୍ର ଉତ୍ସବ, ଦି ପ୍ରେସ କ୍ଲବ ଅଫ ଓଡ଼ିଶା, ପୂର୍ବାହ୍ନ ୧୦ଟା।

### ବାଲିଅନ୍ତା

- ଆଖଣ୍ଡଳେଶ୍ୱର ଦୋଳ ପୂର୍ଣ୍ଣିମାରେ ଝୁଲଣ ଉତ୍ସବ, ପ୍ରତାପରୁଦ୍ରପୁର, ଝୁଲଣ ମଣ୍ଡପ, ପୂର୍ବାହ୍ନ ୧୦ଟା।
- ଭୂତପଦା ଦୋଳ ମେଳନ, କାକରୁଦ୍ରପୁର ମେଳନ ପଡ଼ିଆ, ଅପରାହ୍ନ ୧ଟା।
- ଦୋଳ ଉତ୍ସବ ଓ ଦୋଳ ମଣ୍ଡପରେ ନୂତନ ପାଞ୍ଜି ପଠନ, ଭିଙ୍ଗାରପୁର(ଶାସନ), ଅପରାହ୍ନ ୩ଟା।

**୨୨।୩।୨୦୧୯(ଶୁକ୍ରବାର)**

### ଭୁବନେଶ୍ୱର

- କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ତ୍ରିଧାରା ଓ ଭୁବନେଶ୍ୱର ମ୍ୟୁଜିକ ସର୍କଲର ମିଳିତ ଆନୁକୂଲ୍ୟରେ ଜାତୀୟ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟାରୁ ୯ଟା।

### ବାଲିଅନ୍ତା

- ବାଲିଅନ୍ତା ଦୋଳ ମେଳନରେ ରୋଶଣି ଉତ୍ସବ, ବାଲିଅନତ୍ ମହାତ୍ମା ସେତୁ ନିକଟ, ରାତି ୧୧ଟା।

**୨୩।୩।୨୦୧୯(ଶନିବାର)**

### ପୁରୀ

- ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରୀୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ, ତାଳବଣିଆ, ସକାଳ ୯ଟା।

### ବାଲିଅନ୍ତା

- ଆଖଣ୍ଡଳେଶ୍ୱର ମହାଦେବଙ୍କ ଯମୁନା ସ୍ନାନ, କୁଶଭଦ୍ରା ନଦୀକୂଳ, ପ୍ରତାପରୁଦ୍ରପୁର, ସକାଳ ୬ଟା।
- ବାଲିଅନ୍ତା ଦୋଳ ମେଳନ, ସଂକୀର୍ତ୍ତନ ପରିବେଷଣ ଓ ଆତସବାଜି ପ୍ରଦର୍ଶନ, ପ୍ରତାପରୁଦ୍ରପୁର, ଅପରାହ୍ନ ୩ଟା।

### ଖୋର୍ଦ୍ଧା

- ମୁଣ୍ଡମୁହାଣ ଗ୍ରାମେଶ୍ୱର ଦେବଙ୍କ ଦୋଳପୂର୍ଣ୍ଣିମା ଯାତ୍ରାରେ ୧୫ ଠାକୁରଙ୍କ ମେଳଣ, ମୁଣ୍ଡମୁହାଣ, ରାତି ୧୧।

# ଖାଲ ଖମାରେ ଭର୍ତ୍ତି ପୂର୍ତ୍ତରାସ୍ତା

**ବୋଲଗଡ,୧୬।୩(ଡି.ଏନ.ଏ.)**

ରାଜସୁନାଖଳାସ୍ଥିତ ୫୭ନଂ ଜାତୀୟ ରାଜପଥଠାରୁ ବୋଲଗଡ ବ୍ଲକ ଅନ୍ତର୍ଗତ ଧଳାପଥର ଏବଂ ସାଗରଗାଁ ଅଞ୍ଚଳକୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ବିଭିନ୍ନ ସ୍ଥାନରେ ମରଣଯନ୍ତା ପାଲଟିଛି। ଦୀର୍ଘ ଦିନ ଧରି ଉକ୍ତ ରାସ୍ତା ମରାମତି ହେଉନି । ରାଜସୁନାଖଳାଠାରୁ ବାଙ୍କୋଇ ପର୍ଯ୍ୟନ୍ତ ପ୍ରାୟ ୫କିମି ଯାଏ ରାସ୍ତା ଶୋଚନୀୟ ହୋଇପଡିଛି । ଯାତାୟାତ ପାଇଁ ଲୋକେ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି। ରାସ୍ତା ମରାମତି ପାଇଁ ସ୍ଥାନୀୟ ଲୋକେ ଦାବି କରୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ ।

ପ୍ରକାଶ ଯେ, ରାଜସୁନାଖଳାଠାରୁ ତ୍ରିନାଥ ବଜାରସ୍ଥିତ କଲ୍ୟାଣ ମଣ୍ଡପ ନିକଟରେ ଥିବା ରାସ୍ତା ଅଣଓସାରିଆ ହୋଇଯାଇଛି । ଏହା ବଜାର ଅଞ୍ଚଳ ହୋଇଥିବା କାରଣରୁ ଅନେକ ସମୟରେ ଯାନବାହନ ଯାତାୟାତ ପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ସେହିପରି ଏଠାରୁ ସାନକୁମାରୀ ମଧ୍ୟରେ ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତ ଦେଖିବାକୁ ମିଳୁଛି। ସେହିଭଳି ବଡକୁମାରୀ ଏବଂ ହାଟବସ୍ତ ମଧ୍ୟରେ ଥିବା ଏକ ପୋଲ ଉପରୁ ପିଚୁ ସମ୍ପୂର୍ଣ୍ଣ ଛାଡି ଯାଇଛି । ଫଳରେ ଏଠାରେ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଛି । ଏହି ପୋଲ ନିକଟରେ ଅନ୍ୟ ଏକ ସ୍ଥାନରେ ରାସ୍ତାର ଦୁଇ ପାର୍ଶ୍ୱରୁ ପିଚୁ ତାଡି ହୋଇ ପ୍ରାୟ ଏକ ଫୁଟ ଗଭୀର ଖାଲ ସୃଷ୍ଟି ହୋଇଛି । ଫଳରେ ଯାତାୟାତ ପାଇଁ ଯାନବାହନଗୁଡିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ବିଭିନ୍ନ ସ୍ଥାନରେ ରାସ୍ତା ମରାମତିର ଆବଶ୍ୟକତା ରହିଥିଲେ ମଧ୍ୟ ତାହା କରାଯାଉନାହିଁ । ଉଲ୍ଲେଖ ଥାଉକି ଏହି ରାସ୍ତାଟି ପ୍ରତ୍ୟହ ଜନଗହଳି ରହିଥାଏ। ବିଭିନ୍ନ ସ୍କୁଲ କଲେଜକୁ ପିଲାମାନେ ପାଠ ପଢିବା ପାଇଁ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ଅପରପକ୍ଷେ ରାଜସୁନାଖଳା ବଜାର ଏକ ବ୍ୟବସାୟିକ ପେଣ୍ଠସ୍ଥଳ ହୋଇଥିବାରୁ ଏହି ରାସ୍ତାରେ ପ୍ରାୟ ଶତାଧିକ ଗ୍ରାମର ଲୋକେ ଯାତାୟାତ କରିଥାନ୍ତି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ତୁରନ୍ତ ମରାମତି କରାଯିବାକୁ ସାମାଜିକ କର୍ମୀ,ବୁଦ୍ଧିଜୀବୀ ଏବଂ ବିଭିନ୍ନ ପଞ୍ଚାୟତ ପ୍ରତିନିଧିମାନେ ଦାବି କରୁଛନ୍ତି।



ରାଜସୁନାଖଳା –ଧଳାପଥର ରାସ୍ତାର କୁମାରୀ ଠାରେ ଶୋଚନୀୟ ହୋଇପଡିଥିବା ରାସ୍ତା ।

## ଟାଙ୍ଗୀ ପଞ୍ଚାୟତରେ ବିଜେଡି କର୍ମୀ ସମାବେଶ

**ଟାଙ୍ଗୀ (ଖୋର୍ଦ୍ଧା), ୧୬।୩ (ଡି.ଏନ.ଏ.)–**

ଟାଙ୍ଗୀ ପଞ୍ଚାୟତ ବିଜେଡି ତରଫରୁ ଶନିବାର ସ୍ଥାନୀୟ ମା' ରତ୍ନମାଳୀ ଠାକୁରାଣୀଙ୍କ ପୀଠରେ ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶେଷ କରି ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କୁ ପ୍ରାର୍ଥୀ କରାଯିବା ନେଇ ଆଲୋଚନା ହୋଇଥିଲା। କୌଣସି କାରଣ ନ ଥାଇ ଦଳର ସୁପ୍ରିମୋ ତାଙ୍କୁ ଏଥର ବିଧାୟକ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବାରଣ କରୁଥିବା ହେତୁ କର୍ମୀମାନଙ୍କ ମହଲରେ ନୈରାଶ୍ୟ ସୃଷ୍ଟି ହୋଇଛି।ଏହାର ପୁନର୍ବିଚାର କରି ତାଙ୍କୁ ପୁନର୍ବାର ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ଦେବା ପାଇଁ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସମାବେଶରେ ମତପ୍ରକାଶ ପାଇଥିଲା। ଏଥିରେ ଜିଲା ବିଜେଡି ସମ୍ପାଦକ ରଘୁନାଥ ସାହୁ, ବ୍ଲକ୍ ଯୁବ ବିଜେଡି ସଭାପତି ନୀଳକଣ୍ଠ ବେହେରା, ସମିତି ସଭ୍ୟ ଶାନ୍ତନୁ ପ୍ରଧାନ, ବିଜୁ ଯୁବବାହିନୀ ସଭାପତି ମାନସ ବଳିୟାରସିଂହ, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ବେହେରା, ମହିଳା ସ୍ୱୟଂ ସହାୟକ ସଂଘ ସମ୍ପାଦକ ଜୟନ୍ତୀ ବେହେରା ପ୍ରମୁଖ ଉପସ୍ଥିତ ରହି ବିଧାୟକ ସାହୁଙ୍କ ପ୍ରତି ସମର୍ଥନ ଜଣାଇଥିଲେ।



## ପୋଖରୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

**ଟାଙ୍ଗୀ (ଖୋର୍ଦ୍ଧା),୧୬।୩ (ଡି.ଏନ.ଏ.)–**

ଟାଙ୍ଗୀ ଥାନା ଭୂଷଣ୍ଡପୁର ବିଗ୍ରେଡ ସ୍କୁଲର ଛାତ୍ର ପବିତ୍ର ନାୟକ (୭) ଶନିବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ରାମଚନ୍ଦ୍ର ନାୟକଙ୍କ ପୁତ୍ର ପବିତ୍ର ସ୍କୁଲରୁ ଘରକୁ ଫେରି କାହାକୁ ନ ଜଣାଇ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା କୁହାଯାଉଛି। ସେହି ସମୟରେ ସାହିରେ ବାଉଁଶ ନାଟ ହେଉଥିଲା । ତାଙ୍କୁ ଘରେ ନ ଦେଖି ପରିବାର ଲୋକେ ବାଉଁଶ ନାଟ ଦେଖୁଥିବ ଭାବି ଖୋଜାଖୋଜି କରିଥିଲେ। ପରେ ପୋଖରୀରେ ତାଙ୍କୁ ଠାବ କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

■ ଖୋର୍ଦ୍ଧା, ବେଗୁନିଆ ନିର୍ବାଚନମଣ୍ଡଳୀ

## ଟିକେଟ ହାତେଇବାକୁ ସମର୍ଥକ ମୋହରା

**ଖୋର୍ଦ୍ଧା ଅଫିସ,୧୬।୩:**

ନିର୍ବାଚନ ତାରିଖ ଘୋଷଣା ପରେ ଟିକେଟ୍ ହାତେଇବାକୁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଟିକେଟ୍ ନ ପାଇଲେ ଦଳ ପାଇଁ କାର୍ଯ୍ୟ ଜାରି ରହିବ ବୋଲି ନେତା କହୁଥିଲେ ହେଁ ବାସ୍ତବ ସ୍ଥିତି ଓଲଟା। ସେପଟେ ଟିକେଟ୍ ହାତେଇବାକୁ ସମର୍ଥକମାନଙ୍କୁ ମୋହରା କରି ଚାଲିଛି କର୍ମୀ ସମ୍ମିଳନୀ। ତେବେ ଚାଲାକ୍ କରି ଆଶାୟୀ ପ୍ରାର୍ଥୀ ଏହି କର୍ମୀ ସମ୍ମିଳନୀରେ ଉପସ୍ଥିତ ରହୁନାହାନ୍ତି। ଖୋର୍ଦ୍ଧାର ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର କିଛିଦିନ ତଳେ ଭାଜପା ଛାଡ଼ି ବିଜେଡ଼ିରେ ଯୋଗ ଦେଇଥିଲେ। ବିଜେଡ଼ି ପ୍ରାର୍ଥୀ ଭାବେ ଜିତୁଙ୍କୁ ପୂର୍ଣ୍ଣ ସମର୍ଥନ କରିବେ ବୋଲି ଜିଲା ବିଜେଡି ସଭାପତି ତଥା ଜଟଣୀର ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟ, ଖୋର୍ଦ୍ଧାର ବିଧାୟକ ରାଜେନ୍ଦ୍ର କୁମାର ସାହୁ ନବୀନ ନିବାସରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ କହିଥିଲେ। ତେବେ ରାଜେନ୍ଦ୍ରଙ୍କୁ ଟିକେଟ୍ ଦିଆଯାଉ ବୋଲି ସମର୍ଥକ ଓ କର୍ମୀମାନେ କର୍ମୀ ସମ୍ମିଳନୀ ଜାରି ରଖିଛନ୍ତି। ଜିତୁ ବିଜେଡ଼ିରେ ଯୋଗଦେବା ପରେ ଶନିବାର ଏକ ସଭାରେ ଭାଜପା କର୍ମୀ ଓ କାର୍ଯ୍ୟକର୍ତ୍ତା ବିଜେଡ଼ିରେ ସାମିଲ ହୋଇଛନ୍ତି। ବେଗୁନିଆ ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ଟିକେଟ୍ ଦେବାକୁ ଅନୁରୂପ ଭାବେ ବିଭିନ୍ନ ସ୍ଥାନରେ କର୍ମୀ ସମ୍ମିଳନୀ ଚଳାଇଛନ୍ତି। ଖୋର୍ଦ୍ଧାରେ ଜିତୁଙ୍କୁ ଟିକେଟ୍ ଦିଆଯିବା ପାଇଁ ପ୍ରତିଶ୍ରୁତି ମିଳିଥିଲା।

## ଅଷ୍ଟପ୍ରହର ନାମଯଜ୍ଞ

**ବେଗୁନିଆ,୧୬।୩ (ଡି.ଏନ.ଏ.)**

ବେଗୁନିଆ ବ୍ଲକ ଅଧୀନ ଗଁପୁର ଗ୍ରାମରେ ଥିବା ଆରାଧା କାମନା ଦେବୀ ମନ୍ଦିର ପରିସରରେ ଶନିବାର ଅଷ୍ଟପ୍ରହର ନାମଯଜ୍ଞ ଗ୍ରାମବାସୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ଶ୍ରଦ୍ଧାଳୁମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ସହ ଶୁଭ ଅଧିବାସ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଖପାଖ ଅଞ୍ଚଳର ୮ଟି ଦଳ ହରିନାମ ସଂକୀର୍ତ୍ତନ କରିଥିଲେ।

## ସଂକ୍ଷେପରେ

### ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

ଖୋର୍ଦ୍ଧା ଅଫିସ/ବୋଲଗଡ, ୬।୩ (ଡି.ଏନ.ଏ.): ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ଅସରଳା ଗାଁରେ ହାଇମାକ୍ସ ଲାଇଟ୍ ଖୁଣ୍ଟ ପୋତିବାରେ ଆଚରଣ ବିଧି ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ଉଠିଛି। ଏ ନେଇ ଅସରଳା ସମିତିସଭ୍ୟ କନ୍ତେଇ ଖଟେଇ କୁହନ୍ତି, ହାଇମାକ୍ସ ଲାଇଟ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ନଟବର ପାଣ୍ଡେଙ୍କର ଘର ନିକଟରେ ପୋତିବାକୁ ପ୍ରୋଜେକ୍ଟ ଥିଲା। ତେବେ ଶନିବାର ରାତି ପ୍ରାୟ ୮ଟାରେ ବରଡାଳିଆ ପୋଖରୀ ପଛ ପାଖରେ ତରବରିଆ ଭାବେ ପୋତି ଦିଆଯାଇ ସ୍ଥାନୀୟ ଭୋଟରଙ୍କୁ ଆକୃଷ୍ଟ କରିବାକୁ ବ୍ୟବସ୍ଥା କରାଯାଇଛି । ଏ ନେଇ ବିଡିଓ, ଜିଲାପାଳଙ୍କୁ ଅଭିଯୋଗ କରାଯିବ ବୋଲି ସେ କହିଛନ୍ତି।

### ମନକୁ ଫୁଟିଲା ବୋମା

ଖୋର୍ଦ୍ଧା ଅଫିସ/ନିରାକାରପୁର, ୧୬।୩ (ଡି.ଏନ.ଏ.):ଖୋର୍ଦ୍ଧା ବ୍ଲକ ଗୋଡିପଡା ପଞ୍ଚାୟତ କାର୍ଯ୍ୟାଳୟ ପଛ ପାଖରେ ଜଣେ ବ୍ୟକ୍ତିଙ୍କର ବାରିପଟ କୂଅ ନିକଟରେ ଏକ ବୋମା ଆପେ ଆପେ ଶନିବାର ଅପରାହ୍ନରେ ବିସ୍ଫୋରଣ ହୋଇଛି। ଏହାର ପ୍ରଭାବରେ ଆମ୍ବଗଛର କିଛିଅଂଶ କ୍ଷତିଗ୍ରସ୍ତ ହୋଇଥିଲା। ଏହା ଲୋକଲୋଚନକୁ ନ ଆସିବା ପାଇଁ ପରିବାର ପକ୍ଷରୁ ପ୍ରସ୍ତୁତି ଜାରି ରହିଥିଲା। ତେବେ ଶବ୍ଦ ଶୁଣି ଗାଁଲୋକ ରୁଣ୍ଡ ହୋଇ ଘଟଣା ସମ୍ପର୍କରେ ବାରମ୍ବାର ପଚାରିଥିଲେ। ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କର ସୂଚନା ଅନୁସାରେ ବୋମାଟି ମାଟି ତଳେ ପୋତା ଯାଇଥିଲା। ଗରମର ପ୍ରଭାବରେ ଏହା ଫୁଟିଥିବା ସେ କହିଛନ୍ତି। ଏ ନେଇ ପୋଲିସ ପାଖରେ କୌଣସି ଖବର ନ ଥିବା ଜଣାପଡିଛି।

### ସାନପଦରରେ ପାସେଞ୍ଜର ହଲ୍ଟ ପାଇଁ ଦାବି

ଖୋର୍ଦ୍ଧା ଅଫିସ/ ନିରାକାରପୁର, ୧୬।୩(ଡି.ଏନ.ଏ.): ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକର ସାନପଦରଠାରେ ଏକ ପାସେଞ୍ଜର ହଲ୍ଟ ନିର୍ମାଣ ପାଇଁ ରେଳମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। କିଛି ଉତ୍ତର ନ ଆସିବାରୁ ଏ ଅବସରରେ ସ୍ଥାନୀୟ ଦୁର୍ଗାମଣ୍ଡପଠାରେ ଶନିବାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ୭ ଦିନ ମଧ୍ୟରେ ପାସେଞ୍ଜର ହଲ୍ଟ ନିର୍ମାଣ ପାଇଁ ପଦକ୍ଷେପ ନିଆ ନ ଗଲେ ଅଞ୍ଚଳବାସୀଙ୍କ ପକ୍ଷରୁ ରେଳରୋକୋ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ପ୍ୟାସେଞ୍ଜର ଟ୍ରେନ ରହଣିକୁ ସ୍ୱାଗତ

**ଟାଙ୍ଗୀ (ଖୋର୍ଦ୍ଧା),୧୬।୩ (ଡି.ଏନ.ଏ.)**

ସପ୍ତାହକୁ ଥରେ ଯାତାୟାତ କରୁଥିବା ହାଓଡା ସତ୍ୟସାଇ ପ୍ରଶାନ୍ତି ନିଲୟମ ଏକ୍ସପ୍ରେସ ପୂର୍ବତଟ ରେଳପଥର କାଲୁପଡାଘାଟ ଷ୍ଟେଶନରେ ରହଣିକୁ ରେଳ ୟୁଜର୍ସ ଆସୋସିଏଶନ ତରଫରୁ ସ୍ୱାଗତ କରାଯାଇଛି। ଏହି ଟ୍ରେନଟି ଶନିବାର ସକାଳେ ଷ୍ଟେଶନରେ ପହଞ୍ଚିବା ପରେ ୟୁଜର୍ସ ଆସୋସିଏଶନ ସଭାପତି ଅଧ୍ୟାପକ ଚନ୍ଦ୍ରକାନ୍ତ ପାଇକରାୟଙ୍କ ନେତୃତ୍ୱରେ ଦିଲୀପ କୁମାର ନାଥ, ସାରଙ୍ଗଧର ବିଶ୍ୱାଳ, ଚନ୍ଦ୍ରଶେଖର ମିଶ୍ର, ଲକ୍ଷ୍ମୀଧର ଜେନା, ଗଙ୍ଗାଧର ପ୍ରଧାନ, ହରିହର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ରେଳ ଗାଡିରେ ମାଲ୍ୟାର୍ପଣ କରିଥିଲେ। ଏ ଦିଗରେ ସହଯୋଗ କରିଥିବା ହେତୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସେମାନେ ଧନ୍ୟବାଦ ଦେଇଥିଲେ।



ପ୍ରଶାନ୍ତି ଏକ୍ସପ୍ରେସ କାଲୁପଡାଘାଟ ଷ୍ଟେଶନରେ ରହିଥିବାରୁ ଲୋକେ ସ୍ୱାଗତ କରୁଛନ୍ତି ।

## ନାବାଳକ ଗଲେ ସୁଧାର ଗୃହ

**ଖୋର୍ଦ୍ଧା ଅଫିସ,୧୬।୩:**

ଲୁଟ୍ ଅଭିଯୋଗରେ ଜଣେ ୧୬ ବର୍ଷର ନାବାଳକ ବ୍ରହ୍ମପୁରର ସୁଧାର ଗୃହକୁ ଯାଇଛନ୍ତି। ଗତ ୮ ତାରିଖରେ ଅରିଶଳର ସେରନ୍ତି ସେନାପତି କମାଗୁରୁ ବ୍ୟାଙ୍କରୁ ଅଢେଇ ହଜାର ଟଙ୍କା ଉଠାଣ କରିଥିଲେ। ପରେ ସେ ନିଜ ଘରକୁ ଆସୁଥିଲେ। ତେବେ ବାଟରେ ଜଣେ ନାବାଳକ ମାରପିଟ୍ କରି ତାଙ୍କଠାରୁ ଟଙ୍କା ଲୁଟି ନେଇଥିଲେ। ସେରନ୍ତି ଅସୁସ୍ଥ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଲୁଟ୍ ନେଇ ତାଙ୍କ ପୁଅ ଗଙ୍ଗାଧର ଜଙ୍କିଆ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୩୯/୧୯ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ପରେ ନାବାଳକଙ୍କୁ ଅଟକ ରଖି କୋର୍ଟରେ ହାଜର କରାଇଥିଲା।

## ରାସ୍ତାପାର୍ଶ୍ୱରେ ପଡ଼ିରହିଛି ମେଡିସିନ୍

**ଯାଁଳା/ଜଟଣୀ,୧୬।୩(ଡି.ଏନ.ଏ.)**

ଜଟଣୀ ତଳଖେତା ରାସ୍ତାର ଗୋବିନ୍ଦପୁର ଗ୍ରାମ ନିକଟ ରାସ୍ତାପାର୍ଶ୍ୱରେ କାର୍ଟୁନ କାର୍ଟୁନ୍ ମେଡିସିନ୍ ପୋଡିବା ନେଇ ଚର୍ଚ୍ଚାର ବିଷୟ ହୋଇଛି। ୪ଟି କାର୍ଟୁନ୍‌ରେ ଭର୍ତ୍ତି ଏହି ମେଡିସିନ୍ ରାସ୍ତାପାର୍ଶ୍ୱ ଏକ ନିକାଞ୍ଚନ ସ୍ଥାନରେ ଥିବା ଗାତ ମଧ୍ୟରେ ପଡ଼ିରହିଛି। ଏଥିରେ ଅଧିକାଂଶ ଭିଟାମିନ୍ ଟାବଲେଟ୍ ଓ ସିରପ ରହିଛି। ଏହା ଗର୍ଭବତୀ ମହିଳା କିମ୍ବା ସ୍କୁଲ ବିଦ୍ୟାର୍ଥୀଙ୍କ ପାଇଁ ଯୋଗାଣ ହେଉଥିବା ମେଡିସିନ୍ ବୋଲି ଅନୁମାନ କରାଯାଉଛି। ପଡ଼ିଥିବା ମେଡିସିନ ମଧ୍ୟରୁ କେତେକର ୨୦୧୬ ଓ ଆଉ କେତେକ ୨୦୧୭ରେ ଅବଧି ଶେଷ ହୋଇଥିବା ଉଲ୍ଲେଖ ରହିଛି। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ଜିତେନ୍ଦ୍ର ପଣ୍ଡାଙ୍କୁ ପଚାରିବାରେ ଏହାର ଯାଞ୍ଚ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ତାଳଖେତା ଗୋବିନ୍ଦପୁର ରାସ୍ତାକଡରେ ମେଡିସିନ୍ ପଡିରହିଛି ।

## ଛାତ୍ରଙ୍କ ଆତ୍ମହତ୍ୟା

**ପାତ୍ରପଡା, ୧୬। ୩(ଡି.ଏନ.ଏ.)**

ତମାଣ୍ଡୋ ଥାନା ଅଧୀନ ବିଜିପୁର ଅଞ୍ଚଳରେ ଶନିବାର ରାତିରେ କଲେଜ ଜଣେ ଛାତ୍ର ରହୁଥିବା ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଲେ ସ୍ଥାନୀୟ ସିଭି ରମଣ ଇଞ୍ଜିନିୟରିଂ କଲେଜରର ଛାତ୍ର ଦୀପକ କୁମାର (୨୦)। ଦୀପକ ଝାଡଖଣ୍ଡ ବୋକେରା ଅଞ୍ଚଳର ବାସିନ୍ଦା ଥିବାବେଳେ ସେ ସ୍ଥାନୀୟ ଉକ୍ତ କଲେଜରେ ପାଠ ପଢୁଥିଲେ। ଶନିବାର ସେ ରହୁଥିବା ବିଜିପୁର ଅଞ୍ଚଳରେ ଭଡା ଘରେ ସହପାଠୀ କଲେଜକୁ ଯାଇଥିବାବେଳେ ଦୀପକ ନିଜର ଅସୁବିଧା ଆଳ ଦେଖାଇ ରୁମରେ ରହିଥିଲେ। ରାତିରେ ଦୀପକ ରହୁଥିବା ଘର ଫ୍ୟାନରେ ରଶି ଲଗାଇ ଝୁଲି ପଡିଥିଲେ। ରୁମ୍ ସାଥୀମାନେ ଏହା ଦେଖି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଷ୍ଟ୍ରଙ୍ଗ୍‌ରୁମ୍‌ରେ ଭିଭିପିଏଟି, ଇଭିଏମ୍

**ଖୋର୍ଦ୍ଧା ଅଫିସ,୧୬।୩:**

ଖୋର୍ଦ୍ଧା ଜିଲାର ଭୁବନେଶ୍ୱର ଲୋକ ସଭା ଅଧୀନରେ ଥିବା ଭୁବନେଶ୍ୱର ମଧ୍ୟ, ଉତ୍ତର ଓ ଏକାମ୍ର, ଜୟଦେବ, ଜଟଣୀ, ବେଗୁନିଆ, ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀ ଏବଂ ପୁରୀ ଲୋକସଭା ଅଧୀନରେ ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ହେବ। ଏ ଅବସରରେ ରାଜନୈତିକ ଦଳର ନେତାଙ୍କ ଉପସ୍ଥିତିରେ ଷ୍ଟ୍ରଙ୍ଗରୁମ୍‌କୁ ଭିଭିପିଏଟି ଓ ଇଭିଏମ୍ କଡା ସୁରକ୍ଷା ଭିତରେ ଯିବା ଆରମ୍ଭ ହୋଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇ ନ ଥିଲା। ଜିଲାର ଭୁବନେଶ୍ୱର ଉପକଣ୍ଠର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ବିଜେବି କଲେଜଠାରେ ଏକ ଷ୍ଟ୍ରଙ୍ଗରୁମ୍ ହୋଇଛି। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟ ପାଖରେ ଅନୁରୂପ ଷ୍ଟ୍ରଙ୍ଗରୁମ୍ ରହିଛି।

## ଏଡିଏମଓ(ମେଡିକାଲ) ପଦବୀ ଖାଲି

**ଖୋର୍ଦ୍ଧା ଅଫିସ,୧୬।୩:**

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଡିଏମ୍‌ଓ(ମେଡିକାଲ) ପଦବୀ ଭାରପ୍ରାପ୍ତରେ ଚାଲିଛି। ଏହି ପଦବୀରେ ନାରାୟଣ ବେହେରା ଭାରପ୍ରାପ୍ତରେ ରହି ଅବସର ନେଲେ। ସେହିପରି ଡାକ୍ତର ଉତ୍କଳ କୁମାର ରଥ ଅନୁରୂପ ଭାବେ ଏଡିଏମଓ ଦାୟିତ୍ୱରେ ଅଛନ୍ତି।

# ୩୯ ହଜାର ୨୫୮ ଭିନ୍ନକ୍ଷମ ଭୋଟର

**ଖୋର୍ଦ୍ଧା ଅଫିସ,୧୬।୩**

ଖୋର୍ଦ୍ଧା ଜିଲାରେ ଏଥର ୩୯, ୨୫୮ ଜଣ ଭିନ୍ନକ୍ଷମ ଭୋଟର ଥିବା ଜଣାପଡିଛି। ଚିଲିକା ନିର୍ବାଚନମଣ୍ଡଳୀରେ ୪୩୫୫, ଖୋର୍ଦ୍ଧାରେ ୫୨୮୫, ବେଗୁନିଆରେ ୪୫୦୭, ଜୟଦେବରେ ୫୦୭୦, ଭୁବନେଶ୍ୱର ମଧ୍ୟ ୬୩୬୮, ଭୁବନେଶ୍ୱର ଉତ୍ତର ୫୬୧୨, ଭୁବନେଶ୍ୱର ଏକାମ୍ରରେ ୪୩୪୦ ଭିନ୍ନକ୍ଷମ ଭୋଟର ଅଛନ୍ତି। ଅଧିକ ଭୋଟର ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ଥିବା ବେଳେ ସର୍ବନିମ୍ନ ଜଟଣୀ ନିର୍ବାଚନମଣ୍ଡଳୀରେ ଅଛନ୍ତି। ଭିନ୍ନକ୍ଷମଙ୍କ ମତଦାନକୁ ବଢ଼ାଇବାକୁ ର୍ୟାମ୍ପ, ହ୍ୱିଲ ଚେୟାର୍, ସହାୟତାକୁ ସାମାଜିକ କର୍ମୀଙ୍କ ବ୍ୟବସ୍ଥା ରହିଛି। ଦେଖାଯାଉ ସେମାନଙ୍କୁ କେତେଦୂର ମତଦାନ କେନ୍ଦ୍ରକୁ ଅଣାଯିବାରେ ପ୍ରଶାସନ ନିଜର ପାରଦର୍ଶିତା ଦେଖାଉଛି।

# ଦେଉଳିରେ ଭାଜପାର ପଦଯାତ୍ରା

**ବେଗୁନିଆ,୧୬।୩ (ଡି.ଏନ.ଏ.)**

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବେଗୁନିଆ ନିର୍ବାଚନମଣ୍ଡଳୀ ଅଧୀନ ଦେଉଳି ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଭାଜପା ପକ୍ଷରୁ ବିଜୟ ସଂକଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା ନେତ୍ରୀ ଅପରାଜିତା ଷଡଙ୍ଗୀ ଯୋଗଦେଇ ଲୋକମାନଙ୍କ ସୁଖ ଓ ଦୁଃଖ କଥା ପଚାରି ବୁଝିଥିଲେ। ଗ୍ରାମାଞ୍ଚଳରେ ବହୁ ଲୋକ ଅନେକ ସରକାରୀ ଯୋଜନାରୁ ବଞ୍ଚିତ ହୋଇ ରହିଥିବା ଜାଣିବାକୁ ପାଇଥିଲେ। ଏଥିସହ ପ୍ରଧାନମନ୍ତ୍ରୀ ଆବାସ, ସ୍ୱଚ୍ଛ ଭାରତ ଅଭିଯାନ ପକ୍ଷରୁ ଅନୁଷ୍ଠିତ ହେଉଥିବା ପାଇଖାନା ଏବଂ ପ୍ରତ୍ୟେକ ଗ୍ରାମକୁ ପିଇବା ପାଣି ପହଞ୍ଚି ପାରି ନ ଥିବା ଜାଣିବାକୁ ପାଇଥିଲେ। ତେବେ ଆଗାମୀ ନିର୍ବାଚନରେ ଭାଜପା ଦଳକୁ ଜିତାଇ ସମସ୍ୟାର ସମାଧାନ ପାଇଁ ଆମକୁ ଭରସା କର ବୋଲି ନେତ୍ରୀ ଷଡଙ୍ଗୀ ଲୋକମାନଙ୍କୁ ସଚେତନ କରାଇଥିଲେ। ପଦଯାତ୍ରାରେ ପ୍ରକାଶ ଚନ୍ଦ୍ର ବିଜୁଳି, ଲୋତକବିନ୍ଦୁ ପଟ୍ଟନାୟକ, ସିଲୁ ବଳିୟାରସିଂହ, ବିଶ୍ୱନାଥ ରଣସିଂହ, ପୃଥ୍ୱୀରାଜ ହରିଚନ୍ଦନ, ବଳଭଦ୍ର ଦାସ, ପ୍ରକାଶ ବେହେରା ପ୍ରମୁଖ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।



ବିଜୟ ସଂକଳ୍ପ ପଦଯାତ୍ରାରେ ଭାଜପା ନେତ୍ରୀ ଅପରାଜିତା ଷଡଙ୍ଗୀ ଓ ଅନ୍ୟମାନେ ।


# କଂଗ୍ରେସର ପରିବର୍ତ୍ତନ ସଂକଳ୍ପ ସମାବେଶ

**କୃଷ୍ଣପ୍ରସାଦ,୧୬।୩(ଡି.ଏନ.ଏ.)**

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ମାଲୁଦ ପଞ୍ଚୁଦୋଳ ପଡିଆଠାରେ କଂଗ୍ରେସର ପରିବର୍ତ୍ତନ ସଂକଳ୍ପ ସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ସୁକାନ୍ତ କୁମାର ଦଳେଇଙ୍କ ନେତୃତ୍ୱରେ ସମାବେଶ ହୋଇଥିଲା। ଏହି ଉପଲକ୍ଷେ ୨ଶହରୁ ଊର୍ଦ୍ଧ୍ୱ କର୍ମୀ ମୋଟରସାଇକେଲରେ ବ୍ରହ୍ମଗିରି କଲେଜ ଛକଠାରୁ ଶୋଭାଯାତ୍ରାରେ ବାହାରି କୃଷ୍ଣପ୍ରସାଦର ପାଇକରାପୁରଠାରେ ପହଞ୍ଚିଥିଲେ। ସେଠାରୁ ମାଲୁଦ ପଞ୍ଚୁଦୋଳ ପଡିଆରେ ପହଞ୍ଚିଥିଲେ। ସେଠାରେ ୯ନଂ ଜୋନ କଂଗ୍ରେସ ସଭାପତି ଆଇନଜୀବୀ ପ୍ରସନ୍ନ କୁମାର ମାନସିଂହଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ବ୍ରହ୍ମଗିରି କଂଗ୍ରେସ ନେତା ଉମାକାନ୍ତ ବରାଳ, ପ୍ରଦେଶ କଂଗ୍ରେସ କମିଟି ସଭ୍ୟ କେଦାର ନାଥ ଜେନା,ଆଇନଜୀବୀ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର,ଦିଲୀପ କୁମାର ମହାପାତ୍ର, ସାମନ୍ତ ନିରୋଜ କୁମାର ରଣସିଂହ, ବିଶ୍ୱନାଥ ରାଉଳ ପ୍ରମୁଖ ଯୋଗଦେଇ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ଲୋକମାନଙ୍କ ନିକଟରେ ସରକାରଙ୍କ ଦୁର୍ନୀତିକୁ ପହଁଚାଇ ଆସନ୍ତା ନିର୍ବାଚନରେ ଠିକ୍ ଜବାବ ଦିଆଯିବ ବୋଲି ବକ୍ତାମାନେ କହିଥିଲେ ।



ମାଲୁଦଠାରେ ପରିବର୍ତ୍ତନ ସଂକଳ୍ପ ସମାବେଶରେ ଉପସ୍ଥିତ ଅତିଥି ।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।

– ସକ୍ରେଟିସ୍



# ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୭।୩।୨୦୧୯(ରବିବାର)**

**ଭୁବନେଶ୍ୱର**

- ପଥ ଉତ୍ସବ, ରାମ ମନ୍ଦିର,ଜନପଥ, ସକାଳ ୬ଟା ୩୦।
- ସଦ୍‌ଗୁରୁ ସ୍ୱାମୀ ନିଗମାନନ୍ଦ ଦେବ ଦାତବ୍ୟ ସ୍ୱାସ୍ଥ୍ୟ ସେବା ପରାମର୍ଶ କେନ୍ଦ୍ର ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର, ସରସ୍ୱତୀ ଶିଶୁ ମନ୍ଦିର, ତାରିଣୀ ମନ୍ଦିର ନିକଟ ବାଲିଆପଠା, ରସୁଲଗଡ଼, ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା।
- ଗୀତି ଗଙ୍ଗୋତ୍ରୀ ପକ୍ଷରୁ ଗୀତିକବି ସମାବେଶ, ଆଲୋଚନାଚକ୍ର, ସୂଚନା ଭବନ, ସକାଳ ୯ଟା ୩୦।
- କସ୍ତୁରୟ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ଅଲ ଇଣ୍ଡିଆ ଆଲ୍ଲାହାବାଦ ବ୍ୟାଙ୍କ ପେନସନଧାରୀ ଓ ଅବସରପ୍ରାପ୍ତ ଆସୋସିଏଶନର ଦ୍ୱିତୀୟ ତ୍ରୈବାର୍ଷିକ ସମ୍ମିଳନୀ, ଇମେଜ୍, ସିରିପୁର, ପୂର୍ବାହ୍ନ ୧୦ଟା।
- ଗୁରୁ ପଙ୍କଜ ଚରଣ ଦାସ ଓ ଓଡିଶୀ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଗୁରୁ ପଙ୍କଜ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୪ଟା।
- ରୁବି ଆଇ ଫାଉଣ୍ଡେଶନ ଏବଂ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଗ୍ଲାକୋମା ପଞ୍ଚାୟତ, ମେ ଫେୟାର କନେଭେନଶନ, ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା।
- ଓଲିଉଡ ସିନେ ଆୱାର୍ଡ, ଉତ୍କଳ ରଙ୍ଗମଞ୍ଚ, ଅପରାହ୍ନ ୫ଟା।
- ନୃତ୍ୟାଞ୍ଜଳି ପକ୍ଷରୁ ବସନ୍ତ ଉତ୍ସବ, ଭଞ୍ଜକଳା ମଣ୍ଡପ, ବିଜେବି ନଗର, ଅପରାହ୍ନ ୫ଟାରୁ ରାତି ୯ଟା।
- ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୧, ସନ୍ଧ୍ୟା ୬ଟା।
- ସାଧକ-ସାଧବ ସାଧାରଣ ସଭାରେ ଗ୍ରନ୍ଥ 'ଶରତ ଶତମ୍'ର ଶୁଭଉନ୍ମୋଚନ, ଇଡ୍‌କଲ ଅଡିଟୋରିୟମ, ସନ୍ଧ୍ୟା ୭ଟା।

**କଟକ**

- ଶିଶୁ ସାହିତ୍ୟ ଲେଖକ ସମ୍ମେଳନର ଅଷ୍ଟାଦଶ ସମାବର୍ତ୍ତନ ଉତ୍ସବ, ଶ୍ରୀଜଗନ୍ନାଥ ମନ୍ଦିର ପରିସର, ମହାନଦୀବିହାର, ସକାଳ ୭ଟା ୩୦ ।
- ବସୁଧୈବ କୁଟୁମ୍ବକମ୍ ମିଶନ ପକ୍ଷରୁ ୩୫ତମ ଅଧିବେଶନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶଙ୍କରପୁର, ଅପରାହ୍ନ ୪ଟା ।
- ସମ୍ଭାବନା ଫାଉଣ୍ଡେଶନ ପକ୍ଷରୁ ଓଡ଼ିଆ ବିଷୁବ ସାହିତ୍ୟ ସମ୍ମିଳନୀ, ଟାଉନ ହଲ୍, ଅପରାହ୍ନ ୪ଟା ।
- ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ଚର୍ତୁବିଂଶତମ 'ସାହିତ୍ୟ ଭାରତୀ ସମ୍ମାନ' ସମାରୋହ, କଳା ବିକାଶ କେନ୍ଦ୍ର, ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**

- ମୁଣ୍ଡମୁହାଣ ଗ୍ରାମେଶ୍ୱର ଦେବଙ୍କ ଦୋଳ ଭୋଗଖିଆ ଆରମ୍ଭ, ଯାଁଳା ସମେତ ୪ଖଣ୍ଡ ଗାଁରେ, ରାତି ୮ଟା।

**୧୮।୩।୨୦୧୯(ସୋମବାର)**

**ଭୁବନେଶ୍ୱର**

- ସୋସିଆଲ ଆକ୍ସନ ଫୋରମ ଫର ମାନବ ଅଧିକାର ପକ୍ଷରୁ ଏକଦିନିଆ କର୍ମଶାଳା, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ପ୍ଲଟ ନଂ-୧/ଏ, ଜୟଦେବ ବିହାର, ପୂର୍ବାହ୍ନ ୧୧ଟା।
- ସ୍ମିତା ଏକ୍ସପ୍ରେସନ ପକ୍ଷରୁ କଳା ପ୍ରଦର୍ଶନୀ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- କବି ଡ.ପ୍ରସନ୍ନ କୁମାର ମିଶ୍ରଙ୍କ ଜନ୍ମବାର୍ଷିକୀ ଅବସରରେ ଫାଲ୍‌ଗୁନ ଆସର, ମହାବୋଧି ସୋସାଇଟି (ବୁଦ୍ଧ ମନ୍ଦିର), ୟୁନିଟ-୯, ସନ୍ଧ୍ୟା ୬ଟା।
- ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୧, ସନ୍ଧ୍ୟା ୬ଟା।
- ଶରତ-ସ୍ମୃତି-ସଂସଦ ଆନୁକୂଲ୍ୟରେ ଶରତ-ସ୍ମୃତି-ସନ୍ଧ୍ୟା, ଗୀତଗୋବିନ୍ଦ ସଦନ, ସୂଚନା ଭବନ ପରିସର, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ଆଖଣ୍ଡଲେଶ୍ୱର ମହାଦେବର ଦୋଳ ଉତ୍ସବ, ପ୍ରତାପରୁଦ୍ରପୁର, ସକାଳ ୯ଟା।

**୧୯।୩।୨୦୧୯(ମଙ୍ଗଳବାର)**

**ଭୁବନେଶ୍ୱର**

- ସ୍ମିତା ଏକ୍ସପ୍ରେସନ ପକ୍ଷରୁ କଳା ପ୍ରଦର୍ଶନୀ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୧, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ଆଖଣ୍ଡଲେଶ୍ୱର ମହାଦେବଙ୍କ ଦୋଳ ଉତ୍ସବ, ପ୍ରତାପରୁଦ୍ରପୁର, ସକାଳ ୯ଟା।

**୨୦।୩।୨୦୧୯(ବୁଧବାର)**

**ବାଲିଅନ୍ତା**

- ଆଖଣ୍ଡଲେଶ୍ୱର ମହାଦେବର ଦୋଳ ଉତ୍ସବ, ପ୍ରତାପରୁଦ୍ରପୁର, ସକାଳ ୯ଟା।

**୨୧।୩।୨୦୧୯(ଗୁରୁବାର)**

**ଭୁବନେଶ୍ୱର**

- ଗଳ୍ପ ପତ୍ରିକା 'କଥାକଳିକା' ର ସ୍ୱନକ୍ଷତ୍ର ଉତ୍ସବ, ଦି ପ୍ରେସ କ୍ଲବ ଅଫ ଓଡ଼ିଶା, ପୂର୍ବାହ୍ନ ୧୦ଟା।

**ବାଲିଅନ୍ତା**

- ଆଖଣ୍ଡଲେଶ୍ୱର ଦୋଳ ପୂର୍ଣ୍ଣିମାରେ ଝୁଲଣ ଉତ୍ସବ, ପ୍ରତାପରୁଦ୍ରପୁର, ଝୁଲଣ ମଣ୍ଡପ, ପୂର୍ବାହ୍ନ ୧୦ଟା।
- ଭୂତପଦା ଦୋଳ ମେଳନ, କାକରୁଦ୍ରପୁର ମେଳନ ପଡ଼ିଆ, ଅପରାହ୍ନ ୧ଟା।
- ଦୋଳ ଉତ୍ସବ ଓ ଦୋଳ ମଣ୍ଡପରେ ନୂତନ ପାଞ୍ଜି ପଠନ, ଭିଙ୍ଗାରପୁର(ଶାସନ), ଅପରାହ୍ନ ୩ଟା।

**୨୨।୩।୨୦୧୯(ଶୁକ୍ରବାର)**

**ଭୁବନେଶ୍ୱର**

- କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ତ୍ରିଧାରା ଓ ଭୁବନେଶ୍ୱର ମ୍ୟୁଜିକ ସର୍କଲର ମିଳିତ ଆନୁକୂଲ୍ୟରେ ଜାତୀୟ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟାରୁ ୯ଟା।

**ବାଲିଅନ୍ତା**

- ବାଲିଅନ୍ତା ଦୋଳ ମେଳନରେ ରୋଶଣି ଉତ୍ସବ, ବାଲିଅନତ୍ ମହାତ୍ମା ସେତୁ ନିକଟ, ରାତି ୧୧ଟା।

**୨୩।୩।୨୦୧୯(ଶନିବାର)**

**ପୁରୀ**

- ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରୀୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ, ତାଳବଣିଆ, ସକାଳ ୯ଟା।

**ବାଲିଅନ୍ତା**

- ଆଖଣ୍ଡଲେଶ୍ୱର ମହାଦେବଙ୍କ ଯମୁନା ସ୍ନାନ, କୁଶଭଦ୍ରା ନଦୀକୂଳ, ପ୍ରତାପରୁଦ୍ରପୁର, ସକାଳ ୬ଟା।
- ବାଲିଅନ୍ତା ଦୋଳ ମେଳନ, ସଂକୀର୍ତ୍ତନ ପରିବେଷଣ ଓ ଆତସବାଜି ପ୍ରଦର୍ଶନ, ପ୍ରତାପରୁଦ୍ରପୁର, ଅପରାହ୍ନ ୩ଟା।

**ଖୋର୍ଦ୍ଧା**

- ମୁଣ୍ଡମୁହାଣ ଗ୍ରାମେଶ୍ୱର ଦେବଙ୍କ ଦୋଳପୂର୍ଣ୍ଣିମା ଯାତ୍ରାରେ ୧୫ ଠାକୁରଙ୍କ ମେଳଣ, ମୁଣ୍ଡମୁହାଣ, ରାତି ୧୧।

# ଚେକ୍‌ଡ୍ୟାମ୍ ନିର୍ମାଣକୁ ବିରୋଧ

**ପୁରୀ ଅଫିସ,୧୬।୩**

**ନୀଳାଚଳ କୃଷକ ମହାସଂଘ-ପ୍ରଶାସନ ଆଲୋଚନା**



କୃଷକମାନଙ୍କ ସହ ଆଲୋଚନା କରୁଛନ୍ତି ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଓ ଅନ୍ୟମାନେ।

ପୁରୀ ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ରାଇଟ୍ ଡ୍ରେନ୍ (ପାଳକୋଛି ନାଳ) ଉପରେ ନୂଆଗାଁ ବ୍ରିଜ୍ ଉପରମୁଣ୍ଡରେ ଏକ ଚେକ୍‌ଡ୍ୟାମ୍ ତିଆରି ଚାଲିଛି। ଏହାକୁ ତୁରନ୍ତ ବନ୍ଦ କରିବା ଲାଗି ଚାଷୀମାନେ ଦାବି କରିଛନ୍ତି। ଏହି ଚେକ୍‌ଡ୍ୟାମ ସମ୍ପୂର୍ଣ୍ଣ ହେଲେ ସତ୍ୟବାଦୀ ବ୍ଲକର କେତକୀପାଟଣା, ମହୁରା, ରାଇଖଣ୍ଡି, ବଳରାମପୁରଗଡ଼, ବିଦ୍ୟାଧରପୁର ଓ ପରାଜପଡ଼ା ପଞ୍ଚାୟତର ପ୍ରାୟ ୮୦ଟି ଗାଁର ପାଖାପାଖି ୫୦ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଧାନ ଜମି ନଷ୍ଟ ହୋଇଯିବ। ଶନିବାର ପୁରୀ ଜିଲା କୃଷି ଓ କୃଷକଙ୍କ ସମସ୍ୟା ନେଇ ଜିଲା ପ୍ରଶାସନ ଏବଂ ନୀଳାଚଳ କୃଷକ ମହାସଂଘ ମଧ୍ୟରେ ଆଲୋଚନା ବେଳେ ଚାଷୀମାନେ ଏହି ଦାବି ରଖିଛନ୍ତି। ପ୍ରଶାସନ ଆସନ୍ତା ସୋମବାର ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବା ଲାଗି ସମୟ ଧାର୍ଯ୍ୟ କରିଛି। ଚାଷୀଙ୍କ ସହ ପୁରୀ ଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀ ମଧ୍ୟ ଘଟଣାସ୍ଥଳ ପରିଦର୍ଶନ କରିବେ ବୋଲି ସ୍ଥିର କରାଯାଇଛି।
ସେହିପରି ପୁରୀ ସଦର ବ୍ଲକ ଅନ୍ତର୍ଗତ କୁରୁଣ୍ଟି ନାଳକୁ ନେଇ ଅଭିଯୋଗ କରିଥିଲେ ମହାସଂଘ ସଭାପତି ଗୋପୀନାଥ ମିଶ୍ର। ସେ କହିଥିଲେ, ପ୍ରାୟ ୮ କିମି ବିଶିଷ୍ଟ ଏହି ନାଳ କାମ ୨୦୦୭ରୁ ଆରମ୍ଭ ହୋଇଥିଲା। ୧୨ ବର୍ଷ ମଧ୍ୟରେ ମାତ୍ର ସାଢେ ୫ କିମି କାମ ହୋଇଛି। ଏହାକୁ ଉଚ୍ଚ କ୍ଷମତା ସମ୍ପନ୍ନ ଡୋଜର ସାହାଯ୍ୟରେ ଖୋଳିବା ଲାଗି ଟେଣ୍ଡର ହୋଇଥିବା ବେଳେ ଏସ୍କାଭେଟର ସାହାଯ୍ୟରେ ଖୋଳାଯାଉଛି। ସେହିପରି ପୁରୀ ସଦରର ଭାଇଲିପୁର ନାଳ ଏସ୍କାଭେଟରରେ ଖନନ କରାଯାଉଛି ବୋଲି ଚାଷୀମାନେ ଅଭିଯୋଗ କରିଥିଲେ।

ଜିଲାର କୃଷ୍ଣପ୍ରସାଦ, ବ୍ରହ୍ମଗିରି, ପୁରୀ ସଦର, ସତ୍ୟବାଦୀ, କଣାସ, ଡେଲାଙ୍ଗ ଓ ପିପିଲି ବ୍ଲକର ବିରି, ମୁଗ ଚାଷୀଙ୍କ ପାଇଁ ବ୍ଲକରେ ପୃଥକ୍ ଭାବେ ସରକାରୀ ମଣ୍ଡି ଖୋଲିବା ପାଇଁ ସମବାୟ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ନିକଟରେ ଆଲୋଚନା ନିମନ୍ତେ ଦାବି କରାଯାଇଛି। ଜବ୍‌କାର୍ଡଧାରୀମାନେ ଦୀର୍ଘଦିନରୁ ଆବେଦନ କରିଥିଲେ ମଧ୍ୟ ଏଯାବତ୍ ସେମାନଙ୍କୁ କାମ ଯୋଗାଇ ଦିଆଗଲା ନାହିଁ। ତେଣୁ ଉପସ୍ଥିତ ଥିବା ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ତୁରନ୍ତ ଏହା ଉପରେ ପଦକ୍ଷେପ ନେଇ ସମସ୍ତଙ୍କୁ ଜବ୍‌କାର୍ଡରେ କାମ ଯୋଗାଇ ଦେବା ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଥିଲେ।

ଏତଦ୍‌ବ୍ୟତୀତ ମୁନିଦାଠାରୁ କରମଳା ପର୍ଯ୍ୟନ୍ତ ଲୁଣା ନଦୀକୁ ମାଡ୍ରାସ ଆଇଆଇଟି ମଞ୍ଜୁର କରିଥିବା ଡିଜାଇନଠାରୁ ଅଧିକ ୨ ମିଟର ଗଭୀରରେ ଡୋଜର ସାହାଯ୍ୟରେ ଖୋଳିବା, ଲୁଣାନଦୀ ଡାହଣ ପାର୍ଶ୍ୱ ବନ୍ଧରେ ପ୍ରବାହିତ ଖରଖରା ନାଳ ଉପରେ ୬ଟି ସ୍ଲୁଇସ୍ ନିର୍ମାଣ କରାଯିବା ସହିତ ଆର୍ଦଙ୍ଗା, ସୁହାଗପୁର ଓ ପରିମାଣ୍ଡିପୁର-ମୂଳବସନ୍ତ ନାଳକୁ ଯୁଦ୍ଧକାଳୀନ ଭିତ୍ତିରେ ଖୋଳିବା ଲାଗି ଚାଷୀମାନେ ଦାବି କରିଥିଲେ। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ, ଓଡ଼ିଶା ଡ୍ରେନେଜ ବିଭାଗର ମୁଖ୍ୟଯନ୍ତ୍ରୀ ପ୍ରତାପ କୁମାର ନାୟକ, ପୁରୀ ଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀ ପ୍ରମୋଦ କୁମାର ରାଉତଙ୍କ ସମେତ ମହାସଂଘର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

■ ବଢ଼ିଲାଣି ତାତି

# ଭକ୍ତଙ୍କ ଚଲାପଥ ହେବ ଧଳା ରଙ୍ଗ

**ପୁରୀ ଅଫିସ,୧୬।୩**

ଭକ୍ତଙ୍କ ଦର୍ଶନ ଉପରେ ଏବେ ଅଧିକ ଗୁରୁତ୍ୱ ଦେଉଛି ଶ୍ରୀମନ୍ଦିର ପ୍ରଶାସନ। ଶ୍ରୀମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ କିପରି ସୁରୁଖୁରୁରେ ଠାକୁରଙ୍କୁ ଦର୍ଶନ କରି ସୁଖଦ ଅନୁଭୂତି ସାଉଣ୍ଟି ଫେରିବେ ସେଥିଲାଗି ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ଭକ୍ତଙ୍କ ଲାଗି ଶୌଚାଳୟ, ପାନୀୟ ଜଳ ଏବଂ ବିଶ୍ରାମ ନିମନ୍ତେ ଶେଡ୍ କରିବାକୁ ଯାଉଥିବା ପ୍ରଶାସନ ଏବେ ଖରା ପାଇଁ ବି ଚିନ୍ତା କଲାଣି। ଧୀରେ ଧୀରେ ତାତି ବଢ଼ିବାରେ ଲାଗିଲାଣି। ଆଗରୁ ଅଧିକ ଖରା ବି ହେବ। ତେଣୁ ମହାପ୍ରଭୁଙ୍କୁ ଦର୍ଶନ ସାରି ବାହାରୁଥିବା ଭକ୍ତଙ୍କ ଚଲାପଥରେ ଧଳା ରଙ୍ଗ କରିବା ଲାଗି ବ୍ୟବସ୍ଥା କରୁଛି ଶ୍ରୀମନ୍ଦିର ପ୍ରଶାସନ। ଶନିବାର ପ୍ରଶାସନିକ ଅଧିକାରୀମାନେ ଏହାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଶେଷକରି ଉତ୍ତର ଦ୍ୱାରଠାରୁ ସିଂହଦ୍ୱାର ଥାନା ସମ୍ମୁଖ ଜୋତା ଷ୍ଟାଣ୍ଡ ପର୍ଯ୍ୟନ୍ତ ଭକ୍ତଙ୍କ ଚଲାପଥରେ ରଙ୍ଗ କରାଯିବାକୁ ସ୍ଥିର ହୋଇଛି। ତେବେ ଏଥିପାଇଁ କିଛି ସମସ୍ୟା ବି ରହିଛି। ଉତ୍ତର ଦ୍ୱାର ଲକ୍ଷ୍ମୀ ବଜାରରେ ବସୁଥିବା ଉଠାଦୋକାନୀ ଏବଂ ମେଘନାଦ ପାଚେରି କଡରେ ହେଉଥିବା ଦୁଇଚକିଆ ଗାଡି ପାର୍କିଂକୁ ହଟାଇବାକୁ ପଡିବ।

# ୧୮ରେ ଶ୍ୱେତଗଙ୍ଗା ଆଳତି କାର୍ଯ୍ୟକ୍ରମ

**ପୁରୀ ଅଫିସ,୧୬।୩**

ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ମଧ୍ୟରେ ଅନ୍ୟତମ ଶ୍ୱେତଗଙ୍ଗା। ଏହାର ମହାନ ପରମ୍ପରାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ସାମାଜିକ ଅନୁଷ୍ଠାନ ସାହିଭାଇ ଶ୍ୱେତଗଙ୍ଗା ଆଳତି ଲାଗି ସ୍ଥିର କରିଛି। ଆସନ୍ତା ମାର୍ଚ୍ଚ ୧୮ତାରିଖ ଗୋବିନ୍ଦ ଦ୍ୱାଦଶୀ ତିଥିରେ ସନ୍ଧ୍ୟା ୫ଟା ସମୟରେ ଆଳତି କାର୍ଯ୍ୟକ୍ରମ କରାଯିବ। ବୈଦିକ ରୀତିନୀତି, ବେଦପାଠ, ସଂକୀର୍ତ୍ତନ ନାମଉଚ୍ଚାରଣ ସହିତ ଆଳତି କାର୍ଯ୍ୟକ୍ରମ ସମ୍ପାଦିତ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ଚନ୍ଦ୍ରଶେଖର ମିଶ୍ର କହିଛନ୍ତି। ଆଗାମୀ ଦିନରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ତଥା ଲୁକ୍କାୟିତ ଭାବେ ରହିଯାଇଥିବା ବହୁ ପ୍ରାଚୀନ ଐତିହ୍ୟ କୀର୍ତ୍ତିରାଜିର ପ୍ରସାର ଦିଗରେ ସାହିଭାଇ କାର୍ଯ୍ୟ କରିବ ବୋଲି କାର୍ଯ୍ୟକାରୀ ସଭାପତି ବ୍ରଜବନ୍ଧୁ ମହାରଣା କହିଛନ୍ତି।

# ଆହତ ହରିଣ ଉଦ୍ଧାର

**ଗୋପ,୧୬।୩(ଡି.ଏନ୍.ଏ)**

ଶନିବାର ତିନିତିଅର ଗ୍ରାମରୁ ଆହତ ଅବସ୍ଥାରେ ଗ୍ରାମବାସୀ ଏକ ହରିଣକୁ ଉଦ୍ଧାର କରି କୋଣାର୍କ ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ପ୍ରକାଶ ଯେ, ଗୋପ ଥାନା ଅଧୀନ ସ୍ଥାନୀୟ ଗ୍ରାମର ସେନାପତି ସାହିରେ ଅପରାହ୍ନରେ ଅଣ୍ଡିରା ହରିଣ ଖାଦ୍ୟ ଅନ୍ୱେଷଣରେ ଆସି ପୂର୍ଣ୍ଣଚନ୍ଦ୍ର ସେନାପତିଙ୍କ ମୁଗ ବିଲରେ ଘେରା ଯାଇଥିବା ଜାଲରେ ପଡ଼ି ଛଟପଟ ହେଉଥିବାବେଳେକେତେକ କୁକୁର ହରିଣକୁ ଗୋଡ଼ାଇଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କ ସମେତ ସ୍ଥାନୀୟ ବିଲରେ କାର୍ଯ୍ୟ କରୁଥିବା କେତେଜଣ ଲୋକ ପହଞ୍ଚି ହରିଣଟିକୁ ଉଦ୍ଧାର କରିଥିଲେ। କୋଣାର୍କ ବନାଞ୍ଚଳ ବନଖଣ୍ଡ ଅଧିକାରୀ ମିଶ୍ର କୁହନ୍ତି, ହରିଣଟିର ଚିକିତ୍ସା ଚାଲିଥିବାବେଳେ ସେ ସୁସ୍ଥ ହେବା ପରେ ବାଲୁଖଣ୍ଡ ଅଭୟାରଣ୍ୟରେ ଛଡ଼ାଯିବ ବୋଲି ସୂଚନା ଦେଇଛନ୍ତି।

■ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

# ପୁରୀ ଜିଲାରେ ଆଜିଠୁ ଆରମ୍ଭ



ଖବରଦାତା ସମ୍ମିଳନୀରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ସୂଚନା ଦିଆଯାଉଛି।

**ପୁରୀ ଅଫିସ,୧୬।୩**

ପୁରୀ ଜିଲା ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ରବିବାରଠାରୁ ଜିଲାରେ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବ। ପୂର୍ବାହ୍ନ ୧୦ଟାରେ ଆରମ୍ଭ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ୫ ଦିନ ଧରି ଚାଲିବ। ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା, ନିଯୁକ୍ତି, ମହାନଦୀ, ଜାତୀୟ ରାଜପଥ, ଟେଲିକମ୍, ରେଳ, ବ୍ୟାଙ୍କସେବା, କୋଇଲା, ସର୍ବନିମ୍ନ ସହାୟକ ମୂଲ୍ୟ, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରବୃତ୍ତି, ଉଜ୍ଜ୍ୱଳା ଆଦି ୧୧ଟି ପ୍ରସଙ୍ଗକୁ ନେଇ କେନ୍ଦ୍ରର ଭାଜପା ସରକାରଙ୍କୁ ଟାର୍ଗେଟ କରି ଏହି କାର୍ଯ୍ୟକ୍ରମ କରାଯିବ ବୋଲି ଶନିବାର ବିଜେଡି କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶା ଦେଶର ଏକ ପ୍ରମୁଖ ଭୂମିକା ନିର୍ବାହ କରିଆସୁଥିଲେ ହେଁ ରାଜନୈତିକ ଉଦ୍ଦେଶ୍ୟ ରଖି କେନ୍ଦ୍ର ସଦାସର୍ବଦା ଅବହେଳା କରିଆସୁଛି। ପ୍ରତିବର୍ଷ କେନ୍ଦ୍ର ଓଡ଼ିଶାରୁ କୋଟି କୋଟି ଟଙ୍କା ରାଜସ୍ୱ ଆଦାୟ କରୁଥିବା ବେଳେ ପ୍ରତିବଦଳରେ ରାଜ୍ୟ ତଥା ରାଜ୍ୟବାସୀଙ୍କୁ ମିଳୁଛି ଖାଲି ପ୍ରତାରଣା। ତେଣୁ ବିଭିନ୍ନ ବ୍ଲକ ଏବଂ ଏନ୍‌ଏସିରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଅସଲ ମୁଖା ଖୋଲାଯିବ। ପ୍ରତି ପରିବାରରେ ରହୁଥିବା ସ୍ୱାଭିମାନୀ ଓଡ଼ିଆ ଯୁବକ ଓ ଛାତ୍ରଙ୍କୁ ଅଭିଯାନରେ ସାମିଲ କରାଯାଇ ଓଡ଼ିଶାର ହକ୍ ମାଗିବା ପାଇଁ ଅନୁରୋଧ କରାଯିବ ବୋଲି ସମ୍ମିଳନୀରେ କୁହାଯାଇଛି।

■ ଛାତ୍ରୀଙ୍କୁ ପୋଲିସ ଉଠାଇନେବା ଘଟଣା

# ଏସ୍‌ପିଙ୍କୁ ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ପୁରୀ ଅଫିସ,୧୬।୩**

ଗତ ୮ତାରିଖରେ ଜିଲା ସ୍କୁଲ ଆଗରୁ ଜଣେ ଅପହୃତା ଛାତ୍ରୀଙ୍କୁ ପୋଲିସ ଗଳା ଧକ୍କା ମାରି ଉଠାଇନେବା ଘଟଣାରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଶନିବାର ଜିଲା ଶିଶୁ କଲ୍ୟାଣ କମିଟି (ସିଡବ୍ଲୁସି) ନିକଟରେ ଅଭିଯୋଗ ହୋଇଛି। ଘଟଣାର ତଦନ୍ତ ଲାଗି ନିବେଦନ ହୋଇଛି। ଟାଉନ ଥାନା ଅଧିକାରୀ, ନାବାଳିକାଙ୍କୁ ସର୍ବସାଧାରଣରେ ଧକ୍କା ମାରି ଜୋର ଜବରଦସ୍ତ ଉଠାଇ ନେଇଥିବା ସଂପୃକ୍ତ ମହିଳା ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ସିଡବ୍ଲ୍ୟୁସି ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ କୁହନ୍ତି, ଏହି ଘଟଣାର ରିପୋର୍ଟ ଦାଖଲ ଲାଗି ପୁରୀ ଏସ୍‌ପି ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଯେ, ଗତ ସାତ ମାସ ତଳେ ଟାଉନ ଥାନା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଅପହୃତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଅପହୃତା ଜିଲା ସ୍କୁଲରେ ମାଟ୍ରିକ ପରୀକ୍ଷା ଦେଉଥିବା ପରିବାର ଲୋକଙ୍କ ଠାରୁ ଖବରପାଇ ଥାନାର ଏକ ପିସିଆର ଭ୍ୟାନ ସ୍କୁଲ ନିକଟରେ ପହଞ୍ଚିଥିଲା। ପରୀକ୍ଷା ସମାପ୍ତ ପରେ ସମ୍ପୃକ୍ତା ନାବାଳିକା ସ୍କୁଲ ବାହାରକୁ ଆସିବା ବେଳେ ସେଠାରେ ଉପସ୍ଥିତ ମହିଳା ପୋଲିସ ତାଙ୍କୁ ଗଳା ଧକ୍କା ମାରି ଭିଡ଼ି ନେଇଥିଲେ।

■ ସାକ୍ଷୀଗୋପାଳ ମନ୍ଦିର

# ଅସ୍ଥାୟୀ ହୁଣ୍ଡିରୁ ମିଳିଲା ୭୯, ୬୬୩ ଟଙ୍କା

**ସାକ୍ଷୀଗୋପାଳ,୧୬।୩(ଡି.ଏନ୍.ଏ.)**

ସାକ୍ଷୀଗୋପାଳ ମନ୍ଦିରରେ ଅଁଳାନବମୀ ଯାତ୍ରା ନିମନ୍ତେ ବସାଯାଇଥିବା ଅସ୍ଥାୟୀ ହୁଣ୍ଡିରୁ ୭୯, ୬୩୩ ଟଙ୍କା ଆୟ ହୋଇଛି। ଶନିବାର ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ର, ଭାରପ୍ରାପ୍ତ ଦେବୋତ୍ତର ନିରୀକ୍ଷକ ବସନ୍ତ କୁମାର ପ୍ରଧାନ, ଟ୍ରଷ୍ଟବୋର୍ଡ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ସେବାୟତ ସଂଘ ସଭାପତି ଲିଙ୍ଗରାଜ ମହାପାତ୍ର, ସହସମ୍ପାଦକ ଅଶୋକ କୁମାର ଖୁଣ୍ଟିଆ, କୋଷାଧ୍ୟକ୍ଷ ଉମେଶ ଚନ୍ଦ୍ର ନନ୍ଦ, ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର, ମନ୍ଦିର ଫାଣ୍ଡି କର୍ମଚାରୀ ଲିଙ୍ଗରାଜ ଜେନାଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲାଯାଇଥିଲା।

## ସଂକ୍ଷେପରେ

### କାର୍ ସହ ୨୦ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

**କଟକ ଅଫିସ,୧୬।୩ :** ଖୋର୍ଦ୍ଧାରୁ ପାରାଦୀପକୁ ଚାଲାଣବେଳେ କଟକ ଲିଙ୍କରୋଡ୍ ଛକରୁ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ଏକ କାର୍ ସହ ୨୨୨ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ତେବେ ଏହି ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପୁରୀ ଜିଲା ଗଡିଶାଗୋଡାର ଅନ୍ତର୍ଯ୍ୟାମୀ ବଳିଆରସିଂ(୩୦), ସୁନାଖଳା ଅଞ୍ଚଳର ସୁବ୍ରତ ରଣସିଂ(୨୬) ଓ କଟକ ଜିଲା ନିଆଳି ଅଞ୍ଚଳର ବାବୁନା ନାୟକ(୨୬)। ଏମାନଙ୍କ ମଧ୍ୟରୁ ଜଣେ ଏକ ଘରୋଇ ମେଡିକାଲର ଫାର୍ମାସିଷ୍ଟ ଥିବାବେଳେ ଅନ୍ୟ ଦୁଇଜଣ ଇଞ୍ଜିନିୟରିଂ ଛାତ୍ର ବୋଲି ଜଣାପଡିଛି। ଏହି ଘଟଣାରେ ବିଭାଗ ପକ୍ଷରୁ ୨୧୪/୧୮-୧୯ରେ ଏକ ମାମଲା ରୁଜୁ କରାଯାଇ ଅଧିକ ଖୋଳତାଡ଼ ଆରମ୍ଭ ହୋଇଛି।


### ୨୫ ଗ୍ୟାସ୍ ସିଲିଣ୍ଡର ଜବତ

**ଗୋପ,୧୬।୩(ଡି.ଏନ୍.ଏ.):** ପୁରୀ ଜିଲା ଯୋଗାଣ ବିଭାଗ ପକ୍ଷରୁ ଶନିବାର ଏକ ଟିମ୍ ଗୋପ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବେଆଇନ ଭାବେ ରଖିଥିବା ୨୫ଟି ଗ୍ୟାସ ସିଲିଣ୍ଡର ଜବତ କରିଥିବାବେଳେ ଏକ ପେଟ୍ରୋଲ ପମ୍ପରେ ଚଢ଼ାଉ କରି କେତେକ କାଗଜପତ୍ର ଯାଞ୍ଚ କରିଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଆଚାର୍ଯ୍ୟଙ୍କୁ ପଚାରିବାରେ ଖୁବଶୀଘ୍ର ଏହିସବୁ ପେଟ୍ରୋଲ ପମ୍ପରେ କାଗଜପତ୍ର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

### ଜେସିବି ଧକ୍କାରେ ବୃଦ୍ଧା ମୃତ

**କଣାସ,୧୬।୩ (ଡି.ଏନ.ଏ.):** ଡେଲାଙ୍ଗ ଥାନା ଅଧୀନ ବ୍ରାହ୍ମଣତରାବୋଇ ଗାଁରେ ଶନିବାର ଜେସିବି ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚନ୍ଦ୍ରମଣି। ଚନ୍ଦ୍ରମଣି ସନ୍ଧ୍ୟାରେ ଗାଁ ଦାଣ୍ଡ ଅତିକ୍ରମ କରି ଅପରପାର୍ଶ୍ୱକୁ ଯାଉଥିବା ବେଳେ ଜେସିବି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଗାଁ ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାରଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୫୬/୧୯)ରୁଜୁ କରି ଜେସିବି ଡ୍ରାଇଭର ବିକ୍ରମ ସ୍ୱାଇଁଙ୍କୁ ଗିରଫ କରିଛି।

# କାଳିଆ ପ୍ରେମରେ ଜର୍ମାନ୍ ଛାତ୍ର



ମାଟିପାତ୍ର ନିର୍ମାଣ ନେଇ କୁମ୍ଭକାରଙ୍କ ସହ ଆଲୋଚନା କରୁଛନ୍ତି ଜର୍ମାନ ଛାତ୍ର ଲୁକାସ।

**ପୁରୀ ଅଫିସ,୧୬।୩**

ମହାପ୍ରଭୁଙ୍କ ସେବା ପରମ୍ପରା ଉପରେ ଗବେଷଣା ଲାଗି ଶ୍ରୀକ୍ଷେତ୍ରକୁ ଆସିଛନ୍ତି ଜର୍ମାନ ଛାତ୍ର ଲୁକାସ ମେଜଲର। ଶ୍ରୀଜଗନ୍ନାଥଙ୍କ ମହିମା ସମ୍ପର୍କରେ ଜାଣିବା ପରେ କାଳିଆ ପ୍ରେମରେ ପଡିଯାଇଥିଲେ ଲୁକାସ। ମହାପ୍ରଭୁଙ୍କ ସଂସ୍କୃତି ଉପରେ ଗବେଷଣା କରୁଥିବା ଲୁକାସ ଶ୍ରୀମନ୍ଦିର ସମ୍ପର୍କରେ ଅଧିକରୁ ଅଧିକ ଜାଣିବା ଲାଗି ଉତ୍ସାହିତ ଅଛନ୍ତି। ଏଥିସହିତ ସେ ବିଭିନ୍ନ ମଠ, ଐତିହ୍ୟ ସ୍ଥାନ ବୁଲି ତଥ୍ୟ ସଂଗ୍ରହ କରୁଛନ୍ତି। ମହାପ୍ରଭୁଙ୍କ ସମ୍ପର୍କରେ ପୁସ୍ତକରୁ ଅଧ୍ୟୟନ ପରେ ଏହାର ସଂସ୍କୃତି ମୋତେ ଏଠାକୁ ଟାଣି ଆଣିଥିଲା ବୋଲି ଲୁକାସ କହିଛନ୍ତି। ମହାପ୍ରଭୁଙ୍କ ଲାଗି କୁମ୍ଭକାରମାନେ ପ୍ରସ୍ତୁତ କରୁଥିବା ମାଟିପାତ୍ର ଉପରେ ଗବେଷଣା ଲାଗି ଶନିବାର ସେ କୁମ୍ଭାରପଡାରେ ପହଞ୍ଚିଥିଲେ। କୁମ୍ଭକାରମାନେ କିପରି ଏହି ମାଟିପାତ୍ର ଗଢିଥାନ୍ତି। ଦୈନିକ କେତେପ୍ରକାର ମାଟିପାତ୍ର ନିର୍ମାଣ କରନ୍ତି ବୁଝିବା ସହ କୁମ୍ଭକାରମାନଙ୍କ ସହିତ ଆଲୋଚନା କରିଥିଲେ। ମାଟିପାତ୍ର ପ୍ରସ୍ତୁତି ସମ୍ପର୍କରେ ସେ ଗବେଷଣା କରୁଛନ୍ତି। ସେ କୁହନ୍ତି, ମହାପ୍ରଭୁଙ୍କ ସେବା ପରମ୍ପରା ସମ୍ପର୍କରେ ଗବେଷଣା ଲାଗି ଏଠାକୁ ଆସିଛି। ମହାପ୍ରସାଦ ସମ୍ପର୍କରେ ଅଧ୍ୟୟନ କରିବା ସମୟରେ କୁମ୍ଭକାର ସେବା ସମ୍ପର୍କରେ ଜାଣିବା ପାଇଁ ଆଗ୍ରହ ସୃଷ୍ଟି ହୋଇଥିଲା। ଏହା କିପରି ପ୍ରସ୍ତୁତ ହେଉଛି, କିପରି କରାଯାଉଛି, ସେ ନେଇ ଅଧିକ ଜାଣିବା ଲାଗି ଏଠାକୁ ଆସିଥିଲି।

■ ଟେଣ୍ଡର ଖୋଲାକୁ ବିରୋଧ

# ପୌରସଂସ୍ଥା କାର୍ଯ୍ୟାଳୟରେ ହୋହଲ୍ଲା

**ପୁରୀ ଅଫିସ,୧୬।୩**

ପୁରୀ ପୌରସଂସ୍ଥାରେ ଟେଣ୍ଡର ପେପର ଖୋଲାକୁ ନେଇ ଶନିବାର ହୋ ହଲ୍ଲା ହୋଇଛି। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ବେଳେ କିପରି ଟେଣ୍ଡର ପେପର ଖୋଲାଯାଉଥିଲା ବୋଲି ଅଭିଯୋଗ କରି କେତେକ ଦଳର ନେତା, କର୍ମୀ ଏବଂ ଜନସାଧାରଣ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଫଳରେ ପେପର ଖୋଲା ନ ଯାଇ ବନ୍ଦ ରହିଥିଲା।ପୌରସଂସ୍ଥା ପକ୍ଷରୁ ୨ ତାରିଖରେ ୧୧ ସୈରାତ ମାହଲ ଯଥା, ଦଇତାପଡାସାହିର ମାଛ ମାର୍କେଟ, ପେଣ୍ଠକଟା ମାଛ ମାର୍କେଟ, ସ୍ୱର୍ଗଦ୍ୱାର ମାଛ ମାର୍କେଟ, ବଳିଆପଣ୍ଡାସ୍ଥିତ ଟ୍ୟାକ୍ସି ଷ୍ଟାଣ୍ଡ, ରେଡ୍‌କ୍ରସ ରୋଡ ମାଛ ମାର୍କେଟ, ନାକଚଣା ଦ୍ୱାର ଟ୍ୟାକ୍ସି ଷ୍ଟାଣ୍ଡ, ମୋଚିସାହିସ୍ଥିତ ଖଦିବୋର୍ଡ ଟ୍ୟାକ୍ସି ଷ୍ଟାଣ୍ଡ, ଦିଗବାରିଣୀ ଖୁଣ୍ଟି ଏବଂ ଟ୍ୟାକ୍ସି ଷ୍ଟାଣ୍ଡ, ସିଂହଦ୍ୱାର ଜୋତା ଷ୍ଟାଣ୍ଡ ଲାଗି ଟେଣ୍ଡର ପଡିଥିଲା। ୧୫ ତାରିଖ ସୁଦ୍ଧା ଟେଣ୍ଡର ପକାଇବାର ସମୟ ଧାର୍ଯ୍ୟ ହୋଇଥିବାବେଳେ ବିଡରଙ୍କ ଉପସ୍ଥିତିରେ ଟେଣ୍ଡର ପେପର ଶନିବାର ୧୧ଟାରେ ଖୋଲାଯିବାକୁ ସ୍ଥିର ହୋଇଥିଲା। ଟେଣ୍ଡର ଖୋଲାଯିବା ପାଇଁ ପ୍ରକ୍ରିୟା ଚାଲିଥିବା ବେଳେ କେତେଜଣ ନେତା, କର୍ମୀ ବିରୋଧ କରିଥିଲେ। ପରେ ପୌର ନିର୍ବାହୀ ଅଧିକାରୀ ଟେଣ୍ଡର ଖୋଲାକୁ ବାତିଲ କରିଥିଲେ। ହରିଶ୍ଚନ୍ଦ୍ର ନାୟକ କହିଛନ୍ତି, ହୋ ହଲ୍ଲା ହୋଇନାହିଁ। ଟେଣ୍ଡର ଖୋଲାଯିବାକୁ ଥିଲା। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି ସେଥିପାଇଁ ଟେଣ୍ଡର ଖୋଲିବା ଲାଗି ଅନୁମତି ମାଗିଛୁ। ଅନୁମତି ମିଳିବା ପରେ ଟେଣ୍ଡର ଖୋଲାଯିବ।

# ତଳେ ପଡ଼ିବନି ଶ୍ରୀମନ୍ଦିରରୁ ବାହାରୁଥିବା ଆବର୍ଜନା

**ପୁରୀ ଅଫିସ,୧୬।୩**

**ବସିଲା ଚୁଟ୍**



ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ଥିବା ଅଳିଆ ଷ୍ଟାଣ୍ଡ।

ଶ୍ରୀମନ୍ଦିରରୁ ବାହାରୁଥିବା ଆବର୍ଜନା ପୂର୍ବରୁ ଉତ୍ତର ଦ୍ୱାର ନିକଟରେ ଏକ ସ୍ଥାନରେ ଗଦା ହୋଇ ରହୁଥିଲା। ସେଠାରୁ ଏହି ଅଳିଆକୁ ଏକ ଗାଡ଼ିରେ ବୁହାଯାଇ ନିଆଯାଉଥିଲା। ହେଲେ ଉପରୁ ଅଳିଆ ତଳକୁ ପକାଇବା ସମୟରେ ବିକ୍ଷିପ୍ତ ଭାବେ ପଡିବା ସହ ପବନରେ ଏଣେତେଣେ ଉଡୁଥିଲା। ଏହାଦ୍ୱାରା ଆଧ୍ୟାତ୍ମିକ ବାତାବରଣ ନଷ୍ଟ ହେଉଥିଲା। ଏବେ ଏହାର ସମାଧାନ ରାସ୍ତା ବାହାର କରିଛି ଶ୍ରୀମନ୍ଦିର ପ୍ରଶାସନ। ଉତ୍ତର ଦ୍ୱାରର ଯେଉଁ ସ୍ଥାନରେ ଅଳିଆ ପଡୁଥିଲା ସେହି ସ୍ଥାନରେ ଚୁଟ୍ (ଗଡ଼ାଣିଆ ବାଟ) ବସାଯାଉଛି। ଏହି କାମ ଏବେ ଜାରି ରହିଛି। ଏହା ପୂର୍ଣ୍ଣାଙ୍ଗ ହୋଇଗଲେ ଏଣିକି ଶ୍ରୀମନ୍ଦିର ପରିସରରୁ ବାହାରୁଥିବା ଅଳିଆ ଆବର୍ଜନା ଆଉ ତଳେ ପଡିବ ନାହିଁ। ଏହି ଚୁଟ୍ ତଳେ ଏକ ଟ୍ରାକ୍ଟର ଡାଲା ରହିବ। ସମସ୍ତ ଅଳିଆ ଚୁଟ୍‌ରେ ପଡିବା ପରେ ତାହା ଡାଲାରେ ଆସି ଗଦାହେବ। ଡାଲାଟି ପୂର୍ଣ୍ଣ ହୋଇଗଲେ ତାହାକୁ ନିଆଯାଇ ସେଠାରେ ଆଉ ଏକ ଡାଲା ରଖାଯିବ। ପ୍ରତ୍ୟହ ଶ୍ରୀମନ୍ଦିର ପରିସର ବହୁ ପରିମାଣରେ ଅଳିଆ ବାହାରିଥାଏ। ସେହିପରି ଆନନ୍ଦ ବଜାରରୁ ମଧ୍ୟ ବିଭିନ୍ନ ପ୍ରକାର ଭଙ୍ଗା କୁଡୁଆ ଓ ଆବର୍ଜନା ବାହାରେ। ଏ ସବୁ ଉତ୍ତର ଦ୍ୱାର ନିକଟରେ ପକାଯାଉଥିବାରୁ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥାଏ। ଏବେ ଆଉ ସେଭଳି ସ୍ଥିତି ହେବ ନାହିଁ ବୋଲି ଶ୍ରୀମନ୍ଦିର କାର୍ଯ୍ୟାଳୟର ଜଣେ ପ୍ରଶାସନିକ ଅଧିକାରୀ କହିଛନ୍ତି।